## ସୃଜନର ନୂତନ କଳିକାର ମହକରେ....

# ଭୋର

(ସପ୍ତଦଶ ସଂଖ୍ୟା)

## ତାଳପଦେଶ୍ୱରୀ ସାହିତ୍ୟ ଆସର

ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର, ଭୁବନେଶ୍ୱର

# ଭୋର

## ତାଳପଦେଶ୍ୱରୀ ସାହିତ୍ୟ ଆସରର ମୁଖପତ୍ର - ୨୦୧୭

### ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର-୪

### ଉପଦେଷ୍ଟା

ପ୍ରଫେସର ଡ. ସଂଘମିତ୍ରା ମିଶ୍ର

ପ୍ରାଧ୍ୟାପିକା ଡ. ବିଷ୍ଣୁପ୍ରିୟା ଓତା

### ସଭାପତି

ଅମୂଲ୍ୟ କୁମାର ଦାଶ

### ପତ୍ରିକା ସମ୍ପାଦକ

ଅସିତ୍ ପ୍ରଧାନ

### ସହ ସମ୍ପାଦକ (ପତ୍ରିକା)

ମିଥୁନ ମଲ୍ଲିକ

### ସମ୍ପାଦକ

ସୂର୍ଯ୍ୟକାନ୍ତ ମଲ୍ଲିକ

### ସହ ସମ୍ପାଦକ

ସତ୍ୟରଞ୍ଜନ ଜେନା

### କାର୍ଯ୍ୟ ନିର୍ବାହୀ ସମ୍ପାଦକ

ସୁବାସ ଚନ୍ଦ୍ର ବେହେରା

# ତାଳପଦେଶ୍ୱରୀ ସାହିତ୍ୟ ଆସରର ପୂର୍ବ କର୍ମକ□ାଗଣ

## ଉପଦେଷ୍ଟା ମଣ୍ଡଳୀ –

୧୯୯୭ - ୨୦୧୩: ପ୍ରଫେସର ବିଜୟିନୀ ମହାନ୍ତି
୧୯୯୮ ଠାରୁ : ପ୍ରଫେସର ସଂଘମିତ୍ରା ମିଶ୍ର
୨୦୧୨ ଠାରୁ : ପ୍ରାଧ୍ୟାପିକା ବିଷ୍ଣୁପ୍ରିୟା ଓତା

## ସଭାପତି

୧୯୯୬-୯୭ : ଦେବେନ୍ଦ୍ର କୁମାର ପତି
୧୯୯୭-୨୦୦୧ : ଶତ୍ରୁଜିତ
୨୦୦୧-୨୦୦୩ : ଦେବେନ୍ଦ୍ର କୁମାର ପତି
୨୦୦୩-୨୦୦୪ : ଦିଲ୍ଲୀପ କୁମାର ଦଳାଇ
୨୦୦୪ ଠାରୁ : ଅମୂଲ୍ୟ କୁମାର ଦାଶ

## ସମ୍ପାଦକ

୧୯୯୬-୧୯୯୭ : ମହେଶ୍ୱର ପାଢ଼ୀ
୧୯୯୭- ୧୯୯୯ : ଦେବେନ୍ଦ୍ର କୁମାର ପତି
୧୯୯୯-୨୦୦୨ : ଦିଲ୍ଲୀପ କୁମାର ଦଳାଇ
୨୦୦୨-୨୦୦୩ : କେଶବ ଚନ୍ଦ୍ର ଦଳାଇ
୨୦୦୩-୨୦୦୬ : ଗୁରୁକୃଷ୍ଣ ଦାସ
୨୦୦୬-୨୦୦୮ : ଅରବିନ୍ଦ ଦାସ
୨୦୦୮-୨୦୦୯ : ହରେକୃଷ୍ଣ ଦାଶ
୨୦୦୯-୨୦୧୦ : ସତ୍ୟଜିତ୍ ଦାସ
୨୦୧୦-୨୦୧୧ : ରଘୁଦିପ୍ତୀ ନାୟକ
୨୦୧୧-୨୦୧୨ : ସହଦେବ ବେହେରା
୨୦୧୨-୨୦୧୩ : ସଞ୍ଜୟ କୁମାର ସାହୁ
୨୦୧୩-୨୦୧୪ : ବିପ୍ଳବ ଜେନା
୨୦୧୪-୨୦୧୫ : ବିଭୂତି ଭୂଷଣ ବାରିକ
୨୦୧୫-୨୦୧୬ : ଅସିତ୍ ପ୍ରଧାନ
୨୦୧୬-୨୦୧୭ : ସୂର୍ଯ୍ୟକାନ୍ତ ମଲ୍ଲିକ

## ପତ୍ରିକା ସମ୍ପାଦକ

୧୯୯୭-୧୯୯୮ : ସରୋଜ ବଳ
୨୦୦୦-୨୦୦୨: ଦିଲ୍ଲୀପ କୁମାର ଦଳାଇ
୨୦୦୩-୨୦୦୪: କେଶବ ଚନ୍ଦ୍ର ଦଳାଇ
୨୦୦୪-୨୦୦୫: ସଞ୍ଜୟ ସାହୁ:
୨୦୦୫-୨୦୦୬ ଗୁରୁକୃଷ୍ଣ ଦାସ
୨୦୦୬-୨୦୦୭: ଜ୍ଞାନୀ ଦେବାଶିଷ ମିଶ୍ର
୨୦୦୭-୨୦୦୮: ସରୋଜ କୁମାର ବିଶି
୨୦୦୮-୨୦୦୯: ବିର□ ନାରାୟଣ ରଥ
୨୦୦୯-୨୦୧୦: ଲକ୍ଷ୍ମୀଧର ଦାସ
୨୦୧୦-୨୦୧୧: ଲକ୍ଷ୍ମୀଧର ଦାସ/ ବିନ୍ଦୁଲତା ଷଣ୍ଢ
୨୦୧୧-୨୦୧୨: ସତ୍ୟଜିତ୍ ଦାସ
୨୦୧୨-୨୦୧୩: ମୃତ୍ୟୁଞ୍ଜୟ ଦାସ
୨୦୧୩-୨୦୧୪: ମୃତ୍ୟୁଞ୍ଜୟ ଦାସ
୨୦୧୪-୨୦୧୫: ମୃତ୍ୟୁଞ୍ଜୟ ଦାସ
୨୦୧୫-୨୦୧୬: ସୁଜାତା ସାହାଣୀ
୨୦୧୬-୨୦୧୭: ଅସିତ୍ ପ୍ରଧାନ

# ତାଳପଦେଶ୍ୱରୀ ପ୍ରଫେସର ବିଜୟିନୀ ମହାନ୍ତି ସମ୍ମାନ

(ପ୍ରଫେସର ବିଜୟିନୀ ମହାନ୍ତି ଫଟୋ)

**୨୦୧୪ -ଦିଲୀପ କୁମାର ମିଶ୍ର (ଶତ୍ରୁଜିତ୍)**
**୨୦୧୫ - ଡ. ଦେବେନ୍ଦ୍ର କୁମାର ପତି**
**୨୦୧୬ - ଡ. ଦେବାଶିଷ ପାତ୍ର**
**୨୦୧୭ - ସରୋଜ ବଳ**

## ସମ୍ପାଦକୀୟ...

ତାଳପଦେଶ୍ୱରୀ ସାହିତ୍ୟ ଆସରର ବାର୍ଷିକ ଉତ୍ସବ, 'ଭୋର' ପ୍ରକାଶନର ଉଲ୍ଲାସ। 'ଭୋର' ତ ସକାଳର ସୁବର୍ଣ୍ଣ ପ୍ରତିଶ୍ରୁତି, ଯିଏ ପାଦତଳେ ଅନ୍ଧାରତକ ଚାପିଧରି ଉଦୟସୂର୍ଯ୍ୟର ବନ୍ଦନା ଗାନ କରୁଥାଏ। ସେହିଭଳି ବାଣୀପୂଜା ପୀଠ ବାଣୀବିହାରର ନୂତନ ସୃଷ୍ଟିଶୀଳ ପ୍ରତିଭାମାନଙ୍କ ହାତରେ କଲମ ଧରାଇ ଦେବାର ଦାୟ ନେଇଛି 'ଭୋର'। ପ୍ରାୟ ପ୍ରତି ମାସେ ଦି ମାସରେ ଥରେ ଅନୁଷ୍ଠିତ ହେଉଥିବା ଏହି ଆସରରେ ପହ□ୁଥାଆନ୍ତି ବରିଷ୍ଠ ସାହିତ୍ୟ ସାଧକମାନେ। ନିଜ ଅନୁଭୂତି ବା□ନ୍ତି। ଉପଦେଶ ଓ ପରାମର୍ଶ ଦିଅନ୍ତି। ସାମିଲ ହୋଇଯାଆନ୍ତି ତାରୁଣ୍ୟର ସେଇ ଉ□ାଳ ତରଙ୍ଗରେ। ସହଜ ଭଳି ମନେ ହେଉଥିଲେ ହେଁ ଏସବୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଯାହା ଏକଦା ଏହି ଆସରରେ ନୂଆ ନୂଆ ଗପ, କବିତା ଲେଖୁଥିବା ଆଜିର ଓଡିଆ ସାହିତ୍ୟଜଗତର ବଳିଷ୍ଠ ସ୍ୱାକ୍ଷରମାନେ ସ୍ୱୀକାର କରିଥାଆନ୍ତି।

ସାହିତ୍ୟ ହୃଦୟ ସହିତ ହୃଦୟକୁ ଯୋଡୁଥାଏ। ମାଟି ସହିତ ଆକାଶକୁ ଯୋଡୁଥାଏ। ଯୋଡୁଥାଏ ସ୍ଥୁଳ ସହିତ ସୂକ୍ଷ୍ମ ଅନୁଭୂତିମାନଙ୍କୁ। ସେଠି ଈର୍ଷା ଅସୂୟାର ସ୍ଥାନ ନାହିଁ। ଯେମିତି ଭକ୍ତ ନିକଟରେ ବଡ ସାନର ବିଚାର ତ୍ରୁଟିପୂର୍ଣ୍ଣ, ସେମିତି ସାହିତ୍ୟ ଜଗତରେ ବୟସ, ବିଦ୍ୟା, ପଦପଦବୀ ଓ ସମ୍ମାନର ପ୍ରସଙ୍ଗ ଅବାନ୍ତର। ନଚେତ୍ ଭୀମଭୋଇ ଆଦି ମଧ୍ୟ ଆମକୁ ଚକିତ ବିସ୍ମିତ କରୁନଥାନ୍ତେ ବା ସାରିଆଭିକଙ୍କର ଏକମାତ୍ର ଭଜନ ଗାଇ ଆମେମାନେ ଆନମନା ହେଉ ନଥାନ୍ତେ। ମା ସରସ୍ୱତୀଙ୍କର ବୀଣାର ଝଂକାର ଯିଏ ଥରେ ଶୁଣିଛି ଆଉ ହେଜିଛି, ସେ ଈଶ୍ୱରଙ୍କ ପ୍ରତୀସ୍ପର୍ଦ୍ଧୀ ପାଲଟିଯାଇଛି।

ଏହି ସାହିତ୍ୟ ଉତ୍ସବ ଅବସରରେ ଅନେକ କଥା କୁହାଯାଏ। ଆନନ୍ଦରେ ପରସ୍ପର ସହିତ ଭାବବିନିମୟ କରାଯାଏ ମାତ୍ର ଭାଷା ସାହିତ୍ୟ ପ୍ରତି ଆଗ୍ରହ ସେହି ଆଗ୍ରହ ଭିତରେ ହିଁ ଅଟକିଯାଏ। ୨୦୧୪ରୁ ଆମଭାଷା ଶାସ୍ତ୍ରୀୟମାନ୍ୟତା ପାଇଥିଲେ ହେଁ ବିଶେଷ କିଛି ଆଖିଦୃଶିଆ ଅଗ୍ରଗତି କରିପାରିଛି ବୋଲି ମନରେ ସନ୍ଦେହ ମଧ୍ୟ ଆସେ। ଓଡିଆ କଥିତ ଭାଷା ନିଶ୍ଚୟ। ସାହିତ୍ୟର ଭାଷା ଭାବରେ ମଧ୍ୟ ଏହା ମର୍ଯ୍ୟାଦାବନ୍ତ। ତେବେ ଗଣମାଧ୍ୟମର ଭାଷା ଆଉ ପ୍ରଶାସନିକ ଭାଷା ? ଏ ସମ୍ପର୍କରେ ଅଧିକ ଆଲୋଚନାର ଆବଶ୍ୟକତା ରହିଛି। 'ମାତୃଭାଷାର ବିକଳ୍ପ ନାହିଁ' ବୋଲି ଗଳାଫଟାଇ କହୁଥିବା ଆମେ ସବୁ ଏଥିପାଇଁ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ କରିପାରନ୍ତେ କି ? ଅନ୍ତତଃ ପରିଚ୍ଛନ୍ନ ତ୍ରୁଟିଶୂନ୍ୟ ଭାଷାରେ ଲେଖିପାରନ୍ତେ ବା ଭଲ ଓଡିଆ ଶବ୍ଦଟିଏ ହାତ ପାଖରେଥାଇ ଅଯଥାରେ ଅନ୍ୟଭାଷା ପ୍ରୟୋଗ ତ କରନ୍ତେ ନାହିଁ। ଗୋଟିଏ ଉଦାହରଣ ଦେଉଛି। 'ଅମୂଲ୍ୟ' ଓ 'ମୂଲ୍ୟବାନ' ଦୁଇଟିଶବ୍ଦର ଇଂରାଜୀ 'Precious' ଆପଣ ଭାବନ୍ତୁ ଅମୂଲ୍ୟ ଓ ମୂଲ୍ୟବାନ ର ଅର୍ଥ ସମାନ କି ? ଏହିଭଳି ଅଗଣିତ ଶବ୍ଦ ଆମ ଭାଷାର ସଂପ□ ଯାହା ବ୍ୟବହୃତ ନ ହୋଇ କ୍ରମେ କଳଂକ ଲାଗିଗଲାଣି। ତାକୁ ପରିଷ୍କାର କରିବାର ଦାୟିତ୍ୱ ଆମକୁ ନେବାକୁ ହେବ। ଏଥିପାଇଁ ପାଠ୍ୟଖସଡା ବାହାରେ ହିଁ ରହିଛି ଭାଷା ଓ ସାହିତ୍ୟ ପାଇଁ ଆଗ୍ରହ।

ତାଳ ଓ ପଦର ଈଶ୍ୱରୀ ମା ତାଳପଦେଶ୍ୱରୀ ବାଣୀବିହାର ପରିସରର ସମସ୍ତ ସୃଜନପ୍ରତିଭାର ଲାଳନ କରିଥାଆନ୍ତି। ତାଙ୍କ ପୀଠରେ ଅନେକ ଶୁଭକାର୍ଯ୍ୟ ବର୍ଷସାରା ହେଉଥାଏ ସତ, ମାତ୍ର ସାହିତ୍ୟ ଆସର ଅନୁଷ୍ଠିତ ହେଉଥିବା ବା□ା ପାଇ ପ୍ରଫେସର, ଛାତ୍ରଛାତ୍ରୀ, ଅନ୍ୟାନ୍ୟ ପଦପଦବୀରେ ଥିବା ବନ୍ଧୁମାନେ ଏପରିକି ବାଣୀବିହାର ପରିସରରେ ରହୁଥିବା ଗୃହିଣୀମାନେ ମଧ୍ୟ ଆସନ୍ତି। ବାର୍ଷିକ ଉତ୍ସବ ହେଉଥିବା ଖବରପାଇ ଜୀବିକାଦାୟରେ ଦୂରଦୂରାନ୍ତରେ ରହୁଥିବା, ବାଣୀବିହାରରେ ଏକଦା ପଢୁଥିବା ଛାତ୍ରଛାତ୍ରୀମାନେ ଧାଇଁ ଆସନ୍ତି। ଏଭଳି ନିରୁତା ସ୍ନେହ ବନ୍ଧନ ମୂଳରେ ଏହି ଦେବୀପୀଠର ଆକର୍ଷଣ ଥାଏ।

ଚଳିତବର୍ଷ ମର୍ଯ୍ୟାଦାଜନକ ଶାରଳା ପୁରସ୍କାରପ୍ରାପ୍ତ କବି ଡକ୍ଟର ହୃଷିକେଶ ମଲ୍ଲିକ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜୟିନୀ ମୋନାଲିସା ଜେନା, କେନ୍ଦ୍ରସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର ଓ ଶାରଳା ସମ୍ମାନ ପ୍ରାପ୍ତ ଡକ୍ଟର ରତ୍ନାକର ଚଇନିଙ୍କୁ ଆମେମାନେ ସମ୍ମାନ ଜଣାଉଛୁ।

ଏକଦା ଏହି ଆସରକୁ ନିଜ ଉପସ୍ଥିତିରେ ଧନ୍ୟ କରିଥିବା ମାନନୀୟ ମହାପାତ୍ର ନୀଳମଣି ସାହୁ, ଦୀନନାଥ ପାଠୀ ଓ ଅସୀମବସୁ ଏଭିତରେ ସ୍ୱର୍ଗାରୋହଣ କରିଛନ୍ତି। ସେମାନଙ୍କ ପାଇଁ ଆମେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ।

ଗୁରୁଜନ, ବନ୍ଧୁ, ଶୁଭେଚ୍ଛୁ ସମସ୍ତଙ୍କୁ ଆମର ସମ୍ମାନ। ଏହି ସାହିତ୍ୟଆସର ଦୀର୍ଘଜୀବୀ ହେଉ।

ସମ୍ପାଦକ

# ସୂଚୀପତ୍ର


| ବିଷୟ | ପ୍ରଣେତା | ପୃଷ୍ଠା |
|---|---|---|
| ସମ୍ପାଦକୀୟ | | ୦୪ |


## ତାଳପଦେଶ୍ୱରୀ ସାହିତ୍ୟ ଆସର ସଂଗଠନ


| | | |
|---|---|---|
| ସୁମନାସ | ପ୍ରଫେସର ସଂଘମିତ୍ରା ମିଶ୍ର | ୧୩ |
| ମୋ ସମୟର ବାଣୀବିହାର | ମହେଶ୍ୱର ପାଢୀ | ୧୬ |
| ବାଣୀବିହାର ! ବାଣୀବିହାର | ଶତ୍ରୁଜିତ୍ | ୧୭ |


## ଫୁଟନ୍ତ କଳିକା


| | | |
|---|---|---|
| ଅନ୍ତରାଳେ କୋହ - | ବିକାଶ କୁମାର ଦାସ | ୦୦ |
| **ଅତୀତ** | **ଲୋପାମୁଦ୍ରା କର** | **୦୦** |
| ଗୋଲାପ | ସତ୍ୟବ୍ରତ ସାହୁ | ୦୦ |
| ଗୋଲାପର ଚାହାଣି | ସୂର୍ଯ୍ୟକାନ୍ତ ଦାସ | ୦୦ |
| ହସକାନ୍ଦ ଭରା ଏ ଜୀବନ | କାଦମ୍ବିନୀ ସାହୁ | ୦୦ |
| ଜୀବନ ଏକ ସ୍ୱପ୍ନ ଅନେକ | ସଂଯୁକ୍ତା ଗମାଙ୍ଗ | ୦୦ |
| ଜୀବନ କି ଜଳନ୍ତା ପ୍ରଦୀପ | ରୁକ୍ମିଣୀ ନାୟକ | ୦୦ |
| କୁହୁକ ପରାଏ ଜୀବନ | ସୁଶ୍ରୀମଞ୍ଜୁଳା କର | ୦୦ |
| ଜୀବନଟ ଖଣ୍ଡେ ଟୁକୁଡା କାଗଜ | ଛବି ମହାପାତ୍ର | ୦୦ |
| ତୁମପାଇଁ | ସତ୍ୟ ନାରାୟନ ଜେନା | ୦୦ |
| ପ୍ରେମ ତୁମପାଇଁ | ମନୋଜ କୁମାର ପ୍ରଧାନ | ୦୦ |
| ତାମ୍ରକେଶୀ | ଦିନମଣି ବିଶ୍ୱାଳ | ୦୦ |
| ପ୍ରିୟାର ହସ | ପବିତ୍ର ଦାସ | ୦୦ |
| ବନ୍ଧୁ | ଦୀପ୍ତିମୟୀ ସାହୁ | ୦୦ |
| ତୁମରି ସ୍ମୃତି | ମିନତି ପରିଡା | ୦୦ |

| | | |
|---|---|---|
| ଅନନ୍ତ ପଥ | ସତ୍ୟଜିତ୍ ଦାସ | ୦୦ |
| ସ୍ମୃତି ମାନସରେ | ପ୍ରିୟଙ୍କା ମହାପାତ୍ର | ୦୦ |
| ଅଙ୍କଲ ନମସ୍କାର | ତ୍ରିନାଥ ମଲ୍ଲିକ | ୦୦ |
| ମନେପଡ଼ | ଦୀପକ କୁମାର ଶତପଥୀ | ୦୦ |
| ପ୍ରିୟ ପୂର୍ବସାଥୀ | ଶିବାନୀ ପଣ୍ଡା | ୦୦ |
| ତୋତେ ଭୁଲିଯିବି | କାହ୍ନୁ ନାୟକ | ୦୦ |
| ଚନ୍ଦ୍ରମାର ଚୁଡି | ପବିତ୍ର ରାଉତ | ୦୦ |
| ମୋ ପ୍ରଛନ୍ନରେ ଏକ ଜୀବନ | ରମେଶ ଚନ୍ଦ୍ର ମଲ୍ଲିକ | ୦୦ |
| ପ୍ରେମ ନା ବନ୍ଧୁତା | ବିଜୟଲକ୍ଷ୍ମୀ ପରିଡା | ୦୦ |
| ଭଗବାନ ତୁମେ ଅଛ କାହିଁ ? | ମନୋଜ କୁମାର ସାହୁ | ୦୦ |
| ମେଘର ସହର | ସୁବାସ ଚନ୍ଦ୍ର ବେହେରା | ୦୦ |
| ଆଖି | ଯଶୋବନ୍ତୀ ବେହେରା | ୦୦ |
| ଆଜିର ବର୍ଷା | ସତ୍ୟନାରାୟନ ଜେନା | ୦୦ |
| ସମୟ ଆଉ ତୁମେ | ଅଶ୍ୱିନୀ କୁମାର ସାହୁ | ୦୦ |
| (ବ□ଛି ମୁଁ) ତୁମ ପାଇଁ | ସ୍ମୃତିଶିଖା ବେହେରା | ୦୦ |
| ସ୍ୱପ୍ନ | କଳ୍ପନା ରାଉତ | ୦୦ |
| ସୀମାହୀନ ଧୈର୍ଯ୍ୟ | ମଧୁସ୍ମିତା ବେହେରା | ୦୦ |
| ସମ୍ପର୍କ | କବିତା ବେହେରା | ୦୦ |
| କେମିତ ଏ ମନ | ଲୋପାମୁଦ୍ରା ନାୟକ | ୦୦ |
| ତଥାପି ଚାହିଁଚି | ସନ୍ଧ୍ୟାରାଣୀ ସିଂହ | ୦୦ |
| ତରଙ୍ଗ | ରଶ୍ମିତା ବେହେରା | ୦୦ |
| ମୁଁ | ସବିତା ଟୁଡୁ | ୦୦ |
| ଲୁପ୍ତ ଏକ ପରିଚୟ | ସୁଚିସ୍ମିତା ଦାସ | ୦୦ |
| ଚୁମ୍ବକର ଅଟ୍ଟହାସ୍ୟ | ସରୋଜିନୀ ସ୍ୱାଇଁ | ୦୦ |
| ଆଜିକାଲିକା ଝିଅ | ସୋମନାଥ ସାହୁ | ୦୦ |
| ମାଆ | ବିଷ୍ଣୁପ୍ରିୟା | ୦୦ |
| ମା (କୋଳ) | ବିବେକାନନ୍ଦ ସ୍ୱାଇଁ | ୦୦ |
| ମାଆର ପଣତ | ଇତିଶ୍ରୀ ଦାସ | ୦୦ |
| ମା, ବାପା | ଦୀପକ କୁମାର ଶତପଥୀ | ୦୦ |
| ମୋ ଜେଜେ | ସୁଶ୍ରୀ ସଙ୍ଗୀତା ମହାପାତ୍ର | ୦୦ |
| କନ୍ୟାରତ୍ନ | ଦିପ୍ତୀମୟୀ ମହାନ୍ତି | ୦୦ |
| ନାରୀ ! ତୋତେ ଫେରିବାକୁ ହେବ | ଯଶୋଦା ନାୟକ | ୦୦ |
| ନାରୀ | ଚମ୍ପା ସୋରେନ୍ | ୦୦ |

| | | |
|---|---|---|
| ତୁମ ଓ ମୋ ଭିତରେ ଥିବା ଫାଙ୍କ | ଯଶୋବନ୍ତୀ ବେହେରା | ୦୦ |
| ଅଗ୍ନିଶିଖା | କବିତା ନାୟକ | ୦୦ |
| ସୀମାହୀନ (ଧୈର୍ଯ୍ୟ) | ମଧୁସ୍ମିତା ବେହେରା | ୦୦ |
| ଘାସ | ବିଜୟଲକ୍ଷ୍ମୀ ପରିଡା | ୦୦ |
| ମୋତେ କବି ହେବାକୁ ଦିଅ | ଶିବରାମ ପାତ୍ର | ୦୦ |
| ମାତୃଭାଷା ମୋ' ଜୀବନ | ଯଶୋବନ୍ତ ବେହେରା | ୦୦ |
| ମୋ ଭାଷା ମୋ ଜୀବନ | ମିଥୁନ୍ ମଲ୍ଲିକ | ୦୦ |
| ଭୋର୍ | ଚକ୍ରଧର ତ୍ରିପାଠୀ | ୦୦ |
| ସବୁଜ ସୁନ୍ଦର ମୋ ଗାଁ | ସତ୍ୟନାରାୟଣ ଜେନା | ୦୦ |
| ମୋ ଗାଁ | ମନୋଜ କୁମାର ନାୟକ | ୦୦ |
| ମନଛୁଆଁ ମୋ ଗାଁ | ଗୌରାଙ୍ଗ ଚରଣ ମହାରଣା | ୦୦ |
| ଖରାଦିନକୁ ମାଳତି | ନିର୍ମଳା କୁମାରୀ ମହାପାତ୍ର | ୦୦ |
| ମେଟ୍ରୋନଗରୀରେ ଦଶହରା | ଗୀତାରାଣୀ ନାୟକ | ୦୦ |
| ଅତର୍କିତ ଶୀତ | ହୃଷୀକେଶ ବାରିକ | ୦୦ |
| ଛିଣ୍ଡା କମଳ | ସୁଶାନ୍ତ ଜେନା | ୦୦ |
| ଶୀତ | ପ୍ରଭାସିନୀ ଗୁଇଁ | ୦୦ |
| ମକର ! ଆସୁଛୁ ଯଦି ଆ' ... | ଆନପା ମାର୍ଣ୍ଡି | ୦୦ |
| ବସନ୍ତର ଆଗମନ | ନମିତା ବାରିକ | ୦୦ |
| ଦୋଳ ପରବ | ମିନତି ସାହୁ | ୦୦ |
| ହେ ନିରର୍ଥକ ମୁହୂ□ ! | ରାଜିବ ଲୋଚନ ସାହୁ | ୦୦ |
| ଓଡିଆ ବିଭାଗ | ରଶ୍ମିତା ଦାସ | ୦୦ |
| ନେତା | ସ୍ୱର୍ଣ୍ଣଲତା ସ୍ୱାଇଁ | ୦୦ |
| ମୁଠାଏ ଲୁହ | ମୌସୁମୀ ସାହୁ | ୦୦ |
| ଅନ୍ତର୍ଦାହ | ସୁକାନ୍ତି ରାଉତ | ୦୦ |
| ଜୀବନର ସ୍ୱରଲିପି | ଶୁଭଦର୍ଶିନୀ ପରିଡ଼ା | ୦୦ |
| ସପନ ରାଇଜରେ ଶ୍ୱେତାଙ୍ଗ ପକ୍ଷୀ | ଦୀପକ କୁମାର ଶତପଥୀ | ୦୦ |
| ଅର୍ଥହୀନ ଅଭୀପ୍ସା | ଶୁଭଶ୍ରୀ ସୁଚରିତା ଇନ୍ଦୁରେଖା ନାୟକ | ୦୦ |
| ମୋ ବିଦ୍ୟାଳୟ | କୌସ୍ତୁଭ ଦାଶ | ୦୦ |


## ପଲ୍ଲବ-କିଶଳୟ


| | | |
|---|---|---|
| ଅବ୍ୟକ୍ତ | ଗାୟତ୍ରୀ ଶତପଥୀ | ୦୦ |

| | | |
|---|---|---|
| ଧନ୍ୟବାଦ | ପ୍ରିୟଙ୍କା ମହାନ୍ତି | ୦୦ |
| ବାଥୁଡ଼ି ଜାତିର କୁଆଁର ପୁନେଇଁ | ଅନିତା ଦଳେଇ | ୦୦ |
| କେମିତି ଏ ସମ୍ପର୍କ ! | ରୋଜି ମଲ୍ଲିକ | ୦୦ |
| ଭାଗବତ ଚାରି ଅକ୍ଷର | ନିହାରୀକା ମହାନ୍ତି | ୦୦ |
| ମା ମଙ୍ଗଳା | ଶ୍ୱେତପଦ୍ମା ଲେଙ୍କା | ୦୦ |
| ପହିଲି ବର୍ଷା | ଲିପିପୁଷ୍ପା ନାୟକ | ୦୦ |
| (ଏଇ)ମନ ଓ ବିବେକ | ସୌଦାମିନି ମିଶ୍ର | ୦୦ |
| ପ୍ରେମପତ୍ର | ରୋପାଇ ଜୀବନ ଟୁଡୁ | ୦୦ |
| ସେଇ ଝିଅଟି | ନିରଞ୍ଜନ ସାହୁ | ୦୦ |
| ସିନ୍ଦୂର | ଇତିଶ୍ରୀ ପ୍ରଧାନ | ୦୦ |
| କନ୍ୟାରତ୍ନ | ମୋନାଲିଶା ଦାସ | ୦୦ |
| ପାଗିଳୀ | ଦିପୁନ ପୁହାଣ | ୦୦ |
| ମେଘ ଓ ପୃଥିବୀ | ରୁକ୍ମିଣୀ ନାୟକ | ୦୦ |
| ସତୀ | ସୁବାସ ଚନ୍ଦ୍ର ବେହେରା | ୦୦ |
| ସୁନାମି | ଅନନ୍ତ ସାହୁ | ୦୦ |
| ଜୀବନୀ – ଗୋଟିଏ ଅଜାର | ରୂପାଲି ମହାରଣା (ଅଜାଙ୍କ କାହାଣୀ) | ୦୦ |
| ଅଠର ଓଲୁ | ନିରୁପମା ମହାନ୍ତ | ୦୦ |
| ସଭିଙ୍କୁ ପଢ଼ିଏ | ଶିବରାମ ପାତ୍ର | ୦୦ |
| ଆଜିର ସମାଜ ଓ ଆମେ | ସୌମ୍ୟାଶ୍ରୀ ତ୍ରିପାଠୀ | ୦୦ |
| ବିଚଳିତ ନାରଦ ବିମୁଦ୍ରିକରଣ ଓ ଛାତ୍ର ଦୁର୍ନୀତି | ପ୍ରଜ୍ଞା ଜୀବନ ଜେନା | ୦୦ |
| ସାତ ଦଶନ୍ଧିର ସ୍ୱାଧୀନତା | ତରଙ୍ଗ ଦେହୁରୀ | ୦୦ |
| ଅନୁଭୂତି | କସ୍ତୁରୀ ମଲ୍ଲିକ | ୦୦ |
| ସମ୍ପର୍କର ପରିଭାଷା | ଅମ୍ରିତା ପୌଦାର | ୦୦ |


## ମଧୁମାଳତୀ


| | | |
|---|---|---|
| . ହଜିଯାଉ ଅସ୍ମିତା ମୁଁପଣ | ପ୍ର. ଅଭିନ୍ନ ସାହୁ | ୦୦ |
| ଆମେ ଓଡ଼ିଆ | ନିରଞ୍ଜନ ତ୍ରିପାଠୀ | ୦୦ |
| ଝଡା ପତ୍ରର ଲୁହ | ସବ୍‌ନମ୍ ମଙ୍ଗାଣିଆ | ୦୦ |
| ଓଡ଼ିଆ | ଦେବାଶିଷ ମହାପାତ୍ର | ୦୦ |

| | | |
|---|---|---|
| ମାମାର ଗଣିତ ଓ ମୋ'ର ପେମଗୀତ | ଡା ଗୌରୀଶଙ୍କର ପଣ୍ଡା | ୦୦ |
| ସେଲୋଟେପ୍ | ସରୋଜ ବଳ | ୦୦ |
| ଏଇ ବୋଧେ ପ୍ରେମ | ତପନ କୁମାର ନାୟକ | ୦୦ |
| କିନ୍ତୁ! କାହିଁକି!! କେଜାଣି!!! | ଭଜକୃଷ୍ଣ ମହାନ୍ତି | ୦୦ |
| ହେ କବିତା! ହେ କବି! | ଶରତ କୁମାର ପାଢ଼ୀ | ୦୦ |
| କବି | ଡ. ପ୍ରଶାନ୍ତ କୁମାର ମହାରଣା | ୦୦ |
| ସ୍ମୃତିର ସହରରେ ଶେଷରାତ୍ରି | ଚନ୍ଦନଲାଲ ତେୱାରୀ | ୦୦ |


## aòKgòZ gZ\k


| | | |
|---|---|---|
| ଭାଷାଭାବନା | ଡ. ସୋମନାଥ ବିଷୋୟୀ | ୦୦ |
| ଆମ ନୈତିକ ଜୀବନ ଏକ ଆବଶ୍ୟକତାର ବିଷୟ | ଡ. ବିଷ୍ଣୁପ୍ରିୟା ଓତା | ୦୦ |
| ବିଜୁବାବୁଙ୍କ ସାହାସ ଓ କୋଡିବାପଣ | ବିରାଜ ମୋହନ ଦାସ | ୦୦ |
| ବୈକୁଣ୍ଠନାଥ ପଟ୍ଟନାୟକଙ୍କ କବିତାର ଭି□ଭୂମି | ଡ. ଉଦୟନାଥ ସାହୁ | ୦୦ |
| ମାର୍କସ୍‌ବାଦ ନନ୍ଦନତ□ ଓ ଓଡିଆ ପ୍ରଗତିଶୀଳ ସାହିତ୍ୟ | ଡ. ଅନାଦି ଚରଣ ଗାଁଣ | ୦୦ |
| ଓଡିଆ କବିତାର ଯୁବସ୍ୱର: ସମୟର ଉପଚାର | ସରୋଜ ବଳ | ୦୦ |
| ନାସଦୀୟ ସୂକ୍ତଂର ଓଡିଆ ଅନୁବାଦ | ଶ୍ରୀମତୀ ପ୍ରତିଭା ମଞ୍ଜରୀ ରଥ | ୦୦ |
| ସାଉଁଟା ଫୁଲ | ଊର୍ମିମାଳା ଆଚାର୍ଯ୍ୟ | ୦୦ |
| ଅଭିଶପ୍ତ ଜୀବନ | ସତ୍ୟରଞ୍ଜନ ମଲ୍ଲିକ | ୦୦ |
| ସଫଳତା ଓ ବ୍ୟକ୍ତିତ୍ୱ | | |
| କୁନିର ଜୋତା | ଡ. ସବିତା ମଲ୍ଲିକ | ୦୦ |
| ଅଭିମନ୍ୟୁଙ୍କ ରଚନାରେ ରସ | ଡଃ ସୁବାସ ଚନ୍ଦ୍ର ଦାଶ | ୦୦ |
| ରସ ସାଧନା | ଡ. ଅଳକାନନ୍ଦା ପରିଡା | ୦୦ |
| ଅଗ୍ନିକଣିକା ଓ ଶିଶିର ବିନ୍ଦୁର କବି ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ | ଡ. ମଣୀନ୍ଦ୍ର କୁମାର ମେହେର | ୦୦ |
| ରସଶୂନ୍ୟ ସାଙ୍ଗିତିକହୀନ ଜୀବନ କୋଉ ଭିଡକୁ ଯେ ? | ବାଦଲ ମହାନ୍ତି | ୦୦ |

| | | |
|---|---|---|
| ମଡ଼ା ଚଣ୍ଡିଆ | ରୁଦ୍ରନାରାୟଣ ମହାପାତ୍ର | ୦୦ |
| ଦୁଇଟି ଅଣୁ କଥା | ଡ. ଦେବାଶିଷ ପାତ୍ର | ୦୦ |
| ନିର୍ଘାତ ଭିଟାମିନ୍ | ଡା ଇନ୍ଦ୍ରମଣି ଜେନା | ୦୦ |

**ବିଶେଷ ସାକ୍ଷାତ୍‌କାର**

| | | |
|---|---|---|
| ସାକ୍ଷାତକାର – ବରିଷ୍ଠ କବି ତଥା ସାହିତ୍ୟ ସାଧକ ହୃଷୀକେଶ ମଲ୍ଲିକଙ୍କ ସହ କେଇ ପଦ | ଅସିତ୍ ପ୍ରଧାନ | ୦୦ |

**ପରିଶିଷ୍ଟ**

| | | |
|---|---|---|
| ବାର୍ଷିକ ବିବରଣୀ | | ୦୦ |

ତାଳପଦେଶ୍ୱରୀ ସାହିତ୍ୟ ଆସର ସଂଗଠନ

# (ମନ୍ଦିର ଚିତ୍ର)

# ସୁମନାସ

*ସଂଘମିତ୍ରା ମିଶ୍ର*

ବାଣୀବିହାର ମା ସରସ୍ୱତୀଙ୍କ ପୂଜା ମନ୍ଦିର। ସେହି ମନ୍ଦିର ବେଢା ଭିତରେ ତାଳ ଓ ପଦର ଈଶ୍ୱରୀ ମା ତାଳପଦେଶ୍ୱରୀ ଆରାଧିତା। ତାଙ୍କରି କରୁଣାଧନ୍ୟ ଏହି ସାହିତ୍ୟ ଆସର, ଯାହାର ନାମ ତାଳପଦେଶ୍ୱରୀ ସାହିତ୍ୟ ଆସର। ଏହି ଆସରର ଦ୍ୱାବିଂଶତମ ଜନ୍ମ ଉତ୍ସବ। କୋଡିଏ ବର୍ଷ ପୂର୍ବରୁ ବାଣୀବିହାର ଛାଡି ଜୀବିକା ଅନୁରୋଧରେ କିଏ କେଉଁଠି ଥିବା ଛାତ୍ରଛାତ୍ରୀ ମାନଙ୍କର ସେହି ଗୋଟିଏ ଦିନକୁ ଅପେକ୍ଷା, ନିଜନିଜ ବନ୍ଧୁ ମାନଙ୍କୁ ଭେଟିବେ। ପୁରୁଣା ସ୍ମୃତିକୁ ମନେ ପକାଇ ସମୟର ପ୍ରତିଲୋମ ଗତିରେ ଭାସିଯିବେ ନିଜ ନିଜର ସୁନ୍ଦର ସୁବାସିତ ଅତୀତ ଆଡକୁ କେତୋଟି ମୁହୂ□ ପାଇଁ। କେଉଁ ଦିବ୍ୟମୁହୂ□ରେ ଏ ଆସର ସୃଷ୍ଟି ହୋଇଥିଲା କେଜାଣି, ଇଏ ପାଲଟି ଯାଇଛି ପ୍ରବୀଣ ଓ ତରୁଣଙ୍କର ମହାମିଳନ ପୀଠ। ସେଦିନ କଲମ ଧରି ଶିଖିଥିବା ହାତରେ ଏବେ ଅନେକ ଟାଣପଣ, ନିଜକୁ ପ୍ରକାଶିତ କରିବାର, ନିଜ ସମୟକୁ ତଳେଇ କରି ଭିନେ ଭାବରେ ଦେଖିବାର ଓ ନିଜପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାର ଏ ଯେଉଁ ଅପୂର୍ବ ମ□ ତାଳପଦେଶ୍ୱରୀ ସାହିତ୍ୟ ଆସର ତିଆରି କରିଛୁ, ତାହା ଭବିଷ୍ୟତରେ ଅବଶ୍ୟ ମୂଲ୍ୟାୟିତ ହେବ।

ତାଳପଦେଶ୍ୱରୀ ଯେ ବଜ୍ର ଭିତରେ ବଂଶୀ ଭଳି ସୃଜନର ମର୍ମଭେଦୀ ଅଥଚ ଧୀର ସ୍ୱର ଶୁଣାଇ ଚାଲିଛି, ସେଥିପାଇଁ ଆମେ ଆନନ୍ଦିତ। ତେବେ ଆନନ୍ଦଠାରୁ ଅଧିକ ଲୋଡା ଲାଳନ ଓ ଦାୟବଦ୍ଧତା। ଏ ଭଳି ଅନୁଷ୍ଠାନକୁ କର୍ମକ୍ଷମ ରଖିବା ପାଇଁ ଶ୍ରମ ଓ ସାମର୍ଥ୍ୟ ଲୋଡା। କିଛି ସମୟ ଓ ଆତ୍ମୀୟତା ଲୋଡା। ନୂଆ ପୀଢିର ମଣିଷମାନେ ଏଥିପାଇଁ ଆଗେଇ ଆସିବା ମଧ୍ୟ ଲୋଡା।

ମୁଁ ଯଦି କହିବି ଆପଣମାନେ ସବୁବେଳେ ସାହିତ୍ୟ ଆସର କଥା ଚିନ୍ତା କରନ୍ତୁ, ତାହା ନିଶ୍ଚୟ ଭୁଲ୍। ମୁଁ ଜାଣେ ଯେ ଏଭଳି କଥା କହିବାପାଇଁ ମୋର କ୍ଷମତା ନାହିଁ। ତେବେ ନିଜର ଜୀବନାନୁଭବରୁ ଏତିକି ଜାଣିଛି, ହିସାବ ବାହାରେ ଜୀବନ ଅଛି। ପାଠ୍ୟ ଖସଡା ବାହାରେ ବ୍ୟାପକ ଅନୁଭବ ଅଛି। ସେ ସବୁକୁ ପରଖିବାକୁ ସର୍ଜନଶୀଳତା ପୁଣି ନିଜର ମାର୍ଗ ଖୋଜିନିଏ। କେତେ ସଂଗୀତ, ନୃତ୍ୟ, ବାଦ୍ୟ, ଚିତ୍ରଠାରୁ ବାଲୁକାକଳା ଯାଏ ଏହା ବିସ୍ତୃତ। ସର୍ଜନଶୀଳତାକୁ ବ□ାଇ ରଖିବାକୁ ଆନୁଷ୍ଠାନିକ ସଦିଚ୍ଛା ସହଯୋଗ କରିଥାଏ। ତାଳପଦେଶ୍ୱରୀ ସାହିତ୍ୟ ଆସର ସେହି ଭି□ଭୂମି ହିଁ ପ୍ରସ୍ତୁତ କରିଛି। ଦୁଇଦିନ ପରେ ଆସର ହେବାର ଖବରପାଇ ପିଲାମାନେ ନିଶ୍ଚୟ ଗପ / କବିତା ଲେଖିବାକୁ କଲମ ଧରୁଛନ୍ତି। ବାସ୍, ଆଉ କ'ଣ ଲୋଡା ? କେମିତି ଏ ଆସର ଏତେଦିନ ଚାଲିଆସିଛି, ତା ହୁଏତ ମୁଁ କହିପାରିବି ନାହିଁ ବା କହିବାକୁ ଚାହେଁ ନାହିଁ। ଏତିକି ଜାଣିଛି ସତ୍‌କାର୍ଯ୍ୟ ଆରମ୍ଭହେଲେ, ଆପେଆପେ ଅନେକ ସଦିଚ୍ଛାର ହାତ ବଢିଆସେ ସହଯୋଗ ପାଇଁ। ଆମମାନଙ୍କ ସହିତ ଥିବା, ଆମକୁ ଆତ୍ମୀୟ ଭାବୁଥିବା, ସବୁବେଳେ / ବେଳେବେଳେ ଆସି ପିଲାଙ୍କର ଆଗ୍ରହ ପ୍ରଦୀପକୁ ତେଜି ଦେଉଥିବା ଆପଣମାନଙ୍କୁ ମୋର ନମସ୍କାର। ସେହି ତାଳପଦେଶ୍ୱରୀଙ୍କ ଆଶୀର୍ବାଦରୁ ବର୍ଷ ପରେ ବର୍ଷ ଏହା ବ□ିରହୁ, ବଢୁ ଓ ଛାୟାପ୍ରଦ ବୃକ୍ଷ ଭଳି ଅଗଣିତ ତରୁଣ ତରୁଣୀଙ୍କର ସର୍ଜନଶୀଳତାର ଲାଳନ କରୁ। ବାଇଶିବର୍ଷର ତରୁଣୀ ଏହି ଆସର ପାଇଁ ଆମ ମନରେ ଅନେକ ସ୍ୱପ୍ନ। ବାଣୀବିହାରର ରୋଦ୍ରଦଗ୍ଧ ବାତାବରଣ ପାଇଁ ଏହା ଶାନ୍ତି ଓ ସହଯୋଗର ବା□ା ଦେଉ। ପଥରସନ୍ଧିରୁ ଝରୁଥିବା ଝରଣାର ଜଳଭଳି ଏହା ସ୍ୱଚ୍ଛ ଓ ପବିତ୍ର ହୋଇ ପରିବେଶକୁ ଶୀତଳତା ପ୍ରଦାନ କରୁ। ଆସର ସହିତ ଏକାତ୍ମ ହୋଇ ବ□ୁଥିବା ସମସ୍ତଙ୍କୁ ସୁମନାସ ।

ଉପଦେଷ୍ଟା, ତାଳପଦେଶ୍ୱରୀ ସାହିତ୍ୟ ଆସର

# ମୋ ସମୟର ବାଣୀବିହାର

*ମହେଶ୍ୱର ପାଢ଼ୀ*

ମୋ ସମୟରେ ବାଣୀବିହାର କହିଲେ, ପ୍ରଥମେ ମୁଁ କଥାଟା ଟିକିଏ ସ୍ୱଷ୍ଟ କରିଦିଏ। ୧୯୯୫ରୁ ଅର୍ଥାତ୍ ମୋ ଓଡ଼ିଆ ଭାଷା ସାହିତ୍ୟରେ ଏମ୍.ଏ. କରିବା ପରଠାରୁ ୧୯୯୮ରେ ଏମ୍. ଫିଲ୍. ସରିବା ପର୍ଯ୍ୟନ୍ତ, ଏହି ତିନିବର୍ଷର ସମୟ ଅବଧି ହେଉଛି ମୋର ବାଣୀବିହାରରେ ରହଣି। ସେହି ସମୟକୁ ରୋମନ୍ଥନ କରିବା ହେଲା ମୋ ସମୟର ବାଣୀବିହାର କଥା।

ମୁଁ ଯେଉଁଦିନ ପ୍ରଥମେ ବସଷ୍ଟାଣ୍ଡରୁ ରିକ୍ସା ଯୋଗେ ବାଣୀବିହାର କ୍ୟାମ୍ପସ୍‌କୁ ପ୍ରବେଶ କଲି, ସେଦିନ କେତେ ତାରିଖ ଓ କି ବାର ଥିଲା, ମୋର ମନେନାହିଁ। ମନେଅଛି ରିକ୍ସାବାଲା ମୋ ଠାରୁ ତିନିଟଙ୍କା ନେଇଥିଲା। ପ୍ରଥମେ ମୋତେ ରବୀନ୍ଦ୍ର ସାହୁ (ରବିଭାଇ, ଯିଏ ଏବେ କଟକର ରଘୁନାଥଜୀଉ ଡିଗ୍ରୀ କଲେଜ, ଦେଉଳ ସାହିରେ ଅଧ୍ୟାପକ ଅଛନ୍ତି) ତାଙ୍କ ସହିତ ଭେଟ ହୋଇଥିଲା କାରଣ ସେ ଆମର ସେମିନାର ସେକ୍ରେଟାରୀ ଥିଲେ। ନାମ ଲେଖା ପରେ ସେଦିନ ରାତିରେ ରବୀନ୍ଦ୍ରଭାଇଙ୍କ ପାଖରେ ରହିଲି। ବାଣୀବିହାରର ସୂର୍ଯ୍ୟୋଦୟ ସେଦିନ ମୋତେ ଜଣେ ମହିଳାଙ୍କ ମଥାର ସିନ୍ଦୂର ପରି ମନେ ହୋଇଥିଲା। ପ୍ରାକୃତିକ ସୁଷମାମଣ୍ଡିତ ସରଳ ଗାଁଟିଏ ପରି ଲାଗିଥିଲା। ଅଟୋରିକ୍ସା କାଁଭାଁ ଚାଲୁଥିଲା ସେତେବେଳେ।

ଗୋପବନ୍ଧୁ ଛାତ୍ରାବାସରେ ବୋଧେ ରୁମ୍ ନଂ ୨୦୩ରେ ମୋତେ ସ୍ଥାନ ମିଳିଥିଲା ଏବଂ ମୋର କଲେଜ ସାଙ୍ଗ ଅଭିମନ୍ୟୁ ଜେନା ଓରଫ୍ ବାଦଲ ସହ ପ୍ରଥମ ବର୍ଷ ସେହିଠାରେ ରହୁଥିଲି। ପ୍ରଥମ କେଇଦିନ ହଷ୍ଟେଲରେ ମେସ୍ ଚାଲିବା ପୂର୍ବରୁ ରାସ୍ତାକଡର ଥିବା ଝୁମ୍ପୁଡି ହୋଟେଲରେ ଆମକୁ ଖାଇବାକୁ ପଡେ।

୧୯୯୫ ମସିହାରେ ଗୋବିନ୍ଦ ସାହୁ ମାର୍କେଟ୍ ତିଆରି ହୋଇ ନଥାଏ। ସେପଟେ କିନ୍ତୁ ଅଳକା ମାର୍କେଟ୍ ଥିଲା। ଆମେ ସବୁ ବେଳ-ଅବେଳରେ ଝିଅ ପିଲାଙ୍କୁ ଦେଖିବାକୁ ଓ ମଜା ନେବାକୁ ଅଳକା ମାର୍କେଟ୍ ଆଡେ ଯାଉ। ମଜା ନେବାର ଅସଲ କଥା ହେଲା, ସେତେବେଳେ ଯୁବସୁଲଭ ଚପଳତା ଓ ଝିଅ ପିଲାଙ୍କୁ ଦେଖିବାର ପ୍ରବଣତା। ଏବେକା ପରି ମୋବାଇଲ୍ ଫୋନ୍‌ର ପ୍ରଚଳନ ସେତେବେଳେ ନଥିଲା। ଲେଡିଜ୍ ହଷ୍ଟେଲ୍ ସାମ୍ନାରେ ଠିଆ ହୋଇ ଘ□ା ଘ□ା ଗପିବାରେ ଥିଲା ମଜାପଣ। କମେ□ମରା କି କାହାକୁ କିଏ ହଇରାଣ କରିବାର ନଜିର ମୋ ରହିବା ଭିତରେ ମୁଁ ଦେଖିନାହିଁ।

ସେଇ ଯୁବସୁଲଭ ପ୍ରେମବୋଧକୁ ନେଇ ଆମେ ସବୁ ଲେଖନୀ ଧରିଥିଲୁ। ମାଆ ତାଳପଦେଶ୍ୱରୀଙ୍କ ପୀଠରେ ଆସର ମେଳିଥିଲୁ। ଆମେ ସବୁ ବୋଇଲେ ଯେଉଁମାନେ ମୋଠାରୁ ବଡ ଓ ସାନ ସେମାନେ ହେଲେ ଶତ୍ରୁଜିତ ଭାଇ ଓରଫ୍ ଦିଲୀପ ମିଶ୍ର, ଯିଏ କି ଆଜି ଯାଏ ବାଣୀବିହାରରେ ସେଇ ଗୋଟିଏ ପରିଚୟ ଶତ୍ରୁଜିତ ଭାଇ ନାମରେ ପରିଚିତ ଅଛନ୍ତି। ତାଙ୍କ ସହିତ ଅନ୍ୟମାନେ ହେଲେ, ଦିଲୀପ ଦଳାଇ, ଦେବେନ୍ଦ୍ର ପତି, ପ୍ରସନ୍ନ ପଣ୍ଡା, ଶୁଭ୍ରାଂଶୁ ବେହେରା, ସୁଦର୍ଶନ ମିଶ୍ର, ମନୋରଞ୍ଜନ ମିଶ୍ର, ରମାକାନ୍ତ ସାମନ୍ତରାୟ, ଖଗେଶ୍ୱର ରାଉତ, ତ୍ରିଲୋଚନ ପ୍ରଧାନ। ଆହୁରି ଅନେକଙ୍କ ସହ ଗଣେଶ୍ୱର, ରାଜୁ, ବିଦ୍ୟାଧର, କରୁଣା, ଗୋପୀ, ସବିତା, ନିର୍ମଳା, ସୋନାଲି, ରଶ୍ମୀ ଅପା, ଶୋଭନା ଅପା, ସରୋଜ ବଳ, ସୁନନ୍ଦା ପ୍ରଧାନ, ଟିକମ୍, ଚନ୍ଦନ, ମେଘନାଦ, ବାପି, ଶୀତଳ, ପାଳବାବୁ, ଜଗବନ୍ଧୁ ଆହୁରି ଅନେକ ମିଳିତ ହୋଇ ଗପ କବିତା ଲେଖୁଥିଲୁ। ତାଳପଦେଶ୍ୱରୀ ପୀଠରେ ବସି ଜଣକା ସାତ ଆଠ ଟଙ୍କା ଚାନ୍ଦାକରି ଅରୁଆ ଡାଲମାର ଭୋଜି କରୁଥିଲୁ, ପୀତବାସ ଭାଇ ଓ ଅଶୋକ ଭାଇଙ୍କୁ ଡକାଇ ଫଟୋ ଉଠାଉଥିଲୁ। ସେ ଥିଲା ଏକ ନିଆରା ଅନୁଭବ। ଆମ ସହ

ଆସରରେ ଯୋଗ ଦେଉଥିଲେ କବି ଦୁର୍ଗା ଷଡଙ୍ଗୀ, କ୍ଷିରୋଦ ପରିଡା, ଅକ୍ଷୟ ବେହେରା, ପ୍ରଫେସର ଶରତ ଚନ୍ଦ୍ର ରଥ, ଗିରିବାଳା ମହାନ୍ତି, ପ୍ରଫେସର ସଂଘମିତ୍ରା ମିଶ୍ର ଓ ଆହୁରି ଅନେକ।

ବିଧିବଦ୍ଧ ଭାବରେ ୧୯୯୬ ରେ ତାଳପଦେଶ୍ୱରୀ ସାହିତ୍ୟ ଆସର ସଂକ୍ଷେପରେ ତାଜା ଗଢାହେଲା। ଉପଦେଷ୍ଟା ଭାବରେ ପ୍ରଫେସର ସଂଘମିତ୍ରା ମିଶ୍ର ଓ ବିଜୟିନୀ ମାଡାମ୍‌ଙ୍କ ସହିତ ଶତ୍ରୁଜିତ୍ ଭାଇ ରହିଲେ। ଦେବଭାଇ (ଦେବେନ୍ଦ୍ର ପତି) ହେଲେ ସଭାପତି ଓ ମୁଁ ହେଲି ସମ୍ପାଦକ। ପରେ ସରୋଜ ବଳ ହେଲେ ପତ୍ରିକା ସମ୍ପାଦକ। ସେତେବେଳକୁ ବାଣୀବିହାରର ସବୁ ଝୁମ୍ପୁଡି ଗୋପବନ୍ଧୁ ଛାତ୍ରାବାସ ପାଖକୁ ଘୁ□ିଯାଇଥିଲା ଏବଂ ଗୋବିନ୍ଦ ସାହୁ ମାର୍କେଟ୍ କମ୍ପ୍ଲେକ୍ସର ନାମକରଣ ହୋଇ ସାରିଥିଲା। ଆମେ ସବୁ ହଷ୍ଟେଲ୍ ଓ ମେସ୍‌ରେ ନଖାଇ ଚୋରାରେ ହିଟରରେ ରୋଷେଇ କରୁଥିଲୁ। ତାଳପଦେଶ୍ୱରୀ ସାହିତ୍ୟ ଆସରକୁ ଯଦି କେଉଁ ଅତିଥିଙ୍କୁ ଡାକୁ, ସତ କହିବାକୁ ଗଲେ ସେତେବେଳେ ଆସର ଚଳାଇବାକୁ ଆମ ପାଖରେ ପଇସା ନଥିଲା। ପଚାଶ ଟଙ୍କାର ଫୁଲକୁ ମୂଲଚାଲ କରି କୋଡିଏ ତିରିଶ ଟଙ୍କାରେ କିଣୁଥିଲୁ।

ବାଣୀବିହାରର ବିଭିନ୍ନ ଛାତ୍ରାବାସରେ ଅବଶ୍ୟ ଏବେକା ପରି ଅଣଛାତ୍ରମାନେ ଆଡ୍‌ଜଷ୍ଟ୍ କରି ରହୁଥିଲେ। ସେମାନେ ଯଦିଓ ରାଜନୀତି କିଛି କରୁଥିଲେ, ମାତ୍ର ଦଳୀୟ ରାଜନୀତି ଠାରୁ ସେମାନେ ଥିଲେ ବହୁ ଦୂରରେ। ନିର୍ବାଚନକୁ ନେଇ ଆଜିପରି କେଉଁ ରାଜନୈତିକ ଦଳ ପାଖରେ ସେତେବେଳର ଛାତ୍ରସମାଜ ସିଧା ସଳଖ କୌଣସି ସମ୍ପୃକ୍ତି ରଖୁ ନଥିଲେ କି ଛାତ୍ର ରାଜନୀତିକୁ ନେଇ କ୍ୟାମ୍ପସ୍‌ରେ ବୋମା ଫୁଟୁ ନଥିଲା, ମୁଁ ତ ସ୍ପଷ୍ଟ ଭାବରେ ବିନା ଛଳନାରେ କହିଦେଇପାରେ ଛାତ୍ରଛାତ୍ରୀ ମାନଙ୍କ ଅପେକ୍ଷା ସେତେବେଳେ ଡିପାର୍ଟମେ□ରେ ଶିକ୍ଷକ-ଶିକ୍ଷକ ମାନଙ୍କ ଭିତରେ କଳିତକରାଳ ଟିକେ ଅଧିକ ଥିଲା। ପିଜିର ପ୍ରଥମବର୍ଷ ଆମ ବିଭାଗର ବାର୍ଷିକ ଉତ୍ସବରେ ନାଟ୍ୟକାର ବିଜୟ ଶତପଥୀଙ୍କ କର୍ଣ୍ଣନାଟକ ମ□ସ୍ଥ ହୋଇଥିଲା। ମୁଁ ଏଥିରେ ମୁଖ୍ୟନାୟକ କର୍ଣ୍ଣ , ରବିଭାଇ ଦୁର୍ଯ୍ୟୋଧନ, ମାନସୀ କୃଷ୍ଣା, ଗଣେଶ୍ୱର କେଶବ ଏବଂ ନିର୍ମଳା କୁନ୍ତୀ ଭୂମିକାରେ ଅଭିନୟ କରୁଥିଲୁ। ବାର୍ଷିକ ଉତ୍ସବ ଦିନ ଆମ ବିଭାଗର ଜଣେ ସାର୍ (ଅବଶ୍ୟ ସେ ପ୍ରାତଃ ସ୍ମରଣୀୟ ପୂଜନୀୟ ଆମ ଛାତ୍ରସମାଜ ପାଇଁ) ମୋତେ ପାର୍ଟ ନ କରିବାକୁ ତାଗିଦ୍ କଲେ। ପରିଣତି ବିଷୟରେ ମୁଁ ଚିନ୍ତା ନକରି ମୁଁ ଅଭିନୟ କରି ରୋଷର ଶିକାର ହେଲି। ସେତେବେଳେ ଆମ ବିଭାଗରେ ଗୁରୁ ଓ ଗୁରୁମା ମାନେ ଥିଲେ ସ୍ନେହଲତା ପଟ୍ଟନାୟକ, ସଂଘମିତ୍ରା ମିଶ୍ର, ଗିରିବାଳା ମହାନ୍ତି, ଲିପି ହେମ୍ବ୍ରମ୍, ବୈଷ୍ଣବ ସାମଲ, ନିତ୍ୟାନନ୍ଦ ଶତପଥୀ, ବାସୁଦେବ ସାହୁ, ନିତ୍ୟାନନ୍ଦ ନାୟକ, ଶରତ ରଥ ଓ ଦାଶ ସାର୍‌ଙ୍କ ସହ ଗୋପୀଭାଇ, ଭୋଳଭାଇଙ୍କ ସହ କେଦାରଭାଇ ଓ ଗୋକୁଳିଭାଇ। ବ୍ରଜଭାଇ ପଛରେ ଆସିଲେ। ସବୁ ସାର୍‌ମାନେ ଭଲ ହେଲେ ମଧ୍ୟ ଛୋଟଛୋଟ କଥାକୁ ନେଇ ସେମାନଙ୍କ ମଧ୍ୟରେ ସ୍ୱାର୍ଥସବାର ହୁଏ। ରାଜନୀତି ଚାଲେ, ଆମମାନଙ୍କ ଉପରେ ପ୍ରଭାବ ପଡେ।

ସେବେର ବାଣୀବିହାର ଆଉ ଏବେର ବାଣୀବିହାର ଭିତରେ ବହୁ ଫରକ୍। ଅସଧବାର ହାତପରି ମୋତେ ସରଳ ଲାଗିଥିବା ମୋର ସେହି ପ୍ରିୟ ବାଣୀବିହାର ଆଜି କାୟା ବିସ୍ତାର କରିଛି। ଖୋଲିଛି କେତେ ନୂଆ ନୂଆ ବିଭାଗ। ଏହା ଭିତରେ ବିତିଛି କୋଡିଏ ବର୍ଷ। ନଈସୁଅ ପରି ସମୟ ଆଗକୁ ମାଡିଚାଲିଛି। ମୁଁ ଛାତ୍ରରୁ ଅଧ୍ୟାପକ ହେଲି, ଅଧକ୍ଷ ଦାୟିତ୍ୱ ତୁଲାଉଛି। ଅଫିସ୍ କାର୍ଯ୍ୟରେ ସେବେଠାରୁ ଏବେଯାଏ ବାଣୀବିହାର ସହିତ ଜଡିତ ଅଛି। ଏବେ  ବାଣୀବିହାର ଭିତରକୁ ପ୍ରବେଶକଲେ କେଜାଣି କାହିଁକି ମାଡିମାଡି ପଡେ। ସବୁ ଥିଲାପରେ ବି କେଜାଣି କାହିଁକି ବିଚରା ଜନ୍ମକଲା ମାଆଟି ପୁଅ ବାହାଘରରେ ପୁଅ ହାତରୁ ତା' ପଣତକାନିକୁ ଆଞ୍ଜୁଳା ଘେନିଲାବେଳେ ଆଖିରୁ ଲୁହ ଗଡାଏ। ତାହା ପ୍ରାପ୍ତିର କି ଅପ୍ରାପ୍ତିର, ଆନନ୍ଦର କି ବିଷାଦର ନତୁବା ଶୂନ୍ୟତାର ତାହା ଯେଉଁଳି ପରଖି ହୁଏନି, ମୋତେ ଏବେ ବାଣୀବିହାରକୁ ପ୍ରବେଶକଲେ ସେହିଭଳି ଲାଗେ। କୁଳପତି ଗୌର କିଶୋରେ ଦାସଙ୍କ ପ୍ରେରଣାରେ ଆମ୍ରକାନନ ପରିସରରେ  ଶତ୍ରୁଜିତ୍ ଭାଇଙ୍କ ଚେଷ୍ଟାରେ ଆମେ ଓଡିଶୀ ସଙ୍ଗୀତ ଆସର କରିଥିଲୁ। ଏବେ ସେ ସ୍ଥାନ ଅନାବନାରେ କ□କିତ।

କାହିଁକି କେଜାଣି ଏବେ ଗଲେ, ବାଣୀବିହାର ଚିହ୍ନା ମୁହଁଙ୍କର ଲୁଚକାଳି ଖେଳ ପରି ଲାଗେ। ଏହା ପରେ ବି ବାଣୀବିହାର ପ୍ରତି ମୋର ଅଛି ଗୋଟେ ବିରାଟ ଦୁର୍ବଳତା, ନିରୁତା ଭଲ ପାଇବା, ଦୀର୍ଘଦିନ ଧରି ଚାଲୁଥିବା ସୃଜନ ଅନୁଷ୍ଠାନ ତାଳପଦେଶ୍ୱରୀ ସାହିତ୍ୟ ଆସର ପ୍ରତି ଲୋଭ ବାଣୀବିହାର ଆଡକୁ ପାଦ ଟାଣିନିଏ। କାଳେ କିଏ ଚିହ୍ନା ମୁହଁ ଦେଖା ପଡିଯିବେ, ଗୋବିନ୍ଦ ସାହୁ ମାର୍କେଟ୍ ଦେଇ ଗ୍ଲାସ କ୍ୟା□ିନ୍ ଆଡେ ଟିକିଏ ବୁଲି ଆସିବାକୁ ଇଚ୍ଛାହୁଏ। ବାଣୀବିହାର ଆପଣାର ଲାଗେ। ତାକୁ ମୋର ମଥାନୁଆଁ ଜୁହାର।

ଅଧ୍ୟକ୍ଷ, ବ୍ରହ୍ମବରଦା ମହାବିଦ୍ୟାଳୟ,
ବ୍ରହ୍ମବରଦା, ଯାଜପୁର - ୫
ପ୍ରତିଷ୍ଠାତା ସମ୍ପାଦକ, ତାଳପଦେଶ୍ୱରୀ ସାହିତ୍ୟ ଆସର

## aÛYúaòjûe! aÛYúaòjûe!

-øÂRôþ

ଦେଖ, ଦୂର ଆକାଶର ବଗିଚାରେ ଫୁଟିଅଛି ପୂର୍ଣ୍ଣିମାର ଜହ୍ନ
ହାତଠାରି କହୁଛି ସେ ହେ ବନ୍ଧୁ ତୁନି ପଡ଼, ଆସ୍ତେ କୁହ କଥା
ସେପାଖ ପାଚେରି କଡ଼େ ପୀରତିରେ ଜୁଡୁବୁଡୁ ଦୁଇଗୋଟି ମନ
ସଖାର କୋଳରେ ସଖୀ ନିଶ୍ଚିନ୍ତରେ ଶୋଇଅଛି ପାତିଦେଇ ମଥା ।

କ୍ୟାମ୍ପସ ସାଜିଛି ଦେଖ ନବବଧୂ ପରି, ବାନ୍ଧି ସଯତ୍ନରେ ଜୁଡ଼ା
ନାନା ରଙ୍ଗ ପୁଷ୍ପ ଶୋହେ ମହମହ ବାସୁଅଛି ଆକାଶ ପାତାଳ
ସିନ୍ଦୂର ପରାଏ ତା'ର ସୀମନ୍ତରେ ଝଟକୁଛି ନାଲି କୃଷ୍ଣଚୂଡ଼ା
ଏ ବେଳରେ ବନ୍ଧୁ ମୋର କାହାକୁ ବା ଭଲ ଲାଗେ ଏତେ କୋଳାହଳ ।।

ତୁମକୁ କି ଜଣାନାହିଁ କୋଳାହଳ ଭାଙ୍ଗିଦିଏ ଯେତେ କୌତୂହଳ
ତୁମେ କି ଜାଣନା ବନ୍ଧୁ ଅନ୍ତରଙ୍ଗ ଲୋଡ଼ିଥାଏ ଖୁବ୍ ନିରବତା
ମଧୁର ଏ ଲଗନରେ ଦୁଇ ମନ ଏକାକାର ଭୁଲି ଫଳାଫଳ
ଏ ମନ ପାରଇ ଜାଣି ଆନ ମନ ଗାଏ ଯେଉଁ ମିଳନ କବିତା ।।।

ସେମାନେ ଥାଆନ୍ତୁ ସେଠି, ଜାରି ରହିଥାଉ ତାଙ୍କ ପ୍ରୀତି ଆଳାପନା
ବିଦ୍ୟାର ଈଶ୍ୱରୀ ତାଙ୍କୁ ଆଶୀର୍ବାଦ ଦେଉଥାନ୍ତୁ ଏତିକି କାମନା ।।।।

# ଫୁଟନ୍ତ କଳିକା
# (ଚିତ୍ର)

# ପ୍ରୀତି ମୋର୍ ଶ୍ମଶାନ ତୁଳସୀ

♦ ରୀତାଞ୍ଜଳୀ ସେଠୀ

ହୃଦୟେ ମୋହର ଶ୍ମଶାନର ବହଳ ନିରବତା,
ଠାଏ ଠାଏ ଖାଲି ନିର୍ଲିପ୍ତ ଭାବରେ ଜଳୁଛି ଚିତା।
ଆଶା ମୋର ଅସ୍ଥିସମ ପଡିଛି ବିକ୍ଷିପ୍ତ ହୋଇ,
ଅନୁଭବ ଭସ୍ମ ସାଜିଯାଏ ପବନେ ମିଳାଇ।
ସ୍ମୃତି ମୋ ଅଶରୀରୀ କରେ ବିକଟାଳ ରଡି,
ବୁକୁଫଟା ବିଳାପର ଭାଙ୍ଗୁଥାଏ ଲହଡି।
ହେଲେ ପ୍ରୀତିମୋର ଏକ ଶ୍ମଶାନ ତୁଳସୀ,
ମୃତ ମୃତ୍ତିକାରେ ଯାଏ ବାସ ତାର ମିଶି।
ପବନ ଯଦି ଥରେ ବୋହିନେବ ତା ମହାର୍ଘ ବାସକୁ,
ସୁଗନ୍ଧ ତାହାର ମହକାଇ ଦେବ ପ୍ରତିଟି ଶ୍ୱାସକୁ।
ଶ୍ମଶାନର ଶୂନ୍ୟତା ଭାରିହୁଏ ତା ପୂର୍ଣ୍ଣତା ଆଗରେ,
ତୁଳସୀ ଦୁଇପତ୍ରେ ବାସେ, ଏକଥା ଆଉ କେ
ପଚାରେ ?
ସ୍ଥିତି ତାର ଅଛି ହେଲେ ଗତି ବୋଧ ତାର ନାହିଁ,
ତାକୁ ସ୍ଥାନ ଦେଲାଭଳି ମନଟିଏ କାହିଁ ?
କେଉଁ ମହାତ୍ମା ବୁଝିବ, ମାହାତ୍ମ୍ୟକୁ ତାର,
ତୋଳି ନେଇ ସାଇତିବ ଅନ୍ତରେ ନିଜର ?
ମନକୁ ଦେଇଛି ମୁଁ ଯେ, ଜହ୍ନର ମୂଲ,
ତଥାପି ପ୍ରୀତି ମୋର ହୁଏ କଲବଲ।
କାହିଁକିନା ପ୍ରୀତି ମୋର ଶ୍ମଶାନ ତୁଳସୀ,
ପ୍ରତୀକ୍ଷାରେ ଝୁରେ ବସି ପ୍ରତି ଦିବା ନିଶି,
ପ୍ରୀତି ମୋର ଶ୍ମଶାନ ତୁଳସୀ।

*୨ୟ ବର୍ଷ, ରାଜନୀତି ବିଜ୍ଞାନ ବିଭାଗ*
*ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର*

# ବିଚିତ୍ର ସେ ଆଖି

♦ ଡକ୍ଟର ଆରତି କର

ନିର୍ନିମେଷ ନୟନରେ ଚାହିଁଥିଲି
ମୋର ଆଖି ଦିଓଟିକି
ଲାଗୁଥିଲା ଅତି ଆପଣାର
ଶୁଣିଥିଲି ଆଖି କଥା କହେ
କିନ୍ତୁ ଏତେ କଥା କହିପାରେ ବୋଲି
ବାସ୍ତବରେ ଅନୁଭବ କଲି,
ଲାଗୁଥିଲା ସ୍ୱଭାବ ସୁଲଭ ସରଳ ଢଙ୍ଗରେ
କହୁଅଛି କାହିଁ କେତେ କଥା
ବେଶ୍ ସବୁ ଶୁଣି ଗଲି ମୁଗ୍ଧ ଶ୍ରୋତାଭଳି
ନଥିଲା ତ କିଛି କାହିଁ ଦୁର୍ବୋଧ... ଅବୋଧ।
ଆଉଟିକେ ନିରେଖି ମୋ'ର ଏହି କାମନା-ବାସନା-ତୃଷ୍ଣାଭରା
ଅଳସ ଆଖିରେ
ତାର ପ୍ରଶାନ୍ତ ଆଖିକୁ ମନଭରି ଚାହିଁଲି
ମନେ ମନେ ସଙ୍କୁଚିତ ହେଲି
ତା' ଆଖିରେ ଆଖି ମିଶାଇ
ମନେହେଲା... ଜୀବନରେ ସବୁ ପାଇଗଲି।
ମୋ' ମନର କାମନା ବାସନା
ଛାଏଁ ଛାଏଁ ଗଲେ ଅପସରି
ଆସିଥିଲି ମାଗିବାକୁ କିଛି
ସେକଥା ମୁଁ ପୂରା ଭୁଲିଗଲି।
ଭାବୁଥିଲି ଦେଖୁନିତ କେହି
ଆମ ଏହି ଚାରିଚକ୍ଷୁ ବିସ୍ମିତ ମିଳନ
ସମାହିତ ପ୍ରଶାନ୍ତି ମୋ ମନେ
ଏହିତ ପୂର୍ଣ୍ଣତା....
ଅଭାବ କାହିଁକି କିଛି
ମାଗିବି ଜୀବନେ

*ବାଣୀବିହାର*

# ଆମ ରାଜ୍ୟ ରାଜନୀତି

♦ **ଶିବଶଙ୍କର ଦାସ**
ସ୍ନାତକୋତ୍ତର ଇତିହାସ ବିଭାଗ

ଆମ ରାଜ୍ୟ ରାଜନୀତି ଏଡେ ଯେ ଅଡୁଆ,
ଆମ ରାଜନୀତିରେ ଥାଏ କେତେ ପେଞ୍ଚ,
ଆମ ପୋଲିସି ବାବୁ ଅଟନ୍ତି ବେଶୀ ପଢୁଆ,
କାମ ନ କରନ୍ତି ପକେଟରେ ନ ପଡିଲେ ଲାଞ୍ଚ।

ଆମ ରାଜ୍ୟ ରାଜନୀତି କେତେ ଯେ ଅଡୁଆ,
ନେତାଗୁଡା ଅଟେ ଏତେ ଯେ ବଢ଼ିଆ,
ଶୋଷି ଶୋଷି ସେମାନେ ହେଲେଣି ଲଢୁଆ,
ମାରି ମାରି ପିଠିରେ ଆମ ସେ ଖୋଳିବେ ଗଡ଼ିଆ।

ଆମ ରାଜନେତା ଅଟନ୍ତି ତାଙ୍କରି ସମାନ,
ଶୋଷି ଶୋଷି ସେମାନେ କରିବେ ଆମକୁ ବାମନ,
ଫୁଲାଇ ଫୁଲାଇ ସେମାନେ କରିବେ ଆମକୁ ବାମନ,
ତେଣୁ ଭାଇ ଲୋକେ କହନ୍ତି:-
ରାତାରାତି ବଡ଼ ଲୋକ ହୋଇବାକୁ ଔକ୍ଷସଭ କର ରାଜନୀତି।
ବଡ଼ ବଡ଼ ନେତାଗୁଡ଼ା କରିବେ କାଙ୍ଗାଳ,
କୁଜି ନେତାଗୁଡ଼ା ଦରାଇବେ ହଳ ଲଙ୍ଗଳ,

ଚଳ ରାଜ୍ୟବାସୀ ଆଉ ହେବାନି କାଙ୍ଗାଳ,
ନିଜେ ନ ଧରି ଲଙ୍ଗଳ ନେତାମାନଙ୍କୁ କରିବା ପାଗଳ।

ଆମ ନେତା ସବୁ ଆମଠୁ ଶୋଷି ପାଖେ ରଖିଛନ୍ତି ବ୍ଲାକମନି,
ଆମଠୁ ଶୋଷି ପାଖେ ଶୁଆଉଛନ୍ତି ନିଇତି ଗୋଟାଏ ହନି,
ଆମ ରାଜନେତା ସବୁ ଏଡ଼େ ବେଇମାନ,
ନିଜ ସମ୍ମାନ ପାଇଁ କରନ୍ତି ଆମ ସଭିଙ୍କୁ ଅପମାନ।

ଜାଗ୍ରତ ହୁଅ ହେ ଏଥର ମୋହର ଭାଇ ଓ ଭଉଣୀ, ଭୋଅଟ
ଦେବା ଏଥର ରାଜନେତାଙ୍କ ସ୍ୱଭାବ ଜାଣି।

*୧ମ ବର୍ଷ, ସ୍ନାତକୋତ୍ତର ଇତିହାସ ବିଭାଗ*
*ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର*

# ଦୀକ୍ଷା

♦ ବ୍ରଜମୋହନ ମେହର

ହଁ
ତମେ ଦିଶଲ ବଲି ତୋ
ଆରୁ ମୋର ବଲବାର
ଶୁଭଲା ଗୁଟେ ସୋର
ହୃଦୟର ଅଂତରନୁ

ପୁରାପୁରି ମେଲା ରହିଥିଲେ
କେଜାନି କେନତା ରହିଥିବା ଯେ
କେଜାନି

ତମେ ଆଏଲ ବଲି ତୋ
ଆରୁତରେ ଅଁକରି ବସଲା
ଗଛ ପତର
ମୋର ଡୁଙ୍ଗରିବେ
ହେଲେ ହଉ ପଛେ
ଲଟାବୁଟା କି
ଭରତି ହର ପଛେ
ଉମୁର କଁଟା

ହଁ ତମେ ତ ଥିଲ
ମୋର ଭାଗ୍ୟନେ
ସାହି ଭରିଦେବାକେ
ଯଂତ୍ରଣାର
ବ୍ୟର୍ଥତାର କଲମନେ

ଆଭୁ କେତେ ଅନୁଭବର
କରାଇ ଆବିଷ୍କାର
କେତେବେଲେ
କଲମବସ ତୋ କେତେବେଲେ
ଭାସ୍କୋଡାଗାମା
ସଜେଇ ଦେଲ ମକେ

ମୁଁଇ ତୋ
ନେଇଁ ତାହିଁ ଥେଇ
କେତେବେଲେ
ପିଏଇ ପକାଇ କିଅର୍କେ ଗୋଡର୍ ପାଠ

ଭଲ କରି ସସମଝଇଛ ତମେ
ହେଇ ମୋର ଅଧ୍ୟାପିକା
ଜୀବନର ଫିଲୋସଫିକେ
ଚିନେଇ ଦଉଛ ମକେ

ଇଲ୍ୟୁଜନ୍‌ର ପ୍ରତ୍ୟେକ ଖେନା ଯେଖନାକେ
ଡାଲ ପତରକେ
ଆସ ହେଲେ
ସଜେଇ ଦିଅ ବୌଦ୍ଧ
ଗ୍ରମଣ କି ଭିକ୍ଷୁ
ଆସ ହେଲେ
ମୋର ହୃଦୟକେ
କରିଦିଅ ବୁଦ୍ଧ
ନେଇଁ ଦେଖୁ
ଯଶୋଦାରା କି ରାହୁଲର ସପନକେ

*ଗବେଷକ କଳା ବିଭୂଷଣ(ପିଏଚ ଡି) ବାଣୀବିହାର*

# ଏଠାକୁ ମୁଁ ଆସେ କାହିଁ ପାଇଁ
# ଏଠାକୁ ମୁଁ ଆସେ କାହା ପାଇଁ

♦ ଶରତ କୁମାର ପାଢୀ

ଜୀବନ ଦୌଡ଼ରେ ଦୌଡ଼ି ଦୌଡ଼ି
ନିସ୍ତେଜ ଲାଗିଲାବେଳେ
ଅଣନିଶ୍ୱାସି ହେଲାବେଳେ
ଏଠିକୁ ମୁଁ ଆସେ
କବିତାର ଅମ୍ଳଜାନ ଭରା ପବନଟିକିଏ ପାଇଁ
ନିଦ୍ୱନ୍ଦରେ ସ୍ୱଛନ୍ଦରେ ନିଶ୍ୱାସ ମାରିବା ପାଇଁ।।

ଏଠି କବିତାର ବସନ୍ତ ପବନ ବହେ
କବିତାର ଶାନ୍ତ ବର୍ଷା ହୁଏ
ଏଠି ଥାଆନ୍ତି କବିତାର ସ୍ୱଚ୍ଛ ଝରଣାମାନେ
କବିତାର ଚିରସ୍ରୋତା ଖରସ୍ରୋତା ନଦୀ ମାନେ
ଏଠି ଥାଆନ୍ତି କବିତାର ବରଫଭରା ତୁଙ୍ଗ ପର୍ବତର ଶୃଙ୍ଗ
ଯେଉଁଠାରୁ ଚିରସ୍ରୋତା କବିତାର ନୀଳ ନଦୀ ବହେ।।

ଏତିକି ଲେଖିଲା ବେଳେ
ମୋ ଶ୍ରୀମତୀ ଆସିଲେ ଓ ପଚାରିଲେ
ଏଥିରୁ ତୁମେ କେଉଁ ଶ୍ରେଣୀର
ବର୍ଷା ? ବସନ୍ତ ? ଝରଣା ? ନଦୀ ବା ଶୃଙ୍ଗ ?

ଉତ୍ତର ମୁଁ ଦେଲି
କବିତାର ମୁଁ ଏକ ଶୁଷ୍କ ନଦୀ
ଆଗରୁ ମୁଁ ଥିଲି ଚିରସ୍ରୋତା।।

କିନ୍ତୁ,
ମହାନଦୀର ଉପର ମୁଣ୍ଡରେ ବନ୍ଧ ବନ୍ଧାଇଲା ପରେ
ତଳକୁ ମହାନଦୀର ଅବସ୍ଥା ଯାହା
ବର୍ତ୍ତମାନ ମୋ ଜୀବନ ନଦୀର ଅବସ୍ଥା ତାହା
କଦବା କେବେ ବର୍ଷା ହେଲେ
ମୋ ଦେହରେ କିଛି ପାଣି ହୁଏ
ବର୍ଷା ନହେଲେ ମୁଁ ଶୁଷ୍କ ପଡିଥାଏ।।

ତଥାପି ରଖିଛି ଆଶା...
ଯେବେ ହେଲେବି, ଯେମିତି ହେଲେବି
ମୋ ଦେହେ ପାଣି ଆସିବ
ମୋ କୂଳରେ ଥିବା ବନାନୀ ଜୀବନ୍ତ ହେବ
କ୍ଷେତବାଲି ଶସ୍ୟ ଶ୍ୟାମଳ ହେବ
ତୃଷାର୍ତ୍ତଙ୍କ ତୃଷା ମେଣ୍ଟିବ

*୩୦୧, ଖାରବେଳ ନଗର-ଭୁବନେଶ୍ୱର*

# କେହି ଜଣେ ଡାକୁଥାଏ

♦ ଦେବାଶିଷ ପାତ୍ର

କେହି ଜଣେ ଡାକୁଥାଏ
ନଈ ସେପାରିରୁ
ଶୁଭିଯାଏ ସ୍ୱରଟିଏ
ଆପଣାର ପରି
ପବନ ଚହଟୁଥାଏ ବଗିଚାରେ
ଫୁଲ ଫୁଟେ ନୀରବ ମୁଦ୍ରାରେ ।

ପକ୍ଷୀଟିଏ ବସିଥିଲା
ଗୁମ୍ ଗୁମ୍, କଦମ୍ବ ଡାଳରେ
ଡାକ ଶୁଣି ଡେଣାଝାଡେ
କାନ ଡେରେ ଶୁଣିବାକୁ
ସେଇ ମିଠାଡାକ,
ଗଛଡାଳ ଭରିଯାଏ
ପକ୍ଷୀକାକଳୀରେ,
ଶ୍ରଦ୍ଧାରେ କଅଁଳେ ପତ୍ର
ପ୍ରେମରେ ବି ଫୁଟିଥାଏ
ମାଟିଦେହେ ଫୁଲର ପାଖୁଡା
ଧୂସରତା ଭରିଯାଏ
ଝୋଟିଚିତା ରଙ୍ଗେ
କେହି ଜଣେ ପୁଣି ଡାକୁଥାଏ ।
ନଈର ନାଉରୀ ସେ'କି
ଡାକୁଥାଏ, ନଈ ଘାଟ
ପାରିକରିବାକୁ, ନା
ଗାଈଆଳ ଟୋକାଟାକି
ଗୋଠେ ତା'ର ହଜିଥିବା
ଗାଈ ଖୋଜିବାକୁ ।

ନା, ନା କେହିବିତ ନୁହେଁ ।
ନାଉରୀଟା,
କୂଳରେ ତ' ଡଙ୍ଗାବାନ୍ଧି ଫେରିଲାଣି
ସୂର୍ଯ୍ୟବୁଡିବା ଆଗରୁ
କେତେବେଳୁ ଫେରିଲାଣି
ଗାଈଆଳ ଟୋକା
ତଥାପି ବି ଡାକ ଶୁଭେ ତୁହାଇ ତୁହାଇ
ଗାଁ ଦାଣ୍ଡ ଭରିଯାଏ ଖଇ, କଉଡ଼ିରେ ।।

*ରାଜଧାନି ମହାବିଦ୍ୟାଳୟ, ଭୁବନେଶ୍ୱର - ୩*

# ପରିଚୟ ଆମ ଓଡ଼ିଆ

♦ ସରୋଜ ରଞ୍ଜନ ପଟ୍ଟନାୟକ

ଆମେ ଓଡ଼ିଶାର ଓଡ଼ିଆ ପୁଅରେ
ଓଡ଼ିଆଣୀ ଆମ ମାଆ
ନଈ ବିଲ ବଣ ଆମ୍ବତୋଟା ଭରା
ହସି ଉଠେ ଆମ ଗାଁଆ ।
ଓଡ଼ିଆ ପଢିବା ଓଡ଼ିଆ ଲେଖିବା
ଏହା ଆମ ପରିଚୟ
ପାଠ ପଢିବି ନାଁ ଆ ରଖିବି
ଏକଥା ମନରେ କୁହ ।।
ପୂର୍ବରୁ ଓଡ଼ିଶା ପରାଧିନ ଥିଲା
ଖଣ୍ଡ ଖଣ୍ଡ ଥିଲା ରହି
ଏପ୍ରିଲ ପହିଲା ୯୩୬ ସାଲରେ
ସ୍ୱତନ୍ତ୍ର ପାଇଲା ଯାଇ ।
ଆମେ ଏ ମାଟି ମା'ର ସନ୍ତାନ
ଏକଥା କି ? ମନେ ନାହିଁ ।।
ଆସ ସର୍ବେ ମିଶି ସ୍ମରଣ କରିବା
ଏହି ଦିନଟିକୁ ପାଇ
ସେହି ଦିନ ଟିକୁ ଉଜ୍ଜୀବିତ୍ ପାଇଁ
ଉତ୍ସବ ହୁଏ ପାଳନ
ଏପ୍ରିଲ ପହିଲା ଉତ୍କଳ ଦିବସ
ଏକଥା ମନରେ ଜାଣ
ଚିହ୍ନିବା ଓଡ଼ିଆ ଜାଣିବା ଓଡ଼ିଆ
କହିବା ଓଡ଼ିଆ ଭାଇ
ଆମ ମାଟି ପାଣି ମା' ମାତୃଭାଷା
ରଖିବା ସଦା ବଞ୍ଚାଇ ।।

*ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର, ଭୁବନେଶ୍ୱର*

# ସବୁ ମିଛ

♦ ଅଞ୍ଜଳି ପତ୍ରୀ

ବେଳେବେଳେ ଇଚ୍ଛା ହୁଏ
ଡେଇଁଯାଇ ଶରୀରର ସବୁ ସରହଦ୍
ଆତ୍ମା ପାଖେ ପହଞ୍ଚନ୍ତି
ଜାଳିଦେଇ ନିର୍ବାଣର ଶିଖା ।
ଜହ୍ନ ତାରା ମିଛ
ଫୁଲ ଆଉ କଳି ମିଛ
ପ୍ରଜାପତି ଡେଣା ଝାଡେ
ଇନ୍ଦ୍ରଧନୁ ରଙ୍ଗ ଦିଏ
ଏବି ମିଛ
ମିଛପୂର୍ଣ୍ଣ ଜଗତରେ ଆଜି
ତୁମେ ଏକା ସତ

କାଇଁ ଏ ବି ଲାଗୁଥାଏ ମିଛ
କୁହ....
ତୁମେ କି ପାରିଛ ପଢି
ଦୁଃଖିନୀ ମା'ର ଲୁହ
ପ୍ରେୟସୀର ପ୍ରତୀକ୍ଷା
ସଖାର ଆକୁଳ ଆବେଦନ
ତୁମେ ଯାଇଛ ଯେ ଯାଇଛ
ଡାକ ଶୁଭେ ଖାଲି ଗୋପପୁରୁ
ଝଣିଆଡେ ମଧୁର ଆଲିଙ୍ଗନ
ପୁଣି ସବୁ ନିର୍ଜନ ।

# ଅନାଥର ନାଥ

♦ ଅଜିତ କହଁର

ସମୟ ଆଗରୁ କାଳ ପୁରିଗଲା
ଜୀବରେ ସନ୍ଧ୍ୟା ବାକି ରହିଗଲା ।
ପାଚିଲା ଆଗରୁ କଞ୍ଚା କାଢ଼ିନେଲା
କେମିତି ଗଢ଼ିଛି ଏ ଉପରବାଲା ।
ବଡ ହିନୀମାନୀ ଫଟା କପାଳ
ସହିବାକୁ ହେବ ବିଧାତାର ଖେଳ ।
ଚାଲିବାକୁ ହେବ ତତେ ବହୁଦୂର
ସମୟ ସାଜିଛି ତୋ ପାଇଁ ନିଷ୍ଠୁର ।
ମିଛ ଓ ମାୟାର ଏଇତ ସଂସାର
ମାନିବାକୁ ହେବ ସୃଷ୍ଟିର ବିଚାର ।
ପରକୁ ଆପଣା କରିବୁ ନିଜର
ଧରିନେବୁ ହାତ ଅନାଥ ଶିଶୁର ।
ଦୁନିଆରେ ଦେବୁ ପରିଚୟ ତାର
ନୁହେଁ ପୋଷ୍ୟ ପୁତ୍ର ରକ୍ତ ଅଟେ ମୋର ।
ହୋଇବ ସାହାରା ବୃଦ୍ଧକାଳେ ତୋର
ତା କାନ୍ଧେ ଦେଖିବାକୁ ମଶାଣୀର ଦ୍ୱାର ।
ଛାଇ ପରି ଥିବି ଚତୁପାର୍ଶ୍ୱେ ତୋର
ବୁଝୁନି ମୋ ଆତ୍ମା କାନ୍ଦୁଛି ଅନ୍ତର ।
ଶୁଭ ଦୃଷ୍ଟି ଥାଉ କାଳିଆ ଠାକୁର
ଏତିକି ମିନତୀ ତୁମ୍ଭଠାରେ ମୋର ।

*୫ମ ବର୍ଷ*

# ତୁମେ

♦ ସସ୍ମିତା ଘୋଷ

ତୁମେ ନୁହଁ ପଥରରେ ଖୋଦିତ ଲିପି
ଭାଙ୍ଗିଗଲେ ପଥର (ଲିଭିଯିବ)
ତୁମେ ନୁହଁ ଇନ୍ଦ୍ରଧନୁର ସପ୍ତରଙ୍ଗ
ବର୍ଷା ଚାଲିଗଲେ ହଜିଯିବ ।
ତୁମେ ନୁହଁ ସାଗରର ପାଗଳ ଉର୍ମି
ବାଲୁକାରେ ଛାତିରେ ମିଶିଯିବ,
ତୁମେ ନୁହଁ କାଗଜଫୁଲର ସୁଗନ୍ଧ
ଖେଳଟିଏ ଖେଳି ଉଡିଯିବ ।
ଆକାଶର ଦୁଷ୍ଟ ବିଜୁଳି ନୁହଁ ତୁମେ
ଅଳ୍ପ ସମୟ ପରେ ଲୁଚିଯିବ,
କାଚ ଆଇନାର ଛବିତ ନୁହଁ ତୁମେ
ପଡିଗଲେ ଆଇନା ,ଚାଲିଯିବ,
ତୁମେ ନୁହଁ ବାଲୁକାରେ ନିର୍ମିତ ମୂର୍ତ୍ତୀ
ସାଗରର ଢେଉରେ ଧୋଇଯିବ,
ଆକାଶର ଧୂମକେତୁ ନୁହଁତ ତୁମେ
ଦେଖା ଦେଇ କେଉଁଠି ହଜିଯିବ ।

*ଓଡ଼ିଆ ୫ମ ବର୍ଷ*

# ପାଷାଣର୍ ଗୀତ

♦ ଶୈଳେନ୍ଦ୍ର କୁମାର ଜେନା

ପାଷାଣ ବୋଲିତ' କେବେଠାରୁ ପଡିଅଛି ଦୁଆରେ ତୁମର
ମୋ ଦେହେ ପାଦ ରଖି ଦେଲେ ଭରିଯାଏ ସ୍ୱପ୍ନର ଜୁଆର
ଦାରୁଣ ସେ ବରଷାର ବାରିଧାରା, ଗ୍ରୀଷ୍ମର ତାତି
ତା'ଠାରୁ ଦାରୁଣ ଅଟେ ବିଚ୍ଛେଦର ରାତି ।

ପାଷାଣ ବୋଲିତ ପ୍ରେମର ସେ ମୁରଛନା ପାରେନା ମୁଁ ଶୁଣି
କଠୋର ମୋ ହୃଦୟରେ ଲେଖେ କେତେ ନିରବ କାହାଣୀ
ନିଜ କଥା ନିଜେ ଶୁଣି ପିଉଥାଏ ବିଷ ମୁହିଁ, ମରଣର
ମୋତେ ଅବା କିସ ଜଣା ମୂଲ ତୁମ ପରଶମଣିର ।

ରାତିର ଅନ୍ଧାର ତୁମକୁ ଖୋଜେ ମୋହର ଦେହରେ
ଚନ୍ଦ୍ରାଲୋକ ଆଙ୍କିଦିଏ ତୁମ ଛବି ଏ ନିଥର ରାତିରେ
ତୃଣଟିଏ କୁସୁମିତ ହେଉଥିଲା ମୋ ଦେହକୁ ଚିରି
ସେନେହେ ଯେବେ ତୁମେ ଆଉଁଶିଲ ମୋ ପଥର ତନୁ ।

ମୋ ଦେହରେ ପୁଣି କେବେ ଫୁଟିଗଲା ଫୁଲ
ପାଷାଣ ବୋଲିତ' ଜାଣି ପାରିଲିନି ତା'ର ମୂଲ
ନିଜକୁ ଚିହ୍ନେନା ବୋଲି ମୁଁ ପାଷାଣ ବୋଲାଏ
ଆତମା ମୋ, ମୃତ୍ୟୁର ଚାଦର ଘୋଡି ଶୋଇଥାଏ ।

ଆଜି କିନ୍ତୁ ସେ ଆତ୍ମାକୁ ତୁମେ ଦେଲ ଛୁଇଁ
ଯୁଗ ଯୁଗ ଅଂଧାରକୁ ସୂରୁଜ ଆସିଛି ଉଇଁ
ଅଶାନ୍ତ ମନର ଖାଣ୍ଡବ ବନ ଆଜି ହୋଇଛି ଶୀତଳ
ତୁମର ସ୍ୱରରେ ତୁମ ପ୍ରଶଂସାରେ ଶତମୁଖ ଆଜି ଏ ପ୍ରସ୍ତର ।

.....

# ସବୁତ ତୁମରି ଦାନ

♦ ବିଖ୍ୟାତ ବିହାରୀ ମିଶ୍ର

ଜୀବନରେ ଯାହା ମୋର ବୋଲି କହେ
ପ୍ରକୃତରେ ମୋର ନୁହେଁ
ସବୁ ତୁମ ଦାନ ମିଛେ ମୁହିଁ ଖାଲି
ମାୟାରେ ହିଁ ବାଇ ହୁଏ ।
ଆଜି ଯାହା ଅଛି ପାଶେ ମୋର ତାହା
କାଲିଥିବ ଆଉ କା'ର
ଆସନ୍ତା ଦିନରେ ସିଏ ପୁଣି ହେବ
ଆଉ କେଉଁ ଲୋକଟିର... ।
ମୋର କିଛି କେବେ ନଥିଲା ଏବେବି
କିଛି ନୁହେଁ ମୋର ସତେ
ତୁମ ଧନ ପାଇ ଅରଜିବି କହେ
ମୁଁ ଯେ ଅହଂକାରୀ କେତେ ।
କିଛି ସାଥେ ଆଣି ନଥିଲି ଏଣୁ ମୋ
ହଜିଲେ ବି ଦୁଃଖ ନାହିଁ
ଯାହା ନେଲି ତୁମ- ଠାରୁ ହେ ଈଶ୍ୱର
ଦେଲି ମଧ୍ୟ ତୁମ ପାଇଁ ।
ପରିବର୍ତ୍ତନ ହିଁ ସଂସାର ନିୟମ
ମାନିବାକୁ ହେବ ତାହା
ଜଗତ ସାଇଁ ହେ ଶୁଭ ବୁଦ୍ଧିଦିଅ
ଦେଖାଇ ଉଚିତ ରାହା ।

*ବଳରାମପୁର, ଯାଜପୁର*

# ମୁଁ ହୃଦୟ କହୁଛି

♦ ଦିପକ କୁମାର ପଣ୍ଡା

କୋଳାହଳମୟ ପରିବେଶ ଭିତାରେ କାହିଁକି କେଜାଣି
ବେଳେବେଳେ ଏକୁଟିଆ ପଣ ଭଲ ଲାଗେ
ଭଲ ଲାଗେ ସେହି ନିଷ୍ପାପ ମୁହୂର୍ତ୍ତି
ଇଚ୍ଛାହୁଏ ହୃଦୟର କେଉଁ ଏକ ନିଭୃତ କୋଣରୁ
ଏକ ଅଦୃଶ୍ୟତୂଳୀଟିଏ ଧରି ଆଙ୍କି ଦିଅନ୍ତି କି ଛବିଟିଏ
ରଙ୍ଗଭରି କରିଦିଅନ୍ତି ତାକୁ ଜୀବନ୍ତ
ଆଉ ଅନେକ ସମୟ ଧରି କଥା ହୁଅନ୍ତି ତା ସହ
ସବୁ ବ୍ୟଥା ସବୁ କଷ୍ଟର ପରିପ୍ରକାଶ କରିପାରନ୍ତି କି
ହାତ ଧରି ଚାଲନ୍ତି କି ଏକ ଅଜଣା ଦିଗରେ ଦୂରଦୂରାନ୍ତରକୁ
ସୁଖ ଆଞ୍ଜୁଳାଏ ହୁଅନ୍ତାକି ଅଜାଡି ଦିଅନ୍ତି ତା'ପାଦପଦ୍ମତଳେ।
ଇନ୍ଦ୍ରଧନୁର ସାତରଙ୍ଗଟିଏ ଆଣି ବୋଳି ଦିଅନ୍ତି କି ତା'ପାଦରେ
ଆଉ ପାଦଚିହ୍ନକୁ ସାଇତି ରଖିବାର ପ୍ରୟାସ କରନ୍ତି
କି ଏକ ମବଭଙ୍ଗବଶ୍ବ ଉପରେ
ସାଗରର କୂଳେ ବସି କୂଳଲଘିଁତ ଜୁଆରକୁ ତୋଳି ଧରିବାର
ପ୍ରୟାସ କରନ୍ତି କି
ଆଉ ନୀଳ ଜଳରାଶିକୁ ଚାହିଁ ସମୟ ବିତାଇ ଦିଅନ୍ତି
ଜୀବନର ନିଷ୍ଠୁରତା ଓ ସତ୍ୟତା ଉପରେ ବିତର୍କ କରନ୍ତି କି
ଆଉ ଅସୁମାରୀ ହସ ଭରି ଦିଅନ୍ତି କି ତା'ର ଗୋଲାପୀ ଓଠରେ
ସମୟକୁ କହି ଆଉ କିଛି ସମୟ ଧାର ଆଣି ଦିଅନ୍ତି
ଆଉ ମୋ ସୃଷ୍ଟିକୁ ଚାହିଁ ରହନ୍ତି।
ଅସମ୍ଭବକୁ ସମ୍ଭବ କରିବାର ମୋର ଏକ ବୃଥା ପ୍ରୟାସ
ଏତ ମୋର ଦିବା ସ୍ୱପ୍ନ! ଦିବାସ୍ୱପ୍ନ! ଦିବିସ୍ୱପ୍ନ!!!

ଚ.ଏ ଉରକ୍ତବକ୍ସଙ୍କରଭକ୍ସ କ୍ଟଲ ତକ୍ଟକ୍ଟକ୍ଷକ୍ଟଶଛ,
ଗ.ଶ୍ବମ ଝରମବଭୟ ଛରବକ୍ସ.

# ନୀରବତା

♦ ଦିପକ କୁମାର ପଣ୍ଡା

ଜୀବନ ଏକ ନିକାଞ୍ଚନ ରାସ୍ତା ଯାହା ନୀରବତାରେ ପୂର୍ଣ୍ଣ
ଆଉ କିଛି ଥୁଣ୍ଟା ଗଛ ଓ ବୁଢିଆଣୀ ଜାଲର ସମାହାର
ଏଠିବି ଜୀବନକୁ ଜିଇଁବାର ପ୍ରୟାସ ହୁଏ।
ଡାଳରୁ ଡାଳକୁ ଯୋଡି ଜାଲଟିଏ ବୁଣିବାର ମହତ୍ତ୍ୱାକାଙ୍କ୍ଷା
କିନ୍ତୁ ପବନଟାଏ ସବୁକିଛି ଓଲଟପାଲଟ କରିଦିଏ।
ନୀରବତାର ଶିରାପ୍ରଶିରାକୁ ଭେଦକରି ଜାଲଟିକୁ ଛିଡାଇ ଦିଏ।
ପବନ କାହୁଁବା ଜାଣିବ ନୀରବତାର ମହତ୍ତ୍ୱ କଣ ?
ପ୍ରଜାପତିଟିଏ ହୋଇ ଫୁଲରୁ ଫୁଲକୁ ଉଡିବାର ପ୍ରୟାସ କରେ
ମନରେ ରାଗ, ଦ୍ୱେଷ ଓ ଅହଂକାର କିଛି ବି ନଥାଏ
ମାତ୍ର ସେ ଜାଣି ନଥାଏ ଯେ ଶିକାରୀର ଶିକାରରେ
ଡେଣା ଝାଡି ନିସ୍ତେଜ ଓ ନିଃସହାୟ ହୋଇ ତଳେ ପଡିଯିବ,
ଶିକାରୀ କାହୁଁବା ବୁଝିବ ନୀରବତା କ'ଣ ?

ଚ.ଏ ଉରକ୍ତବକ୍ସଙ୍କରଭକ୍ସ କ୍ଟଲ ତକ୍ଟକ୍ଟକ୍ଷକ୍ଟଶଛ, ଗ.ଶ୍ବମ
ଝରମବଭୟ ଛରବକ୍ସ.

# ଭିଜା ହୃଦୟ

♦ କରୁଣାକର ସିଂ

ହସିବାର ମାନେ ନୁହେଁ
ଯେ, ମୁଁ ଖୁସିରେ ଅଛି
କାନ୍ଦିବାର ମାନେ ନୁହେଁ
ଯେ, ମୁଁ ଦୁଃଖରେ ଅଛି
ଏହାର ମାନେ ତୁମେ କୁହ.... ? ? ?
ଚାତକ ପକ୍ଷୀ ସାଜିଥିଲି
ମୁଁ
ଖାଦ୍ୟର ପ୍ରଲୋଭନ ଦେଖାଇ
ନେଇ ଆସିଲ ଏ ଧରାକୁ
ହେଲେ ମୁଁ ଜାଣେ ନା
ଏ ଖାଦ୍ୟର ମହତ୍ତ୍ୱ ।
ତୁମକୁ ନେଇ କେତେ ଯେ
ଭାବିଥିଲି
ସ୍ୱପ୍ନର କୋଣାର୍କ ଗଢିଛି
ହେଲେ ଚୂଳି ମାରିବା ବାକିଥିଲା.....
ତୁମେ କି'ବା ବୁଝିବା ଏ ଚୁଳିର ମୂଲ୍ୟ
ଗଢିବା ଶିଖିଥିଲି ହେଲେ
ଆଜି ମୋତେ ଭାଙ୍ଗିବା
ଶିକ୍ଷା ଦେଇଛ

ଠିକ ଅଛି...... !
ମରିଚିକା କିଅବା ଶୋଷ ମେଣ୍ଟାଇବ ।
କିଅବା ଦୋଷ କରିଥିଲି
ଖାଲି ଡଷବଷ୍ପସ୍ପବକ୍ସକ୍ସ ରେ
ଝସ୍ପବଷ୍ପଙ୍କସ୍ପ ଦେଇଥିଲି
ଡଷବଷ୍ପସ୍ପବକ୍ସକ୍ସ  ବନ୍ଦ କରିବି ବୋଲି ।
ଏତିକି ଦୋଷରେ
କେତେ ଯେ ଲୁହ ଦେଇଛ
ସୀତାଙ୍କୁ ଚୋରୀ କରିଥିଲେ
କେତେ ଯେ ପାଇଥାନ୍ତି..... ।
କିଏ ଜାଣେ କେବେ ପୁଣି ହେବ
ତୁମ ସହ ସାକ୍ଷାତ୍
ଯାହାପାଇଁ ମୋ ଜମୁନା ଆଖିରେ
ଆଜି ଜଳ ଜଳ ବରଫ ଖଣ୍ଡ ।
ଆଖିରେ ଏତେ ସ୍ୱପ୍ନ
ହେଲେ ରାତି ଛୋଟ
କ'ଣ କରିବି
ଆଲାରାମ ବାଜିଲା ଉଠିବାକୁ ହବ
.........

# ସ୍ୱପ୍ନର ନାୟିକା

♦ ଶିବଶଙ୍କର ଦାସ

ହେ ମୋର ନାୟକ ଜୀବନର ପ୍ରଥମ ନାୟିକା,
ମନେ ଲେଖିଯାଅ ସ୍ୱପ୍ନେ ଆଙ୍କିଯାଅ
ତୁମେ ପ୍ରେମଗାଥା ଗାୟିକା ।
କେବେ ଚାଲିଆସ କେବେ ଚାଲିଯାଅ
ନଥାଏ ତୁମର ଦେଖା,
ଏ ଜୀବନେ ଯଦି ମୁଁ ମରିଯାଏ ହେବକି ତୁମର ଭେଟ
ତୁମ କଣ୍ଠେ ଯେବେ ଶୁଭଇ ଆହା ପ୍ରେମର ମଧୁର ସ୍ୱର,
ମମ ନେତ୍ରେ ତବେ ଝରୀଯାଏ ଆହା ଝରଣା ଝର୍‌ଝର୍ ଝର୍ ।
ନିଦରେ ଆସୁଛ, ସପନେ ଆସୁଛ କେବେ ତ ଆସୁନ ସତରେ,
ଆମ ପ୍ରେମଗାଥା ଲେଖୁଛିତ ଆଜି; ମୁଁ ପରା ମୋ ଗୀତରେ ।
ଦେଖୁଛି ସପନ ପାହୁଛି ରାତି, ମନରେ ବଢୁଛି ସେତିକି ତାତି,
ଆଜି ହେଲେ ନାହିଁ କାଲି ଦେଖାଦିଅ ତୁମେ ମୋ ଜୀବନ ସାଥି ।
ଏ ନିଛାଟିଆ ଅନ୍ଧାର ରାତ୍ରିରେ ମୁଁ ଗୋଟେ ପ୍ରେମୀ ପାଗଳ,
ଦେଖା ଦେଇ ସାଥି ଚାଲିଯାଅ ପଛେ, ବଢିଯାଉ ମୋ ମନର ବଳ ।
ଭାଙ୍ଗି ଭାଙ୍ଗି ଯାଏ ମନଟା ମୋହର ତୁମରି ପାଇଁ ଆଜି,
ସତରେ କେବେ ଦେଖାଦେଇ ଯିବ ହୋଇଯାଅ ତୁମେ ରାଜି ।
ଏଘନ ଅନ୍ଧକାରରେ ପ୍ରିୟା ଖୋଜିବୁଲେ ମୁଁ ତୁମକୁ,
ଖୋଜି ଖୋଜି ଯେବେ ଥକି ପଡିଥାଏ, ଆଉ ନଯାଏ ଆଗକୁ ।
ଏ ଧରା ଧାମରେ ତମେତ କୋଇଲି ମୁଁ ଅଟଇ କାକ,
ତୁମର ମୋର ମିଳନ କି ହୋଇବ ଏହି ମୋ ଜୀବନ ଯାକ ।
ଦେଖାଦିଅ ସାଥି ଦେଖାଦିଅ ସାଥି କହୁଛି ମୁଁ ଶେଷଥର,
ଏ ଜୀବନେ ଯଦି ଦେଖା ନ ଦିଅ ସାଥି ମୋ ଜୀବନ ହେବ ପର ।

*ସ୍ନାତକୋତ୍ତର ଇତିହାସ ବିଭାଗ*
*ପ୍ରଥମବର୍ଷ*
*ଉତ୍କଳବିଶ୍ୱବିଦ୍ୟାଳୟ, ବାଣୀବିହାର - ଭୁବନେଶ୍ୱର*

# ଅବଶୋଷ

♦ ହିମାଦ୍ରୀ ତନୟା ମିଶ୍ର

ଅବଶୋଷ ଯେବେ ସ୍ମୃତି ଆକାଶରେ
ଝରଇ ଶ୍ରାବଣ ହୋଇ
ହୃଦୟ କି ତାକୁ ପାରିବ ବୁଝାଇ
ଲିଭିବ ମନର ଜୁଇ– ଘୋଷା...
କିଏ ମା ବୁଝିବ ଅନଳ ଅନ୍ତର
ଜଳେ ପୁଣି କାହା ପାଇଁ
ନିଜେ ନଦୀ ହୋଇ ସୀମାହୀନ ଶୋଷେ
ଭରୁଥାଏ ରହି ରହି
ନିରୋଳା ଲଗନେ ଅନାମନା ମନେ
ଅନୁରାଗ ଭାବୁଥାଇ
ଛୁଇଁବା ଆଗରୁ ଅପସରି ଯାଏ
ତୁମ ଛବି କାହିଁ ପାଇଁ
ଯେମିତି ଅନ୍ଧାର ଛାଇ ।

# ଦୁଃଖିନୀ ଶ୍ରୀରାଧା

♦ ବାପି ବତ୍ସଳ

ତମ ବଂଶୀସ୍ୱର ଶୁଣିଲେ ମତେ ଲାଗେ
ତମେ ମୋତେ ଡାକ ନାଁ ଧରି
ସତରେ ...ହଁ.. ଖାଲି ସେତିକି ନୁହେଁ
ତୁମରି ଚେହେରା ଦେଖିଲେ ଜଣାପଡେ
ତୁମେ ରଙ୍ଗହୀନ କଳା ରାତି ପରି ଆସ
ତୁମକୁ ନଦେଖିବା ପାଇଁ ଆଖି ବୁଜି ଦେଲେ
ତୁମେ ହୃଦୟରେ ଦିଶ !

ତମେ କ'ଣ ସତରେ ନାହିଁ, ନାଁ
ଯେତେ ଯିଏ କହିଲେବି
ନଶୁଣି ଆଜି କାହାରି କଥାକୁ
କାହିଁକି ନାଁ ତୁମରି ଆୟୁଷ ପାଇଁ କରିଛି ବିଚାର
ମଥାରେ ଦେଇଛି ଲମ୍ବା ସିନ୍ଦୁରର ଗାର !

ତୁମରି ଜୁଇରେ ଜଳି
ପାଉଁଶ କରିଦେବି ନିଜକୁ
ତୁମରି ସାଥିରେ ମରି
ମିଶାଇବି ନିଜ ଶରୀରକୁ
ଧୂଳି ହେଇ ଉଡିଯିବା ପାଇଁ
ରହିଥିବି ସାହିତ୍ୟ ପୃଷ୍ଠାରେ
ଚୀର ଦିନ ଯୁଗ ଯୁଗ ପାଇଁ ।

*୫ମ ବର୍ଷ*

# "ଅନନ୍ତାର୍ ଆତ୍ମକଥା"

♦ କାହ୍ନୁ ଚରଣ ଜେନା

ହରିବୋଲ ହୁଳହୁଳିରେ ସେ ଦିନ କମ୍ପି ଉଠିଥିଲା ଗାଁ
ମୋ ପାଟିରୁ ଶୁଭୁଥିଲା 'ପକାଅ ମାଟି'ର ଚିତ୍କାର
ଚାହୁଁ ଚାହୁଁ ବୁଡି ଗଲି ମାଟିର କୋଳରେ
ତଥାପି ଢିଙ୍କିର ଢେରେ କବାଟକୁ ରଖି
ଥାପି ଦେଇଥିଲି ପିଠି ଅତଡା ଦେହରେ ।

ସେତେବେଳେ ମନେ ମୋର ଚିତ୍ରିତ ଅନେକ ଛବି
ମୁଁ ଅନନ୍ତା, ରାଣ୍ଡି ପୁଅ ଅନନ୍ତା
ଦେବକୀର ଗେଲ୍ଲାପୁଅ
ସୁବଳର ଭବିଷ୍ୟତ
ମୁକୁନ୍ଦର ଚପଳ ଆଖିରେ ମୁଁ ସେହି ଅମାନିଆ ବନ୍ଧୁ ।

ମୋର ଠିକ୍ ମନେ ଅଛି,
ଅବଧାନ ବେତମାଡେ ନୋଳା ଫାଟିଥିବା ଏ ପିଠିମୋର
ଦିନେ ଆଉଜି ଯାଇଥିଲା ମୃତ୍ୟୁର କୋଳକୁ
ତା'ପରେ ଦେବକୀ ସିଂହାଣୀର କାନ୍ଦରେ
ଫାଟି ପଡିଥିଲା ଆକାଶ
ଆବାକ୍ ଜନତା, ଏଦୃଶ୍ୟ ଦେଖି
ସତେ ଯେପରି ଆବାକ୍ ହୋଇଥିଲେ ସୁଭଦ୍ରା
ବୀର ପୁତ୍ର ଅଭିମନ୍ୟୁର ବନ୍ଧରେ ।

ମୋତେ ଆଗରୁ ଚିହ୍ନିଥିଲା କିଏ ?
କିଏ ବା ଭାବିଥିଲା ବିଛୁଆତି ଦେହରେ
ଫୁଟି ଉଠିବ ତୁଳସୀର ବାସ ?
ଅବା କିଏ ଜାଣିଥିଲା ? ଦେବକୀର ଏ ଗେହ୍ଲାପୁଅ
ଜୀବନ ଢାଳିଦେବ ନିଜଗାଁ ନିଜ ଜନ୍ମ ମାଟିପାଇଁ
ଆଉ ନିଜକୁ ସମର୍ପି ଦେବ ଏ ଉଛୁଳା ନଈରେ ।

*୫ମ ବର୍ଷ*

# ସମର୍ପଣ

♦ ବନିତା ହୁଇକା

ଗଛରେ ହିଁ ଫୁଲ ଫୁଟି ମାଳ ମାଳ
ଝଡିଯାଏ ଗଛତଳେ,
ଆପେ ଆପେ ଆସି ମଥାରେ ପଡେନା
ଠାକୁରଙ୍କ ପାଦତଳେ ।
ଶୁଦ୍ଧ ପୂତ ହାତ ଅଟଇ ପବିତ୍ର
ଫୁଲଟିଏ ଦେବା ପାଇଁ,
ଫୁଲ, ଧୂପଦେଇ ଶରଣ ପଶିଲେ
ପ୍ରଭୁ ନିଅନ୍ତି କୋଳେଇ ।
ଭୋଗର ସାମଗ୍ରୀ ଭରପୁର ଥିଲେ
ଠାକୁର ଖାଆନ୍ତି ନାହିଁ,
ନିର୍ମଳ ମନର ହୁଏ ଆବଶ୍ୟକ
ହୃଦୟରୁ ଅର୍ଘ୍ୟ ଦେଇ ।
ଧନ ଲୋଡା ନାହିଁ ମନଟିଏ ଦେଇ
ଠାକୁରଙ୍କୁ ପୂଜା କର
ଭୋଗ ଲୋଡା ନାହିଁ ଫୁଲଟିଏ ଦେଇ
ତାଙ୍କୁ ସମର୍ପଣ କର ।
ଆଖିର ଲୋତକ ମନର ଆବେଗ
ତ୍ୟାଗ, ସମର୍ପଣ ଭାବ ।
ବିଭୁଙ୍କ କରୁଣା ହୁଏ ସିନା ଊଣା
ଥିଲେ ଅହଂକାର, ଗର୍ବ ।
ଏହି ସଂସାରରେ ଯାହା ମୁଁ ଦେଖୁଛି
ନୈବେଦ୍ୟ କଛି ପାଏନା,
ତୃଣଠାରୁ ଦ୍ରୁମ ଅଣୁ ପରମାଣୁ
ସବୁ ତ ତୁମ ସର୍ଜନା ।

*୫ମ ବର୍ଷ*

# ବିବେକେ

♦ ଚକ୍ରଧର ତ୍ରିପାଠୀ

ମନ ଭାସି ଯାଏ ବିଜୁଳିର ସମ
ନମାନି ତା ବାଧା ବିଘ୍ନ
ବିବେକ କଥାକୁ ହେୟ ମନେ କରି
ସମ୍ପର୍କ କରିଣ ଛିନ୍ନ ।
ବିବେକୀ ଲୋକର ବିବେକ ପଣିଆ
ଅଟେ ପାଶୁପତ ଅସ୍ତ୍ର
ବିବେକ ବିହୀନ କାର୍ଯ୍ୟ ଯେ ଅଟଇ
ଶତ୍ରୁ ଅରଜନ ମାତ୍ର ।
ବିବେକ ବୋଲି ଯା ଶବଦଟି ଭାଇ
ନାହିଁ କେଉଁ ଜୀବ ପାଶେ
ମନୁଷ୍ୟ କେବଳ ଅଧିକାରୀ ତାର
ଧନ୍ୟ ତା ଜନମ ବିଶ୍ୱେ ।
ସ୍ୱାର୍ଥପର ନର ଭୁଲିଣ ବିବେକ
ସ୍ୱାର୍ଥରେ ଥାଏ ସେ ମାତି
ବିବେକକୁ ତାର ଦେଇ ଜଳାଞ୍ଜଳି
ଭୁଲି ଯାଏ ନୀତିଗତି ।
ପର କଥା ଶୁଣି ମନେ ମନେ ପୁଣି
ସୂତାକୁ ବେତାଏ କରେ
ଆକାଶ କଇଁଆ ଚିଲିକାର ମାଛ
ତା ମୁଖ ମଣ୍ଡଳୁ ଝରେ ।

ଜଣଙ୍କର କଥା ଶୁଣି ଅନ୍ୟ ପାଶେ
କହିବା ସ୍ୱଭାବ ତାର
ଚୁଗୁଲି ନ କଲେ ଛାତି ତା ଫାଟିବ
ଚୁଗୁଲିଆ ପଣ ସାର ।
ସମାଜେ ବିଭ୍ରାଟ ଯେତେ ଯା ଘଟୁଛି
ଚୁଗୁଲିଆମାନେ ମୂଳ
ପରିବାର ଅନୁଷ୍ଠାନ ଯେତେ ଯେତେ
ପୂରିଯାଏ ତାର କାଳ ।
ବେଳ ହୁଁ ସତର୍କ ନହେଲେ ଟି ଭାଇ
ଭୋଗିବା ତାହାର ଫଳ
ସଂସାର ମଧରେ ଅବିଶ୍ୱାସ ମିଛ
ବଢ଼ି ଯିବ ବେଲୁ ବେଲୁ ।
ଏ ସମୟେ ଏକା  ସହାୟ କାଳିଆ
ଆନଗତି କିଛି ନାହିଁ
ବିବେକୀ ବିବେକ ଆହୁଲାଟି ମାତ୍ର
ଭବ ସାଗରୁ ତରିବା ପାଇଁ
ଭବ ସାଗରୁ ତରିବା ପାଇଁ

*୫ମ ବର୍ଷ*

# ମୁଁ ଜାଣିଛି ତୁମେ ଆସିବ

♦ ଦର୍ପଦଳନ ରଥ

ମୁଁ ଜାଣିଛି ତୁମେ ଆସିବ !
ଯେବେ ଯଉବନ ଲୀଳାଖେଳା ମଧ୍ୟେ
ମନେ ମନେ ତୁମେ ହେଜିବ,
ଯେବେ ସଂସାରର ଭଉଁରୀ ଭିତରେ
ପାଦ ଧୀରେ ଧୀରେ ଆଣିବ,
ମୋର ମନର ଏ ଦୁଆରବନ୍ଧକୁ ତୁମ ଶିରୀପଦ ଡେଇଁବ,
ମୁଁ ଜାଣିଛି ତୁମେ ଆସିବ ।

ଲାଭ ଓ କ୍ଷତିର ଅଙ୍କକୁ ମନରେ
ଯେବେ ନେଇ ଥରେ କଷିବ,
ବିନ୍ଦୁ ବିନ୍ଦୁ ଦେଇ ସରଳରେଖାକୁ
ମନ ମନ୍ଦିରରେ ଟାଣିବ,
ଟେଉଁଠାରେ ତୁମେ ଖୋଜିଲା ବେଳକୁ
ମୋର ଉପସ୍ଥିତି ପାଇବ,
ସେ ସମୟେ ତୁମେ ଆସିବ ।

ଜାଣି ନାହିଁ କେବେ ଆସିବ !
ହୃଦୟ ଝରକା ଖୋଲି ଯେଉଁଦିନ ମୋତେ
ଲାଜେ ଲାଜେ ଚାହିଁବ
ପାଦ ଆଙ୍ଗୁଠିରେ ଗାର କାଟି କାଟି
ଅନ୍ତରକୁ ମୋର ଦହିବ
ମୋର ସୁଖ ଦୁଃଖ ଅଳି ଅର୍ଦ୍ଦଳିକୁ
ପ୍ରାଣସ୍ପନ୍ଦନରେ ସହିବ
ସେ ସମୟେ ବୋଧେ ଆସିବ ।
ତୁମେ କୁହ କେବେ ଆସିବ ?

ଧୀରେ ଧୀରେ ଆସି ପାଖେ ଠିଆହୋଇ
ଚୁପି ଚୁପି କଥା କହିବ
ଢଳ ଢଳ ତୁମ ନୟନ ଯୁଗଳ
ମନର କଥାକୁ କହିବ,
ମୋ ଜୀବନେ ଆସି ଜୀବନକୁ ମୋର
ତୁମ ସ୍ମିତହସେ ମୋହିବ
ବୋଧେ ଟିକେ ଡେରି କରିବ
ହେଲେ, ମୁଁ ଜାଣିଛି ତୁମେ ଆସିବ ।

*୫ମ ବର୍ଷ*

# ବର୍ଷା ପାଇଁ ପଦେ

♦ ସୁଶାନ୍ତ ଭୁତିଆ

ବର୍ଷା ଆସରରେ ବର୍ଷା କାଚିଦେଲା
ମାନ୍ଦା ମାନ୍ଦା ପରିବେଶ,
ବରଷାର କଥା କହିବେ ବୋଲିକି
ସୂର୍ଯ୍ୟ ଅବା କରେ ରୋଷ
ଦୟାକରି ଆହେ ପ୍ରଭୁ ସୂର୍ଯ୍ୟଦେବ
କ୍ଷମା କର ଆମ ଦୋଷ।

ଧାଇଁ ଆସିଅଛୁ କାହୁଁ କେତେ ବାଟୁ
କବିତାଟେ ଶୁଣିବାକୁ
ଜଡସଡ ଓଦା ମୋ ସାରା ଶରୀର
ଦୋଷ ମୁଁ ଦେବି କାହାକୁ
ମାଥେ ଥୋଇ ମୋ ହାତକୁ
ଚିନ୍ତା କରେ ବସି ଏ ବର୍ଷା ଆସର
ପୁଣି ଭିଗାଇବ ଦେହକୁ।

ଦେଖେ ଏଠି ବସି କେତେ କବିଗଣ
ବସିଛନ୍ତି ଆନନ୍ଦରେ
କବିତା ଶୁଣିକି ଗାଇବେ କବିତା
ଭିଜାଇବେ ପ୍ରେମ ବର୍ଷାରେ
ପାଣି ଭିଜି ଦେହ ଥରେ
କବିତା ଆସର ଭଲରେ ସରିଲେ
ମା' ଷଳପଦେଶ୍ୱରୀଙ୍କୁ
ମୁଣ୍ଡିଆ ମାରିବି ଖୁସିରେ।

*ଷଷ୍ଠବର୍ଷ, ଓଡ଼ିଆ ବିଭାଗ*

# ତୁମ ଅପେକ୍ଷାରେ

♦ ସୁମିତ୍ରା ନାୟକ

ରାତି ଯାଇ ଭୋର ହେଲାଣି
ଜହ୍ନ ଥାଉ ତାରା ବି ଲେଉଟିଲେଣି
ନିଜ ନିଜ ଘରକୁ
ତଥାପି !
ମୁଁ ଖୋଲା ରଖିଛି ମୋ କବାଟ
କାହିଁକି ?
ତୁମେ ପରା କହିଥିଲ ଆସିବ ବୋଲି
ଦେଖୁଛି
ମୋ' ଆଖିର ଏ ନାଲି ରଙ୍ଗକୁ
କେମିତି ସାରାରାତି ଅପେକ୍ଷାର
ଦୀପ ଜାଳିଛନ୍ତି ତୁମ ପାଇଁ
ହଁ ! ବିଶ୍ୱାସ ବି ଟଳମଳ ହୋଇଛି
ତୁମ ଆବର୍ତ୍ତମାନରେ
ଆଉ ସ୍ୱପ୍ନମାନଙ୍କ କଥା ତ ଛାଡ
ସେମାନେ କ'ଣ କମ୍ ହଇରାଣ
କରିଛନ୍ତି ମତେ
ସାରାରାତି ଇତସ୍ତତଃ ଘୁରି ବୁଲିଛନ୍ତି
ନିଦକୁ ଖୋଜିବାରେ
ହେଲେ ମୁଁ ବି କୋଉ ହାର୍ ମାନୁଛି
ପଲକର ବାଡ ଡେଇଁ
ଏପଟକୁ ଆସିବାକୁ ଦେଇନି
ଡରିବା କଥା କହୁଛ ?
ସତ କହୁଛି
କାଲି ମୁଁ ଜମା ବି ଡରିନି
କାହିଁକି ?
ମୁଁ କ'ଣ ଏକା ଥିଲି ଯେ ଡରିବି
ତୁମେ ଆସିବାର ଆଶାଟି ପରା
ମୋ ସହ ଥିଲା।

*ସ୍ନାତକୋତ୍ତର ପ୍ରଥମବର୍ଷ, ଓଡ଼ିଆ ବିଭାଗ*

# ମିଛ ସମ୍ପର୍କ

♦ କବି ବେଦ ପ୍ରକାଶ ନାୟକ

ସତୀତ୍ୱର ଦ୍ୱାହି ଦେଇ ଦେଇ
ତୁମେ ବନ୍ଦ କରି ଦେଲଣି
ଏ ଖେଳଣା ପୁରୁଷର ଚାବିକାଠି ।
ଏବେ ଆଉ ଥେଇ ଥେଇ ହୋଇ ନାଚିବିନି
ନା ତୁମ ସ୍ୱର୍ଶରେ ନା ବିମର୍ଶରେ
ଭୁଲିଯିବାର ବେମାରଟା ବୋଧେ ମୋର ଅଛି
ନହେଲେ, କାହିଁକି ଲିଭିଥାନ୍ତା ସେ ଧାଡିଟି (ମନରୁ)
ଯେଉଁ ଧାଡିରେ ଲେଖା ଥିଲା
"ରାହାସ ମୁଦ୍ରାରେ ମାର୍ବଲ ମୁର୍ତ୍ତୀ ହୋଇଥିବା
କେଶବ ସଙ୍ଗିନି କୁ
ମୁଁ ଏକାକି ଶାଳଗ୍ରାମ ଭାବିନେଲି"
"ସତ କହ ତୋ ମିଛ ପାଟିରେ
ତୁ କଣ ସେ ରାବଣକୁ ଡରୁଛୁ
ଯିଏ ରାକ୍ଷଶର ରୂପ ହୋଇ
ତୋ ଦେବିତ୍ୱର ପୂଜା କରୁଛି ??"

*କୁଜଙ୍ଗ (ବଳରାମ ପୁର)*

# କଳାକାର୍

♦ ଚନ୍ଦନଲାଲା ତେୱାରି

ଲୋତକର ବନ୍ୟାରେ
ଭାସିଯାଏ ସ୍ୱପ୍ନର ସୌଧ
ଅଶାନ୍ତ ମନରେ
ନାନା ଅନାବନା ପ୍ରଶ୍ନର ଭିଡ
ଦିଗ୍‌ବଳୟ ଧାରେ ଲୁଚି ଯାଉଥିବା ସୂର୍ଯ୍ୟ
ଦୁର୍ବଳ ଶରୀରରେ ମୋର
ସୁନେଲି ରଂଗ ଲେପିଦିଏ ସିନା,
କାହା ମୁଁହରୁ ପଦେ କଥା ଉଚ୍ଚାରିତ ହୁଏନା
ସାନ୍ତ୍ୱନା ଦେବା ପାଇଁ ।

ଆଉ ଥରେ ସ୍ୱପ୍ନ ଅସତ୍ୟ ହେବା ଆଶଙ୍କାରେ
ଏକାକୀତ୍ୱର ଲେଲିହାନ ଶିଖାରେ
ପାଉଁଶ ହେଉଥାଏ କ୍ଷତାକ୍ତ ହୃଦୟ ମୋର
ହତାଶର ଦୀର୍ଘଶ୍ୱାସ ଛାଡି
ବିଶ୍ରାମ ଟିକେ ନେଲା ବେଳକୁ
ଜୀବନ ଜଞ୍ଜାଳର ତାଡନାରେ
ଅଗତ୍ୟା ଉଠିବାକୁ ପଡେ
ଲୋତକ ଶୁଖିବା ଆଗରୁ
ବାଧହୋଇ ହସିଥାଏ ଅନିଚ୍ଛାସତ୍ତ୍ୱେ ।

*ପ୍ରାକ୍ତନ କର୍ମଚାରୀ, ଉତ୍କଳ ବିଶ୍ୱବିଦ୍ୟାଳୟ*

# ସଜନୀ

♦ ଦିଲ୍ଲୀପ କୁମାର ବେହୁରା

ମରିଚିକା ପଛେ ଧାଇଁଲେ ସଜନୀ
ମିଳିବନି କିଛି ଫଳ
ନିଆଁ ସାଥେ ଭାବ ରଖି ଚାଲିଥିଲେ
ପାଇବୁନି ଥଳକୂଳ
ସ୍ୱାର୍ଥରେ ଚାଲିଛି ଆଜିର ଦୁନିଆ
ନିଃସ୍ୱାର୍ଥର ନାହିଁ ସ୍ଥାନ
ଭଲକଲେ ଏଠି ସୁନାମ ବଦଳେ
ମିଳେ ଖାଲି ବଦନାମ
କେତେ ଜଗି ଜଗି ଚାଲିବୁ ସଜନୀ
ସରି ସରି ଯାଏ ବେଳ (୦୧)
ଆଜି ଭାବୁ ଅଛୁ ଯାହାକୁ ତୁ ଏଠି
ଅତି ଆପଣାର ବୋଲି
ଭଲରେ ଯେବେତୁ ନେବୁଲୋ ପରଖି
ତାଟକା ହୋଇବୁ ଖାଲି
ସଭିଙ୍କର ସାଥେ ରଖିଥିବେ ଭାବ
ଦେଖୁଥିବୁ ଜଳ ଜଳ (୦୨)
ମନତ ଗୋଟାଏ ହୃଦୟ ବି ଏକ
ନିଛକ ପ୍ରେମର କଥା
ଏବେ କ'ଣ ତାହା ବଦଳି ଗଲାକି
ହରାଇ ବସୁଛି ସତ୍ତା
କାମିନୀ କାଞ୍ଚନେ ବୃଥା ମୋହମାୟା
ରହିଅଛି କାଳ କାଳ (୦୩)
ଅନ୍ଧାରୁ ଆସିଲେ ଦେଖିବୁ ଆଲୁଅ
ଦିଶୁଥିବ ନୂଆ ନୂଆ
ଦିନେ ତୁ ଭାବିବୁ ନିରୋଳାରେ ବସି
ଭାବ ଆମ ଦିଆ ନିଆ
ଲୁହ ଆସୁ ଥିବ ଆଖିରେ ଜକେଇ
ଭାଙ୍ଗୁଥିବ ମନୋବଳ (୦୪)

*ୟୁନିଟ - ୯ ଭୁବନେଶ୍ୱର - ୨୨*

# ଚେତନାର୍ ଭାବ୍

♦ ମଞ୍ଜୁଳା କର

ଆଜି ସିଏ କାନ୍ଦୁ ଅଚି
କାଲି ସିଏ ପ୍ରସ୍ଫୁଟିତ ହେବ।
ତା'ର ମହକରେ,
ବାସନା ଚହଟାଇ ଦେବ।
କିନ୍ତୁ; ଗଛସିନା କଢ଼ଟିକୁ
ସଜତ୍ନେ ରଖିଲେ,
ପ୍ରସ୍ଫୁଟିତ ସତେଜ ହୋଇବ।
ଗଛ ଯଦି ସଂସ୍କାରିତ ନୁହେଁ
ପୁଷ୍ପଟି ସୁଗନ୍ଧ ବଦଳରେ
ଦୁର୍ଗନ୍ଧ ବିତରି ଦେବ।
ଗଛକୁ ସଜାଗ ହେବାକୁ ହେବ
ତା'ର କଢ଼ଟିକୁ ସଜତ୍ନରେ ତୋଳିଧରି
ଦୁନିଆ ଆଖିରେ ଭରିଦେବ-
ଏକ ସୁନ୍ଦର ସଂସ୍କାରିତ ପୁଷ୍ପ॥
ଗଛଟିର ଏଥିରେ ବା ଦୋଷ କଣ ?
ଏ ମାଟି ପବନ ସବୁତ ଦୁଷିତ
ଏଥିରେ କଢ଼ଟିକୁ ପ୍ରସ୍ଫୁଟିତ
କରିବା ଦୂରୁହ ବ୍ୟାପାର
ଖଜୁରୀ ଗଛର କି ଗୁଣ ଗାଇବା
ମୂଳରୁ ପାହାଚ ପାହାଚ।
ଏଠାରେ ମହାଦୃମଠାରୁ ଘାସ ଗଛଟିଏ
ନୁହେଁ ସୁରକ୍ଷିତ
ଏଠି ସ୍ୱାର୍ଥପର ମତଲବି
ଶତକଡ଼ା ପାଞ୍ଚଭାଗ ଛାଡିଦେଲେ
ଆଉ ପଞ୍ଚାନବେ ଭାଗ
ଦୁରାଚାରୀ କୁ ସଂସ୍କାରି
କୁହ ତେବେ ଏ ସମାଜରେ
କଢ଼ଟିକୁ ଭଲବାଟେ ନେବ ସେ କିପରି ?

*ବାଣୀବିହାର -ଭୁବନେଶ୍ୱର-୪*

# ଅମୂଲ୍ୟ ସେ ସ୍ମିତହସ

♦ ଅଧିକାରୀ ନିଲେଶ କୁମାର ଦାସ

ଏ ସଂସାର ମଧ୍ୟେ କି ବା ଅଛି ମୂଲ୍ୟ ତା'ର
ଯା ପ୍ରତିବଦଳ କରି
ଯେଉଁ ଦ୍ରବ୍ୟତେଜ୍ୟ କରି
ଲଭିବି ସିନ୍ଧୁ ପ୍ରସ୍ତୁତ ଅମୃତ କଳସ
ତୁମରି ଅଧର ଧାରେ ସେହି ସ୍ମିତହସ ।
ମୋ ବିରହରେ ଅଟେ ଯାହା ଅମୂଲ୍ୟ ଅମୂଲ୍ୟ
ହୁତୁ ହୁତୁ ଜଳୁଥିବା
ମରମ ବେଦନା ରାଜି
ପୀଡ଼ିତ ପ୍ରାଣ ଦର୍ପଣେ
ଦେଖି ଦେଲେ ଆଖିବୁଜି
କ'ଣ ହୁଏ ଜାଣେ ନାହିଁ
ଅକସ୍ମାତେ କାହୁଁ ବହି ଶୀତଳ ସମୀର
ହୃଦୟକୁ କରିଦିଏ ଅମୃତ ନିର୍ଝର
ଯୋଉ ହସ ଅଟେ ମୋର ପ୍ରାଣର ସମ୍ପଦ
ଜନ୍ମାନ୍ତର ପୂଣ୍ୟ ଫଳୁ
ଈଶ୍ୱର କରୁଣା ବଳୁ
ଏ ଜୀବନେ ହୋଇଥିଲା ମୋତେ ଆସି ଲବ୍ଧ
ଯା' ମୂଲ୍ୟ ଅଟେ ମୋ ପାଇଁ ପରାର୍ଦ୍ଧ ପରାର୍ଦ୍ଧ

ପ୍ରବାଳ ଅଧର ଧାରେ ଯେବେ ତାହା ଫୁଟେ
ଲକ୍ଷେ ରକ୍ତଜବା ଦିଶେ ମୋର ଦୃଶ୍ୟ ପଟେ
ଆଖିରେ ଲୁହକୁ ଭରି
ଚଟାଣକୁ ଓଦା କରି
ପ୍ରଶ୍ନ କରେ
ହେ ସମୟ !
କହ କହ ଥରେ                କିଛି ଛନ୍ଦ ନରଖିଣ
ଅକୁଣ୍ଠ ଚିତ୍ତରେ
ସତେକି ତୁ ଚାଲିଯିବୁ ତୋ ଧର୍ମ ଆଚରି
ହଜାରେ ଗୁହାରୀ କୁ ମୁଁ ପ୍ରତ୍ୟାଖ୍ୟାନ କରି ?

*ସ୍ନାତକୋତ୍ତର ଓଡ଼ିଆ, ଭାଷା ସାହିତ୍ୟ ବିଭାଗ*

# ଦିବସେ ଶେଫାଳୀ

♦ ସୁବ୍ରତ କୁମାର ମହା ମାନସିଂହ

ଫୁଲଟିଏ ସିଏ
ଭଅଁରର ବିନ୍ଦୁ ସିଏ
କୋମଳ ହୃଦ ସିଏ
ଶିଶୁ ତୃଷ୍ଣା ନିବାରଣ ସିଏ
କିନ୍ତୁ, ଫୁଲ ନୁହେଁ, ଭଅଁର ନୁହେଁ
ବୃକ୍ଷପରି ଛାୟା ଦିଏ
ଘୂର୍ଣ୍ଣନ ପୃଥିବୀ ସିଏ
ପ୍ରଜ୍ୱଳିତ ଦୀପର ସିଖାଟିଏ...
ତ, ପୁଣି ଆଗ୍ନେୟ ଗିରିର ଲାଭା ହୁଏ
ଅଥଚ, ବୃକ୍ଷ ନୁହେଁ, ପୃଥିବୀ ନୁହେଁ
ଅବାରିତ ସ୍ନେହର ଉତ୍ସସିଏ
ଜଳିଜଳି କ୍ଷତ ବିକ୍ଷତ ସୂର୍ଯ୍ୟପରି ଅନନ୍ତ ପ୍ରେମର ଧାରା
ଛୁଟାଏ
ପ୍ରସ୍ଫୁଟିତ ଗୋଲାପର ଭୁରୁ ଭୁରୁ ଗନ୍ଧସିଏ
କିନ୍ତୁ, ସୂର୍ଯ୍ୟନୁହେଁ, ଗୋଲାପବି ନୁହେଁ
ଅବହେଳିତ ଅବାଞ୍ଛିତ ଆଜି ନିଷ୍ପେଷିତ ନିର୍ବାପିତ ସିଏ
କାମୁକ ପୁରୁଷର କୁ ଚକ୍ଷୁର ତୃଷ୍ଣାରେ ମାଦକ
ପ୍ରହାରରେ
ଯନ୍ତ୍ରଣାରେ ଜର୍ଜରିତ ସିଏ
ନୁହେଁ କେହି, ନୁହେଁ କେହି, ନୁହେଁ କେହି
ସେ ମମତାମୟୀ, ସ୍ନେହମୟୀ, ନାରୀଟିଏ ।

*ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟବିଭାଗ*

# ଗରିବ ହଟିବାର ଦମଦାର ଫର୍ମୁଲା

♦ ଆଶିଷ କୁମାର ନାୟକ

ମୁଲତବି ନୋଟିସ୍ ଦେଇ ବିରୋଧି ବାଲାଏ
ଆମ ଅଡି ବସିଛନ୍ତି
ଗରିବ ହଟିବା ଲାଗି ସର୍କାରୀ ଯୋଜନା କ'ଣ
ଜାଣିବା ପାଇଁକି
ସଙ୍ଗେ ସଙ୍ଗେ ବୀର ଦର୍ପେ ମନ୍ତ୍ରୀବର ଆସନ୍ତୁ ଉଠିଲେ
ସଚିବ ପ୍ରଦତ୍ତ ଉତ୍ତର ଫର୍ଦ୍ଦକୁ ଧ୍ୟାନରେ ପଢିଲେ
ଯାହା ହେଲେ ଗରିବଙ୍କୁ ଏ ଦେଶରୁ ହଟିବାକୁ ହେବ
ସେମାନେ ବଞ୍ଚି କି ଲାଭ ପ୍ରଗତିରେ ସାଜନ୍ତି ବାଧକ ।
ନିର୍ବାଚନ ମଇଦାନେମଦ ମାଂସ ଟଙ୍କା ବିଡା ଦେଇ
ବଜେଟ୍ ବଢ଼ାଇ ଚାଲୁ ଏମାନଙ୍କ ଦାରିଦ୍ରତା ପାଇଁ
ଭାବି ଚିନ୍ତି ସରକାର ରଚି ଅଛି ଚକ୍ରବ୍ୟୂହ୍ୟ ଏକ
ହାତରେ ନମାରି ଭାତରେ ମାରିବାକୁ ନେଇ
ପଦକ୍ଷେପ ।
ଅତଏବ ଟଙ୍କିକିଆ ଚାଉଳକୁ ଛାଡି ଡାଲି ତେଲ ଅଛି
ଯେତେ ପରିବା ପତର
ପେଟ୍ରୋଲ ଡିଜେଲ ସଙ୍ଗେ ବଢ଼ାଇ ଚାଲିଛୁ ଆମେ
ଅଖିବୁଜା ଦର
ଦରଦାମ୍ ବୃଦ୍ଧି ହେଲେ ଚାଷୀଙ୍କର ଲାଭ ହେବ କହି
ଗରିବ ହଟାଇ ଦେଦବୁ ଦାନାଗଣ୍ଡେ ପେଟକୁ ନଦେଇ
ମନ୍ତ୍ରୀଙ୍କ ଉତ୍ତର ପରେ ମୁଲତବି ପ୍ରସ୍ତାବଟି ହୋଇଲା
ଖାରଜ
ସ୍ପିକରଙ୍କୁ ମାଇକି ଓପାଡି ବିରୋଧିଏ କଲେ କକ୍ଷତ୍ୟାଗ

*ବାଣୀବିହାର -ଭୁବନେଶ୍ୱର-୪*

# ତୁ

♦ ମିଥୁନ୍ ମଲ୍ଲିକ୍

କ୍ରାତିସାରା ଝରୁଥିବା ନିଦର ଶିଶିର
ସକାଳର କଅଁଳିଆ ଖରାରେ
ମିଳେଇ ଗଲାପରେ ମନେପଡେ ତୁମେ
ମୋ ପରି ଅନେକ ଅପେକ୍ଷା
କରନ୍ତି ଶେଯ ଉପରେ
କେତେବେଳେ ତମେ ଆସିବ
ଆଉ ଛୁଇଁଯିବ ମୋର ଓଠ

ମୋ ଓଠରେ ଛୁଆଁର ସରିସରି ଯିବ ତୁମେ
ମିଶିଯିବ ମୋ ଦେହରେ
ଶିରାରେ ଶିରାରେ
ହୋଇଯିବି ମୁଁ ସତେଜ ଆଉ କ୍ରିୟାଶୀଳ

ଆଉ କେତେ ପୁରୁଷ ଶୀତୁଆ ସକାଳେ
ଧାଇଁଥାନ୍ତି ତମ ପାଖକୁ
ପାଇବାକୁ ତୁମ ଦେହର ଉଷ୍ମତା

ଅଧରକୁ ତୁମେ ଚୁମିଲାବେଳେ ଶୁଣୁଥାଅ
ଦେଶକଥା ଆଉ କାହା ଦଶା କଥା ।

ତମର ଭିନ୍ନରଂଗ ଭିନ୍ନସ୍ୱାଦ
ତୁମକୁ ଚାହିଁବା ଲୋକ ମଧ୍ୟ ଭିନ୍ନ

ତୁମ ସହ ମିଳନର ସମୟ ବି ଭିନ୍ନ
କାର୍ଯ୍ୟାଳୟ ଭାର୍ଯ୍ୟାଳୟ ସବୁଠି ତୁମର ସ୍ପର୍ଶ
ପାହାନ୍ତାଠାରୁ ପକ୍ଷୀମାନେ ଉଡିଯିବା ପର୍ଯ୍ୟନ୍ତ ।

# ମୂକର୍ ପ୍ରଳାପ

♦ ଆଶିଷ କୁମାର ନାୟକ

ବସନ୍ତର ମୃଦୁମନ୍ଦ ସମୀରଣ
ପ୍ରେମର ପରାଗ କରି  ତୁ ବହନ
ପ୍ରେମିକାର ବକ୍ଷସ୍ଥଳୁ ବସ୍ତ୍ରକୁ
ବଳପୂର୍ବକ କରୁତୁ ହରଣ
କେଡେ ଭାଗ୍ୟଶାଳୀ ତୁ ବସନ୍ତ ପବନ।

ଏତିକି ଭାଗ୍ୟ ନାହିଁ ତା'ର
ବୋଲାଏ ପ୍ରେମିକ ପ୍ରବର
ଅସମର୍ଥ କରିବାକୁ ଆଲିଙ୍ଗନ
ପ୍ରେମିକାର ଅଧରେ ଚୁମ୍ବନ
କକ୍ଷଚ୍ୟୁତ ତା'ର ସ୍ୱପ୍ନ।

କ'ଣ ଏ .. ବାସ୍ତବତା
ସ୍ୱପ୍ନ ଅବା ମରୀଚିକା
ମରୀଚିକା ପଛେ ଧାଉଁଛି ଏକା
ଖୋଜି ପାଉନି ଉପପାଦ୍ୟ
ଖୋଜି ପାଇନି ଅନ୍ୱୟ
ହୃଦୟକୁ ଲାଗେ ଶଙ୍କା।

କହେ ସେ ମୂକ ମୁଁ ସ୍ୱପ୍ନବିଳାସୀ
ସ୍ୱପ୍ନରେ ତୁମକୁ ଭାବୁଛି ବେଶୀ
ଚିତ୍ର ତୁମ ଉଠିଲା ଉଦ୍‌ଭାସି
ଭାବିନି ଭାବିଛି ବୋଲି ବେଶୀ।

ମୂକର ଚେତନାର ଅତଳ ସାନ୍ଦ୍ରତା
ପ୍ରେମିକାର ଯେଉଁଠି ପୂର୍ଣ୍ଣତା
ନାହିଁ କିଛି ମୌଳିକତା
କେବଳ ଅଛି ନୀରବତା
ହେବ ତା ପ୍ରେମ ନିର୍ଗତ
ନରଖି କିଛି ସର୍ତ୍ତ।

ଜାଣିନି ସେ ମୂକ
କରିଛି ସେ ପାପ
ସେ ପରା ମୂକ
ହୃଦୟ ସରଳ ନିଷ୍ପାପ।

କହିବାର ନାହିଁ ସାମର୍ଥ୍ୟ
ସ୍ୱପ୍ନ ତା' ହୋଇଯିବ ବ୍ୟର୍ଥ
ଲେଖୁ ଲେଖୁ ଲେଖିଦେଲା
ଆଶାର ଗପ
କହିବାର ନାହିଁ ସାମର୍ଥ୍ୟ
ସମାଜ ଆଖ୍ୟା ଦିଏ .....
ମୂକର ପ୍ରଳାପ।

*ପି.ଜି ଷଷ୍ଠବର୍ଷ, ରାଜନୈତିକ ବିଜ୍ଞାନ*

# ଅଭୁଲା ସ୍ମୃତି

♦ ରଞ୍ଜନ ସାବତ

ତୁମ ଆଖି ସତେ ନୀଳ ସାଗର
ଡୁବିବାକୁ ହୁଏ ମନ।
ଭାଷିବାକୁ ହୁଏ ମନ ସତରେ
ପାଆଁନ୍ତିକି ଚିରଦିନ।।

ଓଠକୁ କହିବି ତମାଳ ପତ୍ର
ନୁହଁଇ ସରିଗୋ ପ୍ରିୟା।
ଓଠ ଖୋଲି ଥରେ ଦେଲେ ତୁମେହସି
ରହିଯାଏ ଏହି ଦୁନିଆ।।

ଚିବୁକ୍‌ରେ ଯେତେ ରହି ଅଛି ଯାଦୁ
ତାକୁ କି ବର୍ଣ୍ଣନା କରିବି।
ଟାଣିନିଏ ମନକୁ ଟାଣି ନିଏମନକୁ
ସେହି ମୃଗ ବିନ୍ଦୁ ପାଖକୁ

ଚାନ୍ଦ ଯେ ସମାନ ନୁହଁଇ
ତୁମ ପଦ୍ମଫୁଲ ମୁଖେ।
ପଦ୍ମଫୁଲେ ସତେ ଚିନ୍ତାରେ ମରିଲା
ଜଳର ଅନ୍ତର ମଧ୍ୟେ।।

ବକ୍ଷୋଜ ତୁମର ଚକ୍ରବାକ ସତେ
ରାତ୍ରିରେ ବିଛେଦ ହୁଏ।
ସର୍ବଦା ତୁମକୁ ରୂପବତୀ କରି
ସେ କି ଆନ୍ଦ ପାଏ।।

ନାଭିରେ ତୁମର ଭ୍ରମର ଭ୍ରମିତ
ଫୁଲକୁ ସେ ଚାହେଁ ନାହିଁ
ମନ ନ ମାନିଲେ ଆପେ ଶୋଇଯାଏ
ବାଟବଣା ହୋଇ ହୋଇ

ଆନନ୍ଦରେ ତୁମେ ଝଲି ଝଲି ଯାଅ
ଲୋକଙ୍କୁ ଦିଅନା କଷ୍ଟ।
ତଳେ ଦେଖି ଦେଖି ତୁମ ଦୁଇ ପାଦ
ହୋଇ ଯାନ୍ତି ପଥ ଭଷ୍ଟ୍ର

ଏତେ ରସ ଦେଇ ତୁମକୁ କରିଛି ବର୍ଣ୍ଣନା
ଭାବିବନି ସାଥି ଭାବିବନି ସାଥି
ତୁମକୁ କରିଛି ଅସନା
ଯଦି କରିଥିବି ଅସନା
କରିଦେବ ପ୍ରିୟା କ୍ଷମା
କରିଦେବ ପ୍ରିୟା କ୍ଷମା।।

*ପିଜି. ୧ମ ବର୍ଷ*

# ବନ୍ଦ ବ୍ୟାଧି

♦ ସବିତା ବେହେରା

ଆମକୁ ହୋଇଛି ବନ୍ଦ ବ୍ୟାଧି
ଆମେ କରୁ କେବେ ଭାରତ ବନ୍ଦ
ପୁଣି କରୁକେବେ ଓଡ଼ିଶା ବନ୍ଦ,
ସେ ବନ୍ଦର ସୀମା ନାହିଁ
କେଉଁ ବରଷ ଯେ କେତେଥର ହୁଏ
ତାହାବୋଧେ ଜଣା ନାହିଁ।

ସମୟର ମୂଲ୍ୟ କେତେ ଯେ ଅଧିକ
ତାହା ବୋଧେ ଭୁଲିଗଲେଣି
ସେଥିପାଇଁ ଆମେ ବୋଧେ,
ଦିନେ ଦୁଇଦିନ ସବୁ ବନ୍ଦକରି,
ରାସ୍ତାରେ ଟାୟାର ଜାଳୁଛେ।

କେତେ ଯେ କାମ ବନ୍ଦ ହୁଏ
କେତେ ଯେ କ୍ଷତି ହୁଏ
ସେହି ଦିନେ ଦୁଇ ଦିନରେ
ତାର କ'ଣ ଆମେ କେହି
ହିସାବ ପରଖି ନେଉଛେ ?

ରେଳ, ବସ ସବୁଯାନ କରି ଅଚଳ
ଦାବି ପୂରଣରେ ବସୁଛେ
କେବେବି ଟିକିଏ ଭାବିଛେ,
ଦୂର ସ୍ଥାନରୁ ଆଗତ ଯାତ୍ରୀ
ସେହି ସମୟରେ କେତେ ହନ୍ତସନ୍ତ ହୁଏ ?

ଏ ବନ୍ଦ ବ୍ୟାଧିକୁ ନକଲେ ଦୂର
କେଉଁଦିନ ଆମେ ତା' ଚକ୍ରବ୍ୟୂହରେ,
ପଡିହେବା କଲବଲ।।

*ଏମଏ ୧ମ ବର୍ଷ, ଓଡ଼ିଆ ବିଭାଗ*

# ଝିଅଟିଏ

♦ ଜ୍ୟୋତିର୍ବିନ୍ଦୁ ସାହୁ

ଝିଅଟିଏ ମୁଁ ଝିଅଟିଏ
ଏଇ ଦୁନିଆର ଫୁଲଟିଏ
ଛୁଆ ହୋଇ ମୁଁ ଅଳି କରିବି
ଅଳ୍ପ ଦୁଷ୍ଟ ହୋଇ ଗେହ୍ଲା ହୋଇବି
ବଡ ହୋଇ ଭଲ ମଣିଷ ହେବି
ଦେଶ ପାଇଁ ଭଲ କାମ କରିବି
ଏଇ ଆଶା ନେଇ ନିଇତି ଡିଏଁ
ଝିଅଟିଏ ମୁଁ ଝିଅଟିଏ
ଶିକ୍ଷିକା ହୋଇ ମୁଁ ଜ୍ଞାନ ବାଣ୍ଟିବି
ଡାକ୍ତରାଣୀ ହୋଇ ସେବା କରିବି
ଭଉଣୀ ହୋଇ ମୁଁ ରାକ୍ଷୀ ବାନ୍ଧିବି
ମା' ହୋଇ ସେବା ସ୍ନେହ ମମତା ଦେବି
ସ୍ତ୍ରୀ ରୂପେ ମୁଁ ବିଶ୍ୱାସ ଚାହେଁ
ଝିଅଟିଏ ମୁଁ ଝିଅଟିଏ
କନ୍ୟାଭ୍ରୂଣ ହତ୍ୟା କମ୍ପାଇ କରି
ମଣିଷ ଆମକୁ ଦିଏ ଯେ ମାରି
ତଥାପି ମଣିଷ ମନରେ ନଥାଏ ଦୁଃଖ
ଏପରି ମଣିଷ ଜାତିକୁ
ଆଗକୁ ନେବ କିଏ
ଝିଅଟିଏ ମୁଁ ଝିଅଟିଏ।।

*ଓଡ଼ିଆଭାଷା ଓ ସାହିତ୍ୟ ବିଭାଗ, ୫ମ ବର୍ଷ*

# ଏଇତ ବନ୍ଧୁତ୍ୱ

♦ ମମତା ପାତ୍ର

ଜଳାଶୟେ ଫୁଟି କହେ କୁମୁଦ
ନୟନରେ ଦେଖ ଆହେ ସଙ୍ଗାତ ।
ପ୍ରକୃତି ଗଢ଼ିଛି ଏମିତି ମୋତେ
ଫିକା ମୁଁ ଅଟଇ ତୋ ବିନା ସତେ ।
ଚନ୍ଦ୍ରିକା ବର୍ଣ୍ଣ ତୋହର ଅଟେ ଧବଳ
ତୋ ଆଲୋକ ବିନା ମୁଁ ସତେ ବିଫଳ ।
ସୌନ୍ଦର୍ଯ୍ୟ ମୋହର ବିସ୍ତାର ପାଇଁ
ଚନ୍ଦ୍ର ପୃଷ୍ଠରୁ ଆସୁତୁ ଧାଇଁ ।
ଆସିଲେ ତୁହି ଯେ ଆଲୋକ ବିଚ୍ଛୁରୀ
ଶୋଭାତୁ ବର୍ଦ୍ଧିତ କରୁ ମୋହରି ।
ଦୁଇ ସଂଗାତ ମିଶି ଯାଉ ଯେଉଁଠି
ଦେବତା ଗନ୍ଧର୍ବ ଆସନ୍ତି ସେଇଠି ।
ଆଦିତ୍ୟ ଆସିଲେ ଯାଉତୁ ଫେରି
ଅନାଇ ବସେ ମୁଁ ବାଟ ତୋହରି ।
ସନ୍ଧ୍ୟାରେ ଆସିବୁ ତୁ ଯଥା ଶୀଘ୍ର ଉଇଁ
ସଙ୍ଗାତ ପଣିଆଁ ଜଗତକୁ ଦେଖାଇବା ପାଇଁ ।
ରହିଥିବ ଏହି ବନ୍ଧୁତ୍ୱ ଯେ ଆମର
ଯେତେ ଯାଏ ଅଛି ସଞ୍ଜ ଉଷା ପ୍ରହର ।
ଚନ୍ଦ୍ରିକା ଅଟୁତୁ ମୁଁ ଯେ କୁମୁଦ
ଦେଖାଇ ଚାଲିବା ଏତ ଆମର ବନ୍ଧୁତ୍ୱ ।
ତେଣୁ ହେ ଦେଖ ଦେଖ ପ୍ରାଣୀ ଜଗତେ
ବନ୍ଧୁ ବନ୍ଧୁତ୍ୱ ରଖିବ ସମସ୍ତେ ।।

*୨ୟ ବର୍ଷ , ଇତିହାସ ବିଭାଗ-ସ୍ନାତକୋତ୍ତର*

# ତମେ ଯେତେବେଳେ ସପନେ ଆସ

♦ ଦକ୍ଷିଣେଶ୍ୱର ଜେନା

ଝୁମ୍ ଝୁମ୍ କରି ପାଦ ପାଉଁଜି
ମିଟି ମିଟି ତମ ଦୁଇଟି ଆଖି
ପାପୁଲିରେ କଇଁ ଫୁଲଟି ରଖି
ମୁହଁ ପୋତି କରି ମୁରୁକି ହସ
ମନେପଡେ ଖାଲି-ମନେପଡେ ଖାଲି
ତମେ ଯେତେବେଳେ ସପନେ ଆସ (୧)
ତମରି ଗାଁର ପୋଖରି ହୁଏ
ହଳଦି ମାଖିଛ କନକ ଗୋରି
ଥିରି ଥିରି ତମେ ଉଠି ଆସୁଥିବ
ଚହଲା ପାଣିରେ କଳସି ଧରି (୨)

*ପ୍ରଶ୍ନତତ୍ତ୍ୱବିଭାଗ*

# ତୁମ ଅଭିମାନ

♦ ରଶ୍ମିତା ନାୟକ

ତୁମେ କ'ଣ ସେ ଯିଏ ମୋ ନୀତି ସ୍ୱପ୍ନରେ ଆସ
ନା ତୁମେ କ'ଣ ସେ ଯିଏ ମୋ ସ୍ମୃତି ହୋଇ ପାଖେ ଥାଅ।
କାହିଁ ମୋ ବାସ୍ତବତାରେ ତ ଆସନାହିଁ
ଜାଣିଛ ତୁମକୁ ମୁଁ କେତେ ଖୋଜେ
କେତେ ଥର ସ୍ୱପ୍ନରେ ଆଲିଙ୍ଗନ କରେ।

କେମିତି ଯେ ଜାଣିବ ମୁଁ କ'ଣ ତୁମ ହୃଦୟରେ ଅଛି
ନା ତୁମ ସ୍ପନ୍ଦନ ହୋଇ ଧକ୍ ଧକ୍ ହେଉଛି
ମୁଁ ପରା ପଳାସ ଫୁଲ ପରି ମହକେନି
ତା'ର ବାସ କିପରି ତୁମକୁ ଛୁଇଁବ ଯେ
ଜାଣେ ସବୁ ଜାଣେ ଏତେ କପଟ କାହିଁ କର।
ମୁଁ ତୁମ ପାଖେ ନାହିଁ ତ ଠିକ୍ ଅଛି
ତୁମ ଛଡା କିନ୍ତୁ ମୋ ପାଖେ କେହିନାହାନ୍ତି
ତୁମେ ପରା ମୋର ପହଲି ବସନ୍ତ
ତୁମ ପାଖେ ପାଖେ ରୁହେ
ଏତେ କରିବି ମୋ ପାଖେ କପଟ କାହିଁ କର।
ଜାଣେ ପଳାସ ମୂଲ୍ୟହୀନ
ହେଲେ ସେ କ'ଣ ତାର ସୌନ୍ଦର୍ଯ୍ୟକୁ ପ୍ରକଟିତ
କରିପାରେନି
ନା ତାର ଅନ୍ତସୌନ୍ଦର୍ଯ୍ୟରେ ମହକାଏନି
ତେବେ ମୋତେ ଏତେ ଘୃଣା କରିବାର କାରଣ
ମୁଁ କ'ଣ ମଲ୍ଲି ନ ହେଲେ ବି ବଣମଲ୍ଲୀ ପରି ମହକି
ପାରିବିନି
କେତେ କପଟି ତୁମେ ଦେଖୁଛି
ଏ ଘୃଣା ନା ତୁମର ଅଭିମାନ।
ଯେତେ ଭାଇ ଅସତ୍ୟ କରୁଛି,
ତୁମେ ଯଦି ଏତେ ଘୃଣା କରିବ
ତେବେ ବଞ୍ଚିବି କାହାପାଇଁ
କାହା ପାଇଁ ରାତି ରାତି ଧରି ସ୍ୱପ୍ନ ଦେଖିବି
ତୁମେ ଆସି କିଛି କହିଲ ଭାବି ବାଉଳି ହେବି
ଏବେ ତ ଅଭିମାନ ଛାଡ
ମୋତେ ଟିକେ ତୁମ ଛାତିରେ ଜାଗାଟିଏ ଦିଅ
ନା ବେଶିନୁହେଁ କାଣିଚାଏ ହଉ ପଛେ ଦିଅ
ପାରିବିନି ରଖି ତେବେ ମୁଁ କ'ଣ ଭାଙ୍ଗିଯିବି।
ନା ଭାଙ୍ଗିବିନି, କାହିଁକି ନା ସେଠି ପରା ତୁମେ ଅଛ
ମୁଁ ଭାଙ୍ଗିଗଲେ ତୁମେ କେଉଁଠାରେ ରହିବ ଯେ
ତୁମେ ପରା ମୋ ପ୍ରାଣ ସ୍ପନ୍ଦ
ଛାଡି ଦିଅଏ ଅଭିମାନ
ସତ କହୁଛି ତୁମ ପାଇଁ ଦ୍ୱୀପ ହୋଇ ଜଳିବି
ଯୁଗେ ଯୁଗେ ତୁମର ହିଁ ପୂଜା କରିବି।

# ବାଣୀ ବିହାରରେ ଆମେ ଓଡ଼ିଆ

♦ ଆଶାଜ୍ୟୋତି ଦାସ

ବିହାର ବିହାର ବାଣୀ ବିହାର
ଯାର ସକାଳରୁ ଝରେ ନିହାର
ନିହାର ନୁହେଁ ସେ ମୁକ୍ତାର ହାର
ସେ ମୁକ୍ତା ଅଟଇ ସ୍ୱପ୍ନ ଆମର
ସେ ସ୍ୱପ୍ନ ସାକାର କରିବା ପାଇଁ
କେଉଁ ଦୂରାନ୍ତରୁ ଆସିଛୁ ଧାଇଁ
ଓଡ଼ିଆ ବିଭାଗେ ପାଦ ଥାପିଛୁ
ସ୍ୱପ୍ନର କୋଣାର୍କ ଗଢ଼ି ତୋଳିଛୁ
ବିଭାଗ ତ ନୁହେଁ ସିଏ ମନ୍ଦିର
ଗୁରୁଜୀ ଗୁରୁମା ଦେବୀ ଦେବତା ଯାର
ସେହି ଦେବତାଙ୍କୁ ପୂଜିବା ପାଇଁ
ସମ୍ମାନ ଯେ ପୂଜା ଫୁଲ ଅଟଇ
ଭକ୍ତି ଓ ସମ୍ମାନେ କରିଲେ ପୂଜା
ନିଶ୍ଚୟ ଉଡ଼ିବ ଆମ ବିଜୟ ଧ୍ୱଜା
ମହକି ଉଠିବ ଏହି ମନ୍ଦିର
ପ୍ରସ୍ଫୁଟିତ ହେଲେ ପ୍ରତିଭା ଆମର
ବାଣୀ ବିହାରରେ ଓଡ଼ିଆ ବିଭାଗ
ନିଶ୍ଚୟ ତ ଦିନେ ଶ୍ରେଷ୍ଠ ହେବ
ଏପରି ଶପଥ ମନରେ ନେଇ
ତାର ଉନ୍ନତିକୁ ନେବା ଆଗେଇ
ଏହିଠାରେ ଆମେ ରହି ଆଗୁଆ
ଗର୍ବରେ କହିବା ଆମେ ଓଡ଼ିଆ ।

# ପ୍ରକୃତିର୍ ବୈଚିତ୍ର୍ୟ

♦ ଚିଦାନନ୍ଦ ସୂତାର
ପଦାର୍ଥ ବିଜ୍ଞାନ ବିଭାଗ

ସମୁଦ୍ର କୂଳର ସୁନ୍ଦରତା
ବେଶ୍ ମନମୁଗ୍ଧକର ଥିଲା
ହଁ ହବନିବା କେମିତି
କିଏ ମାଗୁଥିଲା ପଇସାଟେ ଦିଅ
ଫଟୋଗ୍ରାଫର କହୁଥିଲା ଫଟୋ ଉଠାଅ ।
ସମୁଦ୍ରର ଗର୍ଜନ ତା'ର ଉତ୍ତାଳ ଢେଉ ସହ
ମାଡି ଆସୁଥିଲା କୂଳ ଆଡକୁ
କିନ୍ତୁ ଏ ଅସ୍ଥିର ମନ ଏତେ ସୁନ୍ଦରତାକୁ
ଉପଭୋଗ ନ କରି
ଆଖି ପଡ଼ିଥିଲା କିଛି
ତ ରୁଣ ଆଉ ତ ରୁଣୀଙ୍କ ଉପରେ
ଯେଉଁମାନେ ମଗ୍ନଥିଲେ ମୃଦ୍ୟୁ ଚୁମ୍ବନ ଆଉ
ଗଭୀର ଆଲିଙ୍ଗନରେ ।
ଏଇବୋଧେ ପ୍ରେମର ଆରମ୍ଭ
ହଁ ବୋଧେ ହେଉଥାଇ ପାରେ
କିନ୍ତୁ ଶେଷ ହେବ କେଉଁଠିଯେ ?
ଶହେ ମିଟର ଦୂରକୁ ଯାଇ
ଦେଖେତ ସ୍ୱର୍ଗଦ୍ୱାର
ରାମ ନାମ ସତ୍ୟହେ, ହରିନାମ ସତ୍ୟହେ ଧ୍ୱନି ମଧ୍ୟରେ
ସ୍ତ୍ରୀ କାନ୍ଦୁଥିଲା ବାହୁନି ବାହୁନି
ପରିଜନ କାନ୍ଦୁଥିଲେ ପରିବାରକୁ ହରାଇ
ଏ ଅସ୍ଥିର ମନଟା ଉତ୍ତର ପାଇଥିଲା
ଚତୁର୍ଦ୍ଧା ମୂରତୀଙ୍କୁ ଦେଖିବା ପରେ
ଠିକ୍ ଶ୍ରୀ ମନ୍ଦିର ଭିତରେ ପଶିଲା ବେଳକୁ
କାହିଁକି କେଜାଣି ସ୍ୱତଃ ପ୍ରବୃତ୍ତ ଭାବେ
ବାହାରି ଗଲା ।
ନିଶ୍ୱ କରହେ ମୋତେ ବିଶ୍ୱ ବିହାରୀ
ଖାଲିହାତେ ଆସିଥିଲି ଖାଲି ଯିବ ଫେରି ।

# ଜୀବନ ପ୍ରିୟା

♦ ଦେବାଶିଷ ଦାସ

ଜୀବନରେ ସବୁ ପାଇ ଯାଇଥିଲି ତତେ ପାଇଗଲା
ପରେ
ଜୀବନରେ ସବୁ ହାରି ମୁଁ ସାରିଛି ତତେ ହରେଇଲା
ପରେ
ତୁ ଥିଲୁ ମୋର ସଞ୍ଜର ସଳିତା ଜଳୁଥିଲୁ ରାତି ଯାକ
ତୁ ଗଲା ପରେ ସେ ସଞ୍ଜ ସଳିତା ମୋ ପାଇଁ ମଶାଣି
ଦୀପ ॥
ଭାଙ୍ଗିଦେଲୁ ମୋର ସ୍ୱପ୍ନ ବାଲିଘର
କରିଦେଲୁ ମୋତେ ପର
ପ୍ରିୟା ହେଲି ମୁଁ ଅଦରକାର
ତୋ ପାଇଁ ହାରିଲି ଜି ଥାଉ ଥାଉ
ହେଇ ଗଲି ଯାଯାବର
ପ୍ରିୟା ନୁହେଁ ମୁଁ ଆଜି କାହାର ।
ସ୍ୱପ୍ନ ମୋର ଥିଲା ତୋ ସାଥେ ଯିବି ମୁଁ ମଶାଣି ଜଳିବା
ପାଇଁ
ଅଧାବାଟେ ହାତ ଛାଡ଼ିଦେଲୁ ମୋର ସ୍ୱପ୍ନ ଯେ ଗଲା
ଉଭେଇ
ଗୋଲାପ ବଦଳେ ଦେଇ ଦେଲୁ କଣ୍ଟା
ପ୍ରେମ ତୋର ବହୁ ଦର
ହେଲେ ନାହିଁରେ ଯୋଗ୍ୟତା ମୋର ॥
ଜୀବନରେ ସବୁ ପାଇ ଯାଇଥିଲି
ତୋତେ ପାଇଗଲା ପରେ
ଜୀବନରେ ସବୁ ହାରିମୁଁ ସାରିଛି ତତେ ହରେଇଲା
ପରେ ।

# ନାରୀ

♦ ପ୍ରଜ୍ଞାରାଣୀ ବେହେରା
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

କେମିତି କହିବି ନାରୀର ସଂଜ୍ଞା ?
ନାରୀ ନୁହେଁ କେବେ
ଅବଳା ଦୁର୍ବଳା
ନାରୀ ଆଲୋକର ଆଲେଖିକା ।

ନାରୀ ହିଁ ଜାଳିଛି ଆଲୋକର ଦୀପ
ଅନ୍ଧାର ବୁକୁ ଚିରି ।
ମମତା–ବୋଳାସେ କଅଁଳ ସ୍ପର୍ଶରେ
ଦୁଃଖ ଯାଏ ଅପସରି ।

ପୁରୁଷର ତୁମେ କ୍ରିତଦାସୀ ନୁହଁ
ନୁହଁ କ୍ରୀଡା ସହଚରି ।
ମାନବ ସମାଜେ ସଂଗ୍ରାମେ ଆଜି
ଜାଳିଉଠ ସବୁ ନାରୀ ।

ସ୍ୱୟଂସିଦ୍ଧା ତୁମେ ସକଳ ସିଦ୍ଧିର
ତୁମେ ହିଁ ବିଶ୍ୱରୂପା ।
ତୁମେ ମହିୟସୀ ଶାନ୍ତ ପ୍ରତିମା
ଦୟା, ସ୍ନେହ, ଅନୁକମ୍ପା ।

ତୁମେତ ନମସ୍ୟା ଝରୁଥାଅ ସଦା
ହୋଇ ଶାନ୍ତ ନିଝରିଣୀ ।
ସ୍ନେହ, ତ୍ୟାଗ ଆଉ ପ୍ରେମର ମନ୍ଦିରେ
ତୁମେ ହୁଅ ପୂଜାରିଣୀ ।

# ସ୍ୱପ୍ନ

♦ ରାଜଲକ୍ଷ୍ମୀ ଜେନା
ଷଷ୍ଠବର୍ଷ ଛାତ୍ରୀ, ଇଂରାଜୀ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

ସ୍ୱପ୍ନ ଏକ ଇନ୍ଦ୍ରଧନୁ
ଦୂର ଦିଗ୍‌ବଳୟେ ଏକ ଅପରୂପ କ୍ରାନ୍ତି
ସୃଷ୍ଟିକରେ ଇନ୍ଦ୍ରଜାଲ ଲାବଣ୍ୟବତୀରେ
ମୁଠା ମୁଠା ରଙ୍ଗୀନ୍ ଆଶାର ଝଲକ
ଝରକୁଛି ପୂରୁବ ଆକାଶେ
ସନ୍ଧ୍ୟାତାରା ପୁଲକିତ ଉତ୍‌ଫୁଲିତ ବେଗେ

ଟିକି ଝରଣାର ସିଏ କୁଳୁକୁଳୁ ତାନ
ଅଙ୍କାବଙ୍କା ଗତିପଥେ ପାହାଡ ଜଙ୍ଗଲ
ଗତିକରେ ବିରହିଣୀ ପରି ସ୍ରୋତସ୍ୱିପୀ
ଉନ୍ମାଦିନୀ ଲୀନ ହେବ ସାଗର ବୁକୁରେ ।

ସ୍ୱପ୍ନ ଏକ ଦିଗହରା ପକ୍ଷୀ
ପଥପ୍ରାନ୍ତ ପଥିକର ଅବସନ୍ନ ଦେହ
ଥକି ପଡି ବସିପଡେ ମରୁବାଲି ପରେ
ଘୁମେଇ ଘୁମେଇ ଆଙ୍କେ ଜୀବନର ଛବି
ଦ୍ୱିପହର ବାଲିଝଡ ଦେଖି ଚିତ୍ କାତ୍
ଶୋଇଯାଏ ଓଟ ପେଟ ତଳେ ।

ସ୍ୱପ୍ନ ଏକ ମାୟାବିନୀ ମରିଚିକା
ମାୟା ରଚେ ନୀଳ ଆକାଶରେ
ପ୍ରଶାନ୍ତ ଗଗନ ଦେହେ ବିଜୁଳି ଚମକ
ଚିକ୍ ମିକ୍ ତାରାସିଏ ଅବା ପାହାନ୍ତି ପ୍ରହରେ
ଧ୍ରୁବ ପରି ନୃତ୍ୟରଚେ ମଧ୍ୟରାତ୍ରି କୋଳେ
ସ୍ୱପ୍ନ ଆମ ବାଡି ବାଇଚଡେଇ ବସା
ଅବିଳମ୍ବେ ଦୋହଲେ ଯେ, ଅକସ୍ମାତ ବହିଲେ ପବନ
ଶୂନ୍ୟ ପରେ ଦୋଳିଖେଳ, ଭୟ ଏକ ଭାଙ୍ଗି
ପଡ଼ିବାର, ତଳେ ପଡି ଖଣ୍ଡବିଖଣ୍ଡିତ
ସବୁଦିନ ଚେଷ୍ଟା ତା'ର ଆଶା ଓ ଭରସା

# କବି ନୁହେଁ ମୁଁ ବିପ୍ଳବୀ ନୁହେଁ

♦ ପୂଜା ମହାପାତ୍ର
ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

କବି ମୁଁ ନୁହେଁ କିନ୍ତୁ
କବିତା ଲେଖିବାର ଆଗ୍ରହ ସ୍ୱପ୍ନ ଆଉ ଆଶା
ଅଙ୍କା ବଙ୍କା ଶବ୍ଦକୁ ନେଇ
ସଜାଡ଼ିବାର ଅଭିଳିପ୍ସା ଆଉ ପ୍ରୟାସ
ପ୍ରୟାସ ଯୋଗୁଁ ଶବ୍ଦ ଗୁଡ଼ିକ........
ନିକଟରୁ ନିକଟତର ହୁଏ
ଏବଂ ପୂର୍ଣ୍ଣାଙ୍ଗ ହୋଇ
ପରିତାତ ହୁଏ କବିତା ।
ବିପ୍ଳବୀ ବି ମୁଁ ନୁହେଁ..... କିନ୍ତୁ
ମନରେ ବିଜୁଳୀ ପରି ଖେଳିଯାଏ
ବିପ୍ଳବର ଆହ୍ୱାନ ଓ ଉନ୍ମାଦନ ।
ଆଉ ମୁଁ ହେଇଯାଏ ନିରବ ନିର୍ବୋଧର ବିପ୍ଳବୀ ଟିଏ ।
କିଏ କହେ ମାତୃଭାଷା ମୋର ସୁରକ୍ଷିତ
କିନ୍ତୁ ମୁଁ କହେ
ମାତୃଭାଷା ମୋ.........
ସଦାସର୍ବଦା ଲାଞ୍ଛିତ, ଅପମାନିତ ଓ ତିରସ୍କୃତ
ବଙ୍ଗାଳୀ କହିଲେଣି ମୋ ଭାଷା ଶ୍ରେଷ୍ଠ
କିନ୍ତୁ, ଓଡ଼ିଆ ମନରେ କେଉଁଠି ଅଭାବ
କହିବାକୁ, ମୋ ଓଡ଼ିଆ ଭାଷାଟି ଶ୍ରେଷ୍ଠ ।

ହୃଦୟରେ ଶୂନ୍ୟତା ନାହିଁ
ଜାତୀୟ ପିରତ ପାଇଁ
ହୃଦୟ ଆମର ପୂର୍ଣ୍ଣହୁଏ
ଅନ୍ୟ ଭାଷାର ଗୁଣକୀର୍ତ୍ତନ କରି ।

କେତେ ଶୋଇବୁ ତୁ
ଓଡ଼ିଆ ସନ୍ତାନ
ନିଦ ତୋର ଏବେ ଭାଙ୍ଗୁନାହିଁ
ଜାଗ୍ରତ ନ ହେଲେ ଆଗକୁ ଶୁଣିବୁ
ଶୋଇବା ପୁଅର ଭାଗ ନାହିଁ ।

# ଝିଅ

♦ ସିମା ସ୍ୱାଇଁ

ବୋଉ କହୁଥିଲା ବାପାଙ୍କୁ ତାର ।
ଝିଅ ବଡ ହେଲା ଦେଖ ଏଥର ।।
ଜୁଆଇଁ କରିବା ଇଞ୍ଜିନିଅର ।
ଝିଅ ଟେକି ଦେଇ ହୋଇବା ପାର ।।
ଘର ବାଡି ଆଦି ବିଭବ ଯେତେ ।
ସ୍ୱର୍ଗ ସୁଖ ଥିବ ଏହି ମରତେ ।।
ସେଇ ଘର ଦେଖି ଝିଅକୁ ଦେବା ।
ଝିଅ ଜ୍ୱାଇଁ ସୁଖେ ସୁଖି ହୋଇବା ।।
ଝିଅ ପାଠ ପଢା ସେତିକି ଥାଉ ।
ଝିଅ ଘିଅ ତାକୁ ନରଖ ଆଉ ।।
ଛୋଟ ପୁଅ ଆମ ପଢୁଛି ପାଠ ।
ବେଶି ନୁହେଁ ତାର ବୟସ ଆଠ ।।
ତାକୁ ପଢ଼ାଇବା ଉଚିତ୍ କାମ ।
ବଡ଼ ହେଲେ ଆମ ରଖିବ ନାମ ।।
ମନରେ ସାହସ ଭରିଲା ମୁନି ।
ବୋଉକୁ କାନରେ କହିଲା ତୁନି ।।
ମୋର କଥା ଟିକେ ଶୁଣୁ ବୋଉ ।
ବାହାଘର କଥା ପଛକୁ ଥାଉ ।।
ପାଠ ମୁଁ ପଢ଼ିବି ରଖିବି ନାମ ।
ଦେଶ ହିତେ ନିତି କରିବି କାମ ।।
ପୁଅ ଝିଅ କିଛି ଫରକ ନାହିଁ ।
ଝିଅକୁ ଦୁର୍ବଳା ନଭାବ କେହି ।।
ଝିଅମାନେ ଯେବେ ଆଗୁଆ ହେବେ ।
ସକଳ ପ୍ରଗତି ହୋଇବ ତେବେ ।।

*ଷଷ୍ଠବର୍ଷ , ଓଡ଼ିଆ ସାହିତ୍ୟ ବିଭାଗ*
*ଉତ୍କଳ ବିଶ୍ୱବିଦ୍ୟାଳୟ*

# ଜୀବନ ନାଟୀ

♦ ପ୍ରକାଶ ଚନ୍ଦ୍ର ପ୍ରଧାନ

ଆମେ ଯାହାକୁ ଚିହ୍ନିଗଲେ ଭାବେ
ଡକ୍ଟର ଚିହ୍ନିବାର ଥାଏ
ଆମେ ଯେଉଁଠି ପାଇଗଲେ ଭାବେ
ସେଇଠି ଥାଏ ଅପ୍ରାପ୍ତି
ଯେତେବେଳେ ଭାବେ ମେଣ୍ଟିଗଲା ଶୋଷ
ସେତେବେଳେ ଆରମ୍ଭ ହୁଏ ।
ଟୋପାଏ ଖୋଜା ଖୋଜି
ଯେଉଁଠି ଢେଉ ହୋଇଗଲା ଭାବେ
ସେଇଠାରୁ ଆରମ୍ଭ ହୁଏ ଲାଳସା ।
ଜଳ ଯଦି ଆମ ସମସ୍ତ
ଶୋଷିଲାପଣକୁ ମେଣ୍ଟାଇ ଥାଆନ୍ତା
ଦରକାର ପଡନ୍ତାନି
ଜୀବନର ତାଡି ଆଉ
ଅନ୍ଧାର ଭରା ରାତିଟାରେ
'ମୁଁ ସବୁ କରିପାରେ' ଭାବୁଥିବା ମଣିଷଟା
ଗୋଟାଏ ଝଡରେ
ମାପି ପକାଏ ତାର ନପାରିଲା ପଣକୁ
ଏଇତ ଆମ ଗର୍ବ, ଅପାରଗତା,
ଶୋଷିଲା, ଭୋକିଲା, ସ୍ୱାର୍ଥର
ଫରୁଆ ଭିତରେ ଥିବା
କଳା ଭଅଁର ଆଉ ଜୀବନନାଟୀ ।।

*୫ମ ବର୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,*
*ଉତ୍କଳ ବିଶ୍ୱବିଦ୍ୟାଳୟ*

# କୃଷ୍ଣର୍ ଚିଠିଟିଏ

♦ ପ୍ରିୟଙ୍କା ପ୍ରିୟଦର୍ଶିନୀ ପାତ୍ର

ହେ କୃଷ୍ଣ,
ଭାବୁଛି ମୁଁ ଆଜି
ତୁମେ ମୋର ନା ମୁଁ ତୁମର
ଏବାଟରେ କଣ୍ଟା ସେ ବାଟରେ ମାୟା
ଏ କି ତୁମର ଦଶାବତାର ।

ଭାବି ଭାବି ମୋର ମନଭାର ବଢ଼େ
ନ ପାଉଛି ଉତ୍ତର
କାହିଁ ଦେଖାଇଲ ବିଶ୍ୱରୂପ ପୁଣି
କରାଇଲ ଭାଗିଦାର ।

ଜାଣ ତୁମେ ମୋର ପ୍ରାଣପ୍ରିୟ ସଖା
ସର୍ବଦା ମୁଁ ତୁମର
ଭାବେ ବେଳେବେଳେ ଜାଣିଶୁଣି ତୁମେ
କରିଦେଇ ଅଛ ପର ।

ହେ କୃଷ୍ଣ ତୁମେ ମୋର, ମୁଁ ତୁମର ।
ଏଶରୀର ମୋର ଆତ୍ମାତୁମର,
ଦୁହେଁ ଅଟନ୍ତି ଅଭିନ୍ନ;
ମୋ ବିନା ତୁମେ, ତୁମ ବିନା ମୁଁ;
କେବେ ନୁହେଁ ପରିପୂର୍ଣ୍ଣ ।

ହେ କୃଷ୍ଣ ମୁଁ ତୁମର, ତୁମେ ମୋର
ତୁମ କର୍ପୁର ସୁଗନ୍ଧ, ଚନ୍ଦନର ବାସ
ଫୁଲଠାରୁ ମଧ୍ୟ ବେଶି ସୁବାସିତ
ତୁମ ମୟୁର ଚନ୍ଦ୍ରିକା, ବାଙ୍କ ଚାହାଣି
ସେ ରାସଲୀଳା ପୁଣି ପ୍ରେମ କାହାଣି ।

ହେ କୃଷ୍ଣ; ତୁମେ ଫୁଲ ନା ମଧୁ;
ତୁମେ ନଦୀ ନା ସିନ୍ଧୁ
ତୁମେ ଅନଳ ନା ଅଖୀଳ,
ତୁମେ ଧନୁ ନା ତୀର
ନା କୃଷ୍ଣ ତୁମେ ମୋର , ମୁଁ ତୁମର ।।

*୨ୟବର୍ଷ, ସ୍ନାତକୋତ୍ତର, ପ୍ରାଣିବିଜ୍ଞାନ ବିଭାଗ*

# ଅଭିମାନୀ ପ୍ରିୟା

♦ ହେମନ୍ତ କୁମାର ରଣା

ମନର ମାନସୀ ରୂପର ପ୍ରେୟସୀ
ରୂପେ ମୋ ସପନ ପରୀ
ତୁମ ରୂପ ଗୁଣ ସୌନ୍ଦର୍ଯ୍ୟ ପିପାସା
କବିଟିଏ ଦେଲା କରି ।।

ଫୁଲର ନାୟିକା ଲାଗେ ଏକା ଏକା
ମଉନ ରହୁଛ କିଆଁ
ତୁମ ସ୍ପର୍ଶ ପାଇ ଲିଭି ଯାଉ ମୋର
ମନର ଅଲିଭା ନିଆଁ ।।

ସହ୍ୟ ହେଉ ନାହିଁ ବିରହ ଯାତନା
ଆଉ ଏହି ନୀରବତା
ଅଭିମାନୀ ପ୍ରିୟା  ମଉନ ତୁମର
ବଢାଇ ଦେଲା ମୋ ଚିନ୍ତା ।।

ପ୍ରିୟ ବୋଲି କହି ଡାକିଦିଅ ଥରେ
ପାଇଯିବି ସବୁକିଛି
ସପନ ନାୟିକା ଅଭିମାନ ଭୁଲି
ଥରୁଟିଏ ଦିଅ ହସି ।।

ମନର ମୟୁରୀ ମୋ ସୁନା ହରିଣୀ
ଥରେ ଆସି ଶୁଣି ଯାଅ
ପ୍ରେମିକ ପ୍ରବର ଡାକୁ ଅଛି ତୁମ
ଗଢ଼ିବ ସ୍ୱପ୍ନର ଘର ।।

ପ୍ରେମର ପଦ୍ମିନୀ ତୁମେ ସରୋଜିନି
ସରସୀରେ ଶୋଭା ପାଅ
ରୂପରେ ଲାବଣ୍ୟ ଗୁଣେ ବିଚକ୍ଷର
ଦିବ୍ୟାୟୁଷ ଘେନିଥାଅ ।।

ତୁମ ହସେ ମ୍ଳାନ ପଡିଯାଏ ତାରା
ଶୁଭ୍ର ଜ୍ୟୋସ୍ନା ବିଞ୍ଛିଦିଅ
କୋଟି ଉପମାର ରୂପ ଘେନି ତୁମେ
ହୃଦୟରେ ପୂଜା ପାଅ ।।

*୫ମବର୍ଷ, ଓଡ଼ିଆ ଭାଷା  ଓ ସାହିତ୍ୟ ବିଭାଗ,*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ଭିନ୍ନ ମଣିଷ

♦ ବିଷ୍ଣୁପ୍ରିୟା ସାହୁ

କେତେ ସ୍ୱାର୍ଥପର ଏ ମଣିଷ
ସ୍ୱାର୍ଥ ଥିଲେ ତାର ସମସ୍ତେ ନିଜର ।
ସ୍ୱାର୍ଥପର ଏଇ ଦୁନିଆରେ କାହାକୁ ନ କରି ନିଜର
ଏକା ଚାଲିବାକୁ ହେବ ପଥ ବହୁ ଦୂର
ଥକି ନାହିଁ ଆଜି ସାଧନା ମିରାଙ୍କର ପାଦ
ପାଇବା ପାଇଁ ନିଜ ଅଧିକାର ।
ସଭିଏଁ କୁହନ୍ତି ତାଙ୍କୁ ହିଞ୍ଜଡା ମାଇଚିଆ
ଦେଖ ତାଙ୍କୁ ଆଜି ନାହାନ୍ତି ଏକଲା ।
ଡରି ନାହାଁନ୍ତି ସେ ଏଇ ଦୁନିଆକୁ
ଜୋର କରି ଆଣିଛନ୍ତି ନିଜ ସମ୍ମାନକୁ ।
ସମାଜର ଟାହି ଟାପରାକୁ ଖାତିର ନକରି
ନିଜ ପରିଚୟ, ନିଜ ସକ୍ଷମ ଦେଇଛନ୍ତି ଦେଖାଇ
ସଂଘର୍ଷ କରି ଏଇ ସମାଜସଣିଷ ସଙ୍ଗରେ
ଗଢି ହୋଇ ପାରିଛନ୍ତି ଭିନ୍ନ ମଣିଷରେ
ସ୍ୱାର୍ଥପର ନୁହେଁ ତାଙ୍କରି ହୃଦୟ
କରିବାକୁ ଚାହେଁ ସେ ସଭିଙ୍କୁ ନିଜର
ସମାଜର ଅତ୍ୟାଚାରକୁ ଖାତିର ନକରି
ଏକା ଚାଲିଛନ୍ତି ସଫଳତାର ବହୁ ଦୂରକୁ ଆଗେଇ ।
ଆଶାର କମଳ ଫୁଟାଇ ସମାଜେ
ପାଲଟିଛନ୍ତି ଆଜି ସେ ସତ୍ୟସୁନ୍ଦରରୁ ସାଧନା ମିଶ୍ରରେ
ସମାଜ ପରିବାର ଗ୍ରହଣ କରେ ନାହିଁ ତାଙ୍କୁ
ହେଲେ ମା' ବୋଲି ସମ୍ବୋଧନ କରେ ସମାଜ ତାଙ୍କୁ
କେତେ କଷ୍ଟ କେତେ ଉପହାସ ନକରି ଭୂକ୍ଷେପ
ଗଢି ତୋଳି ପାରିଛନ୍ତି ନୂତନ ସମାଜ
ତାଙ୍କ ହୃଦୟର ବ୍ୟଥା କାହାଣୀରେ
ଅଶ୍ରୁ ଭରିଯାଏ ମୋ ଆଖିରେ
ଶିଶୁଠାରୁ ବୁଢ଼ା ସମସ୍ତେ ଆଜି
ଡାକନ୍ତି ତାଙ୍କୁ ମା' ବୋଲି
ତା ଆଶିଷ ଆଜିଲୋଡେ ଏଇ ସମାଜ
ମନେ ହୁଏ ସତେ କେତେ ଭିନ୍ନ ମଣିଷ ।।

# ବୀରାଙ୍ଗନା ନାରୀ

♦ ଅରୁଣ କୁମାର ଦଳବେହେରା

ମଥାରୁ ଲିଭିଲା ସିନ୍ଦୁର ଟୋପା
ହାତରୁ ଭାଙ୍ଗିଲା ବିପଦ ସଙ୍ଖା ।
ଦେଶ ରକ୍ଷା ପାଇଁ ବଳିଦାନ ଦେଇ
ମୋତେ ଛାଡି ଗଲେ ମୋତେ ମୋ ସଖା ।
ପାର୍ଥିବ ଶରୀର ଦେଖି ମୁଁ ତାଙ୍କର
ଆଖିରୁ ଟୋପାଏ ଲୁହ ଢାଳିନି
ଛାତିକୁ ପଥର କରିକି କହୁଛି ବୀର ଶହୀଦର ମୁଁ ଅର୍ଦ୍ଧାଙ୍ଗିନୀ ।
ଦେଶର ସେବାରେ ନିୟୋଜିତ ବୋଲି
ଧରିଥିଲି ଜାଣି ତାଙ୍କରି ହାତ
ଏଭଳି ପୁରୁଷ ପାଇ ଜୀବନରେ
ସତ ମୁଁ କହୁଛି ସଦା ଗର୍ବିତ ।
ହେ ବୀରପୁରୁଷ ଦୁନିଆ ଆଗରେ
କହୁଛି ତୁମକୁ ଭଲ ପାଉଛି
ତୁମେ ଗଲାପରେ ତୁମ ପଥେ ଯାଇ
ଦେଶ ରକ୍ଷାପାଇଁ ଅଣ୍ଟା ଭିଡିଛି ।
ବାପା, ମା'ଙ୍କର ସେବା ମୁଁ କରିବି
ବୋହୁ ନୁହେଁ ହେବି ଏ ଘର ଝିଅ ।
ବୀରାଙ୍ଗନା ନାରୀ ଅଟେ ମୁଁ ଦେଶର
ଦୁର୍ବଳତା ନୁହେଁ ମୋ ଆଖି ଲୁହ
ସବୁ ସହି ଆଜି ଫୌଜି ମୋ ଛାତି
ବାରୁଦ କରିଛି ମୋ ମନ କୋହ ।

*ଦେଉଳ ବସ୍ତ, ଜଟଣୀ, ମୋ ୭୦୦୮୨୭୮୩୮୭*

# ସମୟ ଚେତନା

♦ ସନ୍ତୋଷ କୁମାର ଦାଶ

କେତେବେଳେ କିଏ ଜାଣେ ସେ ଆସିବ ?
ଅବା ଆସିଲାବେଳେ ଆଧାର ରହିବ
ବାସ୍ତବରେ କ'ଣ ଆସିବା ଦରକାର ?
ନ ଆସୁ ଅବା
ଆସିଲେ ଦେଇ ଚାଲିଯାଏ ବାଳର କଳାରୂପ
ମୃତ୍ୟୁର ବିଭୀଷିକା ଆଉ ଦୁଃଖର ହାହାକାର ।

ଜୀବନରେ ଶେଷଦିନ ସାଉଁଟୁ ସାଉଁଟୁ
ଅବା ସରିଯାଏ କର୍ତ୍ତବ୍ୟର ଇତିବୃତ୍ତ
ଆଉ କିଛି ବାକି ରହିଯାଏ
ଆସିବାର ଟିକେ ପୂର୍ବରୁ ଅଥଚ ଜଣାଇଦେଇ ଆସୁ
ଅବଶ୍ୟ ଜଣାଇଲେ ସତର୍କର ବାଣୀ
କିଛି ଘଟିବା ପୂର୍ବରୁ ରହିଥାଇ ଜୀବନ କାହାଣୀ

ଜୀବନର ଅନ୍ତକାଳେ ସତର୍କର ବାଣୀ
ହଠାତ୍ କଣ ସବୁ କହି ଚାଲିଯାଏ
କିଛି ପୁଣି ରହିଥାଏ
ପୂର୍ବ କିର୍ତ୍ତୀ ସ୍ମରଣ କରୁ କରୁ
ବାକିଦିନ ସବୁ ଚାଲିଥାଏ
ଚାଲିଗଲେ ଚାଲିଥାଉ ଅବା ଏ ଜୀବନଟା ରହିଥାଉ

ଅନେକ ସପନ ବାକି ସବୁ ରହିଯାଏ
ସମୟର ଶେଷ ପାଦରେ ବାକିଥିବା ସ୍ୱପ୍ନ
କିଛି ଅଭୁଲା ସ୍ମୃତିର ମନଲୋଭା ଚିତ୍ର
ପୁରା ହେବା ପୂର୍ବରୁ
ଜୀବନଟା ଚାଲିଥାଏ ଦୂର ଦିଗ୍‌ବଳୟକୁ

ଅଭିନନ୍ଦନ ଜଣାଇବା ପୂର୍ବରୁ ସେ ଆସିଯାଏ
ଅନେକ କିଛି ଛାଡିଦେଇଥାଏ
ଅଧୁରା ଜୀବନର ଅଧୁରା ସ୍ୱପ୍ନ ସବୁ ରହିଥାଏ
ବାକିତକ ସ୍ୱପ୍ନକୁ ସାଥିରେ ନେଇ
କିଛି ବାଟ ଗଲାପରେ ମନେ ପଡିଯାଏ
ଜୀବନରେ କିଛି କରିବାର ଥିଲା ଯାହା କରିନାହିଁ

ସମୟ ହୋଇପାରେ ସ୍ରୋତସ୍ୱନୀର ତରଙ୍ଗ
ସ୍ରୋତ ହୋଇ ଜୀବନକୁ ଧୋଇଦିଏ
କିଛି ଅଧୁଆ ରଖିଦେଇ
ଜୀବନର ଅନ୍ତରାଳେ କିଛି ସ୍ୱପ୍ନ ଆଉ ବାସ୍ତବତା
ଆଉ ମର୍ମର ବ୍ୟଥା
ଲାଘବ କରିବା ପୂର୍ବରୁ ଶେଷ ହୋଇଥାଏ ଏ
ଜୀବନଟା ।।

*୫ମବର୍ଷ, ସ୍ନାତକୋତ୍ତର ଓଡ଼ିଆ ଓ ଭାଷା –*
*ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ*

# ଏମିତିକା ସ୍ପର୍ଶ

♦ ବିଶ୍ୱଜିତ୍ ବେହେରା(ଗବେଷକ)

ପ୍ରଥମ ପ୍ରେମର ପ୍ରଥମ ସ୍ପର୍ଶ
ଯେତେ ସ୍ପର୍ଶ ଠାରୁ ନିଆରା
ଅଭିଆଡି ପ୍ରେମିକା ତନୁରେ
ସ୍ପର୍ଶ ସତେ ଲାଗେ ଆପଣା
ମନର ପବନ ବିନା ଚନ୍ଦନ ବନ
ସୁବାସିତ କେବେ ହୁଏନା

ରଙ୍ଗ ଯେତେ ଲାଗିଯାଏ
ପ୍ରିୟାର ମନରେ ସବୁରଙ୍ଗ ଶ୍ରାବଣରେ ଲିଭେନା,
ଏମିତି ଥାଏ ପ୍ରେମରଙ୍ଗ
ଯୌବନରେ ଲାଗିଗଲେ
ମିଶିଯାଏ ଦେହ ଓ ମନରେ
ଯେତେଯାହା କଲେ ମଧ
ଲେପି ହୁଏ ତନୁମନ
ମେବେ ଲିଭି ହୁଏନା,

ଚିହ୍ନା ଜଣା ହୋଇଗଲେ
ସଂପର୍କ କେବେ ବଢେନା
ସବୁ ସଂପର୍କ କେବେ
ପ୍ରେମ ହୋଇପାରେନା,
ମନ ଯେବେ ମାନିଯାଏ
ହୃଦୟକୁ ଛୁଇଁଯାଏ
ଆତ୍ମାର ମିଳନେ ସେତ
କେବେ ଧୋକା ଦିଏନା

ଆଖି ବୁଜି ଦେଲେ କେବେ
ସ୍ୱପ୍ନ ସବୁ ଆସେନା
ପ୍ରେମ ବିନା ପ୍ରେମିକା କି
ପୁରା ହୋଇ ପାରେନା
ବିନା ମଳୟରେ ବିନା ବସନ୍ତରେ
କୋଇଲି କି ଗୀତ ଗାଏନା....(ବିଶ୍ୱ)

*ପ୍ରତ୍ନତତ୍ତ୍ୱ ବିଭାଗ,*
*ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର*

# କିଏ ନିଜର୍ ?

♦ ମୋନାଲିସା ବାରିକ

କଣ୍ଟାର ଆଘାତେ ଡରିଯାଇ ମାଳା
ଫୁଲ ସେ କି ତୋଳେ ନାହିଁ
କଣ୍ଟକିତ ବୃନ୍ତେ ରକ୍ତଛିଟା ହସ୍ତେ
ମାଳରେ ଦିଏ ସଜାଇ ।। (୧)

ସପ୍ତାଶ୍ୱ କିରଣେ ଢଳଢଳ ପ୍ରାଣେ
ଜଳେ ସେ ଜନମି କାକର ବିନ୍ଦୁରେ
ହଜାଏ ସାରସ ଆଭା ।
ଜନମ ମରଣ ଏକ ତା କାରଣ
ସେତ ପାରେ ନାହିଁ ଜାଣି,
ସମର୍ପଣ ଚିତ୍ତେ ନିଜକୁ ସମର୍ପି
ପୁଲକ ଦିଏ ସେ ଆଣି ।। (୨)

କଅଁଳ ଖରାରେ, ଜହ୍ନ ଜୋଛନାରେ
ଚିକ୍କିକ୍ କରୁତାଏ
ଗୋରୁଗାଈ ମୁଖେ ପଦାଘାତ ସାଥେ
ଜୀବନ ତା କଟିଯାଏ ।
ଭୂଇଁରେ ଜନମି କଷ୍ଟ ଯନ୍ତ୍ରଣାରେ
ପଡି ସଦା ଉଠୁଥାଏ,
ତଥାପି ତୃଣଟି ନିଜକୁ ସମ୍ଭାଳି
ସବୁବେଳେ ହସୁଥାଏ ।। (୩)

ପାବକ ଶିଖାକୁ ଦେଖି ଆନନ୍ଦରେ
ତା' ପାଶକୁ ସେ ଧାଏଁ,
ଆନନ୍ଦ ତାହାର କିଛି କ୍ଷଣ ପରେ
ଶୁଚି ସ୍ପର୍ଶେ ହୀନ ହୁଏ ।
ଜ୍ୱଳନ ଶିଖାକୁ ବଇରି ସେ ମଣି
ସେ କି ଦୂରେ କା'ଠୁ ଥାଏ ?
ନିଜକୁ ଆହୁତି ଦେଇ ପଙ୍ଗପାଳ
ଅଗ୍ନି ଝାସେ ହଜିଯାଏ ।। (୪)

ମଧୁର ସ୍ମୃତିକୁ ହୃଦେ ଧରି ପ୍ରେମୀ
ଦୁଃଖକୁ ପାସୋରି ଯାଏ,
ଲୁହ, ଯାତନାକୁ ଅମୃତ ଭାବି ସେ
ଓଠେ ସୁଖ ପିଇଯାଏ ।
ରାଗ, ଅଭିମାନ, ସ୍ନେହ ମୂର୍ଚ୍ଛନାରେ
ହୋଇଯାଏ ବିହ୍ୱଳିତ,
ସକଳ ଦୁଃଖକୁ ପଶ୍ଚାଦପଦେ ରଖ୍
ପ୍ରେମ ତା' ଲଭେ ଶାଶ୍ୱତ ।। (୫)

କେଡେ ବିଚିତ୍ର ଏ ଦୁନିଆ ନିୟମ
ଭାବିଲେ ଲାଗେ ଚକିତ !
ଦୁଃଖ, ଶୋକ ପାଖେ ସୁଖର ମହତ
ରହିଛି ସଦା ନିହିତ ।
ଦୁଃଖ ଯିଏ ଦିଏ, ଘୃଣା ନକରି
କରିତାକୁ ଆପଣାର,
ସେ ରହେ ସଦା ଆମ ଜୀବନରେ
ସବୁଠୁ ବେଶୀ ନିଜର ।। (୬)

*ଷଷ୍ଠବର୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,*
*ଉତ୍କଳ ବିଶ୍ୱବିଦ୍ୟାଳୟ*

# ତକିଆ

♦ ଅମ୍ବିକା ସାହୁ

ଜୀବନର ଚଲାପଥରେ ଆସିଯାଏ
କେତେ ଦୁଃଖ ଓ ଯନ୍ତ୍ରଣା
ଦୁଃଖ, କଷ୍ଟକୁ ସବୁଭୁଲି
ଛାତିକୁ ପତର କରିବାକୁ ପଡେ।

ମନେ ହୁଏ ଦୁନିଆର ସବୁ ଦୁଃଖ ଯେମିତି ମୋ
ପାକରେ
ଏକା ଏକା ବାଟ ଚାଲିବାକୁ ପଡେ
ଋଲି ଋଲି ବହୁତ ଥକି ପଡେ
ଭାବୁଥାଏ କେହି ମତେ ହାତଦରି
ନେଇ ଯାଆନ୍ତା କି ?
କିନ୍ତୁ, ପାଖରେ କେହି ନଥା'ନ୍ତି
ହୃଦୟର ସେହି କେହକୁ ଜାଣିବାକୁ
ମାତ୍ର ଜଣକୁ ହିଁ ଜଣାଥାଏ

ଯିଏ ମୋ ମନର ମାନସ,
ହୃଦୟର ସ୍ପନ୍ଦନ,
ସୁଖଦୁଃଖର ସାଥୀ

ମୋର ସେହି ଦୁଃଖର ଲୁହକୁ
ଅନ୍ଧାରର କୋଠରୀ ମଧ୍ୟରେ ଆଖିରୁ ପୋଛିଦିଏ
ଜାଣିଛି, ତୁମେ ମୋର ନିକଟରେ
ସବୁଦିନ ଅଛ ଆଉ ଥିବ ମଧ୍ୟ
ସମସ୍ତେ ମୋତେ ପଚାରିବ
ଏଇ, ତୋ ମନର ମାନସ
ହୃଦୟର ସ୍ପନ୍ଦନ
ଜୀବନ ସାଥୀ କିଏ ?

ହଁ, ମୁଁ ତା'ର ଉତ୍ତର ଦେବି
ସେ ମୋର ପ୍ରେମିକ ତକିଆ
ଯିଏ କି ମୋର ସବୁ ଦୁଃଖ, ଲୁହକୁ
ସେହି ଅନ୍ଧାରର ଚାରିକାନ୍ଥ ମଧ୍ୟରେ ଦେଖିଥାଏ
ହଁ, ତମେମାନେ ଆଶ୍ଚର୍ଯ୍ୟ ହୋଇଗଲ ନା
ମୋ ପ୍ରେମିକର ନାଁ ଶୁଣି।।

*ଷଷ୍ଠବର୍ଷ ଓଡ଼ିଆବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,*
*ଭୁବନେଶ୍ୱର*

# ମୁଁ ଖୋଜେ ତୁମ ପ୍ରେମକୁ

♦ ସ୍ନିଗ୍ଧା ସ୍ୱରୂପା ମଲ୍ଲିକ

ମୁଁ ଖୋଜେ ତୁମ ପ୍ରେମକୁ
ଯେମିତି କଇଁ ଖୋଜେ ଜହ୍ନକୁ
ମୁଁ ଭିଜେ ତୁମ ପ୍ରେମରେ
ଯେମିତି ମାଟି ଭିଜେ ବର୍ଷାରେ
ମୁଁ ପାଗଳ ତୁମ ପ୍ରେମରେ
ଯେମିତି ମଧୁମକ୍ଷିକା ପାଗଳ ମଧୁ ଆଶାରେ
ମୁଁ ପୁଲକିତ ତୁମ ପ୍ରେମରେ
ଯେମିତି ଫୁଲ ପୁଲକିତ ଭ୍ରମର ସ୍ପର୍ଶରେ
ମୁଁ ରଞ୍ଜିତ ତୁମ ପ୍ରେମରେ
ଯେମିତି ଇନ୍ଦ୍ରଧନୁ ସାଜେ ଆକାଶ ବକ୍ଷରେ
ତୁମେ ପ୍ରତିଫଳିତ ମୋ ହୃଦୟରେ
ଯେମିତି ଉଦିତ ଭାନୁ ପ୍ରତିଫଳିତ ସମୁଦ୍ର ତୀରେ
ମୁଁ ବ୍ୟଥିତ ତୁମ ପ୍ରେମରେ
ଯେମିତି ଚକ୍ରବାକୀ ବ୍ୟଥିତ ମିଳନ ଆଶାରେ
ମୁଁ ଅପେକ୍ଷିତ ତୁମ ପ୍ରେମରେ
କେବେ ମୋତେ ନିଜର କରିବ ତୁମ ହୃଦୟରେ ।।

*ସଂସ୍କୃତ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର.*

# ପରିଜା

♦ କ୍ଲିଣ୍ଟନ ଶବର

ପରିଜା ଏକ ଦୃଢ଼ ଦୁର୍ଗ
ଉତ୍କଳୀୟଙ୍କ ପାଇଁ ଖଡ୍ଗ
ଏହା ଯେ ଏକ ମାଇଲ ସ୍ତମ୍ଭ
ଯେଉଁଥିରେ ରହିଛି ଅମୂଲ୍ୟ ସମ୍ପଦ
ନାମ ତାହାର ସୁନାମ ଧନ୍ୟ
ଉତ୍କଳରେ ପୁଣି ମାନ୍ୟଗଣ୍ୟ
କରିକି ହେବ ତୁଳନା ତାହାର
ଯିଏ ନେଉଛି ଲକ୍ଷ୍ୟ ଲକ୍ଷ୍ୟ ବିଦ୍ୟାର୍ଥୀଙ୍କ ଭାର
ଦେଇ ହେବ ନାହିଁ ତାହାର ସୌନ୍ଦର୍ଯ୍ୟର ଉପମା
ଉପମାରେ ସେ ଏକ ଅନୁପମା
ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦେଇଛି ସୁନ୍ଦର ପ୍ରାକୃତିକ
ଉପହାର
ସେ ଆମ ପରିଜା ପାଠାଗାର

*ଷଷ୍ଠ ବର୍ଷ, ଇଂରାଜି ବିଭାଗ ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ*

# ଭୋଗରାଇ ମୋ ଜନ୍ମ-ଭୂମି

♦ ରାଜେନ୍ଦ୍ର ମାଝି

ଜନମ ଯେଉଁଠି
ମରିବାର ଇଚ୍ଛା କି ସେଇଠି
ସେହି ମୋ ପ୍ରିୟ ଗାଁ
ସେଠି ସପନ ସବୁ ବାସ୍ତବିକ ଲାଗେ
ଭୋଗରାଇ ତାର ନାଁ।। (୧)

ଅତି ଭୋଗେ ତୁହି ଭୋଗରାଇ
ମର୍ତ୍ତେ ତୋ ପରି କେହିନାହିଁ
ପ୍ରିୟାଠୁ ପ୍ରିୟତୁ, ମାଆଠୁ ବି ବଡ
ତୁହି ମୋ ଜନମ ଭୁଇଁ
ଧନ୍ୟ ମୁଁ ହୋଇଛି
ତୋର ମାତୃ ପରଶ ପାଇ।।(୨)

ବୃକ୍ଷଲତା ରାଜି ଗହନ ବନ
ଫଳ-ପୁଷ୍ପ-କାଣ୍ଡ, ପାଣି ଓ ପବନ
କରଇ ସଭିଙ୍କ ମନକୁ ହରଣ
ସଂଚାରେ ସେ ମୋ ଶରୀର ପ୍ରାଣ।। (୩)

ଧାନ-ପାନ-ମାନ ଆଉ ସପ ମସିଣା
ଅଷ୍ଟମ ଅଦଭୁତେ ହୁଅଇ ଗଣା
ତୋତେ ଛାଡି ଅସଂମ୍ପୁର୍ଣ୍ଣ ମୋ ଠିକଣା
ପ୍ରିୟ ମୋର ସେହି ବାଉଁଶ ଖଣା।।(୪)

ଗ୍ରୀଷ୍ମରେ ତୋହର ବାଶୁକି ମେଳା
ଗୀତରେ ଭୋଗରାଇ ଉତ୍ସବ
ଦିନୁ ଦିନ ତୋର ବଢେ ଯଶ ଖ୍ୟାତି
ପୁଣି ବଢଇ ନାନା ବଭବ।।(୫)

ତୋ ସୁବର୍ଣ୍ଣରେଖା ନଈ
ସ୍ମୃତିରେ ମୋହର ରହିଛି ଜିଇ
ତୋ ମନ୍ଦିର ମଠ, ପୋଖରୀ ତୋଠ
ଭଲ ଲାଗେ ତୋ ଉର୍ବର ଭୁଇଁ।।(୬)

ଧନ୍ୟ ମୁଁ ହୋଇଛି
ଏଠି ଜନମ ପାଇ
ତୁହି ମୋ ପ୍ରିୟ ଭୋଗରାଇ
ତୁହି ମୋ ପ୍ରିୟ ଭୋଗରାଇ।।(୭)

*ସ୍ନାତକୋ□ର ୫ମ ବର୍ଷ, ଓଡ଼ିଆ ବିଭାଗ,*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ପ୍ରଣିପାତ

♦ ଡକ୍ଟର ସରୋଜିନୀ ପାଣି

ସଭିଁଏ ଭଲ ରହିଥାନ୍ତ ବୋଲି
ମାନସିକ କରେ ଯିଏ
ସିଏ ତ ସରଳା, ସହୃଦୟାପୁଣି
ସ୍ନେହମୟୀ ବୋଉଟିଏ । (୧)

ବଡ଼କଲୁ ମୋତେ ଏନ୍ତୁଡ଼ି ଶାଳରୁ
ଚଲାଇଲୁ ଧରି ହାତ
ବାଟର କଣ୍ଟାକୁ ଫୁଲରେ ସଜାଇ
ପାରିଲୁ ସ୍ୱର୍ଗର ବାଟ । (୨)

ତୋର କରୁଣାର ମହାର୍ଘ ଚିନ୍ତନ
ସତରେ ଅମୃତ ତୁଲ୍ୟ
ତୋର ସ୍ନେହ ପ୍ରୀତି କରୁଣାର ଗୀତି
କିଏ ଦେବ ତାର ମୂଲ ।।(୩)

ସକାଳ ଆସିଲେ କାଉ ରାବି ଦେଲେ
ତୋ ଦିବ୍ୟ ମୁହଁଟି ଦିଶେ
ତୋ କୋଳେ ସରଗ ସୁଖଟି ଥାଏ ଲୋ
ଖୁସିରେ ଦୁନିଆ ହସେ ।। (୪)

ବୋଉ ପରି ମୋର ଦୁନିଆରେ କେହି
ନିଜର ବୋଲି ଯେ ନାହିଁ ।
ତା'ର ପଣତ ସରଗର ସୁଖ
ତା କୋଳ ଶାନ୍ତିର ଛାଇ । (୫)

ବୋଉ ବୋଲି ଥରେ ଡାକି ଦେଲେ ତୁଣ୍ଡେ
ହୃଦୟ ପବିତ୍ର ହୁଏ
ବୋଉର ମମତା କୋଟି କୋଟି ଗାଥା
ନେତ୍ରହୀନ ନେତ୍ର ପାଏ । (୬)

ବଡି ଭୋରରୁ ମନ୍ଦିରରୁ ଯେବେ
ଶଙ୍ଖ ଧ୍ୱନି ଶୁଭୁଥିବ
ମୋ ହାତ ଯୋଡିକ ତୋରି ଉଦ୍ଦେଶ୍ୟେ
ପ୍ରଣିପାତ କରୁଥିବ । (୭)

*ଅଧ୍ୟାପିକା, ନିସ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁଟ୍, ଭୁବନେଶ୍ୱର*

# ବାଣୀବିହାର:ପିଜିରେ ଦୁଇବର୍ଷ

♦ ମାଧବାନନ୍ଦ ପାତ୍ର

ନଥାଏ ଶୀତରେ ଜାଡର ପ୍ରକୋପ
ଝାଞ୍ଜି ପୁଣି ବୈଶାଖର
ଯାହାର କୋଳରେ ପ୍ରେମଥାଏ ନିତି
ଋତୁ ଫୁଟେ ବସନ୍ତର ।
ଦେହରେ ଯାହାର ପାଦ ଦେଉ ଦେଉ
ବାସ ଛୁଟେ ଫଗୁଣର
ସିଏତ ମୋହର ଅତି ଆପଣାର
ପ୍ରେମିକା ବାଣୀବିହାର ।
କେଉଁ ଜନମର କେଉଁ ପୁଣ୍ୟପାଇଁ
ପ୍ରବେଶିଲି ଏଠି ଆସି
ସୃଜନ ଦକ୍ଷତା ଯେତିକି ଥିଲା ମୋ
ଏଇଠି ଉଠିଲା ବାସି ।
ମୁଁ ଏଠାରେ ଥାଇ ଝୁରିହେଉଥାଇ
ରେଭେନ୍‌ସାର ପ୍ରତି କଥା
ବାଣୀବିହାରଟା ହୋଇ ଦ୍ୱିତୀୟ ପ୍ରେମିକା
ଚୁମି ଦେଉଥାଏ ମଥା ।
ପ୍ରଥମେ ଆସିଲି ଯେବେ ମୁଁ ଏଠାକୁ
ବଉଳ ଫୁଲର ବାସ୍ନା,
କବିର ମନକୁ ଆଲୋଡିତ କରି
ମେଣ୍ଟାଇଲା ମୋର ତୃଷ୍ଣା,
ରେଭେନ୍‌ସାକୁ ଛାଡି ଏଣ୍ଟ୍ରାନସର ଦିନ
ଆସିଲି ଏଠାକୁ ଯେବେ
ପ୍ରେମରେ ପଡ଼ିଲି ବାଣୀବିହାରର
ଭୁଲି ପାରିବିନି କେବେ
ଓଡ଼ିଆ ବିଭାଗ ଥିଲା ମୋ ପାଇଁ,
ସତରେ ବାଟକୁ ଚାହିଁ

ଚାରିପଟେ ଝିଅ ମୁଁ ମଝିରେ ପୁଅ
ଅନେଇଲେନି ବି କେହି ।
ସରିଗଲା ଯେବେ ମୋର ପରୀକ୍ଷା
ଚାହୁଁଥିଲି ଚାରିଆଡେ
ଡାହାଣ ପାଇରେ ସୁନ୍ଦରୀ ଝିଅଟେ
ଫସାଇଲା ଆଖି ମାଡେ ।
ପ୍ରଶ୍ନ ପରେ ମୋତେ ପ୍ରଶ୍ନ ପଚାରିଲା
ସବୁ ମୁଁ କହିଲି ତାକୁ
ସିଏ ପାଇଲାନି ସିଟ୍ ଏଠାରେ
ମୁଁ ପାଇଲି ପଢ଼ିବାକୁ ।
ପ୍ରଶ୍ନପତ୍ରରେ ସେଟ୍ ଥିଲା ବୋଲି
ମୁଁ ତ ଜାଣିନଥିଲି
ଅଲଗା ସେଟ୍‌ର ପ୍ରଶ୍ନପତ୍ର ପାଇ
ସବୁ ଉତ୍ତର ଦେଖାଇ ଦେଲି ।
ପ୍ରଥମ ଦିନରୁ ରହିଛି ଏଇଠି
ଗୋପବନ୍ଧୁ ଛାତ୍ରାବାସେ,
ଗୋଦାବରୀଶରେ ରହିଲି ଯାଇ
ଫେର ଦ୍ୱିତୀୟ ବରଷେ ।
କେତେ ସାଙ୍ଗସାଥି କେତେ ମଜାମସ୍ତି
ଚାଲୁଥିଲା ଦିନ ରାତି
ହଉ, ଚାଲିଥାଉ ଜୀବନର ଗାଡି
ବାଣୀବିହାର ସ୍ମୃତି ନେଇ ।
ଯେଉଁଠି ଥିଲେବି କେବେ ବି ଏହାକୁ
ଭୁଲିବିନି ଭଲପାଇ ।

*ଓଡ଼ିଆ ବିଭାଗ,*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ପୁଷ୍ପ

♦ କନକ ମଞ୍ଜରି ପଟ୍ଟନାୟକ

ଫୁଲଟିଏ ଫୁଟୁଅଛି ଈଶ୍ୱରଙ୍କ ଦାନ
ରୂପ, ରସ, ଗନ୍ଧ ତା'ର କିଣିନିଏ ମନ
ସବୁଜ ପତ୍ର ଜହଳେ ଦିଶେ ଚମତ୍କାର
ଲାଲ, ନୀଳ ଧଳା କେତେ ରଂଗର ପ୍ରକାର
ପ୍ରକୃତିଟି ଶୋହାବନ ବକ୍ଷେ ଧରି ପୁଷ୍ପ
ଆକର୍ଷିତ କରେ ପଶୁ ପକ୍ଷୀ ଓ ମଣିଷ
କି କୋମଳ, କିଲାଳିତ୍ୟ କି ସୁନ୍ଦର ବାସ୍ନା
ପରିତୃପ୍ତ ହୋଇଥାଏ ସଭିଙ୍କର ଆତ୍ମା
ଲୁଚି ଲୁଚି ବାସେ ପୁଷ୍ପ ମୁଗ୍ଧକରେ ପ୍ରାଣ
ଛୋଟ ମଧ୍ୟେ ଉଚ୍ଚଗୁଣ ସ୍ରଷ୍ଟାର ବିଧାନ
ତା'ର ରୂପ ପ୍ରଦର୍ଶନେ ମୁଗ୍ଧ ହୁଏ ହିଆ
ତା' ଭିତରେ ଲୁଚିଅଛି ରହସ୍ୟର ମାୟା
ଅଳୀକ ଜୀବନ ତା'ର ଅଟେ ଚିରନ୍ତନ
ସଂଘଠିତ ହୋଇଥାଏ ପରାଗ ସଂଗମ
ସଂସାରକୁ କରିଥାଏ ସବୁଜିମା ମୟ
ପ୍ରକୃତିର ସଂଯୋଜନା ହୁଏ ସୁଧାମୟ
ତରୁ ଲତା ବୃନ୍ତେ ଖେଳେ ହୋଇ ହାସ୍ୟମୟୀ
ଉପଭୋଗ୍ୟ ହୋଇଥାଏ ଏହି ସାରା ମହୀ
ବିକୃତ ନକର ତାକୁ ଆରେ ନରାଧମ
ବନ୍ଦକର ପୂଜା ଫାନ୍ଦ ପୁଷ୍ପ ଅରପଣ
ପୁଷ୍ପ ଅଟେ ପ୍ରକୃତିର ଶୋଭାର ଭଣ୍ଡାର
ଦିଏ କେତେ ମହାଦୃମ, ଲତା ଉପହାର
ଆକର୍ଷିତ ପ୍ରଜାପତି ପକ୍ଷେ ପୁଷ୍ପରେଣୁ
ଛାଡିଦିଏ ଅନ୍ୟପୁଷ୍ପେ ଗାଇ ଗୁଣୁ ଗୁଣୁ
ନିର୍ଲୋପିତା, ସରଳତା ପୁଷ୍ପର ଭୂଷଣ
ମହାପାପ ଅଟେ କଲେ ପୁଷ୍ପକୁ ହରଣ
ଉଦ୍ଭିଦର ବଂଶବୃଦ୍ଧି ପୁଷ୍ପଟି କାରଣ
ଦିଅତାକୁ ରହିବାକୁ ଯେଉଁଠି ଜନମ।

....

# ମତ୍ସ୍ୟଜୀବିର୍ ଆତ୍ମକଥା

♦ ମାଧୁରୀ ବେହେରା

କିଏ କୁହେ ବେହେରା ପୁଅତ
କିଏ କୁହେ କେଉଁଠି ପୁଅ
ତାର ଡଙ୍ଗା ସହ ବନ୍ଧୁତ୍ୱ
ଦିନ ଦିନ ଧରି ଜଳ ମଧ୍ୟେ ଝର।।

ଦ୍ୱିପହର ଟାଇଁ ଟାଇଁ ଖରାବେଳେ
ଚିଲିକା ଜଳରାଶିଟି ଅତି ଚଳଚଞ୍ଚଳ
କେଉଟଟିଏ କସରତ କରୁଥାଏ
ନିଜର ବଞ୍ଚିବାର ଆସ୍ଥାଟିକୁ ନେଇ।

ସେ ଥକିଯିଏ, ଝାଳମଗ୍ନ ହୋଇଯାଏ
କିନ୍ତୁ ମନେ ପଡେ ଘର ସଂସାର କଥା
ପୁଣି ଲାଗିପଡେ ତାର ଅଜସ୍ର ପରିଶ୍ରମରେ
ସମୟ ସିନା ଥକି ଯାଏ; କିନ୍ତୁ ସେ ନୁହେଁ।।

ଦିନସାର ଆକ୍ଳାନ୍ତ ପରିଶ୍ରମ ପରେ
ରାତ୍ରର କାଳିମା ଭିତରେ
ସେଚାହେଁ ବିସ୍ତୃତ ଆକାଶକୁ
ଆଉ ଦେଖେ ଜହ୍ନ, ତାରାର ଗତିକୁ।।

ସେ ଆକଳନ କରେ ଭବିଷ୍ୟତକୁ
ଅନ୍ଧକାର ମଧ୍ୟେ ଉଜ୍ଜ୍ୱଳ ପ୍ରଦୀପକୁ
କିନ୍ତୁ ସେ ଆସା ହରାଏ ନାହିଁ
ଆଉ ଶେଷ ପଥ ପର୍ଯ୍ୟନ୍ତ ଅନାଇଥାଏ।।

ଚଇତି ପର୍ବ ଆଉ ଦଶହରା
ଗଙ୍ଗସିଉଳି ପରି ଖୁସି ଆଣେ
ପୁଣି ଦୁଃଖ ବାରମାସୀ ସାଜେ
ପୁଣି ଥରେ ହୋଇଯାଏ ଅଣନିଶ୍ୱାସୀ।।

ସେ ଚେଷ୍ଟା କରେ ଦୁଃଖ ମଧ୍ୟେ
ମିଛ ମିଛିକା ହସିବା ପାଇଁ
କିନ୍ତୁ ଧରାପଡି ଯାଏ
ବାସ୍ତବତାକୁ ଏଡେଇ ପାରେ ନାହିଁ।

ଥରେ ଦଶ୍ରନରେ ଲେଖାଗଲା 'ଚିଲିକା'
କିନ୍ତୁ ନିତ୍ୟ ଦର୍ଶନରେ ପାଏ ନାହିଁ ଶବ୍ଦ
ଆହାକାର ଜୀବନ ମଧ୍ୟ, ଭୁଲିଯାଏ ନିଜକୁ
ଏହା ହିଁ ମତ୍ସ୍ୟଜୀବିର ଆତ୍ମକଥା।।

*୫ମ ବର୍ଷ*

# ହେ ସମୟ

♦ ସସ୍ମିତା ସାହୁ

ହେ ସମୟ
ଜୀବନର ଡୋରି ତୁମ ହାତରେ
କେବେ ଖୁସିର ଫଗୁଣରେ ରଙ୍ଗେଇ ଦଉଚ
ତ ପୁଣି କେବେ ଲୁହର ଶ୍ରାବଣରେ ଭିଜଉଚ
କେବେ ପୁର୍ଣ୍ଣିମା ଚାନ୍ଦର କଅଁଳ ଆଲୋକ
ପୁଣି କେବେ ଅମାବାସ୍ୟାର ଅନ୍ଧକାର ।

ହେ ସମୟ
କେବେ କାହାକୁ ଆପଣାର କହି
ସମ୍ପର୍କର ଡୋରି ବାନ୍ଧୁଛ
କେବେ ପୁଣି ସେଇ ମଣିଷ ଅଚିହ୍ନା
ସତେ ଅବା ତୁମେ ଏତେ ବଳବାନ୍
କେବେ ଫୁଲ ତ କେବେ କଣ୍ଟାରେ
ଜୀବନର ଶେଯକୁ ସଜେଇ ଦଉଚ ।

ହେ ସମୟ
ଚାଲି ଆସିଛି ତୁମ ହାତ ଧରି ଆଲୋକରାସ୍ତା
ଆଉ ଆଜି ମୋ ଆଞ୍ଜୁଳାରେ
ତୁମେ ଦେଇଥିବା କିଛି ଅନାବନା ସ୍ମୃତି
ନା ଅଛି ତୁମ ପାଇଁ ଅଭିମାନ ନା ଅଛି ଅଭିଯୋଗ ।

*ଏମ୍ ଫିଲ୍*

# କାଗଜ ଡଙ୍ଗା

♦ କରୁଣାରେ ସିଂହ

କାଗଜ ଡଙ୍ଗାର କି ଅବା
ଜୀବନ କହିବି.......
ଝରାଫୁଲ ଦେଖିବା ସହ ସମାନ ।

କିଏ ଜାଣିଛି
କେତେ ଦୂର ଯିବ ଏ ଡଙ୍ଗା
ଓଳିଏ କି ଦି' ଓଳି ।

ଏଠି ସମୟ ତ କାମ କରେ
ତା' ଅନୁସାରେ.....
କେତେବେଳେ ପବନର ମାଡ
ସହିବାକୁ ହୁଏ
ଛାତିକୁ ପଥର କରି..... ।

କ୍ଷଣିକ ଖୁସିରେ ଭାସୁଥିବା
ଜଳଦସ୍ୟୁର ଖୁସି
କେତେ ଜଣକ ଭାଗ୍ୟରେ ଥାଏ ।

ତା ମାନେ ନୁହେଁ ଯେ
ବିଚଳିତ ହେବା....
ଜାଣିନୁ ସାହାରା କରି
ବଞ୍ଚିବା ଡଙ୍ଗାର ପ୍ରକୃତି
ହେଲେ କିଏ ଯେ
ଚାହିଁବ ବିଚ୍ଛେଦ

ଏଇ ତ ପ୍ରକୃତି ମିଳନ
କାଗଜ ଡଙ୍ଗାର ଜୀବନ ଯାପନ ।।

*ସ୍ନାତକୋ□ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,*
*ବାଣୀବିହାର.*

# ଫେରି ପାରନ୍ତା କି ଅତୀତ

♦ ଦେବୀରାଣୀ ଜେନା

ଶୂନ୍ୟତା ବେଳେବେଳ ମାଡିଆସେ
କଳାହାଣ୍ଡିଆ ମେଘର ରୋଷଣି ନେଇ
ଦେହ ମନରେ ଭରିଯାଏ ବହଳ ଅନ୍ଧକାର
ଉବୁକି ଉଠେ ଅଜଣା କୋହ
ଋତୁହୀନ ଲାଗେ ପୃଥିବୀଟା
ସଂଚିତ ସୁଖ ଟିକକ ମିଳେଇ ଯାଏ ସମୟର ଦୋଛକିରେ
ନିରାଶାର ମରୁବାଲିରେ ମନେ ପଡେ ଅତୀତ
ସତରେ ଫେରି ପାରନ୍ତା କି ସେ ପିଲାଦିନ
ସବୁ ଯନ୍ତ୍ରଣା, ଦୁଃଖ କୁ ଠେଲି ଦେଇ
ଯାବୁଡି ଧରନ୍ତି ତାକୁ
ବୋଉର ସେ ମିଠା ଆକଟ
ଚାଟଶାଳାରେ ବେତର ଛାଟ
ସାଙ୍ଗସାଥି ସହ ପିଜୁଳି ଚୋରି
କୁଆଡେ ହଜିଗଲା ସେ ଦିନ ?

ଆଜି ହୁଏତ ଯୌବନର ଭରାନଦୀରେ ପାଦ ଥାପିଚି
ସହିବା ବୁଝିବା ବୁଝେଇବାର ସମୟ ଆସିଛି
ତଥାପି ମନେ ପଡେ ମିଛି ମିଛି ବହୁ ଚୋରି
ପତେଇ ଖେଳ ହଜିଲା ପିଲା ବେଳ
ଫେରି ପାରନ୍ତାକି ସେ ଅତୀତ ।

*ଓଡ଼ିଆ ବିଭାଗ,*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ଅର୍ଘ୍ୟ

♦ ସ୍ୱପନ କୁମାର ଘୋଷ

ସମୟର ବାଲୁକା ବେଳାରେ
ପଦଚିହ୍ନ ଆଙ୍କି-ଆଙ୍କି
ଚାଲିବାକୁ ଚେଷ୍ଟା କରିଛି ଯେ
କେବେଯାଏ ରହିବ ଏ ରେଖା
କହିବ କି ?

ଝଡ ହେବ ଲହଡି ଖେଳିବ,
ଅନ୍ୟମାନେ ଅନ୍ୟ ମନେ
ପରୁଆ ନ କରି
ନିଜ ପଦଚିହ୍ନତଳେ ଏସବୁକୁ
ମ୍ଲାନ କରି ଆଗେଇ ଚାଲିବ
କିପରି ବା ରଖି ହେବ...ଟି ।

ତମେ ଯଦି ଭଲ ପାଇଥାଅ
ତମର ଏ ପଣନ୍ତ ଉଡ଼ାଅ...
ଦିଗକୁ ଆଚ୍ଛନ୍ନ କରି କ୍ରମେ ହେଉ..
ଦିଗନ୍ତ ପ୍ରସାରୀ

ଆକୃତ ଭାଷିତ ହେଉ
ସବୁ ସେଇ ହୃଦୟର ଭାଷା
ଉଚ୍ଚାରିତ ଅର୍ଘ୍ୟ ଥିଲା ଯେଉଁତକ...
ତମ ପ୍ରତି ...ସଖୀ !

*କଲିକତା*

# ମାନବ ରୁ ଆଦିମାନବ

♦ କାବେରୀ ସାହୁ

ପୃଥିବୀର ଆବର୍ତ୍ତନରେ ବଦଳେ ସମୟ
ବବର୍ତ୍ତନରେ ମଣିଷ....
ଆଦିମାନବ ରୁ ଆଧୁନିକ
ହେଲେ ବଦଳି ପାରେନା ଭାଗ୍ୟ ।

ବିବର୍ତ୍ତନବାଦର ସଂଜ୍ଞାରେ
ବଢ଼ିଲା ପୃଥିବୀ
ହେଲେ ହଜିଗଲା ମାନବିକତା
ବହିଲା ବିଧ୍ୱଂସର ପବନ
ବଦଳିଲା ମାନବର ପାଣିପାଗ ।।

ସେ ପରିବର୍ତ୍ତିତ ରୂପରେ ପୁଣି ଫେରି ଚାଲିଛି
ଯେଉଁଠି ଜନ୍ମିଥିଲା ତା ଅବାସ୍ତବ
ଆହୁରି ବି ଘୁରିବ ପୃଥିବୀ
ବଦଳିବ ସମୟ
ଆଉ ମାନବ ପାଲଟିବ
ଆଦିମାନବ
ଆଉ ତା ପରେ ???

*ବିଜ୍ଞାନ ଭୂଷଣ, ନୃତତ୍ତ୍ୱବିଭାଗ*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ପ୍ରେମିକାର୍ ସ୍ମୃତିରେ୍

♦ ବିଜୟଲକ୍ଷ୍ମୀ ଭୋଇ

ସ୍ମୃତିର ଚଲୁଣିରେ ମୁଁ ଖୋଜେ ତୁମକୁ
ତୁମର ସେ ନିରିହ ଚାହାଣିକୁ
କେଉଁ ଫାଙ୍କରେ ତୁମେ ଲୁଚିଯାଅ
କେଉଁ ଫାଙ୍କରେ ତୁମେ ଦିଶ
ତାହା ତୁମେ ହିଁ କେବଳ ଜାଣିଥାଅ
ତାହା ତୁମେ ହିଁ କେବଳ ଜାଣିଥାଅ । (୧)

ଜରଲାଗେ ପ୍ରିୟା ଭଲପାଇବାକୁ
ତୁମର ସେ ବିଶ୍ୱାସ ଭରାମନକୁ
କେଉଁ ବିଶ୍ୱାସରେ ବାନ୍ଧି ନେଇଛି
ମୋ ହୃଦୟର କଳ୍ପନାକୁ । (୨)

ମନ ଆଜି କୁହେ ସ୍ୱପ୍ନ ଦେଖିବାକୁ
ମିଠା ମିଠା ସ୍ୱପ୍ନରେ  ତୁମ ପ୍ରତିଛବିକୁ
କାହିଁକି ଆଙ୍କି ହୋଇଯାଏ ତୁମ ଛବି
ମୋ ସ୍ୱପ୍ନ ଅଗଣା ଭିତରେ ପ୍ରିୟା
ମୋ ସ୍ୱପ୍ନ ଅଗଣା ଭିତରେ । (୩)

ଆଲୋଚନା ଓ ସମାଲୋଚନାର
ସମୟତ ଗଡି ଯାଇଛି
କିନ୍ତୁ ତୁମ ପାଇଁ ଥିବା ଭଲ ପାଇବା
ମୋ ହୃଦୟରେ ସ୍ଥିର ହୋଇ ରହିଛି । (୪)

ଅଭୁଲା ମନକୁ ବୁଝାଇ ସାରିଛି
ତୁମକୁ କରିପାରିନି ଜୀବନ ସାଥୀ
କିନ୍ତୁ ତୁମ ମନରେ
ମୋ ପ୍ରେମକୁ ସାଇତି ରଖିଛି । (୫)

*ସ୍ନାତକୋ□ର ଓଡ଼ିଆ ଭାଷା  ଓ ସାହିତ୍ୟ ବିଭାଗ*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ଆର୍ତ୍ତଚିତ୍କାର

♦ ଜିତେନ୍ଦ୍ର ବିଶ୍ୱାଳ

ସହରର ରାସ୍ତା କଡରେ
ମନ୍ଦିର ସମ୍ମୁଖରେ
ପାର୍କରେ, ଟ୍ରାଫିକ୍ ଭିଡରେ
ପୁଣି ଚଳନ୍ତା ବସ ଭିତରେ
ଆଜିବି ଶୁଭୁଛି ଦିଅ, ଦିଅ, ଦିଅର ଚିତ୍କାର !

ସ୍କୁଲ, କଲେଜ ସାମ୍ନାରେ, ଭିତରେ
ରେଳ ଷ୍ଟେସନରେ
ସିନେମା ହଲ ଆଗରେ ଓ ପୁଣି
ଜନ ଗହଳିଆ ମାର୍କେଟ ଭିତରେ
ଆଜିବି ଶୁଭୁଛି 'ବାବୁ ଦେଇଯା'ର ବିକଳ ସ୍ୱର ।

କିଏ ଧର୍ମ ନାଆଁରେ ତ କିଏ
ଭଗବାନଙ୍କ ନାଆଁରେ
କିଏ ବିକଳିଆ ସ୍ୱରରେ ତ
ଆଉ କିଏ ଦୁଇ ହାତରେ ତାଳି ବଜେଇ
ନିଜର ହକ୍ (ମାଗିବା)କୁ ଜାହିର କରେ ।
ହେଲେ ସବୁଠି ଶୁଭେ ମାଗିବାର ସେଇ ଗୋଟିଏ ସ୍ୱର !

ଏଇ କ'ଣ ମୋ ଦେଶର ଆଦର୍ଶ
ମାଗିବାର କ'ଣ ହେବ ନାହିଁ ଶେଷ ?
ସମାଜର ଧନୀ ଗରିବର ଭେଦା ଭେଦ
ଶେଷ ହୁଏନା ଓ ମାନସିକ ଅନ୍ତ ର୍ଦ୍ୱନ୍ଦ୍ୱ
ଘାଣ୍ଟି ପକାଏ ସେଇ ଦୁଃଖୀରଙ୍କିଙ୍କ ବିଳାପିତ ସ୍ୱର !

ରାତି ରାତି ଅନିଦ୍ରା ହୁଏ, ଥକି ପଡେ
ଆଉ ସାନ୍ତ୍ୱନା ଦିଏ ମୋର ଏ ବିପ୍ଲବୀ ମନକୁ
ସତ ହେବ ଦିନେ କାଲମାର୍କ୍ସଙ୍କ ସ୍ୱପ୍ନ
ସବୁଆଡେ ଶୁଭୁଥିବ ସମତାର ଧ୍ୱନି
ହେଲେ ମୋ କାନରେ ଗୁଞ୍ଜରିତ ହୁଏ,
ମାଗିବାର ଆର୍ତ୍ତଚିତ୍କାର !

*୫ମ ବର୍ଷ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ଥରେ ଏମିତି ହେବ ଯେ

♦ ସନ୍ଧ୍ୟାରାଣୀ ପାଢୀ

ଥରେ ଏମିତି ହେବ ଯେ
ପବନ ଗତିଶୀଳ ପୃଥିବୀଟା
ପରମସ୍ଥିର ହୋଇ ଯାଇଥିବ
ଏ ମେଘମାଳା ଆକାଶଟା
ପୂରା ପୂରି ନିଶୂନ ହୋଇଯିବ
ପକ୍ଷୀମାନଙ୍କପର ସବୁ ଝଡିଯାଇଥିବ ।

ସେତେବେଳେ ସବୁକିଛି
ଓଲଟପାଲଟ ହୋଇଯାଇଥିବ
ଅଥଚ ମୁଁ ଆଉ ମୋର ହୋଇ ନଥିବ

ତେବେ ମୁଁ ହୋଇଯିବି ଘରଛଡା
ମୋଠାରୁ ଦୁରେଇ ଯାଇଥିବ
ମୋ ଅତୀତ ବର୍ତ୍ତମାନ ଭବିଷ୍ୟତ
ହଁ ! ମୋର ଖାଲି ମୋର ହୋଇ ରହିଥିବ
କିଛି ସ୍ମୃତି ଆଉ ଅନୁଭୂତି ଯାହା
ତୁମ ପାଇଁ ନିହାତି ପରିତ୍ୟକ୍ତ ।

ସେ ଦିନ ନାଚୁନାରୁ ମରିଯାଇଥିବ ମାଙ୍କଡ
ଆଉ ତାର ଦିଆସୀ
ଆଉ କି ହୋଇବ ଖେଳ !
ନିସ୍ତବ୍ଧ ଭଳି ପଡିଯାଉଥିବ ବେଳ

ଆଉ ସରିଯାଇଥିବ ଆତ୍ମର୍ଜିତ ପାପ
କେବେ, କିଏ ଆଉ ଦେବ ଅଭିଶାପ
କିଏ ତେବେ ଉଦ୍ଧରିବ ଏଇ ପଙ୍କରୁ
ଆଉ, କିଏ ଘେନିଯିବ ହାତଧରି ବହୁଦୂରେ
ଆଉ ରୋକିବ ମରୀଚିକା ପାଶ୍ଚାତ୍-ଧାବନରୁ

କିଏ ? କିଏ ଶୁଣେଇବ ଆଉ
ଉଠ ! ଜାଗ୍ରତ ହୁଅ,
ମୃତ୍ୟୁ ପୁର୍ବରୁ ପରଖିନିଅ ଥରେ
ନିଜ ହିୟାକୁ ଅତି ପାଖରୁ...

କିଏ କାନପାଖେ ଫୁଙ୍କି ଦେବ ସେ ଅମରବାଣୀ
ଭବିଷ୍ୟତ ଯାହା ଅବଶ୍ୟ ଘଟିବ
କିଏ ତା କରିବ ଥାନ
କିଏ ଅବା ଏଇ ଜୋତିଶ୍ଚକ୍ରେ ଗତି
ରୋକିବାକୁ ବଳବାନ
ଘଟିବା ଏକଥା ଏଇନେ ନୋହିଲେ
ଦିନେ ନା ଦିନେ ନିଶ୍ଚିତ ହେବ ହିଁ ହେବ ।।

*ସ୍ନାତକୋତ୍ତର ଷଷ୍ଠବର୍ଷ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ମମତାର୍ କୋଳ

♦ ସିମ୍ରନ୍ ମହାପାତ୍ର

ଦୁନିଆରେ ଯେତେ ଥାଆନ୍ତୁ ନିଜର
ତୁହି ଅତି ଆପଣାର
କେତେ ଝଡ ଝଞ୍ଜା ସହି ତୁ ଜୀବନେ
ଆମକୁ କରିଛୁ ବଡ ।

ମୋର ମାଡ ଗାଳି ମୋ ଦେହ ପାଇଁ
ଲାଗଇ ଚନ୍ଦନ ପରି
ତାହାରି ଭିତରେ ଭରି ରହିଅଛି
କେତେ ଯେ ସ୍ନେହ ତୋହରି ।

ହାତରନ୍ଧା ତୋର ଯେତକ ଦରବ
ଲାଗଇ ଅମୃତ ସମାନ
ଆଜିର ଏ ସ୍ୱାର୍ଥ ଦୁନିଆରେ
ତୁହିତ ଅଟୁ ମହାନ
ଆଜିର ଦୁନିଆ ବୁଝିପାରେ ନାହିଁ
ତୋ ମମତାର ମୂଲ
କେତେ ସ୍ୱର୍ଥପର ଆଜିର ସମାଜ
ଅର୍ଥ ତାଙ୍କ ପାଇଁ ଭଲ ।

ବୋଉଲୋ,
ଆଜି ଭାରି ମନେ ପଡେ
ତୋର ସେହି ସ୍ନେହ ବୋଳା ମମତା କୋଳ ।

*ସଂପାଦିକା-ତାଳପଦେଶ୍ୱରୀ, ସାହିତ୍ୟ ଆସର*

# ଅମୃତର୍ ସନ୍ତାନ

♦ ସୁପ୍ରଭା ବିଶ୍ୱାଳ

ହେ ଭାରତ ମାତାର ଯୋଗ୍ୟ ଅମୃତ ସନ୍ତାନ
କୋଟି କୋଟି ଜନଙ୍କୁ ବଞ୍ଚାଇ ତୁମେ ଦେଇଗଲ ପ୍ରାଣ
ଝୁରୁଛି ଦେଶ ପୁଣି ଝୁରୁଛି ଏ ମାଟି
ଜଳିଗଲା ସିନା ଦେହ ତୁମର ରହିଗଲା କିନ୍ତୁ କୀର୍ତ୍ତି
ପ୍ରତିମୁହୁର୍ତ୍ତରେ ତୁମେ ମନେ ପଡିବ ହେ ବୀର ଜବାନ
ଧନ୍ୟ ତୁମ ପିତା ମାତା ଧନ୍ୟ ତୁମ ଜନ୍ମସ୍ଥାନ
ଅରଜନକେ ଶତ୍ରୁ ପାଖେ ଜୀବନ ହାରିଲା
କାଳକାଳରୁ ତୁମେ ଯଶ ରଖିଗଲ
ତନ୍ମଧ୍ୟରୁ ଓଡ଼ିଶାର ଦ୍ୱୟ ବୀର ଭ୍ରାତା ମନୋଜ ପ୍ରସନ୍ନ
ଯାହାଙ୍କୁ ହରାଇ ଓଡ଼ିଶାବାସୀଙ୍କ ଲୁହର ଶ୍ରାବଣ
ଏମିତି କାହିଁ ତୁ ଜଗା ସାଧିଲୁରେ ଦଶା
ତୋ ଉପରୁ ଜନତାଙ୍କ ତୁଟିଲା ଭରସା
ଯାହାତ ଭାଗ୍ୟରେ ଅଛି ନିଶ୍ଚେ ତା ଘଟିବ
କିଏ ବା ତାହାକୁ କେବେ ଆନ ଯେ କରିବ
ଏତିକି ପ୍ରଭୁ ତୋ ପାଖେ ମୋର ବିନତୀ
ଶହୀଦ ଦ୍ୱୟ ଆତ୍ମାଙ୍କୁ ମିଳୁରେ ମୁକତି
ଏ ମୋର ଜୀବନ ଦେଶସେବାରେ ହେଉରେ ଲିପ୍ତ
ଏତିକି ଗୁହାରୀ ତୋ ପାଖେ କାଳିଆ ସାଆନ୍ତ ।

*ପି.ଜି. ୨ୟ ବର୍ଷ, ସଂସ୍କୃତ ବିଭାଗ.*

# ବନ୍ଧୁତା

♦ ରଶ୍ମିରଞ୍ଜନ ସ୍ୱାଇଁ

କେତେ ମଧରତା କେତେ ବ୍ୟାକୁଳତା
ଲୁଚି ଅଛି ସେହି ଶବ୍ଦ
ଅନୁଭବ ପୁଣି ଅନୁଭୂତି କହେ
ଆର୍ଶୀବାଦ କି ସେ ସତ ।

ବନ୍ଧୁର ବନ୍ଧୁତା ବର୍ଣ୍ଣିକି ପାରିବ
ଶବ୍ଦର ବିନ୍ୟାସେ ସତେ
ପ୍ରଶ୍ନଟିଏ ପୁଣି ଉଙ୍କିମାରେ ମନେ
ବୋକାଟିଏ କିନ୍ତୁ ସତେ

ଅକୁହା ବେଦନା ଅଭୁଲା ସ୍ମୃତିକୁ
ସାଉଁଟିଛୁ ଅବା ସତେ ।
ଭ୍ରମର ପୁଷ୍ପର ବନ୍ଧୁତା ଯେ କେତେ
ଅଛପା ନାହିଁ କା ପାସେ ।
ପ୍ରକୃତି କୋଳରେ ଜନ୍ମ ନେଇବା
ଭୁଲିକି ପାରିବି ସତେ ।

ବନ୍ଧୁତାର ଏଇ କେଇ ପଦ କଥା
ବର୍ଣ୍ଣିକି ପାରିଛି ମୁହିଁ
ଅନେକ କଥାକୁ ଏ ଛାତି ଭିତରେ
ସାଇତି ରଖିଛି ପୁଣି

ସମୟର ଏହି ସ୍ୱଳ୍ପତା ମଧ୍ୟରେ
ଏତିକି ପାଇଛି ଲେଖି
ଏତିକି ରଖି ମୁଁ ବିଦାୟ ନେଉଛି
ସମୟକୁ ରଖି ସାକ୍ଷୀ ।।

*ପି.ଜି ୧ମ ବର୍ଷ, ରାଜନୀତି ବିଜ୍ଞାନ*

# ଶ୍ରେଷ୍ଠ ଉପହାର୍

♦ ସୁମିତ୍ରା ମନ୍ତ୍ରୀ

ସ୍ରଷ୍ଟାଙ୍କୁ ସୁନ୍ଦର ଉପହାର
ଅଟେ କେତେ ମନୋହର
ଜନନୀ ଜଠରୁ ଭୂମିଷ୍ଠ ହୋଇ ମୁଁ
ବୁଝିଛି ଏହି ମରମ ।

ଜନମିଲା ବେଳେ ଡାକୁଥିଲି
କୁଆଁ କୁଆଁ
କଥା କହିବାର ଯେବେଠୁ ଶିଖିଲି
ପ୍ରଥମେ ଡାକିଲି ମା ।

ମା' ନୁହେଁ ସେତ ମମତାର ସ୍ରୋତସ୍ୱିନୀ
ହୃଦୟ ତାହାର ଗଙ୍ଗାଠୁ ପବିତ୍ର
ମନ ତାହାର ସ୍ନେହ ପ୍ରେମର ଗନ୍ତାଘର
ଦେଇ କି ପାରିବି ତା' ସ୍ନେହ ପ୍ରେମର ମୂଲ ।

ଦେଇ ହୁଏନା ତା' ସ୍ନେହ ପ୍ରେମର ମୂଲ
ସେ ପରା ସର୍ବସଂହା ଧରିତ୍ରୀଠୁ ବଡ
ଅନ୍ଧାର ରାତିରେ ଦୀପଶିଖା ସିଏ
ଦୁଃଖର ସାଗରେ ସୁଖର ନୌକା ।
ତା ପଣତ ତଳେ ସବୁ ସୁଖ ଶାନ୍ତି
ସେ ପରା ଅମୃତମୟୀ
ନିଜେ ଦୁଃଖେ ରହି ମୋତେ ତୋ ହସାଏ
ସେହି ଏକା ମୋର ସାହା ।
ଏ ସୃଷ୍ଟିରେ କେହି ନୁହେଁ କେହି ନୁହେଁ ତା
ସିଏ ପରା ମୋର 'ମା'
ମା' ନୁହେଁ ସେତ ଚଳନ୍ତି ଠାକୁର
ସ୍ରଷ୍ଟାଙ୍କର ଶ୍ରେଷ୍ଠ ଉପହାର ।

*୫ମ ବର୍ଷ*

# "ଦୋଛକି"

♦ ଡକ୍ଟର ପ୍ରବୀଣା ପରିଡା

ଅଙ୍କା ବଙ୍କା
ବାଙ୍କ ବୁଲାଣି ନାହିଁ
ପଡିଛି ଆଗକୁ ଆଗକୁ
ସଳଖ କଣ୍ଟାହୀନ ରାସ୍ତା,
ସେଠି ଠିକଣା ହଜେନା
କି ମନ ବାଟ ବଣା ହୁଏନା
ଜୀବନ ଠିକ୍ ଓଲଟା ହୁଏ
ଯେତେ ସଳଖିଲେ ବି ଆନମନା ହୁଏ
ଦୋ ଛକି, ତ୍ରି ଛକିରେ ହାବୁଡି ଯାଏ
ମରଣ ମୁହଁକୁ ସ୍ୱାଗତ କରେ
ପଛକୁ ଚାହିଁଲେ ଛନକା ପଶେ,
ନେଡିଗୁଡ କହୁଣୀକୁ ଆସିଲାପରେ
ବାଟବଣା ଜୀବନରେ
କଣ୍ଟାଫୁଟି ରକ୍ତରେ ଜୁଡୁବୁଡୁ
କ୍ଷତାକ୍ତ ଜୀବନ,
ରାଗ ଆସେ ନିଜ ଉପରେ
ମନ, ବିବେକ ବି ତାର ବୋଧ କୁ
ପେଟରାରେ ସାଇତି ରଖି
ନିଜେ ଅଣନିଶ୍ୱାସୀ
ତ ଲୁହଲୁହାଣ, ଆଉଟା ପାଉଟା
ଡେଣାହୀନ କଙ୍କି ସମ ଜୀବନ ।

ଇନ୍ଦ୍ରିୟ ମୁକ୍ତ ହେବାରେ
ସିଧା ରାସ୍ତା ଜଳଜଳ ଦିଶେ
ହେଲେ ରକ୍ତ ମାଂସ ଗଢା ମଣିଷ ଯେ
କାମନା କୁ କରେ ନି ଆୟତ
ଯାହା ପାଇଁ ଭୋଗୁଥାଏ
ଶେଷ ନିଃଶ୍ୱାସ ଯାଏ ଆକ୍ତାମାକ୍ତା ଜୀବନ ।
ଜୀବନର ଦୋଛକିରେ ହଜିଯାଏ ମଣିଷ
ଭୁଲିଯାଏ ଅତୀତ-
ପ୍ରେମକୁ ବଳିଦାନ ଦେଇ
ନିଜ ଗଢିବାର ମୋହରେ
ଆପ୍ୟାୟିତ ଜୀବନ
ସ୍ୱାର୍ଥ ଓ ମୋହରେ
ବନ୍ଧା ଜୀବନକୁ
ଟାଣି ନେଇଚାଲେ ଆଗକୁ ଆଗକୁ,
ଦିଗହରା ପଥିକ ସେ
ବାଟ ହୁଡା ମଣିଷ
ମୁଖ ଦେଖାଇବ କାହାକୁ ?
ଅଜାଗା ଘା'କୁ ଘୋଡାଇ ଘୋଡାଇ
ବିତିଯାଏ ତା ବାକି ଜୀବନ
ଦେଖିଚାଲେ ଦିବା ସପନ
ଦେଖିଚାଲେ ଦିବା ସପନ ।।

*ଷ୍ଟାରସିଟି, ପଟିଆ, ପୋ-କିଟ୍*

# ଶୂନ୍ୟ ଏ ଜୀବନ

♦ ଫୁଲ ମଣି ସୋରେନ୍

ଜୀବନଟା ଆସେ ଯଦି
ଗୋଲପର ପାଖୁଡାରେ ନାଚି
ଜୀବନଟା ବସେ ଯଦି
କାମନାର ନିଝରିଣୀ ତୀରେ
ଜୀବନଟା ଧାଏଁ ଯଦି
ମିଳନର ଫୁଲ ଉପବନେ
ପୁଣି ଉଡିଯାଏ ଅନ୍ଧାରର
ସ୍ମୃତି କୋଠରୀରେ ।
ମୋ ଜୀବନ ଅନ୍ଧକାରେ
ମୁଁ ଖୋଜୁଛି ମୁଠାଏ ଆଲୋକ
ମଉଳା ଏ ଫୁଏ ପାଖୁଡାରୁ
ମୁଁ ଖୋଜୁଛି ମଧୁର ଗହଳ
ସ୍ୱପ୍ନକୁ ଖୋଜି ଖୋଜି ସାଉଁଟି ରଖିଲି
ହୃଦୟ କାଗଜରେ କେତେ
ନୂଆ ନୂଆଛବି ମୁଁ ଆଙ୍କିଲି
ତାରା ଓ ଧରିତ୍ରୀର ନରମ ଛାଇରେ
ସ୍ୱପ୍ନର କବିତା ମୁଁ ରଚିଲି । ।

*ସଂପାଦିକା-ତାଳପଦେଶ୍ୱରୀ, ସାହିତ୍ୟ ଆସର*

# ଗଙ୍ଗାଧର୍ ମେହେର୍

♦ ନିର୍ମଳା କୁମାରି ମହାପାତ୍ର

"ବରପାଲି ଦେଶେ ଅଛି ଗଙ୍ଗାଧର ମେହେର,
ତାହାର କବିତା ପଢ଼ିଲିଣି ଢେର ଢେର।
କବିତାଗୁଡ଼ିକ ପଢ଼ି ମନ ମାନିଯାଏ।
ଆଉ ସେ ଲେଖିବ କିଛି ବାଟ ଚାହିଁଥାଏ।"

ଉତ୍କଳଭ୍ରମଣଂ / ଫକୀରମୋହନ ଗ୍ରନ୍ଥାବଳୀ, ପୃ.୨୨୨/

ବ୍ୟାସକବି ଫକୀରମୋହନ ସେନାପତି (୧୮୪୩-୧୯୧୮) 'ଉତ୍କଳଭ୍ରମଣଂ' ର ପ୍ରଥମ ଓ ଦ୍ୱିତୀୟ ସଂସ୍କରଣର ପ୍ରକାଶକାଳ ହେଲା ଖ୍ରୀ.ଅ.୧୮୯୨. ସେଥିରେ ସେ ସମସାମୟିକ ଓଡ଼ିଶାର ଜଣାଶୁଣା ନାଗରିକମାନଙ୍କ ପ୍ରତି ସ୍ତୁତି, ପ୍ରଶଂସା, ଶ୍ଳେଷୋକ୍ତି, ନିନ୍ଦାବର୍ଷଣ, (ଯାହା ପାଇଁ ଯାହା ହେବା କଥା) କରିଛନ୍ତି। ବେନାମୀ ରଚନା ହୋଇଥିଲେ ହେଁ ପାଠକମାନେ ସେକାଳରେ ବି ଠିକ୍‌ଭାବେ ଜାଣି ପାରିଥିଲେ କିଏ ଏହାର ଲେଖକ ? ବା କବି ?

ଏଠାରେ ଫକୀରମୋହନ କିନ୍ତୁ ଗଙ୍ଗାଧରଙ୍କୁ ପ୍ରଶଂସା କରିଛନ୍ତି। ତାଙ୍କର ଲେଖାଗୁଡ଼ିକୁ ପଢ଼ିଛନ୍ତି ବୋଲି ସୂଚନା ଦେଇଛନ୍ତ। କବି ମେହେର ଆହୁରି ଅନେକ ଲେଖିବେ ଓ ସେ ପଢ଼ିବେ ବୋଲି ଆଶା-ପୋଷଣ କରିଛନ୍ତି।

ଗଙ୍ଗାଧର ମେହେର (୧୮୬୨-୧୯୨୪) ବୟସରେ ଥିଲେ ସାନ। ଫକିରମୋହନ ତାଙ୍କଠାରୁ ପ୍ରାୟତଃ ୧୯ (ଊଣେଇଶ ବର୍ଷ) ବଡ଼ଥିଲେ। ଏଣୁ ଅତି ଶ୍ରଦ୍ଧାର ସହ ସେ ଗଙ୍ଗାଧରଙ୍କ ରଚନାକୁ ପଢ଼ିବାକୁ ପଢ଼ିବା ପାଇଁ ଚାହିଁ ରହୁଥିଲେ। ଗଙ୍ଗାଧରଙ୍କର ସାଧାରଣ ଶିକ୍ଷା ପ□ମ ଶ୍ରେଣୀ ଯାଏ। ମାତ୍ର ସ୍ୱାଧ୍ୟାୟ ବଳରେ ସେ ବହୁ କାବ୍ୟ-କବିତା-ଅଭିଧାନ-ଶାସ୍ତ୍ର-ପୁରାଣାଦି ଆୟତ କରିଥିଲେ।

କାଙ୍କର ପ୍ରଥମ ରଚନା "ରସରତ୍ନାକର" ଭଂଜୀୟ ଶୈଳୀରେ ଆଦ୍ୟପ୍ରାନ୍ତର ନିୟମ ଅନୁସରଣରେ ରଚିତତାଙ୍କର ଅହଲ୍ୟା ସ୍ତବ(୧୮୯୨), ଇନ୍ଦୁମତୀ(୧୮୯୩), କବିତା କଲ୍ଲୋଳ(୧୯୧୫), ଅର୍ଘ୍ୟଥାଳୀ(୧୯୧୯), କୃଷକ ସଂଗୀତ(୧୯୨୧) ବେଶ ଉଲ୍ଲେଖଯୋଗ୍ୟ। ତାଙ୍କର ସବୁ କାବ୍ୟ-କବିତାରେ ପ୍ରକୃତିକୁ ଚରିତ୍ର ଗ୍ରହଣ କରାଯାଇଛି। ପ୍ରକୃତି ଉପରେ ବ୍ୟକ୍ତିତ୍ୱ ଆରୋପଣ (Personification Of Nature) ମେହେର ସାହିତ୍ୟର ବୈଶିଷ୍ଟ୍ୟ, ନଦୀ, ଗଛଲତା, ଉଷାକାଳ ଆଦି ମଣିଷପରି କ୍ରିୟାଶୀଳ। ଏଣୁ ତାଙ୍କୁ ସ୍ୱଭାବକବି ବା ପ୍ରକୃତି କବି କୁହାଯାଏ। "ଅମୃତମୟ" କବିତାରେ ସେ ନିଜକୁ ଅମୃତସାଗରର ବିନ୍ଦୁ ବୋଲି କହିଛନ୍ତି। ଏହା ତାଙ୍କର ଆଶାବାଦର ପ୍ରତୀକ। କାଙ୍କର ମୁଖ୍ୟ ରଚନାକୁ ନେଇ ଚଉଦଅକ୍ଷରିଆ ଏକ ସନେଟ୍‌ର ପ୍ରୟାସ କରାଯାଉ ତେବେ।

ମେହେର ମିହିର : କବି ଗଙ୍ଗାଧର

ମେହେର ମିହିରାଲୋକେ ଅର୍ଘ୍ୟଥାଳୀ ଉଭା
'କିଚକ ବଧ', 'ଉତ୍କଳଲକ୍ଷ୍ମୀ' ଦୀପ୍ତିପ୍ରଭା।
'ପ୍ରଣୟୀବଲ୍ଲରୀ' କାବ୍ୟ ପ୍ରୀତି ଅଳଙ୍କାର
'ରସ ରତ୍ନାକର' ଦେଖ ଶବ୍ଦ ଯାଦୁଘର।
କାଳିଦାସ ଶକୁନ୍ତଳା ଯେମନ ମହାନ
ପ୍ରଣୟବଲ୍ଲରୀ ତେହ୍ନେ କାବ୍ୟ ସୁଶୋଭନ।
'କବିତା କଲ୍ଲୋଳ', 'ତପସ୍ୱିନୀ', 'ଇନ୍ଦୁମତୀ',
'କୃଷକ ସଂଗିତ' ଯୋଗୁଁ କୃଷିଜୀବି ପ୍ରୀତି।
'ଅଯୋଧ୍ୟାଦୃଶ୍ୟ', 'ଭାରତୀଭାବନା'
ସହିତ 'ପଦ୍ମିନୀ' ମହାକାବ୍ୟତ ମହିମା ମଣ୍ଡିତ।
'ମହିମା', 'ଅହଲ୍ୟାସ୍ତବ' କବିର ପ୍ରତିଭା
ବିସ୍ତାରନ୍ତି କାଳେ କାଳେ ଅମଳିନ ବିଭା।
ମାତୃଭୂମି, ମାତୃଭାଷା-ଭକତି ସଂଗୀତ-
ବିତରକ ଗଙ୍ଗାଧରେ ଶତ ଦଣ୍ଡବତ।

*ନିର୍ମଳା କୁବାରୀ ମହାପାତ୍ର, ଗବେଷକ*
*ସେକ୍‌ଟର-୨/୪୨୬, ନୀଳାଦ୍ରିବିହାର*
*ଭୁବନେଶ୍ୱର-୨୧.*

# ଅସରନ୍ତି ଶୁଭକାମନା

**ସଂଘମିତ୍ରା ମିଶ୍ର**

ପୁଣି ଆସିଲା ତାଳପଦେଶ୍ୱରୀ ସାହିତ୍ୟ ଆସରର ବାର୍ଷିକ ଉତ୍ସବ। ପୁରାତନ ଓ ନବୀନଙ୍କ ମିଳନ ପର୍ବ। କେତେ ଆଶା ଆଶ୍ୱାସନା ଆପଣାପଣର ଉତ୍ସବ। ମା' ତାଳପଦେଶ୍ୱରୀଙ୍କର କୃପାଧନା ଏହି ସାହିତ୍ୟ ଆସର ଜୀବନୀ ଶକ୍ତିରେ ଭରପୁର ଏକ ଅନନ୍ୟ ଜୀବନ୍ତ ଅନୁଷ୍ଠାନ। ଏହାର ଆହ୍ୱାନ କାନରେ ବାଜିଲେ ମନ ତଳେ ଉଦ୍‌ବେଳନ ସୃଷ୍ଟି ହୁଏ। ଏବେ ତ ହ୍ୱାଟସ୍ ଆପ ଗୋଷ୍ଠୀ ସୃଷ୍ଟି ହେବାଦିନରୁ ଅଧିକ ପରିବ୍ୟାପ୍ତ ହୋଇଛି ଏହାର ଆତ୍ମୀୟତା। ଓଡ଼ିଶାର ସର୍ବପ୍ରଥମ ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଗତିଶୀଳ ଏହି ସାହିତ୍ୟ ଅନୁଷ୍ଠା। ତେଣୁ ବାଣୀବିହାରର ପାଣିପାଗ ସହିତ ଏହାର ନାଡୀନକ୍ଷତ୍ରର ସଂପର୍କ ରହିଛି। ମାସେ ଦେଢ଼ମାସ ଅନ୍ତରରେ କବିତା, ପାଠୋତ୍ସବ ଗଳ୍ପ ପାଠୋତ୍ସବ, ଅତିଥିମାନଙ୍କଠାରୁ ନା ନା ଅନୁଭୂତି ଆହରଣ ସହିତ କେବେ ଆକାଶବାଣୀର ଯୁବବାଣୀ କାର୍ଯ୍ୟକ୍ରମ ପାଇଁ ଶବ୍ଦଗ୍ରହଣ ଏଠି ଚାଲିଥାଏ। ସବୁ ବିଭାଗର ସର୍ଜନଶୀଳ ଛାତ୍ରଛାତ୍ରୀ ଏହାର ପରିସରଭୁକ୍ତ। ଯେଉଁମାନେ ଏବେ ସାହିତ୍ୟଜଗତରେ ଜଣାଶୁଣା ନାମ, ଅଧିକାଂଶ ଏଇ ପରିସରରେ ସାହିତ୍ୟର ଖଡି ଛୁଇଁଥିଲେ। ସର୍ଜନଶୀଳତା ପ୍ରଦର୍ଶନ ଖୋଜେ, ତା ସହିତ ଲୋଡେ ସମାର୍ଜନ। ତେଣୁ ଏହାକୁ ଆମେ ଆମେ ପ୍ରଶିକ୍ଷଣ ସମୟ କହିପାରିବା।

ଏଥର ମୋ କଥା ଦିପଦ। ଦୀର୍ଘ ଛଅବର୍ଷ ହେଲା ସେବାନିବୃତ୍ତ ହୋଇ ମଧ୍ୟ ତାଳପଦେଶ୍ୱରୀ ସାହିତ୍ୟ ଆସରପାଇଁ ମନ ଡାକେ, କବିତାଟିଏ ପଢ଼ିବାକୁ। ଅନ୍ୟମାନଙ୍କର ଶୁଣିବାକୁ ମନ ହୁଏ। ଆଦିଜ ପ୍ରତିଯୋଗିତାପୂର୍ଣ୍ଣ ସଂସାରରେ ତାଳପଦେଶ୍ୱରୀ ଯେ ମୋ ଭିତରେ ସର୍ଜନଶକ୍ତିକୁ ବଞ୍ଚାଇ ରଖିଛି ଏହା ମୋର ଉପଲବ୍‌ଧି। କେତେ ପିଲାଙ୍କୁ ଗାଦି ଦେଇଛି, ଗଳ୍ପ କବିତା ସଂଶୋଧନ କରିଛି। କିଏ ଖୁସି ହୋଇଛନ୍ତି, କିଏ ମୁହଁ ଶୁଖାଇଛନ୍ତି। ଏବେ ଅଧିକାଂଶଙ୍କର ନାମ ମଧ୍ୟ ମୁଁ ଜାଣେନି। ତେବେ କେଉଁ ଅପାର୍ଥିବ ଆକର୍ଷଣରେ ଏଠାକୁ ଟାଣି ହୋଇଆସେ। ପୁରୁଣା ପିଲାମାନେ ଥରେ ଏକାଠି ହୋଇଥିଲେ ଯେ ହୃଦୟ ଭର୍ତ୍ତି ହୋଇଯାଇଥିଲା। କୃଷକଟିଏ ଯେମିତି ଭରା କ୍ଷେତ ପାଖରେ ବସି ଝାଳ ପୋଛୁ ପୋଛୁ ହସି ଦେଉଥାଏ ଠିକ୍ ସେମିତି ବ୍ୟକ୍ତି ଜୀବନ ସୀମିତ ମାତ୍ର ଅନୁଷ୍ଠାନର ଜୀବନ ଅସୀମ। ଶତାୟୁ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ' ଏବେ ଯାଏ ଗତିଶୀଳ। ତେଣୁ ଏ ଅନୁଷ୍ଠାନ ଆରମ୍ଭରୁ ପ୍ରାପ୍ତ ସଂପୃକ୍ତ ଥିବା ମୁଁ କାମନା କରୁଛି ଯେ ଅଧିକରୁ ଅଧିକ ସାହିତ୍ୟମନସ୍କ ପିଲା ଏଠାକୁ ଆସନ୍ତୁ ଓ ଅନୁଷ୍ଠାନକୁ କ୍ରୀୟାଶୀଳ ରଖନ୍ତୁ। ବଜ୍ର ଭିତରେ ବଂଶୀର ସ୍ୱର ଶୁଭୁ। ସବୁ ମଳିନତା ନିରୂପଣ ଅପସରିତାର ମଝି ପାହାଚର ଏହି ଗଢ଼ି ହେଉଥିବା ଯୁବଗୋଷ୍ଠୀ ଗୁରୁଜନଙ୍କୁ ସମ୍ମାନ ଓ ଲଘୁଜନଙ୍କୁ ଶ୍ରଦ୍ଧା ଦେବାକୁ ସରସ୍ୱତୀଙ୍କ କୃପାଦୃଷ୍ଟି ପାଇବାକୁ ସାଧନା ଦରକାର। ସିଦ୍ଧି ପଛରେ ନ ଗୋଡାଇଲେ ବି ସିଦ୍ଧି ଆସି ଦୁଆର ବାଡ଼େଇବ, ଏହା ବହୁ ପରିକ୍ଷିତ ସତ୍ୟ, ତାଳପଦେଶ୍ୱରୀ ସାହିତ୍ୟ ଆସରର ସମସ୍ତ କର୍ମକର୍ତ୍ତା, ଶୁଭେଚ୍ଛୁ ତଥା ସବୁ ଛାତ୍ରଛାତ୍ରୀଙ୍କୁ ମୋର କୃତଜ୍ଞତା ଜଣାଉଛି। ଏହି ଅନୁଷ୍ଠାନର ସଫଳତା ପାଇଁ ପୀଠଦେବୀ ମା ତାଳପଦେଶ୍ୱରୀଙ୍କ ଆଶୀର୍ବାଦ କାମନା କରୁଛୁ। ସ୍ରଷ୍ଟାର ଚେତନାରେ ପ୍ରତି ମୁହୂର୍ତ୍ତ 'ଭୋର'ହିଁ ହେଉଥାଉ।

ଉପଦେଷ୍ଟା– ତାଳପଦେଶ୍ୱରୀ ସାହିତ୍ୟ ଆସର

# ମଥୁରା ନଗରର କୃଷ୍ଣ

ପବିତ୍ର ସାହୁ

ପ୍ରତି ପାଞ୍ଚ ମିନିଟିରେ ଥରେ ଆକାଶବାଣୀ ରେଡ଼ିଓରେ ବନ୍ୟାର ସତର୍କ ସୂଚନା ଦେଉଥାଏ। ହିରାକୁଦ ଋଳିଶଟା ଗେଟ୍ ଖୋଲି ସାରିଲାଣି। ଏପଟେ ଉପର ମୁଣ୍ଡରେ ପ୍ରବଳ ବର୍ଷା ହେଉଛି। ବନ୍ୟା ହେବ ହିଁ ହେବ। ଖାଲି ବନ୍ୟା ନୁହେଁ ମହାବନ୍ୟା ମାଡି ଆସୁଛି। ଏହି ଖବର ଋରିଆଡେ ବ୍ୟାପି ଗଲାଣି। ଖବର ଶୁଣି ସମସ୍ତଙ୍କ ମୁଣ୍ଡରେ ଚଡ଼କ ପଡ଼ିଲାଣି। ପାଣି ହୁ ହୁ ହୋଇ ନଇରେ ମାଡୁଛି। ସମସ୍ତେ ଉପାୟ ଶୂନ୍ୟ ହୋଇ ଗାଈଗୋରୁ, ଛେଳିମେଣ୍ଢାର ପଘା ଫିଟେଇ ଦେଲେଣି। ଆଉ ସମସ୍ତେ ଗୁରୁତ୍ୱପୂର୍ଣ୍ଣ ଆସବା ପତ୍ର ବାନ୍ଧି ସ୍ଥାନାନ୍ତରିତ ହେବା ପାଇଁ ଚେଷ୍ଟା କରୁଛନ୍ତି। ବିଶେଷ କରି ନଇକୂଳିଆଳ କଣ୍ଡିଆ ପାଖ ଲୋକଙ୍କର ହାଲତ ଶୁଖି ଗଲାଣି। ଏହି ମହାବିପତ୍ତିର ଭୟ କାହାକୁ କେତେ ମାଡି ବସିଲାଣି ଠିକ୍ ନାହିଁ। କିନ୍ତୁ ଅରକ୍ଷିତ ଓ ତାର ସ୍ତ୍ରୀ ଏକ୍ଷ୍ମୀ ବହୁତ ବ୍ୟସ୍ତ ଓ ଭୟରେ ଛାନିଆ ହୋଇପଡ଼ିଛନ୍ତି। କାରଣ ଏଇ ମାତ୍ର ଦୁଇଦିନ ହେବ ଲକ୍ଷ୍ମୀର ସଦ୍ୟଜାତ ସନ୍ତାନଟି ଭୂମିଷ୍ଠ ହୋଇଛି। ଆଗରୁ ଗୋଟିଏ ଏଗାର ବର୍ଷର ପୁଅ ପୁଣି ଦୁଇ ଦିନର ଛୁଆକୁ ନେଇ କୁଆଡେ ବା ଯିବ। କହୁ କହୁ ଘର ଚାରିକତି ପାପି ଉଭା ହେଲାଣି। ବର୍ଷା ମୂଷଳ ଧାରାରେ ଗାଜୁଛି। ତଳେ ପାଣି ଉପରେ ପାଣି। ଏକଥା ଭାବି ଭାବି ଦୁହିଁଙ୍କ ଆଖିରେ ପାଣି।

ଅରକ୍ଷିତ ବ୍ୟସ୍ତ ହୋଇ ପାଣିରେ ପହଁରି ପହଁରି କୁଆଡେ ଋଲିଗଲା। ଗଲାବେଳେ କହିଯାଇଛି "ମୁଁ ବନ୍ଧ ଆଡୁ ଟିକେ ବୁଲି ଆସେ। କିଛି ଜାଗା ଦେଖି ଆସିଲେ ପୁଅକୁ ତୁମ ସମସ୍ତଙ୍କୁ ସାଥିରେ ନେଇଯିବି।" କିନ୍ତୁ କ ହେବ, ଅରକ୍ଷିର ଯାଇଛି ଯେ ଯାଇଛି, ଏଯାଏ ଘରକୁ ବହୁଡ଼ିନି। ଲକ୍ଷ୍ମୀ ମାଇପି ପିଲା। ଦୁଇ ଦୁଇଟା ଛୁଆକୁ ନେଇ କୁଆଡେ ଯିବ ? ଏହି କଥା ଭାବି ଋରିଆଡୁ ଅନ୍ଧାର ଦେଖା ଯାଉଛି ତାକୁ। ବଡ ପୁଅ ଗୋପାଳ ଓ ସାନ ପୁଅ କହ୍ନାଇ ମୁହଁକୁ ଋହିଁଲା ବେଳକୁ ହୃଦୟ ଫାଟି କୋହ ଆସି ଯାଉଛି।

ଋହୁଁ ଋହୁଁ ପାଣି ଆସି ଘର ଦୁଆର ବନ୍ଧ ପାଖରେ ହେଲାଣି। ପାଣି ଉଛୁଳି ଘରର ଦୁଆର ବନ୍ଧ ଡେଇଁଲାଣି। ଏଣେ ଛୁଆର ନାହି ଶୁକିନି ତାକୁ ତଳେ କେମିତି ଛାଡି ପାଣି ଉଝାଳିବି। ଏତିକିବେଳେ ସ୍ୱାମି ତାର ଯିବାର ଥିଲା। ଲକ୍ଷ୍ମୀ ଘର ଋରିପଖକୁ ଋହିଁଲା ତାକୁ ସବୁ ସମୁଦ୍ର ଭଳି ଦେଖାଯାଉଛି। ଠିକ୍ ଏତିକିବେଳେ ବଡ ପୁଅକୁ ଭୋକ ଲାଗିବାର ଥିଲା। ଖାଇବ ଖାଇବ ବୋଲି ରଡି ଛାଡୁଛି। କଣ ଖାଇବାକୁ ଦେବ, ସେ କିଛି ଭାବି ପାରୁନି। "ଡବାରେ ଋଉଳ ଭଜା ଥିବ ଖାଇଦେ।"

ଏମିତି ଏ ଜୀବନ ହୋ ଜଗତ, ବିପଦ ଯେତେବେଳେ ଆସେ ଡକାଡକି ହୋଇ ଭାଇ ବନ୍ଧୁ କୁଟୁମ୍ବ ସହିତ ଆସନ୍ତି ଓ ସର୍ବନାଶ ନ କରିବା ପର୍ଯ୍ୟନ୍ତ ଛାଡ଼ନ୍ତି ନାହିଁ। ଏ କଥା ଭାବୁଥିବାବେଳେ ଗୋଟେ ବଡ ଲହଡି ଦେଲା ଯେ ଘର ଭିତରେ ପାଣି ଭୁସ କିନା ପଶିଗଲା। କାନ୍ଥବି ଗୋଟେ ପାଖ ପଡିଗଲାଣି। ଘରେ କେହି ନାହାନ୍ତି। ଆଖ ପାଖ କାହାର ସ୍ୱରଶବ୍ଦ ଶୁଭୁନି। କେବଳ ଗୋଟିଏ ଜଳବନ୍ଧ ଘରେ ତିନୋଟି ନିରିହ ନିଷ୍ପାପ ମଣିଷ ଅଛନ୍ତି। ବିପଦରୁ ଉଧାର କରିବାକୁ ଆଉ କେହି ନାହାନ୍ତି। ଘରେ ଆଣ୍ଠୁଏ ପାଣି ହେବାକ୍ଷଣି ସେ ଛୁଆମାନଙ୍କ ସହ ଖଟ ଉପରକୁ ଚଢ଼ିଗଲା। ଖଟ ଗୋଡବି ଅଧା ବୁଡି ଗଲାଣି ବଡ ପୁଅ ଭୟ ପାଇକି ଜୋର କାନ୍ଦୁଛି ଆଉ ସାନ ପୁଅ ଜନ୍ମ ହେବାଠାରୁ ଦୁଇଦିନ ହେଲା କୁଆଁ କୁଆଁ ହୋଇ କାନ୍ଦୁଛି। କାହାକୁ ବା ସେ ତୁନି କରିବ ! ଖାଲି ଭଗବାନଙ୍କୁ ଡାକୁଥାଏ, "ହେ ଜଗନ୍ନାଥ, ହେ ମହାବାହୁ, ହେ କୃଷ୍ଣ ଆମକୁ ଉଧାର କର। ଆମେ କଣ ତିନୋଟି ପ୍ରାଣି ଏମିତି ଦୁନିଆରୁ ଋଲିଯିବୁ। ହେ ଚକାନୟନ ଥରେ ଏହି ଦୁଇଦିନର ଛୁଆ ମୁହଁକୁ ଦେଖ। ସେ କଣ ଦୁନିଆକୁ ଦେଖିବା ପୂର୍ବରୁ ଏମିତି ଭାସିଯିବ। ହେ କୃଷ୍ଣ ତୁମେ ଜନ୍ମ ହେବା ବେଳକୁ ଏମିତି ବର୍ଷା ପବନରେ ତୁମ ପିତା ତୁମକୁ ମୁଣ୍ଡେଇ ନେଇ ନନ୍ଦ ମହାରାଜାଙ୍କ ଘରେ ଛାଡି ଆସିଥିଲେ। କିନ୍ତୁ ଆଜି ମୋ କହ୍ନାଇକୁ କେହି କଣ ରକ୍ଷା କରିବେନି ?" ଏମିତି ଅନେକ ପ୍ରଶ୍ନବାଚିରେ ଲକ୍ଷ୍ମୀ ବୁଡ଼ିଥାଏ। ସମାଧାନର ବାଟ ନାହିଁ। ଖାଲି ସମସ୍ୟା ଆଉ ସମସ୍ୟା।

ଏମିତି ଭାବୁଭାବୁ ଲକ୍ଷ୍ମୀ ଠିଆ ହୋଇଥିବା ଖଟ ଉପରକୁ ପାଣି ଛୁଇଁଲାଣି ଲକ୍ଷ୍ମୀର ପାଦ ପାଣି ଭିତରେ। ଗୋପାଳ ଭୟରେ ଛାନିଆ ହୋଇ ଚାଳରେ ଓହଳି ରହିଛି। ଲକ୍ଷ୍ମୀ କିନ୍ତୁ ଉପାୟ ଶୂନ୍ୟ। ଆଜି ଆଉଥରେ କୃଷ୍ଣ ଜଳବନ୍ଦୀ ହୋଇଛନ୍ତି। କେବଳ କୃଷ୍ଣ ନୁହେ ଦେବକି ଓ ବଳରାମ ମଧ୍ୟ ବନ୍ଦୀ ହୋଇଛନ୍ତି। ସମସ୍ତେ ମହାବିପତ୍ତିର ଗର୍ଭ ଗୃହରେ ଫସି ଯାଇଛନ୍ତି। ବଞ୍ଚିବାର ଉପାୟ ନାହିଁ କିମ୍ବା ମୃତ୍ୟୁର ପଥ ରୋକି ହେବନାହିଁ। ଲକ୍ଷ୍ମୀ ଛୁଆଟିକୁ ସେମିତି ଛାତିରେ ଜାକି ଧରିଛି ବହୁତ ଜୋର୍‌ରେ। ଯେମିତି କାଳ ଯମ ଆସିଲେ ବି ସେ ଛାଡ଼ିବ ନାହିଁ।

ଏ ପଟେ ଅରକ୍ଷିତ ବନ୍ଧ ଉପରେ ରହିଯାଇଛି ତାକୁ କିଛି ବୁଦ୍ଧିବାଟ ଦେଖାଯାଉନି। ସେ ଜାଣି ସାରିଲାଣି ଏବେ ତା ଘର ଭିତରେ ଛାତିଏ ପାଣି ହୋଇଥିବ। ବିଚରା ସ୍ତ୍ରୀ ପିଲାଛୁଆ କଣ ଯେ କରୁଥିବେ ଭଗବାନଙ୍କୁ ଜଣା। ଏହି କଥା ଭାବି ଭାବି ଭେଁ ଭେଁ ହୋଇ ବନ୍ଧ ଉପରେ କାନ୍ଦୁଛି। ବନ୍ଧରେ ବନ୍ଧେ ଲୋକ ସମସ୍ତେ ଅରକ୍ଷିତର ଦୁଃଖକୁ ବୁଝୁଛନ୍ତି କିନ୍ତୁ ସେମାନେ କଣ କରିପାରିଥାନ୍ତେ। ଏଇ ସମୁଦ୍ର ଭଳି ପାଣି ଯେଉଁ ଭଳିଭାବେ ତୋଡ ହେଉଛି କେହିବି ସାହସ କରି ଲକ୍ଷ୍ମୀ ପାଖକୁ ଯାଉନାହାନ୍ତି।

ଅରକ୍ଷିତ ବନ୍ଧ ଉପରେ ସେମିତି ହୃଦୟ ଫଟା କାନ୍ଦୁଥାଏ ଆଉ ବନ୍ଧ ଉପରେ ମୁଣ୍ଡକୁ ପିଟୁଥାଏ। ସେ ଯେତେ ଜୋର କାନ୍ଦୁଥାଏ ବର୍ଷା ସେତେ ଜୋର ହେଉଥାଏ। ଯେମିତି ତା କାନ୍ଦରେ ମଣିଷ ତ ମଣିଷ ଆକାଶ ବି ଅଧର୍ଯ୍ୟ ହୋଇ ସେମିତି କାନ୍ଦୁଛି। ଏତିକିବେଳେ ବନ୍ଧ ଉପରେ ହୋ ହାଲା କାଠମୁଣ୍ଡିଆ ପାଖରେ ଘଳିଆ ପଡ଼ିଛି। ଘାଇ ସେଇଠି ହେବ ଥୟ। କେହି ବି ଅଟକାଇ ପାରିବେନି। ଠିକ୍ ଜାଗାରେ ଘଳିଆ ପଡ଼ିଛି। କିଛି ଜନବସତି ନାହିଁ ଫାଙ୍କା ଜମି ଗୁଡାକ। ଏତିକିବେଳେ ଅରକ୍ଷିତ ବାହୁରେ ସାତ ସିଂହର ବଳ ଆସିଯାଇଛି। ସେ ଗୋଟେ କୋଦାଳ କୋଉଠୁ ପାଇଲା କେଜାଣି ସାଙ୍ଗେ ସାଙ୍ଗେ ଦୌଡି ଦୌଡି ଯାଇ ଘଳିଆ ପଡ଼ିଥିବା ବନ୍ଦକୁ ହାଣିବାକୁ ଲାଗିଲା ବନ୍ଧ ଉପରେ ଥିବା ଲୋକମାନେ ଚିଲେଇ କହୁଥାନ୍ତି “ପଳେଇ ଆରେ ଅରକ୍ଷିତ। ବନ୍ଧ ଆପଣାଛାଏଁ ଭାଙ୍ଗିଯିବ। ତୁ ହାଣୁଛୁ କାହିଁକି, ଭାସି ଯିବୁରେ ଅରକ୍ଷିତ।” କିଏ କହୁଥାଏ ମୋ ଭାଇଟା ପରା, ମୋ ପୁଅଟା ପରା ପଳେଇ ଆ। ଯିଏ ଯେତେ କହିଲେ ବି ସେ ଶୁଣିବାକୁ ନାରାଜ। ସେ ଯେମିତି ଏ ପୃଥିବୀକୁ ହାଣୀ ସବୁ ଶେଷ କରିଦେବ। ଚାହୁଁ ଚାହୁଁ ବନ୍ଧ ଅତଡା ଭୂସ କିନା ପଡ଼ିଗଲା ଏବଂ ପାଣି ଗର୍ଜନ କରି ଅତିକ୍ଷିପ୍ର ବେଗରେ ଚାଲିଲା, ଅରକ୍ଷିତ ବୋଧେ ଭାସିଗଲା ! ଏକଥା ସମସ୍ତେ କୁହା କୁହି ହେଉଥିବାବେଳେ ଅରକ୍ଷିତ ଘାଇ ଆଡୁ ଦୌଡି ଦୌଡି ଆସୁଥାଏ, ଲୋକମାନଙ୍କ ନିକଟକୁ ଯେମିତି ସେ ଅରକ୍ଷିତ ନୁହେଁ ବିଶ୍ୱକର୍ମ ଅବତାର ନେଇ ଗାଁ ଲୋକମାନଙ୍କ ପାଖକୁ ଫେରିଛି। ଲୋକମାନେ ତାକୁ ଖାଲି ତାଟକା ହୋଇ ଚାହିଁ ରହିଥାନ୍ତି।

ଲକ୍ଷ୍ମୀ ସେମିତି ତା’ଘରେ ଥାଇ ଖଟ ଉପରେ ଅଣ୍ଟାଏ ପାଣି ତା କୃଷ୍ଣକୁ ଛାତିରେ ଜାକି ଅଣ୍ଟାଏ ପାଣିରେ ଠିଆ ହୋଇଥାଏ। ପାଦଠାରୁ ଅଣ୍ଟା ପର୍ଯ୍ୟନ୍ତ ସେତା ପଡି ଗଲାଣି। ଶୀତରେ ଗୋଟା ପଣ ଥରୁଥାଏ। ତା ବଡ ପୁଅ ଗୋପାଳ ଚାଳରେ ସେମିତି ଓହଳି ରହିଥାଏ। ସେ ମଧ୍ୟ ଭୟରେ ବରଡାପତ୍ର ପରି ଥରୁଥାଏ। ଲକ୍ଷ୍ମୀର ଦୁଇ ନୟନରେ ଲୁହ ଧାର ଧାର ହୋଇ ବହୁଥାଏ ଏବଂ ସେ ଲୁହ ବନ୍ୟା ଜଳରେ ମିଶି ଆଉଟିକେ ଫୁଲୁଥାଏ। ହଠାତ୍ ଲକ୍ଷ୍ମୀ ଦେଖିଲା ଯେ ଧିରେ ଧିରେ ତା ଅଣ୍ଟା ପାଖରୁ ପାଣି କମିବାକୁ ଲାଗିଲାଣି। ଚାହୁଁ ଚାହୁଁ ପାଣି ତା ଜଙ୍ଘ ପାଖରେ, ତା ପରେ ଆଣ୍ଠୁ ପାଖରେ। ଏମିତି ଦେଖୁ ଦେଖୁ ଖଟ ଉପରୁ ମଧ୍ୟ ପାଣି ଶୂନ୍ୟ ହୋଇଗଲା। ଗୋପାଳ ଥିଲା ଥିଲା ମାଙ୍କଡ ପରି ଖଟ ଉପରକୁ ଡେଇଁ ପଡ଼ିଲା। ଗୋପାଳ ଚିଲେଇ ଚିଲେଇ କହୁଥାଏ “ହେଇରେ ପାଣି କମିଗଲା, ପାଣି କମିଗଲା।” ଚାଳରେ ଗୋଟିଏ ଠେଙ୍ଗା ଗୁଞ୍ଜା ହୋଇଥିଲା ସେ ଠେଙ୍ଗାକୁ ଟାଣି ଆଣି ପାଣିରେ ବାଡେଇବାକୁ ଲାଗିଲା ପୁଣି ଗୋପାଳ କହୁଥାଏ “ଯା ଆମ ଘରୁ ବାହାରି ଯା, ତୁ ସାମାନ୍ୟ ପାଣି ହୋଇ ଆମକୁ ଡରେଇବୁ ଛେରୁଆ କୋଉଠି ଥିଲା ଏ ପାଣି।” ଏତକ କହି ହସି ହସି ଆସି ତା ବୋଉ କୋଳରେ ଥିବା ତା ସାନଭାଇକୁ ଗେଲ କରି କହିଲା। ଧନ ତୁ ଡରନି, ଛେରୁଆ, ଡରୁଆ ପାଣି କୁଆଡେ ଚାଲିଗଲାଣି। ଲକ୍ଷ୍ମୀ ତା ପୁଅର ସାହସ ଓ ଆନନ୍ଦ ଦେଖି ଖୁସିରେ ଟିକେ କାନ୍ଦି ପକେଇଲା।

ଏତିକିବେଳେ ଅରକ୍ଷିତ ପହଁରି ପହଁରି ଆସି ଘରେ ଦେଖେ ତ ଘର ଭିତରେ ପାଣି କମିଯାଇଛି ଆଉ ତା ସ୍ତ୍ରୀ

ପିଲାମାନେ ତାକୁ ଯେମିତି ଦେଖିଛନ୍ତି ପାଖକୁ ଧାଇଁ ଆସିଛନ୍ତି। ଅରକ୍ଷିତ ସାଙ୍ଗେ ସାଙ୍ଗେ ପିଲାମାନଙ୍କୁ ଓ ଲକ୍ଷ୍ମୀକୁ ଜୋରରେ କୁଣ୍ଢେଇ ଧରି କାନ୍ଦିବାକୁ ଲାଗିଲା। ସେ ତା ସ୍ତ୍ରୀକୁ କହୁଥାଏ "ଆମ କୃଷ୍ଣ ଗୋପପୁର ଆଉ ଯିବା ଦରକାର ନାହିଁ। ଆମ କୃଷ୍ଣ ମଥୁରା ନଗରିରେ ଦେବକି ଓ ବସୁଦେବ ପାଖରେ ହିଁ ରହିବ।"

# ତାଳପଦେଶ୍ୱରୀ ଟୁକୁନା ନନା

ବାଣୀବିହାର କ୍ୟାମ୍ପସର ଶାନ୍ତ ରମ୍ୟ ପରିବେଶର କେନ୍ଦ୍ରରେ ଅବସ୍ଥାପିତ ମା' ତାଳପଦେଶ୍ୱରୀଙ୍କ ମନ୍ଦିର। କାହିଁ କେଉଁ ଆବାହ ମାନ କାଳରୁ ମା'ର ଅବସ୍ଥିତ। ଭାରି ପ୍ରତ୍ୟକ୍ଷ ଠାକୁରାଣୀ। ଶୁଣାଯାଏ ମା'କୁ କୁଆଡେ ମନ ଦେଇ ଡାକିଲେ ସେ ଓ କରେ। ଠାକୁରାଣୀ ପ୍ରତି ବିଶ୍ୱବିଦ୍ୟାଳୟ ପିଲାଙ୍କର ଭାରି ମାନନା। ମା' କାରି ଦୁଃଖ ସହେନି। ଯିଏ ଯାହା ମାନସିକ କରି ମାଗେ ମା' ତାକୁ ତା ଠାରୁ କିଛି ଅଧିକ ଦିଏ ସିନା ହେଲେ କେବେ ନିରାଶ କରି ଫେରାଏ ନାହିଁ। ମା'ର ଯଦି ଥରେ କୃପା ହୋଇଯାଏ ନା ମୁକ ମଧ ବାଚଳ ପରି କଥା କହିବାକୁ ଲାଗେ, ପଙ୍ଗୁ ପର୍ବତ ଚଢ଼ିବା ପାଇଁ ସକ୍ଷମ ହୋଇଯାଏ। ସେ ପରା ମା'। ଅପାର କରୁଣା ତାର। ଯେଉଁଠି ବ୍ରହ୍ମା, ବିଷ୍ଣୁ, ମହେଶ ଆଦି ଦେବଗଣ ଯାର କୃପାକୁ ବର୍ଣ୍ଣନା କରିପାରିଲେନି, ମୁଁ ତ ଛାର ମଣିଷଟାଏ ତାର କଣ ବା ଗୁଣ ବଖାଣିବି। ମାର କରୁଣା ବଳରେ ଏ କ୍ୟାମ୍ପସ୍‌ରେ ପାଠ ପଢ଼ି କେତେ କେତେ ପିଲା ବହୁତ ବଡ ବଡ ଚାକିରି କରିଛନ୍ତି। ଦେଶ ବିଦେଶରେ ବହୁତ୍ ନା କମେଇଛନ୍ତି। ଅପାର କୃପା ତାର। ମନ୍ଦିରରେ ମା' ଯେଉଁ ଗଛ ମୂଳରେ ବସିଛି ତାର ମହାତ୍ମ୍ୟ ମଧ ଅପାର। ବିଶ୍ୱବିଦ୍ୟାଳୟର ଉଦ୍ଭିଦବିଜ୍ଞାନର କେତେ କେତେ ବୈଜ୍ଞାନିକମାନେ ମଧ ଆଜି ପର୍ଯ୍ୟନ୍ତ ଜାଣିପାରିଲେ ନାହିଁ ସେଇଟା କେଉଁ ଗଛ। ବଡ ବିଚିତ୍ର ଗଛଟିଏ। ଯିଏ ତା ମୂଳରୁ ଚୁଳ ପର୍ଯ୍ୟନ୍ତ ସ୍ୱଚକ୍ଷୁରେ ଦେଖିନି ସେ ଯମା ବି ବିଶ୍ୱାସ କରିପାରିବ ନାହିଁ।

ପୁଣି ଲୋକ କଥାରୁ ଶୁଣାଯାଏ ଏ ପୂର୍ବରୁ ତନ୍ତ୍ରପୀଠ ଥିଲା। ତନ୍ତ୍ର ସାଧିବା ପାଇଁ ବହୁ ବଡ ବଡ ତାନ୍ତ୍ରିକ କୁଆଡେ ଏ ଗଛ ମୂଳରେ ବସି ତନ୍ତ୍ରସାଧନା କରୁଥିଲେ। ସିଦ୍ଧିଲାଭ ମଧ କରୁଥିଲେ।

ହୋଇଥିବ! କିନ୍ତୁ ଆଜି ଏ ପୀଠ ଆଉ ତନ୍ତ୍ର ପୀଠ ହୋଇକି ନାହିଁ। ଏ ବର୍ତ୍ତମାନ ଗୋଟିଏ ରୋମାନ୍ଟିକ୍ ପୀଠ ପାଲଟିଯାଇଛି। ବୁଝି ପାରିଲେନି ବୋଟେ? ସମୟ ଥିଲା ବହୁ ସାଧୁ ସନ୍ଥ, ମହାପୁରୁଷ ଓ ତାନ୍ତ୍ରିକଙ୍କର ସୁଅଛୁଟେ ଲେଡିଜ୍ ଓ ଜେନ୍ସ ହଷ୍ଟେଲର ପ୍ରେମୀ ଯୁଗଳଙ୍କର।

ସକାଳ ଛ'ଟାରୁ ସଂନ୍ଧ୍ୟା ନ'ଟା ପର୍ଯ୍ୟନ୍ତ ପ୍ରେମୀ ଯୁଗଳଙ୍କର ଯାଉଁଳି ଦୃଶ୍ୟ ଆପଣ ଏଠି ନିଶ୍ଚେ ଦେଖିବାକୁ ପାଇବେ। ବିଭିନ୍ନ ପ୍ରକାରର ଅଙ୍ଗଭଙ୍ଗୀରେ ବସିଥାନ୍ତି। ଠାଣି ମାଧମରେ ଭାବ ଦିଆ ନିଆ ହୁଏ। ଆଖିରେ ଆଖି ମିଶିଯାଏ ଶରୀରରେ ଉନ୍ମାଦନା ଖେଳିଯାଏ। ଆହା! ଏ ଦୃଶ୍ୟ ନ ଦେଖିଲା ଯାଏଁ ଆପଣ ଏ ଲେଖା ପଢ଼ି ବିଶ୍ୱାସ କରିପାରିବେ ନାହିଁ। ଥରେ ଆସି ବୁଲିଯାଆନ୍ତୁ। ସେ ଯାହା ହେଉ ଛାଡ। ଏଠି ମା'ଙ୍କର ବିନା ନିର୍ଦ୍ଦେଶରେ କୌଣସି କାମ ବି ହୁଏନାହିଁ। ପାଟି ଚିପି ଚିପି ଟିକେ ହସିଦେଇ ଭାବି ନିଅନ୍ତୁ ଯେ ଏ ମଧ ମା'ଙ୍କର ନିର୍ଦ୍ଦେଶ। ଚଲ ବାସ୍ତବିକ୍ ବିଷୟ ଆଡ଼କୁ ଯିବା।

ମନ୍ଦିରର ନିତୀ ନିର୍ଘଣ୍ଟ ସକାଳ ୫ଟାରୁ ଆରମ୍ଭ ହୁଏ ବୋଧେ। ମନ୍ଦିର ଖୋଲା ହୁଏ। ମା' ସ୍ନାନ କରନ୍ତି ପଞ୍ଚତୀର୍ଥ ଦଳରେ। ଚତୁପାର୍ଶ୍ୱ ଚୁଆ, ଚନ୍ଦନ, ହଳଦୀର ବାସ୍ନାରେ ମହକି ଉଠେ। ଓ! କି ଅପୂର୍ବ ସେ ବାସ୍ନା। ଧିରେ ଧିରେ ଗୁଞ୍ଜରିତ ହୁଏ ବ୍ରାହ୍ମଣର ମନ୍ତ୍ରଧ୍ୱନି। ଖୋଲାହୁଏ ମା'ର କଂସା କବାଟ। ଚିକିମିକିଆ ନାନା ରଙ୍ଗର କୁଞ୍ଚଶାଢ଼ି ପିନ୍ଧି ମା' ନିଜର ଆସ୍ଥାନ ଉପରେ ବିରାଜିତ ହୋଇଥାନ୍ତି। ଝୁଣା, ଧୂପକାଠିର ବାସ୍ନା ଚଉଦିଗକୁ ମହକାଇ ଦିଏ। କୁଞ୍ଚଶାଢ଼ି ସାଙ୍ଗକୁ ମା'ର ମଥାରେ ନାଲି ସିନ୍ଦୁର ତାର ଶୋଭାକୁ ଆଉ ଟିକେ ବର୍ଦ୍ଧନ କରେ। ପେଣ୍ଟା ପେଣ୍ଟା ନାଲି ମନ୍ଦାରକୁ ମାଳ, ଟିପିଟିପି ଚନ୍ଦନ ଟିପାର ଶୃଙ୍ଗାର ମା'ର ବିଗ୍ରହକୁ ଜୀବନ୍ତ କରିଦିଏ। ମା'ର ହସ ଆକର୍ଷିତ

କରେ ସମସ୍ତଙ୍କ ମନକୁ । ଏତେ ସୁନ୍ଦର ଭାବରେ ମା' ସଜେଇ ହୋଇଥାଏ ଯେ ଦେଖିବା ଲୋକର ଆଖି ଲାଖିରହିବ ।

ମା'ର ଶୃଙ୍ଗାର ପଛରେ ଥିବା ମଣିଷ ଜଣକ କିଏ ଜାଣିଛନ୍ତି ? ସେ ଆଉ କେହି ନୁହଁନ୍ତି ସେ ଏ ଲେଖାର ନାୟକ ।

ସେ ହେଉଛନ୍ତି ଆମ ସମସ୍ତଙ୍କର ଟୁକୁନା ନନା । ବୟସ ଅନୁମାନରେ ପ୍ରାୟ ୨୫ ରୁ ୨୬ ଭିତରେ ହବ । ସଳଖ ସୁନ୍ଦର ଗଜା ଟୋକାଟିଏ । ମୁହଁରେ ସଦାବେଳେ ହସ । ଘର, ଦ୍ୱାର, ମୋହ, ମାୟା ସବୁକିଛି ଛାଡି ଦେଇ ଆସି ମନ୍ଦିରରେ ମା'ଙ୍କର ସେବାରେ ନିଜକୁ ନିୟୋଜିତ କରିଦେଇଛନ୍ତି । ସେଇ ମନ୍ଦିର ଭିତରେ ନନା ରୁହନ୍ତି । ମନ୍ଦିର ସୁଖ, ଦୁଃଖ, ଭଲ, ମନ୍ଦ, ଯାନି, ଯାତରା ସବୁଥିରେ ନନାଙ୍କ ହାଜିରି । ଜାଣେନା ମନ୍ଦିର କମିଟି ତାଙ୍କୁ କେତେ ଟଙ୍କା ଦରମା ଦେଉଥିବେ ? ବହୁତ ସାଧାସିଧା ଲୋକଟାଏ ? ଖୁସି ମଜାସର, ଭାରି ମେଳାପି । ତାଙ୍କ ମୁହଁର ମୁଚୁକୁନ୍ଦିଆ ହସ ସାଙ୍ଗକୁ ପଦେ ଭିଡି ଭିଡି ଋଲିବା ଭାରି ଆକର୍ଷଣୀୟ ।

ପରୋପକାରୀ ଲୋକଟିଏ, ହଷ୍ଟେଲର ପିଲାମାନଙ୍କର ସୁଖ ଦୁଃଖରେ ଆସି ଠିଆ ହୁଏ । କାହାରି ସହିତ ଯୁକ୍ତି, ତର୍କ, ଟାହିଟାପୁରା କରିବାର କେବେ ବି ଆମେ ଦେଖିନୁ । ମୋଟା ମୋଟି ଭାବେ କହିଲେ ସେ ଜଣେ ଧର୍ମପରାୟଣ ଓ ଶାନ୍ତିପ୍ରିୟ ମଣିଷଟିଏ । ସମସ୍ତଙ୍କ ସହିତ ଭଲ ବ୍ୟବହାର କରନ୍ତି । ମିଠା ମିଠା କଥା କହି ପାଣିରେ ସର ପକେଇବାର କାପାସିଟି ମଧ ଅଛି । ବେଳେବେଳେ ନନାଙ୍କର ମୁଚୁକୁନ୍ଦିଆ ହସ ଏମିତି ସୂଚିତ କରେ ଯେ ନାନାଙ୍କର ଟିକେ ଖଳିଆ ଦୋଷ ଅଛି । ଯେତେ ଯାହା ହେଲେବି ଆମମାନଙ୍କ ମତରେ ଭାରି ସ୍ୱାଭିମାନୀ ଭଦ୍ର ମଣିଷ ଟିଏ ।

ସବୁ ମନ୍ଦିର ଭଳି ଏ ମନ୍ଦିରରେ ମଧ ସମାନ ନୀତିକାନ୍ତି ଥିବ ବୋଲି ମୁଁ ଭାବୁଛି । ସକାଳୁ ମଙ୍ଗଳ ଆଳତୀ, ବାଳ ଭୋଗ, ପହିଲି ଭୋଗ ଏ ସବୁ ସାରି ୧୨ଟା ବେଳକୁ ପହଡ ପଡେ ବୋଧେ । ପୁଣି ଉପରବେଳା ପହଡ ଖୋଲେ ।

ମଧାହ୍ନରୁ ଅପରାହ୍ନ ହୁଏ । ସୂର୍ଯ୍ୟ ପଶ୍ଚିମ ଦିଗ୍‌ବଳୟରେ ଅସ୍ତମାନ ପ୍ରାୟ ସମୟରେ ପୁଣି ସଜବାଜ ହୋଇ ମଇଦାନକୁ ବାହାରି ଆସନ୍ତି ନନା । କୁଞ୍ଚ କୁଞ୍ଚିଆ ଖାଣ୍ଟି ଓଡ଼ିଆ ଢ଼ଙ୍ଗରେ ଧୋତି, ପୁଣି ସେଥିରେ ସରୁକଣ୍ଟା ମାରିଥାନ୍ତି । କାନ୍ଧରେ ଛ ହାତର ନାଲି ଖୋର୍ଦ୍ଧା ଗାମୁଛା ତା ସହ ମୁଣ୍ଡରେ ବେଳେବେଳେ ପଗଡି ଭିଡ଼ିଥାନ୍ତି । ଭାରି ମନଲୋଭା ବେଶ ନନାଙ୍କର । ମନ୍ଦିରର ପହଡ ଖୋଲେ । ଆଳତୀ ଦର୍ଶନ ପାଇଁ କିଛି ପିଲା ପଳାଇ ଯାଆନ୍ତି ମନ୍ଦିରର ବାଜା ସେକ୍‌ସନ୍‌କୁ ଆଉ ବଳକା ପିଲାମାନେ ପଳାଇ ଯାଆନ୍ତି ମନ୍ଦିରର ବାଜା ସେକ୍‌ସନ୍‌କୁ ଆଉ ବଳକା ପିଲାମାନେ ଘଣ୍ଟ ପିଟିବା ପାଇଁ ବାଡ ଧରି ଧାଡ଼ିରେ ଠିଆ ହୋଇଯାଆନ୍ତି । ଶୁଭଶଙ୍ଖ ବାଜେ । ସେପଟେ ମନ୍ଦିର ଭିତରେ ନନା ଆଳତୀ ପାଇଁ ସାମଗ୍ରୀ ସଜବାଜ କରନ୍ତି । ମନ୍ତ୍ର ଧ୍ୱନିରେ ଶାନ୍ତ ପରିବେଶ ସାତ୍ତ୍ୱିକ ହୋଇଉଠେ । ହଠାତ୍ ବାଜା ଓ ଘଣ୍ଟର ମିଳିତ ଧ୍ୱନି ଶାନ୍ତ ପରିବେଶକୁ ଚମକାଇ ଦିଏ । ଝୁଣା, ଗୁଗୁଳର ବାସ୍ନାରେ ମହକିଉଠେ ଚଉଦିଗ ।

ତାରି ସାଙ୍ଗରେ ଘଣ୍ଟ, ମର୍ଦ୍ଦଳର ତାଳେ ତାଳେ ନୃତ୍ୟ ଭଙ୍ଗୀରେ ନନାଙ୍କର ହାତ ଘୁରିବାକୁ ଲାଗେ ଆଳତୀ ପାତ୍ରଧରି । ଆରମ୍ଭ ହୁଏ ସନ୍ଧ୍ୟା ଆଳତୀ । ଆହା ! କି ଦୃଶ୍ୟ । ମା' ପାଖରେ ସତେ ଯେମିତି ଆଖି ଲାଖିରହେ ।

ଧିରେ ଧିରେ ଘଣ୍ଟୁଆ ଭାଇମାନଙ୍କର ଯୋଶ୍ ବଢ଼େ । ଘଣ୍ଟ ଓ ବାଜାର ଶବ୍ଦ ମଧରେ ସତେ ଯେମିତି ଗୋଟେ ପ୍ରତିଯୋଗିତା ହେଉଛି । ଘଣ୍ଟ ଓ ବାଜାର ମିଳିତ ଧ୍ୱନି ପାଖରେ ଥିବା ଲେଡ଼ିଜ୍ ହଷ୍ଟେଲ ଯାଏଁ ଶୁଭିଲା ପର୍ଯ୍ୟନ୍ତ କଳ ବଳ କୌଶଳ ଲଗେଇ ପିଟନ୍ତି ଆମ ଭାଇମାନେ । ଶବ୍ଦ ଶୁଣି ଝିଅମାନଙ୍କର ଧିରେ ଧିରେ ସୁଅ ଛୁଟେ ମନ୍ଦିର ଆଡ଼କୁ ।

ଯେଉଁ ଦିନ ଆଳତୀ ସମୟରେ ପାଞ୍ଚ, ଛ ଜଣ ଝିଅ ଉପସ୍ଥିତ ଥିବେ ସେଦିନ ଦେଖିବ ଏ ଘଣ୍ଟୁଆ ଭାଇମାନଙ୍କର ଯୋଶ୍ । ଆବା ! ଝିଅକୁ ଉପସ୍ଥିତ ଭାଇମାନଙ୍କର ଭକ୍ତିକୁ ଋରିଗୁଣିତ କରିଦିଏ । କି ଭାବ ! କି ଅଙ୍ଗ ଭଙ୍ଗୀରେ ଘଣ୍ଟବଜା ! ସହିତ ମୃଦୁ ମୃଦୁ ସ୍ମିତହାସ୍ୟ । ଅଣ୍ଟାଠାରୁ ଗୋଡ ପର୍ଯ୍ୟନ୍ତ ଆପେ ଆପେ ଦୋହଲିବାକୁ ଲାଗେ । ଆମମାନଙ୍କୁ ଦେଖି ଭାଇମାନଙ୍କର ଏତେ ଯୋଶ୍ ବଢ଼ିଯାଏ ଯେ କେଉଁ ଭାଇର ଘଣ୍ଟ ବାଡି ଖସି ତଳେ ପଡ଼ିଯାଏ, ତ କେଉଁ ଭାଇ ପିଟି ପିଟି ଫଟେଇ ଦିଅନ୍ତି । ବାଜାବାଲା ଭାଇଙ୍କ କଥା ନ ଲେଖିବା ଭଲ । ଭାରି ରସିକିଆ ଭାଇ ତ ଜଣ । ବଳିଷ୍ଠ ଚେହେରା ଯୁକ୍ତ ଭାଇ ଜଣଙ୍କ ଏତେ ଜୋରରେ ପିଟନ୍ତି ଯେ ବେଳେବେଳେ ବାଜାର ସିଲ୍ ଫାଟିଯାଏ । ଆଉ ଲଘିଷ୍ଟ ଚେହେରା ଯୁକ୍ତ ଚଷମା ପିନ୍ଧା

ଭାଇ ଜଣଙ୍କ ଏମିତି ତାଳରେ ପିଟନ୍ତି ଯେ ଆମ ଗୋଡ ଆଉ ତଳେ ଲାଗେନି । ନାଚି ନାଚି ପାଖକୁ ପଳେଇବା ପାଇଁ ଇଚ୍ଛା ହୁଏ । ହେଲେ କଣ ହବ ! ଏ ଭାଇ ଗ୍ରୁପ୍ ଆମ ଝିଅମାନଙ୍କୁ କଣ ଭିତରକୁ ଛାଡ଼ନ୍ତି କି !

ଏମିତି ଠାର, ଠାଣି ମାଧ୍ୟମରେ ଆଳତୀ ସରିବାକୁ ଲାଗେ । ଚାମର ମୁଠାଧରି ମନ୍ଦିର ବାହାରକୁ ଆସି ନନା ଜଣ ଜଣଙ୍କୁ ଝାଡି ଦିଅନ୍ତି । ଆମେ ସବୁ ଆଳତୀ ନେଉ, ଭୋଗ ଖାଉ, ମୁଣ୍ଡିଆ ମାରି ଫେରିଆସୁ ହେଲେ ଏତିକିରେ ସରିନାହିଁ । ଫେରିବା ବେଳେ ଆମେ ମନ୍ଦିର ଗେଟ୍ ପାର ହୋଇଥିବୁକି ନାଇଁ ଚମକାଇଦେଲା ଭଳିଆ ସ୍ୱରରେ ହଠାତ୍ ଶୁଣିବାକୁ ମିଳେ ସଂସ୍କୃତ ଶ୍ଳୋକ । ପଛକୁ ବୁଲି ଦେଖିଲା ବେଳକୁ କିଏ ? ନା ବାଦ୍ୟକାର ଓ ଘଣ୍ଟୁଆ ଭାଇମାନେ ମିଳି ମିଶି ଉଚ୍ଚ ସ୍ୱରରେ ମା'ଙ୍କର ସ୍ତୁତି ଗାନ କରୁଛନ୍ତି । ଇଚ୍ଛାହୁଏ ଆଉଟିକେ ସମୟ ଛିଡା ହୋଇ ସରିଲା ପର୍ଯ୍ୟନ୍ତ ଶୁଣିବାକୁ । ତାଙ୍କ ସହିତ ସାଙ୍ଗ ହୋଇ ବୋଲିବାକୁ । ହେଲେ କଣ ହବ ! ବିଧିର ବିଧାନ....

ବିଧାତା ଆମକୁ ଝିଅ ଜନମ ଦେଇଛି । ହଷ୍ଟେଲରେ ଠିକ୍ ଟାଇମ୍‌ରେ ନ ପହଞ୍ଚିଲେ ହଷ୍ଟେଲ୍ ଗେଟ୍ ବନ୍ଦ ହୋଇଯିବ । ଫାଇନ ଦବାକୁ ପଡ଼ିବ ତା ସହ କୈଫତ୍ । କଳ ବିଳମ୍ବ ନ କରି ତରତର ହୋଇ ଫେରିଯାଉ ଆମେ ଆମର ବସାକୁ ।

ରୁମରେ ପହଞ୍ଚି ସବୁ ଘଣ୍ଟୁଆ ଓ ବାଦ୍ୟକାର ଭାଇଙ୍କ ବିଷୟରେ କଥା ହେଉ । ତାଙ୍କର ଘଣ୍ଟ ଓ ବାଜା ବାଦନର ଷ୍ଟାଇଲ ଆଲୋଚନା କରି ଖଟି କରୁ । ହସ ଗମାତ କରୁ । ନୂଆ ନୂଆ ବିଚିତ୍ର ନାଁ ଦେଇ ରହସ୍ୟ କରୁ । ନନାଙ୍କୁ ବି ଆମେ ଛାଡୁନା । ତାଙ୍କ ବିଷୟରେ ମଧ୍ୟ କଥା ହେଉ । ଢ଼େର୍ ସାରା ହସୁ । ମଜା ନେଉ । ଭାରି ଭଲଲାଗେ । ଆଉ ଏକ ସ୍ୱରରେ ମିଳିମିଶି ନାରା ଦେଉ–

ଆମର ନନା ତମର ନନା– ତାଳପଦେଶ୍ୱରୀ ଟୁକୁନା ନନା

ହାଃ...... ହାଃ ........ହାଃ......

ଦୟାକରି ଦେହକୁ ନେବେନି ଏମିତି ଲେଖୁ ଲେଖୁ ଲେଖିଦେଲି ।

ଶୁଶ୍ରୀ ସୌମ୍ୟା ଦାସ
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର, ଭୁବନେଶ୍ୱର

# ପ୍ରେମରେ ହାରିବା ପରେ ବି ପ୍ରେମ ଥାଏ

ଅମ୍ବିକା ସାହୁ

ଜୀବନ ଏକ ଅଭୁଲା ସ୍ମୃତି । ଜୀବନରେ କେତେ ଯେ ଘଟଣା ଘଟିଯାଏ । କେତେବେଳେ ସୁଖ ତ କେତେବେଳେ ଦୁଃଖ । ଆଉ ଏହିପରି ଏକ ସ୍ମୃତି ଥାଏ ଯାହା ସବୁଦିନ ପାଇଁ ହୃଦୟରେ ରହିଯାଏ । ହଠାତ୍ ଏପରି ଘଟଣା ଆକସ୍ମିକ ଭାବେ ପଦାର୍ପଣ କରିଥିଲା ଦୁଇଟି ଜୀବନକୁ ନେଇ । ଯେଉଁ ଦୁହେଁ ଥିଲେ ଅଙ୍କିତ୍ ଓ ପ୍ରିୟାଂସୀ । ଅଙ୍କିତ୍ ପ୍ରଥମ ଦେଖାରେ ପିୟାଂସୀକୁ ଭଲପାଇ ଯାଇଥିଲା । କିନ୍ତୁ ପ୍ରିୟାଂସୀ ଏକଥା ଜାଣିନଥିଲା । ସେ ଦୁହେଁ ସାଙ୍ଗ ହୋଇ ସବୁବେଳେ ମିଶୁଥିଲେ । କିନ୍ତୁ ଦିନକର ଘଟଣା ଅଙ୍କିତ୍ ପ୍ରିୟାଂସୀକୁ ଭଲପାଏ ବୋଲି କହିଲା ପ୍ରିୟାଂସୀ ମଧ୍ୟ ତା' କଥାରେ ରାଜି ହୋଇଯାଇଥିଲା, କିନ୍ତୁ ଅନ୍ୟ ପକ୍ଷେ ଆଉ ଏକ ପୁଅ ଯିଏକି ଅଙ୍କିତ୍‌ର ଭଲ ସାଙ୍ଗ ଥିଲା ସେ ମଧ୍ୟ ପ୍ରିୟାଂସୀକୁ ଭଲ ପାଉଥିଲା ଜୀବନଠୁ ଅଧିକ । ମାତ୍ର କେହି କାହାକୁ କହୁନଥିଲେ । ସମୟର ସ୍ରୋତରେ ଭଲ ପାଇବାର ସ୍ରୋତ ବଢ଼ିଚାଲିଲା । ଦିନ ଆସିଲା ସେହି ଅଙ୍କିତ୍ ଯାହାକୁ ବହୁତ ଭଲ ପାଉଥିଲା ତାକୁ ହରାଇ ଆଉ କାହାର ପ୍ରେମରେ ପଡ଼ିଯାଇଛି । ଆଉ ଲୁଚି ଲୁଚି ଦେଖା କରୁଛି । କିନ୍ତୁ ଏ ଘଟଣା ପ୍ରିୟାଂସୀ ଦିନେ ଜାଣିବାକୁ ପାଇଲା । ଯେମିତି କଥାରେ ଅଛି ଚୋର ଘରେ ସବୁବେଳେ ଅନ୍ଧାର ହୋଇନଥାଏ ।

ସେ ଦିନ ଥାଏ ଗଣେଷ ପୂଜା । ହସର ସୁଅ ଛୁଟିବା ଯାଗାରେ ଦୁଃଖର ଲହରୀ ଖେଳିଯାଇଥିଲା । ପ୍ରିୟାଂସୀ ଯେତେବେଳେ ଅଙ୍କିତ୍‌କୁ ଏ ଘଟଣା ସଂପର୍କରେ ପଚାରିଲା ସେତେବେଳେ ଅଙ୍କିତ୍ ତାକୁ ବହୁତ କଟୁକଥା କହିଲା । ପ୍ରିୟାଂସୀ ବହୁତ ଦୁଃଖ ପ୍ରକାଶ କଲା । ସେ ଚେତାଶୂନ୍ୟ ହୋଇଗଲା । ଏପରିକି ନିଜ ଜୀବନକୁ ହରାଇବାକୁ ପଛଘୁଞ୍ଚା ଦେଲାନାହିଁ । ମାତ୍ର ସାଙ୍ଗସାଥୀମାନେ ବହୁତ ସାନ୍ତ୍ୱନା ଦେଲେ ଏପରି ନକରି ତାକୁ ଭୁଲିଯିବାକୁ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେତେବେଳେ ପ୍ରିୟାଂସୀ ଅଙ୍କିତ୍‌କୁ ଭଲପାଇ ବସିଲା ସେତେବେଳେ ଅଙ୍କିତ୍ ପ୍ରିୟାଂସୀକୁ ଧୋକା ଦେଇଥିଲା । ଧୋକା ସତ୍ତ୍ୱେ ମଧ୍ୟ ପ୍ରିୟାଂସୀ ଅଙ୍କିତ୍‌କୁ ଭୁଲିପାରିନାହିଁ । ସବୁବେଳେ ମନରେ ପ୍ରଶ୍ନ ଆସେ ଜୀବନରେ ଆଉ ଦେଖା ହୋଇପାରିବ କି ନାହିଁ ? ତାହା ସହ କଥା ହୋଇପାରିବ କି ନାହିଁ ? ଏପରି ଅନେକ ପ୍ରଶ୍ନ ।

ଏ ସମସ୍ତ ଘଟଣା ଘଟିଥିଲା ଗୋଟିଏ ସନ୍ଦେହ ଯୋଗୁଁ । ସନ୍ଦେହ ଯୋଗୁଁ ନିଜ ଲୋକ ମଧ୍ୟ ଶତ୍ରୁ ପାଲଟି ଯାଆନ୍ତି । କିନ୍ତୁ ସେମାନଙ୍କ ପ୍ରେମ ହାରି ଯାଇଥିଲେ ମଧ୍ୟ ଉଭୟଙ୍କ ମଧ୍ୟରେ ଭଲପାଇବା ରହିଛି । ଆଜିବି ଅଙ୍କିତ୍ ପ୍ରିୟାଂସୀକୁ ବେଳେବେଳେ ମେସେଜ୍ କି କଲ୍ କରିନାହିଁ । କିନ୍ତୁ ମନରେ ଡରଥାଏ, କିନ୍ତ କାହିଁକି ପ୍ରଥମେ ପୁଅମାନେ ଝିଅକୁ ନିଜ ପ୍ରେମରେ ପକାନ୍ତି ଆଉ ଝିଅ ତା'ର ପ୍ରେମରେ ପଡ଼ିବା ପରେ ତାକୁ ଧୋକା ଦିଅନ୍ତି । ସେମାନେ କ'ଣ ଭାବନ୍ତି ? ଝିଅମାନେ କାଠ କଣ୍ଢେଇ ନାଁ କ'ଣ ?

ଧୋକା ଆମକୁ ସମସ୍ତେ ଦେଇପାରନ୍ତି ନାହିଁ କେବଳ ସେହିମାନେ ଦେଇଥାନ୍ତି ଯେଉଁମାନଙ୍କୁ ଆମେ ନିଜର ଭାବି ବିଶ୍ୱାସ କରିଥାଉ ।

ଓଡ଼ିଆ ସ୍ନାତକୋତ୍ତର ବିଭାଗ
ଷଷ୍ଠ ବର୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟ

# ଲାବଣ୍ୟମୟୀ ଯୋଗିନୀ

ବିଶ୍ୱଜିତ ହୋତା

କାଲି ଦେଖିଥିଲି ତାର ମାଦକତା ଭରା ରୂପକୁ। ବହୁତ ସୁନ୍ଦର ଦିଶୁଥିଲା ଓ ସୁଲୁସୁଲିଆ ପବନର ତାଳେ ତାଳେ ମନଭରି ନୃତ୍ୟ ଭଙ୍ଗୀରେ ନିଜର ଅଙ୍ଗ ସଞ୍ଚାଳନ କରୁଥିଲା। କିନ୍ତୁ ଏ କଣ ? ବସନ୍ତ ଋତୁର ଆଗମନରେ କଣ ହେଲା ପର ? ବିଷର୍ଣ୍ଣ ମନ, ବିଷାଦ ଗ୍ରସ୍ତ ଶରୀର। ତା ଠାରେ ହଠାତ୍ ଏଭଳି ପରିବର୍ତ୍ତନ ଦେଖି ମତେ କାଇଁ କେମିତି କେମିତି ଲାଗିଲା।

ପଚାରି ଦେଲି... ଆଲୋ କଣ ହୋଇଛି ତୋର ? କାଲିଯାଏଁ ତ କେତେ ଖୁସିରେ ହସୁଥିଲୁ, ନାଚୁଥିଲୁ, ଗାଉଥିଲୁ ଆଉ ମତେ ଅନେଇ ଆଖିଠାର ବି ଦେଉଥିଲୁ। ହେଲେ ହଠାତ୍ ଆଜି କର ହେଲା ତୋର ? ଦେହ ଶୁଖିଯାଇଛି। ମନଟିକୁ ସତେ ଯେପରି କଳାହାଣ୍ଡିଆ ମେଘ ଆଛନ୍ନ କରି ରଖିଛି।

ସେ କହିଲା– ନାଇରେ ! କର କରିବି, ଏ ତ ପ୍ରକୃତିର ନିୟମ। ସୁଖ ସବୁବେଳେ ଲାଗିରହିବ ନା କଣ ? ସୁଖ ପରେ ଦୁଃଖ... ଏ ତ ବିଧିର ବିଧାନ। ପ୍ରକୃତିକୁ ଆଉ ଟିକିଏ ସଜେଇବା ପାଇଁ, ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଆଉ ଟିକେ ଗାଢ଼ କରିବା ପାଇଁ ପ୍ରକୃତିର ଋତୁଚକ୍ର ମୋ ଉପରେ ଶକ୍ତ ପ୍ରାହାର କରିଛି। ସେଥିପାଇଁ ତୁ ମୋଠାରେ ଏ ଅତର୍କିତ ପରିବର୍ତ୍ତନ ଦେଖୁଛୁ। ଆମକୁ ଆମର ସଫଳତାର ଶୀର୍ଷରେ ପହଁଚେଇବା ପାଇଁ ପ୍ରକୃତି ବେଳେ ବେଳେ ଆମ ଉପରେ ଏଭଳି ଅତର୍କିତ ଅତ୍ୟାଚାର କରିଥାଏ। ତାକୁ ଅତ୍ୟାଚାର କହିଲେ ଭୁଲ ହବରେ। କାହିଁକି ନା – ଏ ଅତ୍ୟାଚାରରେ ଲୁଚି ରହିଥାଏ ସମାଜର କଲ୍ୟାଣ, ଅପରର ଭିଡ ଏବଂ ଅନ୍ୟକୁ ଦିଗ୍‌ଦର୍ଶନ ଦେଲାଭଳି ପ୍ରେରଣା। ଏ ତ ପ୍ରକୃତିର ନିୟମ। ତାକୁ ନା ତୁ ପରିବର୍ତ୍ତନ କରିପାରିବୁ ନା ମୁଁ।

ତା ଠାରୁ ଏଇ କେଇପଦ କଥା ଶୁଣୁ ଶୁଣୁ ମୁଁ ସବୁ ବୁଝିଯାଇଥିଲି। ଆହା ! କେଡେ ବିଶାଳ ହୃଦୟଟିଏ ତାର। ପ୍ରତିଟି ଭାବନାରେ, ପ୍ରତିଟି ସ୍ପନ୍ଦନରେ ଲୁଚି ରହିଛି ଅପରର କଲ୍ୟାଣ ଓ ସେବା କରିବାର ମନୋବୃତ୍ତି। ସତେ ଯେମିତି କେଉଁ ଜନ୍ମର ଅଭିଶାପରୁ ମୁକ୍ତି ପାଇବା ପାଇଁ ଆଜି ସେ ଧରିଛି ଏପରି ସନ୍ୟାସିନୀ ବେଶ।

ତା ସହ କିଛି ସମୟର ମିଠା ମିଠା ବାର୍ତ୍ତାଳାପ ମୋ ମନରେ ମଧ୍ୟ ସେବା ଓ ସହାନୁଭୂତିର ଛାପ ଛାଡିଦେଲା।

ବସନ୍ତର କଠୋର ପଦାଘାତ ତା ଶରୀରକୁ ସିନା ବିଦିର୍ଣ୍ଣ କରିଦେଇଛି, ହେଲେ ତା ମନକୁ ନୁହେଁ। ତା ଭାବନାକୁ ନୁହେଁ। ତା ମନ ପୂର୍ବପରି ଥିଲା ସତେଜ ଓ ଭାବନା ଏବେ ବି ମଧ୍ୟ ତାଜା। ଅନ୍ୟର ହିତସାଧନ ପାଇଁ ସତେ ଯେପରି ତାର ଜନ୍ମ।

ସେ କିଏ ଥିଲା ଜାଣିଛନ୍ତି ? ସେଇ ଅପୂର୍ବ ଲାବଣ୍ୟମୟୀ ଯୋଗିନୀ ଜଣକ ଥିଲା ମୋ ଝରକା ନିକଟରେ ଥିବା 'ବେଲ ଗଛ'। ଯେ କି ଋତୁଚକ୍ରର ପରିବର୍ତ୍ତନରେ ପତ୍ରଝଡା ଦେଇ ଥୁଣ୍ଟାହୋଇ ଜୀର୍ଣ୍ଣସିର୍ଣ୍ଣ ଶରୀରରେ ଅପେକ୍ଷା କରି ରହିଥିଲା ତାର ନବ ଯୌବନକୁ।

ମନରେ ଆଶା, ହୃଦୟରେ ବିଶ୍ୱାସ ଫଗୁଣର ଆଗମନରେ ପୁଣି ଥରେ ନୂଆ ପତ୍ର କଅଁଳିବ, ଫୁଲଫଳ ଭରିବ। ପୂର୍ବପରି ପୁଣି ମଧ୍ୟ ପରିବେଶକୁ ମୁଁ ସବୁଜ ରଙ୍ଗରେ ସଜେଇ ଦେବି। ମାନବ ଜାତିକୁ ନାନା–ବିଧ ଦ୍ରବ୍ୟପ୍ରଦାନ କରି ଅନ୍ତିମ ଜୀବନକୁ କାଟିଦେବି। ସତରେ ନିଷ୍କାମ ପ୍ରେମର ଗନ୍ତାଘର ତାର ହୃଦୟ।

ଆସ ପ୍ରକୃତିକୁ ଭଲ ପାଇବା।

# ବାନ୍ଧବୀ ଅପେକ୍ଷାରେ ଅନ୍ୟଜଣେ ବାନ୍ଧବୀ

ସୌମ୍ୟଶ୍ରୀ ମହାପାତ୍ର

ଛୋଟ ଝିଅଟିଏ । ବୟସ ତାର ଦଶ କି ଏଗାର । ଆଖିରେ ଆଖିଏ ସ୍ୱପ୍ନ । ନିଜର ଆଶା ଆକାଙ୍କ୍ଷାକୁ ପୂରଣ କରିବା ପାଇଁ ସବୁ ବାଧା ବନ୍ଧନକୁ ଏଡ଼ାଇ ଆଗେଇ ଚାଲିଛି । ମନରେ ଯେତେ ଦୁଃଖ ଥିଲେ ମଧ୍ୟ ଅନ୍ୟକୁ ଖୁସି ଦେବାକୁ ଚେଷ୍ଟା କରିଛି । ପର ପରିବାର କହିଲେ ବାପା ମାଆ ଆଉ ବଡ଼ଭାଇ । ପିଲାଟି ଦିନରୁ ସେ ଜେଜେ ବାପା, ଜେଜେ ମାଆ, କକା, ଖୁଡୀ, ପିଉସା ପିଉସୀଙ୍କ ସ୍ନେହ ଆଦରରୁ ବଞ୍ଚିତ । ଅନ୍ୟମାନଙ୍କ ପରିବାରକୁ ଦେଖିଲେ ତାକୁ ଭାରି କଷ୍ଟ ହୁଏ । ଛାତି ତଳେ ନିଜର କୋହକୁ ଚାପି ରଖେ ସିନା କାହାରିକି କିଛି କହିପାରେ ନାହିଁ । ଭାଗ୍ୟ ତ ତା'ର ସେମିତି । କହିବ ବା କାହାକୁ । ତଥାପି ସେ ଆଗେଇ ଚାଲିଛି । ବାପା, ମାଆ ଓ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ଚେଷ୍ଟା କରିଛି । ଧୀରେ ଧୀରେ ସେ ବଡ ହୋଇ କଲେଜରେ ନାମ ଲେଖାଇଛି ଓଡ଼ିଆ ବିଭାଗରେ । ପାଠ ପଢ଼ିଛି ଓ ମାଆର ଇଛାକୁ ପୂରଣ କରିବାକୁ ଯାଇ ପ୍ରଥମ ସ୍ଥାନ ଅଧିକାର କରିଛି । ତାର ସଫଳତାରେ ପରିବାରର ସମସ୍ତେ ଭାରି ଖୁସି । ଯେତିକି ଯେତିକି ବଡ ହେଉଛି ସେତିକି ସ୍ୱପ୍ନ ତାର ବଢ଼ି ଚାଲିଛି । ଗୋଟିଏ ପରେ ଗୋଟିଏ ସଫଳତାର ସିଢ଼ି ଚଢ଼ି ଆଜି ସେ ବିଶ୍ୱବିଦ୍ୟାଳୟରେ ଏମ୍.ଏ.ଶ୍ରେଣୀରେ ନାମ ଲେଖାଇଛି । ମନରେ ଯେତିକି ଖୁସି ଆଗ୍ରହ ଭରି ଯାଉଥିଲା ତା ସହିତ ଭୟରେ ମଧ୍ୟ କାତର ହୋଇପଡୁଥିଲା । ସେଠାରେ କେମିତି ସାଙ୍ଗ ମିଳିବେ, ସମସ୍ତଙ୍କ ମନ ନେଇ ଚଳି ପାରିବ କି ନାହିଁ ଏମିତି ନା ନା ଭାବନା ମନରେ ଆସୁଥାଏ । ଏହିପରି ସମୟରେ ତାଙ୍କର ଦେଖାହୁଏ ପିଙ୍କି ନାମ୍ନୀ ଏକ ବାଳିକା ସହିତ । ନାମଲେଖା ଦିନ ଏକୁଟିଆ ବସିଥିବା ସମୟରେ ପିଙ୍କି ତାକୁ ଡାକି ପାଖରେ ବସାଇଲା ଏବଂ ଉଭୟେ କଥାବାର୍ତ୍ତା ହେଲେ । ଅଜଣା ପରିବେଶରେ ଅଚିହ୍ନା ମୁହଁ ଭିତରେ ପିଙ୍କି ଥିଲା ତା'ର ପ୍ରଥମ ଚିହ୍ନାମୁହଁ । ସତେ ଯେପରି ସେ ପାଇଗଲା ନବଜୀବନ । ନିଜ ପରିବାର ସଦସ୍ୟଙ୍କୁ ଯେପରି ନିଜ ଜୀବନଠୁ ଅଧିକ ଭଲପାଏ ଠିକ୍ ସେହିପରି ପିଙ୍କିକୁ ମଧ୍ୟ । ପିଙ୍କି ପାଲଟିଯାଇଥିଲା ତା ପାଇଁ ତାର ମାଆ । ପିଙ୍କି ବି ତାକୁ ଭଏପାଏ ବହୁତ । ଦୁଇ ଜଣଙ୍କର ସ୍ନେହ ଭଲପାଇବା ଦେଖିଲେ ମନରେ ଇର୍ଷା ହୁଏ । ଯେତେବେଳେ ତାର ଦେହଖରାପ ହୁଏ ମାଆ ପରି ତାର ସେବା ଯତ୍ନ କରେ । ଖୁଆଇ ଦେବା ଠାରୁ ଆରମ୍ଭ କରି ପୋଷାକ ସଫା ପର୍ଯ୍ୟନ୍ତ ପିଙ୍କି ତାର ସବୁ କାମ କରେ ।

ପିଙ୍କି ପରି ସାଙ୍ଗ ପାଇ ସେ ବହୁତ ଗର୍ବ କରୁଥିଲା । ହଠାତ୍ ତା' ଜୀବନରେ ଏମିତି ଏକ ଘଟଣା ଘଟିଲା ସେ କଥାକୁ ସେ ସ୍ୱପ୍ନରେ ବି ଭାବି ନଥିଲା । ସ୍ୱପ୍ନ ଦେଖିଥିବା ଜିନିଷଟିଏ ମିଳିଗଲେ କିଏ ବା ଖୁସି ନ ହୁଏ ? ଠିକ୍ ସେମିତି ପିଙ୍କି ମଧ୍ୟ ଖୁସି ହୋଇଯାଇଥିଲା । ତାର ଭବିଷ୍ୟତର ଖୁସିକୁ ନେଇ । ଦଇବ ତାର ଖୁସି ସହିଲେ ନାହିଁ । ଜୀବନରେ ପାଇଲା ବିରାଟ ବଡ ଧୋକା । ଯାହାକି ସେ କେବେ କଳ୍ପନା କରିନଥିଲା । ଦୁଃଖରେ ଭାଙ୍ଗିପଡ଼ିଥିବା ସମୟରେ ଚିହ୍ନାହୁଏ ତାର ଗୌତମ ସହ । ଧୀରେ ଧୀରେ ଦୁହେଁ ହୋଇଗଲେ ସବୁଠାରୁ ଭଲ ସାଙ୍ଗ । ପିଙ୍କି ପରି ଗୌତମ ମଧ୍ୟ ଥିଲା ତା' ଜୀବନର ଏମିତି ଏକ ମଣିଷ ଯାହାକୁ ବହୁତ ଭଲପାଏ ସେ । ଜୀବନରେ ଆଗକୁ ବଢ଼ିବା ପାଇଁ ଦୁଃଖରେ ଭାଙ୍ଗି ନ ପଡ଼ିବା ପାଇଁ ସାହାସ, ଶକ୍ତି ଦେଖାଇଛି ଗୌତମ । ତା'ର ଜୀବନରେ ଆଣିଛି ପରିବର୍ତ୍ତନ । ଧୀରେ ଧୀରେ କେତେବେଳେ ଉଭୟଙ୍କର ଉଭୟଙ୍କ ପାଇଁ ଦୁର୍ବଳତା ଆସିଛି ଜାଣିପାରିଲେ ନାହିଁ । ଏହି ଦୁର୍ବଳତା ଯେପରି ଉଭୟଙ୍କ ଜୀବନରେ ଦୁଃଖର କଳାବାଦଲ ଘେରିନଯାଉ, ଦୁହେଁ ଯେପରି ଭବିଷ୍ୟତରେ କଷ୍ଟ ନ ପାଆନ୍ତୁ ସବୁବେଳେ ଚାହୁଁଥିଲା ପିଙ୍କି । ମାତ୍ର ଉଭୟେ ପିଙ୍କିର ଅଜାଣତରେ କଥା ହୁଅନ୍ତି ଆଉ ଦେଖା ମଧ୍ୟ କରନ୍ତି । ଏକଥା ଜାଣି ପିଙ୍କି କଷ୍ଟ ପାଉଥିଲେ ମନ ଭିତରେ ମଧ୍ୟ ଚୁପ୍ ରହୁଥିଲା । ମାତ୍ର ଧୀରେ ଧୀରେ ପିଙ୍କି ତା ସହ କଥା ହେବା ମିଶିବା କମ୍ କରିଦେଲା । ତା ପ୍ରତି ପିଙ୍କି ମନରେ ଥିବା ସମସ୍ତ ଭଲପାଇବା ଅନ୍ୟମାନଙ୍କୁ ବାଣ୍ଟିବାରେ ଲାଗିଲା । ଏପରିକି ଉପରେ ତା ସହ ପିଙ୍କି ମିଶୁଥିଲେ ମଧ୍ୟ ସବୁ ସମ୍ପର୍କକୁ ମନ ଭିତରେ ଭାଙ୍ଗିଦେଉଥିଲା । ଏଥିପାଇଁ କେତେ କଷ୍ଟ ଯନ୍ତ୍ରଣା ପାଇଛି ଏବଂ କାନ୍ଦିଛି ମଧ୍ୟ । ଯେତେ କଷ୍ଟ ପାଇଲେ

ବି ପିଙ୍କିକୁ ସେ ସବୁ ଫରକୁ ପଡୁନଥାଏ । କାହିଁକି ନା ସେ ପାଲଟି ଯାଇଛି ତା ପାଇଁ ପଥର । କେତେଥର ପିଙ୍କିକୁ ଏମିତି ଦୂରେଇ ଯିବାର କାରଣ ପଚାରିଛି ସେ ମାତ୍ର ପିଙ୍କି ତାର କଥାକୁ ଆଭଏଡ୍ କରିଚାଲିଛି ।

ବାପାମାଆ ପିଲାମାନଙ୍କୁ ଯେତିକି ଭଲ ପାଆନ୍ତି ପିଲାମାନେ ବି ସେମିତି ବାପାମାଆଙ୍କୁ ଭଲ ପାଆନ୍ତି । ପିଲାର ମଙ୍ଗଳ ପାଇଁ ବାପା ମାଆ ଛୁଆକୁ ନାନା କଥା ବାରଣ କରୁଥିଲେ ମଧ୍ୟ ଛୁଆମାନେ ସେଇ କଥାକୁ ନମାନି ନିଜ ଖୁସିରେ କାମ କରନ୍ତି । ତା ମାନେ ନୁହେଁ ଛୁଆମାନେ ବାପା ମାଆଙ୍କୁ ଭଲ ପାଆନ୍ତି ନାହିଁ କି ସମ୍ମାନ କରନ୍ତି ନାହିଁ । ବାପା ମାଆମାନେ ମଧ୍ୟ ଛୁଆମାନେ ତାଙ୍କ ଅନ୍ତରାଳରେ ଯେତେ ଭୁଲ କଲେ ମଧ୍ୟ ସମ୍ପର୍କ ଭାଙ୍ଗନ୍ତି ନାହିଁ କାହିଁକି ଛୁଆମାନେ ତାଙ୍କର ଅତି ନିଜର । ଠିକ୍ ସେହିପରି ସେ ଛୁଆଟି ପିଙ୍କି ପାଖରେ ତା ବୋଉକୁ ଦେଖେ । ତା ବୋଉ ପରି ଭଲପାଏ ଆଉ ସମ୍ମାନ କରେ । ସେଥିପାଇଁ ସେ ଗୌତମ ପ୍ରତି ଦୁର୍ବଳତା ଥିବା କଥା କି ତାସହ ମିଶିବା କଥା ହେବା କଥା ଗୋପନ ରଖେ । କିନ୍ତୁ ପିଙ୍କି ତାକୁ ବୁଝିପାରିନି ଯଦି ଗୌତମ ଆଉ ତାର ସମ୍ପର୍କ କଥା ପିଙ୍କିକୁ କହିନଥିବାରୁ ସେ ସମ୍ପର୍କ ଭାଙ୍ଗିଛି । ପିଙ୍କିର ଭୁଲ ବୁଝାମଣା ଯୋଗୁଁ କେତେ କାନ୍ଦିଛି ସେ କଥା ଗୌତମକୁ ଛାଡି ତୃତୀୟ ଲୋକ କେହି ଜାଣନ୍ତି ନାହିଁ । ଯିଏ ତାକୁ ତାର ଅଚିହ୍ନା ପରିବେଶରେ ପ୍ରଥମ ହାତ ଧରି ପାଖକୁ ଟାଣି ନେଇଥିଲା ସେ ଆଜି ତାର ହାତ ଛାଡ଼ିଦେଇଛି । ସମ୍ପର୍କ ଭାଙ୍ଗିଦେଇଛି । କିନ୍ତୁ ଆଜି ବି ସେ ପିଙ୍କିକୁ ସେତିକି ଭଲପାଏ ଯେତିକି ଭଲପାଏ ତାର ମାଆ ଆଉ ଗୌତମକୁ । ତା'ର ବିଶ୍ୱାସ ପିଙ୍କି ତାକୁ ଆଜି ନ ବୁଝିଲେ ବି କାଲି ବୁଝିବ ନିଶ୍ଚିତ । ଆଉ ତା ପିଙ୍କି ତା ପାଖୁ ଫେରିଆସିବ । ହେଲେ ପିଙ୍କି ବୁଝିଲା ବେଳକୁ ଯଦି ଡେରି ହୋଇଯାଏ ଆଉ ସେ ଯଦି ବହୁ ଦୂରକୁ ଚାଲିଯାଇଥାଏ ଯେଉଁଠାରୁ ଫେରିବା ଅସମ୍ଭବ, ତାହାଲେ କ'ଣ ସେ ସାରାଜୀବନ କଷ୍ଟ ପାଇଚାଲିବ ପିଙ୍କିର ସେଇ ପ୍ରଥମ ସ୍ମୃତିକୁ ନେଇ ?

# ପ୍ରଶ୍ନବାଚୀ

ରଶ୍ମିରେଖା ନାୟକ

ପେପର୍ ନେବ ପେପର୍............

ପେପର ନେବ ପେପର.......

ଏଇଭଳି ଏକ ଶବ୍ଦ ଶୁଭୁଥାଏ "ମା' ତାରିଣୀ" ବସ୍ ଭିତରେ । ସେଇ ବସ୍‌ର ୧୮ ନଂ ଝରକାପାଖ ସିଟ୍‌ରେ ବସିଥିବା ରାହୁଲ ଅପେକ୍ଷା କରିଥିଲା ୧.୩୦ ମିନିଟ୍‌କୁ । କାରଣ ସେଇ ସମୟ ହେଉଛି ବସ୍‌ର ଛାଡ଼ିବା ସମୟ ।

ରାହୁଲ୍ ଯେ କି କୋରାପୁଟ୍ କଲେଜର ଛାତ୍ର । ମାତ୍ର ନିଜ ଘର ବ୍ରହ୍ମପୁର୍ । ନିଜ ଘରଛାଡି ବାହାରେ ରହି ପାଠ ପଢ଼େ । ତେଣୁ ଏଇ ସମୟଟି ଗ୍ରୀଷ୍ମ ଛୁଟି ଅବସରର ସମୟ ହୋଇଥିବାରୁ ସେ ଦୁଇଟି ବ୍ୟାଗ୍‌ରେ ନିଜ ଜିନିଷ ଭର୍ତ୍ତିକରି ଘରକୁ ଯିବବୋଲି ବସ୍ ଚଢ଼ିଥିଲା । କିନ୍ତୁ ସେଇ ବସ୍‌ଟି ଛାଡ଼ିବାକୁ ବହୁତ ବିଳମ୍ବ କରୁଥାଏ । ଖରାଦିନ ତେଣୁକରି ପ୍ରବଳ ଗରମ ହେତୁ ସେ ସେଇ ଝରକା ପାଖ ସିଟ୍‌ରେ ବସି ହାୱା ଟିକେ ଖାଉଥାଏ । ମନେ ମନେ ଭାବୁଥିଲା ବହୁତ ଦିନ ହେବ ଘରକୁ ଯାଇନି, ଘରକୁ ଗଲେ ବହୁତ ମଜା କରିବି, ବୁଲିବି, ମନ ପସନ୍ଦର ଜିନିଷ ଖାଇବି । ଏଇଭଳି କିଛି ଭାବନାରେ ସେ ମଗ୍ନ ହୋଇଯାଇଥାଏ ।

ଏମିତିରେ ଦେଖିବାକୁ ଗଲେ ରାହୁଲ୍ ପାଠପଢ଼ା କ୍ଷେତ୍ରରେ ବହୁତ ସଚେତନ । ତେଣୁ ସେ କେବେବି ସମୟର ଦୁଃବ୍ୟବହାର କରେ ନାହିଁ । ଭଲ ପାଠ ପଢୁଥିବାରୁ ସେ ସାଙ୍ଗ-ସାଥୀ, ଶିକ୍ଷକ-ଶିକ୍ଷୟତ୍ରୀ, ବାପା-ମା ସମସ୍ତଙ୍କର ଅତି ପ୍ରିୟ । ଏହି ଭଳି ତା'ର ଦିନଗୁଡ଼ିକ ବିତିଯାଏ କେବଳ ପାଠ ପଢ଼ାରେ.... ।

ଏଇ ସମୟ ଭିତରେ ଚୁଡ଼ିର ରୁଣୁଝୁଣୁ ଶବ୍ଦ ଶୁଭିଲା । ଆଉ ଗୋଟିଏ ଝିଅର ପାଟିରୁ ଶୁଭିଲା - "ବାବୁ ଚୁଡି ନେବ, ଦେଖ ଏଇ ଚୁଡି ବହୁତ ସୁନ୍ଦର । ଏହାର ଦାମ୍ ୨୦ ଟଙ୍କା ।

ନେଇଯାଆନ୍ତୁ ନା, ଆପଣଙ୍କ ମା' କି ଭଉଣୀ ହାତକୁ ଖୁବ୍ ମାନିବ।" ଏତକ କହିଲା ଭିତରେ ରାହୁଲ ସେ ଝିଅଟିର ମୁହଁକୁ ଏକ ଲୟରେ ଚାହିଁ ରହିଥିଲା। କାରଣ ସେ ଝିଅଟିର ମୁହଁ ଏତେ ସୁନ୍ଦର ଥିଲାକି ଯିଏବି ଦେଖିବ ସେ ମୁଗ୍ଧ ହୋଇଯିବ। କହିବାକୁ ଗଲେ- "ଗୋଟିଏ ଚାଉଳରେ ଗଢା" ଏହା ମଧ୍ୟରେ ରାହୁଲ୍ ମନେ ମନେ ଭାବୁଥାଏ ଯେ, ଏତେ ସୁନ୍ଦର ଝିଅଟି ଚୁଡି ବିକ୍ରି କରୁଛି। ଏହି ଭାବନାରେ ବୁଡି ଥିଲାବେଳେ ସେ ଝିଅଟି ପ୍ରଶ୍ନକଲା- "ବାବୁ ଚୁଡି ନେବେନି ?" ରାହୁଲ୍ ହଠାତ୍ କହିଲା- "ହଁ ନିଶ୍ଚୟ ନେବି। ସେ ୨୦ ଟଙ୍କା ଦେଇ ଚୁଡି ମୁଠାଏ ରଖିଲା। ପରେ ସେ ଝିଅଟି ତା' ନିଜ ବାଟରେ ଚାଲିଗଲା।"

ବସ୍‌ର ସମୟ ହୋଇଥିବାରୁ ବସ୍‌ଟି ମଧ୍ୟ ଛାଡି ଦେଲା। କିନ୍ତୁ ରାହୁଲ ସେଇ ଝରକା ବାଟେ ଅନେଇ ଥାଏ କାଳେ ସେ ଝିଅଟିକୁ ପୁଣିଥରେ ଟିକେ ଦେଖି ପାରିବ। କିନ୍ତୁ ଦୁଃଭାଗ୍ୟ ବଶତଃ ସେ ଝିଅର ଦେଖା ମିଳିଲା ନାହିଁ।

ପରେ ବସ୍‌ଟି ଛାଡ଼ିଦେଥିବାରୁ ରାହୁଲ୍ ସେ ବସ୍‌ରେ ବସିଥିଲା ସତ, ମାତ୍ର ତା'ର ମନ କେବଳ ସେ ଝିଅଟି ପାଖରେ ଅଟକି ଯାଇଥିଲା। ଏହପରି କେତେ ଘଣ୍ଟା ବିତିଲାପରେ ସେ ନିଜ ଘରେ ପହଞ୍ଚିଗଲା ଓ ମନେ ମନେ ବହୁତ ଖୁସି ହେବାର ନଜର ଆସୁଥିଲା। କିନ୍ତୁ ଏହି ଖୁସିର କାରଣ ଘରକୁ ଆସିଛି ବୋଲି, ନାଁ ସେ ଝିଅଟି ସହିତ ଦେଖା ହୋଇଛି ବୋଲି....। ସେ ନିଜେ ମଧ୍ୟ ଜାଣିନଥିଲା। ଏମିତି କେତେଦିନ ଗଲା ଛୁଟିଟି ଭଲରେ ଭଲରେ କାଟୁଥାଏ। କିନ୍ତୁ ଅନେକ ସମୟରେ ରାହୁଲ୍‌କୁ ସେ ଝିଅଟିର ମୁହଁ ମନେପଡ଼ିଯାଉଥାଏ। କିନ୍ତୁ ଦୁର୍ଭାଗ୍ୟ ବଶତଃ ସେ ସେଇ ଝିଅଟିର ନାଁ ଜାଣିପାରିଲା ନାହିଁ, କି ଠିକଣା ବି ଜାଣିନଥିଲା। କିନ୍ତୁ କାହିଁକି କେଜାଣି ତା' ମନରେ ଗୋଟିଏ ଆଶା ବାର୍ ବାର ଉପୁଜୁଥିଲା, କି ସେ ଝିଅଟି ପୁଣି ନିଶ୍ଚୟ ଦେଖାହେବ। ଏହି କଥା ଭାବି ଭାବି ତା'ର ଛୁଟିଟି କେମିତି ସରିଗଲା ତାହା ଜଣା ପଡ଼ିଲା ନାହିଁ। ପୁଣି କୋରାପୁଟ୍ ଯିବାର ସମୟ ଆସିଗଲା ତେଣୁ ରାହୁଲ୍‌ର ମା' ରାହୁଲ୍‌ର ବ୍ୟାଗ୍‌ରେ ସବୁ ଜିନିଷ ଭର୍ତ୍ତିକରି ଦେଇଥିଲା। କିନ୍ତୁ ରାହୁଲ୍‌ର ଘର ଛାଡିଯିବାର ଦୁଃଖ ଯେତେଥିଲା ଅନ୍ୟ ପଟରେ ସେ ଝିଅଟିକୁ ପୁଣିଥରେ ଦେଖା ହେବାର ଆଶ ମନେ ମନେ ଆନନ୍ଦ ଦେଉଥିଲା। କାଳେ ସେ ଝିଅ ପୁଣିଥରେ ଦେଖା ନହେବ ସେ ଡରରେ ସେ ଯେଉଁ ବସ୍‌ରେ ଘରକୁ ଆସିଥିଲା ସେଇ ବସ୍‌ରେ ହିଁ ଚଢ଼ିଲା। ମନରେ ଅନେକ ଆଶା ନେଇ ବସ୍‌ରେ ବସିଥାଏ। କେତେବେଳେ ବସ୍‌ଟି ସେଇ ଷ୍ଟପେଜ୍‌ରେ ରହିବ ଆଉଥରେ ସେ ଝିଅଟି ଦେଖାହେବ। ଅନଉ ଅନଉ ସେଇ ଷ୍ଟପେଜ୍‌ରେ ମଧ୍ୟ ଆସିଗଲା। ବସ୍ ମଧ୍ୟ ସେଠି ରହିଲା କିନ୍ତୁ ରାହୁଲ୍‌ର ମନ କେବଳ ସେଇ ଝିଅଟି ପାଖରେ। ଏମିତି କେତେ ସମୟ ଅପେକ୍ଷା ପରେ ଭାଗ୍ୟବଶତଃ ସେ ଝିଅଟି ଦେଖା ହୋଇଗଲା। ସେତେବେଳକୁ ରାହୁଲ୍‌ର ଖୁସି ନକହିଲେ ସରେ। ସେ ମନେ ମନେ ନିଷ୍ପତ୍ତି କରିଥିଲା ଯେ, ଆଜି ଯେମିତି ହେଲେ ସେ ଝିଅର ନାଁ ପଚାରିକି ରହିବ। ତେଣୁ ସେ ଚୁଡି କିଣିବା ବାହାନାରେ ତା ପାଖକୁ ଗଲା, ଚୁଡି ମଧ୍ୟ କିଣିଲା।, ସେଇ ବାହାନାରେ ସେ ତାର ନାଁ ପଚାରି ଦେଲା। ଝିଅଟି ମଧ୍ୟ ଅତି ସରଳ ଭାବରେ ତା ନାଁ ଚମ୍ପା ବୋଲି କହିଲା। ଆଉ କିଛି ଅଧିକ ପଚାରିଲେ କାଳେ ସେ ଝିଅଟି ରାଗିଯିବ ସେ ଭୟରେ ରାହୁଲ୍ ସେଠାରୁ ପଳାଇଗଲା। କିନ୍ତୁ ମନେ ମନେ ବହୁତ ଖୁସୀ ଥିଲା ଯେ ସେ ତାର ନାଁ ଜାଣିପାରିଲା ବୋଲି। ବାଟରେ ଗଲାବେଳେ ଯୋଗୀ ହେଲାଭଳି ବାରମ୍ବାର କହୁଥିଲା୦ "ଚମ୍ପା, ଚମ୍ପା, ଚମ୍ପା....। କେତେ ସୁନ୍ଦର ନାଁ ଟି। ନାଁ ଟି ଯେମିତି ଦେଖିବାକୁ ମଧ୍ୟ ସେମିତି।"

ଏମିତି କେତେଦିନ ଗଲାପରେ ରାହୁଲ୍‌ର ପାଠପଢ଼ା ଠିକ୍‌ଠାକ୍ ଚାଲିଥାଏ। ମାତ୍ର ମନ ପ୍ରାୟ ସେ ଚନ୍ଦା ପାଖରେ ଥାଏ। ଇତି ମଧ୍ୟରେ ସେ ଅନୁଭବ କଲା ଯେ, ସେ ଚନ୍ଦାକୁ ମନେ ମନେ ଭଲ ପାଇ ବସିଲାଣି। ମାତ୍ର ଏତିକି ଡରଥିଲା ଯେ, କାଳେ ରାହୁଲ୍‌ର ପ୍ରେମକୁ ସେ ପ୍ରତ୍ୟାକ୍ଷାନ କରି ଦେବ। ଏମିତି କେତେକ ଦୁଃଶ୍ଚିନ୍ତା ତା ମନକୁ ଆସୁଥାଏ। ତେଣୁକରି ପ୍ରତିଦିନ ଏଇଭଳି ଦ୍ୱନ୍ଦ ଭିତରୁ ବାହାରିବା ପାଇଁ ସେ ନିଷ୍ପତ୍ତି କଲା ଯେ, ସେ ଯାଇ ଚନ୍ଦାକୁ ତା'ର ମନକଥା କହିବ, ପରେ ଯାହା ହେବ ଦେଖାଯିବ। ଏଇ ବାହାନାରେ ସେ ଘରକୁ ଯିବ ବୋଲି ନିଷ୍ପତ୍ତି କଲା। ଆଉ ବାହାରି ପଡ଼ିଲା ଯିବାକୁ ସେଇ ବସ୍, ସେଇ ସମୟ ଦେଖି ସେ ବସ୍‌ରେ ଚଢ଼ିଲା ଆଉ ମନରେ ଅନେକ ଭୟ ଆଉ ଖୁସୀ ମଧ୍ୟ ଥାଏ। ବସ୍ ସେଇ ଷ୍ଟପେଜ୍‌ରେ ରହିଲା, ରାହୁଲ୍ ମଧ୍ୟ ଚନ୍ଦାର ଅପେକ୍ଷାରେ ଥାଏ। ଏମିତି କେତେ

ସମୟ ଅପେକ୍ଷା ଅପେକ୍ଷାରେ ବିତିଗଲା ମାତ୍ର ସେଦିନ ଚନ୍ଦାର ଆଉ ଦେଖା ମିଳିଲାନାହିଁ। ପରେ ବସ୍‌ଟି ସେଠାରୁ ଛାଡିଦେବାରୁ ରାହୁଲ୍ ସେଠାରୁ ପଳାଇଲା ଏବଂ ନିଜ ଘରେ ପହଞ୍ଚିଲା। କିନ୍ତୁ ଘରେ ପହଞ୍ଚିବାରେ ମନରେ ସେତେ ଖୁସୀ ନଥିଲା। ସେତେ ଦୁଃଖ ଥିଲା, କାରଣ ସେ ଯେଉଁ ଉଦ୍ଦେଶ୍ୟରେ ଘରକୁ ଆସିଥିଲା ତାହା ପୁରଣ ହେଲାନାହିଁ। ତେଣୁ ଯେମିତି ସେମିତି ଛୁଟିଟି କଟିଗଲା। ରାହୁଲ୍‌ର କୋରାପୁଟ୍‌କୁ ଯିବାର ସମୟ ମଧ୍ୟ ଆସିଗଲା। ତେଣୁ ସେ ମନେମନେ ବହୁତ ଖୁସୀ ଥିଲା ଯେ, ଆଜି ଯେମିତି ହେଲେ ଚନ୍ଦା ଦେଖା ହେଲେ ତା' ମନର କଥା କହିବ। ତେଣୁକରି ସେ ବହୁ ଆଶା-ଅଭିଳାଷ ମନରେ ରଖି ସେଇ ବସ୍‌ରେ ଚଢ଼ିଲା। ଆଉ ବାଟସାରା ବସି ଭାବୁଥାଏ ଯେ, କେମିତି କହିବି ମୋ ମନର କଥା, ଚନ୍ଦା ରାଗି ଯିବନି ତ....। ଯଦି ଚନ୍ଦା ତା ପ୍ରସ୍ତାବରେ ରାଜି ହୋଇଯାଏ ସେ ଘରେ କହି ତାକୁ ହିଁ ବିବାହ କରିବ। ଏମିତି ଅନେକ କଥା ଭାବି ଭାବି ବସ୍‌ରେ ବସିଥାଏ। ଇତି ମଧ୍ୟରେ ବସ୍‌ଟି ସେଇ ଷ୍ଟପେଜ୍‌ରେ ଅଟକିଲା। ରାହୁଲ୍ ସେଠାରେ ଓହ୍ଲାଇ ବହୁତ ସମୟ ପର୍ଯ୍ୟନ୍ତ ତାକୁ ଅପେକ୍ଷା କରି ରହିଲା। କିନ୍ତୁ ସେଦିନ ପରି ଚନ୍ଦାର ମଧ୍ୟ ଦେଖା ପାଇଲା ନାହିଁ। ବସ୍‌ଟି ଛାଡିବାକୁ ଆଉ ୨ ମିନିଟ୍ ବାକି ଥାଏ। ରାହୁଲ୍ ବହୁତ ଖୋଜାଖୋଜି କଲା ମାତ୍ର ଚମ୍ପାକୁ ସେ ପାଇଲା ନାହିଁ। ଏହା ମଧ୍ୟରେ ବସ୍‌ଟି ଛାଡିଦେଲା, ମାତ୍ର ସେ ଆଉ ବସ୍‌ରେ ଚଢ଼ିଲା ନାହିଁ।

କାରଣ ସେ ସ୍ଥିର କରିଥିଲା ଯେ, ଯେମିତି ହେଲେ ଆଜି ଚମ୍ପାକୁ ତା ମନର କଥା କହିବ ବୋଲି। ତେଣୁ ସେ ସେଠାରେ ଅଟକି ଗଲା। ଏମିତି କେତେ ସମୟ ବିତିଗଲାଣି ଚମ୍ପାର ଅପେକ୍ଷାରେ, ଅନଉ ଅନଉ ସନ୍ଧ୍ୟା ବି ହୋଇଗଲାଣି। ମାତ୍ର ଚମ୍ପାର ଦେଖା ମିଳିଲା ନାହିଁ। ତେଣୁ ଶେଷରେ ସେ ବାଧ୍ୟ ହୋଇ ସେଠାକାର ପାଖରେ ଥିବା ଦୋକାନମାନଙ୍କରେ ଚମ୍ପା ବିଷୟରେ ପଚରା ଉଚରା କଲା। କିନ୍ତୁ ତାର କୌଣସି ଖବର ମିଳିଲା ନାହିଁ। ନା' ରହିବାର ଖବର, ନା' ଆସିବାର ଖବର। ତେଣୁ ସେ ସମ୍ପୂର୍ଣ୍ଣ ରୂପେ ନିରୂପାୟ ହୋଇଗଲା। ଆଉ ମନେ ମନେ ଚିନ୍ତାକଲା ଯେ, ନାଁ ଘରକୁ ଯିବାବେଳେ ଦେଖା ହୋଇଥିଲା, ନା ଘରୁ ଆସିବା ସମୟରେ ଦେଖାହେଲା। ଏହାର ଅର୍ଥ କ'ଣ ହୋଇପାରେ- "କ'ଣ ଚମ୍ପା ବିବାହ କରି ସାରିଲାଣି ?"

- "ନା' ସେ ଏଇ ଜାଗା ଛାଡି ପଳାଇଛି ?"

- ନା ସେ ଏଇ ଦୁନିଆରେ ଆଉ......... ?

ଏଇଭଳି ଅନେକ କଥା ତା' ମନକୁ ଦ୍ୱନ୍ଦରେ ପକାଉଥାଏ। ଆଉ ଭାବୁଥାଏ କୁଆଡେ ଗଲା ଚମ୍ପା। ତେଣୁ ଶେଷରେ ଚମ୍ପାକୁ ନ ପାଇବାରୁ ନିରୂପାୟ ହୋଇ ସେ ସେହି ସ୍ଥାନରୁ ପଳାଇଗଲା କୋରାପୁଟ୍‌କୁ। କିନ୍ତ ବହୁତ ପ୍ରଶ୍ନ ତା ମନରେ ଅଟକି ରହିଗଲା। କ'ଣ ଆଉ କେବେ ଚମ୍ପା ସହିତ ତା'ର ଦେଖା ହୋଇ ପାରିବ ନାହିଁ............ ?"

# ଡ. ବିଦ୍ୟାଧର ମିଶ୍ରଙ୍କ ଦୃଷ୍ଟିରେ ରେଭେନ୍‌ସା ଓ ଉତ୍କଳ

ମାଧବାନନ୍ଦ ପାତ୍ର

ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଓ ଶିକ୍ଷାବିତ୍ ଭାବରେ ଡ. ବିଦ୍ୟାଧର ମିଶ୍ରଙ୍କୁ କିଏ ବା ନଜାଣେ । ଏକ ଗ୍ରାମ୍ୟ ପରିବେଶରେ ଜଗତସିଂହପୁର ଅଞ୍ଚଳରେ ୧୯୧୬ ମସିହା ଅଗଷ୍ଟ ୧୫ ତାରିଖରେ ଜନ୍ମଗ୍ରହଣ କରିଥିଲେ ବିଦ୍ୟାଧର ମିଶ୍ର । ନିଜର ପ୍ରାକ୍ ଜୀବନ କାଳରେ ଅନେକ ବିଶିଷ୍ଟ ସାହିତ୍ୟିକମାନଙ୍କ ସଂସ୍ପର୍ଶରେ ଆସିଥିଲେ ସେ । ପ୍ରାଥମିକ ଜୀବନରେ ସ୍କୁଲରେ ପାଠ ପଢ଼ିଥିଲେ ଏବଂ ପରବର୍ତ୍ତୀ ସମୟରେ ଉଚ୍ଚଶିକ୍ଷା ପାଇଁ ରାଜ୍ୟ ବାହାରକୁ ଯାଇଥିଲେ । ନିଜ ଜୀବନକାଳ ମଧ୍ୟରେ ସେ ଅନେକ ଆନ୍ଦୋଳନ ଶିକ୍ଷାନୁଷ୍ଠାନ ସହିତ ଯୋଡ଼ିତ ଥିଲେ । ତାଙ୍କର ଜୀବନଥିଲା ସ୍ମୃତି ବହୁଳ । ନିଜର ଶିକ୍ଷାପାଇଁ ସେ ଅନେକ ସ୍ଥାନରୁ ପ୍ରସଂଶା ପାଇଥିଲେ । ୧୯୪୨ ମସିହାରେ ପାଟ୍‌ନା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି ଏମ୍.ଏ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ପାଇଥିଲେ ଏବଂ ଇଂଲଣ୍ଡରେ ଅଢ଼େଇ ବର୍ଷ ପଢ଼ି ୧୯୫୫ ମସିହାରେ ଲଣ୍ଡନ୍ ସ୍କୁଲ୍ ଅଫ ଇକୋନୋମିକ୍ସରୁ କୃଷି ଅର୍ଥନୀତିୟ ଡକ୍ଟରେଟ୍ ଡିଗ୍ରୀ ଲାଭ କରିଥିଲେ । ଡକ୍ଟର ବିଦ୍ୟାଧର ମିଶ୍ର ନିଜର ସଚୋଟତା ଏବଂ ମଧୁର ଭାଷାଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ ।

"ବିଂଶ ଶତାବ୍ଦୀର ଓଡ଼ିଶା ମୋ ଅନୁଭୂତି" ଆତ୍ମଜୀବନୀ ଗ୍ରନ୍ଥରେ ଡକ୍ଟର ବିଦ୍ୟାଧର ମିଶ୍ର ନିଜ ଜୀବନର ସ୍ମୃତି ବଖାଣିବା ସହ ଓଡ଼ିଶାର ଅବସ୍ଥା ଶିକ୍ଷା, ରାଜନୀତି ଆଦିର ସୂଚନା ପ୍ରଦାନ କରିଛନ୍ତି । ତତ୍‌କାଳୀନ ସମୟରେ ତଥା ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଏକ ସ୍ୱତନ୍ତ୍ର ଓଡ଼ିଶା ପାଇଁ ଯେଉଁ ଆନ୍ଦୋଳନ ଚାଲିଥିଲା ଏବଂ ଏକ ସ୍ୱାଧୀନ ରାଷ୍ଟ୍ରର ନିର୍ମାଣ ପାଇଁ ଯେଉଁ ପଦକ୍ଷେପମାନ ନିଆଯାଉଥିଲା ତାହାର ଅନୁଭବୀ ଥିଲେ ବିଦ୍ୟାଧର ମିଶ୍ର । ଏହି ଗ୍ରନ୍ଥରେ ନିଜ ଜୀବନର ପାଠପଢ଼ା ସମୟ ଗାଁ ପରିବେଶ ତଥା ଦେଶରେ ଚଳିଥିବା ସ୍ୱାଧୀନତା ଆନ୍ଦୋଳନ ଆଦିକୁ ପ୍ରତ୍ୟକ୍ଷ କରିଥିଲେ ସେ । ନିଜର ପାଠପଢ଼ା ଜୀବନ ଗ୍ରାମ୍ୟ ପରିବେଶରୁ ଆରମ୍ଭ ହୋଇ ରେଭେନ୍ସା ମଧ୍ୟଦେଇ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପହଁଚି ପାରିଥିଲା । ସେ ଯେତେବେଳେ ୧୯୩୬ ରୁ ୧୯୪୦ ଫେବୃୟାରୀ ପର୍ଯ୍ୟନ୍ତ ଆଇ.ଏ ଓ ବି.ଏ ପଢୁଥିଲେ ସେତେବେଳେ ପ୍ରାଣକୃଷ୍ଣ ପରିଜା ଓ ଶ୍ୟାମଚନ୍ଦ୍ର ତ୍ରିପାଠୀଙ୍କ ପରି ବରିଷ୍ଠ ଅଧ୍ୟାପକଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ନିଜ ଜୀବନକୁ ଉତ୍ତମ ପଥରେ ଗତି କରାଇବା ପାଇଁ ପ୍ରେରଣା ପାଇଥିଲେ ।

ବିଦ୍ୟାଧର ମିଶ୍ର ଉତ୍କଳ ବିଶ୍ୱବିଦ୍ୟାଳୟରେ ଯେତେବେଳେ କୁଳପତି ଥିଲେ ବିଶ୍ୱବିଦ୍ୟାଳୟର ପାଠପଢ଼ା ଓ ଗବେଷଣା, ପରୀକ୍ଷାରେ କିପରି ଶୃଙ୍ଖଳା ରହିବ ଏବଂ କ୍ୟାମ୍ପସର ଉନ୍ନୟନ କାର୍ଯ୍ୟ କିପରି ତ୍ୱରାନ୍ୱିତ ହେବ ସେଥିପାଇଁ ପଦକ୍ଷେପ ନେଉଥିଲେ । କିନ୍ତୁ ଅତ୍ୟାନ୍ତ ଦୁଃଖର ବିଷୟ ଏହା ଯେ, କୌଣସି କାର୍ଯ୍ୟ କରିବା ପୂର୍ବରୁ ତାଙ୍କୁ ଅନେକ ପ୍ରତିରୋଧର ସମ୍ମୁଖିନ ହେବାକୁ ହେଉଥିଲେ । ସେ ନିଜର ଆତ୍ମଜୀବନୀରେ ଲେଖିଛନ୍ତି, "ବିଶ୍ୱବିଦ୍ୟାଳୟ ସବୁ ଦିଗରେ ଉନ୍ନୟନ ପାଇଁ ପାଣ୍ଠି ରାଜ୍ୟ ସରକାର ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଠାରୁ ମିଳେ । ତାହା ସହଜରେ ମିଳେନାହିଁ । ପରୀକ୍ଷା ଠିକ୍ ସମୟରେ ଓ ଶୃଙ୍ଖଳିତ ଭାବରେ କରିବାରେ ଛାତ୍ରଛାତ୍ରୀଙ୍କଠାରୁ ବହୁ ପ୍ରତିରୋଧ ହୁଏ । ଦୈନନ୍ଦୀନ କାର୍ଯ୍ୟ ପରିଚାଳନାରେ ବହୁ ଦିଗରୁ ବ୍ୟାଘାତ ଉପୁଜେ ଏବଂ ପଢ଼ାଶୁଣା ପାଇଁ ଶାନ୍ତ ବାତାବରଣ ରହେ ନାହିଁ । ଏହି ଆଦର୍ଶ ଓ ବାସ୍ତବତାର ସଂଘର୍ଷ ମଧ୍ୟରେ ତିନିବର୍ଷ କଟିଯାଇଥିଲା ।" (ବିଂଶ ଶତାବ୍ଦୀର ଓଡ଼ିଶା ମୋ ଅନୁଭୂତି- ବିଦ୍ୟାଧର ମିଶ୍ର, ପୃଷ୍ଠା ୨୯) ଆଜିର ସମୟରେ ଲକ୍ଷ୍ୟକଲେ ମଧ୍ୟ ବାଣୀବିହାରର ଅବସ୍ଥା କୌଣସି ସମୟର ବଡ ବଡ ରାଜନେତାମାନେ ଛାତ୍ରଛାତ୍ରୀଙ୍କୁ ହାତବାରିଶି କରି ନିଜର ଦଳକୁ ମଜ୍‌ବୁତ୍ କରିବା ପାଇଁ ଚେଷ୍ଟା କରୁଛନ୍ତି ।

ବିଦ୍ୟାଧର ମିଶ୍ର ରେଭେନ୍ସା କଲେଜରେ ଅର୍ଥନୀତିରେ ପାଠ ପଢୁଥିବା ସମୟରେ ପୂର୍ବଛାତ୍ରାବାସରେ ରହୁଥିଲେ । ସେହି ପୂର୍ବ ଛାତ୍ରାବାସରେ ଆମ ଓଡ଼ିଆ ସାହିତ୍ୟର ପଞ୍ଚସଖା,

ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ଆଦି ରହୁଥିଲେ। ପରବର୍ତ୍ତୀ ସମୟରେ ରେଭେନ୍ସାର ପଶ୍ଚିମ ଛାତ୍ରାବାସରେ ସବୁଜବାଦି ଧାରାର କବିମାନେ ରହୁଥିଲେ। ରେଭେନ୍ସା ସାହିତ୍ୟ କ୍ଷେତ୍ରକୁ ଯେଉଁ ଅବଦାନ ନେଇଛି ତାହା ପ୍ରଶଂସା ଯୋଗ୍ୟ। ଯେତେବେଳେ ବିଦ୍ୟାଧର ମିଶ୍ର କଲେଜ୍ ଜୀବନରେ ପ୍ରଥମ ବର୍ଷର ଛାତ୍ରଥିଲେ, ସେତେବେଳେ ପ୍ରାଣକୃଷ୍ଣ ପରିଜା ଥିଲେ ପଶ୍ଚିମ ଛାତ୍ରାବାସର ୱାର୍ଡେନ୍ ଏବଂ କେ.ପି.ସିହ୍ନା ଥିଲେ ପୂର୍ବଛାତ୍ରାବାସର ୱାର୍ଡେନ୍। ରେଭେନ୍ସାର ବାତାବରଣ ଉତ୍କଳ ବିଶ୍ୱ ବିଦ୍ୟାଳୟଠାରୁ ଥିଲା ଅନେକ ଗୁଣରେ ସୁନ୍ଦର। ନିଜର ଆତ୍ମଜୀବନୀରେ ରେଭେନ୍ସାର କଥା କହିବାକୁ ଯାଇ ବିଦ୍ୟାଧର ମିଶ୍ର ଲେଖିଛନ୍ତି, "ମୋର ମନେ ହେଉଛି ଯେ, ୧୯୩୬ ମସିହାରୁ ୧୯୪୦ ମସିହା ପର୍ଯ୍ୟନ୍ତ ଆମେ ସେ କଲେଜରେ ପଢୁଥିଲାବେଳେ କଲେଜ ଅତ୍ୟନ୍ତ ସୁସଙ୍ଗଠିତ ଓ ଶୃଙ୍ଖଳିତ ଭାବରେ ଚାଲିଥିଲା। ଶ୍ରେଣୀମାନଙ୍କରେ ପାଠପଢ଼ାପଢ଼ି ନିୟମିତ ଭାବରେ ହେଉଥିଲା ଏବଂ ପରୀକ୍ଷାମାନ ନିର୍ଦ୍ଧାରିତ ସମୟରେ ହେଉଥିଲା। ଛାତ୍ର ଓ ଅଧ୍ୟାପକ ସମସ୍ତେ ପିନ୍ସିପାଲଙ୍କୁ ଭୟ କରୁଥିଲେ। ଛାତ୍ରାବାସମାନଙ୍କରେ ୱାର୍ଡେନ ଓ ସୁପରିଣ୍ଟେଣ୍ଡେଣ୍ଟମାନେ ଛାତ୍ରମାନଙ୍କ ଉପରେ କଡା ନଜର ରଖିଥିଲେ। ସେମାନେ ପ୍ରତିଦିନ ହଷ୍ଟେଲର ସବୁଆଡେ ବୁଲି ହଷ୍ଟେଲର ପରିଷ୍କାର ପରିଚ୍ଛନ୍ନତା ଏବଂ ପଢ଼ିବା ଘଣ୍ଟାମାନଙ୍କରେ ପିଲାମାନେ କିପରି ସୁବିଧାରେ ପଢୁଥିଲେ, ତାହା ଦେଖୁଥିଲେ। ସୁପରିଣ୍ଟେଣ୍ଡେଣ୍ଟମାନେ ପ୍ରତିଦିନ ସକାଳେ ଛାତ୍ରମାନଙ୍କର ଉପସ୍ଥାନ ନେଉଥିଲେ। ମେସ୍‌ଗୁଡ଼ିକ ନିୟମିତ ଭାବରେ ଚାଲିଥିଲା ଏବଂ ଖାଇବା ପିଇବାର ମାନ ଉଚ୍ଚ ଥିଲା। ପିଲାମାନେ ହଷ୍ଟେଲର ସୁପରିଣ୍ଟେଣ୍ଡେଣ୍ଟ ଓ କଲେଜର ଅଧ୍ୟାପକମାନଙ୍କର କଥା ମାନୁଥିଲେ ଏବଂ ସେମାନଙ୍କୁ ଭୟ କରୁଥିଲେ। ହଷ୍ଟେଲ ଓ ମେସ୍‌ମାନଙ୍କରେ ବହୁ ଚାକର ପୂଜାରୀ ଥିଲେ। ସେମାନେ ସମସ୍ତେ ୱାର୍ଡେନ୍ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଡରି ନିୟମିତ ଭାବରେ ନିଜ ନିଜର କାମ କରୁଥିଲେ। ହଷ୍ଟେଲର କମନ୍‌ରୁମ୍, ପ୍ରାର୍ଥନା ହଲ୍, ମେସ୍ ରୁମ୍ ପ୍ରଭୃତି ବହୁ ସୁବିଧା ଥିଲା। ଆମ୍ଭେମାନେ ହଷ୍ଟେଲରେ ଅତି ସୁଖରେ ଚଳୁଥିଲୁ। ହଷ୍ଟେଲମାନଙ୍କରେ ଜୀବନ ଧାରଣମାନ ଆମ ଘରମାନଙ୍କର ଜୀବନ ଧାରଣ ମାନଠାରୁ ଢେର୍ ଉଚ୍ଚରେ ଥିଲା।"

ରେଭେନ୍ସା କଲେଜରେ ୧୯୪୩ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବରୁ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ନଥିଲା। ୧୯୫୭ ମସିହାରେ ସଂସ୍କୃତ ଓ ଦର୍ଶନ ବିଷୟ ସଂପର୍କରେ ଉଚ୍ଚଶିକ୍ଷା ଦେବାପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତ୍ୟକ୍ଷ ଭାବରେ କଟକ ଷ୍ଟେସନ୍ ପାଖ ବର୍ଦ୍ଧମାନ ପଡ଼ିଆରେ ଶିକ୍ଷାଦାନ ଆରମ୍ଭ କରିଥିଲା। ସେହି ସମୟରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ଅଧ୍ୟାପକ କର୍ମଚାରୀମାନଙ୍କର ବାସଗୃହ ପରିଚାଳନା ଅଫିସ୍ ଏବଂ ଅନ୍ୟଗୃହସବୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସହାୟତାରେ ଭୁବନେଶ୍ୱରର ବାଣୀବିହାରରେ ୧୯୫୭ରେ ୪୦୦ ଏକର ଜମି ସରକାରଙ୍କ ତରଫରୁ ପ୍ରାପ୍ତହୋଇ ସ୍ଥାୟୀଭାବେ ରହିଲା। ବାଣୀବିହାରଠାରେ ସେହି ଜମିରେ ବିଭିନ୍ନ ଗୃହ ୧୯୫୭ରୁ ୧୯୬୨ ଜୁଲାଇ ମଧ୍ୟରେ ସମାପ୍ତ ହେବାପରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟାଳୟ କଟକରୁ ବାଣୀବିହାର ଉଠି ଆସିଲା।

ଏହା ପରେ ପରେ ଓଡ଼ିଶାରେ ଅନେକ ବିଶ୍ୱବିଦ୍ୟାଳୟମାନ ଗଢ଼ିଉଠିଛି। ପୂର୍ବରୁ ଓଡ଼ିଶାର ସମସ୍ତ ବିଦ୍ୟାଳୟ ଏବଂ କଲେଜ ପାଟନା ବିଶ୍ୱବିଦ୍ୟାଳୟ ଦ୍ୱାରା ନିୟନ୍ତ୍ରିତ ହେଉଥିଲା। କିନ୍ତୁ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାପରେ ସମସ୍ତ ସ୍କୁଲ ଓ କଲେଜକୁ ଏହି ବାଣୀବିହାର ଦେଖାଇଲା ନୂତନ ଦିଶା। ୧୯୬୨ ମସିହାରେ ଭୁବନେଶ୍ୱରରେ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ୧୯୬୭ ମସିହାରେ ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୧୯୮୦ରେ ପୁରୀଠାରେ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ (ବାରିପଦା), ବାଲେଶ୍ୱରର ଫକୀରମୋହନ ବିଶ୍ୱବିଦ୍ୟାଳୟ ଆଦି ସ୍ଥାପିତ ହୋଇ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅଲଗା ହୋଇଗଲା।

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଥିଲେ ଡକ୍ଟର ପ୍ରାଣକୃଷ୍ଣ ପରିଜା। ଯେତେବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ସୃଷ୍ଟି ହୋଇ ନଥିଲା ସେତେବେଳେ ବିଦ୍ୟାଧର ମିଶ୍ର ଆଇ.ଏ କ୍ଲାସରେ ନାମ ଲେଖାଇଲା ବେଳକୁ ଶ୍ୟାମଚନ୍ଦ୍ର ତ୍ରିପାଠୀ ପ୍ରନ୍ସପାଲ ଥିଲେ। ପ୍ରାଣକୃଷ୍ଣ ପରିଜା ପଶ୍ଚିମ ଛାତ୍ରାବାସରେ ଏବଂ ଇଂରାଜୀ ଅଧ୍ୟାପକ କେ.ପି.ସିଦ୍ଧା

ପୂର୍ବଛାତ୍ରାବାସରେ ୱାର୍ଡେନ୍ ଥିଲେ । ଶ୍ୟାମଚନ୍ଦ୍ର ତ୍ରିପାଠୀ ଏବଂ ପ୍ରାଣକୃଷ୍ଣ ପରିଜା ବିଲାତରୁ ଫେରି ରେଭେନ୍ସା କଲେଜରେ ଶିକ୍ଷାଦାନ କରିବା ଦିନରୁ ତାଙ୍କୁ ସମସ୍ତେ ତ୍ରିପାଠୀ ସାହେବ ଓ ପରିଜା ସାହେବ ବୋଲି କହୁଥିଲେ । ତ୍ରିପାଶ ସାହେବ ରେଭେନ୍ସା କଲେଜର ପ୍ରଥମ ଓଡ଼ିଆ ପ୍ରିନ୍ସିପାଲ ଏବଂ ପରିଜା ସାହେବ ଦ୍ୱିତୀୟ ଓଡ଼ିଆ ପ୍ରିନ୍ସିପାଲ ଥିଲେ । ଯେତେବେଳେ ଶ୍ୟାମଚନ୍ଦ୍ର ତ୍ରିପାଠୀ ଓଡ଼ିଶାର ପ୍ରଥମ ଓଡ଼ିଆ ଡି.ପି.ଆଇ ଭାବେ କାର୍ଯ୍ୟକଲେ ସେତେବେଳେ ଡକ୍ଟର ପ୍ରାଣକୃଷ୍ଣ ପରିଜା ବୋଟାନୀ ବିଭାଗର ପ୍ରଫେସର ଥାଇ ସ୍ଥାୟୀ କୁଳପତି ଭାବେ ନିଯୁକ୍ତି ହେଲେ ।

ରେଭେନ୍ସା କଲେଜ୍ ଆଜି ବି ଦେଖିବାକୁ ଏକ ସୁନ୍ଦରୀ ରମଣୀ ପରି । ବଉଳ ଫୁଲର ବାସ୍ନାରେ ଆଜି ବି ସଂଧ୍ୟାରେ ବାସୁଥାଏ ତାର ସମଗ୍ର ଶରୀର । ନାଲିକୋଠାକୁ ଦେଖିଦେଲେ ପେଟ ପୁରିଯାଏ । ବିଦ୍ୟାଧର ମିଶ୍ର କୁହନ୍ତି, "କଲେଜର କଳା ଓ ବିଜ୍ଞାନ ବିଭାଗମାନଙ୍କର କୋଠାମାନଙ୍କ ମଧ୍ୟରେ ଲାଇବ୍ରେରୀକୁ ଏବଂ ପୂର୍ବପଶ୍ଚିମ ଛାତ୍ରାବସକୁ ସିମେଣ୍ଟର ରାସ୍ତା ଥାଇ ସୁପରିଚାଳିତ ଘାସ ପଡ଼ିଆ ଓ ବଗିଚା ଥିଲା । କଲେଜ ହୋତାର ଶେଷ ଭାଗରେ ଦକ୍ଷିଣ ପୂର୍ବ ଓ ପଶ୍ଚିମ ଦିଗରେ ପ୍ରଫେସରମାନଙ୍କର ରହିବା ଘର ତିଆରି ହୋଇଥିଲା । ଆଜିବି ଦେଖିଲେ ରେଭେନ୍ସା ଅତୀତର ରେଭେନ୍ସା ପରି ମହକ ଦେଉଛି । ରେଭେନ୍ସା ସାମ୍ନାରେ ମୁକ୍ତଭାବେ ପକ୍ଷୀମାନେ ରହିବା ପାଇଁ ଯେଉଁ ଲଣ୍ଟିଏ ତିଆରି ହୋଇଛି ତାହା ପାଶ୍ଚାତ୍ୟ ଦେଶକୁ ମଧ୍ୟ ଟପିଯାଇପାରେ । କଟକର ଏହି ପୁରୁଣା ରେଭେନ୍ସା କଲେଜ୍ ଅନେକ ଐତିହ୍ୟକୁ ନିଜ କୋଳରେ ଧରି ରଖିଥିଲା । ଭୁବନେଶ୍ୱରରେ ବିଧାନସଭା ହେବାପୂର୍ବରୁ ବର୍ତ୍ତମାନର ହେରିଟେଜ୍ ହଲରେ ଅସ୍ଥାୟୀ ଭାବରେ ବିଧାନସଭାର କାର୍ଯ୍ୟ ଚାଲୁଥିଲା । ଏହିଠାରେ କେତେ ସାହିତ୍ୟିକ, କେତେ ବୈଜ୍ଞାନିକ, କେତେ ରାଜନେତା ସୃଷ୍ଟି ହୋଇ ସାରିଛନ୍ତି । କିନ୍ତୁ ବିଦ୍ୟାଧର ମିଶ୍ର ଯେତେବେଳେ ବିଂଶ ଶତାବ୍ଦୀର ଶେଷରେ ନିଜ ଅନୁଭୂତି ବଖାଣୁଛନ୍ତି ସେତେବେଳେ ସେ ଅନୁଭବ କରିଥିବା ରେଭେନ୍ସା ଓ ଉତ୍କଳ ମଧ୍ୟରେ ଅନେକ ତାରତମ୍ୟ ଦେଖାଇଛନ୍ତି । ତିନିବର୍ଷ ପାଇଁ ସେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଥିଲେ ଏବଂ ସମଗ୍ର ବାଣୀବିହାରକୁ ଅଧ୍ୟୟନ କରିଥିଲେ । ସେ ତାଙ୍କର ବିଂଶ ଶତାବ୍ଦୀର ଓଡ଼ିଶା ମୋ ଅନୁଭୂତିରେ ରେଭେନ୍ସା ଉତ୍କଳ ମଧ୍ୟରେ ଅନେକ କ୍ଷେତ୍ରରେ ପାର୍ଥକ୍ୟ ଦର୍ଶାଇଛନ୍ତି । ଆଶ୍ଚର୍ଯ୍ୟ ଲାଗେ ରେଭେନ୍ସାରୁ ସୃଷ୍ଟି ହୋଇ ଉତ୍କଳ ବିଶ୍ୱବିଦ୍ୟାଳୟ ବିଦ୍ୟାଧର ମିଶ୍ରଙ୍କ ସମୟରେ କିପରି ପାର୍ଥକ୍ୟଲାଭ କଲା । ଏଠାରେ ବିଦ୍ୟାଧର ମିଶ୍ର ହିଁ ସଠିକ୍ ବିଚାର ଦାତା । କାରଣ ସେ ନିଜ ଆଖି ସାମ୍ନାରେ ଉତ୍କଳ ବିଶ୍ୱବିଦ୍ୟାଳୟର ସୃଷ୍ଟିକୁ ଦେଖିବା ସହ ଉଭୟ ବିଶ୍ୱବିଦ୍ୟାଳର ସଂସ୍ପର୍ଶରେ ଆସିଥିଲେ ।

ଆଜି ବି ଉତ୍କଳ ବିଶ୍ୱବିଦ୍ୟାଳୟର ଅଶାନ୍ତି ବ୍ୟାପିଯାଇଛି ରେଭେନ୍ସା ବିଶ୍ୱବିଦ୍ୟାଳୟକୁ । ଛାତ୍ରମାନଙ୍କର ହିଂସା, ରାଜନୈତିକ ରକ୍ତପାତ ଆଦି ଯେମିତି ବିଦ୍ୟାଧର ମିଶ୍ର ଦେଖିଥିବା ବାଣୀବିହାରଠାରୁ ବଳି ଯାଉଛି । ବାସ୍ତବ କ୍ଷେତ୍ରରେ ଏହି ଦୁଇ ବିଶ୍ୱବିଦ୍ୟାଳୟ ହେଉଛନ୍ତି ମଣିଷ ତିଆରି କାରଖାନା । ବିଦ୍ୟାଧର ମିଶ୍ର ଉତ୍କଳର କୁଳପତି ଥିବା ସମୟରେ ଯେଉଁ ପଦକ୍ଷେପ ନେଉଥିବାବେଳେ ବାଧା ପାଉଥିଲେ ତାହା ଆଜି ବି ଅନ୍ୟତ୍ର ଦେଖାଯାଉଛି । ଏ କ୍ଷେତ୍ରରେ ଆମେମାନେ ସଜାଗ ହେବା ଉଚିତ୍ । ରେଭେନ୍ସା ଓ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଯଦି ଲକ୍ଷ୍ୟ କରିବା ତେବେ ଗୋଟିଏ ହେଉଛ ରାଜ୍ୟର ପ୍ରଥମ ମହାବିଦ୍ୟାଳୟ ଓ ଅନ୍ୟଟି ହେଉଛ ମହାବିଦ୍ୟାଳୟରୁ ସୃଷ୍ଟି ।

ବିଶ୍ୱବିଦ୍ୟାଳୟ କାଳେ କାଳେ ଏହି ଦୁଇ ବିଶ୍ୱବିଦ୍ୟାଳୟ ଲୋକମାନଙ୍କର ଦୃଷ୍ଟି ଆକର୍ଷଣ କରିବା ସହ ଶିକ୍ଷା ପାଇଁ ଏହି ଦୁଇ ବିଶ୍ୱବିଦ୍ୟାଳୟ ହିଁ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ହେଉଛି । ଡ. ବିଦ୍ୟାଧର ମିଶ୍ର ନିଜ ଜୀବନର ଅନେକ ସମୟ ଏହି ଦୁଇ ବିଶ୍ୱବିଦ୍ୟାଳୟରେ ବିତାଇଛନ୍ତି ଏବଂ ଉକ୍ତ ଆତ୍ମଜୀବନୀ ଗ୍ରନ୍ଥରେ ନିଜ ଜନ୍ମଠାରୁ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଓଡ଼ିଶାରେ ସ୍ୱାଧୀନତା ଏବଂ ଦେଶ ମିଶଣ ଆନ୍ଦୋଳନ, ନୂତନ ଓଡ଼ିଶା ରାଜ୍ୟ ଗଠନ, ସ୍ୱାଧୀନତା ପରେ ଓଡ଼ିଶା ବିଧାନସଭା ଓ ପାର୍ଲିଆମେଣ୍ଟ ପାଇଁ ବହୁବାର ନିର୍ବାଚନ, ମନ୍ତ୍ରିମଣ୍ଡଳ ଗଠନ, ବିଭିନ୍ନ ସମୟରେ ମନ୍ତ୍ରୀ ଓ ରାଜନୀତିକ ନେତାମାନଙ୍କର କାର୍ଯ୍ୟକଳାପ ଏବଂ ଅନ୍ୟ ବହୁ ରାଜନୀତିକ ଘଟଣା ସମ୍ପର୍କରେ ଅନୁଭୂତି ଅର୍ଜନ କରିବା ସହ ଓଡ଼ିଶାର ଶିକ୍ଷା ପଦ୍ଧତି ସହିତ ମଧ୍ୟ ପରିଚିତ ହୋଇଥିଲେ ।

ଆମର ଆଲୋଚନାର ବିଷୟ ଭାବରେ ତାଙ୍କର ଏହି ଆତ୍ମଜୀବନୀରେ ସେ କିପରି ଭାବରେ ନିଜ ଅନୁଭୂତିରେ ଓଡ଼ିଶାର କାହିଁକି ବିଶ୍ୱର ଦୁଇ ବଳିଷ୍ଠ ବିଶ୍ୱବିଦ୍ୟାଳୟ ରେଭେନ୍ସା ଓ ଉତ୍କଳ ସଂପର୍କରେ ଆଲୋଚନା କରିଛନ୍ତି ତାହା ଲକ୍ଷ୍ୟକଲେ ।

ବିଦ୍ୟାଧର ମିଶ୍ର ଏହି ସ୍ମୃତିବହୁଳ 'ବିଂଶ ଶତାବ୍ଦୀର ଓଡ଼ିଶା ମୋ ଅନୁଭୂତି' ଆତ୍ମଜୀବନୀ ଗ୍ରନ୍ଥ ପାଇଁ ୧୯୯୯ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ବାସ୍ତବରେ ରେଭେନ୍ସା ଓ ଉତ୍କଳ ମଧ୍ୟରେ ଯେଉଁ ସମସ୍ୟା ଦେଖାଯାଉଥିଲେ ମଧ୍ୟ ନିଜତ୍ୱ ବଳରେ ଉଭୟ ବିଶ୍ୱବିଦ୍ୟାଳୟ ସମସ୍ତଙ୍କର ହୃଦୟରେ ସ୍ଥାନ କରି ରହିଥାଉ, ସେତିକି ଗୌରବର ବିଷୟ ।

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,
ଭୁବନେଶ୍ୱର-୪
ମୋ-୯୯୩୭୨୧୨୭୯୫

# ବାପା

ଶ୍ରୀ ସୁବାସ ଚନ୍ଦ୍ର ବେହେରା
ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଆ ବିଭାଗ
ଗବେଷକ

କଥାରେ ଅଛି କନ୍ୟା ସନ୍ତାନଟିଏ ଜନ୍ମ ନେଲେ ଘରକୁ ଲକ୍ଷ୍ମୀ ଆସିଥାନ୍ତି । ହେଲେ ଦୁନିଆରେ ପ୍ରତି ବାପା, ମା ଚାହାଁନ୍ତି ଏକ ପୁତ୍ର ସନ୍ତାନ । ଯେ କି ତାଙ୍କ ଶେଷ ସମୟରେ ମୁହଁରେ ଟିକିଏ ନିଆଁ ଦେବ । ଏମିତି ଜଣେ ବାପ ହେଉଛି ସାମପୁର ଗ୍ରାମର ପଙ୍କଜ । ଚାରି ଝିଅକୁ ନେଇ ଖୁସିଥିଲେ ବି ପୁଅଟିଏ ନାହିଁ ବୋଲି ସ୍ତ୍ରୀ ପଦ୍ମା ସହିତ ପଙ୍କଜ ମଧ୍ୟ ଭାଙ୍ଗି ପଡ଼ିଥାଏ । ଭଉଣୀ ଚାରିଜଣ ରକ୍ଷା ବନ୍ଧନରେ ରାକ୍ଷୀଟିଏ ବାନ୍ଧିବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଥାନ୍ତି ଭାଇଟିଏ ପାଇଁ । ଦିନକର ଘଟଣା ରାତି ପାହି ବନତେର ହେଲାଣି ପଙ୍କଜକୁ ଘରେ ଖୋଜା ଚାଲିଥାଏ । ସ୍ତ୍ରୀ ପଦ୍ମା ସହିତ ଚାରିଝିଅ ଏବଂ ସାଇପଡ଼ିଶା । ପଙ୍କଜ ଗଲା କୁଆଡେ ରାତିରେ ଖାଇସାରି ସମସ୍ତେ ଶୋଇଲେ । ନା କଳିଗୋଳ ନା ଝଗଡା କିଛି ତ ହୋଇନାହିଁ । ହଠାତ୍ ତାର ଘର ଛାଡି ଯିବାର କାରଣ ଖୋଜୁଥାନ୍ତି ବଡବା ପୁଅ ଭାଇମାନେ । ଘରେ କେହି କେହି ମଧ୍ୟ କାନ୍ଦିବା ଆରମ୍ଭ କରିଦେଲେଣି । ଠିକ୍ ସେହି ସମୟରେ ଈଶାନେଶ୍ୱର ମହାଦେବ ମନ୍ଦିରର ମାଳି ଆସି ଖବର ଦେଲା ପଙ୍କଜ ଠାକୁରଙ୍କ ପାଖରେ ଅଧିଆ ପଡ଼ିଛି । ତାର କାରଣ କେହି ଜାଣନ୍ତି ନାହିଁ । ଏମିତି ଦିନପରେ ଦିନ ହୋଇ ଏକୋଇଶି ଦିନ ଅଖିଆ ଅପିଆ ପଡ଼ିରହି ମହାଦେବଙ୍କ କରୁଣାରୁ ପଙ୍କଜ ଘରକୁ ଫେରି ଆସନ୍ତେ ଜନ୍ମ ହେଲା ଏକ ପୁତ୍ର ସନ୍ତାନ । ଶିବଙ୍କ କୃପାରୁ ଜନ୍ମ ହୋଇଥିବାରୁ ନାମ ତାର ରଖଗଲା ନିରଞ୍ଜନ । ପୁତ୍ରର ଜନ୍ମ ଖୁସିରେ ଦୁଃଖର ଝଡ ଗୁଡ଼ିକ ପଙ୍କଜ ଘର ଚାଳ ଉପର ଦେଇ ଯେପରି ଉଡ଼ିଗଲା । ଝିଅ ଚାରିଙ୍କୁ ହାତକୁ ଦିହାତ କରି ପଙ୍କଜ ମଧ୍ୟ ଚାଲିଗଲା ଆରପାରିକୁ ।

ଏହିଠାରେ ଗୋଟିଏ ବାପାର କାହାଣୀ ଶେଷ ହୋଇଛି କି ନାହିଁ ଆରମ୍ଭ ହୋଇଛି ଆଉ ଜଣେ ବାପାଙ୍କର । ବାପାର ମୃତ୍ୟୁପରେ ରୋଗିଣୀ ମା'ଟିର ସେବାପାଇଁ ବିବାହ କରିଛି ନିରଞ୍ଜନ । ବଡ଼ମ୍ବା ଗୋପିନାଥ ପୁରର ବିଦ୍ୟାଧର ରାଉତଙ୍କ ଝିଅ ସୁବନି ରାଉତଙ୍କୁ । ଦୁନିଆରେ ନାରୀ ହେଉ ବା ପୁରୁଷ ତାଙ୍କ ଜୀବନର ସାର୍ଥକତା ଆସିଥାଏ ସେମାନେ ବାପା ମା ହେଲେ । ସେହି ନିୟମଟି ଘଟିଛି ନିରଞ୍ଜନ ବାପା ହୋଇଛି । ତାର ଜନ୍ମ ହୋଇଛି ଏକ ପୁତ୍ର ଯାହାର ନାମ ତତିଆ । ବଡ଼ପୁଅ ପରେ ପରେ ଆଉ ଦୁଇଟି ପୁଅ ଏବଂ ଗୋଟିଏ କନ୍ୟା ସନ୍ତାନର ବାପା ହୋଇଛି ନିରଞ୍ଜନ । ନାମକୁ ମାତ୍ର କ୍ଷୁଦ୍ରଚାଷୀ । ଚାଷ କରି ଛଅଜଣ ପ୍ରାଣୀଙ୍କୁ ଚଳାଇବା ଥିଲା ତ ପାଖେ କାଠିକର ପାଠ । ତାର ତ ମହାନଦୀ କୂଳରେ । ଘରେ ବସି ଦେଖିଲେ ମହାନଦୀର ଜଳରାଶି ଚକ୍ ଚକ୍ ଦିଶୁଥାଏ । କରଜ ଶୁଝିଲା ପରି ଚାଷୀମାନେ ଶୁଝିଥାନ୍ତି ମହାନଦୀର ଋଣ ପ୍ରତି ଦୁଇ ତିନି ବରଷରେ ଥରେ । ବିଲମାନଙ୍କରେ ଧାନର ପାଚିଲା ସମୟ ପେଟେ ମହାନଦୀକୁ ଲାଗେ ଭୋକ ସବୁ ଆସି ଖାଇଦିଏ । ମହାନଦୀର ପ୍ରଳୟକାରୀ ବନ୍ୟାର ଭୋକରେ କେତେ ଯେ ଚଷାକୂଳ ଉଜୁଡି ଯାଇଛି ତାହା କହିବା ସମ୍ଭବ ନୁହେଁ । ମହାନଦୀ କେବେ ଯଦି ଦୟାକରେ ନିଷ୍ଠୁର ସାଜନ୍ତି ସୂର୍ଯ୍ୟଦେବ । ଏପଟେ ବନ୍ୟା ସେପଟେ ମରୁଡ଼ି ନିଜ ନିଜର କର୍ତ୍ତବ୍ୟରେ ହେଳା କରନ୍ତି ନାହିଁ ।

ପ୍ରକୃତିର କରାଳ ରୂପରେ ବିର୍ତ୍ତିପାରିନାହିଁ ନିରଞ୍ଜନ । ଘରେ ପିଲାମାନଙ୍କ ମୁଖରେ ଦାନା ଦେବାପାଇଁ ନ ଥାଏ ଆହାର । ଧାର କରଜ କରି ସ୍ତ୍ରୀ ତାର ଥକି ଗଲାଣି । ସେ ବା ଆଣିବ କୋଉଠୁ । ଏପଟେ ସ୍ୱାଭିମାନୀ ନିରଞ୍ଜନ ନିଜ କ୍ଷେତଜମି ଛଡା ଅନ୍ୟକାହାର ମୂଲ ଲାଗି ଯାଏନାହିଁ । ନିଜ ବିଲରୁ ଯେତିକି ଆୟ ହୁଏ ସେତିକିରେ ଦୁଃଖ ସୁଖରେ ଚଳିଥାଏ । ନିରଞ୍ଜନର ଦୁଃଖ କହିଲେ ନସରେ । ଦିନକର ଘଟଣା ବଡପୁଅ ତତିଆ ଆଠମାସର ହୋଇଥାଏ । ମା କ୍ଷୀର ଛଡା ଅନ୍ୟ କିଛି ଖାଦ୍ୟ ତ ତାର ଦରକାର । ସୁବନି କହୁଥାଏ ପୁଅ ପାଇଁ ଟିକିଏ ସାଗୁ ବଜାରରୁ ଆଣି ଦିଅନ୍ତନି । ହେଲେ ନିରଞ୍ଜନ ପାଖରେ ପଇସାଟିଏ ନଥାଏ । ଦୋକାନକୁ ବାକି ମାଗିବା ପାଇଁ ଗଲା ହେଲେ କେହି ତାକୁ ଦେଲେନାହିଁ । ବଜାରରୁ

ଫେରିକି ଆସି ନିଜର ବାପା ହେବା ପଣିଆକୁ ଧିକାର କରୁଥାଏ । ହେଲେ କେବେ ତା ପିଲାମାନଙ୍କ ପ୍ରତି ହେଳା କରିନାହିଁ । ଯେତିକି ତାଙ୍କ ପ୍ରତି ଦରକାର ତାଠାର ଢେର ଅଧିକା ସେମାନଙ୍କୁ ଦେଇଛି । ନିଜର ଋଷ ଜମିକୁ ବନ୍ଧା ଦେଇ ପିଲାମାନଙ୍କ ମୁଖରେ ଆହାର ଦେଇଛି । ଖାଲି କ'ଣ ସେକିକି ନିଜ ପରିବାର ସେପଟେ ଋରିଟି ଭଉଣୀ ଘର । ଭାଇର କର୍ତ୍ତବ୍ୟ ଭଉଣୀମାନଙ୍କୁ କେବେ ନିରାଶ କରିନାହିଁ ।

ପିଲାମାନେ ବଡ ହେବା ସହିତ ନିରଞ୍ଜନ ବୋଝ ଦିନକୁ ଦିନ ବଢ଼ିବାରେ ଲାଗିଲା । ଋରିଟି ପିଲା ପାଠ ପଢ଼ିବେ । ସେମାନଙ୍କୁ ମଣିଷ କରି ସମାଜରେ ପ୍ରତିଷ୍ଠିତ କରିବା ହିଁ ତାର ଏକମାତ୍ର ଲକ୍ଷ୍ୟ ଥିଲା । ଅର୍ଥର ଅଭାବକୁ କେବେ ଉପଲବ୍ଧି କରିବାକୁ ଦେଇନି ତାର ପିଲାମାନଙ୍କୁ । କେହି ଜାଣନ୍ତିନି ବାପା ପଇସା କେଉଁଠୁ ଆଣନ୍ତି । କେବଳ ବଡପୁଅ ତତିଆ ଜାଣିଥାଏ ବାପା ଜମିବନ୍ଧା ରଖି ପଇସା ଆଣିଛନ୍ତି । ପଋରିଲେ କୁହନ୍ତି ତମମାନେ ପାଠ ପଢି ମଣିଷ ହେବାଟା ହିଁ ମୋର ଉପଯୁକ୍ତ ଋଷଜମି । ଆଉ ତାର ମୂଲ୍ୟ ତମେସଠିକ୍ ଦେବ । ତାହା ମଧ ଘଟିଛି ତତିଆକୁ ଅଧାପକଟିଏ କରିବାର ଇଛା ଉତ୍କଳ ବିଶ୍ୱବିଦ୍ୟାଳୟରେ ପଢ଼ିବା ପରେ ତାର ଯେମିତି ଇଛା ପୂର୍ଣ୍ଣ ହୋଇଛି ବୋଲି ଅନୁଭବ କରିଛି । ଏପଟେ ସାନପୁଅ ବି ବଡଠାରୁ ଊଣା ନୁହେଁ । ଏଣ୍ଟ୍ରାନ୍ସ ପାଇ ଶିକ୍ଷକ ତାଲିମ୍ ନେଉଛି । ଘରକୁ ଯେବେ ତତିଆ ଫୋନ କରେ ବାପା ତାର କୁହନ୍ତି ତୋର ପଇସା ଦରକାର ଯଦି କହ ଲାଜ କରନାହିଁ । କେଜାଣି କେମିତି ମନ କଥାକୁ ଜାଣିପକାନ୍ତି । ତତିଆ ଜାଣିଥିଲେ ବି ଘରେ ପଇସାଟିଏ ନଥାଏ ତଥାପି କେଉଁଠାରୁ କରଜ କରି ନେଇଆସନ୍ତି ପୁଅ ପାଠ ପଢ଼ାରେ ଲାଗିବା ପାଇଁ । ଧାର କରଜ ମାଗିବା ସମୟରେ ମଧ ଲୋକମାନଙ୍କଠାରୁ ଗାଳି ଶୁଣିଛନ୍ତି । ସବୁ ଶୁଣି ବି ପିଲାମାନଙ୍କ ପାଇଁ ସବୁ ସହିଯାନ୍ତି । ଖରା, ବର୍ଷା, ଶୀତକୁ ଖାତିରି ନକରି ଜମିରେ କାମ କରିଥାଏ ନିରଞ୍ଜନ । ଅଧିକ ଫସଲ ହେଲେ ଅଧିକ ଟଙ୍କା ହେବ । କେବଳ ତା ପିଲାମାନେ ପାଠପଢ଼ିବେ ବୋଲି । ନା ଆଶା ଥିଲା ବଡ ଲୋକ ହେବାର ନା ଭଲ ଘର କରି ମଜାମସ୍ତି କରିବାର କେବଳ ଗୋଟିଏ ଚିନ୍ତା ପିଲାମାନେ ତାର ମଣିଷ ହେବେ ତାର ନା ରଖିବେ । ନିରଞ୍ଜନ ତାର ପୁଅମାନଙ୍କୁ ସଦାବେଳେ ଗୋଟିଏ କଥା କୁହେ ତମେମାନେ ମୋତେ ପୋଶିବ ସେ ଆଶା ମୋର ନାହିଁ । ତୁମେମାନେ ମଣିଷ ହୁଅ ବାସ ଏତିକି ମୁଁ ଋହେଁ ।

ସତରେ ଭଗବାନ କେଡେ ନିଷ୍ଠୁର ନିରଞ୍ଜନର କହିଥିବା କଥା ସତରେ ପରିଣତ ହୋଇଗଲା । ବଡପୁଅ ତତିଆ ବୋଲବମ୍ ଯାଉଥାଏ । ହଠାତ୍ ଗୋଟିଏ ଫୋନକଲ୍ ଆସିଲା କେହି କିଛି ଜାଣିବା ପୂର୍ବରୁ ତତିଆ ଭୋ ଭୋ ହୋଇ କାନ୍ଦିବାରେ ଲାଗିଲା । ବୁଝିଲା ବେଳକୁ ଧାନ ରୋଇବା ସମୟରେ ନିରଞ୍ଜନ ଘଡ ଘଡ଼ିରେ ପ୍ରାଣ ତ୍ୟାଗ କରିଛି । ମନେ ମନେ ଗାଳି କରୁଥାଏ ତତିଆ ସେ ଭଗବାନଙ୍କୁ । ହେଲେ ଜେଜେମାଠୁ ଶୁଣିଥିବା ସେହି କଥାଟି ଈଶ୍ୱରଙ୍କ କୃପାରୁ ନିରଞ୍ଜନର ଜନ୍ମ ଆଉ ପୁଅ ବୋଲବମ୍ ଗଲାବେଳେ ସେଇ ଶିବ ତାକୁ ନେଇଗଲେ । ଆଜି ନିରଞ୍ଜନର ଆଶା ନିରଞ୍ଜନର ଆଶା ପୁରଣ ହୋଇଛି ବଡପୁଅ ତତିଆ ଗୋଟିଏ ଅଧାପକ ହୋଇଛି ଆଉ ସାନପୁଅ ସ୍କୁଲ ଶିକ୍ଷକ । ହେଲେ ତାଙ୍କ ଗର୍ବ କରିବାକୁ ତାଙ୍କ ବାପା ଆଉ ନଥିଲେ । ଜୀବନଟା ସାରା ଯିଏ ଗର୍ବ, ଅହଙ୍କାରକୁ ଘୃଣା କରୁଥିଲେ ସେ ବା କାହିଁକି ଗର୍ବ କରିବାକୁ ରହିବେ । ବାପାଟିର ଜୀବନର ଶେଷ ନିଶ୍ୱାସ ବି ପିଲାମାନଙ୍କ ପାଇଁ କର୍ମରେ ଋଲିଗଲା । କଥାରେ ଅଛି "ମୋ କୋଳେ ପୁଅ ଦୁନିଆ ଡରେନା ବାପା ଥିଲେ ପୁଅ ସଭାରେ ହାରେନା" । ପାଇବାର ଆଶା ନରଖି ଆମମାନଙ୍କୁ ମଣିଷ କରୁଥିବା ସେହି ବାପାମାନଙ୍କୁ ମୋର ଶତ ଶତ ପ୍ରଣାମ ।

# ବସନ୍ତ ବି ବାଟ ଭୁଲିଗଲାଣି

ବିଶ୍ୱଜିତ୍ ବେହେରା (ଗବେଷକ)
ପ୍ରତ୍ନତତ୍ତ୍ୱ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

କାହିଁକି ମୋର ଠିକ୍ ଭାବରେ ମନେପଡୁନି କେବେ ଛଅ ଋତୁ ଏଇ ଧରା ପୃଷ୍ଠରେ ଆସେ ବୋଲି। କେବେ ସ୍କୁଲରେ ପଢ଼ିଲା ବେଳେ ସାହିତ୍ୟ ସାର୍‌ଙ୍କ ଠାରୁ ଶୁଣିଥିଲି ବର୍ଷକ ବାର ମାସ ଓ ଛଅ ଋତୁ ବୋଲି। ମୋ ଜାଣିବାରେ ଏଇ ଛଅ ଋତୁରୁ ମୁଁ ମାତ୍ର ତିନୋଟି ଋତୁକୁ ଜାଣିଛି। ସେ ହେଲେ ଖରା, ବର୍ଷା ଓ ଶୀତ ଋତୁ। ଆଉ ଯେଉଁ ତିନୋଟି ଋତୁ ରହିଲେ ଶରତ, ହେମନ୍ତ ଓ ବସନ୍ତ। ସେମାନେ କେବେ ଆସନ୍ତି ଆଉ କେବେ ଯାଆନ୍ତି ମୁଁ ତାର ଆଦ୍ୟ କି ଅନ୍ତ କିଛି ଜାଣି ପାରେନି। ସମସ୍ତେ କୁହନ୍ତି କୁଆଡେ ଋତୁ ମଧ୍ୟରେ ବସନ୍ତ ଋତୁ କୁଆଡେ ଋତୁ ରାଜା। ଏହି ଶଶା ଗରା ଧରାରେ ଆବାହମାନ କାଳରୁ ଗୋଟେ ପରେ ଗୋଟେ ଋତୁ ଆବାହମାନ ହୋଇ ପୁଣି ବିସର୍ଜନ ହୋଇଯାଆନ୍ତି।

ମହାକାଳ ପରି ଗ୍ରୀଷ୍ମ, ବିରହୀ ପ୍ରେମିକା ପରି ବର୍ଷା, କାଶତଣ୍ଡୀର ପଣତରେ ଶରତ, ଧାନ କିଆରୀର ମହୁଆ ବାସ୍ନାରେ ହେମନ୍ତ ଆଉ ପୁଣି ସକାଳର ନିଆଁ ପୁଆଁ ଚଦରରେ ଶୀତ ତଥା ସୁନ୍ଦରୀ ପ୍ରେମିକାର କଜଳ ଗାରରେ ବସନ୍ତର ଅବନୀରେ ଉପସ୍ଥିତ ହୋଇ ସାରା ଜଗତକୁ ନିଜ ସ୍ନେହ ବନ୍ଧନରେ ବାନ୍ଧିନିଏ। ଯେମିତି ଏହି ବସନ୍ତ ଋତୁଟା ସବୁକିଛି ଅଜାଡି ଦେଇଥାଏ ଏହି ଧରା ବକ୍ଷରେ।

ଆଜି ମୁଁ ତିରିଶିଟା ବସନ୍ତ ଅତିକ୍ରମ କରି ସାରିଲିଣି। ବୟସର ମଧ୍ୟାହ୍ନରେ କେତେ କଣ ହରେଇ ସାରି ତାକୁ ପୁଣି ଖୋଜିବାର ପ୍ରଚେଷ୍ଟାରେ ଲାଗିପଡ଼ିଛି। ଏବେ କେଇଦିନ ହେବ ଗୋଟେ ଗୋଟେ ଖବର କାଗଜର ସାହିତ୍ୟ ପୃଷ୍ଠାରେ ବସନ୍ତର ଆଗମନ ବିଷୟରେ ପଢ଼ିଲି। ପେପର ପଢ଼ିଲାବେଳେ ମୋ ଝର୍କା ପାଖ ଆମ୍ବ ଗଛରେ ବଉଳର ବାସ୍ନା ଭାସିଆସୁଥିଲା। ସେଇ ଆମ୍ବଗଛରେ କୋଇଲି ବି ଗୀତ ଗାଉଥିଲା। ମଧୁମକ୍ଷୀ ଆଉ ପ୍ରଜାପତିମାନେ ଘୁରି ବୁଲୁଥିଲେ। ଭାବିଲି ଏଇ କଣ ସେ ବସନ୍ତ ଋତୁ। ପିଲାବେଳେ ଗାଁରେ ଥିଲାବେଳେ କେତେ ଯେ ପାଗଳାମି କରିଛି। ଘର ଅଗଣାରେ କେତେ ଫୁଲଗଛ ଲଗେଇଛି। ଆମ୍ବ ବଗିଚାରେ ପାଠ ପଢ଼ିବା ବାହାନାରେ କେତେ ବରକୋଳି, କଞ୍ଚାଲଙ୍କା ଲୁଣ ନେଇ ସାଙ୍ଗ ସାଥି ମେଳରେ ଖାଇଛି। ହେଲେ ଆଜି ତାକୁ ଖୋଜିବାରେ ଆଉ କିବା ପ୍ରୟୋଜନ। ଏଇ ସହରୀ ସଭ୍ୟତା ଭିତରେ ତଥା ବୟସର ମଧ୍ୟାହ୍ନରେ ହଜେଇ ଥିବା ଦିନ ଗୁଡ଼ାକ ଯେମିତି କୋଉ ଏକ ଅନ୍ଧାରୀ ମୂଳକରେ ହଜିଯାଇଛି। ପିଲାବେଳେ ସକାଳୁ ସକାଳୁ ଫୁଲ ତୋଳା ପ୍ରତିଯୋଗିତା ଯେମିତି ଏବେ ସହରୀ ଜୀବନରେ ଏକ ଚୋର ପୋଲିସ ଖେଳ ହୋଇଯାଇଛି। ମର୍ଣିଙ୍ଗ ୱାର୍କ ବାହାନାରେ ଏବେ ତ ବୁଢ଼ା ବୁଢ଼ୀମାନେ ପ୍ରତିଯୋଗିତା କଲାଭଳି ଫୁଲ ତୋଳାରେ ଲାଗି ପଡୁଛନ୍ତି। ଯେମିତି ଭଗବାନ ଫୁଲ ନ ପାଇଲେ ଏମାନଙ୍କ ଘରକୁ ଆସିବେନି। ସତରେ ଗାଁର ପରିବେଶ ସଂପୂର୍ଣ୍ଣ ଅଲଗା। ପିଆଜ ଫୁଲ, ଧଣିଆ ଫୁଲ, ସୋରିଷ ଫୁଲ, ରାଶି, ପେଶି ଇତ୍ୟାଦି ଏହି ସହରରେ କାହିଁ। ଏଠିବା କିଏ ତାକୁ ଖୋଜୁଛି କାହା ପାଖରେ ବା ସମୟ ଅଛି ଏସବୁ ସ୍ମୃତିକୁ ମନେ ପକେଇବାକୁ।

ଏହି ସହରରେ ଯେମିତି ଋତୁ ସବୁ ଫିକା ଫିକା, କୋଇଲିର କୁହୁ ମୋବାଇଲ୍‌ରେ ଶୁଭୁଛି। ଫଟୋସପ୍‌ରେ ସୋରିଷ ଫୁଲର କ୍ଷେତ ସହ ନିଜ ଫଟୋ ଜୋଡି ସହରୀ ମଣିଷ ଖୁସି ମନଉଛି। ସତରେ ବସନ୍ତ ଏଠି ହଜିଯାଇଛି। ଏହି କଂକ୍ରିଟ୍ ଜଙ୍ଗଲ ମଧ୍ୟରେ। ଶୀତ ତାପ ଯନ୍ତ୍ରରେ ତ ସବୁ ଋତୁ ସମାନ ଲାଗୁଛି।

ଜାଗର ଠାରୁ ଆରମ୍ଭ ହୁଏ ଏହି ବସନ୍ତ ଋତୁ କୁଆଡେ। ତା ପରେ ବସନ୍ତ ରାହାସ ରାଧା କୃଷ୍ଣ ଗାଁ, ଗାଁରେ ପୂଜା ପାଆନ୍ତି। ଅଷ୍ଟପ୍ରହରୀ ନାମଯଜ୍ଞ ସହ ଅରୁଆ ଡାଲମାର ଭିଡ ଜମେ ଗାଁ ଦାଣ୍ଡରେ। ଦଳ ଦଳ ସଂକୀର୍ତ୍ତନ ସହ ଗାଁ ଦାଣ୍ଡରେ ନଗର କୀର୍ତ୍ତନ ଯେମିତି ଗାଁ ଦାଣ୍ଡ ଖୁସିରେ ଫାଟି ପଡୁଥାଏ। ତା ପରେ ଆସିଯାଏ ପଞ୍ଚୁ ଦୋଳ। ଦୋଳ କଥା କହିଲେ ମୋ ମନ

ଭିତରଟା ଖୁସିରେ କୁରୁଳି ଉଠେ। କେବେ ସେ ଦିନ ଆସିବ ବୋଲି ମୁଁ ଦିନ ଗଣୁଥାଏ। କାହିଁକି ନା ଦୋଳ ଆସିଲେ ରଙ୍ଗ ଖେଳଟା ଜମିବ। ମୁଁ ସବୁଦିନ ବୋଉକୁ ପଚାରୁଥାଏ କେବେ ରଙ୍ଗ ଖେଳ ହେବ। ବାପାଙ୍କୁ କହିଛୁ କି ନାହିଁ ଅଭିର, ରଙ୍ଗ ଆଉ ପିଚକାରୀ କଥା ଇତ୍ୟାଦି ଅନେକ ପ୍ରଶ୍ନ ପଚାରୀ ବୋଉକୁ ବିରକ୍ତି କରିଦିଏ। ରାଧା କୃଷ୍ଣଙ୍କୁ ବିମାନରେ ବସେଇ ଘର ଘର ବୁଲି ଭୋଗ ଖାଇବାକୁ ଯାଉ। ଆଉ ଅବିର ମୁଣ୍ଡରେ ଲଗେଇ ନାଚି ନାଚି ରାତିରେ ଘରକୁ ଫେରୁ। ଗାଁର ଭାଇଚାରା ସେତେବେଳେ ନିଆରା ଥିଲା ଏବେ ସେ ସବୁ ହଜିଗଲାଣି। ପଣା ବଦଳରେ ମଦର ଆସର ଜମୁଛି ହୋଲିରେ କେମିକାଲ ରଙ୍ଗ ବୋଳି ହୋଇ ମାତାଲ ହେଉଛନ୍ତି ଗାଁ ଯୁବଗୋଷ୍ଠୀ। ଗଉଡ ଟୋକାମାନେ ବି ଆଉ ଲଉଡି ଖେଳୁ ନାହାନ୍ତି।

ଆଜି ବି ମୋର ସେ ଦିନ ମନେ ପଡୁଛି। କେନ୍ଦ୍ରାପଡାରୁ ପାରାଦ୍ୱୀପକୁ ଲମ୍ବିଥିବା ଜାତୀୟ ରାଜପଥର କଡ଼ରେ ଥିବା ଏକ ଛୋଟ ଗାଁଟି ଆମର 'ଆଠବାଟିଆ'। ଗୋଟେ ବର୍ଷ ମୁଁ ଏହି ଦୋଳରେ ଗାଁରେ ଥାଏ, ଆଉ ଏହି ଦୋଳକୁ ଟିକେ ନିଆରା ଢଙ୍ଗରେ ପାଳିବାକୁ ମନସ୍ଥ କଲି। ସେଦିନ ସକାଳ ତିରିଶିଟା ମାଠିଆ ଯୋଗାଡ କରି ଆମ ଗାଁ ମେଲଣ ପଡ଼ିଆରେ କିଛି ସାଙ୍ଗମାନଙ୍କୁ ଏକଜୁଟ କରି ରଙ୍ଗ ବେରଙ୍ଗରେ ମାଠିଆକୁ ସଜେଇ ସେଥିରେ ଆମ୍ବଡାଳ ଆଉ ରଙ୍ଗ ଭର୍ତିକରି ସଜେଇଲୁ। ତଥା ମାଠିଆ ଭଙ୍ଗା ପ୍ରତିଯୋଗିତା ମଧ୍ୟ କଲୁ। କିଛ ଯୁବକ କହିଲେ ଭାଇ ଆମେ ଟିକେ ଭାଙ୍ଗ ପଣା କରିବା। ସେ ସବୁ ଆୟୋଜନ କରି ରାଧା କୃଷ୍ଣଙ୍କୁ ସଜେଇ ମାଇକ୍ ଲଗାଇ ନିଆରା ଢଙ୍ଗରେ ପାଳନ କରିଥିଲୁ। କିନ୍ତୁ ଆଜି ସେ ସବୁ କିଛି ନାହିଁ। ଏବେ ଖାଲି କୁକୁଡା ଆଉ ମଦରେ ହୋଲି ପାଳନ ହେଉଛି। ହୋଲି ଖେଳ ସରିଲା ବେଳକୁ ପ୍ରାୟତ ଚାରିଟା ବାଜିଯାଏ। ଗାଁର ନଇ ତୁଠଟା ଯେମିତି ରକ୍ତ ରଞ୍ଜିତ ହେଲାଭଳି ଦେଖାଯାଏ। କିଏ କାହାକୁ ସାବୁନ୍ ଲଗେଇ ଦିଏ ତ ଆଉ କିଏ କାହା ମୁହଁ ଘଷି ଦେଉଥାଏ। ଭାଇଚାରାଟା ପୁରା ନିଆରା ଲାଗୁଥିଲା।

ଆଜି ସବୁଥାଇ ମଧ୍ୟ କିଛିନାହିଁ। ନାଁ ଅଛି ଭାଇଚାରା ନା ଅଛି ସେ ଭାବପ୍ରୀତି। ଏଇ ଶିତ ତାପ ଯନ୍ତ୍ର ଭିତରେ ରହି ରହି ମଣିଷ ମଳୟ ପବନ ତ ଭୁଲିଗଲାଣି। ପୁଅ, ବୋହୂ ଛୁଟି ପଡିଲେ ମଧ୍ୟ ଆଉ ଗାଁକୁ ଯାଉନାହାନ୍ତି। କାଳେ ଗାଁକୁ ଗଲେ ତାଙ୍କ ପିଲାମାନେ ଖରାପ ହୋଇଯିବେ। ଆଉ ଗାଁ ସାଙ୍ଗ ସାଥି କାଳେ ରଙ୍ଗ ବୋଳିଦେବେ ଢାଳି ଦେହରେ। ଏତେ ସବୁ କଥା କିଏ ବା କରିବ। ବୁଢ଼ା ବାପା, ମା ବିଚରା ଅନେଇ ବସିଥିବେ। ଏଇ ଦୋଳ ଛୁଟିରେ ତାଙ୍କ ନାତି ଟୋକାକୁ ଧରି ଗାଁ ଦାଣ୍ଡ ବୁଲିବେ ବୋଲି। ସତରେ କେହେ ବିଚିତ୍ର ଏ ଦୁନିଆଟା। ଆମେ ସତରେ ବଦଳି ଯାଇଛେ ଏଇ ସହରି ସଭ୍ୟତା ଭିତରେ ଆମ ସଂସ୍କୃତି ପରମ୍ପରା ସବୁ କିଛି ତ୍ୟାଗ କରି ଆଧୁନିକରୁ ଆମେ ଅତ୍ୟାଧୁନିକ ହୋଇଯାଇଛେ। ଫଗୁଣକୁ ଅପେକ୍ଷା କରି କରି ଶେଷରେ ବସନ୍ତବି ବାଟ ଭୂଲିଗଲାଣି।

# ଶୁଭଶ୍ରୀର କାନ୍ଦ

ସାଉନା କିସ୍କୁ
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ଶୁଭଶ୍ରୀ ଖୁବ୍‌ଶାନ୍ତ ଓ ସରଳ ଝିଅଟିଏ। କୋଟିଏରୁ ଗୋଟିଏ। ସତରେ ଶୁଭଶ୍ରୀ ପରି ଝିଅ ପାଇବା ମୁସକିଲ୍। ରୂପରେ ଯେମିତି ଗୁଣରେ ତାଠାରୁ ଅଧିକ। ତେଣୁ ଶୁଭଶ୍ରୀ ସହିତ ସମସ୍ତେ ମିଶିବାକୁ ଭଲ ପାଆନ୍ତି। ଏମିତିକା ଝିଅ ସହିତ କାହାକୁଦା ମିଶିବାକୁ ଇଛା ନହେବ। ଶୁଭଶ୍ରୀର ଦୁଇ ଜଣ ଖୁବ୍ ଭଲ ସାଙ୍ଗ ଅନିତା ଆଉ ପ୍ରିୟଙ୍କା। ଏ ଦୁଇ ଜଣବି ବହୁତ ଭଲ କୌଶସିଥିରେ କମ୍ ନୁହନ୍ତି। ଶୁଭଶ୍ରୀ ଅନିତା ଏବଂ ପ୍ରିୟଙ୍କ ସବୁବେଳେ ସାଥିରେ ଥାଆନ୍ତି। କଲେଜରେ ବି ତିନି ଜଣଙ୍କୁ ସଦାବେଳେ ଦେଖିବାକୁ ମିଳେ।

ଶୁଭଶ୍ରୀ ଅନିତାକୁ ଫୋନ୍‌ରେ "ହେଲୋ ଅନିତା କେତେବେଳେ ଆସିବୁ। ଅନିତା କହିଲା ଏଇ ସାଙ୍ଗେ ସାଙ୍ଗେ ବାହାରିକି ଯାଉଛି।" ଶୁଭଶ୍ରୀ କହିଲା ହୋଉ ଆସ ମୁଁ ତଖତପୁର ଛକରେ ଅପେକ୍ଷା କରିଥିବି।

ହୋଉ-

ଅନିତା ଆସି ପହଞ୍ଚିଲା ଏବଂ କହିଲା "ଏଇ ସାଇକେଲ ଟା ମୋତେ ବିରକ୍ତ କରଉଛି, ସବୁବେଳେ ଚେନ୍ ଖସୁଛି। ଆସିଲାବେଳେ ତିନିଥର ଖେସିଲା ସେଥିପାଇଁ ବିଳମ୍ବ ହେଲା।" ଅନିତା ଶୁଭଶ୍ରୀର ଶୁଖିଲା ମୁହଁ ଦେଖି "ଆରେ ଶୁଭଶ୍ରୀ ମୁହଁ କ'ଣ ଶୁଖିଛି ତୋର।" ଶୁଭଶ୍ରୀ ହଁ କାଲି ସନ୍ଧ୍ୟାରେ ଫୁଲ ଗଛରେ ପାଣି ଦେଉ ଦେଉ ଅଜାଣତରେ ଡାଳଟିଏ ଭାଙ୍ଗି ଦେଇଥିଲି। କାଲିତ ଗାଳିଦେଲେ ଗାଳିଦେଲେ ଆଜିବି ସେଇ କଥା କହିଲେ। ଅନିତା "ଅହ ବହୁତ ଗାଳି ଦେଇଥିବେ ଦା।" ଅନିତା ପୁଣି ଆରେ ନୂଆ ଛତା। ଶୁଭଶ୍ରୀ ଅନିତା ଆଡ଼କୁ ଅନେଇ "ହଁ କାଲି ବଡବାପା ହାଟକୁ ଯାଇଥିଲେ ଆଣି ଦେଇଛନ୍ତି।" ଅନିତା କହିଲା ଛତାଟା ବହୁତ ସୁନ୍ଦର ହୋଇଛି।

ଅନିତାର ସାନ ଭାଇ ଚଗଲାଟାଏ ସବୁବେଳେ ଖାଲି ବଦ୍‌ମାସି କରୁଥିବ। କାଲି ତାକୁ ବର୍ଷାରେ ନ ଭିଜିବା ପାଇଁ ଅନିତା ତାକୁ କହିଲା ହେଲେ କିଛ ଶୁଣିଲା ନାହିଁ। ରାଜା ବର୍ଷାରେ ଭିଜି ଭିଜି ଡଙ୍ଗା ଭସାଇଥିଲା। ଆଜି ତାର ଜ୍ୱର। ଆଜି ସ୍କୁଲବି ଯାଇ ପାରିଲା ନାହିଁ। ବଦ୍‌ମାସଟା।

ପ୍ରିୟଙ୍କା ହଷ୍ଟେଲରେ ରହେ। ଶୁଭଶ୍ରୀ ଆଉ ଅନିତା ତାଙ୍କ ପାଖକୁ ଗଲେ। ପ୍ରିୟଙ୍କା ହଷ୍ଟେଲ ବାହାରକୁ ଆସିଲା ଏବଂ ଶଭଶ୍ରୀ ଆଉ ଅନିତାକୁ ଦେଖି ହସିଲା। ଅନିତା ପ୍ରିୟଙ୍କାକୁ କହିଲା "ଆରେ ପ୍ରିୟଙ୍କା ଏତେ ଖୁସି କ'ଣ ? ଶୁଭଶ୍ରୀ କାଲି ଭାଇଙ୍କୁ ରାକ୍ଷୀ ବାନ୍ଧି ଆସିଛିତ ସେଥିପାଇଁ ବୋଧେ। ପ୍ରିୟଙ୍କା ହଁ ବହୁତ ଖୁସି ଲାଗୁଛି।"

ତିନି ଜଣ ମିଶି କଲେଜକୁ ଗଲେ। ଆଜି ରବିବାର ତ ପ୍ରତିଦିନ ପରି ଜାତୀୟ ସେବା ଯୋଜନାର ସଭା ହେବ କିଛି ଆଲୋଚନା ପାଇଁ। ତିନିଜଣ ପହଞ୍ଚିଲେ ସଭାକେନ୍ଦ୍ରରେ ଅନେକ ସାଙ୍ଗ ସାଥି ମଧ୍ୟ ଆସିଥାନ୍ତି। ସାର ଆସିଲେ ଆଲୋଚନା ଆରମ୍ଭ ହେବ। ଦଶ ତାରିଖରୁ ଶିବିର ଅଛି ସେଇ ବିଷୟରେ ଆଲୋଚନା ହେବ। ସାର ଆସିଲେ ଏବଂ କିଛି କଥା କହିଲେ ଶିବିର ବିଷୟରେ। "ଶିବିରରେ ଠିକ୍ ଭାବେ କାମ କରିବ। ସବୁ ମଜାମସ୍ତି କରିବ କିନ୍ତୁ ବଦ୍‌ମାସି ନାଇଁ ଆଉ ଯଦି ବଦ୍‌ମାସି କରିଛ ମୋତେ ତ ଚିହ୍ନିଛ। ସବୁ କଥା ସରିଲା ପରେ ସମସ୍ତେ ପଳେଇଗଲେ।"

ଦଶ ତାରିଖ ଶିବିର ଶୁଭାରମ୍ଭ। ତେଣୁ ସମସ୍ତେ ଶିବିରରେ ଉପସ୍ଥିତ। ଶୁଭଶ୍ରୀ ଝିଅମାନଙ୍କର ଲିଡର। ସମସ୍ତଙ୍କୁ ସୂଚନା ଦେଇଦେଲା ଯେ ସମସ୍ତେ ଠିକ୍ ସମୟରେ ଶୃଙ୍ଖଳିତ ଭାବରେ କାମ କରିବ ଏବଂ ସବୁ କାମ ମିଳିମିଶି କରିବ।

ଶିବିରରେ ସବୁକାମ ଶୃଙ୍ଖଳିତ ଭାବରେ ଚାଲିଥାଏ। କଲେଜ ପରିସରରେ ଆଗରୁ ଯୋଉ ଗଛ ଗୁଡ଼ିକ ଲାଗିଥିଲା ସବୁଗଛ ଅତି ସୁନ୍ଦର ବଢ଼ିଛି। ଅନିତା ଆଉ ପ୍ରିୟଙ୍କା ଲଗାଇଥିବା ଗଛ ପବନରେ ଖେଳୁଛି। ଶୁଭଶ୍ରୀର ମନ ଦୁଃଖ କାରଣ ତାର ଗଛଟି କାହିଁକି କେଜାଣି ଝାଉଁଳି ପଡ଼ିଯାଇଛି। କଲେଜ ପରିସରରେ ସଫେଇ କାମ ଚାଲିଥାଏ କିଏ ଝାଡୁ ମାରୁଛି ତ କିଏ ଖାଲି ହାତରେ ଅଳିଆ ଉଠଉଥାଏ।

ହେ ଭଗବାନ ଏ କ'ଣ ଘଟଣା ଘଟିଲା । ଶୁଭଶ୍ରୀ କ'ଣ କରିବ କିଛି ବୁଝି ନ ପାରି ସାରଙ୍କୁ ଡାକିଲା ପୋଲିସକୁ ଖବର ଦିଆଗଲା । ପୋଲିସ ଆସି ପହଞ୍ଚିଲେ । ସଫେଇ କାମ ଚାଲିଥିଲାବେଳେ ଶୁଭଶ୍ରୀର ସାଙ୍ଗ ଉପରେ ଟ୍ରକ୍ ଚଢ଼ିଯାଇଛି ଆଉ ସେ ଏ ଦୁନିଆରେ ନାହିଁ ।

ଏଇଠି ହିଁ ଅଧାରେ ଶିବିର ଶେଷ ହୋଇଛି । ଶିବିରର ମୁଖ୍ୟଙ୍କୁ ବାନ୍ଧି ନେଇଛନ୍ତି ପୋଲିସ୍ । ଶିବିରର ସମସ୍ତ ଛାତ୍ର ଛାତ୍ରି ନିଜ ନିଜ ଘରକୁ ଚାଲିଯାଇଛନ୍ତି କିନ୍ତୁ ଶୁଭଶ୍ରୀର ହୃଦୟରେ ଖୁବ୍ ଆଘାତ ଲାଗିଲା ଏବଂ ସେ ବି ଘରକୁ ଯାଇଛି । ବଡ ବାପା କିଣି ଦେଇଥିବା ନୂଆ ଛତାକୁ ସେ କୋଉଠି ହଜେଇ ଦେଇଛି, ତେଣୁ ତାକୁ ବଡ଼ମା ବହୁତ ଗାଳି କରିଛନ୍ତି ।

ଶୁଭଶ୍ରୀର ଆଖିରୁ ଲୁହର ଝରଣା ବହିଲା । କୋଠରି ଭିତରେ ବସିଛି । ସବୁଦିନ ସେଇ କୋଠରିରେ ଏକୁଟିଆ ବସେ ଆଉ ଭାବେ । ଶିବିରରେ ଘଟିଥିବା ସେଇ ଦୃଶ୍ୟ ତା ଆଖି ସାମ୍ନାରେ ଝଲସି ଉଠେ । ଶୁଭଶ୍ରୀ ଏମିତି ସବୁଦିନ ନିରଳାରେ କାନ୍ଦେ । କେତେଦିନ କାନ୍ଦୁଥିବ କେଜାଣି...... ?

# Online ପ୍ରେମ

କୃତିରାଣୀ ପୃଷ୍ଟି

ପ୍ରେମ ଗୋଟିଏ ଏମିତି ଏକ ଶବ୍ଦ, ସେ କାହା ସହିତ ମଧ୍ୟ ହୋଇଯାଇପାରେ। ତାହା କେବେ କାଳ କି ପାତ୍ର କିଛି ଦେଖିନଥାଏ। ପ୍ରେମ କେତେବେଳେ କାହାସହ କେମିତି ବି ହୋଇଯାଏ, ତାହା କିଛି ଜଣାପଡେନି। ପ୍ରେମ ହେବା ପାଇଁ ବାସ୍ କେବଳ ଦୁଇଟି ନିରିହ ଆତ୍ମା ଜରୁରୀ ଥାଏ। ପ୍ରେମରେ ଜାତି, ଧର୍ମ, ବର୍ଣ୍ଣ କିଛି ଜରୁରୀ ନଥାଏ। କେବଳ ଦୁଇଟି ଆତ୍ମାର ମିଳନରୁ ହିଁ ପ୍ରେମର ସୃଷ୍ଟି। ପ୍ରେମ ଶାଶ୍ୱତ, ପ୍ରେମ ଚିରନ୍ତନ, ପ୍ରେମ ବିଶ୍ୱାସ, ପ୍ରେମ ହିଁ ଯୁଗେ ଯୁଗେ ସତ୍ୟ।

ସନ୍ଧ୍ୟା ସମୟ ଜୀବନ ଏକା ଏକା ବଗିଚା ଆଡେ ବୁଲିବାକୁ ଆସିଥାଏ। ବଗିଚାରେ ବୁଲାବୁଲି ପରେ ଟିକିଏ ଥକା ମେଣ୍ଟେଇବାକୁ ଯାଇ ଗୋଟିଏ ଗଛମୂଳରେ ବସିପଡ଼ିଲା। ସନ୍ଧ୍ୟା ସମୟର ସେହି ସୁଲୁସୁଲିଆ ପବନରେ ସେ କିଛିକ୍ଷଣ ପାଇଁ ତା'ର ଆଖି ଢ଼ାଙ୍କି ହୋଇଯାଇଥିଲା। ହଠାତ୍ ଜୀବନର ମୋବାଇଲ୍ ଫୋନଟି ଟୁଁ..ଟୁଁ ଶବ୍ଦହୋଇ ବାଜି ଉଠିଲି। ସେହି କ୍ଷଣି ଜୀବନର ସୁନ୍ଦର ନିଦଟି ହଠାତ୍ ଭାଙ୍ଗିଗଲା। ଜୀବନ ସବୁବେଳେ ମୋବାଇଲ୍ ଫୋନ୍‌ଟିକୁ Data on କରି ରଖିଥାଏ। ଏଥର ମୋବାଇଲଟିକୁ ପକେଟରୁ କାଢି ଦେଖେ ତ Messangerକୁ ଗୋଟିଏ SMS ଆସିଛି। ସେ ପୁଣି ଅଜଣା ନମ୍ବରୁ କେବଳ Hi ଲେଖାଥିଲା। ଜୀବନ ଅଧିକ କିଛି ଜାଣିବାକୁ ଯାଇ ଦେଖିଲା ସେ ଜ୍ୟୋତି ପଣ୍ଡା ନାମରେ ଗୋଟିଏ ଅଜଣା ଝିଅ Accountରୁ SMS ଆସିଥିଲା। ଆଉ ସେହିକ୍ଷଣି ଜୀବନର ମନରେ ବେଶ୍ କୌତୁହଳ ଜାତ ହୋଇଥିଲା। କାହିଁକି କେଜାଣି ଜୀବନ ସେହି SMS ଦେଖିଲା ପରଠାରୁ ତା' ମନରେ କେମିତି ଗୋଟିଏ ରୋମାଞ୍ଚ ସୃଷ୍ଟି ହୋଇଥିଲା। ସେ ଯାହାବି ହେଉ ଜୀବନ ତା'ର ନିଜପଟରୁ କେବଳ Hellow ଶବ୍ଦଟି ଲେଖି ସେ ଝିଅ ଜ୍ୟୋତି ପଣ୍ଡାର ପ୍ରତିଉତ୍ତରକୁ ଅପେକ୍ଷା କରି ରହିଲା। ଏମିତି ୫ଦିନ ବିତିଗଲା କିନ୍ତୁ ଜ୍ୟୋତି ପଣ୍ଡା Facebook Accountରୁ କିଛି ବି ପ୍ରତିଉତ୍ତର ଆସିନଥିଲା। ଜୀବନର ମନଟି ଖାଲି ନିଜର ପ୍ରଶ୍ନଗୁଡ଼ିକରେ ଆନ୍ଦୋଳିତ ହେଉଥାଏ। କିଏ ସେ ଜ୍ୟୋତି ପଣ୍ଡା ? କାହିଁକି ସେ SMS କଲା ? ଆଉ ଯଦି ସେ ମୋ ପାଖକୁ SMS କଲା ମୁଁ Hellow ଲେଖିଲା ପରେ ବି ତା'ର କିଛିବି ପ୍ରତି ଉତ୍ତର ନାହିଁ। ଆଉ ମୁଁ କାହିଁକି ତା କଥା ଏତେ ଭାବୁଛି ? ଆଉ ସେ କ'ଣ ଚାହୁଁଛି ? ଆଉ ତା'ର Profileରେ ମଧ୍ୟ କୌଣସି ଫଟୋ ନାହିଁ। ଜୀବନ ଏମିତି କଥା ସବୁ ଭାବି ଟିକିଏ ଅନ୍ୟମନସ୍କ ହୋଇଯାଇଥିଲା। ସେହି ସମୟରେ ମୋବାଇଲ୍ ଫୋନକୁ ଗୋଟିଏ SMS ଆସିଲା। ସେହି SMSଟି ଜ୍ୟୋତିର ହିଁ ଥିଲା। ଜୀବନ ଟିକିଏ ଇତସ୍ତତ ଭାବରେ ବାସ୍ତବକୁ ଫେରିଆସି ଦେଖେତ ଜ୍ୟୋତିର SMS ଆସିଛି। ସେଥିରେ ଲେଖା ଅଛି:- ତୁମର gmail Account ଅଛି କି ? ଜ୍ୟୋତି gmail ID ମାଗିଲା। ଜୀବନ ମଧ୍ୟ ବିନା ପ୍ରଶ୍ନରେ ନିଜର gmail IDକୁ ଦେଇଦେଲା। ଜ୍ୟୋତି ଆକାଉଣ୍ଟଟେଣ୍ଟ କାମ କରୁଥିଲା। ସେଥିପାଇଁ ତାକୁ gmailରେ କଥା ହେବାକୁ ସୁବିଧା ହେଉଥିଲା। ତା'ପରେ gmail ଦ୍ୱାରା ସେମାନେ କଥା ବାର୍ତ୍ତା ହେବାକୁ ଲାଗିଲେ। ପରସ୍ପର ପରସ୍ପରଙ୍କ ବିଷୟରେ ଜାଣିବାକୁ ଚାହିଁଲେ।

ଜୀବନ ଜ୍ୟୋତିକୁ ତାଙ୍କ ପରିବାର ବିଷୟରେ ପଚାରିଲା ଜ୍ୟୋତି ନିଜ ବିଷୟରେ କହିଲା। "ମୁଁ ବ୍ରାହ୍ମଣ ପରିବାରର। ଆମେ ବାପା, ମା ଆଉ ୪ ଭାଇଭଉଣୀ କଟକର ହରିପୁରରେ ଆମେ ରହୁ। ବଡ ଭାଇ ଓ ବଡ ଭଉଣୀ ବିବାହିତ। ତା'ପରେ ମୁଁ ଆଉ ମୋ ତଳେ ମୋ ସାନ ଭଉଣୀ। ବାପା ଚାକିରୀ କରନ୍ତି ଓ ମା ଗୃହିଣୀ। ମୁଁ ଏବେ ସମ୍ବଲପୁରରେ ବଡ ମେଡ଼ିକାଲରେ ଆକାଉଣ୍ଟଟେଣ୍ଟ ପୋଷ୍ଟରେ ଚାକିରୀ କରୁଛି।"

ଜ୍ୟୋତି ନିଜର ପରିଚୟ ଦେଇସାରିବା ପରେ ସେ ଜୀବନର ପରିଚୟ ବିଷୟରେ ଜାଣିବାକୁ ଚାହିଁଲା। ଜୀବନ ମଧ୍ୟ ନିଜର ପରିଚୟ ଦେଲା:- "ମୁଁ ଖଣ୍ଡାୟତ ପରିବାର ପିଲା

ଆମ ପରିବାରରେ ସର୍ବମୋଟ୍ ୬ଜଣ ସଦସ୍ୟ ରହୁ । ବାପା ମା ଆଉ ଆମେ ୪ଭାଇ । ମୋ ଉପରେ ଦୁଇ ଭାଇ ତା'ପରେ ମୁଁ ଆଉ ମୋ ତଳେ ସାନ ଭାଇ । ଭୁବନେଶ୍ୱର ନାଲ୍‌କୋରେ ଆମ ଘର । ମୁଁ ଗୁଜୁରାଟର କେମିକାଲ୍ କମ୍ପାନୀରେ ଚାକିରୀ କରୁଥିଲି । ବାପା ଚାହାଁନ୍ତିନି ମୁଁ ଦୂରରେ ରହେ ବୋଲି । ସେଥିପାଇଁ ଭୁବନେଶ୍ୱର ଚାଲିଆସିଲି ।"

ଏମିତି ଭାବରେ ପରସ୍ପରଙ୍କ ମଧ୍ୟରେ ନିବିଡତା ବଢ଼ିଲା ପ୍ରଥମେ Facebookରୁ ହୋଇଥିଲା । ପରେ gmail ତା'ପରେ Whatsappରେ କଥାବାର୍ତ୍ତା । କିଛିଦିନ ପରେ ଫୋନରେ ମଧ୍ୟ କଥାବାର୍ତ୍ତା ହେଲେ । ସେମାନଙ୍କ ଭିତରେ ସେତେବେଳକୁ ବହୁତ ନିବିଡ ସମ୍ପର୍କ ହୋଇଯାଇଥିଲା । କିନ୍ତୁ କେହି କାହାକୁ ସେ ପର୍ଯ୍ୟନ୍ତ ସାମ୍ନାସାମ୍ନୀ ଦେଖା ଦେଖି ହୋଇନଥିଲେ । ଜୀବନ ତ ଜ୍ୟୋତିକୁ ଫଟୋରେ ମଧ୍ୟ ଦେଖୁନଥିଲା । ଜୀବନ କିନ୍ତୁ କେବେ ଜ୍ୟୋତିକୁ ସାହାସ କରି ଫଟୋ ମାଗିପାରେନି କି କେବେ ଦେଖା କରିବା କଥା କହିବାକୁ ସାହାସ କରିପାରେନି ।

"କଥାରେ କହନ୍ତିନି ବିଲେଇ କପାଳକୁ ଶିକା ଛିଡିଲା ।" ସେହି ଭଳି କଥା ଘଟିଲା । ଜ୍ୟୋତିକୁ ଦୁର୍ଗାପୂଜା ପାଇଁ Officeରୁ ଛୁଟି ମିଳିଲା । ସେ ସ୍ଥିର କଲା ଏହି ଛୁଟିରେ ତା'ଙ୍କ ଘର କଟକ ଆସିବ ବୋଲି ଆଉ ସେହି ମଉକାରେ ଜୀବନ ସହିତ ମଧ୍ୟ ଭେଟ ହୋଇଯିବ । ଜ୍ୟୋତି ଜୀବନକୁ ଦେଖା କରିବା କଥା କହିଲା । ଜୀବନ ତ ସେହି ଅପେକ୍ଷାରେ ଥିଲା । ସେମାନେ କଥା ହେବାର ୬ମାସ ବିତିଗଲାଣି କିନ୍ତୁ ସେମାନଙ୍କର ଦେଖା ହୋଇନାହିଁ । ଜ୍ୟୋତିଠାରୁ ଦେଖାହେବାର କଥାଶୁଣି ଜୀବନର ଦେଖିବାର ଉତ୍କଣ୍ଠା ୨ଗୁଣ ବଢ଼ିଯାଇଥିଲା । ୨୦୧୪ ମସିହା ଅକ୍ଟୋବର ମାସ ୩ ତାରିଖରେ ଦଶହରାର ଠିକ୍ ଗୋଟେ ଦିନ ପୂର୍ବରୁ କଟକର ଉଗ୍ରଚଣ୍ଡି ମନ୍ଦିରରେ ସେମାନଙ୍କର ପ୍ରଥମଥର ପାଇଁ ଦେଖାହେଲା । କେହି କାହାକୁ ଦେଖିନଥାଏ । ଗହଳି ଭିତରେ ଜୀବନ ଜ୍ୟୋତିର ସାମ୍ନାରେ ଥାଇ ମଧ୍ୟ ଖୋଜି ବୁଲୁଥାଏ । ହଠାତ୍ ଜ୍ୟୋତି ଆସି ଜୀବନ ହାତକୁ ଧରିପକାଇ କହିଲା "ମୁଁ ହିଁ ତୁମର ଜ୍ୟୋତି ।" ସେହି ସମୟରେ ଜୀବନର ଶରୀରରେ ଶିହରଣ ଖେଳିଗଲା । ସେମାନଙ୍କ ଭିତରେ ଥିବା ଅସରନ୍ତି କଥାସବୁ ଫାଟି ପଡୁଥିବାର ଦୃଶ୍ୟମାନ ହେଉଥିଲା । ଆଗକୁ ଜ୍ୟୋତିର ଜନ୍ମଦିନଥାଏ ଅକ୍ଟୋବର ୮ ତାରିଖରେ ସେହିଦିନ ସେ ଜୀବନକୁ ସମ୍ବଲପୁର ଆସିବା ପାଇଁ ନିମନ୍ତ୍ରଣ କରିଥିଲା । ଜୀବନ ମଧ୍ୟ ସମ୍ବଲପୁର ଯିବାର ପ୍ରତିଶ୍ରୁତି ଦେଇଥିଲା । ଜ୍ୟୋତି ଦଶହରାର ଠିକ୍ ପରଦିନ ୫ ତାରିଖରେ ସମ୍ବଲପୁର ଚାଲିଗଲା । ଜୀବନ କିଛି ବ୍ୟସ୍ତତା କରଣରୁ ଜ୍ୟୋତିର ଜନ୍ମଦିନରେ ଆଉ ସମ୍ବଲପୁର ଯାଇପାରିଲା ନାହିଁ । କିନ୍ତୁ ଜୀବନ ନିଜ ପସନ୍ଦର ଗୋଟିଏ ହଳଦିଆ Dress କିଣି ସେ ଜ୍ୟୋତି ପାଇଁ ଉପହାର ଭାବରେ ପଠେଇଥିଲା । ଜ୍ୟୋତି ସେ ଉପହାର ଗ୍ରହଣ କରିଥିଲା ସତ କିନ୍ତୁ ଜୀବନ ଉପରେ ବହୁତ ଅଭିମାନ କରିଥିଲା । ଯେହେତୁ ଜୀବନ କଥା ଦେଇଥିଲା । ସମ୍ବଲପୁର ଆସିବା ପାଇଁ କିନ୍ତୁ ଆସିନଥିଲା । ପୁଣି କଥା ବାର୍ତ୍ତା ପରେ ସେସବୁ ରାଗ ଅଭିମାନ ଦୂର ହୋଇଗଲା । ଆଗଭଳି ପୁଣି କଥା ହୋଇଥିଲେ । କିନ୍ତୁ କେହି କାହାକୁ ଭଲପାଇବାର କଥା କହିପାରୁନଥିଲେ । ଏହି ଭିତରେ ସେମାନଙ୍କର ଦେଖାହେବାର ୪ମାସ ହୋଇଯାଇଥିଲା । ଜ୍ୟୋତି ପୁଣି ୪ମାସ ପରେ ଫେବୃୟାରୀ ମାସର ୨୦୧୫ରେ କଟକ ଆସିଲା ଆଉ ଜୀବନକୁ ସେହି ସମାନ ଜାଗା କଟକର ଉଗ୍ରଚଣ୍ଡି ମନ୍ଦିରରେ ଦେଖାହେଲା । ତା'ପରେ ଦୁହେଁ ମିଶି ମନ୍ଦିର ଗଲେ ଆଉ ପୂଜା କଲେ । ଜ୍ୟୋତି ତା' ନିଜ ହାତରେ ତିଳକ ଆଣି ଜୀବନ ମଥାରେ ଲଗାଇ ଦେଲା । ଜୀବନ ଭଲ ପାଇବା ଜ୍ୟୋତି ପ୍ରତି ଆହୁରୀ ବଢ଼ି ଯାଇଥିଲା । ଜ୍ୟୋତିର ମନରେ ମଧ୍ୟ ତା'ପ୍ରତି ସେମିତି ଭଲ ପାଇବା ଥିବ ବୋଲି ଜୀବନ ଭାବୁଥିଲା । ତା ପରଦିନ ସେମାନେ ସିନେମା ଯିବାର ଯୋଜନା କରିଥିଲେ । ସେତେବେଳେ ଶ୍ରୀୟା ସିନେମା ହଲରେ "ହେଦର" ସିନେମା ରିଲିଜ୍ ହୋଇଥାଏ । ଦୁଇ ଜଣ ଅତି ପାଖାପାଖି ବସି ସିନେମା ଦେଖିଲେ । ଜ୍ୟୋତି ଜୀବନ ପାଇଁ ଉପହାର ସ୍ୱରୂପ ଗୋଟିଏ ଆକାଶ ରଙ୍ଗର T-shirt ଆଣିଥିଲା । ସେଇ shirtକୁ ଦେଇ କହିଲା ଏହି shirt ତୁମେ ନିଶ୍ଚେ ପିନ୍ଧିବ ।

ଜ୍ୟୋତିର ସେହି ସନ୍ଧ୍ୟାରେ ସମ୍ବଲପୁର ଫେରିବାର ଥାଏ । ଜୀବନ ଜ୍ୟୋତିକୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଛାଡ଼ିବା ସମୟରେ କେଉଁଠି ଥିଲା ଅସାନ୍ତ ବର୍ଷା ଘୋଟି ଆସିଲା । ଦୁଇଜଣ ମୋଟର ବାଇକରେ ବସିଥିବା ଅବସ୍ଥାରେ ସମ୍ପୂର୍ଣ୍ଣ ଭିଜିଯାଇଥିଲେ । ଆଉ ସେ ରୋମାଞ୍ଚକର ମୁହୂର୍ତ୍ତ ସେମାନଙ୍କ ପାଇଁ ଅଭୁଲା ସ୍ମୃତି ଥିଲା । କୋହଭରା ହୃଦୟରେ ଜୀବନ ଜ୍ୟୋତିକୁ ନେଇ ବସରେ ବସେଇ ଦେଇ ଆସିଲା । ଦୂରେଇ ହୋଇ ରହିବାର କଷ୍ଟ ବାରିହୋଇ ପଡୁଥିଲା ଦୁହିଁଙ୍କ ମୁଖରେ । ଜୀବନ ସେହି ବର୍ଷାର ସନ୍ଧ୍ୟାରେ ଭିଜା ଦେହରେ ଘରକୁ ଫେରିଆସିଲା ।

ପୁଣି ସେମାନଙ୍କର ଆଗ ଭଳି onlineରେ କଥାବାର୍ତ୍ତା କିନ୍ତୁ ଆଉ ଅପେକ୍ଷା କରିପାରିନି ଜୀବନ । ଏହି ଭିତରେ ସେମାନଙ୍କର ସମ୍ପର୍କ ୨ବର୍ଷ ହୋଇଗଲାଣି । ଜୀବନ ସ୍ଥିର କଲା କି ସେ ସାହାସ କରି ଜ୍ୟୋତିକୁ ତା'ର ଭଲପାଇବାର କଥା ସବୁ କହିଦେବ । ସେହି ସନ୍ଧ୍ୟାରେ ଜ୍ୟୋତିକୁ ଫୋନକଲା ଆଉ ତା'ର ମନର ସବୁ କଥା ଗୋଟି ଗୋଟି କରି କହିପକାଇଲା । ଜ୍ୟୋତି କିନ୍ତୁ ସ୍ଥିର ହୋଇଯାଇଥିଲା । ନୀରବ ଭାବରେ ସବୁକିଛି ଶୁଣୁଥିଲା । କିନ୍ତୁ କିଛି ଉତ୍ତର ଦେଲାନାହିଁ । ଆଉ ଫୋନଟିକୁ କାଟି ଦେଲା । ଜୀବନ ବାରମ୍ବାର ଫୋନ ଲଗେଇବା ସତ୍ତ୍ୱେବି ଜ୍ୟୋତି ଆଉ ଫୋନ ଉଠେଇଲାନି । ଜୀବନ ସନ୍ଦେହ ଚକ୍ରରେ ପଡ଼ିଗଲା । ଭାବିପାରୁ ନଥିଲା କ'ଣ କରିବ ? ତା'ପର ଦିନ ଜୀବନ ସାଙ୍ଗମାନଙ୍କ ସହ ଥିବାବେଳେ ଗୋଟିଏ SMS ଆସିଲା । ସେ SMS ଜ୍ୟୋତିର ଥିଲା । ସେହି SMSଟି ବହୁ ଲମ୍ବା ସ ଦୀର୍ଘ ଜଣାପଡୁଥିଲା । ଜୀବନ SMSଟିକୁ ପଢ଼ିଲା । ସେଥିରେ ଲେଖାଥିଲା: "Hi ଏ ମେସେଜ୍ ମୁଁ ତୁମକୁ ଲେଖୁଛି । ମୋତେ ଭୁଲ୍ ଜମା ବୁଝିବନି । ତୁମେ ମୋର ସବୁଠାରୁ ଭଲ ବନ୍ଧୁ । ଆଉ ସବୁଦିନ ପାଇଁ ଭଲ ବନ୍ଧୁ ହୋଇରହିବ । ଏହି ମେସେଜକୁ ଧ୍ୟାନଦେଇ ପଢ଼ିବ । ଏଥିରେ ଯାହା ଯାହା ଲେଖାଅଛି ସବୁକିଛି ସତ ଘଟଣା । ମୁଁ ଜଣେ ବିବାହିତା । ମୋର ବାହାଘର ହୋଇସାରିଛି । ମୁଁ ଏବେ ମୋ ସ୍ୱାମୀଙ୍କ ସହିତ ସମ୍ବଲପୁରରେ ରହୁଛି । ଆଉ ମୋର ଗୋଟିଏ ପୁଅ ମଧ୍ୟ ଅଛି । ତୁମେ ମୋତେ ଭୁଲିଯାଅ । ଆଉ ତୁମର ଯଦି କିଛି ମୋତେ ଗାଳି କରିବାର ଅଛି ମୋତେ ଗାଳି କର । ଆଉ ଯାହା ଭାବୁଛ ଭାବ । ଏସବୁ ମୋର ଭୁଲ ଥିଲା । କିନ୍ତୁ ମୁଁ ତୁମ ପରି ବନ୍ଧୁକୁ ହରେଇବାକୁ ଚାହୁଁନଥିଲି । ସେଥିପାଇଁ ତୁମକୁ ମୁଁ ସତ କହିପାରିନଥିଲି । ଯଦି ମୁଁ ସତ କହିଥାନ୍ତି, ତେବେ ତୁମେ ମୋ ସହ ବନ୍ଧୁତ୍ୱ ରଖିନଥାନ୍ତ । ମୁଁ ଏସବୁ କାଲି ଫୋନରେ କହିପାରିଲିନି ସେଥିପାଇଁ ଆଜି ମୁଁ SMS କଲି ।" ଏହି SMSଟି ୨୬ ଜାନୁଆରୀ ୨୦୧୬ ମସିହାର ଥିଲା ।

ଏହିସବୁ SMSକୁ ଜୀବନ ସମ୍ପୂର୍ଣ୍ଣ ଭାବରେ ପଢ଼ିସାରି ସ୍ତବ୍ଧ ହୋଇଗଲା । ସେ କିଛି ବୁଝିପାରୁନଥିଲା କ'ଣ କରିବ ? ଏତେ ବଡ ଝଟ୍‌କା ଜ୍ୟୋତି ତା'କୁ ଏମିତି ଭାବରେ ଉପହାର ଦେବ ସେ ସ୍ୱପ୍ନରେ ମଧ୍ୟ କେବେ ଭାବି ନଥିଲା । ଜୀବନ ସାଙ୍ଗମାନଙ୍କ ପାଖରୁ ଏକାଏକା ମୋଟର ବାଇକ ନେଇ ଘରକୁ ଆସୁଥିଲା । ଜ୍ୟୋତିର ସେହି SMS ତା'ର ବାରମ୍ବାର ମନେ ପଡ଼ିଯାଉଥିଲା । ଏମିତି ସବୁ ଭାବି ଭାବି ସେ ଅନ୍ୟମନସ୍କ ହୋଇ ଗାଡ଼ିକୁ ଗୋଟିଏ ଟ୍ରକ୍ ସହ ଧକ୍କା ଦେଇଥିଲା । ଜୀବନର ସେହିଟି ହଠାତ୍ Accident ହୋଇଗଲା ।

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

# ତୁଠ ନଥିବା ନଈ

ସ୍ନେହଲତା ପୃଷ୍ଟି
ରାଜନୀତି ବିଜ୍ଞାନ ବିଭାଗ

ଜୀବନ ଗୋଟେ ଶୁଖିଲା ପତ୍ର । ନିଃଶ୍ୱାସର ଅଠାରେ ଲଟକିଛି । କିଏ ଜାଣେ କେତେବେଳେ ଖସି ପଡ଼ିବ ତଳକୁ । ତଥାପି ମଣିଷ ବଞ୍ଚେ । ସ୍ୱପ୍ନ ଦେଖେ । ଏକା ଏକା ବଞ୍ଚି ନହେଲେ ବି ଅନ୍ୟର ପିଠିରେ ଭରା ଦେଇ ବଞ୍ଚିବାକୁ ଚାହେଁ । କଥାରେ ଅଛି ଜୀବ ଥିବାଯାଏ ଲୋକ । ଜୀବନ କୋଉ ହଜାରେ ବର୍ଷ ପାଇଁ ଯେ ? ସେଥିପାଇଁ ବୋଧେ ଜିଇଁବାର ମୋହ ମଣିଷକୁ ବ୍ୟାକୁଳ କରେ । ନିଃଶ୍ୱାସ ଚାଲିଥିବା ଯାଏ ମଣିଷ ଖୋଜୁଥାଏ ସାହାରାଟିଏ । ସେ ଆଗକୁଯିବ । ଆହୁରି ଆଗକୁ... ଆଖି ନପାଇଲା ଯାଏ । ପୁତ୍ର ଶ୍ରବଣ କୁମାର ଅନ୍ଧ ପିତା ମାତାଙ୍କର ସାହାରା ଦେହଇ ଉଦାହାଣ ପାଲଟିଗଲା ପୁରାଣରେ । କିନ୍ତୁ ଏଇ ଛୋଟ ଝିଅଟିର ସେମିତି କିଛି ହେବାର ନାହିଁ । କିଛି ସ୍ୱପ୍ନ କିଛି ଆଶା ଏସବୁ ମଧ୍ୟ ତାର ନାହିଁ । ଝିଅଟିଏ ବୋଲି ବାପା ମା'ଙ୍କର ଆଶାବାଡି ହୋଇପାରିବ କି ନା ଏ ପ୍ରଶ୍ନ ମଧ୍ୟ ତା' ମନରେ ନାହିଁ । କେବଳ ଏତିକି ଜାଣିଛି ଯେଉଁ ବାପା ମା' ତାକୁ ଜନ୍ମ ଦେଇଛନ୍ତି, ଏ ଦୁନିଆର ଆଲୋକ ଦେଖେଇଛନ୍ତି, ସେ ସେଇମାନଙ୍କ ପାଇଁ ହିଁ ବଞ୍ଚିବ । ତାଙ୍କ ପାଇଁ ସବୁ କିଛି କରିବ । କେହି ତାକୁ ଶ୍ରବଣ କୁମାରୀ ନ କହୁ ପଛେ ।

ରାଜଧାନୀ ଭୁବନେଶ୍ୱରର ଶୀତରାତି । କଳା ମଚ ମଚ ଲଙ୍ଗଳା ରାସ୍ତାଟା ଶୋଇ ଯାଇଛି ନିଘୋଡ ନିଦରେ । ନିର୍ଜନ ପଥପ୍ରାନ୍ତ । କାଁ ଭାଁ କେଉଁଠି କେମିତି ଲୋକଟିଏ ଦେଖା ଯାଉଛନ୍ତି । ରାସ୍ତାର ଦୁଇକଡେ ଡେଙ୍ଗା ଡେଙ୍ଗା ଲୁହା ଖୁଣ୍ଟିରେ ଝୁଲୁଥିବା ହଳଦିଆ ବିଜୁଳୀ ବତୀ ଗୁଡ଼ାକ ବି ପାଉଁଶିଆ ଦିଶୁଛନ୍ତି । ଶିତୁଆ ଆକାଶଟା ଫାଳିକିଆ ଜହ୍ନଟାକୁ ମୁଣ୍ଡରେ ଖୋସି ସଜାଡୁଛି ରାତ୍ରିର ପ୍ରହର । ମଝିରେ ମଝିରେ ଥିବା ଗଛର ପତ୍ରରେ ଟପ୍ ଟପ୍ ଶବ୍ଦ କରି କାକର ଲେଖି ଚାଲିଛି ସକାଳ ପାଇଁ ଚିଠିଟିଏ । ଯଦି ବା ସେ ଜାଣେ ସାରାରାତିର ପରିଶ୍ରମରେ ଲେଖିଥିବା ସ୍ମୃତିର ହସ୍ତାକ୍ଷରକୁ କ୍ଷଣକେ ଲିଭାଇ ଦେବ ସୂର୍ଯ୍ୟାଲୋକ । ପାଦରେ ଚପଲ ନାହିଁ ପଙ୍ଗୁ ବାପା ମା'ଙ୍କର ଅଲିଅଳି ଝିଅଟି ଠେଲାଗାଡ଼ିରେ ବାପା ମାଙ୍କୁ ବସେଇ ବାଣୀବିହାର ଶନି ମନ୍ଦିରରୁ ଚାଲିଛି ରୂପାଲି ଛକ ଆଡେ । ଦେହରେ ଖଣ୍ଡେ ଛିଣ୍ଡା ଫ୍ରକ୍ । ଯାହା ତା'ର ବଢଳି ଆସୁଥିବା ଯୌବନକୁ ବି ନିଅଣ୍ଟ ପଡୁଛି, ଅଥଚ ବାପା ମା'ଙ୍କୁ ଢ଼ାଙ୍କି ଦେଇଛି ଚାଦର ଖଣ୍ଡେ । ସତେଯେମିତି ଠେଲା ଗାଡ଼ିରେ ବସିଥିବା ଦୁଇଟି ମୂର୍ତ୍ତୀ ଶୀତରେ ଥରୁଛନ୍ତି । ହେଲେ ସେଇ ମୂର୍ତ୍ତୀ ଦୁଇଟିକୁ ହାତରେ ଠେଲି ଠେଲି ନେଉଥିବା ଝିଅଟିକୁ ପଥ ଚାଲିବାର କସରତ୍ ହେଉ କିମ୍ବା ମନର ଦମ୍ଭ ଯୋଗୁ ଶୀତ ତାକୁ ଛୁଇଁ ପାରୁନି । ଦେହରେ କର୍ତ୍ତବ୍ୟର ଉଷ୍ମତା । ନୁଖୁରା ବାଳ ସବୁ ମୁହଁ ଉପରକୁ ଝୁଙ୍କି ପଡୁଛି । ତଥାପି ଚାଲିଛି ଝିଅଟି । ରାସ୍ତାର ଏଇ ଦୃଶ୍ୟ ଦେଖି ମନେହେଉଛି ସତେ ଯେପରି କେଉଁ ଚିତ୍ରଶିଳ୍ପୀ ଆଙ୍କି ଦେଉଛି ଜୀବନ୍ତ ଚିତ୍ରଟିଏ କାନ୍‌ଭାସ ପିଠିରେ ।

ଠାଏ ଠାଏ ଦୋକାନ ଖୋଲା ଅଛି ।

ପଛେ ପଛେ ଜଣେ ବାବୁ ଏକ ମଟର ସାଇକେଲରେ ବସି ସେଇ ରାସ୍ତାରେ ଯିବାବେଳେ ମଳିଛିଆ ଆଲୁଅରେ ସ୍ପଷ୍ଟ ଭାବେ ଦେଖିପାରିଲେ ତାକୁ । ଗାଡ଼ିକୁ ଧୀରେ ଚଳେଇବା ପାଇଁ କହି ଭଲ ଭାବରେ ଦେଖିଲେ ଝିଅଟିକୁ । ଏତେ ରାତିରେ, ଏତେ ଶୀତରେ ଏଡେ ବକଯେ ଝିଅର ଦମ୍ଭ ଦେଖି ସେ ମର୍ମାହତ ହେଲେ । ଝିଅଟିକର ଚିରା ଫ୍ରକ୍ ଭିତରୁ ଦିଶିଯାଉଥିବା ସଦ୍ୟ ଯୌବନକୁ ସେ ସହି ପାରିଲେ ନାହିଁ । ଆତ୍ମାର ବିଳାପ ତାଙ୍କୁ ଏମିତି ଅଦେଖା ପଣରେ ଝିଅଟିକୁ ଅସହାୟ ଅବସ୍ଥାରେ ଛାଡିଦେଇ ଚାଲିଯିବାକୁ ଚାହିଁଲା ନାହିଁ । ପୁରୁଷର ଦମ୍ଭ କ୍ଷଣକରେ ଚୂନା ହେଇଗଲା । ଆଖିରୁ ଅନିଚ୍ଛା ସତ୍ତ୍ୱେ ଝରିପଡିଲା ଲୁହ । ଏତେ ରାତିରେ ଝିଅଟି ପାଖରେ ଠିଆ ହେବାର ସାହସ ନଥିଲା ତାଙ୍କର । ସେ ପୁରୁଷ । ରାତି ଅଧରେ ଏମିତି ଏକୁଟିଆ ଗୋଟେ ଝିଅ ପାଖରେ ଠିଆ ହେବାର ଉଦ୍ଦେଶ୍ୟ କେହି ଠିକ୍

ବୁଝିବେ ନାହିଁ । ଗାଡି ଚଳାଉଥିବା ପିଲାଟାକୁ ଆଗରେ କିଛି ସମୟ ଗାଡି ରଖିବାକୁ କହିଲେ ସେ । ତା'ରି ଭିତରେ ସେ ମନେ ମନେ ହିସାବ କରିସାରିଥିଲେ ତାଙ୍କ ପାଖରେ ଦୁଇ ଶହ ଟଙ୍କା ଅଛି । ଗୋଟିଏ ସପ୍ତାହ ଚଳିବାର ସମ୍ବଳ । ତଥାପି ସେ ମନସ୍ଥ କଲେ ଦୁଇ ଶହ ଟଙ୍କାର ଚାଦରଟେ କିଣି ଝିଅଟିକୁ ଢ଼ାଙ୍କିଦେବେ । ମନର ଉଷ୍ଣତା ଯେତେ ଥାଉନା କାହିଁକି ଦେହକୁ ଢାଙ୍କିବାକୁ କନା ଖଣ୍ଡେ ନିହାତି ଦରକାର । ଗାଡ଼ିରୁ ତରବର ହେଇ ସେ ଚାଲିଲେ ରୂପାଲୀ ଛକରେ ଖୋଲାଥିବା ଏକ ଶୀତବସ୍ତ୍ର ଦୋକାନକୁ । ଦୋକନୀକୁ ଦୁଇଶହ ଟଙ୍କାର ଚାଦର ଖଣ୍ଡେ ଦେ କହି ପକେଟ୍‌ରୁ ପଇସା କାଢି ହାତରେ ଧରି ସାରିଥିଲେ । ଗାଡ଼ିରେ ତାଙ୍କୁ ବସେଇ ଆଣିଥିବା ପିଲାଟି ପଚାରୁଥିଲା ଭାଇ, ଆପଣ ଏତେ ବ୍ୟସ୍ତ କାହିଁକି ହଉଛନ୍ତି ସେଇ ଝିଅଟି ପାଇଁ ? ଦୁନିଆଁରେ ଏମିତି କେତେ ଭିକାରୀ ଅଛନ୍ତି । ଆପଣ କ'ଣ ସମସ୍ତଙ୍କୁ ସାହାଯ୍ୟ କରିପାରିବେ ?

ଧବନୀର ରକ୍ତଟା ଗରମ ହୋଇ ଉଠିଲା ବାବୁଙ୍କର । ସେ ଚିତ୍କାର କରି ଉଠିଲେ । ତୋ ଭଳି ନିର୍ବୋଦ ମୁଁ କେଉଁଠି ଦେଖିନି । ଦୁନିଆଁର ଉଦାହରଣ ଦେଇ ସାମ୍ନାରେ ଥିବା ଦାୟିତ୍ୱକୁ ତୁ ଆଡ଼େଇ ଯିବାକୁ ଚାହୁଁଛୁ । ନିଜର ସାମର୍ଥ୍ୟ ଅନୁସାରେ ସବୁବେଳେ ସାହାଯ୍ୟ କରିବା ଶିଖ୍ । ଦୁନିଆଟା କଥା ଚିନ୍ତା କରିବାକୁ ଅନେକ ଲୋକ ଅଛନ୍ତି । ଦୁନିଆଁର କଥା କହି ଜଣକୁ ସାହାର୍ଯ୍ୟ ନକରିବା ତୋର ମୂର୍ଖାମି ।

ବାବୁଙ୍କ ରାଗ ଦେଖି ଦୋକାନୀ ପଚାରିଲା, କ'ଣ ହୋଇଛି ବାବୁ । ଏତେ ବ୍ୟସ୍ତ ହୋଇ ଆପଣ ନିର୍ଦ୍ଦିଷ୍ଟ ଦାମ୍‌ର ଚାଦରଟିଏ ମାଗୁଛନ୍ତି ?

ବାବୁ ଜଣକ କହିଲେ ତୋ ପ୍ରଶ୍ନର ଉତ୍ତର ଦେବାକୁ ମତେ ବେଳ ନାହିଁ । ମୋ ପାଖରେ ଯେତିକି ଟଙ୍କା ଅଛି ମୁଁ ସେତିକି ଟଙ୍କାରେ ଚାଦରଟିଏ ମାଗୁଛି । ହାତଠାରି ଦେଖେଇ ଦେଇ କହିଲେ ସେଇ ଯେଉଁ ଝିଅଟି ମଝି ରାସ୍ତାରେ ଫୁଙ୍ଗୁଳା ଦେହରେ ଯାଉଛି ତାକୁ ଦେବାପାଇଁ ।

ଦୋକାନୀଟି କହିଲା ବ୍ୟସ୍ତ ହୁଅନ୍ତୁନି ବାବୁ । ଆପଣ ଏତେବଡ ପୂଣ୍ୟଟାଏ କରିବାକୁ ଯାଉଛନ୍ତି ଆଲ୍ଲା ଆପଣଙ୍କର ନିଶ୍ଚୟ ମଙ୍ଗଳ କରିବେ ।

ବାବୁ ! ଗୋଟେ କଥା କହିବି ରଖିବେ, ଦୁଇଶହ ଟଙ୍କାର ଚାଦରଟିରେ ମୁଁ ଲାଭ ନ ରଖି ଆପଣଙ୍କୁ ଦେଢ଼ଶହ ଟଙ୍କାରେ ଦେବାକୁ ଛାହୁଁଛି । ତାହା ସହ ମୁଁ ଆଉ ପଚାଶ ଟଙ୍କା ଦେବାକୁ ଚାହୁଁଛି । ଆପଣ କେବଳ ଶହେ ଟଙ୍କା ମତେ ଦିଅନ୍ତୁ ଏ ଚାଦର ପାଇଁ । ଆପଣଙ୍କ ପୂଣ୍ୟରେ ମତେ ଟିକେ ଭାଗୀଦାର କରନ୍ତୁ ।

ଭଗବାନ ଯେମିତି ବୁବୁଙ୍କ ମନକଥା ଜାଣିପାରି ଶହେ ଟଙ୍କ ବଳାଇ ଦେଲେ ତାଙ୍କର ।

ବାବୁଙ୍କ ଆଖିରେ ଆନନ୍ଦର ଅଶ୍ରୁ । ଦୋକନରୁ ଦୌଡି ଦୌଡି ରାସ୍ତା ଉପରକୁ ଆସିଲେ ବାବୁ ଜଣକ । ଇଚ୍ଛା ହେଉଥିଲା ନିଜ ହାତରେ ଚାଦରଟିକୁ ଢ଼ାଙ୍କ ଦିଅନ୍ତେ ସେଇ ଝିଅଟିକୁ । ହେଲେ ବିବେକ ବାଧା ଦେଲା । ସମାଜର ନିଜି ନିୟମ ଦୃଷ୍ଟିରୁ । ତଥାପି ସେ ଦୌଡି ଯାଇ ଝିଅଟି ଆଗରେ ଠିଆ ହୋଇଗଲେ । ଯଦିବା ସେ ଜାଣୁଥିଲେ ହଠାତ୍ ତାଙ୍କୁ ଦେଖି ଝିଅଟି ନିଶ୍ଚୟ ଡରିବ । ଭାବିବ ନାରୀ ମାଂସ ଲୋଭୀ ରାକ୍ଷସ ଟାଏ ଆସି ତା' ଆଗରେ ଠିଆ ହେଲାଣି । ତଥାପି ସେ ଠିଆ ହେଲେ । ମନରେ ଭୟ ଯେତିକି ଅନ୍ତରରେ ସ୍ନେହ ସେତିକି । ହାତଯୋଡି ଝିଅଟିର ବାପା ମା'ଙ୍କୁ କହିଲେ–

ମଉସା ! ଆପଣଙ୍କର ଏଇ ଛୋଟ ଝିଅଟି ଶୀତରାତିରେ ଆପଣଙ୍କୁ ଟାଣି ଟାଣି ନେଉଛି । ଆପଣଙ୍କୁ ଘୋଡେଇ ହେବାକୁ ଦେଇ ନିଜେ ଫୁଙ୍ଗୁଳା ଦେହରେ ଖାଲି ପାଦରେ ଚାଲିଛି । କହୁ କହୁ ଭାବ ପ୍ରବଣ ହେଉ ପଡ଼ିଲେ ବାବୁ ଜଣକ । କୋହଭରା କଣ୍ଠରେ କହିଲେ– ଝିଅଟିଏ ସିଏ ତ' ବାପା ମା'ଙ୍କ ପାଇଁ ଏତେ କିଛି କରିପାରୁଛି ମତେ ଭାଇଟିଏ ହେଇ ତା' ପାଇଁ ଏତିକି କରିବାକୁ ଦିଅନ୍ତୁ । ମୋର ଏଇ ଚାଦର ଖଣ୍ଡିକ ଗ୍ରହଣ କରିବାକୁ ତାକୁ କୁହନ୍ତୁ ।

ସେ ପର୍ଯ୍ୟନ୍ତ ଝିଅଟି ମୁକ ପରି ଠିଆ ହୋଇଥିଲା । ହୁଏତ ଏସବୁ ଦୃଶ୍ୟ ଦେଖି ସେ କିଛି ଭାବୁଥିଲା ବା ଭାବିବାର ମାନସିକତା ତା'ର ନଥିଲା । ଭୟ କରୁଥିଲା ଅଥବା ଚିନ୍ତା କରୁଥିଲା ଆଜି ଯେଉଁ ବିପଦକୁ ସେ ସାମ୍ନା କରିବାକୁ ଯାଉଛି ତାକୁ ଏଥିରୁ କିଏ ବଞ୍ଚେଇବ । ପଙ୍ଗୁ ବାପା ମା'ଙ୍କର ଭରସା ସାଜିଥିବା ଛୋଟ ଝିଅଟି କ'ଣ ବା ଆଉ ଭାବିପାରେ ।

ମା'ରେ ଏ ବାବୁ ଆମକୁ ମଉସା ମାଉସୀ ବୋଲି ଡାକୁଛନ୍ତି। ତୋର ଭାଇ ହେବେ। ନେ ତାଙ୍କ ହାତରୁ ଚାଦରଟା ନେ।

ଭୟ ଜଡଜଡ ଆଖିରେ ଚାହିଁଥିବା ଝିଅଟି ବାବୁଙ୍କ ହାତରୁ ଝାମ୍ପିନେଲା ଚାଦରଟା। ସତେ ଯେମିତି ତା'ର ନିହାତି ଦରକାର ଥିଲା ସେଇଟା। ଦେହକୁ ସଙ୍ଗେ ସଙ୍ଗେ ଢ଼ାଙ୍କି ଦେଲ ଚାଦରରେ। ମୁହଁର ରଙ୍ଗ ବଦଳିଗଲା। ଆଖିର ଚାହାଣୀ ବି। ଓଠ ବାଧ କରୁଥିଲା କତଜ୍ଞତାର ହସଟିଏ ହସିବାକୁ ମାତ୍ର କୃତଜ୍ଞତାର ହତ ତାକୁ ଜଣା ନଥିଲା। ମୁହଁର ଭଙ୍ଗୀ ଓଠକୁ ଆଗଠାରୁ ନରମ କରିଦେଲା। ବାବୁଙ୍କ ଓଠରେ ଆତ୍ମ ସନ୍ତୋଷର କ୍ଷୀଣ ହସଟିକେ ଦେଖାଗଲା। ହାତଯୋଡି ପ୍ରଣାମ କଲେ ବାବୁ ସେଇ ଶ୍ରବଣ କୁମାରୀକୁ। ଯିଏ ତାଙ୍କ ଶ୍ରଦ୍ଧାଟିକୁ ଗ୍ରହଣ କଲା।

ଝିଅଟି ପୂର୍ବପରି ଠେଲା ଗାଡ଼ିଟିକୁ ଠେଲି ଠେଲି ଆଗେଇ ଗଲା ସେଇ ଧୂଆଁଳିଆ ରାସ୍ତାରେ। ସତେ ଯେମିତି ତୁଠ ନଥିବା ନଈଟିଏ। ରାଜଧାନୀର ରାଜ ରାସ୍ତାରେ କେହି ତାକୁ ଛୁଁ ପାରିବେନି କି ତା' ଦେହକୁ ମଇଳା କରିପାରିବେନି। ସଂଘର୍ଷର ଜଙ୍ଗଲ ଭିତରେ ସାହସର ନଈଟିଏ ସେ। କେତେ ପବିତ୍ର କେତେ ସ୍ୱଚ୍ଛ ତା'ର ଧାରା।

ପଛରୁ ଚାହିଁରହିଥିବା ବାବୁ ଜଣକ। ମନେ ମନେ ଉଚ୍ଚାରଣ କରୁଥିଲେ

ଯା ଦେବୀ ସର୍ବ ଭୂତେଷୁ କନ୍ୟ ରୂପେଣ ସଂସ୍ଥିତା.....

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

# ଅନାମିକାର ରଙ୍ଗତୂଳୀ

ସେବତୀ ବେହେରା

ଭାବି ନଥିଲି କେବେ କାହାପାଇଁ କିଛି ଲେଖିବି ବୋଲି । ମୋର ପ୍ରତିଟି ଶବ୍ଦକୁ ଆପଣମାନେ କଳ୍ପନା, ସତ ଅବା ଆଉ କିଛିର ଆଖ୍ୟା ଦେଇପାରନ୍ତି । ସୁନାର ସ୍ୱପ୍ନ, ଅସୁବାରୀ ଆଶା, ଅକୁଣ୍ଠିତ ଆକାଂକ୍ଷା ସହିତ ଝିଅଟିଏ ଥିଲା । ଅତି ସରଳ କି ଅତି ନିରୀହ ନୁହେଁ । ମନରେ ଭୀମ ବଳ ରଖିଥାଏ ଯଦି ତାର ପଞ୍ଚୁ ଭ୍ରାତାମାନଙ୍କୁ କେହି କ୍ଷତି ପହଞ୍ଚେଇବାକୁ ଚାହୁଁଥାନ୍ତି, ସିଂହବଳ ସବୁବେଳେ ସାଉଁଟି ରଖିଥାଏ ସମଗ୍ର ଜଙ୍ଗଲ ସଦୃଶ ସମାଜକୁ ଆୟତ୍ତ କରିବାକୁ । ସ୍ନେହ, ପ୍ରେମ ଓ ସ୍ୱାଭିମାନକୁ ନେଇ ସବୁବେଳେ ଚାହୁଁଥାଏ କଣ୍ଟକିତ ରାସ୍ତାକୁ ପୁଷ୍ପିତ କରିବାକୁ । ପାଦରେ କେବେ ପାଉଁଜି ପିନ୍ଧିନି ସେ, ହେଲେ ଭଲପାଏ ସେ ରୁମ୍‌ଝୁମ୍ ଶବ୍ଦରେ ମଜ୍ଜିଜିବାକୁ ।

ହଠାତ୍ ଝିଅଟି ଜାଣିବାକୁ ପାଇଲା ଯେ 'ଭୋର' ନାମରେ ଗୋଟେ ପତ୍ରିକା ବାହାରିବାକୁ ଯାଉଛି ଯେଉଁଠି ସମସ୍ତଙ୍କ ହାତ ଲେଖାକୁ ଦେବା ପାଇଁ ଟିପ୍ପଣୀ ଦିଆଯାଇଥିଲା । ଭାବି ଖୁସି ହୋଇଗଲା ସେ । ମୁହୂର୍ତ୍ତକ ପାଇଁ ସେ ପାଗଳ ହୋଇଗଲା । ଆତ୍ମହରା ହୋଇଗଲା ଓଃ ! ମୁଁ ତ ପ୍ରକୃତ କଥା କହିବାକୁ ଭୁଲି ହିଁ ଯାଇଛି- ସେ ଝିଅଟି ନିଜର ଜଣେ ସହପାଠୀଙ୍କୁ ତା'ର ମନର ମଣିଷ ରୂପେ ଭାବି ନେଇଥିଲା । ପରେ ଯେତେବେଳେ ଜାଣିବାକୁ ପାଇଲା ତା' ଜୀବନରେ ଆଉ କେହି ଅଛି ବୋଲି ଦୁଃଖୀ ତ ହେଲା, ଆଉ ମନେ ମନେ ଭାବିନେଲା ସେ ଯାହା ସହିତ ବି ଅଛି ଖୁସିରେ ହିଁ ଥାଉ, ବୁଝିପାରିଲା ଯେ କେବେ ସେ ତାକୁ ପାଇବନି, ହେଲେ ଝିଅଟି ସେ ବ୍ୟକ୍ତିତ୍ୱ ବିଷୟରେ ଅଳ୍ପବହୁତ ଜାଣିଥିଲା ଏହା ଜାଣିଥିଲା ଯେ କେବେ ସେ ତାକୁ ଆଉ ପାଇବନି ସତ, ତା'ର ସହପାଠୀ ଜଣକ ଶବ୍ଦ ବତ୍ସଳ, ଜୀବନର ମୁଦ୍ରାକରଣ କରିପାରେ, ସବୁ ଜିନିଷକୁ ଅତି ସହଜରେ ବୁଝିପାରେ । ବହୁତ ସୁନ୍ଦର ରଚନା ଲେଖେ ଯାହା ମନରେ ନୂତନ ଆଲୋକ ରୂପେ ବ୍ୟବହାର ହେବାପାଇଁ ଅପରିହାର୍ଯ୍ୟ ମଧ୍ୟ ।

ତେଣୁ ସେ ବାଛିନେଲା ଯେ ନିଶ୍ଚିତ ତା'ର ମନର ମଣିଷ କିଛି ନା କିଛି ଶବ୍ଦ ସହିତ ନୂତନ ଶବ୍ଦଗୁଚ୍ଛ କରି ଏହି 'ଭୋର' ପତ୍ରିକାରେ ଦେଇଥିବ । ତେଣୁ ସେ ନିଜକୁ ଗର୍ବିତ ମନେକଲେ- "ହୁଏତ ବିବାହ ବନ୍ଧନରେ ଆମେ ଦୁହେଁ ବାନ୍ଧି ନ ହୋଇପାରୁ, ହୁଏତ ଦୁଇ ଜଣଙ୍କର ନାମ ଗୋଟିଏ ନିମନ୍ତ୍ରଣ କାର୍ଡରେ ଛପା ନ ଯାଇପାରେ ହେଲେ ଗୋଟିଏ ବହିରେ ତ ଦୁଇଜଣଙ୍କର ନାମ ରହିବନା । ଆଉ ଭାବିଲା ଯେ ନିମନ୍ତ୍ରଣ କାର୍ଡରେ ତ ଖାଲି ଦୁଇଜଣଙ୍କର ନାମ ରହିବ, ହେଲେ ଏହି ବହି ରୂପକ କାର୍ଡରେ ଦୁଇ ଜଣଙ୍କର ନାମ ସହିତ, ଦୁହିଁଙ୍କର ଚିନ୍ତାଧାରା ବି ଲୋକ ପଢ଼ି ପାରିବେ ଓ ବୁଝିପାରିବେ । ହୁଏତ ବରଯାତ୍ରୀ ନା ଆସି ପାରନ୍ତି । ହେଲେ ଯେଉଁମାନେ ବି ଏହି ବହିକୁ ପଢ଼ିବେ ସେମାନେ ସମସ୍ତେ ତ ବରଯାତ୍ରୀ ସହ ଶୁଭଚିନ୍ତକ ବି ହୋଇପାରିବେ । ଆଉ ଦୁଇଜଣ ଏକାସାଙ୍ଗ ନ ରହିଲେ ନାହିଁ, ଯେତେବେଳେ ସେ ପତ୍ରିକାଟିକୁ ଖୋଲିବେ ଦୁଇଜଣ ଜାକତ ଏକା ସାଙ୍ଗରେ ସାରା ଜୀବନ ମିଳିବେ ।"

# ଯୁଦ୍ଧ

♦ ଦିଲ୍ଲୀପ କୁମାର ସ୍ୱାଇଁ

ସବୁଦିନ ଭଳି ସେଦିନ ରାଜୁ ସ୍କୁଲରୁ ଫେରି ମାଆ ମାଆ କହି ବ୍ୟାଗ୍ ଫୋପାଡେ ଘରର ଦୁଆର ମୁହଁରେ। ସେ ଦେଖେ କାହା ମୁହଁରେ ଆଗଭଳି ବାତାବରଣ ନାହିଁ। ଖାଲି ଲୁହ ଆଉ ଲୁହ। ସେ କୋମଳ ୯ ବର୍ଷର ପିଲା ରାଜୁ ଅବାକ ହୋଇ ଚାହିଁ ରହିଥାଏ ସଭିଙ୍କର ମୁହଁକୁ। ସେ ଦେଖେ ଜେଜେ ମୁକୁନ୍ଦଙ୍କୁ ସେ ସତେ ଯେପରି ମୂର୍ତ୍ତୀଟିଏ ଭଳି ଦଣ୍ଡାୟମାନ। ସେ ଚାହେଁ ପଡୋଶୀ ଅନ୍ୟମାନଙ୍କୁ, ସଭିଙ୍କ ଆଖିରେ ଯେମିତି ଆକ୍ଷାତ୍ ଜଳଧାରା ଖେଳିଯାଉଛି। ରାଜୁ ମାଆ ସୁମିତ୍ରା ଦେବୀ ଯେତେବେଳେ ରାଜୁକୁ କୋଳେଇ ନେଇ ହୃଦୟର ପୂର୍ଣ୍ଣ ସ୍ନେହ ଶ୍ରଦ୍ଧାକୁ ଅଜାଡି ଦେଇ କୋହଭରା କଣ୍ଠରେ କାନ୍ଦନ୍ତି। ସେତେବେଳେ ରାଜୁ ତା'ର କୋମଳ କଣ୍ଠରେ କହେ କାହିଁକି କାନ୍ଦୁଛୁ ମାଆ କ'ଣ ହୋଇଛି ? ସଂଗେ ସଂଗେ ଆହୁରି ଜୋରରେ କାନ୍ଦି ପକାନ୍ତି ସୁମିତ୍ରା ଦେବୀ।

ଠିକ୍ ସେହି ସମୟରେ ଜାମ୍ମୁ-କାଶ୍ମିରକୁ କେନ୍ଦ୍ରକରି ଦୁଇଦେଶ ଭାରତ-ପାକିସ୍ତାନ ମଧ୍ୟରେ ସଂଘର୍ଷର ତିକ୍ତତା ଲାଗିରହିଥାଏ। ଘମାଘଟ୍ ଯୁଦ୍ଧର ଭୟାଭୟତାରେ ସମଗ୍ର ଦେଶ ଆଚମ୍ବିତ। ଯେଉଁଠି ଶୁଣିବ ଦେଶ ଦେଶ ମଧ୍ୟରେ ବିପକ୍ଷରେ ତ ପୁଣି କେଉଁଠି ସପକ୍ଷରେ। ଆଲୋଚନା ଏପଟେ ସୀମାର ଭାରତର ବୀର୍ଯ୍ୟବାନ୍ ସୈନିକଗଣ ନିଜକୁ ମରଣର ଦ୍ୱାରସ୍ଥ ସାଜନ୍ତି। ସମସ୍ତ ଲୋଭମାୟା ଆସକ୍ତିକୁ ଛିନ୍ନ କରି ସୀମାରେ ଜୀବନଯାପନ କରନ୍ତି। ପାକିସ୍ଥାନ ଭଳି ନୃଶଂସ ଦେଶ ଯେକି ଆତଙ୍କବାଦୀମାନଙ୍କୁ ପ୍ରଶୟ ଦେଇ ସମଗ୍ର ବିଶ୍ୱ ପୃଷ୍ଠଭୂମିରେ ଶତ୍ରୁତାର କାରଣ ପାଲଟିଛି। ପ୍ରତିବର୍ତ୍ତି, ଧନ ଓ ନିଜର ବୈଜ୍ଞାନିକ ପାରଦର୍ଶିତା ନିକଟରେ ବଳିପଡେ ମାନବିକତା ଆଉ ମନୁଷ୍ୟତା।

ସବୁ କ୍ଷଣସ୍ଥାୟୀ ଜାଣି ସୁଦ୍ଧା ମଣିଷ କିନ୍ତୁ ନିଜକୁ ମିଥ୍ୟା ଅହମିକାରୁ ମୁକ୍ତି ପାଇପାରୁ ନାହିଁ। ସେ ନିଜକୁ ଏଭଳି ନିମଗ୍ନ କରି ଦେଇଛି ଯେ ଯେତେ ଚେଷ୍ଟା କଲେ ମଧ୍ୟ ଆଉ ମୁକୁଳି ପାରୁ ନାହିଁ। ମୁଖ୍ୟତଃ ପାକିସ୍ତାନ ଭଳି ଦେଶ ଯେ କି ବାରମ୍ବାର ଧରିତ୍ରୀ ଉପରେ ଯେଉଁ ବଜ୍ରରୂପି ପରମାଣୁ ବୋମା ପ୍ରୟୋଗ କରୁଛି ତାହା ଯେ କେହି ହେଉନା କାହିଁକି ନିନ୍ଦା କରିବ।

ଏହି ଯୁଦ୍ଧରେ କେତେ ଭାରତର କୋଣ ଅନୁକୋଣରୁ ସିପାହୀ ହୋଇଥାନ୍ତି। ସେମାନେ ଗାଁ, ଭାଇବନ୍ଧୁ ସଭିଙ୍କର ସ୍ନେହ ବନ୍ଧନରୁ ବଞ୍ଚିତ ହୁଅନ୍ତି। ସଭିଏଁ ଜାଣନ୍ତି ଯେ ଯୁଦ୍ଧରେ ଭୟାବହତା ସମଗ୍ର ଦେଶର ବୀରେନ୍ଦ୍ର ବାବୁ ପ୍ରହରୀ ଥାଆନ୍ତି, କାହିଁକି କେଜାଣି ମୃତ୍ୟୁର କାଳନ୍ଧକାର ସୈନ୍ୟମାନେ ବସ୍ ମାଧ୍ୟମରେ ଆଗେଇ ଚାଲିଥାନ୍ତି। ହଠାତ୍ ବସ୍‌ଟି କେତେ ପତ୍ନି ପତିହରା, କେତେ ପୁତ୍ର ପିତୃହରା ହୋଇଗଲେ। ଏହି ଭୟାନକ ଯୁଦ୍ଧରେ ଭାରତର ସ୍ୱାଭିମାନ ଓ ବୀରତ୍ୱ ପାଇଁ ତଥା ଧରିତ୍ରୀ ମାତାର ଅସମ୍ମାନ ପାଇଁ କିଏ ହୋଇପାରେ ଦାୟୀ। ଏତେ ସତ୍ତ୍ୱ ଭାରତୀୟମାନେ ଚୁପ ଥାଆନ୍ତି ସତ, କିନ୍ତୁ ଦେଶର ସ୍ଥାନେ ସ୍ଥାନେ ପାକିସ୍ଥାନ ବିରୁଦ୍ଧରେ ଆକ୍ରମଣ କରିବାକୁ ଚାହୁଁଥାନ୍ତି ଭାରତୀୟ ବାସୀ।

ମାତ୍ର ଭାରତ ବିଶ୍ୱାସ ରଖେ 'ବିଶ୍ୱଭ୍ରାତୃତ୍ୱ'ରେ । ଏହି ମହାନତାରେ ଭାରତୀୟମାନେ ଆସ୍ଥା ବଜାୟ ରଖିଥାନ୍ତି। ରାଜୁର ବାପା ସେଦିନ ଏହି ବିସ୍ଫୋରଣରେ ପ୍ରାଣ ହରାଇଥାନ୍ତି। ରାଜୁ ଏହି ଘଟଣା ବିଷୟରେ ଅବଗତ ହୋଇପାରେ ମାଆ ସୁମିତ୍ରା ଦେବୀଙ୍କ ଲୁହ ନପୋଛି ମୁଁ ଦିନେ ଭାରତୀୟ ନୌବାହିନୀରେ ଯୋଗ ଦେଇ ଦେଶ ପାଇଁ ଗୌରବର ବାର୍ତ୍ତା ଫେରାଇ ଆଣିବ ଏବଂ ବିରତ୍ୱର ...ଅବ୍ୟାହତ ରଖିବ।

*ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ*

# ଅଭିଶପ୍ତ ଗନ୍ଧର୍ବ

♦ ଡକ୍ଟର ଉର୍ମିମାଳା ଆଚାର୍ଯ୍ୟ

ପ୍ରତି ରବିବାର ମୁଁ ମୋର ବୋଉ ସହିତ ସିଶ୍ଚୟ କଥା ହୋଇଥାଏ ଏକଦମ୍ ନିଶ୍ଚିତ ଥାଏ କାରଣ ଦିନର ଅନ୍ୟ ସମୟରେ ଆପାତତଃ ମୁଁ ବ୍ୟସ୍ତ ରହିଥାଏ । ସେଦିନ ସକାଳୁ ଆକାଶ ମେଘାଛନ୍ନ ଥାଏ ତଥା ଟିକେ ହାଲ୍‌କା ହାଲ୍‌କା ଥଣ୍ଡା ପଡିଥାଏ । ପୂର୍ବଦିନ ରାତିରେ ଭୀଷଣ ଘଡଘଡି ବିଜୁଳି ସହିତ ବର୍ଷା ହୋଇ ଗୁଡାଏ ଗଛ ଭାଙ୍ଗି ଯାଇଛି ଏବଂ କେତେ ଗୁଡିଏ ଘରର ନଡା ଛପର ଉଡିଯାଇଛି । ଗାଁର ଖବର ଜାଣିବାକୁ ମନରେ ଏକ କୌତୁହଳ ସୃଷ୍ଟି ହେବାରୁ ମୁଁ ଋ ପିଉ ପିଉ ବୋଉକୁ ଫୋନ୍ କଲି । ସେପଟରୁ ବୋଉର କେମିତି ଟିକେ କୋହ ମିଶା କଣ୍ଠସ୍ୱର ଶୁଭିଲା । ମୁଁ ଡରିଗଲି । ଗାଁରେ ଏକୁଟିଆ ବୁଢାବୁଢୀ ବୋଉ ନନା ରହୁଛନ୍ତି । କାହାର କଣ କିଛି ଦେହ ଖରାପ ହେଲାକି ? ମନରେ ସବୁବେଳେ କେମିତି ଗୋଟେ ଭୟ ଲାଗୁଥିଲା । ବୋଉ ଟିକେ ପରେ କହିଲା ଗାଣିଲୁ ମା ତୋ ସୁଦର୍ଶନ ବାବୁ ଋଲିଗଲେ ।

ମୋ ହୃଦୟ ଭିତରଟା ଯେପରି କଣ ହେଇଗଲା । ସୁଦର୍ଶନ ବାବୁଙ୍କ ପାଇଁ ମୋ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଥାଏ । ସତରେ ଏପରି ସନ୍ଥ ପ୍ରକୃତିର ଲୋକ ମୋ ଜୀବନରେ କାହାକୁ ଦେଖିନଥିଲି । କେତେ ସରଳ, ନିଃସ୍ୱାର୍ଥପର ତଥା ପରୋପକାରୀ ସେ । ତାପରେ ବୋଉ ଧୀର ସ୍ୱରରେ କହିଲା ଆମ ଦାଣ୍ଡ ପାଚେରୀ ପାଖେ ଯୋଉ ସୁନ୍ଦରୀ ଆମ୍ବ ଗଛଟି ଥିଲା ସେ ମଧ କାଲି ଉପୁଡି ଯାଇଛି । ସୁଦର୍ଶନ ବାବୁ ତଥା ସୁନ୍ଦରୀ ଆମ୍ବ ମୋର କଳ୍ପନା ଚକ୍ଷୁରେ ଭାସିଉଠିଲେ । ଦୁହେଁ ଓତପ୍ରୋତ ଭାବରେ ଜଡ଼ିତ । ସୁଦର୍ଶନ ବାବୁଙ୍କର ଧ୍ୟାନମଗ୍ନ ମୂର୍ତ୍ତି ତଥା ଗଞ୍ଜାଣୀ ବାଦନ, ସୁନ୍ଦରୀ ଆମ୍ବଗଛର ଚଉତରା ଉପରେ ଉପବେଶନ ଛବି ମୋ ମାନସ ପଟଳରେ ଉଦ୍‌ଭାସିତ ହୋଇଉଠିଲା । ମୁଁ ଆଉ କାଳ ବିଳମ୍ବ ନ କରି ଗାଁ ଅଭିମୁଖେ ଯିବାପାଇଁ ପ୍ରସ୍ତୁତ ହେବାକୁ ଲାଗିଲି । ସୁଦର୍ଶନ କାକୁ ମୋତେ କନ୍ୟା ପ୍ରତିମ ବହୁତ ସ୍ନେହ କରୁଥିଲେ । ଅନ୍ତତଃ ତାଙ୍କର ଶେଷ ଦର୍ଶନ କରିବାକୁ ମୋତେ ଯିବାକୁ ପଡ଼ିବ । ଗାଁରେ ପହଞ୍ଚିଲା ବେଳକୁ ଗାଁ ଲୋକମାନେ ଏକାଠି ହୋଇଛନ୍ତି ତଥା ତାଙ୍କର ବୋହୂ ଆସି ପହଞ୍ଚିଛି । ତାଙ୍କ ପରିବାରରେ ଆଉ କେହି ନଥିବାରୁ ଗାଁ ଲୋକମାନେ ଶବସତ୍କାର କରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଥାନ୍ତି । ତାଙ୍କର ବିଧବା ବୋହୂ କାନ୍ଦି କାନ୍ଦି ଲୋଟି ପଡୁଥାଏ । ମୁଁ ତାକୁ ଉଠାଇ ସାନ୍ତ୍ୱନା ଦେଲାବେଳକୁ ସେ ମୋ କାନ୍ଧରେ ଲୋଟିପଡି କାନ୍ଦି କାନ୍ଦି କହିଲା ନାନୀ, ବାପା ତ ମୋତେ ଘରୁ ବାହାର କରିଦେଲେ, ମୁଁ ତାଙ୍କର କିଛି ବି ସେବା ଯତ୍ନ କରିପାରିଲିନି । ଏହା ମୋତେ ବଡ ଦୁଃଖ ଦେଉଛି ତଥା ମୁଁ ଗ୍ଲାନି ଅନୁଭବ କରୁଛି । ମୁଁ ତାକୁ ବୁଝାଇ ସୁଝାଇ ସାନ୍ତ୍ୱନା କରାଇଲି ।

ସୁଦର୍ଶନ କାକୁଙ୍କ ଘର ଆମ ଘରର ଠିକ୍ ସାମନାରେ । ରାସ୍ତାର ଏପଟ ଏବଂ ସେପଟ । ମୁଁ ପିଲାବେଳୁ ଆମ ଘରେ ଖାଇଲେ ତାଙ୍କ ଘରେ ହାତ ଧୁଏ । ସୁଦର୍ଶନ କାକୁଙ୍କ ପିତା-ମାତା ମୋତେ ସ୍ନେହରେ ଚଞ୍ଚଳା ବୋଲି ଡାକୁଥିଲେ, କାରଣ ମୁଁ ସବୁକାମ ଜଲ୍‌ଦି କରୁଥିଲି । ସୁଦର୍ଶନ କାକୁଙ୍କ ନାମର ବିପରୀତ ଥିଲା ତାଙ୍କର ଚେହେରା । ତାଙ୍କ ମା କହନ୍ତି ମୋ ସନା (ଡାକ ନାମ) ପିଲାବେଳେ ଏପରି ନଥିଲା । ମା ବସନ୍ତେଇ ଠାକୁରାଣୀ ତାକୁ ଜୀବନ ତ ଦେଇଗଲେ, ମାତ୍ର କୁରୂପ କରିଦେଇଗଲେ । ମଧ୍ୟମ ଉଚ୍ଚତା ବିଶିଷ୍ଟ କଳା ମିଚିମିଚି କ୍ଷୀଣକାୟ ସୁଦର୍ଶନ କାକୁଙ୍କର ମୁହଁରେ ବସନ୍ତର ବଡ ବଡ ଦାଗ । ବାମ ଆଖିର ଡୋଳା ଧଳା ହୋଇଯାଇ ଟିକେ ବାହାରି ଆସିଛି । ଗେଣ୍ଡା ଭଳିଆ ନାକର ଅଗଟା ଫୁଲିଯାଇଛି ଏହାଛଡା ମସ୍ତକରେ ଅଳ୍ପ କେତୋଟି ହାତଗଣତି କେଶ । ଏପରି କୁରୂପ ହୋଇ ବି ସମସ୍ତେ ତାଙ୍କର ଦିବ୍ୟ ଗୁଣ ତଥା ସ୍ୱଭାବରେ ତାଙ୍କୁ ବହୁତ ସ୍ନେହ କରନ୍ତି । ସେ ବହୁତ ଆଜ୍ଞାବହ ପିତୃମାତୃ ଭକ୍ତ ତଥା ସରଳ ଏବଂ ଶାନ୍ତ । ନିଜର ଶିଷ୍ଟ ଆଚରଣ ତଥା ନମ୍ର ସ୍ୱଭାବ ଯୋଗୁଁ ସେ ଗ୍ରାମବାସୀଙ୍କର ପ୍ରିୟ ଥିଲେ ତଥା ତାଙ୍କ

ପିତା-ମାତାଙ୍କର ନୟନତାରା ଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ତାଙ୍କର ଗଳାର ଲାଳିତ୍ୟ ସଂଗୀତ ଶିକ୍ଷା ନ କରିଥିଲେ ବି ସେ ଯେତେବେଳେ ଖଞ୍ଜଣି ବଜାଇ ଜଗନ୍ନାଥ ଜଣାଣ ଗାଆନ୍ତି ସେତେବେଳେ ସମସ୍ତେ ତାଙ୍କ ତାଳରେ ମତୁଆଲା ହୋଇ ଉଠନ୍ତି। ପୂର୍ଣ୍ଣିମା, ଅମାବାସ୍ୟ ତଥା ସଂକ୍ରାନ୍ତି ଦିନ ତାଙ୍କ ମୁହଁରୁ ଭଜନ ଶୁଣିବାପାଇଁ ଗାଁର ସପ୍ତାଘରେ ଭିଡ ଜମେ। ପିଲାଠାରୁ ବୁଢ଼ାଯାଏ ତାଙ୍କ କରୁଣ ମଧୁର ସ୍ୱରରେ ତନ୍ମୟ ହୋଇଯାନ୍ତି। ମଧୁର ସ୍ୱରର ତାଳେତାଳେ ଖଞ୍ଜଳି ମାଡ ଏକ ଅତୀନ୍ଦ୍ରିୟ ଜଗତକୁ ନେଇଯାଏ। ଯେତେବେଳେ ସନା କାକୁ ଗାଉଥାନ୍ତି ସେତେବେଳେ ତାଙ୍କ ଚକ୍ଷୁରେ ଲୋତକ ଧାର ପ୍ଲାବିତ ହୋଇ ସମସ୍ତଙ୍କ ଚକ୍ଷୁକୁ ସଂକ୍ରମିତ ହୋଇଥାଏ। ସମସ୍ତେ ବିଭୋର ହୋଇ ନୃତ୍ୟରେ ମଗ୍ନ ହୋଇଯାନ୍ତି। ଏପରି ମଧୁର କୋମଳ ସ୍ୱର କେହି କେବେ ଶୁଣିନଥିବେ। ଆଷାଢ଼ ଶ୍ରାବଣରେ ବର୍ଷାର ରିମ୍‌ଝିମ୍ ତାନ ସହିତ ତାଙ୍କର ପ୍ରେମ ଓ ବିରହର ସଙ୍ଗୀତ ନୂତନ ଦମ୍ପତିଙ୍କ ମନରେ ଶିହରଣ ସୃଷ୍ଟି କରେ। କାର୍ତ୍ତିକ ମାସର ସକାଳୁ ସକାଳୁ ତାଙ୍କର ରାଇ ଦାମୋଦର ଗୀତ ଶୁଣି ସମସ୍ତ ହବିଶ୍ୟାଳି ତାଳେ ତାଳେ ତାଳି ମାରି ଚଉରା ଚାରିପଟେ ନୃତ୍ୟ କରନ୍ତି। ଫଗୁଣ ମାସର ଦୋଳ ସମୟରେ ରାଧାକୃଷ୍ଣଙ୍କର ଅପାଶୋରା ପ୍ରେମ ତଥା ବିରହର ବର୍ଣ୍ଣନା ତଥା ଫଗୁ ଏବଂ ରଙ୍ଗର ହୋଲି ବର୍ଣ୍ଣନ ତାଙ୍କ ଖଞ୍ଜଣିର ତାଳେ ତାଳେ ଗ୍ରାମୀଣ ଜୀବନରେ ନୂତନ ମାଦକତା ଭରିଦିଏ। ନିଜ ଦୁନିଆରେ ସେ ସବୁବେଳେ ଥାଆନ୍ତି। ଗୀତରେ ହୋଇଯାନ୍ତି ନିମଗ୍ନ, ତଲ୍ଲୀନ। ତାଙ୍କର କଣ୍ଠରେ ଲାଗେ ଯେପରି ସ୍ୱୟଂ ବାଗ୍‌ଦେବୀ ସରସ୍ୱତୀ ବସି ବୀଣାବାଦନ କରୁଛନ୍ତି। ସେ ଖଞ୍ଜଣୀର ତାଳରେ ଏପରି ଉନ୍ମନ ତଥା ନିମଗ୍ନ ହୋଇଯାନ୍ତି ଯେ ବାଉଳଙ୍କ ପରି ଏକ ପଦରେ ନୃତ୍ୟ କରିଚାଲନ୍ତି। ଲାଗେ ଯେପରି ମହାଶୂନ୍ୟର ଅନହଦ ନାଦରେ ସେ ସଂଶ୍ଳିଷ୍ଟ ହୋଇଯାଉଛନ୍ତି ଏବଂ ସଂଙ୍ଗୀତରେ ଆସହରା ହୋଇଯାଉଥାନ୍ତି। ଯଦି ତାଙ୍କୁ କେହି ପରିବାର ବା ପିତାମାତାଙ୍କ ସମ୍ପର୍କରେ କିଛି ପଚାରନ୍ତି ସେ ଶୂନ୍ୟକୁ ହସ୍ତ ଦିର୍ଦ୍ଦେଶ କରି ମୃଦୁ ହସି ଦିଅନ୍ତି।

ସୁଦର୍ଶନ କାକୁଙ୍କର ବିବାହକୁ ନେଇ ତାଙ୍କ ପିତା-ମାତା ସର୍ବଦା ଚିନ୍ତିତ ରହୁଥାନ୍ତି। ଅନେକ ପ୍ରସ୍ତାବ ଆସେ ସମସ୍ତେ ତାଙ୍କୁ ଦେଖି ମୁହଁ ମୋଡି ଚାଲିଯାନ୍ତି। ଅଚାନକ ପାଖ ଗାଁରେ ଜଣେ ଆସି ପ୍ରସ୍ତାବ ଦେଲା ଯେ, ପିତୃମାତୃହୀନ ଏକ ଅନାଥ ବାଳିକା ସହିତ ତାଙ୍କର ବିବାହ ପାଇଁ। ପିତା-ମାତା ରାଜି ହୋଇଗଲେ ଏବଂ ବିବାହ ସୁରୁଖୁରରେ ସମ୍ପନ୍ନ ହେଲା।

ପିତା-ମାତା ଖୁସିରେ ନିଜର ଏକମାତ୍ର ପୁତ୍ର ପାଇଁ ବୋହୂକୁ ସାଙ୍ଗରେ ନେଇ ଫେରିଲେ। ବାସର ଶେଯରେ ସୁନ୍ଦରୀ ଖୁଡି ଯେତେବେଳେ ସୁଦର୍ଶନ କାକୁଙ୍କୁ ଦେଖିଲେ ସେ ଯୋଜ୍‌ରେ ଚିତ୍କାର କରି ବାହାରକୁ ଦୌଡି ପଳାଇଲେ ସୁଦର୍ଶନ କାକୁଙ୍କର ପିତା-ମାତା ସୁନ୍ଦରୀ ଖୁଡ଼ିଙ୍କୁ ଅନେକ ବୁଝାଇ-ସୁଝାଇ ଘରକୁ ଫେରାଇ ଆଣିଲେ। ମାତ୍ର ସ୍ୱାମୀ ସ୍ତ୍ରୀ ସବୁବେଳେ ନଦୀର ଏପାର ଏବଂ ସେପାର ପରି ଚଳିବାକୁ ଲାଗିଲେ। ସୁନ୍ଦରୀ ଖୁଡି ସତରେ ଦେଖିବାକୁ ବହୁତ ସୁନ୍ଦର ଥିଲେ। ଚମ୍ପାଫୁଲ ପରି ଦେହର ରଙ୍ଗ, ଗୋଲ ମୁହଁ, ଢ଼ଳଢ଼ଳ ଆଖି। ସୁଦର୍ଶନ କାକୁ ସ୍ତ୍ରୀର ଯେତେ ପାଖକୁ ଯିବାକୁ ଚାହିଁରେ ସେ ସେତେ ଦୂରକୁ ଚାଲି ଯାଉଥିଲେ। ସବୁ କଥାରେ ଏବଂ ସବୁ ସମୟରେ ସମସ୍ତଙ୍କ ଆଗରେ ସୁନ୍ଦରୀ ଖୁଡି ସୁଦର୍ଶନ କାକୁଙ୍କୁ ତିରସ୍କାର କରୁଥିଲେ ଏବଂ ଜିଙ୍ଗାସୁଥିଲେ। ତାଙ୍କର କୁତ୍ସିତ ଚେହେରାକୁ ନେଇ ଟିପ୍ପଣୀ କରୁଥିଲେ। ସୁଦର୍ଶନ କାକୁ କିଛି ନ କହି ଚୁପ୍‌ଚାପ୍ ବିଲକୁ ଚାଲିଯାଉଥିଲେ। ସ୍ତ୍ରୀର ଏପରି ବ୍ୟବହାର ତାଙ୍କୁ ଆହତ ତ କରୁଥିଲା ମାତ୍ର ସେ ପରାହତ ନହୋଇ ସମସ୍ତ କାମରେ ସ୍ତ୍ରୀକୁ ସାହାର୍ଯ୍ୟ କରୁଥିଲେ। ପିତା-ମାତା ପୁତ୍ରର ଗରକୁ ସଜାଡିବାକୁ ଯାଇ ଏପରି ଅବସ୍ଥାରେ ପହଞ୍ଚିଲେ ଯେ ନା ସେ ପୁଅକୁ କିଛି କହି ପାରୁଥିଲେ ନା ବୋହୂକୁ କିଛି କହିପାରୁନଥିଲେ। ଏହିପରି ଏକମାତ୍ର ପୁତ୍ରର ସୁଖର ସଂସାର ବିଷୟରେ ସ୍ୱପ୍ନ ଦେଖି ଦେଖି ବୁଦ୍ଧ-ବୁଦ୍ଧୀ ଅଳ୍ପଦିନ ପରେ ସଂସାର ତ୍ୟାଗ କଲେ। ଏତେବଡ ଘରେ ସ୍ୱାମୀ ଏବଂ ସ୍ତ୍ରୀ। ସ୍ତ୍ରୀର ଆଖିରେ ଘୃଣିତ ଜୀବ ହେଉଛନ୍ତି ସେ। ଏହିପରି ଅନେକ ଦିନ ବିତିଗଲା।

ପ୍ରାୟ ଅଧିକାଂଶ ଦିନ ରାତିରେ ସନା କାକୁ ଆସି ଆମ ବାଡିର ସୁନ୍ଦରୀ ଆମ୍ବ ଗଛ ମୂଳରେ ବସି ରହୁଥିଲେ । ମୋ ନନା ସୁନ୍ଦରୀ ଆମ୍ବ ଗଛ ମୂଳରେ ଏକ ଉଚ୍ଚା ଚଉତରା କରିଦେଇଥିଲେ । ଅନେକ ସମୟରେ ନନା ସକାଳେ ଏବଂ ସନ୍ଧ୍ୟାରେ ସେଠାରେ ବସୁଥିଲେ ।

ଖରାଦିନେ ଦ୍ୱିପହର ସମୟରେ ସୁଦର୍ଶନ କାକୁ ଆମ୍ବଗଛ ମୂଳେ ବସି ଗୀତ ଗାଉଥିଲେ । ସେହି ସ୍ଥାନଟି ତାଙ୍କର ବହୁତ ପ୍ରିୟ ସ୍ଥାନ ଥିଲା । ଆମ୍ବଗଛର ଲାଲ ସିନ୍ଦୁର ରଙ୍ଗର ଆମ୍ବ ସହିତ ସୁଲୁ ସୁଲ ପବନ ଏବଂ କୋଇଲିର କୁହୁ-କୁହୁ ସ୍ୱର ତଥା ସୁଦର୍ଶନ କାକୁଙ୍କର ମଧୁର ସ୍ୱରରେ ରାସ ଗୀତ ଏକ ପ୍ରେମମୟ ବାତାବରଣ ସୃଷ୍ଟି କରୁଥିଲା । ଏହି ପରିବେଶ ତଥା ସଂଗୀତର ମଧୁର ମୂର୍ଚ୍ଛନାରେ କଣ ଯାଦୁଥିଲା କେଜାଣି ସୁନ୍ଦରୀ ଖୁଡ଼ିଙ୍କର ନିଷ୍ଠୁର ହୃଦୟରେ ପ୍ରେମର ବୀଜ ବପନ କରିଥିଲା । କିଛିଦିନ ପରେ ଆମେ ଜାଣିଲୁ ଯେ, ଖୁଡି ଗର୍ଭବତୀ ଅଛନ୍ତି । ବିପ୍ରଲମ୍ଭ ଶୃଙ୍ଗାର ସଙ୍ଗୀତ ସୁନ୍ଦରୀ ଖୁଡ଼ିଙ୍କର ଜୀବନକୁ ପୂର୍ଣ୍ଣତା ପ୍ରଦାନ କରି ମାତୃତ୍ୱରେ ଆଭାରେ ଉଦ୍‌ଭାସିତ କରିଥିଲା । ଯଥା ସମୟରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା । ମାତ୍ର ବିଧାତାର ଇଚ୍ଛା କିଛି ଅଲଗା ପ୍ରକାର ଥିଲା । ସଦ୍ୟ ଜାତ ପୁତ୍ର ସନ୍ତାନକୁ ସୁଦର୍ଶନ କାକୁଙ୍କ ହସ୍ତରେ ସମର୍ପଣ କରି ସୁନ୍ଦରୀ ଖୁଡି ଇହଲୀଳା ସମ୍ବରଣ କଲେ । ସୁଦର୍ଶନ କାକୁଙ୍କର ଜୀବନରେ ପୁଣି ଅନନ୍ତ ଶୂନ୍ୟତା ବ୍ୟାପିଗଲା । ତାଙ୍କ ଜୀବନ ମରସ୍ଥଳରେ ଯେଉଁ କ୍ଷଣିକ ମରୁଦ୍ୟାନର ପ୍ରତିଭାତ ହୋଇଥିଲା ତାହା ଯେପରି ମରୀଚିକା ପରି ମିଳେଇ ଗଲା । ଶିଶୁର ଲାଳନ ପାଳନ ତଥା ଘରର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ପଡ଼ିଥଲା । ସେ ଲୁହ ଛଳ-ଛଳ ଆଖିରେ ବୋଉ ପାଖରେ ଆସି ପହଞ୍ଚି କହିଥିଲେ- ଭାଉଜ ଏହି ମା ଛେଉଣ୍ଡ ପିଲାର ଦାୟିତ୍ୱ ଏବେ ତୁମର । ସତକୁ ସତ ବୋଉ କୋଳରେ ବଡ ହେଲା ସତ୍ୟବ୍ରତ ଅର୍ଥାତ ଦୁଦର୍ଶନ କାକୁଙ୍କର ପୁଅ । ସେ ମୋଠାରୁ ୪/୫ ବର୍ଷ ଛୋଟ ଥିଲା । ସତ୍ୟବ୍ରତ ସବୁବେଳେ ଅନ୍ୟମନସ୍କ ରହୁଥିଲା । ତଥା ବହୁତ ଦୁର୍ବଳ ଥିଲା । ମାତୃବିୟୋଗ ତଥା ପିତାଙ୍କର ଉଦାସୀନତା ତା ଜୀବନକୁ ଏକ ପ୍ରକାର ମାନ୍ଦା ତଥା ନିର୍ବେଦ କରିଦେଇଥିଲା । ସବୁବେଳେ ସେ ଗୁମ୍‌ସୁମ୍ ତଥା ଚୁପ୍‌ଚାପ୍ ରହୁଥିଲା । ଚଞ୍ଚଳତା ତଥା ଚପଳତା ଯେପରି ତା ଠାରୁ ମାଇଲ ମାଇଲ୍ ଦୂର ଚାଲିଯାଇଥିଲା । ଧୀରେ-ଧୀରେ ସେ ବଡ ହେଲା ଏବଂ ପାଠପଢ଼ାରେ ମଧ୍ୟ ସେପରି ବୁଦ୍ଧିମତ୍ତାର ପରିଚୟ ଦେଇପାରିନଥିଲା । ଦଶମ ଶ୍ରେଣୀ ପରେ ପାଠ ପଢ଼ାରେ ତାର ଡୋର ବନ୍ଧା ହୋଇଥିଲା ଏବଂ ସେ ସୁଦର୍ଶନ କାକୁଙ୍କୁ ଜମିବାଡି କାମରେ ସାହାଯ୍ୟ କରିବାକୁ ଲାଗିଲା । ଯଥା ସମୟରେ ତାର ବିଭାଘର କରାଇ ସୁଦର୍ଶନ କାକୁ ସଂସାର ଜଞ୍ଜାଳରୁ ନିର୍ଲିପ୍ତ ରହୁଥିଲେ । ନାମର ସମାନତା କାରଣରୁ ହେଉ ବା ଅନ୍ୟ ଯାହା କାରଣ ହେଉ ସୁନ୍ଦରୀ ଆମ୍ବଗଛର ଚଉତରା ତାଙ୍କର ସବୁଠାରୁ ପ୍ରିୟ ସ୍ଥାନ ଥିଲା । ଦିନର ଅଧିକାଂଶ ସମୟ ସେ ସେହିଠାରେ ବସି ତାଙ୍କର ପ୍ରିୟ ଗଜଣୀ ବାଦନ କରୁଥିଲେ ।

ଭାଗ୍ୟର କ୍ରୁର ପରିହାସରେ କେଉଁ ଏକ ଅଜଣା ବେମାରୀରେ ସତ୍ୟବ୍ରତର ସତ୍ୟବ୍ରତର ଅକାଳ ବିୟୋଗ ଘଟିଲା । ଘରେ ନୂତନ ବଧୂ ସତ୍ୟବ୍ରତର ମୃତ ଶରୀରକୁ ଧରି ବିକଳରେ କ୍ରନ୍ଦନ କରୁଥିଲେ । ମାତ୍ର ସୁଦର୍ଶନ କାକୁଙ୍କର ଆଖିରେ ଅଶ୍ରୁର ଏକ ବିନ୍ଦୁ ମଧ୍ୟ ଦେଖାଯାଉନଥିଲା । ସେଦିନ ତାଙ୍କ ସ୍ୱରରୁ ତଡା ଖଞ୍ଜଣୀରୁ ଏକ କୋମଳ ଓ କରୁଣ ତାନ ସ୍ପଷ୍ଟ ବାରିହେଉଥିଲା । ସେ ସେହିପରି ଖଞ୍ଜଣୀ ବାଦନ ପୂର୍ବକ ମୃତ ଶରୀର ନିକଟରେ ପହଞ୍ଚି ଉଚ୍ଚସ୍ୱରରେ ଗୀତ ଗାଇବାକୁ ଲାଗିଲେ ଘଣ୍ଟା ପରେ ଘଣ୍ଟା ଗାଇବାରୁ ବିରତ ନହେବାରୁ ବୋହୂ ତାଙ୍କୁ ହଲାଇ ଦେଇ କହିଲା ବାପା ତୁମ ପୁତ୍ର ଆଉ ଏ ଦୁନିଆରେ ନାହାନ୍ତି । ସେ ଖଞ୍ଜଣୀ ବାଦନ ବନ୍ଦ କରି ବୋହୂର ମୁହଁକୁ ଅନେଇ କହିଲେ ତୁ କାହିଁକି କାନ୍ଦୁଛୁ । ଆତ୍ମାର ପରମାତ୍ମା ସହିତ ମିଳନ ଘଟିଛି ଏବେ ତ ଆନନ୍ଦ କରିବାର ସମୟ । ଗାଁ ଲୋକମାନେ ତଟସ୍ଥ ହୋଇ ତାଙ୍କ ଆଡ଼କୁ ଅନେଇ ରହିଲେ । ସତରେ କଣ ସୁଦର୍ଶନ କାକୁ ପାଗଳ ହୋଇଗଲେ । ମାତ୍ର ଦୁଃଖ କ୍ଲେଶର ବିନ୍ଦୁଏ ଚିହ୍ନ ବି ତାଙ୍କ ମୁହଁରେ ନଥିଲା । ସେ ଶବସଂସ୍କାର ସମୟରେ ମୁଖାଗ୍ନି ବୋହୂ ହାତରେ କରାଇଥିଲେ ଯାହାକି ଗାଁର ଲୋକମାନଙ୍କର ବିରୋଧର କାରଣ ହୋଇଥିଲା । ମାତ୍ର ସେ କାହାରି କଥା ଶୁଣିନଥିଲେ । ସେ ତିଳେମାତ୍ର ଭ୍ରୂକ୍ଷେପ

ନକରି ପ୍ରେତକର୍ମ ଉପରାନ୍ତେ ବୋହୂର ଭାଇକୁ ଡକାଇ ପଠେଇଥିଲେ ଏବଂ ଆଦେଶ ଦେଲେ ଯେ, ବୋହୂକୁ ତୁମେ ଘରକୁ ନେଇଯାଆ ଏବଂ ପୁନର୍ବିବାହ କରାଅ। ବୋହୂ ନିଜେ ଆଶ୍ଚର୍ଯ୍ୟରେ ତାଙ୍କ ମୁହଁକୁ ଋହିଁ କହିଲା ବାବା ମୋତେ ତୁମ ପାଖରୁ ଦୂର କରନ୍ତୁ ନାହିଁ ବୋଉ ତ ନାହାନ୍ତି, ତୁମ ପୁଅ ବି ଋଲିଗଲେ। ମୁଁ ତୁମ ପାଖରେ ରହି ତୁମର ସେବା କରିବି। ମାତ୍ର ସୁଦର୍ଶନ କାକୁ ନିଜ କଥାରେ ଅଟଳ ରହିଲେ ଏବଂ ବୋହୂକୁ ତା ବାପଘରକୁ ବିଦା କରିଦେଲେ।

ଘରେ ଏକାକୀ ସନ୍ୟାସୀର ଜୀବନ ବିତାଉଥିଲେ ସୁଦର୍ଶନ କାକୁ। ତାଙ୍କ ମୁହଁରେ ସେହି ବିଲୋଳ ହସ, କଣ୍ଠରେ ସେହିପରି କାରୁଣ୍ୟ ଏବଂ ମଧୁରତା। ଏହିପରି ଭାବରେ ଚାଲିଥିଲା ତାଙ୍କର ନିତ୍ୟ ନୈମିତିକ ଜୀବନ। ଜମିରେ ଉପଜୁଥିବା ଧାନ, ମୁଗ,ବିରି ନିଜପାଇଁ ଅଳ୍ପ ରଖି ସେ ବାକି ସବୁକୁ ମନ୍ଦିରକୁ ଦାନ କରିଦେଉଥିଲେ। ଏପରି ଗୃହସ୍ଥ ହୋଇ ମଧ୍ୟ ସନ୍ୟାସୀ ଜୀବନ ବିତାଉଥିବାର ସାଧୁ ପୁରୁଷ ବୋଧହୁଏ କେହି ଦେଖି ନଥିବେ।

ବୋଉଠାରୁ ଖବର ଶୁଣି ମୁଁ ଗାଁରେ ପହଞ୍ଚି ଦେଖିଲି ଯେ, ସୁଦର୍ଶନ କାକୁ ସେମିତି ଖଞ୍ଜଣୀକୁ ହାତରେ ଧରି ଠାକୁରଙ୍କ ପାଖରେ ବସିଛନ୍ତି ଯେପରି ଏକ ଧ୍ୟାନସ୍ଥ ତପସ୍ୱୀ। ସଂଯୋଗ କ୍ରମେ ତାଙ୍କର ପ୍ରିୟ ସୁନ୍ଦରୀ ଆମ୍ବଗଛ ମଧ୍ୟ ସୁଟି ଚଉତରାକୁ ଭାଙ୍ଗି ଉପୁଡି ପଡ଼ିଥିଲା। ବୋଧହୁଏ ସେ ସୁନ୍ଦରୀ ଖୁଡିଙ୍କର ସ୍ମୃତିକୁ ସେ ସୁନ୍ଦରୀ ଆମ୍ବଗଛଠାରେ ଦେଖିପାରୁଥିଲେ। ସୁଦର୍ଶନ କାକୁଙ୍କର ମୁହଁରେ ପ୍ରସନ୍ନତା ତଥା ସ୍ମିତ ହାସ୍ୟ ଦେଖାଯାଉଥିଲା। ବୋଉ କହୁଥିଲା ରାତ୍ରିର ଦ୍ୱିତୀୟ ପ୍ରହର ବେଳକୁ ସୁଦର୍ଶନ କାକୁଙ୍କର ଖଞ୍ଜଣୀରୁ ଯେପରି ଏକ କୋହ ଭରା ସଙ୍ଗୀତ ନିସୃତ ହେଉଥିଲା। ମୋତେ ଲାଗିଲା ଯେପରି ସୁଦର୍ଶନ କାକୁ ନୁହନ୍ତି ସେ ଥିଲେ ଏକ ଅଭିଶପ୍ତ ଗନ୍ଧର୍ବ। ଜୀବନ ବ୍ୟାପି ସଙ୍ଗୀତ ସାଧନାରେ ଲିପ୍ତ ରହି ସେ ତାଙ୍କର ଦୁଃଖ ତଥା ବିଷାଦକୁ ,କ କରୁଣ ରାଗିଣୀରେ ପରିଣତ କରିଦେଇଥିଲେ ସ୍ୱର୍ଗର କେହିଜରେ ଅଭିଷପ୍ତ ଗନ୍ଧର୍ବ ଧରା ଭୂମିରେ ଜନ୍ମ ନେଇ ଯେପରି ସଂଗୀତର ଅପୂର୍ବ ରାଗିଣୀ ସୃଷ୍ଟି କରିପାରିଥିଲେ ଯାହା ଥିଲା ଅଲଭ୍ୟ, ଅନବଦ୍ୟ।

# ହସ ଖୁସିର ସଂସାର

ଶ୍ରୀ ରମେଶଚନ୍ଦ୍ର ନାୟକ
ପରିଜା ପାଠାଗାର
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

ଆଜିର ଏ ବ୍ୟସ୍ତ ବହୁଳ ଦୁନିଆରେ କାହାର ବା ସମୟ ଅଛି ପରର ସୁଖ ଦୁଃଖ କଥା ଚିନ୍ତା କରିବାକୁ । ସହରର କ୍ଷିପ୍ର ଅଭିବୃଦ୍ଧି, ଜନସଂଖ୍ୟାର ଅଭିବୃଦ୍ଧି ସହିତ ଲିନହୋଇ ଯାଉଛି ପୃଥିବୀର ସନ୍ତୁଳନ । ଦୂଷିତ ବାୟୁମଣ୍ଡଳ, ଅନାବୃଷ୍ଟି କିମ୍ବା ବହୁବୃଷ୍ଟି ଓ ପ୍ରଚଣ୍ଡ ରୌଦ୍ରତାପ ଅସମାହିତ ସମୟରେ ହୋଇ ଜୀବନକୁ ବିତସ୍ପୃହ କରିଦେଉଛି । ବ୍ୟାପକ ଜଙ୍ଗଲ ହାନି, ପାହାଡ ପର୍ବତରୁ ଅନବରତ ଖଣି ଖନନ ଏବଂ ବିସ୍ତୃତ ପରିମାଣ ଚାଷଜମି ଉପରେ ଗୃହ ଓ କାରଖାନାମାନ ନିର୍ମାଣ ଏହାର ବିଶେଷ କାରଣ । ଜନସଂଖ୍ୟା ବୃଦ୍ଧି ହିଁ ଏହାର ପ୍ରକୃଷ୍ଟ ଓ ଜୀବନ୍ତ କାରଣ । ହଜିଯାଉଛି ପୃଥିବୀର ସୌନ୍ଦର୍ଯ୍ୟ, ହଜିଯାଉଛନ୍ତି ଅନେକ ବନ୍ୟଜନ୍ତୁ, ପକ୍ଷୀ ସମ୍ଭାର, ବିଲୁପ୍ତ ପ୍ରାୟ ଅନେକ ବସ୍ତୁ ଓ ପଦାର୍ଥ । ଏପରି ଆଉ କେତେଦିନ ସହ୍ୟକରି ଚାଲିଥିବ ଏ ପୃଥିବୀ । ଏହିପରି ଅନେକ କଥା ଆଜି ଅସମାହିତ ପ୍ରଶ୍ନାବଳୀ ଭଳି ଉଙ୍କିମାରୁଛି ଶେଫାଳୀ ମନରେ ।

ଆଜିକୁ ଠିକ୍ ତିରିଶ ବର୍ଷ ତଳେ ଶେଫାଳୀ ଆସିଥିଲା ତାର ପିତା ମାତାଙ୍କ ସହିତ ପ୍ରିୟ ରାଜଧାନୀ ଭୁବନେଶ୍ୱରକୁ କର୍ମ ସଂସ୍ଥାନ ଖୋଜିବା ପାଇଁ । ଶେଫାଳୀର ଘର ଫୁଲବାଣୀ ଜିଲ୍ଲା କାହିଁ କେଉଁ ଏକ ଆଦିବାସୀ ଅଧୁସିତ ଅଞ୍ଚଳରେ । ସେଠାରେ ତାର ପିତା ବଞ୍ଚିବା ଚଳିବା ପାଇଁ କର୍ମସସ୍ଥାନ ନପାଇବାରୁ ଧାଇଁ ଆସିଥିଲେ ଏହି ଭୁବନେଶ୍ୱରକୁ । ଆଉ ସେମାନଙ୍କୁ ମଧ୍ୟ ଭଲ କର୍ମସଂସ୍ଥାନ ମିଳିଥିଲା ଏହି ଭୁବନେଶ୍ୱରରେ । ସେତେବେଳେ ଶେଫାଳୀକୁ ମାତ୍ର ଦଶବର୍ଷ ହୋଇଥାଏ । ସେତେବେଳର ଭୁବନେଶ୍ୱର ବର୍ତ୍ତମାନର ଭୁବନେଶ୍ୱର ପରିନଥିଲା । ପରିସିମା ଓ ଜନସଂଖ୍ୟା ବହୁତ ସିମିତ ଥିଲା । ମାତ୍ର କାଳର କରାଳ ସ୍ରୋତରେ ଜନସଂଖ୍ୟାର କ୍ଷିପ୍ର ଅଭିବୃଦ୍ଧି ଓ ମଫସଲ ଲୋକଙ୍କ ସହରାଭିମୁଖୀ ହେତୁ ସହରର ଆକାରରେ ବୃଦ୍ଧି ଘଟିଲା । ସହରର ଚର୍ତୁପାଶ୍ୱ ଜଙ୍ଗଲ ଓ ଚାଷଜମି ଉପରେ ବିଦ୍ୟମାନ ହେଲା ସୁ ଉଚ୍ଚ ଅଟାଳିକାମାନ । ବିଲୟ ଘଟିଲା ପରିବେଶର ଏବଂ ବ୍ୟାପିଗଲା କୋଳାହଳମୟ ପରିବେଷ୍ଟନି । ସହରର ସାନ୍ତ ପରିବେଶ ଅସାନ୍ତ ହୋଇ ଉଠିଲା ।

ସହରର ଅଭିବୃଦ୍ଧିସହ ଶେଫାଳୀ ମଧ୍ୟ ରାଜଧାନୀ ପାଣି ପବନରେ କ୍ରମଶଃ ବଡ ହେବାକୁ ଲାଗିଲା । ଏଥିସହ ସେ ଆସ୍ତେ ଆସ୍ତେ ତାର ପିତା ମାତାଙ୍କ ସହ ମିଶି ଗୃହ ନିର୍ମାଣ କାର୍ଯ୍ୟରେ ଯୋଗଦେଲା । ଶେଫାଳୀର ପିତା ମାତାଙ୍କ ସହ ଆସିଥିବା ତାଙ୍କର ଗ୍ରାମର ଲୋକମାନେ ସମସ୍ତେ ଏକ ନିର୍ଦ୍ଧିଷ୍ଟ ଠିକାଦାର ଅଧିନରେ କାମ କରନ୍ତି । ଠିକାଦାର ତାଙ୍କ ପାଇଁ ଉକ୍ତ ଯାଗାରେ ଛୋଟ ଛୋଟ କୁଡ଼ିଆ ଘର ବନେଇ ଦିଅନ୍ତି । ପୁଣି ପାଣିର ସୁବିଧା ମଧ୍ୟ କରିଦିଅନ୍ତି । ସେମାନେ ନିକଟ ବଜାରରୁ ସଉଦା ପତ୍ର ଆଣି ରୋଷେଇ କରିଖାଆନ୍ତି । ସେମାନେ ପ୍ରତ୍ୟହ ସକାଳରୁ ସଂନ୍ଧ୍ୟା ପର୍ଯ୍ୟନ୍ତ କଠିନ ପରିଶ୍ରମ କରନ୍ତି ଓ ରାତ୍ରୀରେ ବିଶ୍ରାମ ନିଅନ୍ତି । କେବେ ସେମାନେ କ୍ଳାନ୍ତ ଅନୁଭବ କରନ୍ତି ନାହିଁ । ଏହିପରି ସେମାନେ କେତେ ଯେ କୋଠା ନିର୍ମାଣରେ ଶ୍ରମଦାନ କରିଛନ୍ତି ତାର ହିସାବ ନାହିଁ । ମଝିରେ ମଝିରେ ଠିକାଦାର ଠାରୁ ପାଉଣା ପତ୍ର ନେଇ ନିଜର ସେହି ଭିଟାମାଟିକୁ ସେମାନେ ବୁଲିଯାଆନ୍ତି । କିଛିଦିନ ରହି ପୁରି ଉକ୍ତ ଯାଗାକୁ ଚାଲି ଆସନ୍ତି । ସେହି ଯାଗାର କାର୍ଯ୍ୟ ପରିସମାପ୍ତି ଘଟିଲେ ସେମାନେ ସେଠିକା ସ୍ଥାନ ପରିତ୍ୟାଗ କରି ଆଉ ଏକ ସୁରମ୍ୟ ପ୍ରାସାଦ ନିର୍ମାଣରେ ଲାଗିଯାନ୍ତି ।

ସତେ ଯେମିତି ମହୁମାଛି । ମହୁମାଛିମାନେ ମହୁଫେଣା ତିଆରି କରନ୍ତି ଆଉ କଷ୍ଟ କରି ଏ ଫୁଲରୁ ସେ ଫୁଲ ଉଡି ମହୁ ସଂଗ୍ରହ କରନ୍ତି । ଫେଣା ମଧ୍ୟରେ ଅତି ଯତ୍ନରେ ତାକୁ ସାଇତି ରଖନ୍ତି । କିନ୍ତୁ ବିଚିତ୍ର ଏ ଦୁନିଆ ସ୍ୱାର୍ଥପର ମଣିଷ ମହୁଫେଣାକୁ

ଭାଙ୍ଗି ସବୁ ମହୁ ଚୋରାଇ ନିଏ। ଠିକ୍ ସେହି ଅବସ୍ଥା ଶେଫାଳୀ ଓ ତାର ପରିବାରକୁ ଭୋଗିବାକୁ ପଡ଼ିଥାଏ। ସେମାନେ ନିର୍ମାଣ କରୁଥିବା ଘରେ ବିଳାସ ପୂର୍ଣ୍ଣଜୀବନ ବିତାନ୍ତି। ସମାଜର ତଥା କଥିତ ଧନିକ ଓ ବୁଦ୍ଧିଜିବି ବ୍ୟକ୍ତି ବିଶେଷମାନେ।

ଏଥି ମଧ୍ୟରେ ଶେଫାଳୀକୁ କୋଡିଏ ବର୍ଷ ପୁରିଯାଇଛି। ସେ ଆଦିବାସି କୂଳର ପରମ୍ପରା ଅନୁସାରେ ସୂରଜ ନାମକ ଗୋଟିଏ ଯୁବକକୁ ବାହାହୋଇଛି। ଆଉ ସୂରଜ ମଧ୍ୟ ଜଣେ ଉତ୍ତମ ଚରିତ୍ର ଓ ପରିଶ୍ରମି ଲୋକଟିଏ। ଉଭୟେ ନିଜ ନିଜର ସୁଖ ଦୁଃଖ ବାଣ୍ଟି ଖୁବ୍ ଆନନ୍ଦରେ ଚଳିବାରେ ଲାଗିଯାନ୍ତି। କିଛି କିଛି ଦିନ ଅନ୍ତରରେ ସେମାନଙ୍କ କୋଳ ମଣ୍ଡନ କରି ଗୋଟିଏ ଝିଅ ଓ ଗୋଟିଏ ପୁଅଜନ୍ମ ନିଅନ୍ତି। ଝିଅର ନାମ ମିତା ଓ ପୁଅର ନାମ ଗୁଡୁ ସେମାନେ ରଖନ୍ତି। ସପରିବାର ସେହି ପିଲା ଦୁଇଟିକୁ ଆତି ଆଦର ଓ ଯତ୍ନରେ ପାଳିବାକୁ ଲାଗନ୍ତି। ସେଠିକା କାମ ପରିସମାପ୍ତି ହେତୁ ଶେଫାଳୀ ଓ ତାର ପରିବାର ସେ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର ହୁଅନ୍ତି। ଏକ ବଡ ଆଧୁନିକ ବହୁତଳ ବିଶିଷ୍ଟ ସପିଙ୍ଗ୍‌ମଲ୍‌ର ନିର୍ମାଣ ପାଇଁ ନୂଆ ଯାଗାଟିଏ ପାଇ ଛୁଆ ଦୁଇଟି ଭାରି ଖୁସି ହୁଅନ୍ତି।

ସପିଙ୍ଗ୍ ମଲ୍‌ର ନିର୍ମାଣ ଶୈଳି ବିଶ୍ୱର ବଛା ବଛା ସହରର ନିର୍ମାଣ ଶୈଳିକୁ ଦୃଷ୍ଟିରେ ରଖି ନିର୍ମାଣ ହୁଏ। ଇଞ୍ଜିନିୟର୍ ଓ ଆର୍କିଟେକ୍ଚରମାନେ ସପିଙ୍ଗ୍ ମଲ୍‌ର ଡିଜାଇନ୍ ପ୍ରସ୍ତୁତ କଲେ। କାର୍ଯ୍ୟ ଆରମ୍ଭ ହେଲା। ବଡ ବଡ ନମ୍ବରଓ୍ୱାନ୍ ଠିକାଦାରମାନଙ୍କୁ ସପିଙ୍ଗ୍ ମଲ୍‌ର ଡିଜାଇନ୍ ସମ୍ବନ୍ଧରେ ବୁଝାଇ ଦିଆଗଲା। କାର୍ଯ୍ୟ ମଧ୍ୟ କ୍ଷିପ୍ର ଗତିରେ ଆଗେଇ ଚାଲିଲା। ଶେଫାଳୀ ଓ ତାର ପରିବାର ମନପ୍ରାଣ ଲଗାଇ କାର୍ଯ୍ୟରେ ଲାଗିପଡ଼ିଲେ। ସତେ ଯେମିତି ତାଙ୍କର ଆପଣାର ଘର। ଏଣେ ପିଲା ଦୁଇଟି ମଧ୍ୟ ନିଜ ଖିଆଲରେ ମତୁଆଲା। ବାପା ମାଆଙ୍କ ସହ କେତେବେଳେ ବାଲି ଗଣ୍ଡାଏ କଡ଼େଇରେ ବୋହି ନିଅନ୍ତି ତ ପୁରି କେତେବେଳେ ଇଟା କେତେ ଖଣ୍ଡ ଆଣି ଯୋଗେଇ ଦିଅନ୍ତି। ଆଉ କେତେବେଳେ ନୂଆଘର କାମ ଉପରେ ପାଣି ପକାନ୍ତି ତ ପୁରି ନାଚି କୁଦି ଗୀତ ଗାଇ ନାଚନ୍ତି। ସେମାନଙ୍କ ମାନସପଟରେ ସେ ଘର ଯେପରି ତାଙ୍କର ନିଜସ୍ୱ। କ୍ରମଶଃ ସପିଙ୍ଗ ମଲ୍‌ର କାମ ସରିସରି ଆସେ। ବିଭିନ୍ନ ପ୍ରକାର ଟାଇଲ୍, ମାର୍ବଲ, ଗ୍ଲାସ ଓ ରଙ୍ଗରେ ତାହା ଝଲସି ଉଠୁଥାଏ। ଇନ୍ଦ୍ରଧନୁର ସାତରଙ୍ଗ ପରି ମଲ୍‌ଟି ଚକ୍ ଚକ୍ କରୁଥାଏ। ସତେକି କେଉଁ ପରିରାଜର ପରିମାନେ ଆସି ଏଠରେ ବିପଣି ସଉଦାର ବଜାର ମେଲି ବସିବେକି। ଇତି ମଧ୍ୟରେ ସପିଙ୍ଗ୍ ମଲ୍‌ର କାର୍ଯ୍ୟ ସରିଯାଇଛି। ଏହାର ପ୍ରତିଷ୍ଠା ଦିବସ ପାଳନ କରିବା ନିମିତ୍ତ ନିର୍ମାଣକାରିସଂସ୍ଥା ଆୟୋଜନ କରନ୍ତି। ବହୁ ମାନ୍ୟଗଣ୍ୟ ଲୋକ, ମନ୍ତ୍ରୀ ତଥା ଅଫିସରମାନଙ୍କୁ ନେଇ ଅତି ଆଡ଼ମ୍ବରରେ ମଲ୍‌ର ପ୍ରତିଷ୍ଠା ଦିବସ ପାଳନ ନିମିତ୍ତ ବ୍ୟବସ୍ଥା କରାଯାଇଛି।

ଆଜି ହେଉଛି ସପିଙ୍ଗ୍‌ମଲ୍‌ର ପ୍ରତିଷ୍ଠା ଦିବସ। ବିଭିନ୍ନ ରଙ୍ଗ ବେରଙ୍ଗର ଆଲୋକମାଳା, ରଙ୍ଗ ବେରଙ୍ଗର କାଗଜ ଫୁଲ, ଜରିମାଳ ଓ ପୁଷ୍ପଆଦିରେ ମଲ୍‌ଟି ଛାଇଯାଇଛି। ବ୍ୟାନର୍ ପୋଷ୍ଟରମାନ ଲଗାଯାଇଛି। ଏସବୁ ଦେଖି ମିତା ଓ ଗୁଡୁର ମନ ଅତି ଆନନ୍ଦ। କାରଣ ଏହି ଦିନଟିକୁ ସେମାନେ କେବେଠୁ ଅପେକ୍ଷା କରି ରହିଥିଲେ। ସେମାନେ ଏହି ମଲ୍‌ଟିକୁ କେତେ ଯେ ନିଜର ଭାବନ୍ତି। ମୁଣ୍ଡଝାଳ ତଳିପାରେ ମାରି ଦିନରାତି କଠିନ ପରିଶ୍ରମ କରି ତାର ବାପା ମାଆ ଓ ପରିବାର ଏ କାର୍ଯ୍ୟ ସମାପନ କରିଛନ୍ତି। ସେମାନେ ଛୋଟ ହେଲେବି ବିନା ପାରିଶ୍ରମିକରେ କେତେ ଛୋଟ ଛୋଟ କାର୍ଯ୍ୟ ସମାପନ କରିଛନ୍ତି। ଆଜି ଏଠାରେ ନାଚହେବ, ଗୀତ ଗାଇବା ହେବ, କେତେ କେତେ ଲୋକ ଆସିବେ, ମନ୍ତ୍ରୀ ଭାଷଣ ଦେବେ ଓ ରିବନ୍ କାଟିବେ। କେତେ ଜେ ମଜା ହେବ, ଭାବି ଭାବି ଭାଇ ଭଉଣୀ ଦୁହିଁଙ୍କ ଗୋଡ ତଳେ ଲାଗୁନାହିଁ। ମାତ୍ର ଏ କ'ଣ ହଠାତ୍ ମିତା ଓ ଗୁଡୁଙ୍କ ମାଆ ଶେଫାଳୀ ଆସି ତାଙ୍କ ଦୁହିଁଙ୍କ ହାତଧରି ଟାଣିନେଲେ ଆଉ କହିଲେ ଯେତେଶୀଘ୍ର ଏଠାରୁ ଚାଲ ଚାଲିଯିବା ଏହା ହେଲା ଗୃହନିର୍ମାଣ କାରୀ ସଂସ୍ଥାର ଆଦେଶ। ଏ ନୋଟିସ୍ ସଂସ୍ଥା ତାଙ୍କୁ ଏକ ସପ୍ତାହ ଆଗରୁ ଦେଇ ସାରିଛି। ମାତ୍ର ନୂଆ ଯାଗା ସୂଚିତ ହୋଇନଥିବାରୁ ଆଉ ପିଲା ଦୁହିଁଙ୍କ ଆଗ୍ରହକୁ ଏଡାଇ ନପାରି ଶେଫାଳୀ ଓ ତା ସ୍ୱାମି ଯାଇ ନାହାନ୍ତି। ସପିଙ୍ଗ୍ ମଲ୍‌ର ପ୍ରତିଷ୍ଠା ଅବ୍ୟବହୃତ ପୂର୍ବରୁ ମଲ୍ ଓ ତାର ଚର୍ତୁପାଶ୍ୱ ସଫା ଓ ଖାଲି କରିବାକୁ କଡା ନିର୍ଦ୍ଦେଶ ସଂସ୍ଥା ଦେଇଛି। ଏଣେ ପିଲା ଦୁଇଟି ଅବୁଝା ହେଉଛନ୍ତି,

ସେମାନେ ସପିଙ୍ଗ୍ ମଲ୍‌ର ପ୍ରତିଷ୍ଠା ଦିବସ ଦେଖିବେ, ନାଚଗୀତ ଦେଖିବେ ପୁଣି ମନ୍ତ୍ରୀଙ୍କ ଭାଷଣ ଶୁଣିବେ। ବିଚରା ଶେଫାଳୀ କ'ଣ ବା କରନ୍ତା ଚପଳମତି ପିଲା ଦିଟାଙ୍କୁ କେମିତି ବୁଝାଇବ ଯେ, ଏ ସବୁ ଭି.ଭି.ଆଇପିଙ୍କ ଗହଣରେ ଏ ମଳିମୁଣ୍ଡିଆଙ୍କ ସ୍ଥାନ ନାହିଁ। ମାଳି ଶ୍ରମକରେ ବଗିଚାରେ, ଆଉ ମୁଣ୍ଡଝାଳ ତଳିପାରେ ମାରେ, ପୁଣି ବୃକ୍ଷ, ପୁଷ୍ପର ସମ୍ଭାରରେ ଡାଳେ ଡାଳେ ପୁଷ୍ପ ଢାଳିଦିଏ। ହେଲେ ସ୍ୱାର୍ଥପର ମଣିଷ କ'ଣ କିଛି ବୁଝିପାରେ। ପୁଷ୍ପ ତ ନିଏ ମାତ୍ର ବୃକ୍ଷର ଡାଳ, ପତ୍ର ପାଖୁଡା ଆଦିକୁ ଅତି ନିର୍ଦ୍ଦୟ ଭାବରେ ଅଲଗା ଅଲଗା କରିଦିଏ। ଶେଫଳୀ ପିଲାଦୁଇଟିଙ୍କୁ ବୁଝାଇ ସୁଝାଇ ସେଠାରୁ ଚାଲିଯିବା ପାଇଁ ଚେଷ୍ଟକଲାବେଳେ ପିଲା ଦୁଇଟି ଅତି ବିକଳ ହୋଇ କାନ୍ଦି ଉଠିଲେ। କି ବିଚିତ୍ର ଏ ସମାଜ ସମସ୍ତଙ୍କ ମୁଖରେ ହସ ଓ ଉତ୍ସାହ ବେଳେ ବିଚରା ଏ ପିଲା ଦୁଇଟିଙ୍କ ଆଖିରେ ଲୁହ କ'ଣ ପାଇଁ। ଏ କଥାକୁ ତର୍ଜମା କରିବାକୁ କାହାରି ପାଖେ ନାହିଁ। ହାତରେ ଗୋଟିଏ ମଇଳା ବ୍ୟାଗ୍, ଦୁଇଟା ଲୁଗାର ଗଣ୍ଠିଲି ଆଉ କିଛି କଂସାବାସନ ଧରି ଶେପାଳୀ ସୂରଜ ସ୍ଥାନ ପରିତ୍ୟାଗ କରିବାକୁ ବାହାରିଲେ।

ସପିଙ୍ଗ୍ ମଲ୍‌ର ପ୍ରତିଷ୍ଠା ପାଇଁ ଅତିଥିମାନେ ଆସିଯାଇଛନ୍ତି। ମନ୍ତ୍ରୀଙ୍କ ଦ୍ୱାରା ରିବନ୍ କଟାଯାଇ ମଲ୍‌କୁ ପ୍ରବେଶ କରାଗଲା। ଭାଷଣ ବାଜି ଚାଲିଲା, ନାଚ ଗୀତର ଆସର ଜମିଲା ପୁରି ଖାଦ୍ୟ ପାନୀୟ ମଧ୍ୟ ଚାଲିଲା। କିଛି ମାନ୍ୟଗଣ୍ୟ ବ୍ୟକ୍ତି ନିଶା ପାନୀୟରେ ମଧ୍ୟ ମାତିଗଲେ। ଏତିକିବେଳେ ଶେଫାଳୀ ତାର ଦୁଇଟି ପିଲା ଓ ସ୍ୱାମିକୁ ଧରି ମଲ୍‌ର ପଛଦ୍ୱାରା ନେଇ ଗଲାବେଳେ ଉକ୍ତ ନିଶାଡ଼ିଙ୍କ ସମ୍ମୁଖରେ ପଡ଼ିଗଲେ। ସେମାନେ ଏହି ମଳି ମୁଣ୍ଡିଆ ଲୋକଙ୍କୁ ଦେଖି ଗର୍ଜିଉଠିଲେ, ନାକ ଟେକିଲେ ଆଉ ଇରାଜିରେ ବଡ ବହ ଆଖିକାଢ଼ି ଗାଳିଦେଲେ। ବିଚରା ଗୁଡୁର ଛୋଟ ହୃଦୟ ଓ ଛୋଟିଆ ମନ ଭରି ଡରିଗଲା ଏବଂ ସେ ଚେତାସୂନ୍ୟ ହୋଇଗଲା। ଶେଫାଳୀ ସେହି ଅବସ୍ଥାରେ ପିଲା ଦୁଇଟିଙ୍କୁ ଧରି ଅତି ଦୟନୀୟ ଅବସ୍ଥାରେ ସେହି ସ୍ଥାନକୁ ପରିତ୍ୟାଗ କଲା। ଶେଫାଳୀ କିଛି ବୁଝିପାରିଲାନି, କ'ଣ ତାର ଭୁଲ୍, କାହିଁକି ସେ ଗାଳି ଶୁଣିଲା ଅପମାନ ପାଇଲା। କେବଳ ଭୁଲତାର ଏତିକି ଯେ ସେ ସ୍ୱଚ୍ଛକିଛି ପଇସା ପାଇଁ ମୁଣ୍ଡଝାଳ ତଳିପାରେ ମାରି କଠିନ ପରିଶ୍ରମ କରିଛି। ମାତ୍ର ଏଠାରେ ତାର ସ୍ଥାନ ନାହିଁ। ଏ ସଂସ୍କାରୀ ମଣିଷତାର ଟିକିଏ ଠିକ୍ ଭୁଲର ବିଚାର କଲାନାହିଁ। ବରଂ ଜଡ, ପାଷାଣ ବସ୍ତୁପରି ପ୍ରହାର କଲା।

ଶେଫାଳୀ ତାର ଝିଅ, ପୁଅ ଓ ସ୍ୱାମୀଙ୍କୁ ଧରି ଚାଲିଆସିଲା ରାସ୍ତାକଡର ଏକ ବଡ ଗଛମୂଳକୁ। ତା ସହ ଆସିଥିବା ତାର ପରିବାର ଲୋକ କିଛି ଭିଟା ମାଟିକୁ ଫେରିଗଲେ ଏବଂ ଆଉ କିଛି ତାଙ୍କ ରହିବା ପାଶ୍ୱ ଗଛମୂଳରେ ଆଶ୍ରୟ ନେଇଥିଲେ। କିଛି ସମୟ ପରେ ଗୁଡୁର ଚେତା ଫେରିଲା। ସେ ଦେଖିଲା ତାର ମାଆ କେତେ ଗୋଟି ପଥରକୁ ଖଞ୍ଜି ଚୁଲିକରି ରୋଷେଇରେ ବ୍ୟସ୍ତ ବାପା ତାର ଖଣ୍ଡେ କାଠର ମୂଳକୁ ଚିରିବାରେ ଲାଗିଥାନ୍ତି। ଭଉଣୀ ତାର ଗୋଟିଏ ଲୁଗାକୁ ଦୋଳିକରି ଗଛର ଡାଳରେ ଝୁଲୁଥାଏ। ଏତିକିବେଳେ ଗୁଡୁ ଡାକ ଦେଲା ମା' ମା' ମତେ ଭାରି ଭୋକ ଓ ଶୋଷ ଲାଗୁଛି ମତେ ମଲ୍ ପ୍ରତିଷ୍ଠା ଉତ୍ସବରୁ ଆଣିଥିବା ଖାଦ୍ୟରୁ କିଛି ଦିଅ। ଶେଫାଳୀ କହିଲା ନାହିଁରେ ପୁଅ ସେ ଖାଦ୍ୟ ଆମ ପାଇଁ ନୁହଁ। ସେ ସ୍ଥାନ ଯେମିତି ଆମ ପାଇଁ ନୁହଁ ଠିକ୍ ସେମିତି। ଗୋଟିଏ ଡାଟିଆରେ କିଛି ପାଣି, କଂସାରେ କିଛି ଭାତ ଓ ତୋରାଣୀ ଆଉ ଥାଳିଆରେ କିଛି ସାଗଭଜା ଦେଲା ଖାଇବା ପାଇଁ କହିଲା। ଗୁଡୁ ମା'ର ମୁହଁକୁ ଚାହିଁଲା ଓ କାନ୍ଦ କାନ୍ଦ ଆଖିରେ ତାକୁ ଖାଇଲା। ମିତା ଦୋଳିରେ ଝୁଲି ଝୁଲି ଗୁଡୁକୁ ଦୋଳି ଖେଳିବାକୁ ଡାକିଲା। ଆଉ କହିଲା ତୁ ମନ ଦୁଃଖ କରନା ଏଇ ଦେଖୁଛୁ ଆମର କେତେବଡ ଦୂନିଆ, ଆମ ମୁଣ୍ଡ ଉପରେ କେତେବଡ ଛାତ ଆଉ ଏହା ହେଉଛି ଆମପାଇଁ ଭଗବାନଙ୍କ ଆଶୀର୍ବାଦ। ଉପରେ ଆକାଶ, ପାଦତଳେ ବସୁମାତା ପୁଣି ସବୁଜିମା ଭରା ପୃଥିବୀ ଆଉବା ଆମର କ'ଣ ଦରକାର। ଏଠାରୁ ଆମକୁ କେହି ଚାଲିଯିବାକୁ କହିବେ ନାହିଁ, ଗାଳି ଦେବେନି କି ମାରିବେ ନାହିଁ। ଏଠାରେ କେହି ନାହାନ୍ତି ଆମର ଶତ୍ରୁ କି କେହି ନାହାନ୍ତି ମିତ୍ର। ଏତର ଶେଫାଳୀଳ ସୂରଜ ଓ ମିତା ଏକ ସ୍ୱରରେ କହିଉଠିଲେ ଏହା ହେଉଛି ଆମ ହସ ଖୁସିର ସଂସାର ଆଉ ସ୍ନେହ ପ୍ରେମ ଅଛି ଯହିଁ ନିରନ୍ତର। ସମସ୍ତେ ଈଶ୍ୱରଙ୍କୁ ଧନ୍ୟବାଦ ଦେଇ ପ୍ରଣାମ କଲେ।

# ଚିର ବନ୍ଦନୀୟା ନାରୀ

ପ୍ରୀତିପୂର୍ବା ମହାନ୍ତି

ନାରୀ ସର୍ବଦା ବନ୍ଦିତା, ପୂଜିତା । ନାରୀ ହିଁ ଏ ସୃଷ୍ଟିର ମୂଳ । ନାରୀ ପ୍ରାଣଦାତ୍ରୀ, ସୃଷ୍ଟିକର୍ତ୍ତ୍ରୀ, ତ୍ରାପଦାତ୍ରୀ । ସେ ଏକାଧାରରେ ଜାୟା, ଭଗୀନୀ, ମାତା ଏବଂ କନ୍ୟା । ସେ ଶକ୍ତି ପ୍ରଦାୟିତୀ, ଶାନ୍ତି ପ୍ରଦାୟିନୀ । ସେ ହୋଇପାରେ ବିନୟୀ ସେ ବି ହୋଇପାରେ କ୍ରୁର । ସେ ହୋଇପାରେ ଅଭୟ ପ୍ରଦାୟିନୀ ସେ ବି ହୋଇପାରେ ଭୟସ୍ରଷ୍ଟା । ଯଦି ନାରୀ ଏତେ ସବୁ ଶକ୍ତି ତ ଗୁଣର ଅଧିକାରୀଣୀ, ତେବେ କ'ଣ ପାଇଁ ସେ ଆଜି ହରାଇ ବସିଛି ତା ଅସ୍ତିତ୍ୱ ? କ'ଣ ପାଇଁ ଆଜି ତା ପରିଚୟ ନିଶ୍ଚିହ୍ନ ? ଏସବୁ ପ୍ରଶ୍ନର ଉତ୍ତର ଦେବା ବଡ କଠିନ ।

ବୈଦିକ ଯୁଗରୁ ନାରୀ ସର୍ବତ୍ର ସମ୍ମାନିତା । ନାରୀର ସମ୍ମାନ ଓ ଅହଂକାର ହିଁ ଏକ ଗୃହର ଗର୍ବ । ସେ ହୋଇଥାନ୍ତୁ ରାମାୟଣର ସୀତା କିମ୍ବା ହୋଇଥାନ୍ତୁ ମହାଭାରତର ଦ୍ରୌପଦୀ । ନାରୀ ହିଁ ସର୍ବଦା ପୁରୁଷର ଶକ୍ତି । ନାରୀର ବିଶ୍ୱାସ, ନାରୀର ପ୍ରେରଣା, ନାରୀର ପ୍ରାର୍ଥନା ହିଁ ପୁରୁଷକୁ ଯୁଗେ ଯୁଗେ କରାଏ ସଫଳ । ରାଣୀ ଲକ୍ଷ୍ମୀବାଇ ବି ଜଣେ ନାରୀ ହିଁ ଥିଲେ । ଯିଏ ନିଜ ପୁତ୍ରକୁ ପିଠିରେ ପକାଇ ରଣକ୍ଷେତ୍ରକୁ ଯାଇ ଦେଶ ପାଇଁ ଜୀବନ ଦେଇଥିଲେ । ନାରୀ ସର୍ବଦା ସ୍ୱୟଂ ସମ୍ପୂର୍ଣ୍ଣା ନାରୀ କେବେ ଆବଶ୍ୟକ କରେନା କେଉଁ ପୁରୁଷର ଉପସ୍ଥିତି । ମାତ୍ର ସର୍ବଦା ନାରୀ ପୁରୁଷ ହାତର ଖେଳନା କ'ଣ ପାଇଁ ବନିଯାଏ ? ଆଜିର ନାରୀ କ'ଣ ଲକ୍ଷ୍ମୀବାଇ ନୁହେଁ ? ନାରୀର ଜନ୍ମ କ'ଣ ଖାଲି 'ନିର୍ଭୟା' ହେବା ପାଇଁ ? ନା ମଲାଲା ହୋଇ ନୂଆ ଇତିହାସ ରଚିବା ପାଇଁ ?

କୁହାଯାଏ ଗୋଟେ ପୁରୁଷର ସଫଳତା ପଛରେ ସର୍ବଦା ଗୋଟେ ନାରୀର ହାତ ଥାଏ । ମାତ୍ର ସତ୍ୟ ହେଲା, ଗୋଟେ ନାରୀର ସମ୍ମାନ ହେଉ କି ଅପମାନ ଏ ସବୁ ପଛରେ ବି କେବଳ ଜଣେ ନାରୀ ହିଁ ଥାଏ । ସର୍ବଦା ଏ ସମାଜ ପୁରୁଷକୁ ଦୋଷାରୋପ କରେ । କେହି କେବେ ଏ କଥା ଭାବନ୍ତିନି କି ପୁରୁଷକୁ ଏ ସାଂସାରିକ ମାୟାରେ ପୁରାଏ ଜଣେ ନାରୀ । ଲୋକ ଦେଖନ୍ତି ଯେ ଗୋଟେ ସ୍ୱାମୀ ତା ସ୍ତ୍ରୀକୁ ଯୌତୁକ ନିର୍ଯ୍ୟତନା ଦେଉଛି । ମାତ୍ର ସେ ସ୍ୱାମୀକୁ ପ୍ରରୋଚିତ କରିବାରେ ହାତ ବି ଜଣେ ନାରୀର ଥାଏ । ସେ ମା ହେଉ କି ଭାଉଜ । ଲୋକଙ୍କୁ ଦେଖାଯାଏ ଯେ ସ୍ୱାମୀ ତା ସ୍ତ୍ରୀକୁ କନ୍ୟା ଗର୍ଭପାତ କରିବାକୁ ବାଧ କରୁଛି । ମାତ୍ର ସେ ଗର୍ଭପାତ ପଛରେ ନାରୀ ସମାଜର ଗାଳି ଓ ନିନ୍ଦା ଗଞ୍ଜଣା ଥାଏ । ଯାହା ସ୍ତ୍ରୀ ପକ୍ଷରେ ଅସହ୍ୟ ହୁଏ । ଯେତେବେଳେ ଗୋଟେ ଝିଅ ଧର୍ଷିତା ହୁଏ । ସେ ପୋଲିସ୍ ପାଖକୁ ଯିବାକୁ ଡରେ । କାରଣ ତା ଜୀବନରେ ଥିବା ଅନ୍ୟ ନାରୀମାନେ ତାକୁ ମନୋବଳ ଦେବା ବଦଳରେ ଅଧିକ ଦୁର୍ବଳ କରି ଦିଅନ୍ତି ସମାଜରେ ଲାଞ୍ଛିତ ହେବାର ଭୟ ଦେଖାଇ ସବୁବେଳେ ଏ ସମାଜ ଗୋଟେ ନାରୀକୁ ନ୍ୟୁନ, ଗ୍ୟହପ୍ରିୟା, ଅବଳା, ଲଜ୍ଜାଶୀଳା ବୋଲି ଭାବେ । ଏସବୁ ଭାବନା ବି ଗୋଟେ ନାରୀ ଠାରୁ ଜାତ । ମା ତା ଶିଶୁକୁ ଯାହା ଶିକ୍ଷା ଦିଏ ଶିଶୁ ଉପରେ ତାହା ଅନେକ ପ୍ରଭାବ ପକାଏ । ନାରୀକୁ ସମ୍ମାନ ଦେବାର ଶିକ୍ଷା ବହୁତ କମ୍ ମା ତାଙ୍କ ପୁରୁଷ ଶିଶୁକୁ ଦିଅନ୍ତି । ବରଂ ଯଦି ଜଣେ ପୁରୁଷ ତା ସ୍ତ୍ରୀକୁ ପ୍ରେମ ଓ ସମ୍ମାନ କରେ, ତେବେ ଏ ସମାଜରେ ସେ ଜରେ 'ମାଇପ ବୋଲା' ବୋଲି ସମ୍ବୋଧିତ ହୁଏ ।

ଏବେ ଆପଣଙ୍କ ମନରେ ପ୍ରଶ୍ନ ଆସୁଥିବ, ଏ ସବୁର କଣ କିଛି ସମାଧାନ ନାହିଁ ? ସମାଧାନ ବି ସେହି ନାରୀ ପାଖରେ ହିଁ ଅଛି । ନାରୀ ଯେବେ ଅନ୍ୟ ନାରୀର ସମ୍ମାନ କରି ଶିଖିବ । ନିଜ ଅସ୍ତିତ୍ୱକୁ ବୁଝି ଶିଖିବ । ନାରୀ ସୁଲଭ ଗୁଣ ସହ ଶକ୍ତି ବି ପ୍ରଦର୍ଶନ କରିବ । ସେଦିନ ଯାଇ ଏସବୁ ସାମାଜିକ ସମସ୍ୟାର ସମାଧାନ ହୋଇପାରିବ । ନଚେତ୍ ଏ ସମସ୍ୟା ଏମିତି ଯୁଗ ଯୁଗ ଧରି ନାରୀକୁ ଶୋଷଣ କରିବ । ଏଥିରେ ସନ୍ଦେହ ନାହିଁ ।

ଉତ୍କଳ ବିଶ୍ୱବିଦ୍ୟାଳୟ
Dept. of PMSIR

# ପ୍ରକୃତିର୍ ଏକ ନିଷ୍କପଟ ପୂଜାରୀ : କବି ପଦ୍ମଶ୍ରୀ ହଲଧର୍ ନାଗ

ବ୍ରଜମୋହନ ମେହେର

ଶୃଂଗାରୀଚେତ୍ କବିଃ କାବ୍ୟଂ ରସମୟଜଗତ୍‌ର ଶୀର୍ଷ ସୋପାନରେ ଉପନୀତ ହୋଇଥିବା କବିକୂଳତିଳକ କାଳିଦାସଂକ 'ଋତୁ ସଂହାର' ଉଣାଅଧିକେ ସମସ୍ତେ ପଢ଼ିଥିବେ; ଯାହାକି ପ୍ରକୃତି ବର୍ଣ୍ଣନା ଆଧାରିତ ହୋଇଥିଲେ ମଧ୍ୟ ଭଂଜଂକ "କୂଳ ଲଂଘିବା ଇଛା କଲେ ସଦା/ ରସବସେ ନଦୀଜଳ ପ୍ରମଦା" ଭଳି ଶୃଂଗାର ରସରେ ହିଁ ଭରପୁର । ସେହିଭଳି କାଳିଦାସ ବା ଭଂଜଂକ ଋତୁ ବର୍ଣ୍ଣନା ସହିତ ଜଗନ୍ନାଥ ଦାସ ବା ମଧୁସୂଦନ ରାଓଙ୍କର ବର୍ଣ୍ଣନା କାହିଁକେତେ ଦୂର.... "ଦୂରେ ଥିଲେ ପାଶେ ଅଛି ଏହାଥିବୁ ଘେନି/ କେତେ ଦୂରେ ଚନ୍ଦ୍ର କେତେ ଦୂରେ କୁମୁଦିନୀ"ର ଠିକ୍ ବୈପରୀତ ରକ୍ଷାକରି । ଏହିଭଳି ଏକ ପ୍ରାକୃତିକ ଯଜ୍ଞବେଦୀର ଐକାଂତିକ ମନ୍ତ୍ରପାଠକ ହେଉଛନ୍ତି କୋଶଳୀ ସାହିତ୍ୟର ମହାରଥ ପଦ୍ମଶ୍ରୀ ହଳଧର ନାଗ; ଯାହାଙ୍କ କଲମ ମୁନରୁ ନିଃସୃତ ହୋଇପଡେ ସଂପୂର୍ଣ୍ଣ ପ୍ରକୃତି ମୂଳକ କାବ୍ୟ: 'ବଛର' (ବତ୍ସର = ବର୍ଷ) ଏକ ନୂତନ କାହାଣୀ ପରିଚୟ ବହନ କରି । ଏହାପୁଣି ପୌରାଣିକତାର ଭ୍ରମ ସୃଷ୍ଟି କରିବାରେ ଏକାନ୍ତ ସମର୍ଥ ।

ମଧୁରାଓଙ୍କ "ତୁହି ମା ଧରଣୀ ଜନନୀ ମୋହର ଧରିଛୁ ମା' ମୋତେ କୋଳେ/ ଲୋଟୁଅଛି ସିନ୍ଧୁ ତୋହରି ଚରଣେ ଆହାକି ଉତ୍ସାହ ଭୋଳେ"ରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ ପୃଥିବୀ ଆମର ମା । ଏହି କବିତା ପୂର୍ବରୁ ହିଁ କାହିଁକେଉଁ ଅନନ୍ତ କାଳରୁ ଧରଣୀ ହେଉଛି ଆମରି ମା, ଆମ ସମସ୍ତଙ୍କର ମା' । ସେହିଭଳି ଜହ୍ନମାମୁଁ ବା ଚନ୍ଦ୍ର ହେଉଛନ୍ତି ସମସ୍ତଙ୍କ ମାମୁଁ ।" ଆ ଜହ୍ନମାମୁଁ ଶରଗଶଶୀ/ ମୋ କାହ୍ନୁ ହାତରେ ପଡରେ ଖସି । ଏହି ମା' ଆଉ ମାମୁଁ-ଭାବ ହିଁ ହଳଧର ନାଗଙ୍କ ମନରେ ଭରିଦେଇଛି ଏକ ସ୍ୱତନ୍ତ୍ର କଳ୍ପନା । ଧରତି (ଧରିତ୍ରୀ) ଆଉ ଜହ୍ (ଜହ୍ନ) ହେଉଛନ୍ତି ଦୁଇ ଭାଇ ଭଉଣୀ ।

ଧରତି ଯୁବା ବୟସରେ ପଦାର୍ପଣ କରିଛି.... ଧରତି ଯେ ଗୋଟିଏ ଫୁଲ, ଫୁଟିଛି ଆଷାଢ଼ ମାସର ସଂକ୍ରାନ୍ତିରେ (ରଜସଂକ୍ରାନ୍ତିରେ ରଜୋବତୀ ହୋଇଛି, ଅର୍ଥାତ୍ ଯୌବନାବସ୍ଥାକୁ ପଦାର୍ପଣ କରିଛି ଧରିତ୍ରୀ) ଯଦିଚ ଲାବଣ୍ୟବତୀର ରଜୋଦର୍ଶନ ଭଳି ଆମୂଳଚୂଳ ଉନ୍ମୁକ୍ତ ବର୍ଣ୍ଣନା ନାହିଁ ବା ଭଂଜଂକ ଯଜ୍ଞବେଦିକାର ପରିକଳ୍ପନା ନାହିଁ, ହଳଧର ନାଗଙ୍କ ମାନସ ଉପବନରେ ଦିଶିଯାଇଛି ଏକ କୋମଳ କଳିକା ପ୍ରସ୍ଫୁଟିତ ହେବାର କମନୀୟ ଚିତ୍ର ।

"ଅସାଡ୍ ମାସର୍ ସଂକ୍‌ରାତିଁ ଦିନେ
ଫୁଟ୍‌ଲା ଧର୍‌ତି ଫୁଲ୍
ହିଟ୍‌ଲା ଖାପନ୍ ଦେଲା ମହକନ
ରସ୍ ଜେନ ଥିଲା ଠୁଲ୍ ।

ଫୁଲ୍ ଫୁଟେ କେଭେଁ ସୁରେଇ ସୁରେଇ
ଭଅଁର୍ ଜାଏସି ଧାଇଁ
ଧର୍‌ତି ଫୁଲ୍‌କେ ଧାଏଁଲା ସମିଆଁ
ମନ୍ ଥାବେଁ ରହେ ନାଇଁ ।
ଦେଖ୍‌ଲା ଧର୍‌ତି ରସର୍ ଭର୍‌ତି
ଫୁଲ୍ ଫୁଟି ବୁଗ୍‌ବୁଗା
ସମିଆଁ ଭଅଁର୍ ମନ୍‌ଟା ଉତେଲ୍
ଲୁଭେ ହେଲା ସୁଗ୍‌ସୁଗା ।"

ଧର୍‌ତିଫୁଲ ମହକରେ ଆକର୍ଷିତ ହୋଇ ପଡ଼ିଛି ରସିକ ସମିଆ(ସମୟ) । ଦୁହିଁଙ୍କ ମଧ୍ୟରେ ସୃଷ୍ଟି ହୋଇଛି ପ୍ରେମର ପାର୍ବଣୀ ଭାଇ ଜନ୍(ଜହ୍ନ) କିନ୍ତୁ ଏହି ପ୍ରେମ ସଂପର୍କରେ ଅନବହିତ ହୋଇ ସ୍ୱର୍ଗର ଅଧିପତି ଇନ୍ଦ୍ରଙ୍କ ପାଖରେ ପକାଇ ଦେଇଛନ୍ତି ବିବାହ ପ୍ରସ୍ତାବ । ସେ ଯେତେବେଳେ ଏଥିରେ

ଇନ୍ଦ୍ର ରାଜି ହୋଇଯାଇଥିବାର କଥା ଧରତିକୁ କହିଛନ୍ତି, ଭଉଣୀ ମୁହଁରୁ ଖୁସି ପରିବର୍ତ୍ତେ ଦୁଃଖର ଝଲକ ଦେଖିଛନ୍ତି ଓ ସମିଆ ସହିତ ପ୍ରେମସମ୍ବନ୍ଧ ରହିଥିବାର କଥା ଶୁଣି ହତଚକିତ ହୋଇଯାଇଛନ୍ତି । ସଭାକୁ ଯାଇ ଇନ୍ଦ୍ରଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି । କିନ୍ତୁ ଇନ୍ଦ୍ର ସମିଆ ଉପରେ ନେଇଛନ୍ତି ପ୍ରତିଶୋଧ । ସମିଆକୁ ତାଙ୍କ ବଜ୍ର ପ୍ରହାରରେ କରିଦେଇଛନ୍ତି ଖଣ୍ଡବିଖଣ୍ଡ । ମୃତ ପ୍ରିୟତମର ମରଣ ଧର୍‌ତି ପାଇଁ ଅସହନୀୟ । ଅତ୍ୟନ୍ତ ବ୍ୟାକୁଳତାର ସହିତ କ୍ରନ୍ଦନ କରୁଥିବା ଜାଣି ପରମପିତା ବ୍ରହ୍ମା ଧର୍‌ତିକୁ ଦେଇଛନ୍ତି ଆଶ୍ୱାସନା, ସେ ଛପନକୋଟି ଜୀବ ଆଉ ଜୀବନ ଭଣ୍ଡାରର ଜନ୍ମଦାତ୍ରୀ ହେବ । ସତେକି ଅଶେଷ ଗୌରବର ଅଧିକାରିଣୀ, ଗଡ଼ନାୟକଙ୍କ 'ମାଟି' । ସାବିତ୍ରୀ ଯମ ସମ୍ମୁଖରୁ ମୃତ ସ୍ୱାମୀଙ୍କୁ ଛଡ଼େଇ ଆଣିଲା ଭଳି ଧର୍‌ତି ମଧ୍ୟ ଅଭିଯୋଗ କରିଛି ଯେ ସେ କେମିତି ନିଜର ପ୍ରିୟତମ ବିନା ସଂତାନବତୀ ହେବ ? ବ୍ରହ୍ମା ଅମୃତ ସିଂଚନ କରିଛନ୍ତି, ସମିଆ ବଞ୍ଚି ଉଠିଛି ଛଅଟି ରୂପରେ । ପୁରାଣର କାର୍ତିକ୍ ଜନ୍ମ ତଥା ଇନ୍ଦ୍ରକର୍ତ୍ତୃକ ଅଣଚାଶ ଖଣ୍ଡ ହୋଇଥିବା ପବନ ଦେବତାଙ୍କ ଜନ୍ମ ପ୍ରସଙ୍ଗ ପ୍ରତିଧ୍ୱନିତ ହୋଇଯାଇଛି ଯେଉଁଭଳି ଏହି ସ୍ଥଳରେ । ବିବାହ ସ୍ଥଳରେ ପାଞ୍ଚଜଣ ବରଙ୍କୁ ଦେଖି ଦ୍ରୌପଦୀ ବିସ୍ମିତ ହେଲାଭଳି ଛଜଣ ସମିଆ ସହିତ କିପରି କାଳ କାଟିବ ଧର୍‌ତି ମନରେ ଖେଳିଯାଇଛି ବିସ୍ମୟ। ବିଧାତାଙ୍କ ବିଧାନରେ ସେମାନେ ହୋଇଯାଇଛନ୍ତି ଷଡ଼ରତୁ । ସେମାନେ ଗୋଟିଏ ପରେ ଗୋଟିଏ ଦୁଇଦୁଇମାସ ବର୍ଷସାରା ଧର୍‌ତିକୁ ଭୋଗ କରିବେ । ଷଡ଼ରତୁ ସମିଆଁ(ସମୟ) ହିଁ ଗୋଟିଏ ବଛର୍ (ବର୍ଷ) । ସେମାନେ ନିଜନିଜ ସ୍ୱରୂପରେ ଧର୍‌ତିକୁ ବିହାର କରିଛନ୍ତି ।

ମହାକବି କାଳିଦାସଙ୍କ 'ତଡ଼ିତ୍‌ପତାକୋଽଶନିଶବ୍ଦତୟମର୍ଦ୍ଦଳଃ' ତଥା ସ୍ୱଭାବକବିଙ୍କ 'କୁମ୍ଭାଟୁଆ ହୋଇ ଭାଟ/ ଆରଂଭିଲା ସ୍ତବପାଠ' ଭଳି ପ୍ରକୃତିର ଜୀବନ୍ତ ମାନବାୟିତ ଚିତ୍ର ପ୍ରତିଫଳିତ କୋଶଳକୋକିଳ (କୋସଲ୍ କୁଏଲି) ହଳଧର ନାଗଙ୍କ କବିତ୍ୱ ଚିତ୍ରପଟରେ । ବର୍ଷାରତୁର ଆଗମନ ପର୍ବରେ ମେଘମାନେ ବାଦ୍ୟକାର, ମୟୂର ନୃତ୍ୟଶିଳ୍ପି, ତାଳଗଛ ବ୍ୟଜନକାରୀ, ନୀଳକଣ୍ଠ ପୁରୋହିତ, ବେଙ୍ଗମାନେ ହୁଳହୁଳି ଶବ୍ଦକାରୀ.... ଏହିଭଳି ଅନେକଚିତ୍ର ଫୁଟିଉଠିଛି ବରବେଶୀ ବର୍ଷାରତୁ ସହିତ ଧରିତ୍ରୀର ବିବାହୋତ୍ସବ ବା ମିଳନ ମହାଯାତ୍ରାର ମହୋତ୍ସବରେ ।

"ରୁତୁ ବର୍‌ସା ଜେ      ପହେଲା ଆଏଲା
ହେଇ କେଡେ ଉବାଗର୍
ମେଘ୍ ବଜ୍‌ନିଏ      ଦୁଲ୍‌ଦୁଲି ବଜା
ବଜାରେ ଅଠି ପହର୍ ।
ନଚ୍‌ନିଆଁ ହେଇ      ନାଚ୍‌ଲା ମଜୁର୍
ଡହକ୍ ଗାଏଲା ଗିତ୍
ତାଲ୍ ଗଛ୍ ଧରି      ହଲାଲା ଧୁକ୍‌ନା
ଟିହା ହେଲା ପୁରୋହିତ୍ ।
ଟେଁଡ଼ାଟିପି ଚଢ଼ି      ବାଟ୍ ବରୁଥିଲା
ଟେଗ୍‌ଟା ମୁଡ୍ ହଲେଇ
ବଂକ୍‌ମାଲି ଧରି      ଟାଙ୍ଗିଚରେ ଗଲା
ଅଧାବାଟ୍ ପର୍‌ଘେଇ ।
ବେଙ୍ଗଟି ରାନି ଜେ      ହୁଲ୍‌ହୁଲି ଦେଲା
ଉସତ୍ ବତର୍ କରି
ବର୍‌ସା ରୁତୁକେ      ଦେଖିବାକେ ଧାଏଁ
ତାର ସଙ୍ଗେ ଫିର୍‌ଫିରି ।"

ରସବନ୍ତ ହୋଇଉଠେ 'ବର୍‌ସା-ଧର୍‌ତି'ର ପ୍ରଣୟମୁହୂର୍ତ୍ତ । ବର୍‌ସା (ବର୍ଷାରତୁ)ର ଆଲିଙ୍ଗନ ଫଳରେ ରୋମାଞ୍ଚିତ ହୋଇପଡେ ଧର୍‌ତି, ହସି ରସି ମିଶିଯାଏ ମନପ୍ରାଣ-

ବର୍‌ସା କରି ରୁତୁ      ଧର୍‌ତି ରାନିକେ
ଆର୍‌ବି ଧଏଲେ କୁଲେଁ
ଦୁହିକର୍ ଦିହି      ଗୁଟେ ହେଇଗଲା
ଭାଚ୍ ପିଚ୍‌ତିର୍ ଭୁଲେଁ ।
ଖୁଲ୍‌ଖୁଲାତେଲ୍      ହଁସ୍‌ତେଲ୍ ହେଲେ
ରୁତୁକୁଲେଁ ଜୁଗ୍‌ରେଇ
ଟେଁକ୍‌ରେଇ ଉଠେ      ଲଟା-ରୁଆ ଜେତେ
ମନଟା ଉତେଲ୍ ହେଲା ।"

କେବଳ ବର୍ଷା ନୁହେଁ, ଛଅରତୁର ଛଅ ମନୋହର

ବୋ ଫୁଟିଉଠିଛି ବିଭିନ୍ନ ରୂପରେ । ଗଙ୍ଗାଧରଙ୍କର 'ବତନ୍ତ ବିଳୟ ବାରତା ପ୍ରଚରିଲା ଭୁବନେ/ ପାଦତ ଆନୀତ ପତର ପରଭୃତ ପଠନେ' ଭଳି ଋତୁରାଜ ବସନ୍ତର ଖବର ଆଣେ ବଉଳିଆ ପବନ ଧରତି ରାନି (ଧରିତ୍ରୀ ରାଣୀ) ନିକଟରେ:-

"ଆସେ ବସଂତ          ରୁତୁରଜା ସେ ତ
ସିତ୍ ଗଲା ଅପ୍‌ସରି
ବଉଲିଆ ଧୁକା          କହେଲା ଖବେର୍
ଧରତିକେ ଆସିକରି
ଗହଗହ ମହ-          ମହ ହେଲେ ରାନି
ଆସବାର ଜାନି ରଜା
ଲାଲ୍ ଜର୍ ଜର୍          କଅଁଳି ପତର୍
ଉଡ଼ାଲେ କେତେଟେ ଧଜା ।"

ସୁନ୍ଦରୀ ଧରତିକୁ ବର୍‌ସା (ବର୍ଷାଋତୁ) ପ୍ରଥମେ ଭୋଗକରିବା କ୍ରମରେ ସମସ୍ତଙ୍କ ପଛରେ ଖରା (ଗ୍ରୀଷ୍ମଋତୁ)ର ପାଳି ରହିଥିବାରୁ ସେ ପ୍ରଚଣ୍ଡ ମାତ୍ରାରେ ରାଗିଯାଇ ପ୍ରଖର ହୋଇପଡ଼ିଛି । ସୂର୍ଯ୍ୟଙ୍କ ତେଜକୁ ସହି ନ ପାରି ସଂଜ୍ଞାଦେବୀ ନିଜର ପ୍ରତିରୂପ ଛାୟା ସୃଷ୍ଟିକରି ନିଜେ ଯେମିତି ଅଶ୍ୱିନୀ ରୂପରେ ଲୁଚିଯାଇଛନ୍ତି, ସେହିଭଳି ପରିସ୍ଥିତି ସୃଷ୍ଟି ହୋଇନାହିଁ ଅବଶ୍ୟ; ବରଂ ନିଜର ଖଣ୍ଡିଆଭୂତ ରୂପକ ହାତରେ ପ୍ରିୟତମ ଖରାର ହାତଧରି ଶାନ୍ତି କରିବା ପାଇଁ ଯତ୍ନଶୀଳା ହୋଇଛି ଧରତି । କେତେ ବିନୟ ଅନୁରୋଧ କରି ବିଭିନ୍ନ ପ୍ରକାର ଫଳ ଯାଚି ଦେଇଛି ନିଜ ହୃଦୟର ପ୍ରକୃତ ଜୀବନସଙ୍ଗିନୀର ଦାୟିତ୍ୱ ଅନୁଭବ କରି । ଯଥା-

"ବିତ୍‌ବିତା ହେଇ          ନି ପାର୍‌ଲେ ସହି
ଖରାର୍ ଜେ ଉତ୍‌ପାତ୍
ଖଣ୍ଡିଆ ଭୁତର୍          ହାତେ ତର୍‌ସର୍
ଧଏଲେ ଖରାର୍ ହାତ୍ ।
ହାଏଲୁଟି ବାଏ-          ଲୁଟି ହେଇକରି
କଲେ କେତେ ବୁଝାମନା
ମନ୍‌ଧରା ହେଇ          ବସେଇ ଖରାକେ
ପର୍‌ସିଲେ ପର୍‌ସନା ।
ନଡ଼ିଆ ସନସ୍          ପିପଲ୍ ଭେଲୁଆଁ
କେନ୍ଦୁ ଚାର୍ ଟୋଲ୍ ବେଲ୍
ତର୍‌ଭୁଜ୍ ଖର୍-          ବୁଜା ତାଲ୍ ସଜ୍
ଖଜୁର୍ ଆମ୍ ତେତେଲ୍ ।

ତଥାପି ଖରା ଭୀମ ସ୍ୱଭାବ ଯାଇ ପାରିନାହିଁ । ଓଲଟା ବୁଝେଇଛି-

"ଖରାବେଳେ ଦୁଖ୍          ବଲିଁ ଗୋ ଧରତି
ନାଇଁ ହ ତମେ ବିମୁକ୍
ଖୁନ୍‌ଟାକେ ଗୁନ୍          ଗୁନ୍‌ଟାକେ  ଖୁନ୍
ଦୁଖ୍ ପାଏଲେ ଜାଇ ସୁଖ୍ ।
ଦୁଖର୍ ଚଢ଼େନ୍          ଚଢ଼୍‌ଲେ ସେ ଆଡେଁ
ସୁକ୍ ଉତ୍‌ରେନ୍ ଥିସି
ଦୁଖର୍ ଅନ୍ଧାର୍-          ପକ୍ ଗଲେଁ ସୁକ୍-
ଉଜଲ୍ ଜାଏସି ଦିସି ।

ପ୍ରକୃତରେ ରାତି ପରେ ଦିନ, କୃଷ୍ଣପକ୍ଷ ପରେ ଶୁକ୍ଳପକ୍ଷର ଆଲୋକ ଭଳି ଦୁଃଖ ସହିଲା ପରେ ହିଁ ସୁଖର ଆବିର୍ଭାବ । ଫୁଟି ଉଠିଛି କବିଙ୍କ ଜୀବନ ଦର୍ଶନ 'ଅନ୍ଧାର ଦୁଃଖ ନ ମଣି, ଆଲୋକେ ସୁଖ ନ ମଣି' ସୂତ୍ରରେ ଭଗବଦ୍‌ଗୀତାର "ଦୁଃଖେଷ୍ୱନୁଦ୍ ବିଗ୍ନମନା ସୁଖେଷୁବିଗତସ୍ପୃହ"ର ନିର୍ମଳଗଙ୍ଗାର ଶୁଦ୍ଧ ଧୈର୍ଯ୍ୟପ୍ରଦାନକାରୀ ବାଣୀରେ ।

କେବଳ 'ବଛର୍' କାବ୍ୟନୁହେଁ 'ଅଛିଆ', 'ସିରିସମଲେଇ', 'ମହାସତି ଉର୍ମିଳା', 'ତାରା-ମନ୍ଦୋଦରି' ପ୍ରଭୃତି କାବ୍ୟରେ ତଥା 'ଭାବ୍ ସୁରୁତ୍' କବିତା ସଂକଳନସ୍ଥ ବିଭିନ୍ନ କବିତାରେ ପ୍ରକୃତିର ଜୀବନ୍ତ ରୂପ ସହିତ ମାନବବାଦର ମନ୍ତ୍ରଗା, ବିଭୁପ୍ରେମର ପ୍ରବାହ, ମାଟିର ମହକ ଆଦି ସବୁ ଫୁଟି

ଉଠିଛି କବିଙ୍କ କଲମରେ । ସଂସ୍କୃତ ଅନଭିଜ୍ଞ, ଏପରିକି ରାଧାନାଥ ବା ଗଙ୍ଗାଧର ସାହିତ୍ୟକୁ ଭଲଭାବେ ବୁଝିପାରୁନଥିବା କବି ପଢ଼ିଯାଇଛନ୍ତି ପ୍ରକୃତିକୁ ହୃଦୟର ଆନ୍ତରିକ ଆଗ୍ରହରେ । ସେଥିପାଇଁ ଅନ୍ୟ କବିମାନଙ୍କ ସହିତ ତାଙ୍କ ଚରନାକୁ ତୁଳନା କରାଯାଇପାରେ ସିନା, କିନ୍ତୁ ହଳଧରଙ୍କ ସାହିତ୍ୟ ଯେ ନିଷ୍କପଟ ଅନାବିଳ ପ୍ରାକୃତିକ ଝରଣା– ଏହା କହିବା ବାହୁଲ୍ୟ ମାତ୍ର ।

ଗବେଷକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ

(କଳାବିଭୂଷଣ)

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# ଗୁରୁଶିଷ୍ୟ ପରମ୍ପରାର ପରିବର୍ତ୍ତିତ ଧାରା

ଡ ରଶ୍ମି ଦାସ୍

ପରମ୍ପରା କହିଲେ ଧାରାବାହିକ ବା ଅବିଚ୍ଛିତନ୍ନ । ଯୁଗ ଯୁଗରୁ ଏକଥା ଅଛି , ରହିଛି, ଆଗକୁ ରହିବ ମଧ୍ୟ । ଏ କଥାଟିର ରୂପ ପରିବର୍ତ୍ତନ ହୋଇ ଧାରାଟି ଶିତଳ ହେବାକୁ ବସିଛି । ‘ଗୁରୁ’ ଶବ୍ଦଟିର ଅର୍ଥ ହେଉଛି ଯେ ଅନ୍ଧକାରରୁ ଆଲୋକ ପ୍ରଦର୍ଶନ କରିପାରନ୍ତି । ଅବଧୂତ ତାଙ୍କର ଚବିଶି ଗୁରୁଙ୍କ କଥା ଉଲ୍ଲେଖ କରିଥିବାର ଆମେ ଜାଣିଛୁ । ଗୁରୁ ମାନେ ରାସ୍ତା ଦେଖାନ୍ତି ପଥ ପରିଷ୍କାର କରିବାରେ ସାହାର୍ଯ୍ୟ କରନ୍ତି । ଆଗକାଳରେ ଗୁରୁଙ୍କ ଆଶ୍ରମରେ ରହି ପିଲାମାନେ ପାଠ ପଢୁଥିଲେ, ଯୁଦ୍ଧ ବିଦ୍ୟା, ଶସ୍ତ୍ର ବିଦ୍ୟା, ଶାସ୍ତ୍ର ବିଦ୍ୟା ସବୁକିଛି ସେହିଠାରେ ହିଁ ସେମାନେ ସମାପ୍ତ ପରେ ରାଜ୍ୟକୁ ଫେରୁଥିଲେ । ଗୁରୁମାନଙ୍କୁ ଶୁନୁଥିଲେ, ସମ୍ମାନ ଦେଉଥିଲେ, ଗୁରୁଙ୍କର କହୁଥିବା କଥା ଇଚ୍ଛା ନଥିଲେ ମଧ୍ୟ ବାଧ୍ୟ ବାଧକାରେ କରୁଥିଲେ, ପରବର୍ତ୍ତୀ ସମୟରେ ଜୀବନକୁ ତିଆରି କରିବାରେ ଏକ ସୁ-ପ୍ରଭାବ ପକାଉଥିଲା । ରାମାୟଣ ମହାଭାରତ ଯୁଗରୁ ଏକଥା ଥିଲା । ଯାହା ଦ୍ୱାରାକି ପରିବାରର କୌଣସି ପ୍ରଭାବ ପିଲା ଉପରେ ପଡୁ ନଥିଲା ।

ଏମିତି ଉଦାହରଣ ନେଇ ଆମେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ କଥା କହିବା । ପାଣ୍ଡବ ଓ କୌରବ ମାନକୁ ସେ ଏକ ଶିକ୍ଷା ସମାପନ ପରେ ବିଭିନ୍ନ ପ୍ରକାର ପରିକ୍ଷା କରାଉଥିଲେ । ଧନୁର୍ବିଦ୍ୟା ଶିକ୍ଷାପରେ ସେମାନଙ୍କ ମଧ୍ୟରେ ପ୍ରତି ଯୋଗିତା କରାଇଲେ । ଜଙ୍ଗଲ ନିକଟରେ ଥିବା ଏକ ପାହାଡର ପାଦ ଦେଶରେ ସମସ୍ତ ପରୀକ୍ଷାର୍ଥୀ ଏକତ୍ରିତ ହେଲେ । ସେଠାରେ ଥିବା ଏକ ଗିରିଶୃଙ୍ଗ ଗୋଟିଏ ବୃକ୍ଷକୁ ଅର୍ଦ୍ଧେକ କାଟି ତାଉପରେ ଏକ ସ୍ତମ୍ଭ ପୋତାଇଲେ । ସ୍ତମ୍ଭ ଉପରେ ଗୋଟେଏ ଖଡିକା , ଖଡିକା ଉପରେ ଧାନ, ଏବଂ ଧାନ ଉପରେ ଗରଗଡ଼, ଗରଗଡ଼ ଉପରେ ସୋରିଷ ଟିଏ ରଖି ପ୍ରତିଯୋଗୀ ମାନଙ୍କୁ ସେହି ସୋରିଷକୁ ନିକ୍ଷେପ କରି ଶରବିଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଗଲା । ସର୍ତ୍ତ ରହିଲାଯେ, ସୋରିଷ ଯେପରି ତଳେ ନପଡି କେବଳ ଦୁଇଫାଳ ହେବା ଦରକାର । ଯୁଧିଷ୍ଠିରଙ୍କୁ କେବଳ ପର୍ବତ ଉପରେ ଥିବା ବୃକ୍ଷ ସ୍ତମ୍ଭ, ଖଡିଆ ପର୍ଯ୍ୟନ୍ତ ଦେଖାଗଲା, ଦୁର୍ଯ୍ୟୋଧନ ଖଡିକା ପର୍ଯ୍ୟନ୍ତ ଦେଖିପାରି ନଥିଲେ । ସମସ୍ତ ପ୍ରତିଯୋଗୀ ମଧ୍ୟରୁ ଅର୍ଜୁନ କେବଳ କୃତିତ୍ୱ ଅର୍ଜନ କରିପାରିଥିଲେ । ଦ୍ରୋଣାଚାର୍ଯ୍ୟ ପାର୍ଥକୁ ଅତି ଆନନ୍ଦରେ ଆଲିଙ୍ଗନ କରି ତାଙ୍କୁ ଆଶୀର୍ବାଦ ଦେଇ କହିଲେ :- ଅର୍ଜୁନ ତୁମକୁ ସାରା ସଂସାରରେ ମୋର ଶିଷ୍ୟଭାବେ କେହି ଚିହ୍ନୁ କି ନ ଚିହ୍ନୁ ମୋତେ କିନ୍ତୁ ଅର୍ଜୁନଙ୍କର ଗୁରୁ ହିସାବରେ ସମସ୍ତେ ଚିହ୍ନୁଥିବେ । ଏହା ଏକ ଗୁରୁଙ୍କର ଛୋଟ କଥା ବୋଲି କୁହାଯାଇ ନପାରେ ।

ପୁନର୍ବାର ଜଙ୍ଗଲରେ ଜାରା ସହିତ କୌରବମାନଙ୍କର ଯୁଦ୍ଧସମୟରେ ଜାରା କୌରବଙ୍କୁ ଯୁଦ୍ଧଦ୍ୱାରା ଅଚେତନ କରି ପକାଇଥିଲା । ଅର୍ଜୁନ ଭାଇମାନଙ୍କର ଏପରି ଅବସ୍ଥା ଦେଖି ‘ଭ୍ରାତା’ ସମ୍ବୋଧନ କରି ସେମାନଙ୍କୁ ସଚେତନ କରିବା

ସମୟରେ ଜାରା ଅର୍ଜୁନଙ୍କୁ ଚିହ୍ନି ନପାରି ଆକ୍ରମଣ କରିଥିଲା। ଅର୍ଜୁନ ଓ ଜାରାଙ୍କ ଧନୁଟଙ୍କାରରେ ଅରଣ୍ୟ କମ୍ପମାନ ହୋଇଥିଲା। ଦ୍ରୋଣାଚାର୍ଯ୍ୟ ଉପଗତ ହୋଇ ଜାରାର ପରିଚୟ ପଚାରନ୍ତେ ଜାରା ତାଙ୍କୁ ନେଇ ଗୁରୁଙ୍କ ପ୍ରତିମାଟି ଦେଖାଇଥିଲା। ହସ୍ତିନା ପୁରରୁ ବେ□କାର ପୁରାଯାଏ ଅରଣ୍ୟ ସଫାକରି, ଗୁରୁ ରୁପେ ତାଙ୍କୁ ପୁଜାକରି ଦୁରରୁ ଦେଖି ଦେଖି ଯୁଦ୍ଧ ବିଦ୍ୟା ଓ ଧର୍ନୁ ବିଦ୍ୟା ଅଭ୍ୟାସ କରୁଥିଲେ। ଦ୍ରୋଣାଚାର୍ଯ୍ୟ ସେହି ମୂର୍ତ୍ତିଟିକୁ ନିଜର ବୋଲି ଚିହ୍ନିଲେ। ଜାରା ଗୁରୁଙ୍କ ଚରଣ ତଳେ ଭୂମିଷ୍ଠ ପ୍ରଣାମ ଦେଲେ, ଗୁରୁ ଜାରାର ପ୍ରତିଭାରେ ବହୁତ ଖୁସି ଅନୁଭବ କରୁଥିଲେ। ତଥାପି ଭୟ ପାଇଜାଇଥିଲେ। ଏହା ମଧ୍ୟରେ କୌରବ ମାନଙ୍କୁ ସଚେତନ ମଧ୍ୟ କରାଇଥିଲେ। ଜାରା ନିଜ ତରଫରୁ ଗୁରୁ ଦକ୍ଷିଣା ପାଇଁ ଅନୁରୋଧ କରିଥିଲେ। ଗୁରୁ ପ୍ରତେକ୍ଷ୍ୟ ବିଦ୍ୟା ଶିକ୍ଷା ଦେଇ ନଥିଲେ ମଧ୍ୟ ଗୁରୁ ଦକ୍ଷିଣା ସ୍ୱରୂପ ବାମହସ୍ତର ବୃଦ୍ଧାଙ୍ଗୁଷ୍ଠି ମାଗିଥିଲେ। ଜାରା କାଳ ବିଳମ୍ବ ନକରି ଏକଲବ୍ୟର ଉପାଧି ଦେଇ ତାର ନାମକୁ ଚିରଅମର କରିଥିଲେ।

ସେହିପରି ଗୁରୁ ଧୌମ୍ୟ ଓ ଶିଷ୍ୟ ଆରୁଣିଙ୍କର କାହାଣି ଝଡବର୍ଷା ରାତିରେ କ୍ଷେତରେ ପାଣି ପସିଯାଉଥିବାର ଦେଖି ହିଡରେ ମାଟି ଦେଲେ। କିନ୍ତୁ ପାଣି ହିଡକୁ ଭାଙ୍ଗି ସ୍ରୋତ ହେବାକୁ ବସିବାରୁ, ସେଠାରେ ଆରୁଣି ନିଜେ ଶୋଇ ପଡିଥିଲେ। ଏତେ ଶିଷ୍ୟଥିବା ସତ୍ୱେ ଗୁରୁ ଆରୁଣିଙ୍କୁ କାର୍ଯ୍ୟଟି କରିବାପାଇଁ ପଠାଇ ଥିବାରୁ ଆରୁଣି ଏତେ ଖୁସି ଥିଲେ ଯେ ତାଙ୍କୁ କେବଳ ଗୁରୁଙ୍କ ନିର୍ଦ୍ଦେଶର କାର୍ଯ୍ୟଟି ଦେଖାଯଉଥିଲା। ତେଣୁ ସେ ଗୁରୁଙ୍କ ଆଦେଶରେ ଆ ପାଳନ କରିବାର ସ୍ୱହା ରଖିଥିଲେ କେବଳ। ଗୁରୁ ପରଦିନ ତାଙ୍କୁ ଉଦ୍ଧାର କରି ଆଶୀର୍ବାଦ ନେଇଥିଲେ କି ତାର ସ୍ମରଣ ଶକ୍ତି ପ୍ରଚଣ୍ଡ ହେବ। ଯାହାଥରେ ଶୁଣିବ ସେ କେବେ ଭୁଲିବ ନାହିଁ। ଅନ୍ୟ ଜଣେ ଗୁରୁ ଶିଷ୍ୟ କଥା ହେଲା ଚାଣକ୍ୟ ଓ ଚନ୍ଦ୍ରଗୁପ୍ତଙ୍କର।

ମୋର ଏଠାରେ ଏସବୁ କାହାଣି କଥା ଲେଖିବାର ପ୍ରାସଙ୍ଗିତା ହେଲା ବର୍ତ୍ତମାନ ସମୟରେ ପରମ୍ପରା। ବର୍ତ୍ତମାନ ବିଦ୍ୟାଳୟ ଗୁଡିକ ପାଲଟି ଯାଇଛନ୍ତି ବ୍ୟବସାୟିକ। ସେଠାରେ ଛାତ୍ର ମାନଙ୍କ ପାଇଁ ଦଣ୍ଡମୁକ୍ତ ଅଞ୍ଚଳ। ସବୁ ଦଣ୍ଡ କେବଳ ଗୁରୁ ମାନଙ୍କ ପାଇଁ। ଶିଷ୍ୟ- ଯେଉଁମାନେ କି ଛାତ୍ର ତାଙ୍କର ଶୈଶବ ନାହିଁ। ସେମାନେ ବାଲିଘର ଛାଡି ମୋବାଇଲ ରେ ଖେଳିଲେ। କୈଶୋର ନଷ୍ଟ ହୋଇଗଲା। ଯୌବନ ଅବସ୍ଥାରେ ସେମାନେ ସେମାନେ ଉଦ୍ଦଣ୍ଡ, ଉଦ୍ଦାମ, ଉଦିତ। ଗୁରୁଙ୍କୁ ସମ୍ମାନ ଦେବା ଦୂରର କଥା ଗୁରୁଙ୍କୁ ଚିହ୍ନି ପାରନ୍ତିକି ନାଇଁ ଜଣାପଡି ନଥାଏ। ବର୍ତ୍ତମାନ ଏପରି ଏପରି ଭାବରେ ଉଶୃଙ୍ଖଳିତ, ବିପଥଗାମୀ, ସ୍ରୋତରେ ପମରିଣତ ହୋଇଛନ୍ତି ଯାହା କେବଳ ପରବର୍ତ୍ତୀ କାଳରେ ପରନ୍ଦରା, ସଂସ୍କୃତିର ଗତିରୋଧ କରିବ ସେକଥା ନୁହେଁ, ଏକ ବିରାଟ ସଂସ୍କୃତି ସଂପନ୍ନ ଜାତି ଏମାନଙ୍କ ଭିତରେ ହଜିଯିବ। ଜଣେ ଛାତ୍ର ପାଖରେ ସହନଶୀଳ, ଧୈର୍ଯ୍ୟ, ଅଙ୍ଗିକାରବଦ୍ଧତା ରହିବା ଆବଶ୍ୟକ। ଏସବୁ ଏକତ୍ର ଭାବରେ ଗ୍ରହଣ କଲେ ଛାତ୍ରଟିଏ ତାର ଲକ୍ଷ୍ୟ ହାସଲ କରିପାରେ। ଆଧୁନିକତା ଭିତରେ ଗୁରୁ – ଶିକ୍ଷକରେ ପରିଣତ ହେଇଯାଇଥିବା ବେଳେ ଜଣେ ଶିଷ୍ୟ – ଛାତ୍ର ହୋଇଯାଇଛି। ଛାତ୍ର ଗୁରୁଙ୍କର ଶରଣରେ ଆସିବା ପାଇଁ ପ୍ରସ୍ତୁତ ନୁହେଁ। କେବଳ ଗୁଡ ମର୍ଣ୍ଣିଙ୍ଗ, ହାଏ, ହାଲୋ। ପାଠ କରୁ ଅବା ନକରୁ , ଶୃଙ୍ଖଳା ଗ୍ୟାନ ଥାଉ ଅବା ନଥାଉ, ବ୍ୟବହାର ଅମାର୍ଜିତ, ଅରୁଚିକର ହେଇଥାଉ, କୌଣଶି ଶିକ୍ଷକର ସେତିକି ସାହାସ ନାହିଁ ଚାପୁଡାଏ ତ ଦୂରର କଥା "ହେ" ବୋଲି ପଦେ କହିଦେଇ ପାରିବ। ଏଥିପାଇଁ ସେମାନଙ୍କୁ ଆବଶ୍ୟକ ସ୍ଥଳେ ଥାନା, ପୁଲସ, କୋର୍ଟ, କଚେରୀ ପର୍ଯ୍ୟନ୍ତ ଯିବାକୁ ପଡେ। ଅଧୁନିକ ଶିକ୍ଷାର ମାନବୃଦ୍ଧି ସହିତ ପାଶ୍ଚାତ୍ୟ ସିଭ୍ୟତାର ଶିକ୍ଷା ଆମପିଲାମାନଙ୍କର ଚରିତ୍ର ଗଠନ ବହୁମାତ୍ରରେ ପ୍ରଭାବିତ କରୁଛି। ଦେଖା ଶିଖା ଓଡିଆ ସମସ୍ତେ ଇଂରାଜୀ ପଢ଼ିଲେ। ପଢ଼ିବାର କଥାଟି ଅତି ଉତ୍ତମ। ତା ମାନେ ନୁହେଁ ନିଜ ଭାଷା, ନିଜ ସଂସ୍କୃତି, ନିଜ ପରମ୍ପରାକୁ ଭୁଲିଯିବ। ନିଜ ସଂସ୍କୃତିକୁ ନଜାଣିବା ଦ୍ୱାରା ପିଲା ମାନଙ୍କ ଭିତରେ ବ୍ୟବହାରିକ ଗ୍ୟାନ କୌଶଳକୁ ଧୀରେ ଧୀରେ ନଷ୍ଟ ହୋଇଯାଉଛି। ଏହା କୌଣସି ପୁସ୍ତକଗତ ବିଦ୍ୟା ନୁହେଁ କିମ୍ବା ବିଦ୍ୟାଳୟ ମାନଙ୍କରେ ଏହାର ଶିକ୍ଷା ଦିଆଯାଉନଥାଏ। ତଥାପି ପୁରାତନ ଶିକ୍ଷା ପଦ୍ଧତିରେ। କଥାରେ ଅଛି "ଗୁରୁଙ୍କୁ ନ ମଣିବ ନର, ଗୁରୁ ହିଁ ସାକ୍ଷାତ ଇଶ୍ୱର" – ଇଶ୍ୱରଙ୍କୁ କେହି ଦେଖିନାହାଁନ୍ତି– ମାତ୍ର ଇଶ୍ୱରଙ୍କୁ ନିକଟତର ହେବାପାଇଁ ଗୁରୁ ହେଉଛନ୍ତି ପଥ ପ୍ରଦର୍ଶକ। ବିଦ୍ୟାର୍ଥୀ ଜଣେ ଉପଯୁକ୍ତ ଗୁରୁଙ୍କ ଚରଣରେ ଆସି ପାରିଲେ ସେ ନିଶ୍ଚୟ ଜୀବନରେ ସଫଳ ହୋଇ ପାରିବ। ପରୀକ୍ଷାରେ ଶତପ୍ରତିଶତ ଭଲ ନଂବର ରଖି ଉତ୍ତମ ବିଦ୍ୟାର୍ଥୀ

ହେବା ଅପେକ୍ଷା ଜଣେ ଗୁରୁଙ୍କ ଦ୍ୱାରା ପରିଚାଳିତ ମାର୍ଗରେ ଜୀବନରେ ସଫଳତାର ଶିର୍ଷକୁ ଯିବାର ଦୃଷ୍ଟାନ୍ତ ଅଛି । ଜୀବନ ଦୀର୍ଘ, ତାକୁ ସହଜ ସରଳ ଓ ସୁନ୍ଦରତମ କରିବା ଆବଶ୍ୟାକ । ତାହା କେବଳ ସମ୍ଭବ ହୋଇଥାଏ ଗୁରୁଙ୍କ ଦ୍ୱାରା । ଗୁରୁଙ୍କ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ସମାନ କରି ଆମେ ତାଙ୍କପାଇଁ ବର୍ଷକରେ ଗୋଟିଏ ଦିନ ନେଉଛୁ, କିନ୍ତୁ ମୋମତରେ ଆମେ ଯଦି ପ୍ରକୃତରେ ଜୀବନରେ ଗୁରୁଙ୍କ ଦେଖାଇଥିବା ଅନୁସରଣରେ ବାଟ ଚାଲିବା ସେ ଆମର ପ୍ରତେକ ମୁହୂର୍ତ୍ତ, ପ୍ରତେକ ସମୟ, ପ୍ରତେକ କ୍ଷେତ୍ରରେ ହିଁ ସାମନାରେ ରହିବ । ମୁଁ ଅନୁଭୂତିରୁ ଅର୍ଜିଥିବା ଗ୍ୟାନ କଥା କହୁଛି । ଏହା କେବଳ ମୋର ଅନୁଭବର କଥା । ଗୁରୁ ବିନା ପଥ ନାହିଁ ।

ଗୁରୁ ଓ ଗୁରୁଜନଙ୍କର ପୂଜା, ଭକ୍ତି, ସେମାନଙ୍କଠାରେ ଅନୁରକ୍ତି ଭାବେ ରହିଲେ ଭାବ ରହିଲେ ଓଡିଆ ସଂସ୍କୃତି, ପରମ୍ପରା ଓ ସତ୍ୟତାର ଯଥାର୍ଥ ମାନ ରକ୍ଷା ହୋଇପାରିବ ବୋଲି ଅନୁମାନ ହୁଏ । ଏ କ୍ଷେତ୍ରରେ ଅଗାମୀ ଯୁବ ପିଢ଼ି ସେମାନଙ୍କର ଏ ସବୁ କ୍ଷେତ୍ରରେ ବିଶେଷ ସଚେତନ ହୋଇପାରିଲେ ଏକ ନୂତନ ସୂର୍ଯୋଦୟ ହେବାର ଆଶା କରାଯିବ ।

ଏବେ କିଛିଦିନ ପୂର୍ବରୁ ମୁଁ ମୋର ବିଦ୍ୟାଳୟର ହେଡମାଷ୍ଟରଙ୍କ ସହିତ ସାକ୍ଷାତକାରଟିଏ ନେଲାବେଳେ ସେ କହିଥିଲେ "ମୁଁ ମୋ ଦ୍ୱାରା ପଢ଼ିଥିବା ପିଲାମାନଙ୍କର ଉନ୍ନତି ଦେଖିଲେ ସବୁଠାରୁ ବେଶି ଖୁସି ହୁଏ"

ସେତେବେଳେ ମୋ ମଥାଟି ତାଙ୍କ ପାଦତଳେ ଆହୁରି ନଇଁଯାଇଥିଲା । ସେ ହେଉଛନ୍ତି ଗୁରୁ ।

# ଋଗ୍‌ବୈଦିକ ବାକ୍‌ର ଅବଧାରଣା

ଡକ୍ଟର ସୁବାସ ଚନ୍ଦ୍ର ଦାଶ

୧– ଭାଷା ଯେବେଠାରୁ ବ୍ୟବହୃତ ହେଲା, ତାହା ସମ୍ଭବତଃ ନିଜ ମନରଭାବକୁ ବ୍ୟକ୍ତ କରିବାର ଏକ ନିର୍ଦ୍ଦିଷ୍ଟ ଉପାୟବୋଲି ଭାଷାବିଜ୍ଞାନୀମାନଙ୍କର ମତ । ଭାଷା କଥିତ ଓ ଲିଖିତ ଭାବରେ ଦୁଇ ପ୍ରକାରର ବିଭାଜନ ଅଟେ । ଭାଷା ଭିତରେ ଲେଖିବାର ତଥା କହିବାର ଶୈଳୀ କ୍ରମଶଃ ପ୍ରାଚୀନ କାଳରୁ ଆରମ୍ଭ କରି ଏଯାବତ୍ ଭାବ ପ୍ରକାଶରେ ଏକ ଅନନ୍ୟ ସାଧାରଣ ଉପାୟ ବୈଦିକ କାଳରୁ ଆରମ୍ଭ କରି ଲିଖିତଭାଷା ଏବଂ କଥିତ ଭାଷାର ବିଭାଜନ କରିବା ଏକ କଷ୍ଟ ସାଧବ୍ୟାପାର । ବେଦକୁ ଶୁଣିଶୁଣି ମନେ ରଖିଥିବାରୁ ଏହା ଶ୍ରୁତି ଅଟେ । ତେଣୁ ପ୍ରଥମେ କଥିତ ଭାଷାହିଁ ଅନୁଭବର ଭାଷା, ଯାହାକି ଋଗବେଦକାଳୀନ ପରମ୍ପରାରେ ଦୃଷ୍ଟିଗୋଚର ହୋଇଥାଏ ।

ସେ ସମୟର ସାମାଜିକ ଦୃଷ୍ଟିରୁ ବିଚାର କଲେ ଜଣାପଡେ ଯେ ସମାଜରେ ପ୍ରଥମେ ଲୋକମାନେ ପରସ୍ପର ମଧ୍ୟରେ ଭାବବିନିମୟ କରିବାର କୌଶଳ ଜାଣିଥିଲେ ଯାହାକି ପରବର୍ତ୍ତୀ ସମୟରେ ଲିପିବଦ୍ଧ କରି ରଖିବାର କୌଶଳ ଗ୍ରହଣ କରିଥିଲେ । ତେଣୁ ଲେଖିବା ପାଇଁ ପଥର, ମାଟି, ବାଲି ବିଭିନ୍ନ ଗଛର ପତ୍ର, କନା, ଧାତବ ପଦାର୍ଥ ଏବଂ କାଗଜ କ୍ରମଶଃ ଲେଖିବାର ମାଧ୍ୟମ ପାଲଟିଗଲା । ଧୀରେ ଧୀରେ ଏହି ପରମ୍ପରା ବିଭିନ୍ନ ଶୈଳୀରୁ ଉତ୍ପନ୍ନ ହୋଇ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଭାଷାର ଲିପିରେ ପରିଚିତ ହେଲା । ଭାଷାବିଜ୍ଞାନୀମାନେ ଏହି ତତ୍ତ୍ୱକୁ ଯେତେବେଳେ ବିଶ୍ଳେଷଣ କରିବାକୁ ଲାଗିଲେ ଲିଖିତ ଓ କଥିତ ଭାଷାକୁ ନେଇ ଭିନ୍ନ ଭିନ୍ନ ବର୍ଗୀକରଣ ମାଧ୍ୟମରେ ସେହି ତତ୍ତ୍ୱର ଭାଷା ବୈଜ୍ଞାନିକ ଦୃଷ୍ଟିକୋଣକୁ ଖୋଜିବାକୁ ଲାଗିଲେ । ଅନେକ ଭାଷା ବିଜ୍ଞାନୀମାନଙ୍କ ମଧ୍ୟରେ ଆଧୁନିକ ଭାଷା ବିଜ୍ଞାନୀମାନେ ମୁଖ୍ୟତଃ ପାଶ୍ଚାତ୍ୟ ଜଗତରୁ ଏହି ବିଷୟକୁ ଅତ୍ୟନ୍ତ ଗୁରୁତ୍ୱର ସହ ବିଚାର କଲେ । ଭାଷା ଓ ଭାଷା ବିଜ୍ଞାନ ନୂତନ ବିଷୟ ଭାବରେ ପରିଚୟ ପାଇବା ପାଇଁ ଯୋଗ୍ୟ ହୋଇ ପାରିଲା । ଭାଷାର ଗବେଷଣା ପାଇଁ ଭାଷାବିଜ୍ଞାନୀମାନେ ସ୍ୱତନ୍ତ୍ର ଭାବରେ ପରିଚିତ । ସେମାନଙ୍କ ମଧ୍ୟରୁ ମୁଖ୍ୟତଃ ସାର୍‌ଉଇଲିୟମ୍ ଜୋନସ୍, ମ୍ୟାକ୍ସମୁଲର, କିଥ୍, ସାରମନିୟର ଉଇଲିୟମସ୍, ପରାପୁରବାଲା, ପିଡି, ଗୁଣେ ନୋମଗେମସ୍କି, ଏସ୍.ଡି.ଯୋଶୀ, ଏମ୍.ଏ.ମେହେନ୍ଦେଲେ, ଏମ୍ ଘାଟକେ ଓ ବିକେ. ଯୋର୍ଷି ପ୍ରଭୃତିଙ୍କ ନାମ ସ୍ମରଣୀୟ ।

୨– ଚେମସ୍କୀ ଆମ୍ଭମାନଙ୍କର ଶତାବ୍ଦୀରେ ଭାଷାରେ ନିହିତ ଥିବା ନୈସର୍ଗିକ ବ୍ୟବସ୍ଥା, ଭାଷାଗତ ସାର୍ବଭୌମ ନିୟମ ତଥା ଏହାକୁ ଶିଖିଥିବା ପିଲାମାନଙ୍କ ମଧ୍ୟରେ ତାଙ୍କର 'ଅନ୍ତର୍ନିହିତ ଜ୍ଞାନ' ଥିବାର ଚର୍ଚ୍ଚା କରାଯାଇଛି । ଚେମସ୍କୀଙ୍କର ଏହି ମାନ୍ୟତା ତାଙ୍କୁ ଗୋଟିଏ ଅର୍ଥରେ ବାକ୍‌ର ଏହି ଅବଧାରଣାର ନିକଟକୁ ନେଇଯାଇଥାଏ, ଯାହାର ପ୍ରସ୍ଥାନ ବିନ୍ଦୁ ଋଗ୍‌ବେଦ ଅଟେ । ବାକ୍ କୌଣସି ଭାଷାବିଶେଷର ରୂପ ନ ହୋଇ ଏହି ପରଂପରାରେ ସଂପୂର୍ଣ୍ଣ ମାନବଭାଷାର ପରମତତ୍ତ୍ୱ ଅଟେ । ଯାହାର ଏକ ପରିଣତି ଭାଷାବିଶେଷରେ ସଂଭାବ୍ୟ ହୋଇଥାଏ । ବୈଦିକ ଋଷି ଯେଉଁଠାରେ ବାକ୍ ରୂପୀ ମୂଳତତ୍ତ୍ୱରେ ସମସ୍ତ ଭାଷା ବ୍ୟବସ୍ଥାର ନିଃସୃତ ହୋଇଥିବାର କହନ୍ତି, ତେବେ ଚେମସ୍କୀ ଏହି ବ୍ୟୁତକ୍ରମରେ ଚାଲିଥିବାବେଳେ ଭାଷା ବିଶେଷକୁ ଶିଖିବା ପାଇଁ 'ସାର୍ବଭୌମ ଭାଷାନିୟବା ବା ସଂଭାବ୍ୟ ମାନବ ଭାଷା'ର କଥା କୁହନ୍ତି ।

୩– ବୈଦିକ ବାଙ୍ମୟରେ ବ୍ରହ୍ମ, ପ୍ରଜାପତି ତଥା ବାକ୍ ଏହି ତିନି ସଂଜ୍ଞା ଅନେକତ୍ର ପର୍ଯ୍ୟାୟ ରୂପରେ ପ୍ରଯୁକ୍ତ ହୋଇଛି । ଋଗ୍‌ବେଦ ତଥା ଅନ୍ୟ ବୈଦିକ ସଂହିତା ଗୁଡ଼ିକରେ ବ୍ରହ୍ମଶବ୍ଦ ସ୍ତୋତ୍ର ଏବଂ ସୂକ୍ତର ଅର୍ଥରେ ମଧ୍ୟ ବ୍ୟବହୃତ ହୋଇଛି । (ଦ୍ର.ଋ, ୧.୨୪.୧୧. ୨. ୨. ୭. ୧୦. ୬୬. ୧୨, ୧୦. ୬୫. ୧୪, ବାଜସଂହିତା, ୧୮. ୪୯) ଏହି ବ୍ରହ୍ମାଙ୍କର ଜନନୀ ବାକ୍ ଅଟନ୍ତି । ସେ ଏହାର ନିୟାମିକା ମଧ୍ୟ ଅଟନ୍ତି । ବାକ୍ ଭାଷିକ ସର୍ଜନାର ମୂଳଶକ୍ତି ଅଟେ । ଏହି ଦୃଷ୍ଟିରେ ଏହାଙ୍କୁ ତ୍ୱଷ୍ଟା/ ପ୍ରଜାପତି କୁହାଯାଇଛି । 'ବାଗ୍ ବୈ ତ୍ୱଷ୍ଟ' ଏହି ବାକ୍ୟ

ବ୍ରାହ୍ମଣ ଗ୍ରନ୍ଥରେ ବାରମ୍ବାର କୁହାଯାଇଛି । ନିଜର ମୂଳ ରୂପରେ ଏହି ବାକ୍ ଅଦ୍ୱୈତ ଚୈତନ୍ୟ-ରୂପିଣୀ ଅଟେ । ଏହି ଜଗତର ଆରମ୍ଭକ ଏବଂ ଆବିଷ୍କାର ମଧ୍ୟ ହୋଇଥାଏ । ବାକ୍ ସୂକ୍ତରେ ବାକ୍ ଦେବତା ଦ୍ୱାରା କୁହାଯାଇଛି-

"ଅହମେବ ବାତାଇବ ପ୍ରବାମି
ଆରମ୍ଭମାଣା ଭୁବନାନି ବିଶ୍ୱା ॥"

(ଋ. ୧୦. ୧୨୫.୨)

୪. ପରମତତ୍ତ୍ୱର ରୂପରେ ବାକ୍ ମାନବଚୈତନ୍ୟରେ ଅବିଭାଜିତ ବା ତଦାକାରିତ ଅଟେ । ଏହି ସ୍ତରରେ ଦ୍ରଷ୍ଟା ଏବଂ ଦୃଶ୍ୟରେ, ସର୍ଜକ ତଥା ସର୍ଜନାରେ ଅଭେଦ ରହିଛି ।

ପ୍ରଜାପତି ଦ୍ରଷ୍ଟ ଅଟେ ବାକ୍ ସର୍ଜନାର ଶକ୍ତି । ବେଦ ଦୁଇଟିକୁ ଅଭିନ୍ନ କହିଛି । ଏହା ଉଚିତ୍ ଅଟେ । ଅଭେଦର ଏହି ଧାରଣାର କେତେଗୋଟି ପୌରାଣିକ ଆଖ୍ୟାନରେ ଉପଲବ୍ଧ ହୋଇଛି । ସେଠାରେ ପ୍ରଜାପତି ଏବଂ ବ୍ରହ୍ମ ବ୍ରହ୍ମା ହୋଇ ବିରାଜମାନ ଏବଂ ବାକ୍ ସରସ୍ୱତୀ ଏବଂ ଗାୟତ୍ରୀ ରୂପରେ ପ୍ରତିଷ୍ଠିତ ହୋଇଛି । ବାକ୍ ଏବଂ ସରସ୍ୱତୀ ବ୍ରହ୍ମାଙ୍କର ପୁତ୍ରୀ ମଧ୍ୟ କୁହାଯାଇଛି, ପତ୍ନୀ ମଧ୍ୟ (କୃଷ୍ଣଯଜୁ, ୧୨.୫.୨୭.୧) । ବ୍ରହ୍ମା ସରସ୍ୱତୀଙ୍କୁ ଜନ୍ମ ଏବଂ ତାଙ୍କ ସହ ସମାଗମ ହେବା ଏହା ଗ୍ଲାନିଜନକ ଆଖ୍ୟାନ୍ ଉପର୍ଯ୍ୟୁକ୍ତ ବୈଦିକ ଅବଧାରଣାର ନିରୂପକ ଅଟେ । ବାକ୍ ନିଜର ସ୍ରଷ୍ଟାଙ୍କ ସହ ସଂସକ୍ତ ହୋଇଥାନ୍ତି । କାହିଁକି ନା ସେ ଏହି ଚେତନ୍ୟରେ ସମବେତ ହୋଇଛନ୍ତି ଏବଂ ତାଙ୍କର ପୁତ୍ରୀ ମଧ୍ୟ ଅଟନ୍ତି । କାହିଁକି ସେ ଏହି ପ୍ରଜାପତିଙ୍କ ଠାରୁ ଜନ୍ମନେଇଛନ୍ତି ପ୍ରଶ୍ନ ହୁଅନ୍ତେ- ଏତିକି କୁହାଯାଇପାରେ ଯେ ଭର୍ତୃହରି ଯେବେ ବାକ୍‌ର ବିବେଚନ ଶବ୍ଦ ବ୍ରହ୍ମ ରୂପରେ କରିଥାନ୍ତି ଏବଂ ଅର୍ଥରୂପ ଜଗତକୁ ଏହାର ବିବର୍ତ୍ତ ବୋଲି କୁହାଯାଇଛି ତଥା ଆତ୍ମୀୟ ରୂପରେ ପରିବ୍ୟାପ୍ତ ବାକ୍‌ର ନିଜର ସ୍ରଷ୍ଟାଠାରେ ସଂଯୁକ୍ତି ତଥା ପାର୍ଥକ୍ୟ ଦୁଇଟି ବିକଳ୍ପ ଏହି ପରମ୍ପରାର ଆଧାର ଉପରେ ବ୍ୟବସ୍ଥା କରାଯାଇଛି । ବାକ୍‌ରେ ନିହିତ ଅଦ୍ୱିତୀୟ ଶକ୍ତିର ଜ୍ଞାନ ବୈଦିକ ଋଷି ପ୍ରକଟ କରିଛନ୍ତି । ସେମାନେ ଏହି ସର୍ବଶକ୍ତିମତ୍ତାର ପ୍ରଖ୍ୟାପନ କରିଛନ୍ତି । ବାକ୍‌ଦେବତା କହିଛନ୍ତି-

ଯଠ କାମୟେତମୁଗ୍ରଂ କୃଣୋମି,
ତଂ ବ୍ରହ୍ମମାଣାଂ ତମୃଷିଂ ତଂ ସୁମେଧାମ୍ ॥

ଏହି ପରମ୍ପରାରେ ଅଥର୍ବବେଦ, ବାକ୍‌କୁ କାମଦୁହିତା ଧେନୁ କହିଛନ୍ତି (ଅଥର୍ବ ୯.୨.୫) ।

ବାକ୍‌କୁ ପୌରାଣିକ ପ୍ରତୀକଭାଷାରେ କାମଧେନୁ ରୂପରେ ଚିହ୍ନାଯିବା ପରଂପରାରେ ମଧ୍ୟ ଏହା ସୂତ୍ରପାତ ହୋଇଛି । ପରାମ୍ପରାରେ ଭଟ୍ଟଶୈତ ଏବଂ ଭବଭୂତି କହିଛନ୍ତି-

"ବାଗଧେନୋର୍ଦୁଗ୍ଧମେତଂ ହି ରସଂ ଯଦ୍ ବାଳତୃଷ୍ଣୟା ।
ତେଜ ନାସ୍ୟ ସମଃ ସ ସ୍ୟାଦ୍ ଦୁହ୍ୟତେ ଯୋଗିଭିର୍ହି ଯଃ"

ତଥା-

"କାମଂ ଦୁଗ୍ଧେ ବିପ୍ରକର୍ଷତ୍ୟଲକ୍ଷ୍ମୀଂକୀର୍ତ୍ତିଃ
ସୂତେ ଦୁର୍ହୃଦୋନିଷ୍ପ୍ରଲାତି ।
ଶୁଦ୍ଧାଂ ଶାନ୍ତାଂ ମାତରଂ ମଙ୍ଗଳାନାଂଧେନୁଂ
ଧୀରାଃ ସ୍ୱନୃତାଂ ବାମୋହୁଃ ॥"

(ଉତ୍ତରରାମଚରିତ ୫.୩୦)

ଏଣୁ ଏହି ପରମ୍ପରାରେ ବାକ୍ ମନୁଷ୍ୟ ପାଇଁ ସର୍ଜନାର ଶକ୍ତି ଓ ଅଭିବ୍ୟକ୍ତିର ସଂବାହିକା ହେବା ସହିତ ମୁକ୍ତିର ସାଧନରେ ଯୁକ୍ତ ହୋଇଛି । ଶବ୍ଦ ମନୁଷ୍ୟର ମୁକ୍ତି ପାଇଁ ସମ୍ଭାବନା ଏବଂ ଏହାର ସମ୍ଭାବନା ପାଇଁ ଏକ ଜୀବନ ଦର୍ଶନର ବ୍ୟବସ୍ଥାପନ ଏଠାରେ ସିଦ୍ଧ ହୋଇପାରିଛି ।

ବାକ୍‌ର ସାଧନା 'ମୋକ୍ଷଣାନାମଜିହ୍ମା ରାଜପଦ୍ଧତିଃ' (ବାକ୍ୟପଦୀୟ, ୧୦୧୬) ଏବଂ ଶବ୍ଦସଂସ୍କାର ପରମାତ୍ମାଙ୍କର ସିଦ୍ଧି । ବ୍ୟାକରଣକୁ ଅପବର୍ଗର ଦ୍ୱାର ମାନିଛନ୍ତି । ମହାଭାଷ୍ୟକାର କହିଛନ୍ତି "ସୋଽୟମକ୍ଷର ସମାମ୍ନାୟୋ ବାକସମାମ୍ନାୟଃ ପୁଷ୍ପିତଃ ଫଳିତଶ୍ଚନ୍ଦ୍ର ପରକ ବତ୍ପ୍ରତିମଣ୍ଡିତୋ ବେଦିତବ୍ୟୋ ବେଦରାଶିଃ" । (ମ.ଭା.ଭାଗ-୧ପୃ.୩୬)

ସର୍ଜନାସହିତ ଅବବୋଧର ଶକ୍ତି ମଧ୍ୟ ବାକ୍ ଅଟେ । କାରୟିତ୍ରୀ ଓ ଭାବୟିତ୍ରୀ ଦୁହେଁ ତାଙ୍କର ରୂପ ହୋଇଥାଏ । ଅବବୋଧର ସଂସ୍କାର ବାକ୍‌ର ହିଁ ଏକ ରୂପ ହୋଇଥାଏ ଓ ସେ ଯାହା ପାଖରେ ଥାଏ ତାହାର ଆଗରେ ବାକ୍ ଅଛି । ଯାହା ପାଖରେ ସଂସ୍କାର ନାହିଁ ସେ ବାକ୍‌କୁ ଶୁଣିକି ବି ଶୁଣେ ନାହିଁ ଓ

ଦେଖିକି ବି ଦେଖିପାରେ ନାହିଁ । ଚେମସ୍କୀ ଏହି ସଂସ୍କାରକୁ 'ଅନ୍ତଃ ପ୍ରଜ୍ଞାତ୍ମକ ଜ୍ଞାନ'ର ରୂପରେ ପରିଭାଷିତ ହୋଇଛି (ଚେମସ୍କୀ, ୧୯୭୫, ପୃ.୬) । ତାଙ୍କର ପ୍ରଜନକ ବ୍ୟାକରଣର ଅବଧାରଣା ମାନବମନରେ ଅନିଶ୍ଚିତ ଅନେକାନେକ ବାକ୍ୟରେ ବୁଝାପଡୁଥିବାର ଅନ୍ତର୍ନିହିତ ଯୋଗ୍ୟତା ହୋଇଥାଏ ।

ବାକ୍‌ର ସଂହିତାମାନଙ୍କରେ ଉପସ୍ଥାପିତ ଏହି ସ୍ୱରୂପ ମଧ୍ୟ ପରବର୍ତ୍ତୀ ରୀତି ଯା ଶୈଳୀର ବିଚାରର ଆଧାର ହୋଇଛି ।

୫- କାବ୍ୟର ଦୋଷ, ଗୁଣ, ଓ ଅଳଙ୍କାରର ଅବଧାରଣାର ବୀଜ ଏଥିରେ ଅଛି । କୁନ୍ତକ, ରାଜଶେଖର ଓ ଭୋଜ ଆଦି ଆଚାର୍ଯ୍ୟମାନେ ନିଜର ପ୍ରସ୍ଥାନର ସୂତ୍ର ମଧ୍ୟ ପ୍ରାପ୍ତ ହୁଏ । ରଗ୍ ବେଦରେ ବାକ୍‌କୁ ଦ୍ୟୋତମାନା, ଦ୍ୱିଷୀମତୀ, ଚିତ୍ରା, ନବସ୍ତକ୍ତି (ମୌଳିକ) ସ୍ୱାଦୁମତ୍ (ମାଧୁର୍ଯ୍ୟଯୁକ୍ତ)- ଆଦି ବିଶେଷଣରେ ମଣ୍ଡିତ କରାଯାଇଛି । ଏହି ରୀତି ବିଚାରର ଅନ୍ତର୍ଗତ ପଠିତ ମାଧୁର୍ଯ୍ୟ, ଔଜସ୍, ପ୍ରସାଦ ସମାଧି, କାନ୍ତି, ଶ୍ଳେଷ ଆଦି ଗୁଣର ସଂଗ୍ରହ ହୋଇଯାଏ ।

ସ୍ପଷ୍ଟ ହୋଇଛି ଯେ ରଗ୍‌ବୈଦିକ ବାକ୍‌ରେ ସୃଷ୍ଟିର ସୂକ୍ଷ୍ମତମଠାରୁ ଆରମ୍ଭ କରି ସ୍ଥୂଳତମ ପର୍ଯ୍ୟନ୍ତ ସମାହିତ ହୋଇଛି । ଏହାକୁ 'ଭୂରିସ୍ଥାତ୍ରା' ତଥା 'ଭୂର୍ଯ୍ୟାବେଶୟନ୍ତୀ' କୁହାଯାଇଛି । (ର.୧୦.୭୧.୭) । ମନୁଷ୍ୟ ଦ୍ୱାରା ଉଚ୍ଚାରିତ ଶବ୍ଦ ଯେଉଁ ଏହି ବାକ୍‌ର ହିଁ ଏକ ସ୍ଥୂଳରୂପ ହୋଇଥାଏ ତଥା ନିଜ ସହିତ ଅର୍ଥକୁ ନେଇ ମଧ୍ୟ ଉପସ୍ଥିତ ହୋଇଥାଏ । 'ଯସ୍ତିତ୍ୟାଟି ସଚିବିଦଂ ସଖାୟଂ, ନ ବାଚ୍ୟାପି ଭଗୋ ଅସ୍ତି, (ର. ୧୦. ୭୧. ୬)ର ବ୍ୟାଖ୍ୟାରେ ଉଦ୍‌ଗୀଥ କରିଛନ୍ତି ବାଚ୍ଚ ସଖିଭୂତମର୍ଥମ୍ । ଏହିପରି ଶବ୍ଦାର୍ଥ ସାହିତ୍ୟର ବିଷୟରେ ସମସ୍ତ ଚିନ୍ତନର ସୂତ୍ର ରଗବୈଦିକ ବାଗ୍‌ବିମର୍ଶରେ ଅନୁସୂଚୀତ ହୋଇଛି । ସବୁ ମିଶିକରି ବାକ୍‌ର ବିମର୍ଶରେ ରଗ୍‌ବେର୍ଦର ଋଷିମାନେ ଶବ୍ଦର ସୃଷ୍ଟିର କେନ୍ଦ୍ରରେ ସ୍ଥାପିତ କରିଛନ୍ତି । ଏଥିରେ ଜଗତର ପ୍ରାରମ୍ଭ, ନିର୍ମାଣ, ସମୁଲ୍ଲାସ ଓ ମାନବର ମୁକ୍ତି ମଧ୍ୟ ଦେଖାଯାଇଛି । ସେ ଋଷି ବାରମ୍ବାର କହିଛନ୍ତି ଆମେ ନିଜର ଶବ୍ଦ ଏବଂ ସୂକ୍ତ ଗୁଡ଼ିକରେ ଇନ୍ଦ୍ର ଜନ୍ମ ଦେଇଛୁ ଏବଂ ଅଗ୍ନିକୁ ମଧ୍ୟ ବର୍ଦ୍ଧନ କରିଛୁ । ବୃହଦାରଣ୍ୟକ ଉପନିଷଦରେ ବାକ୍‌ର ସର୍ବବ୍ୟାପିତା ଓ ସର୍ବାତ୍ମକତାକୁ ଏହି ପ୍ରକାର ପରିଭାଷିତ କରିଛି- ଏହି ସମସ୍ତ ପୃଥିବୀ ବାକ୍‌ର ଶରୀର ହୋଇଛି । ସେତିକି ବାକ୍‌ର ଯାହାକିଛି ବି ଜଣା ଯାଏ, ସବୁ ବାକ୍‌ର ହିଁ ରୂପ ଅଟେ । ବାକ୍ ମଧ୍ୟ ଜାଣିବା ବାଲା ଅଟନ୍ତି । ସେ ମଧ୍ୟ ନାନା ପଦାର୍ଥରେ ବ୍ୟାପ୍ତ ମଧ୍ୟ ଅଟେ ।

୬-ଉପସଂହାର

ଆଧୁନିକ ଭାଷା ଶାସ୍ତ୍ରୀ ହ୍ୟୁମ୍ବୋଲଙ୍କ ଅନୁସାରେ ଭାଷାର 'ସୀମିତ ସାଧନର ଅସୀମିତ ଉପଯୋଗ' କରିବାର କ୍ଷମତା ଉପରେ ବଳ ଦିଆଯାଇଛି । ବସ୍ତୁତଃ ଯେ ଭାଷାଶାସ୍ତ୍ରୀ ଭାଷାରେ ଅନ୍ତର୍ନିହିତ ଯେଉଁ ସର୍ଜନାତ୍ମକ କ୍ଷମତାର ସଂକେତ ଦେଇଥାଏ, ଏହାର ସହଜ ସ୍ୱୀକୃତି ରଗ୍‌ବୈଦିକ ବାକ୍ ରୂପରେ ହୋଇଛି ।

ଭାଷାଶାସ୍ତ୍ରୀୟ ଦୃଷ୍ଟିକୋଣରୁ ଯଦି ବିଚାର କରିବା ତେବେ ଭାଷା ଓ ଶାସ୍ତ୍ରୀୟ ମର୍ଯ୍ୟାଦା ଉଭୟ କଥିତ ଏବଂ ଲିଖିତ ଭାଷା ଦୃଷ୍ଟିରୁ ବିଚରାଣୀୟ ଅଟେ । ବୈଦିକ ଯୁଗରୁ ଭାଷାର ବିଚାର ବିଭିନ୍ନ ଭାଷାବିଜ୍ଞାନୀମାନେ କରି ଆସିଛନ୍ତି ।

ଏହି ତାତ୍ତ୍ୱିକ ବିଶ୍ଳେଷର ୟୁରୋପରେ ପ୍ରାୟତଃ ୩୦୦ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ଏହା ଏକ ବିଷୟ ଭାବରେ ପରିଗଣିତ ହୋଇ ବିଚାର ବିମର୍ଶ କରାଯାଇ ଶ୍ରେଣୀ ଗୃହର ଅନ୍ତର୍ଭୁକ୍ତ ହୋଇପାରିଛି, ଯାହାକି ଯୁଗୋପଯୋଗୀ ଅଟେ ।

**ସହାୟକ ଗ୍ରନ୍ଥସୂଚୀ**


୧. ତ୍ରୀପାଠୀ, ରାଧାବଲ୍ଲର୍ଭ (୧୯୮୨), କାବ୍ୟଶାସ୍ତ୍ର ଓ କାବ୍ୟ "ମୌକମିଳନ" ଏଣ୍ଡ କଂ, ନୂଆଦିଲ୍ଲୀ ।

୨. ସହାୟ, ରମାନାଥ (ଅନୁ) (୧୯୭୫), "ବାକ୍ୟବିନ୍ୟାସ କା ସୈଦ୍ଧାନ୍ତିକ ପକ୍ଷ, ନୋମଗେମସ୍କୀ," ରାଜସ୍ଥାନ ହିନ୍ଦୀଗ୍ରନ୍ଥ ଅକାଦମୀ ।

୩. ଆସ୍ପେକଟ୍‌ସ ଆଫ ଥୋରୀ ଅଫ୍ ସିଂଟେକ୍ସ ଏମ୍. ଆ. ଟୀ. ପ୍ରେସ, ରାଜସ୍ଥାନ ହିନ୍ଦୀ ଗ୍ରନ୍ଥ ଅକାଦମୀ ।



ଡଃ ସୁବାସ ଚନ୍ଦ୍ର ଦାଶ

ବରିଷ୍ଠ ପ୍ରାଧ୍ୟାପକ ସଂସ୍କୃତ ବିଭାଗ

ଉତ୍କଳ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

# ବାସନ୍ତିକ ବର୍ଣ୍ଣୋତ୍ସବ: ପବଦୋଳ ଓ ହୋଲି

ଡକ୍ଟର ସଂଘମିତ୍ରା ଭଂଜ
ଆସିଷ୍ଟାଣ୍ଟ ପ୍ରଫେସର (ଓଡ଼ିଆ)
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ସଂପ୍ରତି ଆଧୁନିକତା ନାମରେ ଅବକ୍ଷୟମାଣ- ନିଷ୍ପ୍ରଭ ମୂଲ୍ୟବୋଧକୁ ପୁନରୁଜ୍ଜୀବ କରିବା ପାଇଁ ସାଂସ୍କୃତିକ ପରମ୍ପରାର ମୌଳିକତା ରକ୍ଷା ଏବଂ ସ୍ୱତନ୍ତ୍ର କଳା-ପ୍ରାଚୁର୍ଯ୍ୟ ଅନୁସନ୍ଧାନର ଆବଶ୍ୟକତା ରହିଛି । "ଏହି ସଂସ୍କୃତ ଓ ପରମ୍ପରାର ଅନୁସନ୍ଧାନ କଲାବେଳେ ଯେକୌଣସି ଦେଶର ଧର୍ମଧାରା ଓ ଗଣଜୀବନର ରୀତି-ନୀତି ବହୁ ଉପାଦାନ ଯୋଗାଇବା ପୁଣି, ଧର୍ମଧାରା ଓ ଗଣ ଜୀବନର ରୀତି-ନୀତିରେ ପର୍ବପର୍ବାଣି, ଓଷାବ୍ରତ ଓ ଯାନିଯାତ୍ରା ନିଜସ୍ୱ ପ୍ରତିଫଳନ ସୁସ୍ପଷ୍ଟ ।" (୧) ଭାରତୀୟ ସଂସ୍କୃତିର ଆଧାର ହେଉଛି ତାର ଅସିର ପର୍ବ-ପର୍ବାଣୀ ଓ ଯାନି-ଯାତ୍ରା । ପ୍ରତ୍ୟେକ ପର୍ବପର୍ବାଣୀ ଓ ଉତ୍ସବ ଭିତରେ ଭାରତୀୟ ମାନବ ସାମାଜିକ ମୂଲ୍ୟବୋଧ ପ୍ରତି ଶ୍ରଦ୍ଧା ତଥା ଧାର୍ମିକ ଦର୍ଶନବୋଧ ପ୍ରତି ଆସ୍ଥା ଉକୁଟି ଉଠେ । ଏହି ଧାର୍ମିକ ଅବଧାରଣା ହିଁ ଭାରତୀୟମାନଙ୍କ ମୌଳିକତାକୁ ଅକ୍ଷୁର୍ଣ୍ଣ ରଖିଛି ।

ପ୍ରତ୍ୟେକଟି ସାଂସ୍କୃତିକ ମହୋତ୍ସବକୁ ନେଇ ଭାରତୀୟମାନେ ସର୍ବାନ୍ତକରଣରେ ନିଜର ସ୍ୱତଃସ୍ଫୁର୍ତ୍ତ ଉତ୍ସାହ ପ୍ରଦର୍ଶନ କରିଥାନ୍ତି । କ୍ରମେ ଏହି ଉତ୍ସାହ ଭାରତୀୟ ହିନ୍ଦୁମାନଙ୍କର ବିଶ୍ୱପ୍ରସିଦ୍ଧ ମହୋତ୍ସବ । "ଦ୍ୱାଦଶ ଶତାବ୍ଦୀର ଓଡ଼ିଆ ଜ୍ୟୋତିର୍ବିଦ୍ ଶ୍ରୀ ଶତାନନ୍ଦଙ୍କ ବିଶ୍ୱପ୍ରସିଦ୍ଧ ବିରଚିତ" ଶତାନନ୍ଦ ସଂଗ୍ରହରେ ଦୋଳଯାତ୍ରା ସଂପର୍କ ବିଭିନ୍ନ ବର୍ଣ୍ଣନାରୁ ସ୍ପଷ୍ଟ ଅନୁମିତ ହୁଏ ଯେ, ଅତି କମ୍‌ରେ ଦୀର୍ଘ ଆଠଶହ ବର୍ଷ ଓଡ଼ିଶାରେ ଦୋଳଯାତ୍ରା ପାଳିତ ହୋଇ ଆସୁଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏହା ଏକ ଆଞ୍ଚଳିକ ପର୍ବନୁହେଁ । ହିନ୍ଦୁମାନଙ୍କ ବିଭିନ୍ନ ପର୍ବପର୍ବାଣୀ ମଧ୍ୟରୁ ଏହା ଅନ୍ୟତମ । (୨) ପୂର୍ବ ଫାଲ୍‌ଗୁନୀ ନକ୍ଷତ୍ରଯୁକ୍ତ ଫାଲ୍‌ଗୁନ ଶୁକ୍ଳ ପୂର୍ଣ୍ଣିମା ଦିନଠାରୁ ଆରମ୍ଭ ହୋଇ ଠିକ୍ ପାଞ୍ଚଦିନ ପର୍ଯ୍ୟନ୍ତ ଯେଉଁ ପର୍ବ ପାଳନ କରାଯାଏ, ତାହାହିଁ ପଞ୍ଚୁଦୋଳ । ଯେଉଁଠି ଛ'ଦିନ ବ୍ୟାପୀ ପାଳନ କରାଯାଏ ତାକୁ ଛଅଦୋଳ ଏବଂ ଯେଉଁଠି ନବଦିନବ୍ୟାପୀ ପାଳନ କରାଯାଏ ତାକୁ ନବଦୋଳ ବୋଲି ମଧ୍ୟ କୁହାଯାଏ । ଓଡ଼ିଆ ପଞ୍ଜିକା ଅନୁଯାୟୀ ଫାଲ୍‌ଗୁନ ମାସର ପୂର୍ଣ୍ଣିମା ତିଥି ଦୋଳପୂର୍ଣ୍ଣିମା ନାମରେ ଅଭିହିତ । ଏହି ପର୍ବ "ବଙ୍ଗଳରେ ମୋଧାରଘର ପୋଡାଣ (Medhar Ghar Podan)" ନାମରେ ଆଖ୍ୟାୟିତ ହେବାବେଳେ ମହାରାଷ୍ଟ୍ରରେ ହୋଲାଚ୍ଛା (Holacha) ଏବଂ ଉତ୍ତର ଭାରତର ଅନେକ ସ୍ଥାନରେ ଦଣ୍ଡରାକ୍ଷ ପୂଜା ନାମରେ ଅଭିହିତ ହୋଇଥାଏ । (୩) ଏହି ପର୍ବର ଆରାଧ୍ୟ ଦେବତା ରାଧା ଓ କୃଷ୍ଣ । ତେଣୁ ରାଧାକୃଷ୍ଣଙ୍କୁ ଛୋଟ ଛୋଟ ବିମାନରେ ସୁସଜ୍ଜିତ କରି ଗ୍ରାମରେ ଭ୍ରମଣ କରାନ୍ତି ଏବଂ ନଗର ପରିକ୍ରମା କରାନ୍ତି । ଖୋଳା କୀର୍ତ୍ତନ କରି ମହାଡ଼ମ୍ବରରେ ଠାକୁରମାନଙ୍କୁ ଭକ୍ତମାନଙ୍କ ଘରେ ଘରେ ଭୋଗ ଲାଗି କରାନ୍ତି । ଏହି ଅର୍ପିତ ଭୋଗକୁ 'ଦ୍ୱାରୀ' ଭୋଗ କୁହାଯାଏ । ଦ୍ୱାରୀଭୋଗ ଗ୍ରହଣ କରିସାରି ଠାକୁରମାନେ ମନ୍ଦିରକୁ ଫେରି ଆସିଲାପରେ ଅଗ୍ନି ଦେବତାଙ୍କ ଉଦ୍ଦେଶ୍ୟରେ ମନ୍ଦିରର ଅଗ୍ନିକୋଣରେ ବିଭିନ୍ନ ଜାଳେଣି ସାମଗ୍ରୀ ଦ୍ୱାରା ଏକ କୁଡ଼ିଆକୁ ସୁସଜ୍ଜିତ କରି, ସେଥିରେ ଅଗ୍ନିଙ୍କ ବାହନ ମେଷର ଏକ ପ୍ରତିକୃତି ରଖିଦିଆଯାଇଥାଏ । ସେହି କୁଡ଼ିଆ ଆକୃତିର କାଠଗଦାକୁ 'ଅଇଘରା' କୁହାଯାଏ, ଯାହାକୁ ପରେ ଅଗ୍ନିସଂଯୋଗ କରାଯାଇଥାଏ । ରାଧା-କୃଷ୍ଣଙ୍କ ଅଇଘରାର ଚତୁଃପାର୍ଶ୍ୱରେ ୭ଥର ପରିକ୍ରମଣ କରାଇ ନାଲି ଅବିରରେ ଅର୍ଚ୍ଚନା କରାଯାଏ ।

ଦୋଳପୂର୍ଣ୍ଣମୀ ଦିନ ଭକ୍ତମାନେ ଠାକୁରମାନଙ୍କୁ ମନ୍ଦିରର ଦକ୍ଷିଣ ପୂର୍ବ ଦିଗରେ ନିର୍ମିତ ଦୋଳମଣ୍ଡପରେ ବିଜେ କରାଇ ଦିଅନ୍ତି । ସେଠାରେ ଠାକୁରଙ୍କ ପୂଜା ଅର୍ଚ୍ଚନା ସହିତ ଦୋଳଗୋବିନ୍ଦଙ୍କୁ ଅବିର ଅର୍ପଣ କରାଯାଇଥାଏ । ବୈଷ୍ଣବ ଧର୍ମାବଲମ୍ବୀଙ୍କ ମତରେ ରାଧାକୃଷ୍ଣଙ୍କ ନିମନ୍ତେ ପାଳିତ ଏହି

ପର୍ବଟି ପୁରାଣ ପ୍ରସିଦ୍ଧ 'ଋଚେରୀ ଲୀଳା' ନାମରେ ଖ୍ୟାତ। ଯେଉଁଥିରେ ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ସୁବାସିତ ଫୁଲ ହାରରେ ମଣ୍ଡନ କରି ଦୋଳି ଖେଳାନ୍ତି ଏବଂ ଠାକୁରମାନଙ୍କ ସହିତ ଫଗୁ ଖେଳନ୍ତି।

ଦୋଳୋତ୍ସବରେ 'ଗୋମାତା'ଙ୍କର ପୂଜାର୍ଚ୍ଚନା ନିମନ୍ତେ ବିଶେଷ ଆୟୋଜନ ହୋଇଥାଏ। ଏହା ଗୋପାଳ ଜାତିର ଏକ ପବିତ୍ର ପର୍ବ ରୂପେ ବହୁ ଚର୍ଚ୍ଚିତ। ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଏହା ଗୋମାତାର ଜନ୍ମଦିବସ ମଧ୍ୟ। ତେଣୁ ଦୋଳପୂର୍ଣ୍ଣମୀ ଦିନ ଗୋମାତାକୁ ହଳଦୀ-ଚନ୍ଦନ ଲଗାଇ ବନ୍ଦାପ କରାଯାଇଥାଏ। ସମସ୍ତ ଗୋପାଳକୁଳ ନୂତନ ବସ୍ତ୍ର ପରିଧାନ କରି ଦୋଳପର୍ବରେ ରାଧାକୃଷ୍ଣଙ୍କ ବିମାନ ସମ୍ମୁଖରେ ଯେଉଁ ନତ୍ୟ କରନ୍ତି ତାକୁ ଲଉଡି ଖେଳ କୁହାଯାଏ।

"ଦଳ ଦଳ ହୋଇ ଜଣେ ଜଣେ ଦଳପତିଙ୍କ ନିଧିନାୟକତ୍ୱରେ ଗୋପାଳକମାନେ ଦୋଳ ପୂନେଇଁ ଦିନ ମହାନନ୍ଦରେ ଠାକୁରଙ୍କ ମହିମାଗାନ କରି କରି ଦୋଳମଣ୍ଡପ ଉପରେ ଦୋଳି ଖେଳୁଥିବା ରାଧାକୃଷ୍ଣଙ୍କୁ ପରିକ୍ରମା କରିଥାନ୍ତି। ଅନେକ ସମୟରେ ରାଧାକୃଷ୍ଣ ପ୍ରେମରେ ଥିବବିହ୍ୱଳ ଗୋପାଳ ଦଳ ସଂକୀର୍ତ୍ତନ କରି ଗ୍ରାମ ପରିକ୍ରମା କରିଥାନ୍ତି। ସେମାନଙ୍କ ହାତରେ ଛୋଟ ଛୋଟ ଦଣ୍ଡ (କାଠି) ଥାଏ ଏବଂ ଗୀତ ଗାଇବାବେଳେ ସେଇ ଗୀତର ନିର୍ଦ୍ଦିଷ୍ଟ ତାଳ ଅନୁକରଣ କରି କାଠିକୁ କାଠି ବଜାଇ ଏକ ଅପୂର୍ବ ଝଙ୍କାର ସୃଷ୍ଟି କରନ୍ତି ସେମାନେ।" (୪)

ଦୋଳ ପୂର୍ଣ୍ଣମୀର ଫଗୁ - ଅବିର ଓ ବିଭିନ୍ନ ରଙ୍ଗ ଖେଳକୁ ହୋଲି କୁହାଯାଏ। ହୋଲି ଉତ୍ସବ ସହିତ ଅସଂଖ୍ୟ ପୌରାଣିକ କାହାଣୀ ସଂଯୁକ୍ତ। ରାକ୍ଷସୀ ପୂତନାର ସଂହାର, ମହାକୋପୀ ଶିବଙ୍କ ଧ୍ୟାନଭଗ୍ନ କରିବା ଅପରାଧରେ କାମଦେବ ଭସ୍ମ ପରେ ରତିଦେବୀଙ୍କ ଶୋକ, ଶଙ୍ଖଚୂଡ, ହୋରୀ, ହୋଲି, ହୋଲ, ହୋଲକା, ମେଧା, ଧୁନ୍ଧା ନାମକ ରାକ୍ଷସୀମାନଙ୍କର ବିଧ୍ୱଂସକାରୀ ପ୍ରଭୁ ଶ୍ରୀକୃଷ୍ଣଙ୍କ ବୀରତ୍ୱର ଜୟଗାନ ମଧ୍ୟ ହୋଲିର ଉଦ୍ଦେଶ୍ୟ। ସର୍ବୋର୍ଦ୍ଧ୍ୱରେ 'ହୋଲି' କେବଳ ରଙ୍ଗର ପର୍ବ ନୁହେଁ, ଦୃଢ ଆତ୍ମୀୟତା-ଅତୁଟ ସଂପର୍କର ପର୍ବ। 'ହୋଲି' ପାଇଁ ମୋ କବିତାରୁ ପଦେ-

"ଜୀବନ ବେରଙ୍ଗ ଥାଉ କିଏ ପଚାରୁଛି
ଦକ୍ଷିଣା ପବନ ନେଇ ହୋଲିଯେ ଆସିଛି
ଆମ୍ବ ବଉଳ ଲେନ୍ଥାରେ ଫଗୁଣର ବାସ
ଜାମୁଡାଳେ ପଳାଶର ମୃଦୁ-ମଳ ସ୍ପର୍ଶ।
ତୋଫା ପୁନେଇ ଜହ୍ନର ଏତେ ଯେ ସରାଗ
ଜଗତକୁ ବୋଳିବ କି ଫଗୁର ସୋହାଗ।
ଆସ ହୋଇ ଏଇମିତ ରଙ୍ଗ ଥାଳ ଧରି
ଦିଅ ପଛେ ଦିନକର ହସ
ଉତ୍ସାହରେ ଭରିଦେଇ
ଶୋଷିନିଅ ତ୍ରାସ।"

ପାଦଟୀକା

୧. ଓଡ଼ିଶାର ପର୍ବପର୍ବାଣି-ଓଷାବ୍ରତ-ଯାନିଯାତ୍ରା-ଉତ୍କଳ ସଂସଦ- ଓଡ଼ିଶା ବୁକ୍ ଷ୍ଟୋର୍
୨. ଓଡ଼ିଶାର ପର୍ବପର୍ବାଣି-ଓଷାବ୍ରତ-ଯାନିଯାତ୍ରା-ଉତ୍କଳ ସଂସଦ- ଓଡ଼ିଶା ବୁକ୍ ଷ୍ଟୋର୍ ପୃ:ଗ
୩. ଓଡ଼ିଶାର ପର୍ବପର୍ବାଣି-ଓଷାବ୍ରତ-ଯାନିଯାତ୍ରା-ଉତ୍କଳ ସଂସଦ- ଓଡ଼ିଶା ବୁକ୍ ଷ୍ଟୋର୍ ପୃ : ୧୭୧
୪. ଓଡ଼ିଶାର ପର୍ବପର୍ବାଣି-ଓଷାବ୍ରତ-ଯାନିଯାତ୍ରା-ଉତ୍କଳ ସଂସଦ- ଓଡ଼ିଶା ବୁକ୍ ଷ୍ଟୋର୍ ପ. ୧୭୪

# ଆଦର୍ଶ ଜରାଶ୍ରମର ପ୍ରତିଷ୍ଠା ଆବଶ୍ୟକତା ଓ ଏହାର ରୂପରେଖ

ଡ ରମେଶ ପ୍ରସାଦ ମହାନ୍ତି

ଜଗତୀକରଣର ପ୍ରଭାବ ଯୋଗୁଁ ଆମ ଦେଶ ଆର୍ଥିକ କ୍ଷେତ୍ରରେ ଅଗ୍ରଗତି କରୁଥିବାର ଲକ୍ଷ କରାଯାଏ। କିନ୍ତୁ ଏଥିସହ ଆମର ସାମାଜିକ ମୂଲ୍ୟବୋଧର ଅବନତି ଯେ କ୍ଷିପ୍ର ବତିରେ ଘଟିଚାଲିଛି ତାହା ଆମକୁ ସ୍ୱୀକାର କରିବାକୁ ପଡ଼ିବ। ଏଥି ମଧ୍ୟରୁ ବର୍ତ୍ତମାନର ଜରାଗ୍ରସ୍ତ ପିତାମାତାଙ୍କ ସମସ୍ୟା ଅନ୍ୟତମ।

ନିକଟ ଅତୀତରେ "ପାରମ୍ପରିକ ବ୍ୟବସ୍ଥାନୁସାରେ ଜରାଗ୍ରସ୍ଥ ପିତାମାତାଙ୍କ ସୁରକ୍ଷା ବ୍ୟବସ୍ଥା ଓ ସାମ୍ପ୍ରତିକ ସମୟରେ ସେମାନଙ୍କର ସ୍ଥିତି" ବିଷୟରେ ମୋର ଏକ ଲେଖା ଗୋଟିଏ ଦୈନିକ ଖବର କାଗଜର 'ସମ୍ପାଦକୀୟ' ପୃଷ୍ଠାରେ ଆଲୋକପାତ କରାଯାଇଥିଲା। ଲେଖାଟିକୁ ପାଠକରି ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ପାଠକ ମୋ ସଙ୍ଗେ ଯୋଗାଯୋଗ କରିଥିଲେ ଏବଂ ଏପରି ଏକ ସମ୍ବେଦନଶୀଳ ତଥା ସମସାମୟିକ ଚିନ୍ତାର ବିଷୟ ବସ୍ତୁକୁ ଲୋକ ଲୋଚନକୁ ଆଣିଥିବାରୁ ସାଧୁବାଦ ଜଣାଇଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଲେଖାଟିକୁ ପାଂକରି ଜଣେ ବୃଦ୍ଧ ବ୍ୟକ୍ତି ମୋ ଘରେ ପହଞ୍ଚି ତାଙ୍କର ପାରିବାରିକ ଦୁଃଖଦ କାହାଣୀ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ କୌଣସି ଏକ ବୃଦ୍ଧାଶ୍ରମରେ କିପରି ଦାଖଲ ହୋଇପାରିବେ ଏବଂ ତାଙ୍କର ଶେଷ ଜୀବନ ଟିକକ ଦୁର୍ବି ସହ ହେବା ପରିବର୍ତ୍ତେ କିପରି ସୁଖଦ ହେବ ସେଥିପାଇଁ ଚେଷ୍ଟା କରିଥିଲେ। ଆଉ କେତେଜଣ ବ୍ୟକ୍ତି ସ୍ୱଚ୍ଛଳଥିବା ଜରାଗ୍ରସ୍ଥ ପିତାମାତଙ୍କ ପାଇଁ, ଯଥା ଯେଉଁମାନଙ୍କ ପିଲାମାନେ ବିଦେଶରେ ରହୁଛନ୍ତି କିନ୍ତୁ କେତେକ କାରଣ ଯୋଗୁଁ ସେମାନେ ସେମାନଙ୍କ ପିଲାମାନଙ୍କ ସଙ୍ଗେ ତାଙ୍କର ଶେଷ ସମୟ କଟାଇବା ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ସେପରି ବ୍ୟକ୍ତି ବିଶେଷଙ୍କ ପାଇଁ ବା ସେମାନଙ୍କର ଜରାବସ୍ଥା ଦୁଃଖଦାୟକ ହେବା ପରିବର୍ତ୍ତେ କିପରି ସୁଖମୟ ହୋଇପାରିବ ସେଥିପ୍ରତି ଧ୍ୟାନଦେଇ ଏକ ସୁଚିନ୍ତିତ ମତାମତ ଦେବା ପାଇଁ ଅନୁରୋଧ କରିଥିଲେ। ଏହି ପରିପ୍ରେକ୍ଷିରେ ବର୍ତ୍ତମାନର ଏହି ଆଲେଖ୍ୟଟି ସେହିବର୍ଗର ବ୍ୟକ୍ତିବିଶେଷଙ୍କୁ ତଥା ବିଭିନ୍ନ ସରକାରୀ, ଅଣସରକାରୀ ବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ପାଇଁ ସହାୟକ ହେବ ବୋଲି ଆଶା କରାଯାଏ।

ଏକ ଅଧ୍ୟୟନରୁ ଜଣାପଡେ ଯେ ମାତ୍ର ପନ୍ଦର ବର୍ଷ ପୂର୍ବରୁ ଆମ ରାଜ୍ୟରେ ମାତ୍ର ୭୮ଟି ଜରାନିବାସ ଥିବାବେଳେ ବର୍ତ୍ତମାନ ଏହାର ସଂଖ୍ୟା ଯଥେଷ୍ଟ ପରିମାଣରେ ବଢ଼ିସାରିଲାଣି। ଏଥିରୁ ଅନୁମାନ କରାଯାଇପାରେ ଯେ ଆମ ଦେଶର ଆର୍ଥିକ ଅଗ୍ରଗତି ଘଟୁଥିଲେ ମଧ୍ୟ ସମାଜିକ ସ୍ତରରେ ଆମର ଅଧୋଗତ ଘଟିବାରେ ଲାଗିଛି ବା ବୃଦ୍ଧ ପିତା-ମାତାଙ୍କର ସମସ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଯାହା ହେଉନା କାହିଁକି ବର୍ତ୍ତମାନ ଆମ ରାଜ୍ୟରେ ଯେତେ ଗୁଡ଼ିଏ ଜରାନିବାସ ଅଛି ସେଗୁଡ଼ିକ ମୁଖ୍ୟତଃ ସାଧାରଣ ବର୍ଗର ବ୍ୟକ୍ତି ବିଶେଷଙ୍କ ପାଇଁ ନିର୍ଦ୍ଦିଷ୍ଟ ଏବଂ ବିଭିନ୍ନ କାରଣ ବସତଃ ସେଗୁଡିକ ମଧ୍ୟ ଅନ୍ତେବାସୀମାନଙ୍କୁ ସର୍ବନିମ୍ନ ସେବା ଯୋଗାଇଦେବାରେ ଅକ୍ଷମ ହୋଇଥାନ୍ତି ଏବଂ ଏପରିସ୍ଥଳେ ସ୍ୱଚ୍ଛ ଶ୍ରେଣୀର ବୃଦ୍ଧବ୍ୟକ୍ତିମାନେ ସେପରି ବ୍ୟବସ୍ଥା ମଧ୍ୟରେ ସେମାନଙ୍କର ଶେଷଜୀନକୁ ବିତାଇବା ପାଇଁ ଆଶଙ୍କା ପ୍ରକାଶ କରୁଛନ୍ତି। ତେଣୁ ବର୍ତ୍ତମାନର ପରିବର୍ତ୍ତିତ ସମାଜ ଓ ସମୟାନୁସାରେ ସ୍ୱଚ୍ଛଳ ଶ୍ରେଣୀର ଜରାଗ୍ରସ୍ଥ ବ୍ୟକ୍ତିମାନଙ୍କପାଇଁ କୌଣସି ଗୋଟିଏ ଆଦର୍ଶ ଜରାନିବାସର ରପରେଖ ପରିକଳ୍ପନା କରିବା ପରିବର୍ତ୍ତେ ଗୋଟିଏ ଆଦର୍ଶ ଜରାଶ୍ରମ ବିଷୟରେ ଆଲୋଚନା କରିବାର ସମୟ ଆସିଛି। ଯେଉଁଠିକି ସମସ୍ତ ମୌଳିକ ସୁବିଧା ସୁଯୋଗ ମଧ୍ୟ ରହିଥିବା ବିଧେୟ। ଏହା ଏପରିହେବା ଉଚିତ୍ ଯେପରିକି ପାରମ୍ପରିକ ବ୍ୟବସ୍ଥାନୁସାରେ ବୃଦ୍ଧ ପିତାମାତାମାନେ ସେମାନଙ୍କ ସନ୍ତାନମାନଙ୍କ ପାଖରୁ ଯେଉଁସବୁ ସୁରକ୍ଷା ଏବଂ ସୁବିଧା ସୁଯୋଗ ପାଇବା କଥା ସେସବୁ ପାଇପାରୁଥିବା ସହିତ

ଅନ୍ୟ ବା ଅତିରିକ୍ତ ସୁବିଧା ସୁଯୋଗ ମଧ୍ୟ ପାଇପାରୁଥିବେ। ତାହାହେଲେ ସେମାନଙ୍କର ଶେଷ ଜୀବନକାଳ ନିଶ୍ଚୟ ଖୁବ୍ ଆନନ୍ଦଦାୟକ ହୋଇପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଏପରି ପରିକଳ୍ପନାକୁ ନେଇ ଆମ ଦେଶର କେତେକ ରାଜ୍ୟରେ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଗଲାଣି। ଯାହା ହେଉନା କାହିଁକି ଏକ ଆଦର୍ଶ ଜରାଶ୍ରମ ପ୍ରତିଷ୍ଠା କରିବାକୁ ହେଲେ ଆମକୁ ଅନେକ ଗୁଡ଼ିଏ ଦିଗ ଉପରେ ଧ୍ୟାନ ଦେବାକୁ ପଡ଼ିବ। ସେଥିମଧ୍ୟରୁ କେତେଗୁଡ଼ିଏ ହେଲା– ସହରଠାରୁ ଅନତି ଦୂରରେ ଏବଂ ଏକ ପ୍ରାକୃତିକ ପରିବେଶରେ ପ୍ରାୟ ୨୦–୨୫ ଏକର ସ୍ଥାନ ଚିହ୍ନଟ କରିବା, ଜରାପୋଯୋଗି ଗୃହ ଏବଂ କୋଠରୀ ନିର୍ମାଣ କରିବା ଏବଂ ପ୍ରତ୍ୟେକ ଗୃହରେ ଦୁଇଟି ଲେଖାଏଁ କୋଠରୀର ଆବଶ୍ୟକତା, ଯେଉଁଥିରୁ ଗୋଟିଏ ଅନ୍ତେବାସୀ ଓ ଅନ୍ୟଟି ସେମାନଙ୍କ ବନ୍ଧୁବାନ୍ଧବ ବା ସେବାକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ହେବାର ଆବଶ୍ୟକତା, ଚାହିଦା ମୁତାବକ ସ୍ୱାମୀହୀନ ଓ ସ୍ତ୍ରୀହୀନ ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ଏକକ କୋଠରୀ ବିଶିଷ୍ଟ ଗୃହ ବା ବହୁଶଯ୍ୟା ବିଶିଷ୍ଟ ଶୟନାଗାରର ଆବଶ୍ୟକତା, ସମସ୍ତ କୋଠରୀରେ ସର୍ବନିମ୍ନ ଡାକ୍ତରୀ ସୁବିଧା ଯଥା ଅମ୍ଳଜାନ ସଂଯୋଜକରଣ, ବୃଦ୍ଧମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଖଟର ବ୍ୟବସ୍ଥା, ସ୍ୱତନ୍ତ୍ର ପାଇଖାନାର ବ୍ୟବସ୍ଥା ପ୍ରତ୍ୟେକ ଅନ୍ତେବାସୀମାନଙ୍କ ପାଇଁ ଗୃହମଧ୍ୟରେ ଡାକ୍ତରୀ ଏବଂ ନର୍ସ ଶେବା ପ୍ରଦାନ କରିବାର ବ୍ୟବସ୍ଥା, ଅନ୍ତେବାସୀମାନଙ୍କ ଇଚ୍ଛାମୁତାବକ ସେମାନଙ୍କ ଗୃହରେ ଦୈନିକ ଖାଦ୍ୟ ରାନ୍ଧିବାର ବା ଖାଦ୍ୟଯୋଗାଣ କରିବାର ବ୍ୟବସ୍ଥା ଏବଂ ଗୃହମଧ୍ୟରେ ବା ଗୋଟିଏ ସ୍ଥାନରେ ଏକକାଳୀନ ଭୋଜନ ପରିବେଷଣ କରିବାର ବ୍ୟବସ୍ଥାକ, ଜରାଶ୍ରମ ମଧ୍ୟରେ ଗୋଟିଏ ଡାକ୍ତରଖାନା ପ୍ରତିଷ୍ଠା ଡାକ୍ତର, ନର୍ସ ଏବଂ ଅନ୍ୟ ସେବାକାରୀମାନଙ୍କ ପାଇଁ ସେହିପରିସର ଗ୍ରାମ ମଧ୍ୟରେ ରହିବା ବ୍ୟବସ୍ଥା, ଗ୍ରାମ ମଧ୍ୟରେ ବୃଦ୍ଧପଯୋଗୀ ଗମନା ଗମନର ବ୍ୟବସ୍ଥା ଇତ୍ୟାଦି ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିବ।

ଏତଦ୍ ବ୍ୟାତୀତ ଅନ୍ତେବାସୀମାନଙ୍କ ସୁବିଧା ପାଇଁ ଗ୍ରାମ ଭିତରେ ବା ଫାଟକ ନିକଟରେ ଗୋଟିଏ ଡାକଘର ଏବଂ ବ୍ୟାଙ୍କ ପ୍ରତିଷ୍ଠା କରିବା ନିମନ୍ତେ ଜରୁରୀ। ଏହାଛଡା ପନିପରିବା ଏବଂ ତେଜରାତି ଦୋକାନ ପ୍ରତିଷ୍ଠା କରିବା ମଧ୍ୟ ବାଞ୍ଛନୀୟ।

ଆମ ଦେଶରେ ବହୁ ଧର୍ମର ଲୋକ ବାସକରୁଥିବାରୁ ଏବଂ ବୃଦ୍ଧକାଳରେ ଲୋକମାନେ ବିଶେଷ ଭାବରେ ସେମାନଙ୍କ ନିଜ ନିଜ ଧର୍ମାନୁସାରେ ଈଶ୍ୱର ପ୍ରାପ୍ତି ପାଇଁ ଚେଷ୍ଟିତ ହେଉଥିବାରୁ ଗ୍ରାମ ମଧ୍ୟରେ ବିଭିନ୍ନ ଧର୍ମର ବ୍ୟକ୍ତିମାନଙ୍କ ପାଇଁ ଅଲଗା ଅଲଗା ପ୍ରାର୍ଥନା ଗୃହ ଯଥା ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ ଇତ୍ୟାଦିର ପ୍ରତିଷ୍ଠା କରିବାର ଆବଶ୍ୟକତା ଅଛି। ଏଥିସହ ସବୁ ଧର୍ମର ବ୍ୟକ୍ତିମାନଙ୍କ ପାଇଁ ଗୋଟିଏ ଏକକ ପ୍ରାର୍ଥନା ଗୃହ ପ୍ରତିଷ୍ଠା କରାଯିବାର ଚିନ୍ତାମଧ୍ୟ କରାଯାଇପାରେ। ସେହିଭଳି ଗ୍ରାମ ମଧ୍ୟରେ ଗୋଟିଏ ଗ୍ରନ୍ଥାଗାର ଏବଂ ମନୋରଞ୍ଜନ ତଥା ସଭା ସମିତି ଓ ସାମାଜିକ ପରମ୍ପରା ପାଳନ ନିମନ୍ତେ ଗୋଟିଏ ଗୋଷ୍ଠି କେନ୍ଦ୍ର, ଗୋଟିଏ ବ୍ୟାୟାମ ଶାଳା ଓ ଗୋଟିଏ ଯୋଗକେନ୍ଦ୍ରର ପ୍ରତିଷ୍ଠା କରିବା ବାଞ୍ଛନୀୟ।

ନିଜକୁ କାର୍ଯ୍ୟରତ ଓ କାର୍ଯ୍ୟକ୍ଷମ ରଖିବା ପାଇଁ ବା ନିଜକୁ ଚାଷ ଇତ୍ୟାଦି କାର୍ଯ୍ୟରେ ନିୟୋଜିତ କରି ସେଥିରୁ ଆନନ୍ଦପ୍ରାପ୍ତ ପାଇଁ ଗ୍ରାମର ବିଭିନ୍ନ ପ୍ରାନ୍ତରେ ଜୈବଚାଷ ମାଧ୍ୟମରେ ବିଭିନ୍ନ ପନିପରିବା ଉତ୍ପାଦନ କରିବାର ବ୍ୟବସ୍ଥା କରାଯିବା ଉଚିତ। ଏହାଛଡା ଗ୍ରାମର ବିଭିନ୍ନ ପ୍ରାନ୍ତରେ ପ୍ରମୋଦ ଉଦ୍ୟାନମାନ ବା ପୁଷ୍ପ ଉଦ୍ୟାନମାନ ପ୍ରତିଷ୍ଠା ମଧ୍ୟ ବାଞ୍ଛନୀୟ। ଏହି ଉଦ୍ୟାନରେ ଇଚ୍ଛାମୁତାବକ ବୃଦ୍ଧ ଅନ୍ତେବାସୀମାନେ ଶ୍ରମ ଦାନକରି ସେଥିରୁ ଆନନ୍ଦ ପାଇପାରିବେ। ଏତଦ୍ ବ୍ୟତୀତ ଗ୍ରାମର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ। ସମସ୍ତ ସୁରକ୍ଷା ବ୍ୟବସ୍ଥା ଥାଇ ସ୍ନାନ କରିବା ପାଇଁ ଏକ ତୁଠ ନିର୍ମାଣ ଏବଂ ନୌକା ବିହାର କରିବା ପାଇଁ ସୁବିଧା ଥିବା ସୁଗମ୍ୟ ପୁଷ୍କରିଣୀ ପ୍ରତିଷ୍ଠା କରାଯାଇପାରେ।

ଉପରୋକ୍ତ ଦିଗଗୁଡ଼ିକ ବ୍ୟତୀତ କେଉଁ କେଉଁ ବ୍ୟକ୍ତିମାନ ଅନ୍ତେବାସୀମାନଙ୍କୁ ଭ୍ରମର କରିପାରିବେ ବା ଅନ୍ତେବାସୀମାନେ କେଉଁ କେଉଁ ବ୍ୟକ୍ତିମାନଙ୍କ ଗୃହକୁ ବୁଲାବୁଲି କରିବା ପାଇଁ ଯାଇ ପାରିବେ ତାର ଏକ ଲିଖିତ ନଥି ପ୍ରସ୍ତୁତ ହେବା ଦରକାର। ପ୍ରତ୍ୟେକ ଅନ୍ତେବାସୀଙ୍କ ଜନ୍ମଦିବସ ପାଳନ

କରିବା ବ୍ୟବସ୍ଥା ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଅନ୍ତେବାସୀମାନଙ୍କୁ ବିଭିନ୍ନ ସ୍ଥାନ ବା ତୀର୍ଥସ୍ଥାନ ଭ୍ରମଣ କରିବାର ବ୍ୟବସ୍ଥା। ବିଭିନ୍ନ ଧର୍ମର ବ୍ୟକ୍ତିବିଶେଷମାନଙ୍କର ପାଇଁ ଗ୍ରାମ ମଧ୍ୟରେ ଶବଦାହ କରିବାର ବ୍ୟବସ୍ଥା ଓ ସେମାନଙ୍କ ସ୍ମୃତିରକ୍ଷା ନିମନ୍ତେ ସେମାନଙ୍କର ଇଚ୍ଛାନୁସାରେ ବୃକ୍ଷରୋପଣ ବା ସମାଧି ଇତ୍ୟାଦି ନିର୍ମାଣ କରିବାର ବ୍ୟବସ୍ଥା, ଅନ୍ତେବାସୀମାନଙ୍କ ମତାନୁସାରେ ସେମାନଙ୍କ ମୃତ୍ୟୁପରେ କେଉଁଠାରେ ସେମାନଙ୍କ ଶବଦାହକାର୍ଯ୍ୟ ସମାପନ ହେବା ଉଚିତ୍, କେଉଁ କେଉଁ ବ୍ୟକ୍ତିମାନେ ଶବଦାହ କାର୍ଯ୍ୟରେ ଯୋଗନେବା ଆବଶ୍ୟକ ଦଶାହ କାର୍ଯ୍ୟ କିପରି ଓ କେଉଁଠାରେ ସମାପନ ହେବାକଥା, କେଉଁ କେଉଁ ବ୍ୟକ୍ତିମାନଙ୍କ ପାଖକୁ ମୃତ୍ୟୁଖବର ଦିଆଯିବା ଆବଶ୍ୟକ, ଅସ୍ଥି ବିସର୍ଜନ କିପରି ଏବଂ କେଉଁଠରେ ହେବା ଆବଶ୍ୟକ ବାର୍ଷିକ ଶ୍ରାଦ୍ଧ କିପରି ଏବଂ କେତେ ବର୍ଷପାଇଁ ଲଗାତର ପାଳନ କରାଯିବ ଉଚିତ୍। ସେମାନଙ୍କର ମୃତ୍ୟୁପରେ ସେମାନଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିଗୁଡ଼ିକର କେଉଁ କେଉଁ ବ୍ୟକ୍ତି ବା ଅନୁଷ୍ଠାନମାନ ଉତ୍ତରାଧିକାରୀ ହୋଇପାରିବେ ତାହାର ବିଧିବଦ୍ଧ ପଞ୍ଜିକରଣ କରାଯିବା ନିତ୍ୟନ୍ତ ବିଧେୟ।

ଏହି ସଂସ୍ଥାଟିକୁ ପରିଚାଳନା ପାଇଁ ଅର୍ଥ ଆମମନର ବ୍ୟବସ୍ଥା ଓ ଏହାର ସୁପରିଚାଳନା ପାଇଁ ଏକ ସୁଦୃଢ଼ ପରିଚାଳନା ମଣ୍ଡଳୀର ବ୍ୟବସ୍ଥା ପ୍ରଥମେ ହେବା ଉଚିତ୍। ଯେଉଁଥିରେ କି ସମାଜର ବିଭିନ୍ନ ବର୍ଗରୁ ଏବଂ ଅନୁଷ୍ଠାନମାନଙ୍କରୁ ବ୍ୟକ୍ତି ବିଶେଷ, ଯଥା ସରକାରୀ ଅନୁଷ୍ଠାନ, ଡାକ୍ତର, ଓକିଲ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ନ୍ୟାୟଧୀକଶ, ଗବେଷଣା ଅନୁଷ୍ଠାନମାନଙ୍କର ବ୍ୟକ୍ତିବିଶେଷ, ଲୋକ ପ୍ରତିନିଧି, ସାଧାରଣ ବ୍ୟକ୍ତି ଇତ୍ୟାଦି ଅନ୍ତର୍ଭୁକ୍ତ ରହିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

ଜରାଶ୍ରମ ବା ଜରାନିବାସ ମୃତ୍ୟୁକୁ ଅପେକ୍ଷା କରି ରହିଥିବା ବୟସ୍କମାନଙ୍କ ବାସସ୍ଥାନ ନୁହେଁ ବରଂ ଜୀବନକୁ ଶ୍ରଦ୍ଧାକରି ମୃତ୍ୟୁପ୍ରତି ଉପ୍ଭୀତ ନ ହେବାର ମାନସିକତା ସୃଷ୍ଟିର ଗ୍ରାମ ହେବା ଲୋଡ଼ା, ଯାହାକି ଦୀର୍ଘକାଳ ଗୃହଜଂଜାଳରେ ଅଭ୍ୟସ୍ତ ବୟସ୍କମାନଙ୍କ ପାଇଁ ଆଗ୍ରହ ଓ ଆନନ୍ଦ ପ୍ରାପ୍ତିର ସ୍ଥାନ ହୋଇପାରିବ।

(ଲେଖକ ବୈକୃଷ୍ଣ ଚୌଧୁରୀ Centre for Development Studies professor)

# ବିଶ୍ୱର ସଂକଟ କାଳରେ ଯୁବାମାନଙ୍କୁ ଆହ୍ୱାନ

ବିଜୟଲକ୍ଷ୍ମୀ ପଟ୍ଟନାୟକ
ସମ୍ପାଦିକା 'ସନାତନୀ'

ଯୁବାବସ୍ଥା ମାନବ ଜୀବନର ଏକ ସ୍ୱର୍ଣ୍ଣିମ ଅବସ୍ଥା। ବାଲ୍ୟ, କୈଶୋର ପରେ ଆସେ ଯୁବକ ଅବସ୍ଥା। ଯୁବାବସ୍ଥା ଭଗବାନଙ୍କର ଏକ ଅମୂଲ୍ୟ ଦାନ। ଏହା ଜୀବନର ଶ୍ରେଷ୍ଠ ସମ୍ପଦ ଏବଂ ଶକ୍ତି ସାମର୍ଥ୍ୟ ପ୍ରଦର୍ଶନର ପ୍ରାଣକେନ୍ଦ୍ର ରୂପେ ଉଭାହୋଇଥାଏ। ଏହି ସମୟରେ ଦେହ ଓ ମନରେ ଅଫୁରନ୍ତ ଶକ୍ତି ଆସେ ଏବଂ ମନରେ ଅସାଧ ସାଧନ କରିବାର ସଂକଳ୍ପ ବସାବାନ୍ଧେ। ନୂତନ ସ୍ୱପ୍ନରେ ବିଭୋର ମନ ଏବଂ ଶକ୍ତି ସାମର୍ଥ୍ୟର ପ୍ରାଚୁର୍ଯ୍ୟ ସହିତ ଯଦି ଭଗବତ୍ କରୁଣାରେ ପ୍ରଜ୍ଞାଦୀପ୍ତ ହୋଇଯାଏ ଯୁବାବସ୍ଥା, ତେବେ ଅସାଧ ସାଧନ କରାଯାଇପାରେ। ଏହିପରି ଯୁବକ ଯୁବତୀମାନଙ୍କ ଉପରେ ଦେଶର ପ୍ରକୃତ ବିକାଶ ନିର୍ଭର କରେ। ଇତିହାସର ପୃଷ୍ଠା ଲେଉଟାଇଲେ ଦେଖାଯାଏ ଯେ ଏହି ଯୁବାବସ୍ଥା ହିଁ ସମାଜର କଲ୍ୟାଣ ସାଧନ ଦିଗରେ କାଳଜୟୀ ଯଶ ଓ କୀର୍ତ୍ତି ଲାଭ କରି ପାରିଥିଲେ। ମହାପୁରୁଷ ମାନଙ୍କର ଉନ୍ମେଷ ଏହି ଯୁବାବସ୍ଥାରେ ହିଁ ଘଟିଥିଲା।

ଭାରତୀୟ ସଂସ୍କୃତିର ସାର ନିର୍ଯ୍ୟାସ ପ୍ରତ୍ୟେକ ଭାରତୀୟ ଯୁବକ ଯୁବତୀମାନଙ୍କର ହୃଦୟରେ ମୂଲ୍ୟବୋଧ ରୂପରେ ରହିଛି। ଭାରତର ମୁନିଋଷି ଓ ସନ୍ଥଗଣ ଏହି ମୂଲ୍ୟବୋଧ ଗୁଡ଼ିକୁ ଜୀବନରେ ଅଭ୍ୟାସ କରି ଭାରତୀୟ ସଭ୍ୟତା ଓ ସଂସ୍କୃତିକୁ କାଳଜୟୀ କରିଯାଉଛନ୍ତି। ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଯୋଗୀ ଅରବିନ୍ଦ, ସ୍ୱାମୀ ବିବେକାନନ୍ଦ, ଶ୍ରୀ ଚୈତନ୍ୟ ଆଦି ମନୀଷିଗଣ ଉଦ୍‌ଭ୍ରାନ୍ତ ମନୁଷ୍ୟକୁ ସତ୍‌ମାର୍ଗ ଦର୍ଶନଲାଗି ଆଧ୍ୟାତ୍ମିକ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣି ଦେଇଥିଲେ। ବହୁ ଯୁବକ ଏବଂ ଦେଶଭକ୍ତ ଭାରତର ସ୍ୱାଧୀନତା ଆଣିବାରେ ବିଶେଷ ଯୋଗଦାନ ଦେଇଥିଲେ। ଯୁବ ଆତ୍ମାରେ ସୂର୍ଯ୍ୟକୁ ବି ଅତିକ୍ରମ କରିଯିବାର ସାହସ ରହିଛି। ତାହା ଆନନ୍ଦ, ଉଲ୍ଲାସ, ନ୍ୟାୟ ଅନ୍ୟାୟ, ଚେତନାଦୀପ୍ତ ସମୁଜ୍ଜ୍ୱଳ ଆତ୍ମାଟିଏ।

ଯୁବସମାଜ କହିଲେ କେବଳ ନିର୍ଦ୍ଦିଷ୍ଟ ବୟସ ସୀମାର ଥିବା ଝିଅ ପୁଅଙ୍କୁ ବୁଝାଏ ନାହିଁ। ଏହି ଯୁବତ୍ୱ ସମସ୍ତଙ୍କ ମଧ୍ୟରେ ଏକ ବିଶେଷ ଗୁଣ ଉପରେ ଆଧାରିତ। ସେଥିରୁ ପ୍ରଧାନ ହେଲା ଶୁଦ୍ଧତା, ପବିତ୍ରତା ଓ ସାହସିକତା। ଯୁବକ ଓ ଯୁବତୀଗଣ ଉପରୋକ୍ତ ଗୁଣମାନଙ୍କୁ ଆଶ୍ରୟ କରି ଦେଶ ଓ ଜାତିର ତଥା ନିଜର ଅଶେଷ କଲ୍ୟାର କରିପାରିବେ।

ଭାରତର ପ୍ରାଣବାୟୁ ହେଲା ଆଧ୍ୟାତ୍ମିକତା। ମୂଲ୍ୟବୋଧର ଅଭ୍ୟାସ ହେଉଛି ଜୀବନଧାରା। ସତ୍ୟ ଓ ଧର୍ମ ହେଉଛି ଜନଜୀବନର ମାପକାଠି। ଆଜି ଆମ ଦେଶରେ କୋଟିକୋଟି ଶିକ୍ଷିତ ଯୁବକ ଅଛନ୍ତି। ଖାଇ ପିଇ ମସ୍ତିକରି ନେତାମାନଙ୍କର ହାତ ବାରିଶି ସାଜି ନିଜର ବହୁମୂଲ୍ୟ ଭବିଷ୍ୟତକୁ ସେମାନଙ୍କ ପାଖରେ ବନ୍ଧା ପକେଇ ଦେଉଛନ୍ତି। ଦେଶର, ଜାତିର ଏପରିକି ନିଜର ଓ ନିଜ ପରିବାରର କଲ୍ୟାଣ ପାଇଁ ସେମାନେ କଣ କରୁଛନ୍ତି ? କେବଳ ଆତ୍ମସ୍ୱାର୍ଥ ଶିଖି ଗୁଣ୍ଡା ଗର୍ଦ୍ଦି କରିବା ଛଡା ଅଧିକ କିଛି କରୁନାହାନ୍ତି। ଏପରିକି ନିଜ ଗ୍ରାମର ଉନ୍ନତି ଦିଗରେ ମଧ୍ୟ ସାମିଲ ହୋଇପାରୁ ନାହାଁନ୍ତି। ମଧୁସୂଦନ ଦାସଙ୍କର କବିତାଟିଏ ଏଠାରେ ମନେପଡେ– 'ତୁମପରି ଛୋଟ ପିଲାଟିଏ' ସ୍କୁଲ ଆସିଲାବେଳେ ଗୋଡ ଖସିଯାଉ କାଦୁଅରେ ପଡି ଯିବାରୁ ଛୁଟିଦିନ ଦେଖି ଗାଁର ଛୋଟ ଛୋଟ ପିଲାମାନଙ୍କୁ ଏକାଠି କରି ଗ୍ରାମ ରାସ୍ତା ମାଟି ପକାଉ ତିଆତି କରିଦେଲେ। ଯେଉଁ ମାଟି, ପାଣି, ପବନ, ଫଳମୂଳ, ଶଶ୍ୟ ଆଦି ଗ୍ରହଣ କରି ଆମେ ବଞ୍ଚିଲୁ, ଜୀବନର କେତେ ବର୍ଷା ବସନ୍ତ ଓ ବୈଶାଖ କଲେଇଲୁ ତା ପ୍ରତି ଆମର କଣ କିଛି କର୍ତ୍ତବ୍ୟ ନାହିଁ ? ଯେଉଁ ଦେଶଆମକୁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ପରି ମୌଳିକ ସହଯୋଗ ଦେଉଛି, ଗୋଟିଏ ଉତ୍ତମ ନାଗରିକ କରି ଗଢ଼ି ତୋଳିଛି, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ଯୋଗାଯୋଗ ଯୋଗାଉଛି ତା ପ୍ରତି କଣ ଆମର କିଛି ଦାୟିତ୍ୱ ନାହିଁ ? ଆମେ

ପଞ୍ଚ ମହାଭୁତକୁ ନଷ୍ଟ ଭ୍ରଷ୍ଟ କରି ଚାଲିଛେ– କେବେ ତ ମନକୁ ଆସୁନି ଏଥିପ୍ରତି ଆମର ମଧ୍ୟ କିଛି ଦାୟିତ୍ୱ ରହିଛି।

ଆମ ଆଗରେ ଆଦର୍ଶ ନାହିଁ। ନେତୃବର୍ଗ ଆମ ଯୁବପୀଢ଼ିଙ୍କୁ ଭୁଲ ବାଟରେ ପରିଚାଳିତ କରୁଛନ୍ତି। ଯୁବସମାଜ ନିଜର ଆତ୍ମବିଶ୍ୱାସ ଫେରି ପାଉ, ନିଜ ଜୀବନକୁ ମୂଲ୍ୟବୋଧଭିତ୍ତିକ କରିବା ସହିତ ସମାଜର କଲ୍ୟାଣ ସାଧନରେ ବ୍ରତୀ ହେଉ ତେବେ ଯାଇ ଏ ଦୁର୍ଲ୍ଲଭ ମାନବ ଜୀବନ ସଫଳ ହେବ। ଯୁବକମାନେ, ନେତୃତ୍ୱ ଯେଉଁମାନେ ନେଉଛନ୍ତି ସେମାନଙ୍କର (କ) ଆତ୍ମବିଶ୍ୱାସ, (ଖ) ଉତ୍ତମଚିନ୍ତା, (ଗ) ନେତୃତ୍ୱ ନେବାର ଦକ୍ଷତା ଏବଂ (ଘ) ଦୃଢ଼ ସଂକଳ୍ପ ରହିବା ଦରକାର। ନେତୃତ୍ୱ ନେବାକୁ ହେଲେ ନିମ୍ନଲିଖିତ ଗୁଣ ରହିବା ଦରକାର।

- ଦୃଢ ବିଶ୍ୱାସ ସତ୍ୟ ଉପରେ ରହିବା ଦରକାର।
- ପ୍ରତ୍ୟୋକ କାର୍ଯ୍ୟକୁ ପ୍ରଥମେ ନିଜେ ଆଗଭର ହୋଇ ବାହାରିବା ଦରକାର।
- ନିଜସ୍ୱାର୍ଥକୁ ପଛକୁ ରଖିବା ଆବଶ୍ୟକ।
- ଅନ୍ୟର ମତକୁ ସମ୍ମାନ ଦେବା ଦରକାର।
- ଆଦେଶ ଦେବା ବଦଳରେ ସ୍ନେହରେ, ପ୍ରେମରେ କହିବା ଉଚିତ୍।
- ବ୍ୟକ୍ତିଗତ ଉଚ୍ଚାରଣ (କଥା) ଓ ଆଚରଣ (କର୍ମ) ସମାନ ହେବା
- ନିଜେ ଶୃଙ୍ଖଳିତ ଜୀବନ ଯାପନ କରୁଥିବା ଆବଶ୍ୟକ।
- ମହାପୁରୁଷମାନଙ୍କ ଜୀବନୀ ପଢ଼ି ତ୍ୟାଗ, ନିଷ୍ଠା, ଜ୍ଞାନ ଓ ଦକ୍ଷତା ବଢ଼ାଇବା ଦରକାର।
- ନିଜର ପ୍ରତ୍ୟୋକ ଦୋଷକୁ ଅନ୍ୟ ଉପରେ ଲଦି ନ ଦେଇ ବା ନିଜଠାରୁ ଅନ୍ୟମାନଙ୍କୁ ନ୍ୟୁନ ମନେକରି କଥା କହିବା ଅନୁଚିତ୍।
- ବହୁତ ବଡ ପାଟିରେ କହିଲେ ଅନ୍ୟ ଜଣେ ରାଗିଯିବ ତେଣୁ ସାଧାରଣ ଭାବରେ ବୁଝାଇ କହିଲେ ନିଜର କି ଅନ୍ୟର କ୍ଷତି ହେବନାହିଁ।

ସ୍ୱାମୀ ବିବେକାନନ୍ଦ ଯୁବ ସମାଜ ନିମନ୍ତେ ଏକ ଜ୍ୱଳନ୍ତ ଉଦାହରଣ। ଆତ୍ମବିଶ୍ୱାସ ଉପରେ ସେ କହିଥିଲେ 'ଶକ୍ତି ହିଁ ଜୀବନ, ଦୁର୍ବଳତା ହିଁ ମୃତ୍ୟୁ।' ଭଗବାନ ସତ୍ୟସାଇ ବାବା କହନ୍ତି 'ଜୀବନ ଏକ ଆହ୍ୱାନ, ତାର ସମ୍ମୁଖୀନ ହୁଅ।'

ଭାରତର ଏକ ଆତ୍ମାଅଛି। ତାକୁ ଚିହ୍ନି ତାର ଗରିମାମୟ ପରମ୍ପରା ଯେ ବିଶ୍ୱର ଆଧାରଶିଳା ଏକଥା ବୁଝିବାକୁ ହେବ। ନିଜେ ବୁଝି ଅନ୍ୟମାନଙ୍କୁ ବୁଝାଇବାକୁ ହେବ। ତାହାହିଁ ଶ୍ରେଷ୍ଠ ଆଦର୍ଶ ଯୁବାଶକ୍ତି ନିମନ୍ତେ।

ଜୀବନ ଏକ ବିଶାଳ ଘଣ୍ଟା ପରି। ବର୍ଷ, ମାସ, ଦିନ ସେହି ଚକ୍ରରେ ଗତିକରିଚାଲିଛି। ଜୀବନକାଳ ପ୍ରତିଦିନ କ୍ଷୟ ହୋଇ ହୋଇ ଚାଲିଛି। ଶେଷ ଘଣ୍ଟା ବାଜିବା ପୂର୍ବରୁ ନିଜର ଲକ୍ଷ୍ୟ ସ୍ଥିର କରି ସେଠାରେ ପହଞ୍ଚିଯିବାକୁ ଚେଷ୍ଟା କରିବା ହେଉଛି ପ୍ରକୃତ ବୁଦ୍ଧିମାନର କାର୍ଯ୍ୟ। ଅବଶିଷ୍ଟ ସମୟର ସଦ୍ ବିନିଯୋଗ ପାଇଁ ଚେଷ୍ଟିତ ହେବା, ନିଜର କର୍ତ୍ତବ୍ୟ ପ୍ରତି ସଚେତନ ହେବା ଅବଦୁଲ କଲାମ, ଆମର ମହାମାନ୍ୟ ମିଜାଇଲ ମ୍ୟାନ ଏବଂ ପୂର୍ବତନ ରାଷ୍ଟ୍ରପତିଙ୍କ ଭାଷାରେ– "ସ୍ୱପ୍ନଦେଖ, କିନ୍ତୁ ସ୍ୱପ୍ନ ହେଉଛି ତାହା ଯାହା ନିଦରେ ଶୋଇ ଦେଖାଯାଏ ନାହିଁ, ସ୍ୱପ୍ନ ହେଉଛି ତାହା ଯାହା ପୂରଣ ନ ହେବାଯାଏ ତୁମକୁ କେବେ ଶୁଆଇ ଦିଏ ନାହିଁ।"

# ସ୍ମୃତି: ସେ ତ ଏକ ଅନୁଭୂତି

ସ୍ୱୟଂବରା ଭୋଇ

ଗୁରୁ ଅର୍ଥାତ୍ ଗୁ-ର ଅର୍ଥ ଅନ୍ଧକାର ଏବଂ ରୁ-ର ଅର୍ଥ ଆଲୋକ। ଅର୍ଥାତ୍ ଯିଏ ଆମକୁ ଅନ୍ଧାର ରୂପକ ଅଜ୍ଞାନକୁ ଆଲୋକ ଦେଇଥାଆନ୍ତି। ଆମ ଭାରତରେ ସେପ୍ଟେମ୍ବର ୫ ତାରିଖକୁ ଗୁରୁଦିବସ ରୂପେ ପାଳନ କରାଯାଏ। କାରଣ ଏହିଦିନ ଭାରତର ପୂର୍ବତନ ରାଷ୍ଟ୍ରପତି 'ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିନ। ତାଙ୍କ ଜନ୍ମଦିନକୁ ସେ ଭାରତର ସମସ୍ତ ଗୁରୁଙ୍କ ପାଇଁ ଉତ୍ସର୍ଗ କରିଦେଇଥିଲେ। କାରଣ ପ୍ରଥମରୁ ଜଣେ ଶିକ୍ଷକ ଥିଲେ ସେ ଏବଂ ତାଙ୍କ ଗୁରୁଙ୍କ ପ୍ରତି ତାଙ୍କର ଯଥେଷ୍ଟ ଶ୍ରଦ୍ଧା ଓ ସମ୍ମାନ ଥିଲା। ପ୍ରକୃତ ପକ୍ଷେ ଯେଉଁମାନେ ଆଜି ମଣିଷ ଭଳି ମଣିଷ ହୋଇ ସମାଜରେ ପରିଚିତ। ସେମାନେ ନିଶ୍ଚିତ ଭାବେ ସେମାନଙ୍କ ଗୁରୁଜନମାନଙ୍କଠାରୁ ପ୍ରେରଣା ପାଇଛନ୍ତି।'

ଆମ ଭାରତୀୟ ସଂସ୍କୃତି ଏକ ପ୍ରାଚୀନ ସଂସ୍କୃତି ଅଟେ। ଏହି ସଂସ୍କୃତିରେ ଗୁରୁ ଶିଷ୍ୟ ପରମ୍ପରା ଏକ ଉନ୍ନତ ପରମ୍ପରା ଅଟେ ଏବଂ ଏହା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ଆମ ଜୀବନରେ ସାଧାରଣତଃ ତିନୋଟି ରୂପରେ ଗୁରୁ ଆସିଥାନ୍ତି। ପ୍ରଥମେ ପିତା, ମାତା, ଦ୍ୱିତୀୟରେ ଦେବାଦେବୀ ଓ ମହାପୁରୁଷ ଓ ତୃତୀୟରେ ଶିକ୍ଷାଗୁରୁ। ଶିକ୍ଷାଗୁରୁଙ୍କ ପାଖରୁ ଆମେ ପ୍ରକୃତ ଜ୍ଞାନ ପାଇଥାଉ।

ଭାରତୀୟ ସଂସ୍କୃତିରେ ଗୁରୁ ପରମ୍ପରାରେ ବହୁ ଦୃଷ୍ଟାନ୍ତ ଦେଖିବାକୁ ମିଳେ। ତୀର୍ଥସ୍ଥାନ ଭ୍ରମଣ କରିବାର ଅଭିଳାଷ ନେଇ ଦିନେ ଦୃଷ୍ଟିହୀନ ପିତା ଓ ମାତାଙ୍କୁ ଶ୍ରବଣ କୁମାର ନେବାର ଏକ ଉଦାହରଣ। ଏହି ଗୁରୁଙ୍କ ନେଇ ମୁଁ ମୋର ଏକ ଅନୁଭୂତିକୁ ପ୍ରକାଶ କରିବାକୁ ଋହୁଁଛି। ଏହା ୨୦୧୨ ମସିହାର ଘଟଣା।

ମୁଁ ସେତେବେଳେ ଦଶମ ଶ୍ରେଣୀରେ ପଢୁଥାଏ। ଦଶମ ଶ୍ରେଣୀରେ ପଢ଼ିବା ସମୟରେ ମୁଁ ପାଠ ତ ପଢୁଥିଲି କିନ୍ତୁ ମୋର ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହେବା ଭଳି ନମ୍ବର ରହୁନଥିଲା। ଏହାପରେ ବାପାଙ୍କ ଆଦେଶରେ ମୁଁ ଜଣେ ଶିକ୍ଷକଙ୍କ ପାଖକୁ ପଢ଼ିବାକୁ ଯିବାପରେ ତାଙ୍କରି ପ୍ରେରଣାରେ ମୁଁ ଧିରେ ଧିରେ ପଢ଼ିବାକୁ ଉନ୍ନତି କଲି। ଛାତ୍ର କେବେ ବି ନିଜ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ହରାଇବା ଉଚିତ୍ ନୁହେଁ। ମୁଁ ମୋର ଦୃଢ ଇଚ୍ଛାଶକ୍ତି ପିତାମାତାଙ୍କ ଆଶୀର୍ବାଦ ଫଳରେ ଦଶମ ଭଲ ନମ୍ବର ରଖି ଉତୀର୍ଣ୍ଣ ହେଲି। ଯାହାଦ୍ୱାରା କି ଧିରେ ଧିରେ ଭଲ ଭଲ ଶିକ୍ଷାନୁଷ୍ଠାନ ମାନଙ୍କରେ ପଢ଼ିବାକୁ ସୁଯୋଗ ମିଳିଲା।

ତେଣୁ ଛାତ୍ର ସମାଜକୁ ମୋର ଗୋଟିଏ ଅନୁରୋଧ କି ଗୁରୁଙ୍କ ସ୍ଥାନ ସର୍ବଦା ଉଚ୍ଚ ସ୍ଥାନରେ ଅଟେ। କଥାରେ ଅଛି "ଗୁରୁଙ୍କୁ ନ ମଣିବ ନର ଗୁରୁ ହିଁ ସାକ୍ଷାତ ଈଶ୍ୱର।" ସଂପ୍ରତି ଏକବିଂଶ ଶତାବ୍ଦୀର ବାସ୍ତୁବାଦୀ ଚିନ୍ତାଧାରାର ମୋହ ଆଜି ଉଭୟ ଛାତ୍ର ଓ ଗୁରୁଙ୍କୁ ଚକିତ କରିଆସିଛି। ଆଜିର ଶିକ୍ଷକ ବିକ୍ରେତା ଓ ଛାତ୍ରଛାତ୍ରୀ ହେଉଛନ୍ତି କ୍ରେତା। ଆଜି ଯେଉଠି ଦ୍ରୋଣାଚାର୍ଯ୍ୟ ଏକଲବ୍ୟର ଅନୁସନ୍ଧାନ କରୁଛି ତ ଏକଲବ୍ୟର ଦ୍ରୋଣାଚାର୍ଯ୍ୟର ଅନୁସନ୍ଧାନ କରୁଛି।

ତେଣୁ ଆଜିର ଏହି କଳୁଷିତ ସମାଜରେ ଯଦି ଛାତ୍ରଛାତ୍ରୀମାନେ ଗୁରୁଙ୍କ ମହତ୍ୱ ଯେ କେତେ ଗୁରୁତ୍ୱପୂର୍ଣ୍ଣ ଅଟେ ଜୀବନରେ ଯଦି ସେ ବୁଝିପାରନ୍ତା ତାହେଲେ ଏହି ଗୁରୁ- ଶିଷ୍ୟର ସମ୍ପର୍କ ସର୍ବଦା ପୂଜନୀୟ ହୋଇ ରୁହନ୍ତା। ମୁଁ ଆଶା କରିବି ଯେ ଏସବୁ ଏକଲବ୍ୟ ଓ ଦ୍ରୋଣାଚାର୍ଯ୍ୟ ଏକତ୍ରିତ ହୋଇ ଗୁରୁ ଓ ଶିଷ୍ୟର ପରମ୍ପରାର ଧ୍ୱଜା ଉଡ଼ାଇବା ଉଚିତ୍।

ପ୍ରତ୍ନତତ୍ତ୍ୱ ବିଭାଗ
ସ୍ନାତକ ଦ୍ୱିତୀୟ ବର୍ଷ

# ଆଦର୍ଶ

ଫୁଲମଣି ସୋରେନ୍

ଆଧୁନିକ ମଣିଷ ଆଜି ସମ୍ପୂର୍ଣ୍ଣ ଭାବେ କୈନ୍ଦ୍ରିକ ହୋଇପଡ଼ିଛି । ତାଙ୍କ ନିକଟରେ ଆଜି ନିଜର ବ୍ୟକ୍ତିଗତ ସାର୍ଥ ହିଁ ସବୁଠାରୁ ବଡହୋଇ ଦେଖାଦେଇଛି । ସମାଜ ପ୍ରତି ରହିଥିବା ତା'ର କର୍ତ୍ତବ୍ୟ ବୋଧକୁ ସେ ସମ୍ପୂର୍ଣ୍ଣ ବିସ୍ମୃତ ହୋଇଛି ।

ବିଶ୍ୱ ଗୋଟିଏ ବିରାଟ ଶିକ୍ଷୟତନ । ପ୍ରତି ମୁହୂର୍ତ୍ତରେ କେତେ ଘଟଣା ପୃଥିବୀରେ ଘଟି ଯାଉଛି ତା'ର ଇୟତ୍ତା ନାହିଁ । ଅନୁରୂପଭାବେ ପୃଥିବୀରେ ବହୁ ପ୍ରକାର ମଣିଷ ବାସ କରନ୍ତି । ଏହା ମଧ୍ୟରେ ଚୋର ଡକାୟତଙ୍କଠାରୁ ଆରମ୍ଭ କରି ମହାପୁରୁଷ ପର୍ଯ୍ୟନ୍ତ ଅଛନ୍ତି । ଅନେକ ବ୍ୟକ୍ତିଙ୍କ କାର୍ଯ୍ୟବଳୀ ପୃଥିବୀରେ କିଛି ନା କିଛି ପରିବର୍ତ୍ତନ ସଂଘଟିତ କରିଛି । ତେଣୁ ପ୍ରତ୍ୟେକ ମଣିଷ ଠାରୁ ଅନ୍ୟ ମଣିଷର କିଛି ନା କିଛି ଶିକ୍ଷା କରିବାର ଅଛି । ଅବଶ୍ୟ ସମସ୍ତଙ୍କ ଜୀବନରୁ ସବୁ କଥା ଶିକ୍ଷା କରିବାର ଅନୁଚିତ । ଜୀବନ ଓ ସମାଜ ଗଠନରେ ବ୍ୟକ୍ତିର ଯେଉଁ ମହତ୍ତ୍ୱ ଗୁଣ ମଣିଷକୁ ସାହାଯ୍ୟ କରିପାରିବ, କେବଳ ତାହାହିଁ ଶିକ୍ଷା କରିବା ଆବଶ୍ୟକ । ବ୍ୟକ୍ତିକୁ ନେଇ ସମାଜ ଗଠିତ ବ୍ୟକ୍ତିର କ୍ରିୟା କଳାପ ସମାଜ ଜୀବନକୁ ନିୟନ୍ତ୍ରଣ କରିଥାଏ । ସେତେବେଳେ ନେତୃତ୍ୱ ଆଦର୍ଶ ସ୍ଥାନୀୟ ବ୍ୟକ୍ତିଙ୍କ ହସ୍ତରେ ନ୍ୟସ୍ତ ହୋଇଛି । ସେତେବେଳେ ସମାଜ ସୁନାରେ ପରିଣତ ହୋଇଯାଏ । ଯୁଗ ଥିଲା ଶିବାଜୀ ତାଙ୍କ ମାତାଙ୍କଠାରୁ ରାମାୟଣ ଓ ମହାଭାରତର ବୀରମାନ କାହାଣୀ ଶ୍ରବଣ କରି ନିଜ ଜାତିକୁ ସଂଗଠିତ କରିବା ସପ୍ନ ଦେଖିଥିଲେ । ପରବର୍ତ୍ତୀ ସମୟରେ ମରହଟ୍ଟା ସମଗ୍ର ଭାରତରେ ଏକ ବିରାଟ ଶକ୍ତି ରୂପେ ଠିଆ ହୋଇ ପାରିଥିଲା । ସେହିପରି ଆମେ ମଧ୍ୟ ଆମ ଜୀବନରେ କେହି ନା କେହିତ ଅଛନ୍ତି ସମର୍ଥକ ହିସାବରେ, ତାଙ୍କୁ ଆମେ ଅନୁକରଣ କରି ଆମ ଜୀବନର ଚରିତ୍ର ହୁଏତ କିଛି ସଚେତନ ସହିତ ପରିବର୍ତ୍ତନ ଆଣିବ ଏବଂ ଜୀବନର ପ୍ରକୃତ ମୂଲ୍ୟ ସମ୍ପର୍କରେ ଅବଗତ ହୋଇପାରିବ ।

ପଞ୍ଚମ ବର୍ଷ
ଓଡ଼ିଆ ବିଭାଗ

# "ମା"

ଧିରେନ୍ଦ୍ର ବେହେରା
ଦର୍ଶନ ବିଭାଗ-ଦ୍ୱିତୀୟବର୍ଷ

ଏ ଦୁନିଆରେ ଭଗବାନ୍ ଅଛନ୍ତି ବୋଲି ଆମେ ସମସ୍ତେ ଜାଣିଛେ । ହେଲେ କେହି କହିପାରିବ ଯେ ସେ ନାଁ ସେମିତି କେହି ନଥିବେ । ଯଦିବି କେହି କେବେ ଦେଖିଥିବ ସେ କୋଟିଏରେ ଗୋଟିଏ ହୋଇଥିବ । କିନ୍ତୁ ମୁଁ କହିବି ମୁଁ ମୋର ଭଗବାନଙ୍କୁ ଦେଖିଛି । ତାଙ୍କୁ ମୋ ପାଖରେ ଥିବା ଅନୁଭବ କରିଛି । ତାଙ୍କ ପାଖରେ ଅଳି କରିଛି । ତାଙ୍କ ପାଖରେ ମୁଁ କେତେ ଦୁଷ୍ଟାମି ଅପରାଧ କରିଛି । କେହି କହି ପାରିବ ମୋର ସେହି ଭଗବାନଙ୍କ ନାକ କ'ଣ ? ଆରେ ସେ ଖାଲି ଭଗବାନ୍ ନୁହଁନ୍ତି । ସମସ୍ତଙ୍କ ପାଖରେ ତାଙ୍କର ନିଜ ନିଜ ଭଗବାନ୍ ଅଛନ୍ତି । ସେ ଆଉ କେହି ନୁହଁନ୍ତି ସେ ହେଉଛନ୍ତି 'ବାପା' ଆଉ 'ମା' । ତାଙ୍କଠାରୁ ଏ ଦୁନିଆରେ ଆଉ କିଏ ବଡ ଅଛି । ଏ ଦୁନିଆରେ 'ଭଗବାନଙ୍କର ଆଉ କେହି ଯଦି ସମସ୍ତଙ୍କର ପୂଜ୍ୟ ସେ ହେଉଛନ୍ତି 'ବାପା' ଓ 'ମା' । ମା ବିନା ଏ ସଂସାର ଗଢ଼ି ଉଠିବା ଅସମ୍ଭବ । ଏବାଧେ 'ମା' ଶବ୍ଦର ବ୍ୟାଖ୍ୟା କରିବା ମୋ ପକ୍ଷେ ମୁର୍ଖାମି ହେବ । କାରଣ 'ମା'ର ବ୍ୟାଖ୍ୟା କରିବା ଆଜି ପର୍ଯ୍ୟନ୍ତ କାହାପକ୍ଷେ ସମ୍ଭବ ହୋଇନାହିଁ, କି ଭବିଷ୍ୟତରେ ମଧ୍ୟ ହେବ ନାହିଁ । 'ମା' ଶବ୍ଦଟି ଅମର । ଯେ ପର୍ଯ୍ୟନ୍ତ ସୂର୍ଯ୍ୟ ଚନ୍ଦ୍ର, ତାରା ଅଛନ୍ତି 'ମା' ଶବ୍ଦଟି ଥିବ । ଯାହାର ଆଦି ନାହିଁ କି ଅନ୍ତ ନାହିଁ । 'ମା' ଶବ୍ଦରେ 'ଅମୃତ' ଭରି ରହିଛି । ମୁଁ କେବେ ସେ ସ୍ୱର୍ଗରେ ଥିବା ଅମୃତକୁ ପାନ କରିନାହିଁ । କିନ୍ତୁ ମୁଁ ଗର୍ବର ସହକାରେ କହିବି । ମୁଁ 'ମା' ଶବ୍ଦର 'ଅମୃତକୁ' ପାନ କରିଛି । ସେ ସେହି ସ୍ୱର୍ଗର ଅମୃତଠାରୁ ଅଧିକ ମିଠା । ମା ହେଉଛି ଏକ ଏଭଳି ଶବ୍ଦ ଯାହାକୁ ଭାଷାରେ ପ୍ରକାଶ କରିବା ମୋ ପକ୍ଷରେ ଅସମ୍ଭବ । କେବଳ ତାକୁ ମୁଁ ଅନୁଭବ କରିପାରେ । ମା ଏଥିରେ ହୁଏତ ଆଜି ଏ ସୁନ୍ଦର ଦୁନିଆକୁ ଆମେ କେବେବି ଦେଖିପାରି ନଥାନ୍ତେ । 'ମା' ଗୋଟେ ଏମିତି ଅକ୍ଷର ଯାହାକୁ ଶୁଣିଲେ, ଆମ ଶରୀରରେ ଆତ୍ମାରେ ଏକ ଭକ୍ତିଭରା ଶିହରଣ ସୃଷ୍ଟି ହୋଇଯାଏ । ଆମ ଲୋମ ମୂଳ ଛିଡା ହୋଇଯାଇଥାଏ । ଆମ ଆତ୍ମାକୁ ଶାନ୍ତି ମିଳେ । ଯେମିତି ଲାଗେ କୋଟିଏ ଜନ୍ମର ପୂଣ୍ୟଫଳ ପାଇଯାଇଛି । ସେହି 'ମା' କୋଳରେ ଜନ୍ମ ନେଇ । ଏ ଦୁନିଆକୁ ଦେଖିବା ପାଇଁ ଆମକୁ ସାହାରା ଦେଇଛି । ଆଉ ଜଣେ ହେଉଛି ସେହି 'ମା' ଯାହା କୋଳରେ ଆମେ ଶିଶୁଠାରୁ ବୃଦ୍ଧ ପର୍ଯ୍ୟନ୍ତ ଯେତେ ଲିଳା ଖେଳା କରିଥାଉ । ସେ ହେଉଛି ଆମର ମାଟି 'ମା' ।

ଯାହା କୋଳରେ ଆମେ ଜନ୍ମ ନେଇଛୁ ସେ ହେଉଛି ଆମର ଜନ୍ମଦାତ୍ରୀ 'ମା' । ଯାହାର କୋଳରେ ଆମେ ବଢ଼ିଛୁ । ଯାହାର ଛାତିରୁ ଅମୃତ ପିଇ ଏଇ ମାଟି 'ମା'ର ହୃଦୟଠାରୁ ଆହୁରି ବଡ । ଯାହାକୁ କେବେ କେଉଁ ତରାଜୁରେ କିମ୍ବା କେଉଁ ମାପ ଫିତାରେ ମାପି ହୁଏନା । ଯାହାର କୋଳରେ ଜନ୍ମ ନେବା ପାଇଁ ନିଜେ ଭଗବାନ୍ ଶ୍ରୀକୃଷ୍ଣ ସଦାସର୍ବଦା ବ୍ୟାକୁଳ ସେ ହେଉଛି ଆମ ଜନ୍ମ କଲା 'ମା' । ସନ୍ତାନଟି ଯେତେ ଯାହା ଭୁଲ କଲେବି 'ମା' ଟିଏ କେବେ ତାକୁ ଦୋଷ ଦିଏନା । ବରଂ ସମସ୍ତ ଦୋଷ ତା' ମଥା ଉପରକୁ ନେଇଯାଏ । ଆଉ ସମସ୍ତଙ୍କଠାରୁ ଅପମାନ ପାଏ । ସେ ମା ପରିକିଏ ହେବ ଏଇ ସଂସାରରେ । ଏହି 'ମା'କୁ ବ୍ୟାଖ୍ୟା କରିବା ପାଇଁ କବି ଲେଖିଲେ- "ଜନନୀ ଜନ୍ମଭୂମିଷ୍ଚ ସ୍ୱର୍ଗାଦପି ଗରୀୟସୀ" ।

ଏଇ ହେଉଛି ସେ ଜନନୀ ଯିଏ ସ୍ୱର୍ଗଠାରୁ ବଡ । ଯାହା ମାପିବା ପାଇଁ କି କଳ୍ପନା କରିବା ପାଇଁ କାହା ପକ୍ଷରେ ସମ୍ଭବ ନୁହେଁ । 'ମା' ଝିଏଟିଏ ଥିଲାବେଳେ କେତେ ମଜା କରିଛି, କେତେ ଅଳି କରିଛି । କେତେ ଦାଣ୍ଡ ଧୂଳୀରେ ଖେଳିଛି । ସେ ସବୁ ପିଲାଦିନର କଥାତାର ମନ ପଡ଼ିଲେ ଆଖିରେ ଆଖିଏ ଲୁହ ଭରିଆସେ । ତାକୁ ବହୁତ କଷ୍ଟ ହୁଏ । ଏ କଥା ଜାଣିକି ଯେ ସେ ତାର ପିଲାଦିନ କେବେବି ଫେରି ପାଇବନି । ଝିଏଟିଏ ଆସ୍ତେ ଆସ୍ତେ ବାଲ୍ୟକାଳ ଅତିକ୍ରମ କରି ଯୌବନରେ ପଦାର୍ପଣ

କରିଥାଏ ଏବଂ ବିବାହ ଯୋଗ୍ୟ ହୋଇଥାଏ। ପିତାମାତା ଝିଅପାଇଁ ଯୋଗ୍ୟ ପୁରୁଷଟିଏ ମନୋନୀତ କରିଥାନ୍ତି। ଝିଅଟି ବିନା ପ୍ରତିବାଦରେ ତାକୁ ସାରାଜୀବନ ପାଇଁ ଜୀବନ ସାଥି କରିଥାଏ। ସାରାଜୀବନ ଏକାଠି ବଞ୍ଚିବା, ମରିବା ପାଇଁ ହୋମ ଅଗ୍ନିରେ ରାଣ ଖାଇଥାଏ। ତା'ପରେ ସେ ଝିଅରୁ ହୋଇଯାଏ ଧର୍ମପତ୍ନୀ। ସେ ତା'ର ନିଦ ବାପଘର କଥା ଭୁଲିଯାଇ ଶାଶୁଘରକୁ ସବୁଦିନ ପାଇଁ ଆପଣେଇ ନିଏ। ଆଉ ସିଏ ତ'ର ନିଜ ସ୍ୱାମୀକୁ ଭଗବାନ୍ ବୋଲି ଭାବେ। ଏହା ଭିତରେ ସେ ଚାହିଁଥାଏ ଏକ ସନ୍ତାନ। ଯିଏ ତାକୁ 'ମା' ବୋଲି ଡାକୁ। ନାରୀଟିଏ ସେତେବେଳେ ପୂର୍ଣ୍ଣତା ପାଇଥାଏ ଯେତେବେଳେ ସେ 'ମା' ହୋଇଥାଏ। 'ମା'ଟିର ନିଦ ସନ୍ତାନକୁ ନିଜ ଜୀବନଠାରୁ ବି ଅଧିକ ଭଲପାଇଥାଏ। ତାକୁ ନିଜ ବକ୍ଷଚିରି କ୍ଷୀର ପାନ କରାଇଥାଏ। ସେହି ଶିଶୁ ଜଣଙ୍କ ଯେତେବେଳେ ବଡ ହୋଇ ତାକୁ 'ମା' ବୋଲି ଡାକି ସମ୍ବୋଧନ କରିଥାଏ। ସେତେବେଳେ ସେ 'ମା'ର ସବୁକଷ୍ଟ ସବୁ ଦୁଃଖ ଦୂର ହୋଇଯାଇଥାଏ। ସେ ତାକୁ ଗେହ୍ଲାରେ କୋଳେଇ ନେଇଥାଏ। ତା'ର ସନ୍ତାନଟି ଯେତେବେଳେ ବଡ ହୋଇଯାଏ 'ମା'କୁ କେତେ ଯେ ଖୁସି ମିଳିଥାଏ ତାହା କଳ୍ପନା କରିହେବ ନାହିଁ। ସେହି 'ମା'ଟି ତା'ର ସନ୍ତାନର କେବେ ବି ଅମଙ୍ଗଳ ଚିନ୍ତା କରେ ନାହିଁ। ତାର ସବୁବେଳେ ମଙ୍ଗଳ କାମନା ଭଗବାନଙ୍କ ପାଖରେ କରିଥାଏ। ତା ପାଖରେ ସେ ସବୁବେଳେ ଛାଇ ପରିକା ରହିଥାଏ। 'ମା' ସବୁବେଳେ ତାର ସନ୍ତାନର କଥା ଭାବୁଥାଏ। ସେ ନଖାଇଲା ପର୍ଯ୍ୟନ୍ତ ସେ ଖାଇନଥାଏ। ତା'ର ସନ୍ତାନଟି ବାହାରକୁ କୁଆଡେ ଗଲେ ତା'ର ଫେରିବା ବାଟକୁ ଚାତକ ଭଳି ଚାହିଁ ରହିଥାଏ। ତା'ର ସନ୍ତାନଟି ଘରେ ପହଞ୍ଚିବା ମାତ୍ରେ 'ମା'ତା'ର ପଣତ କାନିରେ ତା'ର ଦେହ ମୁହଁକୁ ପୋଛି ଦେଇଥାଏ ଆଉ ବହୁ ଶ୍ରଦ୍ଧାରେ ତା'ପାଇଁ ଖାଇବାକୁ ବାଢ଼ିଥାଏ। ହେଲେ ମୁଁ କହିବି ମୋତେ ଭୋକ କରୁନଥିଲେ ବି ତା'ର ସେହି ହାତରନ୍ଧା ଖାଦ୍ୟକୁ ମୁଁ ଅଧିକ ଖାଇଦେଇଥାଏ। ତା'ର ସେହି ହାତ ରନ୍ଧା ଖାଦ୍ୟରେ ଯେମିତି ଅମୃତ ଭରି ରହିଛି। ନିଜ ପେଟକୁ କାଟି ସେ ତା'ର ସନ୍ତାନକୁ ପେଟ ପୁରା ଖାଇବାକୁ ଦେଇଥାଏ। ତା'କୁ ପିନ୍ଧିବାକୁ ନୂଆ ପୋଷାକ ଦେଇଥାଏ। ଏତେ କଲାପରେ ବି 'ମା' ନିଜ ସନ୍ତାନଠାରୁ ବି କିଛି ପାଇବାର ଆଶା ରଖିନଥାଏ। ସେ ଖାଲି ଏତିକି ଚାହିଁଥାଏ। ସେ ମଲାପରେ ତା'ର ସନ୍ତାନ ତା ମୁଖରେ ନିଆଁ ଦଉ। ତା'ର ଏତିକି ହିଁ ଆଶା ଥାଏ।

କିନ୍ତୁ ଦେଖ ବିଚିତ୍ର ଏଇ ଦୁନିଆ। ଆଜି 'ମା' ଶବ୍ଦର ମୂଲ୍ୟ ହିଁ ବୁଝୁନାହିଁ। ଆଜି ଏ 'ମା'କୁ ମାରିବା ପାଇଁ ଟିକିଏ ବି କୁଣ୍ଠବୋଧ କରୁନାହିଁ। ନିଜର ଖୁସିପାଇଁ 'ମା'କୁ ନିଲାମ କରୁଛି, ଅତ୍ୟାଚାର କରୁଛି। କିନ୍ତୁ ସେ ଥରେ ମଧ୍ୟ ଭାବିପାରୁନାହିଁ ସେ, କ'ଣ କରୁଛି। ତା'କୁ ଯିଏ ଜୀବନର ବାଟ ଦେଖାଇଲା ଯିଏ ତାକୁ ଦୁନିଆର ଆଲୋକ ଦେଖାଇଲା ତା'କୁ ସେ ଏତେ କଷ୍ଟ ଦଉଛି। ଶେଷରେ ମୁଁ ସମସ୍ତଙ୍କୁ ବିନମ୍ର ପ୍ରାର୍ଥନା କରୁଛି ଆଉ ମଧ୍ୟ ଅନୁରୋଧ କରୁଛି ଏ ପୃଥିବୀର ସମସ୍ତ ସନ୍ତାନମାନଙ୍କୁ ଯେ କେହି କେବେ ନିଜ 'ମା'କୁ ଅପମାନ କରନାହିଁ। ଆରେ ତା' ଆଖିରୁ ଲୁହ ଗଡ଼ିଲେ ଏ ପୃଥିବୀ ଧ୍ୱଂସ ହୋଇଯିବ। ଆରେ ସେ ହେଉଛି 'ମା' ଯାହାର ହୃଦୟରେ ଅପାର ମମତାର ଗ୍ରନ୍ଥାଘର। ଆଉ ସିଏ ରାଗିଲେ ହେଉଛି କାଳର କାଳ (ମହାକାଳ) ଯାହାର କୋପରେ ଏସାରା ସଂସାର ବିଲୁପ୍ତ ହୋଇଯିବ। ଯଦି କାହାକୁ ପୂଜା ଆଉ ଭକ୍ତିକରିବାର ଅଛି ତ ନିଜ 'ମା'କୁ ପୂଜାକର। ସମ୍ମାନ ଦିଅ ଦେଖିବ ଆପେ ଆପେ ସେ ଉପରବାଲା ମଧ୍ୟ ତୁମ ଉପରେ ତା'ର କରୁଣା ବର୍ଷା କରିବ। ବେଳ ଥାଉ ଥାଉ ସୁଧୁରି ଯାଅ। ଆଉ ସେହି 'ମା'କୁ ଚିହ୍ନ। ଦେଖିବ ତୁମ ଜୀବନ ସୁଖ, ଶାନ୍ତିରେ ଭରିଯିବ।

**କବିତା ପ୍ରଣାଳୀରେ 'ମା'**

ହାତ ଧରି ଯିଏ ଚାଲି ଶିଖାଇଛି
ପଡ଼ିଲେ କହଇ ଆହା
ଯାହାର ଆଖିରେ ଦୁନିଆ ଦେଖିଛୁ
ସେ ହେଉଛି ଆମ ମା।
ପାଳନ କରିଛି ଆମକୁ କେବେବି
କୋଲୁ ଦେଇନି ଦୂରେଇ
ତଥାପି ମାଆକୁ ବୁଝି ପାରୁ ନାହୁଁ

ପାଦରେ ଦେଉ ଆଡେଇ ।
ତା'ଆଖିରେ ଆମେ ଛୋଟ ପିଲାପରି
ଦିଶୁ ଜନ୍ମ ଜନ୍ମ ଧରି
କହିନାହିଁ କେବେ ବଡ ହୋଇଗଲୁ
ଆମକୁ ସେ କୋଳେ ଧରି ।
ତାହାରି କୋଳରେ ବଢ଼ି କରି ଆମେ
ପାଇଛୁ ଏହି ଜୀବନ
ଭୁଲିଯିବୁ ନାହିଁ ଏହି ସ୍ନେହ ତା'ର
ଥିବାଯାଏ ଜୀବନ ।
ଆମରି ଆଖିରେ ଲୁହ ସେ ଦେଖିଲେ
ରୋକି ପାରେ ନା ନିଜକୁ
କେତେ ଯେ ଯନ୍ତ୍ରଣା ପାଏ ଆମ ପାଇଁ
କେବେ ବୁଝିଛୁକି ତା' ମନକୁ ।

# ଗୋଦାବରୀଶ ମିଶ୍ରଙ୍କ ଆତ୍ମଜୀବନୀ ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ: ଏକ ଅଧ୍ୟୟନ

ମମତା ମଞ୍ଜରୀ ନାୟକ୍

ଓଡ଼ିଆ ସାହିତ୍ୟ ଜଗତକୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପ୍ରବେଶ ସାହିତ୍ୟ ଜଗତକୁ ଆଲୋକିତ କରିଦେଇଛି । ଭ୍ରମଣ କାହାଣୀ, ଗଳ୍ପ, ଉପନ୍ୟାସ, କବିତା, ଆତ୍ମଜୀବନୀରେ ନିଜର ବଳିଷ୍ଠ ପ୍ରମାଣ ପ୍ରଦାନ କରିଥିଲେ । ସେ ତାଙ୍କର 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ତହିଁରେ ମୋ ସ୍ଥାନ' ଆତ୍ମ ଜୀବନୀଟି ଅସଂପୂର୍ଣ୍ଣ ଭାବେ ରଚନା କରିଥିଲେ ମଧ ତାହା ୧୯୯୬୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଅଛି । ଲେଖକ ଏହି ଆତ୍ମଜୀବନୀ ରଚନା କରିବାରେ ପ୍ରଥମେ ଏହାର ସୂଚୀ ପ୍ରସ୍ତୁତ କରିଥିଲେ । କିନ୍ତୁ ୧୯୫୫ ମସିହାରେ ତାଙ୍କର ମୃତ୍ୟୁ ଯୋଗୁଁ ଏହି ଆତ୍ମଜୀବନୀଟି ଅସଂପୂର୍ଣ ହୋଇ ରହିଗଲା । ଗୋଦାବରୀଶ ମିଶ୍ରଙ୍କ ପତ୍ନୀ ଅମ୍ବିକା ଦେବୀ ତାଙ୍କ ଲେଖାରେ ସହଯୋଗ କରୁଥିବା ସେ ସ୍ୱୀକାର କରନ୍ତି । ଏହି ଆତ୍ମ ଜୀବନୀଟି ତାଙ୍କ ଶୈଶବ, ପିଲାଦିନ, ପାଠପଢ଼ା, ଶିକ୍ଷକତା ଏବଂ ବିଭିନ୍ନ ଆନ୍ଦୋଳନର କାର୍ଯ୍ୟକ୍ରମରେ ହୋଇଛି ପରିପୃଷ୍ଟ । ସତ୍ୟବାଦୀ ବନ ବିଦ୍ୟାଳୟରେ ପଣ୍ଡିତ ଗୋଦାବରିଶ ଶିକ୍ଷକତା କରୁଥିବା ସମୟରେ ଅନେକ ଛାତ୍ରଛାତ୍ରୀଙ୍କ ଆଦର୍ଶ ପଥରେ ଅନୁପ୍ରାଣିତ କରିଥିଲେ । କେବଳ ସେତିକି ନୁହେଁ ନିଜର ଆଦର୍ଶବାଦୀ ଗୁଣଯୋଗୁଁ ସଭ୍ୟ ସମାଜରେ ସେ ଥିଲେ ପରିଚିତ । ତାଙ୍କର ଏହିସବୁ ଅବଦାନ ପାଇଁ ଆଜିବି ବାଣପୁର ନିକଟରେ ଥିବା ବିଦ୍ୟାଳୟଟି ତାଙ୍କରି ନାମରେ ନାମିତ ହୋଇ ପରିଚିତ ଲାଭ କରିଛି ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ।

ଜଣେ ମଣିଷ କୌଣସି ସଫଳତାର ପାହାଚ ଚଢ଼ିବା ପୂର୍ବରୁ ନିଶ୍ଚିତ ଭାବରେ କିଛିନା କିଛି କଣ୍ଟକିତ ପଥ ଅତିକ୍ରମ କରି ଆସିଥାଏ । ପଣ୍ଡିତ ଗୋଦାବରୀଶ ତାଙ୍କର ଉକ୍ତ ଆତ୍ମଜୀବନୀରେ ସେହି କଥା ବର୍ଣ୍ଣନା କରିବାକୁ ଯାଇ ନିଜର ଛାତ୍ରାବସ୍ଥା ହେଉ କିମ୍ବା ଅନ୍ୟ ସମୟରେ କିପରି ଝଞ୍ଜାର ସମ୍ମୁଖୀନ ହୋଇ ଆଜି ସଭିଙ୍କର ଆଦରର ପାତ୍ର ହୋଇ ପାରିଛନ୍ତି ତାହା ଲକ୍ଷ୍ୟ କରିବାର କଥା ।

ମୁଁ ଏହି ପ୍ରବନ୍ଧରେ ତାଙ୍କର ଜୀବନର ସଂକ୍ଷିପ୍ତ ସୂଚନା ପ୍ରଦାନକରି ଓଡ଼ିଆ ସାହିତ୍ୟ ଜଗତକୁ ସେ ଯେଉଁ ଅବଦାନ ଦେଇ ଯାଇଛନ୍ତି ତାହାର ସୂଚନା ନିମ୍ନରେ ପ୍ରଦାନ କରୁଅଛି ।

ମୁଁ ଏହି ପ୍ରବନ୍ଧରେ ତାଙ୍କର ଜୀବନର ସଂକ୍ଷିପ୍ତ ସୂଚନା ପ୍ରଦାନ କରି ଓଡ଼ିଆ ସାହିତ୍ୟ ଜଗତକୁ ସେ ଯେଉଁ ଅବଦାନ ଦେଇ ଯାଇଛନ୍ତି ତାହାର ସୂଚନା ନିମ୍ନରେ ପ୍ରଦାନ କରୁଅଛି ।

ଓଡ଼ିଆ କଥା ସାହିତ୍ୟ ଜଗତରେ ବିଂଶ ଶତାବ୍ଦୀର ତୃତୀୟ ଶତକରେ ଯେଉଁ କେତେ ଜଣ କଥା ସମ୍ରାଟ ଜନ୍ମ ନେଇଛନ୍ତି ତନ୍ମଧ୍ୟରୁ ଗୋଦାବରୀଶ ବିଶ୍ର ବାରି ହୋଇ ପଡନ୍ତି । ଗଳ୍ପ, କବିତା, ଉପନ୍ୟାସ, ଭ୍ରମଣ କାହାଣୀ ଆଦି ରଚନା କରି ସେ ଓଡ଼ିଆ ସାହିତ୍ୟକୁ କରିଛନ୍ତି ଋଦ୍ଧିମନ୍ତ । ଖୋର୍ଦ୍ଧାଜିଲ୍ଲା ବାଣାପୁର ଗ୍ରାମରେ ରଘୁନାଥ ମିଶ୍ରଙ୍କ ନାତି ରୂପେ ଜନ୍ମ ଗ୍ରହଣ କରିଥିଲେ ୧୮୮୪ । ଗୋଟେ ଦରିଦ୍ର ପରିବାରରେ ଜନ୍ମଗ୍ରହଣ କରି ମଧ ତାଙ୍କ ମନରେ କୌଣସି ଅବଶୋଷ ନଥିଲା । ତାଙ୍କ ଗୋସେଇଁ ବାପା ଜଣେ ଖ୍ୟାତନାମା ପଣ୍ଡିତ ଥିଲେ । ରଘୁନାଥ ମିଶ୍ରଙ୍କ ଅଣଗୋସେଇଁ ବାପା ଜଗନ୍ନାଥ ମିଶ୍ର ମଧ ଜଣେ ଜଣାଶୁଣା ପଣ୍ଡିତ । ଗୋଦାବରୀଶ ମିଶ୍ରଙ୍କ ଅଣଗୋସାଇଁ ବାପା ଜଗନ୍ନାଥ ମିଶ୍ରେ ମଧ ଜଣେ ଜଣାଶୁଣା ପଣ୍ଡିତ । ଗୋଦାବରୀଶ ମିଶ୍ରଙ୍କ ବାପା କିନ୍ତୁ ବଡ ପଣ୍ଡିତ ନଥିଲେ; କିନ୍ତୁ ତାଙ୍କ ନିଜ ଅଞ୍ଚଳ ଛଡା ଦୂର ସ୍ଥାନମାନଙ୍କରେ ତାଙ୍କର ଖାତିର ଥିଲା । ସେ ଗୃହୀ ହୋଇ ସନ୍ୟାସୀ ପରି ରହୁଥିଲେ । ତାଙ୍କ ପିତା ଯାହା ଉପାର୍ଜନ କରୁଥିଲେ ସେହି ଦିନଟା ସେଥିରେ ଚଳୁଥିଲେ । ପରଦିନ ସକାଶେ ସଞ୍ଚୁ ନଥିଲେ ତାଙ୍କ ମୁଣ୍ଡବାଳ ଜଟା, ଦାନ୍ତ ହାଡପରି ଦିଶୁଥିଲା, ଦେହରେ ତେଲହାତ ବାଜୁନଥିଲା ତାଙ୍କ ପରିଧେୟ

ଥିଲା ଖଣ୍ଡିଏ ଛୋଟିଆ ଗେରୁଆ ଲୁଗା। ଇତର ଲୋକଙ୍କ ମଧ୍ୟରେ ତାଙ୍କର ଡାକ ନାମ ଥିଲା 'ଜଟିଆ ବାବା'।

ନିଜ ଜୀବନର ପ୍ରାକ୍ ପର୍ଯ୍ୟାୟରୁ ସାହିତ୍ୟ ସୃଷ୍ଟିରେ ମନୋନିବେଶ କରିଥିଲେ। ତାଙ୍କର ପିଲାଦିନର ନାମ ଗୋଦାବରୀ, ୧୮୮୫ ମସିହାରେ 'ଗୋଦାବରୀ ସ୍ନାନ ଯୋଗ ପଡ଼ିଥିଲା, ତାରି ଅନୁସାରେ ତାଙ୍କ ନାମ ଥିଲା 'ଗୋଦାବରୀ', ପରେ ସ୍ୱର୍ଗତ ରାଏ ବାହାଦୁର ଋଷି ପ୍ରାଣ ଭକ୍ତକବି ମଧୁସୂଦନ ରାଓ ସେ ବାଳିକା ନାମ ବଦଳାଇ ବାଳକୋଚିତ କଲେ। ପଣ୍ଡିତ ଗୋଦାବରୀଶ ମିଶ୍ର ବାଲ୍ୟକାଳରେ ଭାରି ଦୟାଳୁ ଥିଲେ, ଅନ୍ଧାରରେ ଅନ୍ୟ ଜଣଙ୍କ ଦେହରୁ ଦେହ ନ ଲଗାଇ ବସିଲେ ତାଙ୍କୁ ଡର ମାଡୁଥିଲା। ଅନ୍ଧାରରେ ସବୁ ଆଡେ ତାଙ୍କ ଆଖିକୁ ଭୂତ ଦିଶୁଥାଏ। ଏହି ଭୟ ବୟସ୍କ ହେଲାଯାଏ ରହିଥିଲା। ପିଲାବେଳେ ସେ ତାଙ୍କ ଘରର ପରିସ୍ଥିତି ଅନୁଭବ କରିପାରିଥିଲେ। ତାଙ୍କର ଆର୍ଥିକ ଅବସ୍ଥା ଭଲନଥିଲା। ଘରେ ଦିନେ ଦିନେ ଚୁଲି ଲାଗେ ନାହିଁ। ପଡ଼ୋଶୀମାନଙ୍କ ଘରେ ରନ୍ଧାବଢ଼ା ହେଉଥିବାର ଦେଖି, ସେ ମାଆକୁ ଯାଇ ସେ ବିଷୟରେ ପଚାରନ୍ତି, ମାଆ ବିଭିନ୍ନ ପ୍ରକାର ବାହାନା କରି ତାଙ୍କ ମନକୁ ଭୁଲାଇ ଦିଅନ୍ତି। ତତ୍କାଳୀନ ସମୟରେ ସାମାଜିକ ମାନସୟମ ପ୍ରାୟ ଆର୍ଥିକ ସଙ୍ଗତିକୁ ଅନୁସରଣ କରେ। ହେଲେ ତାଙ୍କ ଘରର ବ୍ୟତିକ୍ରମ ଦେଖାଯାଏ। ଗୋଦାବରୀଶ ମିଶ୍ର ତାଙ୍କ ପିତାଙ୍କର ଯୋଗ୍ୟ ପୁଅ ବୋଲି ମଣୁଥିଲେ ଅନେକ ବନ୍ଧୁ। ପିଲାଦିନେ ସାଙ୍ଗମାନଙ୍କ ସହ ଖେଳି କାହା ଆମ୍ବତୋଟାରୁ ଆମ୍ବ ଚୋରେଇ ଖାଆନ୍ତି, ବହୁତ ବଜା କରନ୍ତି। ତାଙ୍କର ପିଲାଦିନର ଭଲ ବନ୍ଧୁଥିଲେ ବିଶ୍ୱନାଥ। ପୃଥିବୀ ଘରିବା ଭଳି ମଣିଷ ମଧ୍ୟ ଘୂରି ଘୂରି ଆସି ସେଇ ଜାଗାରେ ପହଞ୍ଚେ ଯେଉଁ ଜାଗାରୁ ସେ ଯାଇଥାଏ। ଠିକ୍ ସେହିପରି ଗୋଦାବରୀଶ ମିଶ୍ରଙ୍କର ପୁଣିଥରେ ଦେଖା ହୋଇଛି ପିଲାଦିନର ସାଙ୍ଗ ବିଶ୍ୱନାଥଙ୍କ ସହିତ। ସେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସଂପାଦକ ଥିଲେ। ତାଙ୍କ ସମୟରେ ବେଜେଲ୍‌ଗେଟ୍ ହତ୍ୟା ପରେ ଯେଉଁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା ସେହି ସମୟରେ ବିଶ୍ୱନାଥ ସହିତ ଦେଖା ଯାଇଥିଲା।

ଗୋଦାବରୀଶଙ୍କୁ ତାଙ୍କ ପରିବାର ଲୋକ ପିଲାଦିନୁ ବିବାହ କରାଇ ଦେଇଥିଲେ। ସେବେଠାରୁ ସେ ସଂସାର ଜୀବନରେ ପାଦ ଦେଇଥିଲେ। ସଂସାର ଜଞ୍ଜାଳରେ ପଶି ସେ ଅନୁଭବ କରିଛନ୍ତି-

"ସିଧା ଆଙ୍ଗୁଠିରେ ଘିଅ ବାହାରେ ନାହିଁ ବୋଲି ଯେ ପ୍ରବାଦ ଅଛି, ଘଡ଼ିରୁ ଘିଅ କାଢ଼ିବା ଲୋକେ ତାର ସତ୍ୟତା ଯେତିକି ବୁଝନ୍ତି, ସଂସାର କ୍ଷେତ୍ରରେ ଘାତ ପ୍ରତିଘାତ ସହି ଚଳିବା ବ୍ୟକ୍ତିମାନେ ମଧ୍ୟ ସେତିକି ବା ତା'ଠାରୁ ଅଧିକ ଅନୁଭବ କରୁଥିବେ।"

ଏହିସବୁ ଭିତରେ ସେ ସେବାର ଜୀବନ ଗଢ଼ିବାକୁ ଚେଷ୍ଟା କରିଛନ୍ତି। ସେ ଥିଲେ ମୋଟାମୋଟି ଭାବେ ଜଣେ ମଫସଲିଆ ଲୋକ। ସେ ଏମିତି ଗୋଟେ ବ୍ୟକ୍ତିତ୍ୱ ଥିଲେ ଯିଏ କାହାର ଦୁଃଖ ଦେଖିପାରୁନଥିଲେ। ପରଦୁଃଖରେ ସେ ସମଦୁଃଖୀ ସବୁବେଳେ ହେଇ ଯାଉଥିଲେ। ସେ କର୍ମକ୍ଷେତ୍ରରେ ପଛୁଆ ବର୍ଗର ଥିଲେ, ସେ କାର୍ଯ୍ୟ କ୍ଷେତ୍ରରେ ବହୁତ ଅପମାନ ହୋଇଛନ୍ତି। ଅତିଶୀଘ୍ର ଲୋକମାଙ୍କୁ ବିଶ୍ୱାସ କରିବା ତାଙ୍କର ଗୋଟେ ଖରାପ ଅଭ୍ୟାସ ଥିଲା। ଯେଉଁ କାର୍ଯ୍ୟ ତାଙ୍କୁ ଠିକ୍ ବୋଲି ଅନୁଭବ ହୁଏନାହିଁ ସେ ସେହିକାମ କରନ୍ତି ନାହିଁ। ଅବଶ୍ୟ ବେଳେବେଳେ ସାଧାରଣ କାର୍ଯ୍ୟ କ୍ଷେତ୍ରରେ କୌଣସି ଦଳ ଭିତରେ ଥିବାବେଳେ, ଦଳର ସୁବିଧା ଲାଗି କେତେକ ଘଟଣାରେ ତାଙ୍କୁ ଆଖି ବୁଜି ଦେବାକୁ ହୋଇଛି। ସେସବୁ ନକଲେ ରାଜନୀତି ହୁଏ ନାହିଁ ବୋଲି ସେ ଅନୁଭବ କରନ୍ତି। ରାଜନୀତି କ୍ଷେତ୍ରରେ ଯେଉଁ ମିଥ୍ୟା ବା ଅନ୍ୟାୟର ଆଶ୍ରୟ ନିଆଯାଏ, ତାହା ରାଜନୀତିକ ଭାଷାରେ ଚାଣକ୍ୟ ନୀତି।

ଗୋଦାବରୀଶ ଛାତ୍ର ଜୀବନରେ ଭଲ ପଢ଼ାପଢି କରୁନଥିଲେ। ସେ ଭଲ ପାଠ ପଢ଼ନ୍ତି ନାହିଁ ବୋଲି ଶିକ୍ଷକଙ୍କଠାରୁ ସବୁବେଳେ ବେତମାଡ ଖାଉଥିଲେ। ସେ କୁହନ୍ତି ଶିକ୍ଷକଙ୍କ ଅପେକ୍ଷା ବେତ ସହିତ ତାଙ୍କର ଭଲ ସଂପର୍କ ଥିଲା। ତାଙ୍କ ଅବଧାନ ତାଙ୍କୁ ପାଠପଢ଼ା ପାଇଁ ମାରନ୍ତି; କିନ୍ତୁ ନଦୀରେ ପାଣିବେଶି ଥିଲେ ତାଙ୍କୁ କାନ୍ଧରେ ବସାଇ ପାରିକରାଇ ଦିଅନ୍ତି। ଖରାଦିନେ ଦି ପହରେ ବାଟର ତାତିଲା ବାଲିରେ ତାଙ୍କୁ ମଧ୍ୟ

ପିଠିରେ ଲାଉ କରି ପାରିହୁଅନ୍ତି । ୧୯୪୨ ମସିହା ଜାନୁୟାରି ମାସରେ ସେ ପ୍ରାୟ ଦଶହଜାର ଲୋକଙ୍କ ପଟୁଆଉଡରେ ବାଣପୁର ଦାଣ୍ଡରେ ଯାଉଥିଲେ । ବାଟରେ ମସ୍‌ଜିଦ୍ ପାଖେ ହଠାତ୍ ବାଜା ଓ କୋଳାହଳ ବନ୍ଦ ହୋଇଗଲା । ସେତେବେଳେ ଜନତା ଭିତରୁ ଖଣ୍ଡେ ଦୂରୁ ତାଙ୍କ କାନରେ ଆସି ପଡ଼ିଲା "ମୁଇଁ ପିଲାଟିବେଳେ କେତେ ମାଡ ଗାଳି ଦେଇ ଗଢ଼ିଥିଲି" ସେ ପଛକୁ ବୁଲି ଋହିଁଲେ ଆଉ ଦେଖିଲେ ତାଙ୍କ ପିଲା ଦିନର ଅବଧାନ ଗିରିଧାରୀ ମହାନ୍ତି ଆଙ୍ଗୁଠି ଦେଖାଇ ଋହିଛନ୍ତି । ତାଙ୍କୁ ସେ ବହୁତ ଆନନ୍ଦିତ ହୋଇଗଲେ । ଛାତ୍ର ଅବସ୍ଥାରେ ଯେତେବେଳେ ସେ ପଢୁଥିଲେ, ସେତେବେଳେ ଯାହା ଲେଖୁଥିଲେ ତା ମଧ୍ୟରୁ ଅନେକ ବନାନ୍ ଭୁଲ୍ ହେଉଥିଲା ।

ଏହିସବୁ ପରେ ମଧ୍ୟ ସେ ବଡ ସାହିତ୍ୟିକ ଥିଲେ । ସେ ଗଳ୍ପ, ଉପନ୍ୟାସ, କବିତା, ଆତ୍ମଜୀବନୀ ଆଦି ଲେଖି ଓଡ଼ିଆ ସାହିତ୍ୟକୁ ଭେଟି ଦେଇଛନ୍ତି । ଓଡ଼ିଆ ସାହିତ୍ୟରେ ସେ ପ୍ରଥମ ଗାଥା କବିତାର ଜନକ । ସେ ଘଟାନ୍ତର, 'ଅଭାଗିନୀ', 'ଅଠର ଶହ ସତର ଓ ନିର୍ବାସିତ' ଉପନ୍ୟାସର ସ୍ରଷ୍ଟା । ତାଙ୍କର 'ଆଭାଗିନୀ' ଉପନ୍ୟାସ ୧୯୧୨ ମସିହାରେ ପ୍ରଥମେ ପ୍ରକାଶିତ । ଅନ୍ୟ ଉପନ୍ୟାସ ଗୁଡ଼ିକ ୧୯୪୦ ମସିହାରୁ ୧୯୫୧ ମଧ୍ୟରେ ଆତ୍ମପ୍ରକାଶିତ । ଆତ୍ମଜୀବନୀ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ'ର ସୂଚୀପତ୍ରରେ ସେ ୮୫ଟି ବିଭାଗ ରଖିଥିଲେ; କିନ୍ତୁ ତାଙ୍କ ମୃତ୍ୟୁ ବେଳକୁ କେବଳ ୩୪ଟି ବିଭାଗ ଲେଖିସାରିଥିଲେ । ଏହି ପୁସ୍ତକ ପାଇଁ ତାଙ୍କୁ ୧୯୬୧ ମସିହାରେ ମରଣୋତ୍ତର ଭାବରେ କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲଶ । ତାଙ୍କର ଗାଥା କବିତା ସଙ୍କଳନ ଗୁଡ଼ିକ ହେଲେ– 'ଆଲେଖିକା', 'କୁସୁମ କଳିକା', 'କିଶଳୟ', 'ଚୟନିକା', 'ଗୀତାୟନ', 'ଗୀତିଗୁଚ୍ଛ', 'କବିତାୟନ', 'ଗାଥାକବିତା', 'କାଳିଜାଇ', 'ଅଭିରାସିଂହ', 'ଧରଣୀଧର' ଗୀତିକବିତା ଗୁଡ଼ିକ ହେଲା– 'ଘଟାନ୍ତର', 'ଅଭାଗିନୀ', '୧୮୧୭' ଆଦି । ନାଟକ ଗୁଡ଼ିକ ହେଲା – 'ପୁରୁଷୋତ୍ତମ ଦେବ', 'ମୁକୁନ୍ଦଦେବ', 'ଆତ୍ମଜୀବନି'– 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ' ଆଦି ରଚନା କରିଛନ୍ତି ।

ଗୋଦାବରୀଶ ମିଶ୍ର ରାଜନୀତି କ୍ଷେତ୍ରରେ ପାଦ ଦେଇଥିଲେ ମହାତ୍ମାଗାନ୍ଧୀଙ୍କ ସହ ମିଶି ଅନେକ ଆନ୍ଦୋଳନ କରିଛନ୍ତି । ଅସହଯୋଗ ଆନ୍ଦୋଳନ ସମୟରେ ବିଭିନ୍ନ ସ୍ଥାନକୁ ଯାତ୍ରାକରି । ଅନେକ ଲୋକଙ୍କ ସହ ମିଶି ଏହି ଆନ୍ଦୋଳନରେ ଯୋଗ ଦେବାପାଇଁ ଜୀବନରେ ଅନେକ କ୍ଷେତ୍ରରେ ଯୋଗ ଦେଇଥିଲେ । ସବୁ କ୍ଷେତ୍ରରେ ଅବଦାନ ଅନେକ । ବାସ୍ତବିକ୍ ଏହି ପ୍ରବନ୍ଧଟିକୁ ଆଲୋଚନା କଲାବେଳେ ଜଣେ ପ୍ରତ୍ୟେକ କ୍ଷେତ୍ରରେ ଗୋଦାବରୀଶ ମିଶ୍ର ବୈପ୍ଳବିକ ଚିନ୍ତାଧାରାକୁ ଭେଟିବ । ଏହା ଜୀବନ୍ତ ହୋଇଛି ।

# ବିନୟ ଓ ଆନ୍ତରିକତା

ଡକ୍ଟର ମଜୀନ୍ଦ୍ର କୁମାର ମେହେର୍

ବିନୟ ଏବଂ ଆନ୍ତରିକତା– ଏହିମାନେହିଁ ସର୍ବୋତ୍ତମ ପ୍ରହରୀ। ସେହି ଦୁଇଟି ଗୁଣ ନଥିଲେ ଆମକୁ ପଦେ ପଦେ ବିପଦର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ସେମାନେ ସାଙ୍ଗରେ ରହିଥିଲେ ଆମେ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ବିଜୟ ଲାଭ କରିପାରିବା।– ଶ୍ରୀମା

ଆମେ ଜୀବନରେ ସର୍ବଦା ସୁରକ୍ଷିର ରହିବା ପାଇଁ ଚାହିଁଥାଉ। ଜୀବନରେ ଆମର ବିପଦଆପଦ ନଆସୁ ଏଥିପାଇଁ ସର୍ବଦା ଆମେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁ। ସ୍ନେହମୟୀ ଦିବ୍ୟ ଜନନୀ ଶ୍ରୀମା ଆମକୁ ଅତ୍ୟନ୍ତ ଶ୍ରଦ୍ଧାର ସହ ବୁଝାଇ ଦେଇଛନ୍ତି ଯେ ଆମ ଆତ୍ମାରେ ଯେଉଁ ବିନୟ ଓ ଆନ୍ତରିକତାର ଶକ୍ତି ରହିଛି ତାହାହିଁ ହେଉଛି ଆମକୁ ସକଳ ବାଧା ବିଘ୍ନ ଅତିକ୍ରମ କରିଯିବାପାଇଁ ସହାୟତା ଯୋଗାଉଥିବା ଦିବ୍ୟ ଉପାଦାନ। ଏଠାରେ ବିନୟ ଓ ଆନ୍ତରିକତାର ଅର୍ଥ କେବଳ ଲୋକଦେଖାଣିଆ ନମ୍ରତା ନୁହେଁ। ବହୁବ୍ୟକ୍ତି ବାହାରେ ଅତ୍ୟନ୍ତ ଶ୍ରଦ୍ଧାଶିଳ ଓ ବିନମ୍ର ବ୍ୟବହାର ପ୍ରଦର୍ଶନ କରୁଥିଲେ ମଧ୍ୟ ସେମାନଙ୍କ ଅନ୍ତର ଭିତରେ ପରିଶୁଦ୍ଧତା ବିଦ୍ୟାମାନ ନଥା, ଏହି ଦିବ୍ୟଗୁଣ ପ୍ରଦର୍ଶନ କରିବା ପାଇଁ କେବଳ ଆମକୁ ଭଗବାନ ପ୍ରଦାନ କରିନାହାଁନ୍ତି। ସେହି ସବୁ ଦୁର୍ଲ୍ଲଭ ଗୁଣର ମହତ୍ତ୍ୱ ସଂପର୍କରେ ସଚେତନ ହେବାପାଇଁ ଓ ଜୀବନକୁ ବିପଦମୁକ୍ତ କରିବାରେ ତାହାକୁ ଦିବ୍ୟ ଅସ୍ତ୍ର ଭାବରେ ବ୍ୟବହାର କରିବା ପାଇଁ ସେ ଆମ ଭିତରେ ଅନନ୍ୟ ଶକ୍ତି ଓ ସାମର୍ଥ୍ୟ ଭରିଦେଇଛନ୍ତି।

ପ୍ରକୃତରେ ଯେଉଁମାନେ ବିନୟୀ ସେମାନେ କାହାରି କେବେ ଅନିଷ୍ଟ ଚିନ୍ତା କରନ୍ତି ନାହିଁ, କିମ୍ବା ନିଜର କୌଣସି ସଫଳତା ପାଇଁ ଗର୍ବ ପ୍ରକାଶ କରନ୍ତି ନାହିଁ। ସେମାନେ ଜାଣନ୍ତି ଯେ ମନଭିତରେ ଗର୍ବଭାବ ଉଦ୍ରେକ ହେବାମାତ୍ରକେ ହୃଦୟ ହୋଇଯାଏ ବିନୟ ଶୂନ୍ୟ। ଆତ୍ମ ବଡ଼ିମା, ଆତ୍ମପ୍ରଚାର, ଆତ୍ମପ୍ରଶଂସା ଓ ସକଳ ଆତ୍ମକୈନ୍ଦ୍ରିକ ଭାବନା ମଣିଷକୁ ସବୁବେଳେ ନିମ୍ନ ସ୍ତରକୁ ଖସାଇଆଣି। ଅପର ପକ୍ଷରେ ଯେଉଁମାନଙ୍କ ହୃଦୟରେ ବିନମ୍ରତାର ଚିହ୍ନ ଉଦିତ ହୋଇପାରେ ସେମାନଙ୍କ ଜୀବନପଥ ସୁଖ ଜ୍ୟୋସ୍ନାଧାରାରେ ପରିପ୍ଲାବିତ ହୋଇଯାଏ। ଏସବୁ ପାଇଁ ପ୍ରଥମତଃ ଦରକାର ଆନ୍ତରିକତା ଅତ୍ୟନ୍ତ ଆନ୍ତରିକ ଭାବରେ କୌଣସି ପ୍ରକାର ଛଳନା ନକରି ଆମେ ଯଦି ହୃଦୟ ପାତ୍ରକୁ ନିର୍ମଳ କରି ରଖି ପାରିବା ସେଇପାତ୍ର ସ୍ୱର୍ଗୀୟ ଗଙ୍ଗା ଧାରାରେ ସ୍ୱତଃ ପରିପୂର୍ଣ୍ଣ ହୋଇଉଠିବ।

ଈଶ୍ୱରଙ୍କ ପ୍ରତି, ପ୍ରକୃତି ପ୍ରତି, ନିଜ ଚତୁପାର୍ଶ୍ୱରେ ଥିବା ମଣିଷମାନଙ୍କ ପ୍ରତି ଯଦି ମମତ୍ୱ ଓ କୃତଜ୍ଞତାର ଭାବ ଜାଗ୍ରତ ହୁଏ ତାହେଲେ ହିଁ ବାସ୍ତବ କ୍ଷେତ୍ରରେ ଆମେ ପ୍ରକୃତ ଆନ୍ତରିକତାର ପରିଚୟ ଦେଇପାରିବା। କେହି ଆମକୁ ପ୍ରଶଂସା କରୁ ବା ନିନ୍ଦା କରୁ ତାହା ଯେମିତି ଆମ ହୃଦୟକୁ ବିଚଳିତ କରିନଦିଏ। ସେହିପରି ଆମକୁ ଯଦି ଖ୍ୟାତି ଏ ପ୍ରତିଷ୍ଠା ପ୍ରାପ୍ତ ହୁଏ ସେତେବେଳେ ମଧ୍ୟ ନିଜେ ପାଇଥିବା ସବୁକିଛି ସଂପଦକୁ ଭଗବାନଙ୍କ ପାଇଁ ଆମେ ବ୍ୟୟ କରିପାରିବା ଭଗବାନ ତା ବଦଳରେ ଆମକୁ ପ୍ରକୃତ ନମ୍ରତାର ଯେଉଁ ଅପୂର୍ବ ସୌନ୍ଦର୍ଯ୍ୟ ପ୍ରଦାନ କରିବେ ତାହା ହେବ ଆମର ଆଶାଦିତ। ବିନୟଭାବ ହେଉଛି ଏପରି ଏକ ଭାବଚେତନା ଯାହା ମଣିଷକୁ ପ୍ରତି ମୁହୂର୍ତ୍ତରେ ବିଚଳିତ କରିଦିଏ। ଠିକ ବୈଷ୍ଣବ ଜହ୍ନ ପରି ଆମ ସକଳ ସତ୍ତାକୁ ତାହା କରିଦିଏ ଏତେ କାନ୍ତ ଏତେ କମନୀୟ ଓ ଲାଳିତ୍ୟ ପୂର୍ଣ୍ଣ୍ୟ ଯେ ତାହା ଆମେ କଳ୍ପନା ସୁଧା କରିପାରିବା ନାହିଁ।

ଯେଉଁମାନେ ଏ ପୃଥିବୀରେ ଆନ୍ତରିକତା ଓ ବିନମ୍ରତାର ମଧୁର ଦୃଷ୍ଟାନ୍ତ ହୋଇ ପାରିଛନ୍ତି ସେମାନଙ୍କଠାରୁ ପରୋକ୍ଷ ଭାବରେ ମଧ୍ୟ ଆମେ ପାଇ ପାରିବା କରୁଣାପୂର୍ଣ୍ଣ ପୁଷ୍ପିତ ପଥର ସନ୍ଧାନ। ଏ ପ୍ରସଙ୍ଗରେ ମନେପଡ଼ିଯାଏ ସୁଦାମା ଓ ଶ୍ରୀକୃଷ୍ଣଙ୍କ ଘନିଷ୍ଠ ପ୍ରେମ ବନ୍ଧନ। ସୁଦାମାଙ୍କ ଚାଉଳ ଭଜାରେ ଯେଉଁ ଆନ୍ତରିକ ମମତାର ପ୍ରଲେପ ଥିଲା ତାକୁ ଗ୍ରହଣ କରି ଶ୍ରୀକୃଷ୍ଣ ସ୍ୱୟଂ ଦିବ୍ୟ ଆହ୍ଲାଦ ଅନୁଭବ କରୁଥିଲେ। ସୁଦାମାଙ୍କ

ପ୍ରତ୍ୟାବର୍ତ୍ତନ ପରେ ତାଙ୍କ ଗୃହ ରାଜଭବନ ପରି ଝଟକି ଉଠିବାର ଯେଉଁ ଦୃଶ୍ୟ ବର୍ଣ୍ଣନା କରାଯାଇଛି ତାହା ସାଧାରଣ ପାଠକ ବା ଶ୍ରୋତାଙ୍କୁ ବୁଝାଇବା ପାଇଁ କେବଳ ଉଦ୍ଦିଷ୍ଟ। ବାସ୍ତବରେ ଯଦି ସୁଦାମାଙ୍କ ଜୀବନରେ ପୂର୍ବର ସେହି ଦାରିଦ୍ର୍ୟ ଅପରିବର୍ତ୍ତିତ ହୋଇ ରହିଥାଆନ୍ତା ତାହେଲେ ମଧ୍ୟ ସୁଦାମା କେବେହେଲେ ଶ୍ରୀକୃଷ୍ଣଙ୍କ ପରି ଅନ୍ତରଙ୍ଗ ସଖାଙ୍କ ପ୍ରତି ସାମାନ୍ୟବି ଅକୃତଜ୍ଞ ହୋଇନଥାନ୍ତେ। ଏପରି କାହାଣୀକୁ ଆମେ ସେହି ପରମସତ୍ୟ ଆବିଷ୍କାର କରିପାରିଲେ ଈଶ୍ୱରଙ୍କ ପ୍ରତି ଆମର ମନୋଭାବ ଯଥାର୍ଥ ହୋଇ ରହିପାରିବ। ପ୍ରକୃତ ବିନୟ କାହାରିଠାରୁ କୌଣସି ଆଶା ରଖିନଥାଏ। ନିଃସ୍ୱାର୍ଥପର ଭାବରେ ବିନୟୀ ହେବାରେ ଯେଉଁ ନିର୍ମଳ ଆନନ୍ଦ ସଂଯୁକ୍ତ ହୋଇ ରହିଛି ତାହା ପ୍ରକୃତ ଅନୁଭବହିଁ ଯଥାର୍ଥ ଭାବରେ ଉପଲବ୍‌ଧି କରିପାରିବ। ଆମର ଆନ୍ତରିକତା ପୂର୍ଣ୍ଣ ଅନ୍ତର ପାଇଁ ଆମେ ଭଗବାନଙ୍କର ସ୍ୱତନ୍ତ୍ର କରୁଣା ବା ପୁରସ୍କାର ନପାଇଲେ ବୋଲି ଯଦି ଆମ ଭିତରେ ଦୁଃଖ, କ୍ଷୋଭ, ବିଦ୍ରୋହ କିମ୍ବା ଅସନ୍ତୋଷ ଜନ୍ମ ନିଏ ତାହେଲେ ଆନ୍ତରିକତା ନୁହେଁ, ଆମର ଅନାନ୍ତରିକତା ଓ ଅଶୁଦ୍ଧତା ହିଁ ତାହାଦ୍ୱାରା ପ୍ରତିପାଦିତ ହୋଇଯାଏ ତେଣୁ ସଂପୂର୍ଣ୍ଣ ନିରହଂକାର ଭାବରେ ଯେତେବେଳେ ଆମଆତ୍ମା ଆନ୍ତରିକତାର ଜ୍ୟୋତିରେ ଭାସ୍ୱର ହୋଇଉଠେ ସେତେବେଳେ ଆମର ଜୀବନରେ ଖେଳିଯାଏ ନବନବ ଆନନ୍ଦ ସ୍ପନ୍ଦନ।

ମଣିଷ ଏ ପୃଥିବୀକୁ ଆସିଛି ସଂପୂର୍ଣ୍ଣ ବିନୟ ଭାବରେ ନତମସ୍ତକ ହେବାପାଇଁ। ସେ ଆସିଛି ଏଠାକୁ ନିସର୍ଗ ଭାବରେ ଆନ୍ତରିକତାର ପରିଚୟ ପ୍ରକଟ କରିବାପାଇଁ। ଏହା ଏହି ମର୍ତ୍ତ୍ୟମଣ୍ଡଳରେ ମଣିଷ ପାଇଁ ଏକ ଅପୂର୍ବ ସୁଯୋଗ ଏହି ସୁଯୋଗକୁ ଯେଉଁମାନେ ହାତଛଡା କରିଦିଅନ୍ତି ସେମାନଙ୍କ ଠାରୁ ହତଭାଗ୍ୟ ଆଉ କିଏ ଅଛି।

ପରମେଶ୍ୱର ଆମକୁ ଯେଉଁ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରିଛନ୍ତି ସେଥିପାଇଁ ଆମେ ପ୍ରତି ମୁହୂର୍ତ୍ତରେ କୃତଜ୍ଞତାର ଅନୁଭବରେ ବିଚଳିତ ହୋଇଯିବାର କଥା। କିନ୍ତୁ ତାର ପ୍ରତିବଦଳରେ ଆମେ ଯଦି ପ୍ରକାଶ କରିବା ଉଗ୍ରତା ଓ ଅସହିଷ୍ଣୁତା ତାହେଲେ ଆମ ଜୀବନ ସ୍ୱତଃ ହୋଇଯିବ ଭାବଶୂନ୍ୟ ମରୁଭୂମି ତୁଲ୍ୟ। ବିନୟ ଓ ଆନ୍ତରିକତା ଏମାନଙ୍କ ଶ୍ରୀମା ସର୍ବୋତ୍ତମ ପ୍ରହରୀ ବୋଲି ଅଭିହିତ କରିବା ଅନ୍ତରାଳରେ ରହିଛି ଆଉ ଏକ ନିବୃତ ସତ୍ୟ। ତାହାହେଲା ସେମାନେ କେବଳ ସାଧାରଣ ପ୍ରହରୀମାତ୍ର ନୁହନ୍ତି, ସେମାନେ ହେଉଛନ୍ତି ଈଶ୍ୱର ପ୍ରେରିତ ଦୁଇ ମହାଶକ୍ତି। ବିନୟ ଭାବକୁ ହୃଦୟରେ ଧାରଣ କରିବା ଆମର ଦୁର୍ବଳତାର ସୂଚକ ନୁହେଁ ତାହା ହେଉଛି ଆମର ସର୍ବୋତ୍ତମ ଶକ୍ତିର ସଙ୍କେତ। ସବଳ ଦୁଃଖ, ବାଧାବିଘ୍ନ ଅପଦବିପଦ, ପ୍ରତିବନ୍ଧକ, ପ୍ରତିକୂଳବାତାବରଣ ଝଡଝଞ୍ଜା ସବୁକିଛି ପରିସ୍ଥିତିରେ ତାହାହିଁ ଆମକୁ ଦେଇପାରେ ଏପରି ମହତ୍ ଉପଲବ୍‌ଧି, ଯାହାଦ୍ୱାରା ଦିବ୍ୟପରମା ସତ୍ତାଙ୍କ ସହିତ ଆମେ ସଯୁକ୍ତ ହୋଇଯାଇପାରିବା।

ପ୍ରାଧ୍ୟାପିକା
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର, ୭୫୧୦୦୪
ମୋ-୯୯୩୭୩୬୫୬୯୮

# *DEMOCRACY IN INDIA IN THE PRESENT SCENARIO*

*Jitendra Kumar panda*

India is the largest democratic country in the world .democracy is defined as government of people, by the people and for the people .It is considered the finest form of government in which every individual pratispates consciosly and in which the people remain the sovereign power determining their destiny. so, in democracy the people are the altimate source of power and its success and failure depend on their wisdom, consciousness and vigilance.It is not for possible for all the people in a big Country like India to pratispate in the government. This is why they are required to exercise their franchise and elect their representatives at regular intervals. These representatives from the parliament legislate and form the responsible government.

The constitution of India was enforced on 26 January, 1950. India became a democratic republic infused with the spirit of justice, liberty, equality and fraternity.The preamble, the derective principles of state policy and the fundamental rights reflect the Indian ideology as well as cast, creed, religion, property, or sex have the right to cast their vote .After and election, the majority party or coalition forms of government and its leader became the prime minister. Political party are the vehicles of ideas .Parties act as the bridge between social thought and political decision in democracy. The Indian politics system is a multiparty system. However, gradually politics has become a game of opportunism and corruption. Most of political parties are only interested in coming to power. Every party adopts different cast politics .Some try to raise the religious sentiments of tne people. The Indian ideology today is replaced by cast and religion. We enjoy every right in theory, but not in practice. Real democracy will come in to being only when the masses are awakened and take part in economic and political life of country. There is in equality in every sphere-social, e:onomic,and political .Illiteracy is the main cause of in equality. The illiterate masses get easily lured by money during such an event. Also some of our legislator have criminal records against them. The people who make the laws themselves break them. Even after more than sixty years of independence ,one forth population today-goes to bed with an empty stomach, live below to poverty line without access to safe and clean drinking water sanitation or proper helth facilities. Governments have been framed and implemented, cores of rupees have been spent, yet many people are still struggling for existence.

But India, as a democratic country, has progressed in many aspects. It of has achieved self-sufficiency in food grains as a result of the green revolution .People vote for change whenever a government fails to come up to the exceptions of the people .India has been a successful democratic country onlybecause the people are law abiding,self-disciplened and have the sense of social and moral responsibilities. For a democracy to be fully succeful,the electorate should be literate and politically conscious. They should be fully aware of their rights and privileges. The illiterate masses of India should be given education so that they can sensibly vote for the right leaders. The U.S. A, Briten, Germany, and Japan are successful democratic countries and gave progressed in every sphere because of masses are literate. There should be quality in every sphere of life .the politician should also respect true spirit of democracy.

They should refrain from corruption cast and communal politics. The citizens should elect leaders with good moral values and integrity. People should be guided to choose their representives. They should not influenced by anyone in this respect. Individuals should learn tolerance and comprise and understand that freedom in not unbridled but dependent on not harming another individual’s well being .Democracy demands from the common man a certain level of ability and character, like rational conducts, an intelligent understanding of public

affair, independence justice and unselfish devotion to public intrest.People should not allow communalism, separatism, castism, terriosm, etc to raise their heads. They are a threat to democracy the government, the NGO, and the people together should work collectively for the economic development of the nation. Changes should come through peaceful, democratic and constitutional means. The talented youth of today should be politically educated. So that they can became effective leaders of tomorrow.

M. Phil Scholar,

PG Department of Political Science
Utkal University

# ଅଣୁଗଳ୍ପର ଅନୁଭୂତି

*ଇନ୍ଦ୍ରମଣି ଜେନା*

ବେଶୀଦିନର କଥାନୁହେଁ, ୫୦ କି ୬୦ ବରଷ ତଳର। ସେତେବେଳେ ଆମ ଗାଁରେ ପଇସା ଅଭାବରୁ ଲୋକେ ଛତା କିଣିପାରୁ ନଥିଲେ। ତାଳପତ୍ର ଛତା କି ପଖିଆ ବ୍ୟବହାର କରୁଥିଲେ। କଲିକତି ପାଲ୍ କମ୍ପାନୀ ଛତାଟିର ଦାମ ପାଖାପାଖି ପାଞ୍ଚଟଙ୍କା ଥିଲା। ଦି ଜଣ ଲୋକ ଟଙ୍କା ଯୋଗାଡକରି ଛତାଟିଏ କିଣିବାକୁ ପୁରୁଣା ଭୁବନେଶ୍ୱର ଯାଇଥିଲେ। ବଡେଇବାଙ୍କରେ ପହଞ୍ଚିଛନ୍ତି କି ନା ବରଷା ଆସିଗଲା। ଦୁଇଜଣ କଣ ଘରର ବାରଣ୍ଡାରେ ଠିଆ ହେଲେ। ଭିତରେ ଗରାବଡୁ ଡାକ୍ତର ବାବୁ ବସିଥିଲେ, ଏମାନଙ୍କୁ ବସିବାକୁ ଅନୁମତି ଦେଲେ।

ଜଣେ ଉଠିଯାଇ କାନ୍ଥରେ ଟଙ୍ଗାହୋଇଥିବା ରକ୍ତ ସଞ୍ଚାଳନ ଛବିଟିକୁ ଦେଖି ଡାକ୍ତରବାବୁଙ୍କୁ ପଚାରିଲା, "ଡାକ୍ତରବାବୁ, ଏଇଟା ଦେହର କି କାମ କରେ ?"

ଡାକ୍ତରବାବୁ କହିଲେ, "ଏଇଟା ଦେହର ସବୁଠାରୁ ଜରୁରୀ ଅଂଶ। ଏ ହୃତ୍‌ପିଣ୍ଡ ବନ୍ଦ ହୋଇଗଲେ ଜଣେ ମରିଯିବ।"

ଦୁଇଜଣ ଏକା ସ୍ୱରରେ କହିଲେ, "ଏଇ ହୃତ୍‌ପୁଣ୍ଡ ବନ୍ଦ ନହେବାକୁ କଅଣ କରିବାକୁ ପଡିବ ?"

ଡାକ୍ତର କହିଲେ, "ହୃତ୍‌ପିଣ୍ଡ ପ୍ରାୟ ବନ୍ଦ ହୁଏନି। କିନ୍ତୁ ବନ୍ଦ ହୋଇଗଲେ ଲୋକ ମରିଯିବ।"

ଛତା କିଣା ଟଙ୍କାରେ ଗୋଟିଏ ନାଲିପାଣି ଔଷଧ କାଚଧରି ଏମାନେ ଗାଁକୁ ବରଷାରେ ଓଦା ହୋଇ ଫେରିଲେ।

## (୨)

ମୋର ସହକାରୀ ପିଲାଟା ଭାରି ଧାରୁଆ। ସବୁଠୁ ତଣ୍ଟେଇ ଆସିଥିବ। ଏମିତି ଜଣେ ଇଲେକ୍ଟ୍ରି ଦୋକାନୀ ମହାପାତ୍ର ବାବୁ କହିଲେ, "ସାର ମୋର ଦି ହଜାର ଧାରିଛି।" ମୁଁ କହିଲି, "ତୁମେ ମୋ ଘରକୁ ଆସ, ତା ସାମନାରେ କହିବ। ମୁ ଦରମାରୁ କାଟି ଦେଇଦେବି।"

ସିଏ ଆସିଲେ, ଖାଲି ହସିଲେ। ମୁଁ ପଚାରିଲି, "କଅଣ ହେଲା ?" କହିଲେ, "ନାହିଁ ସାର୍ ।"

ଆଉ ଦିନେ ପଚାରିଲି, "ଯାହା ହେଉ ମହାପାତ୍ରବାବୁ, ଆପଣ ଟଙ୍କା ପାଇଗଲେ !"

ମହାପାତ୍ରବାବୁ କହିଲେ, "ନା, ପାଇନି। ସେଦିନ ଆପଣଙ୍କୁ କହିବାକୁ ଗଲାବେଳକୁ ସେ ପିଲାଟା ଦେଖୁଦେଖୁ ଗୋଟାଏ ଚା ଖୁଆଇ ଦେଲା। ଆଉ ତା ବିରୁଦ୍ଧରେ କହିବାକୁ ମନ ଗଲାନି !"

## (୩)

ନିତି ସକାଳୁ ଗଣନା କରି ସାଧକ ଜ୍ୟୋତିଷଙ୍କ ଦୁଆରେ ବଡ ଭିଡଟାଏ ଜମେ। ଭଲ ଦିପଇସା ରୋଜଗାର କରନ୍ତି ଭାଇନା। ପୁଅ ଝିଅ କଅଣ ହେବ କି କାମରେ କି ଫଳ ମିଳିବ, ସେଇଟା ତାଙ୍କ ଜିଭ ଅଗରେ ଅଛି। କୌଣସି ନା କୌଣସି କାମରେ ଜଣେ ଗରାକ ବାରମ୍ବାର ଜ୍ୟୋତିଷ ଭାଇନାଙ୍କୁ ନ ପାଇ ଶେଷଥର ପାଇଗଲେ ଆଉ କହିଲେ, "ଭାଇନା, ବହୁଥର ଆସି ମୁଁ ଆପଣଙ୍କୁ ପାଇନି।"

ଭାଇନା ଉତ୍ତର ଦେଲେ, "ମୁଁ କଅଣ ସୂର୍ଯ୍ୟ ଚନ୍ଦ୍ର ହୋଇଛି ଯେ, ସମୟ ଅନୁସାରେ କାମ କରିବି ?"

(୪). ମାହାଳିକ ବାବୁ ଘରେ ଏକାକୀ ରହି ରହି ଚଳିବାରେ ଅସୁବିଧା ହେଉଛି। ଡାକ୍ତର କହିଛନ୍ତି, "ଘରେ ଏକା ରହିବନି, ତୁମର ଟିକିଏ ମାନସିକ ବିଷାଦ ରୋଗ ଆରମ୍ଭ ହେଲାଣି। କେତେବେଳେ କଅଣ ହେବ।"

ମାହାଳିକ ବାବୁ କହିଲେ, "ପତ୍ନୀ ମୋର ଚାଲି ଯାଇଛନ୍ତି ପୁଅ ପାଖକୁ। ଝିଅ ପାଖରେ ୬ ମାସ ରହିବା ପରେ ଏବେ ପୁଅ ପାଖରେ। ଝିଅର ତ ପୁଅଟିଏ ହେଲା, କିନ୍ତୁ ଏଠି କେତେ ଦିନ ରହିବ, ଜଣା ପଡୁନି। କେମିତି ଏକୁଟିଆ ନରହିବି ?"

ଡାକ୍ତର ମନେମନେ ଭାବିଲେ, ମାହାଳିକ ବାବୁଙ୍କ

ପତ୍ନୀଙ୍କୁ ଏମିତି ଲାଗେଲାଗେ ବେବି ସିଟର ହେବାକୁ ପଡୁଛି ? ପଚାରିଦେଲେ, "ତୁମର ବୋହୂର କେବେ ପିଲା ହେବାର ଅଛି କି ?"

ଉତ୍ତର ମିଳିଲା, "ପୁଅ ବାହା ହୋଇନି । ବାହାଘର ହେବାର ଥିଲା ଯେ ନିର୍ବନ୍ଧ ହୋଇଛି । କିନ୍ତୁ ପୁଅ ରହୁଥିବା ଆପାର୍ଟମେଣ୍ଟର ଅଳ୍ପ ଦୂରରେ ବୋହୂ ରହେ । ବୋହୂଟି ଷ୍ଟେଟ୍ ବ୍ୟାଙ୍କରେ ଅଫିସର୍ । ଦିନ୍ ସଂଧ୍ୟାରେ ପୁଅକୁ ଡାକି ନେଉଛି ମଲ୍‌କୁ ଆଉ ଦଶ ପନ୍ଦର ହଜାର ଟଙ୍କାର ଶାଢୀ ଗହଣା କିଣି ପଇସା ଦେବା ବେଳକୁ କହୁଛି ପର୍ସଟା ଛାଡିଦେଇ ଆସିଲି । ଦି ଟା ମାସରେ ପୁଅର ଅବସ୍ଥା ଖରାପ । ତାକୁ ଜଗି ରହିଚି ତା ବୋଉ ।

ବୋଉ ରହିଥିଲେ, ବୋହୂ ପୁଅକୁ ଡାକିବାକୁ ସଙ୍କୋଚ କରେ । ଆପାର୍ଟମେଣ୍ଟ ସିକୁରିଟିଠାରୁ ମା ଥିଲେ ବୁଝି ଫେରିଯାଏ । ଏମିତି ମା ପୁଅକୁ ଜଗି ବସିଛି ବାଙ୍ଗାଲୋର୍‌ରେ ।"

## (୫)

ଆମ ଗାଁର ମହାନ୍ତି ଘର ଝିଅର ବାହାଘର ହେବ ପାଞ୍ଚ ମାଇଲ୍ ଦୂର ସୁନ୍ଦରପୁର ଗାଁର ପଟ୍ଟନାୟକ ଘରେ । ସରକାର ସିନା ଯାନିଯୌତୁକ ବନ୍ଦ କରି ଦେଇଛନ୍ତି, କିନ୍ତୁ ପୁଅ ଘର କଅଣ ଶୁଣୁଛନ୍ତି ? ବୋହୂଦେଖାପରେ କଥା ସବୁ ଛିଣ୍ଡିଗଲା । ତା ପରେ ପୁଣି ଶଶୁରଙ୍କର ଅଙ୍ଗିଲା ଦାବି, ମୋ ପୁଅ ପାଇଁ ଭଲ ମୋଟର ସାଇକେଲ୍‌ଟିଏ ।

ରଘୁ ମହାନ୍ତି ଦେଖିଲେ, ପୁତୁରା ଗୋଟିଏ ନୂଆ ମୋଟର ସାଇକେଲ୍ ଖରିଦ କରିଛି । ପୁତୁରାକୁ କହିଲେ, "ଏଇ ମୋଟର ସାଇକେଲ ଚଳାଇ ଟିକିଏ ଛଳରେ ଆମ ଭାବି ସମୁଦିଙ୍କୁ ଦେଖାଇଦେଇ ଆସିବୁ, ଏଇଟା କିଣା ହୋଇଛି ତୁମ ଘରକୁ ଆସିବ ।"

ପଟ୍ଟନାୟକ ବାବୁ ଖୁବ୍ ଖୁସି ହୋଇଗଲେ ମୋଟର ସାଇକେଲ ଦେଖି । କହିଲେ, "ପୁଅ ଆଣିଛ ଯେତେବେଳେ, ସେଇ ବାରଣ୍ଡାକୁ ଟିକେ ଉଠାଇଦିଅ । ସମୁଦିଙ୍କୁ କହିବ, ଆମର ପ୍ରାପ୍ୟ ପାଇଗଲୁ । ଆଉ କହିବ ବରଯାତ୍ରୀରେ ପାଞ୍ଚଶ ଲୋକ ଯିବେ ।"

ପରଦିନ ପଟ୍ଟନାୟକ ବାବୁ ଚିନ୍ତାରେ ପଡିଲେ । ମହାନ୍ତି ସମୁଦି ଜଣାଇଛନ୍ତି, "ସମୁଦି, ଠିକ୍ ଅଛି, ହେଲେ ବରଯାତ୍ରୀଙ୍କ ଖଲିଟା ତୁମ ଆଡୁ !"

## (୬)

ମନ୍ଦିରରେ ନନା ପୂଜାସାରି ଗଲାବେଳେ ନିଶ୍ଚୟ କେତେଟା ମନ୍ଦାର କି ସବୁଜ ଫୁଲ ଠାକୁରଙ୍କୁ ଦେବାବେଳେ ଚାଙ୍ଗୁଡିରେ ଛାଡି ଦିଅନ୍ତି ।ମୋର ମେଡିକାଲ ବୁଦ୍ଧିରୁ ଭାବିଲି ନନା ବୋଧେ କଲର୍ ବ୍ଲାଇଣ୍ଡ୍ । ନାଲି ଆଉ ସବୁଜ ରଙ୍ଗ ଚିହ୍ନିବାକୁ ଅସମର୍ଥ ।

ମୁଁ ଦିନେ ତାଙ୍କୁ ପଚାରିଦେଲି, "ନନା ତୁମକୁ କଅଣ ନାଲି ଆଉ ସବୁଜ ରଙ୍ଗ ଠିକ୍‌ରେ ଦେଖାଯାଉନି କି ?"

ନନା କହିଲେ ହଁ, "ମୋର ରଙ୍ଗ ଚିହ୍ନିବାରେ କିଛି ତୃଟି ନଥାଏ ।"

ମୁଁ ପଚାରିଲି, "ତେବେ ସବୁଦିନ ଚାଙ୍ଗୁଡିରେ କାହିଁକି ଦି ଚାରିଟା ଲାଲ ଆଉ ସବୁଜ ଫୁଲ ପଡିଥାଏ ?"

ସେ କହିଲେ, "ପୂଜା ବାଦ୍ ଆପଣ ଠାକୁରଙ୍କୁ ପୁଷ୍ପାଞ୍ଜଳି ଦେବାକୁ ଛାଡିଥାଏ ।"

କିଛି ନକହି ମୁଁ ବୁଝିଗଲି, "ସେ ତାଙ୍କର ଦୃଷ୍ଟି ଦୋଷ ନାହିଁ, ବରଂ ମୋର ଧର୍ମ ବିଷୟରେ ଦୃଷ୍ଟି ଦୋଷ ନିଶ୍ଚିତ ରହିଛି !"

## (୭)

୧୯୮୩ ମସିହାର କକ୍ଷଚ୍ୟୁତ ସ୍କାଇଲାବ୍ ଖସିବାର ଡ଼ର ସମୟ । ନିୟମିତ ଚିକିତ୍ସା ହେଉଥିବା କେତେଜଣ ରୋଗୀ ଆଉ ଡାକ୍ତରଙ୍କୁ ଦେଖା କରୁନାହାନ୍ତି । ସ୍କାଇଲାବ ବିନା କ୍ଷୟକ୍ଷତିରେ ଭୂପୃଷ୍ଠରେ ଖସିଲା । କାହାରି କିଛି କ୍ଷତି ହେଲାନି ।

ପରଦିନ ସେଇ ରୋଗୀମାନଙ୍କ ଭିତରୁ ଜଣେ ଆସି ଡାକ୍ତରଙ୍କୁ ପରାମର୍ଶ କଲା ।

ଡାକ୍ତର ପଚାରିଲେ, "ତୁମେ କୁଆଡେ ଏତେଦିନ ରହିଗଲ ? ଡାଏବିଟିସ୍ ରୋଗର ଅନିୟମିତ ଏମିତି କଅଣ ଚିକିତ୍ସା ହୁଏ ?"

ଚାଲାକ ରୋଗୀଜଣକ କହିଲେ, "ସ୍କାଇଲାବ୍ ଭୟରେ ଜୀବନକୁ ଅଧାପ୍ରାଣ କରି ରଖିଥିଲି । ଯମ ନେଲେ ଯେ ଠକାମିରେ ପଡିବ, ସେଇ କାରଣରୁ ମୁ ଚିକିତ୍ସା କରାଇ ପୂର୍ଣ୍ଣ ପ୍ରାଣରେ ରହି ବିଘ୍ନ ନିମନ୍ତ୍ରଣ କରିବି କାହିଁକି ?"

"ଯମକୁ ଠକିବାକୁ ମୁଁ ଏମିତି ଅଧାପ୍ରାଣ ହୋଇ ରହିଥିଲି ।"

( ୮ )

ଆମ ଗାଁ ସରପଞ୍ଚ କିଏ ହେବ, ବର୍ଷ ତମାମ ତର୍କର ବିଷୟ ଥିଲା। କେତେ ପୁରୁଖା କେତେ ଶିକ୍ଷିତ ଆଉ ରାଜନୈତିକ କର୍ମୀ ଆଶାବାନ୍ଧି ବସିଛନ୍ତି। କିନ୍ତୁ ପଲା ଭାରି ଅଛି ଗତଥରର ସରପଞ୍ଚଙ୍କର।

ସରକାରଙ୍କର ପଞ୍ଚାୟତ ନିର୍ବାଚନ ବିଗୁଲ୍ ବାଜିଗଲା। ସରପ ଯୋଗ୍ୟତାରେ ଆଉ ଖିଏ ଯୋଡାହେଲା। ଦୁଇରୁ ଅଧିକ ସନ୍ତାନଥିବା ପ୍ରାର୍ଥୀ ଏହି ପଦ ପାଇଁ ଅଯୋଗ୍ୟ ହୋଇଗଲେ। ଚହଳ ପଡିଗଲା ଆମ ଗାଁରେ। ଯେତେଯେତେ ଆଶାୟୀ ପ୍ରାର୍ଥୀ କେହି ଯୋଗ୍ୟ ହେବାକୁ ସମର୍ଥ ନୁହନ୍ତି। ଲାଗିଲା ଆମ ଗାଁଟି ସରପଞ୍ଚଶୂନ୍ୟ ହୋଇଯିବ।

ସମସ୍ତଙ୍କ ହେତୁ ଆସିଲା। ଗାଁର ନରସିଂହା କକା କେବଳ ହି ଏହି ପଦ ପାଇଁ ଯୋଗ୍ୟ। ସିଏ ଆଣ୍ଠୁକୁଡା, ତାଙ୍କରି ହିଁ କିଛି ପିଲାପିଲି ନାହିଁ। ବହୁ ବର୍ଷ ଚିକିତ୍ସାରେ କିଛି ଫଳ ମିଳିଲାନି।

ଆଜି ହାତୀ ତାଙ୍କ ମୁଣ୍ଡରେ ହିଁ ସୁନା କଳସ ଢାଳିଛି !

( ୯ )

ମହାପାତ୍ର ବାବୁଙ୍କ ପୁଅ ବାହାଘର ନୈଶଭୋଜିଟା ରେଲକୁଞ୍ଜରେ ଚୋଖା ହୋଇଥିଲା। ସବୁ ଆଇଟମ୍ ଗୁଡିକ ତହୁଁ ବଳା, ତହୁଁ ବଳା। ଭୋଜି ଖାଇସାରି ଗେଟ୍ ପାଖରେ ୮ ବର୍ଷର ମୋ ନାତୁଣି ମୋଗ୍ଲି ମହାଖୁସିରେ ମହାପାତ୍ର ଅଜାଙ୍କୁ କହିଲା, ଅଜା ବଢିଆ ଭୋଜି। କି ସୁନ୍ଦର ତନ୍ଦୁରି ଚିକେନ୍ ଆଉ ଆଇସ୍ କ୍ରିମ୍। ପେଟ ଭରି ଖାଇଲି।

ଅଜା, ଆମେ କାଲି ସଂଧ୍ୟାରେ ବି ଆସିବୁ !

( ୧୦ )

ଆମ ଗାଁରେ କଢ ନୂଆବୋଉର ଭାରି ଖାତିର। ଜଣେ କମ୍ ବୟସର ବୋହୂ ଯିଏ ବିନା ଓଢଣାରେ ଗାଁ ଦାଣ୍ଡକୁ ବାହାରିପାରେ। ଗାଁ ମଝିରେ ଘର। ଦାଣ୍ଡକୁ ନବାହାରିଲେ କୁଆଡେ ଯିବ ?

ସରକାରଙ୍କ ଦୁଇ ସନ୍ତାନ ଯଥେଷ୍ଟ ପ୍ରଚାର ବେଳକୁ ତାଙ୍କର ଚାରୋଟି ପିଲା ପରେ ପଞ୍ଚମ ପରେ ଷଷ୍ଠ ପିଲା ପେଟରେ ଅଛି। ପିଲାମାନଙ୍କର ନାମକରଣ ଆକର୍ଷଣୀୟ - ଜାପାନୀ, ଜର୍ମାନୀ, ଇରାନୀ ଏମିତି ପାଞ୍ଚୋଟି ନାମ।

କିଏ ଜଣେ ଥଟ୍ଟାରେ ପଚାରିଲେ, ନୂଆଉ, "ଏଇ ପିଲାଟିର ନାଁ କଅଣ ଦେବ ?"

ତତକ୍ଷଣାତ୍ ଉତ୍ତର ମିଳିଲା, "ପୁଅ ହେଲେ ଭାରତ, ଝିଅ ହେଲେ ଭାରତୀ !"

ସମାରୋହ, ୧୨୮, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦

ମୋବାଇଲ୍ - ୯୪୩୮୦୦୭୫୦୯

# ସନ୍ୟାସୀର୍ ଶେଷ ହସ

*ଶୈଳେନ୍ଦ୍ର କୁମାର ଜେନା*

ତା ଉପରେ ପୁରୁଣା ଚାଦରଟାଏ ଘୋଡେଇ ଦେଇ ଲୋକଟା ଗୋଟାଏ ନେତା ପରି ଉଚ୍ଚ ଜାଗାରେ ଠିଆ ହେଇ ହାତ ହଲେଇ ସମସ୍ତଙ୍କୁ କହିଥିଲା, "ଭାଇମାନେ, ଇଏ ଗୌତମ ରାୟ ନୁହଁ। ଟିକିଏ ଭାବି ଦେଖନ୍ତୁ, ଗୌତମ ରାୟର କି ଗରଜ ପଡିଚି ଯେ ଷ୍ଟେସନ ସାମନାରେ ପାଗଳ ପରି ବୁଲିବ ? ତାକୁ ପାଛୋଟି ନବା ପାଇଁ ପରା ସାରା ସରକାର କଳ ଜେଲ ଦୁଆରରେ ଅଧିଆ ପଡିଛନ୍ତି। କାଲି ପରା ସିଏ ମନ୍ତ୍ରୀ ପଦ ପାଇବ। ଇଏ ମୋ ପୁରୁଣା ଚିହ୍ନା ପିଲା, ମୁଁ ତାକୁ ଜାଣିଛି।"

ନିଆଁରେ ପାଣି ପଡିବା ପରି ଉତ୍ୟକ୍ତ ଲୋକ ଗୁଡାକ ଥଣ୍ଡା ହେଇ ନିଜ ନିଜ ବାଟରେ ଚାଲିଗଲେ। ଲୋକଟା ଛୋଟା, ତଥାପି ଠିକଣା ସମୟରେ ଭିଡ ଭିତରୁ ତାକୁ ଉଦ୍ଧାର କରି ଆଣି ଟ୍ରେନରେ ବସେଇ ଦେଲା। ଭିଡାଭିଡିରେ ଚିରି ଯାଇଥିବା ପ୍ୟାଣ୍ଟ, ବୋତାମ ଛିଡା ସାର୍ଟ, ଶିଝି ଯାଇଥିବା ଡାହାଣ ଗାଲ ଓ ଓଠ କୋଣରୁ ବହିଯାଇଥିବା ଧାରେ ରକ୍ତର ଗାର ପ୍ରତି ସିଏ ଯେତିକି ଚିନ୍ତିତ ନଥିଲା, ଲୋକଟା ବେଶୀ ଚିନ୍ତିତ ଥିଲା। ଓଦା ରୁମାଲରେ ଓଠ ପାଖରେ ଶୁଖିଯାଇଥିବା ରକ୍ତଧାର ପୋଛୁ ପୋଛୁ କହିଲା, "ବିଦ୍ୟାରାଣ, ତମକୁ ଦେଖି ବିଶ୍ୱାସ କରି ପାରିଲିନି। ଚିହ୍ନିବାରେ ଆଉ ଟିକେ ଡେରି ହେଇଥିଲେ କଣ ଯେ ହେଇଥାନ୍ତା ! ତମେ ମତେ ଚିହ୍ନି ପାରୁଚ ତ ?"

ଗୌତମ ସେ ଲୋକଟାକୁ ଜମା ମନ ପକେଇ ପାରୁନଥିଲା। ତା ମୁହଁକୁ ଜୁଳୁ ଜୁଳୁ କରି ଚାହିଁଥିଲା। ସେ ଦିନ ଗୁଡାକରେ ସିଏ ଥିଲା ଯୁବରାଜ ଆଉ ତା ପଛରେ ତାକୁ ଭାଇ ଭାଇ ଡାକି ଲାଙ୍ଗୁଡ ହଲେଇ ବୁଲିବାକୁ ଥିଲେ ଅନେକ ଗୋଲାମ। ସିଏ ବସି ପଡିଲେ କିଏ ତା ମୁଣ୍ଡ ଚିପି ଦଉଥିଲା ତ କିଏ ଜୋତା ପୋଛି ଦଉଥିଲା। ପ୍ରତିବଦଳରେ ସେମାନେ ତା ଟଙ୍କାରେ ଅୟସ କରୁଥିଲେ। ତା ଇଂଗିତରେ କ୍ରାଇମ୍ କରୁଥିଲେ। ସେମାନଙ୍କର ମୁହଁ ମନ ପଡୁନଥିଲା କି ନାଆଁ ମନ ପଡୁନଥିଲା। ସାମନା ସିଟ୍‌ବାଲା ଲୋକଟା ସେଇମାନଙ୍କ ଭିତରୁ କିଏ ଗୋଟାଏ ଗୋଲାମ ହେଇଥାଇପାରେ। କିନ୍ତୁ ତା ପାଖରେ ଗୋଲାମଗିରି କରିବା ପାଇଁ କେହି ଛୋଟା ଲୋକଟାଏ କେବେ ଥିବା ପରି ମନ ପଡୁନଥିଲା।

ଅଯତ୍ନରେ ଦାଢି ବଢିଯାଇଥିବା ଓଠକୁ ଛୁଇଁ ମନ ଦୁଃଖ କରି ଲୋକଟା କହିଲା, "ତମର ଏ କି ଅବସ୍ଥା ବନ୍ଧୁ ! ତମ ପାଇଁ କେତେ ସାଜସଜା, ରାଜ ପଟୁଆର। ତମ ପାଇଁ କେତେ ଭୋଗ ଐଶ୍ୱର୍ଯ୍ୟର ଅର୍ଘ୍ୟ ଅପେକ୍ଷା କରି ରହିଛି। ତମେ ମୁକୁଳୁଛ ବୋଲି ସାରା ସହର ନୂଆ କନିଆ ପରି ସଜା ହେଇଛି। ଏସବୁ ଛାଡି ଏମିତି କାହିଁକି ପଳେଇ ଯାଉଛ ? ମୁଁ କିଛି ବୁଝି ପାରୁନି। ରାତି ପାହିଥିଲେ, ରାମଚନ୍ଦ୍ର ରଜା ହେଇଥାନ୍ତେ, ହେଲେ.... !" କଥାଟା ସମ୍ପୂର୍ଣ୍ଣ ନକରି ଲୋକଟା ପରାମର୍ଶ ଦେଲା, "ଏବେ ବି ସମୟ ଅଛି, ଫେରିଯାଅ ବନ୍ଧୁ। ସେ କଠୋର ପଥରେ ତମେ ଚାଲି ପାରିବନି।"

ଗୌତମ ତଥାପି ନିର୍ବିକାର ଭାବରେ ବସିଥିଲା। ଲୋକଟାର ଅଯାଚିତ ସାହାଯ୍ୟ ପାଇଁ ତା ପ୍ରତି କୃତଜ୍ଞ ହେଇ ପଡିଥିଲା। ଲୋକଟା କହିଲା, "ତମେ ଯୁଆଡେ ଯାଉଛ, ଭାରି ଖତରନାକ ଜାଗା ଭାଇ। ଜାଣିଛ, ସେଠି ପରା ମଣିଷଖିଆ ବାଘ ରୁହନ୍ତି। ମ୍ୟାନ ଇଟରସ୍ ଅଫ କୁମାୟୁନ। କେଜାଣି, ସେ ସାଧୁ ସନ୍ଥ ଗୁଡାକ ସେଠି କେମିତି ଶୀତ କାକରରେ ବାଘ ଭାଲୁ ମେଳରେ ରହୁଛନ୍ତି !" ଲୋକଟା ଏକପାଖିଆ ଭାବରେ ଗପି ଚାଲିଥିଲା। ଗୌତମ ନିରବରେ ବସିଥିଲା। ମଣିଷଖିଆ ବାଘର ଭୟ ଦେଖେଇ ଲୋକଟା ତାକୁ ଡରଉଥିଲା। ମନେ ମନେ ହସୁଥିଲା ଗୌତମ।

ଗୌତମ ଠାରୁ ବେଶୀ ବିପଜ୍ଜନକ କେହି ସଂସାରରେ ଥାଇ ନପାରେ। ତା ନିଷ୍ଠୁରପଣରେ ଦିନେ ସମସ୍ତେ ଥରହର ହଉଥିଲେ। ଡରେଇ ହରେଇ ସିଏ ସଂସାରକୁ ଜିତି ଯାଉଥିଲା। ବାପା, ମାଆ, ଭାଇ, ଭାଉଜ, ଜ୍ଞାତି, କୁଟୁମ୍ବ, ସମସ୍ତେ ତାକୁ ଡରୁଥିଲେ। ବାପାଙ୍କୁ ଡରେଇ ରାଜନୀତିରେ କମେଇଥିବା

ପ୍ରତିଷ୍ଠା ଛଡେଇ ନେଇଥିଲା । ଭାଇକୁ ଡରେଇ ଦେଶାନ୍ତର କରିଦେଲା । ଧନ ଆଉ କ୍ଷମତାବଳରେ ନାରୀର ଶରୀର ଜିତିବାର ନିଷ୍ଠୁର କଳାରେ ସେ ଥିଲା ନିପୁଣ । ପାପପୁଣ୍ୟର କୌଣସି ଲକ୍ଷ୍ମଣରେଖା ତା ପାଇଁ ନଥିଲା । ତାକୁ ଡରି ଶତ୍ରୁ ବି ତାର ମିତ୍ର ହେଇଯାଉଥିଲେ ।

"ଟିଟନ ଦାସ, ଟିଟୁ କଥା ମନ ପଡୁନି ?"

ଲୋକଟାର ପ୍ରଶ୍ନରେ ଗୌତମ ଅତୀତରୁ ବାହାରି ଆସି ପୁଣି ତାଆରି ଭିତରକୁ ଫେରିଗଲା । ଟିଟନ ଦାସକୁ ଗୌତମ କେବେ ଭୁଲି ନପାରେ । କ୍ୟାମ୍ପସ ରାଜନୀତିରେ ଗୌତମ ସମର୍ଥିତ ପ୍ରାର୍ଥୀ ବିରୁଦ୍ଧରେ ପ୍ରେସିଡେଣ୍ଟ ପଦରେ ଲଢିଲା । ନିର୍ବାଚନ ମଇଦାନ ଛାଡି, କଲେଜ ଛାଡି ଚାଲିଯିବା ପାଇଁ ଗୌତମର ନିର୍ଦ୍ଦେଶକୁ ଅବମାନନା କରିବାର ଧୃଷ୍ଟତା କଲା । ଗୌତମ ଆଉ କିଛି ଭାବିବା ପୂର୍ବରୁ ଲୋକଟା ପୁଣି ପ୍ରଶ୍ନ କଲା, "ଆଉ ସେ ସନ୍ୟାସୀ କଥା ମନ ଅଛି ତି ? ତାର ଯୋଉ ଅବସ୍ଥା ତମେ କରିଥିଲ !"

ଲୋକଟାକୁ ସନ୍ୟାସୀ କଥା ପଚାରିବ ବୋଲି ଭାବୁ ଭାବୁ ଲୋକଟା ତା ଆଡୁ କହିଦେଲା । ସନ୍ୟାସୀର ପୂରା ନାଆଁଟା ଭୁଲି ଯାଇଛି ଗୌତମ । ଯାହା ଭୁଲି ପାରିନି ତା ହେଲା ତାର ହସ । ଭରପୂର କ୍ଲାସରେ ତା ଗେରୁଆ ଚାଦର ଆଉ ଧୋତି ଟାଣି, କଛା ଖୋଲି ତାକୁ ଲଙ୍ଗଳା କରି, ଜଟାକୁ ଭିଡି ତଳେ ପକେଇ ଲାତ ଗୋଇଠା ମାରିବା ବେଳେ, ପିସ୍ତଲର ଗୁଳି ତା ଦେହରେ ଶେଷ କରିବା ବେଳେ ସନ୍ୟାସୀ ହସୁଥିଲା । ତା ଓଠରେ ଯୋଉ ହସ ଥିଲା, ସେ ହସ ଆଜି ବି ଭୁଲି ହଉନି । ଗୌତମଠାରୁ ବି ସନ୍ୟାସୀ ହସ ମାରାତ୍ମକ । ଯେତେବେଳେ ମନ ପଡୁଥିଲା ସେତେବେଳେ ଗୌତମ ପାଗଳ ହେଇଯାଉଥିଲା ।

ସନ୍ୟାସୀ ଆଜି କେମିତି କୋଉଠି ଅଛି, ଜାଣିବା ପାଇଁ ବ୍ୟାକୁଳ ହେଲା । ଅନ୍ତତଃ ତାକୁ ଥରେ ଭେଟି କ୍ଷମା ମାଗିନବା ଉଚିତ । ଲୋକଟା ହୁଏତ ତା ପୂରା ନାଆଁ, ଠିକଣା ଇତ୍ୟାଦି କିଛି କହିପାରିବ । ସେସବୁ ପଚାରିବା ପୂର୍ବରୁ ଅଯାଚିତ ସେବା କରୁଥିବା ଲୋକଟାକୁ ତା ନାଆଁ ପଚାରି ଦବାଟା ଉଚିତ ଭାବି ତାକୁ ପଚାରିଲା, "କ୍ଷମା କରିବେ, ମୋର କିଛି ବି ମନ ନାହିଁ । ଆପଣଙ୍କ ପରିଚୟ ?" ଲୋକଟା ଟିକେ ହସିଲା, ଆଉ ବଡ ଜୋରରେ କହିଲା, "ହେ... ମୁଁ ପରା ସଦା । ମତେ ତମେ କେମିତି ଭୁଲିଗଲ !"

ଟା କପେ ବଢେଇ ଦେଇ ସଦା ନିଜର ଆଉ ଟିକେ ବିସ୍ତୃତ ପରିଚୟ ଦବାକୁ ଯାଇ କହିଲା, "ବୁଝିଲ ଭାଇ, ମୁଁ ଏବେ ସଚିବାଳୟରେ ପିଅନ ଅଛି । ଆଜି ସଚିବଙ୍କ ସହିତ ସବୁ ବାବୁ ତମ ପାଇଁ ବ୍ୟସ୍ତ ହେଇ କୁଆଡେ ପଳେଇଲେ ବୋଲି ମୁଁ ଫାଙ୍କା ଦେଖି ଅଫିସରୁ ଛୁ ମାରିଚି । ନହେଲେ, ମୁଁ କିଏ ଆଉ ଏ ସାଢେ ତିନିଟା ସୁପରଫାଷ୍ଟ ଏକ୍ସପ୍ରେସ ଗାଡି କିଏ ? ମୁଁ ସାତଟା ବେଳର ପାସେଞ୍ଜରରେ ଘରକୁ ଫେରିବା ଲୋକ ।" ତାପରେ ଅଭିଯୋଗଭରା ସ୍ୱରରେ କହିଲା, "ତମେ କେବେଠାରୁ ମୋ ପରି ଗୋଟାଏ ଅକିଂଚନକୁ ଆଜ୍ଞା ଆପଣ କହିବା ଆରମ୍ଭ କଲଣି ମ ? ରଜା କଣ ପ୍ରଜାକୁ ଆଜ୍ଞା ଆପଣ କହେ ?"

"ଉଚ୍ଚ ଆକାଶର ପୁଷ୍ପକ ବିମାନକୁ ଛାଡି ମାଟି ଉପରର ମ୍ଳେଚ୍ଛ ରଥରେ, ତା ପୁଣି ଏ ଅପରିଷ୍କାର ମଳିମୁଣ୍ଡିଆ ଲୋକ ଗୁଡାଙ୍କ ସାଙ୍ଗରେ ଯାଉଛ, ତା ମୁଁ ଏବେ ବି ବିଶ୍ୱାସ କରିପାରୁନି ।" ସଦା ଚେଷ୍ଟା କଲା ତାକୁ ରାଜା ବୋଲି ପ୍ରମାଣିତ କରିବାକୁ ।

"ବାପ୍ ରେ ବାପ୍.... ତମର ସେ ରୁଦ୍ର ଅବତାର !'' ଆତଙ୍କିତ ସ୍ୱରରେ ସଦା ମନ ପକେଇ ଦେଲା ।

ଟିଟନ ଦାସ ପୂରା ସାତ ଦିନ ରହିଲା ଆଇସିୟୁରେ । ତାପରେ ସ୍ୱର୍ଗଦ୍ୱାରରେ ତାର ଅନ୍ତିମ ସଂସ୍କାର କରାଗଲା । ବଡ ହଙ୍ଗାମା ହେଇଥିଲା ସେତେବେଳେ । ସରକାର ଟଳମଳ, ଭାଙ୍ଗିବା ଅବସ୍ଥା । ତାର ଏଇ ପିଲାଳିଆମୀ ବାପାଙ୍କୁ ଭାରି ମହଙ୍ଗା ପଡିଥିଲା । ମନ୍ତ୍ରୀପଦଟି ହରେଇବାକୁ ପଡିଥିଲା କିଛି ଦିନ ପାଇଁ । ବାପା ତାକୁ ବୁଝେଇଥିଲେ, "ବାବୁରେ, ଏ ରାଜନୀତି ଆମ କୁଳ ବେଉସା । କ୍ଷମତାକୁ ଜିତିବା ଅପେକ୍ଷା ଧରି ରଖିବା ଅଧିକ କଷ୍ଟ । ସେଥିପାଇଁ କେତେ ଗଧ ପାଦ ଧରିବାକୁ ହୁଏ । ବିନା ଛଳ କପଟରେ ଏ ବେଉସା ଚାଲେନି । ତୁ କାଲିକାର ପିଲା, ମୁହଁରେ ସୁନା ଚାମଚ ଧରି ଜନ୍ମ ହେଇଚୁ ବୋଲି ବୁଝି ପାରୁନୁ । ଆମ ପାଖରେ ଆଜି ଯାହା ଅଛି, ସବୁ ଏଇ ବେଉସା ଯୋଗୁ

ସମ୍ଭବ। କହିଲୁ ଦେଖି, ଆମେ ଯାକୁ ଛାଡିଦେଇ ଗାଆଁରେ ଯାଇ ଜମି ଚଷି ବଂଚିପାରିବା ? ତୁ ହଳ ଲଙ୍ଗଳ ଧରି ପାରିବୁ ?" ବାପା ବୁଝେଇ ବୁଝେଇ ଥକିଗଲେ। ରକ୍ତମୁଖା ଗୌତମ କିଛି ବୁଝିବାକୁ ପ୍ରସ୍ତୁତ ନଥିଲା। ଆଉ କିଛି ଅଘଟଣ ନଘଟୁ ବୋଲି ବାପା ତାକୁ ବିଦେଶ ପଠେଇ ଦେଲେ।

ନିଜ ଉପରେ ପୁଣି ବିରକ୍ତ ହେଇଗଲା ଗୌତମ, ଏତେ ଗୁରୁତ୍ୱପୂର୍ଣ୍ଣ ନାଆଁଟିକୁ ସିଏ ଭୁଲିଗଲା କେମିତି ! ସଦାକୁ ପଚାରିଲା, "ସନ୍ୟାସୀର କଥା କଣ କିଛି ଜାଣିଚ। ତା ପୂରା ନାଆଁଟା ତମେ ତ ମନେ ରଖିଥିବ। ମୁଁ ଯେତେ ମନ ପକେଇବାକୁ ଚେଷ୍ଟା କରୁଛି, ମନ ପଡୁନି। ନାଆଁଟା ଜିଭ ଅଗରେ ଝୁଲୁଛି।"

ସଦା କହିଲା, "ଏ ତେଲ ଲୁଣର ସଂସାରରେ କୋଡିଏ ବର୍ଷ ତଳର ଲୋକକଥା ମନ ରଖି ଲାଭ କଣ ?" ଗୌତମ ଜିଦ୍ ଧରିଲା, "ଯଦି ତା ନାଆଁ, ଠିକଣା, କିଛି ବି ମନ ରଖିଛ, ତାହାହେଲେ ଦୟା କରି କୁହ। ମୋର ତାଆରି ପାଖରେ ହିଁ କାମ ଅଛି। ତାକୁ ଥରେ ଦେଖିବାକୁ ମୋର ଭାରି ଇଚ୍ଛା।" ସଦା କହିଲା, "ତାକୁ ଆଉ ଥରେ ଡରେଇବ ନାଁ କଣ ?"

ସଦା ଖାମ ଖିଆଲି ଢଙ୍ଗରେ କହିଲା, "ତାକୁ କଣ ତମେ ଆଉ ପାଇବ ?"

ହଠାତ୍ ଅତୀତର ସେ ପୃଷ୍ଠାଟା ଟ୍ରେନ ଭିତରକୁ ଧସେଇ ପଶୁଥିବା ଥଣ୍ଡା ପବନରେ ଲେଉଟି ପଡିଲା। ଦୁଃଶାସନ ପରି ଗୌତମ ସନ୍ୟାସୀର ବସ୍ତ୍ରହରଣ କରିବା ବେଳେ ସେ ନୃସଂଶ କାଣ୍ଡରେ ଝିଅ ମାନେ ଚିତ୍କାର କରୁଥିଲେ। ପୁଅ ମାନେ ନପୁଂସକ ପରି ବସି ରହିଥିଲେ। ବିଚରା ପ୍ରଫେସର୍ ତା ହାତରେ ପିସ୍ତଲ ଦେଖି ପ୍ରାଣ ଭୟରେ ଥରୁଥିଲେ । ଅଥଚ ପ୍ରଚଣ୍ଡ ଅପମାନରେ ଜଳି ଉଠିଥିଲା ସେ। ପ୍ରଳୟ ବେଳାରେ ସନ୍ୟାସୀ ଅଟଳ ଅଚଳ ମେରୁ ପରି ଦମ୍ଭ ଧରି ହସୁଥିଲା। କି ଅହଂକାର ତା'ର !

ଆଖପାଖର ଯାତ୍ରୀ ଶୁଣିନପାରିବା ପରି ତା କାନ ପାଖକୁ ମୁହଁ ଆଣି କହିଲା, "ହଉ ଶୁଣ, ସେ ଦିନର ସେ କାଣ୍ଡ ପରେ ଡାକ୍ତରଖାନାରୁ ଟିଟନ ଗଲା ସ୍ୱର୍ଗଦ୍ୱାର, ଆଉ ସନ୍ୟାସୀ ଗଲା ସଂସାର ଭିତରକୁ।"

ସଦା ଚୁପ୍ ହେଇଗଲା, ଆଉ ଗୌତମ ଚାହୁଁଥିଲା ଅଧିକ କିଛି ଶୁଣିବାକୁ। ତା ମନକଥା ବୁଝି ସଦା କହିଲା, "ସାଙ୍ଘାତିକ ଅବସ୍ଥାରେ ଟିଟନ ବାପା ସନ୍ୟାସୀକୁ ନିଜ ଘରକୁ ନେଇଗଲେ। ଜମିବାଡି ବିକି ତା ଚିକିତ୍ସା କଲେ। ତମେ ତ ଜାଣିଛ, ତା'ର କେହି ନଥିଲେ। ବାଲୁତ କାଳରୁ ସିଏ ଆଶ୍ରମରେ ରହୁଥିଲା। ଗୁରୁଙ୍କ ଅବମାନନା କରି ଅଯଥାରେ ଯାହା ପାଠ ପଢି ବାହାରିଥିଲା।"

"ତା ମାନେ ସନ୍ୟାସୀ ଆଉ ତା ଗୁରୁଙ୍କ ପାଖକୁ ଫେରିଲାନି ?" ପ୍ରଶ୍ନିଳ ଆଖିରେ ଚାହିଁଲା ଗୌତମ।

"ନାଁ, ଫେରିଲାନି। ଅସଲ କଥାଟା ହେଲା, ଡାକ୍ତରଖାନାରୁ ଫେରିବା ବେଳକୁ ତା ମୁଣ୍ଡରେ ଗୁଳି ବାଜିଥିବାରୁ ବିସ୍ମରଣ ଘଟିଥିଲା। ଡାହାଣ ଗୋଡରେ ଗୁଳି ବାଜି ସେଇଟା ପାରାଲିସିସ ହେଇଯାଇଥିଲା। ଏମିତି ଅବସ୍ଥାରେ ସିଏ କୁଆଡେ ଆଉ ଯାଇଥାନ୍ତା ? କେତେ ବର୍ଷ ପରେ ତା ଗୁରୁ ତାକୁ ଖୋଜି ଖୋଜି ଆସି ପହଂଚିଲେ। ଗୁରୁଙ୍କୁ ଦେଖିବା ପରେ ତାର ସବୁକିଛି ମନ ପଡିଗଲା।" ସିନେମା କାହାଣୀ ପରି କହିଲା ସଦା।

"ଟିଟନ ବାପା ମାଆ ମୂଲମଜୁରୀ କରି ପୁଅକୁ ସହର ପଠେଇଥିଲେ ପାଠ ପଢିବା ପାଇଁ। ଚାକିରି କରିଥାନ୍ତା, ଭଉଣୀ ମାନଙ୍କ ବାହାଘର କରେଇ ଥାଆନ୍ତା। ହେଲେ ବାବୁ ନେତାଗିରି କରି ମଲା। ତା ଉପରକୁ ଗଲାବେଳକୁ ପରିବାରର ବୋଝ ଉପରେ ନଳିତା ବିଡା ଭଳିଆ ସନ୍ୟାସୀକୁ ମୁଣ୍ଡରେ ଥୋଇ ଦେଇଗଲା। ଗୁରୁଦେବ ଆସି ତାକୁ ଦେଖିଲା ବେଳକୁ ଟିଟନର ଭଉଣୀ ମାନଙ୍କ ଭିତରୁ ବଡଟିକୁ ବାହା ହେଇ ପିଲା ଛୁଆର ବାପା ହେଇ ସାରିଥିଲା ସନ୍ୟାସୀ।"

ସଦା କହୁଥିବା କାହାଣୀ ସବୁକୁ ଗୌତମ ବିଶ୍ୱାସ କରିବ କି ନା ବୁଝିପାରୁନଥିଲା। ଲାଗୁଥିଲା ଯେମିତି ଘଟଣାଗୁଡାକୁ ଅତିରଞ୍ଜିତ କରି କହୁଛି, ଯେମିତି ଅପରାଧବୋଧରେ ସିଏ ସେହି କ୍ଷଣ ଟ୍ରେନରୁ ଡେଇଁପଡି ଆତ୍ମହତ୍ୟା କରିଦବ। ହେଲେ ଟିଟନର ମୃତ୍ୟୁ ହେଇଥିବା କଥାଟା ସତ। ଆଜି ଯେମିତି ଅନ୍ଧାର ଭିତରେ ଏ ଟ୍ରେନଟା ଅସହାୟ ପରି ଧାଉଁଛି, ଟ୍ରେନ ଭିତରେ ଅସହାୟ ହେଇ ସିଏ ନିଜେ ବସିଛି, ଠିକ ସେମିତି ଅସହାୟ ହେଇ ପଡିଥିବ ତା ପରିବାର।

ସିଏ ନିରବ ରହିବାରୁ ସଦା ପଚାରିଲା, "ହେଲେ ସନ୍ୟାସୀ ସହିତ ଏତେ ବର୍ଷ ପରେ ତମର କାମ କଣ ଭାଇ ?" ଏ ପ୍ରଶ୍ନକୁ ସିଏ ଯେତିକି ସହଜରେ ପଚାରି ଦେଲା, ତାର ଜବାବ ସେତିକି ସହଜରେ ଦବା ଗୌତମ ପକ୍ଷରେ ସମ୍ଭବ ନଥିଲା। ସେଥିପାଇଁ ତାକୁ ପୁଣି ସେଇ ଅତୀତକୁ ଫେରିଯିବାକୁ ପଡିବ। ବ୍ୟଥା ବେଦନାର ଅତୀତ, କଳଙ୍କିତ ଅତୀତ। ଯାହାକୁ ପାସୋରି ପାରିଲେ ତାକୁ ମୁକ୍ତିର ମାର୍ଗ ମିଳିଯିବ ବୋଲି ଭାବୁଥିଲା, ତାହା ହିଁ ତା ପାଖକୁ ବୁମେରାଂ ପରି ବାରମ୍ବାର ଫେରି ଆସୁଥିଲା। କ୍ଷତାକ୍ତ ଅସହାୟ ହେଇଉଠୁଥିଲା ଗୌତମ।

ଲାସ୍ୟମୟୀ ଗୌତମୀ। ଅସଲ ଜୀବନରେ ତା ନାଆଁ ଥିଲା ଆଉ କିଛି। ତାକୁ ଦେଖିବା ପରେ ହିତାହତ ଜ୍ଞାନ ଭୁଲି ବସିଲା ସେ। ନିଷ୍ପ୍ରଭ ନାଟକ ମଂଚରୁ ତାକୁ ଘେନି ଆସିଲା ସିନେମାର ରୂପେଲି ପରଦାକୁ। ନିଜ ନାଆଁକୁ ଖାପ ଖୁଏଇ ତା ନାଆଁ ରଖିଥିଲା ଗୌତମୀ। ଅର୍ଥ ଲାଳସାରେ ତା ସାମାନ୍ୟ ଇଂଗୀତରେ ଯେତେବେଳେ ଯେ କୌଣସି ଇପସିତ ନାରୀ ତା ପ୍ରତି ତନୁମନ ବିନା ଦ୍ୱିଧାରେ ଅର୍ପଣ କରିଦେଉଥିଲେ, ଯେତେବେଳେ ଗୌତମ ଅଭିଧାନରେ ଅପ୍ରାପ୍ତ ବୋଲି କୌଣସି ଶବ୍ଦ ନଥିଲା ସେତେବେଳେ ଅଭିନୟରେ ସଫଳତାର ପାହାଚ ଚଢୁଚଢୁ ଗୌତମକୁ ଆଉ ଆଖିରେ ଚାହିଁଲାନି ଗୌତମୀ। ତାଠାରୁ ଆଉ କିଛି ବଡ ଅପମାନ ନଥିଲା। ଗୌତମୀକୁ ପାଇବାର ଜିଦ୍‌ରେ ପିତୃ ଅର୍ଜିତ ଧନ ମାନ ସମ୍ମାନର ବାଜି ଲଗେଇ ଦେଲା ଗୌତମ।

ପା□ ବର୍ଷ ତଳେ ସିନେମା ସୁଟିଂ ସେଟ୍ ହୋଟେଲ ଛାତରୁ ଖସିପଡିଥିଲା ଗୌତମୀ। ଜନପ୍ରିୟ ସିନେ ଅଭିନେତ୍ରୀ, ଜନମାନସରେ ଅମର ହେଇ ରହିଗଲା। ସେ ମୃତ୍ୟୁକୁ ବିଭିନ୍ନ ରଙ୍ଗ ଦିଆଗଲା। ବିଭିନ୍ନ ଅନୁଷ୍ଠାନ ମହମବତୀ ଶୋଭାଯାତ୍ରା କଲେ, ପ୍ଲାକାର୍ଡ ଧରି ସଚିବାଳୟ ଘେରଉ କଲେ, ଗୌତମକୁ ଫାଶୀ ଦିଆଯାଉ ବୋଲି ଦାବି କଲେ। ବାପା ଦେଖିଲେ ଗୌତମ ତାଙ୍କ ସାମ୍ରାଜ୍ୟ ପାଇଁ ବିପଦ। କ୍ଷମତାର ଲୋଭ ଆଗରେ ପୁତ୍ର ସ୍ନେହ ବଳି ପଡିଗଲା। ନିଜକୁ ମହାନ ବୋଲି ପ୍ରମାଣିତ କରିବାକୁ ଯାଇ ବାପା ତାକୁ ସେ ଦୁର୍ବଳ କ୍ଷଣରେ ବିରୋଧୀମାନଙ୍କ ଚକ୍ରବ୍ୟୁହ ଭିତରକୁ ଠେଲି ଦେଲେ। ଗୌତମ ଜେଲ ଗଲା। ସାଙ୍ଘାତିକ ଧାରା ସବୁ ତା ନାଆଁରେ ଲାଗିଲା। ଜାମିନ ମିଳିଲାନି। ଆଜି ପାଂଚ ବର୍ଷ ପରେ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଗୌତମ ଜେଲରୁ ଖଲାସ ହେଲା ବେଳକୁ ପୁଅକୁ ନ୍ୟାୟ ମିଳିଛି ବୋଲି ବାପା ଟିଭି ପରଦାରେ ଭାବ ବିହ୍ୱଳ ହେଇ କାନ୍ଦୁଥିଲେ। ତାକୁ ସଙ୍ଖୋଳି ନବା ପାଇଁ ଭବ୍ୟ ଆୟୋଜନ ହେଇଥିଲା। ଅପେକ୍ଷା କରି ରହିଥିବା ଶହ ଶହ ସମର୍ଥକ, ଗଣ ମାଧ୍ୟମ ପ୍ରତିନିଧିଙ୍କ ଆଖିରେ ଧୂଳି ଦେଇ ସେ ଖସିଆସିଥିଲା ଅନିର୍ଦ୍ଦିଷ୍ଟ ଯାତ୍ରାପଥରେ।

କିଛି ଲୋକ ପାଟିତୁଣ୍ଡ କରୁଥିଲେ, "ଯା, ଅନ୍ୟାୟ, ଗୌତମୀ ଆତ୍ମା ପ୍ରତି ଉପହାସ। ଦୋଷୀକୁ ଭ୍ରଷ୍ଟାଚାରୀ ଶାସନ କଳ କୌଶଳରେ ଖସେଇ ଦେଇଛି। ନ୍ୟାୟ ବ୍ୟବସ୍ଥା, ଗଣମାଧ୍ୟମ, ସବୁ କିଛି ଟଙ୍କା ଆଗରେ ବିକ୍ରି ହେଇଯାଇଛି।" ଠାଏ ଠାଏ ଲୋକ ଗୌତମୀର ଫଟୋ ଧରି ନ୍ୟାୟ ଦାବି କରୁଥିଲେ। ସେ ବେଳରେ କେହି ଜଣେ ଗୌତମକୁ ଦେଖି ପାଟି କଲା, "ଦେଖ ଦେଖ, ଗୌତମ ଯାଉଚି, ଶଳା ପ୍ରମାଣ ଅଭାବରୁ ଖଲାସ ହେଇଗଲାରେ। ମାର ଶଳାକୁ...।" ସେମାନେ ତା ଆଡକୁ ମାଡି ଆସିଲେ। ଠେଲାପେଲା କଲେ, ତଳେ ପକେଇ ପଦାଘାତ କଲେ। ସେତେବେଳେ ଭିଡ ଠେଲି ଛୋଟେଇ ଛୋଟେଇ ସଦା କୁଆଡୁ ଆସି ଉପସ୍ଥିତ ବୁଦ୍ଧି ଖଟେଇ ତା ଉପରେ ଚାଦରଟାଏ ଘୋଡେଇ ଦେଇ ହିଂସ୍ର ଲୋକଙ୍କ କବଳରୁ ବଂଚେଇ ଦେଇଥିଲା।

ହଠାତ୍ ଟ୍ରେନ ବ୍ରେକ୍ ଦେଲା। ଟ୍ରେନ ବ୍ରେକ କଷିବା ଯୋଗୁ ପଡିଯିବା ଅବସ୍ଥା ଥିଲା ଗୌତମର। ସଦା ତାକୁ ସମ୍ଭାଳି ନେଲା। ଖସି ପଡିଥିବା ଚାଦରଟାକୁ ତା ଦେହରେ ଘୋଡେଇ ଦେଲା। ଅସହାୟ ଭାବରେ ସଦାକୁ ଜୁଳୁ ଜୁଳୁ ଚାହିଁ ରହିଥିଲା ଗୌତମ। ସିଏ ତା ଅସହାୟ ମୁହଁଟିକୁ ଚାହିଁ ଅଳ୍ପ ହସି ନଜର ଫେରେଇ ନେଇ ଢୋକେ ଚା ପିଇଲା। କିଛି ସମୟର ନିରବତା ପରେ କହିଲା, "ବୁଝିଲ ବନ୍ଧୁ, ଏ ସଂସାର ମୋହ ଅଜବ। ଦେଖୁନା, ସନ୍ୟାସ ପଥରେ ବାହାରିଥିଲା ଭଗବାନଙ୍କୁ ଖୋଜି, ଜନ୍ମ ମୃତ୍ୟୁର ଚକ୍ରରୁ ମୁକ୍ତି ଖୋଜି, ସୃଷ୍ଟିର ରହସ୍ୟ ଭେଦ କରିବାକୁ ବାହାରିଥିଲା। ହେଲେ ଶଳା ପହଂଚିଲା କୋଉଠି ! ତା ସ୍ତ୍ରୀ ପିଲା ଛୁଆଙ୍କ କନ୍ଦାକଟା ଦେଖି ତା ଗୁରୁ ତାକୁ ସାଙ୍ଗରେ ନେଲେନି।" ନିଜ ପାଖରେ ଥୁଆ ହେଇଥିବା ପରିବା ବ୍ୟାଗକୁ ଦେଖେଇ କହିଲା, "ସନ୍ୟାସୀ ସଂସାରୀ ହେଇଗଲା। ଦୁଇ

ଶାଳୀଙ୍କୁ ବାହା କରେଇଲା । ଶାଶୁ ଶଶୁରଙ୍କ ମଲା କର୍ମ କଲା । ତା ତପସ୍ୟା, ନିର୍ବାଣ, ଗୁରୁଦେବ, ଭଗବାନ ଗଲେ ଚୁଲିକୁ । ମୋ ପରି ଅବସ୍ଥା ଭୋଗୁଥିବ ଏବେ ।”

ଟ୍ରେନ ଧିମେଇ ଯିବା ସହିତ ଜିନିଷପତ୍ର ସଜାଡ଼ିଲା ସଦା । କହିଲା, “ବନ୍ଧୁ, ମୋ ବାଟ ସରିଲା । ତମ ବାଟ ତ ଏଇ ମାତ୍ର ଆରମ୍ଭ ହେଲା । କଷ୍ଟିଆ କାମରେ ବାହାରିଛ, ଅମୃତର ସନ୍ଧାନରେ ବାହାରିଛ । ଅତୀତରୁ ନିଜକୁ ମୁକ୍ତ କର । ଭଲ ପାଉଥିବା ଲୋକଙ୍କୁ ବି ନିଜଠାରୁ ମୁକ୍ତି ଦିଅ । ନିଜକୁ କ୍ଷମା କରି ତୁମ ସଂକଳ୍ପରେ ସଫଳ ହୁଅ ।”

ସଦାର ହାତକୁ ଧରି ପକେଇ କାନ୍ଦ କାନ୍ଦ ହେଇଗଲା ଗୌତମ । ତା ହାତ ଉପରେ ସଦା ହାତ ରଖି ତା ଆଖି ଭିତରକୁ ଚାହିଁ କହିଲା, “ନିଜକୁ ଏତେ ଦୋଷୀ ବୋଲି କାହିଁକି ଭାବୁଛ ? ତମେ ନିଷ୍ଠୁର ଥିଲ ସତ, ହେଲେ ଛଳନା କପଟ କ’ଣ ଜାଣି ନଥିଲ । ତମେ ତ ଏବେ ଗୋଟେ ଛୋଟ ପିଲା ପରି ନିଷ୍ପାପ ।” ତା ମୁହଁରେ ଚେନାଏ ପୁରୁଣା ଚିହ୍ନା ଚିହ୍ନା ହସ ଲାଖି ରହିଥିଲା ।

ସେଇ ରହସ୍ୟମୟ ଅନ୍ଧାର ଭିତରେ ଟ୍ରେନ ଅମୁହାଁ ଧାଉଁଛି । ଗୌତମ ଆଖି ବୁଜି ବସିଛି । ଅନେକ ସମୟ ହେଲାଣି କୋଉ ଗୋଟାଏ ଅଜ୍ଞାତ ଅଖ୍ୟାତ ଜାଗାରେ ଟ୍ରେନରୁ ଉତୁରି ଗଲା ସଦା । ପ୍ଲାଟଫର୍ମର ପତଳା ଗହଳି ଆଉ ରାତିର ଗହଳ ଅନ୍ଧାର ଭିତରେ ହାତରେ ପରିବା ବ୍ୟାଗ ଧରି ଛୋଟେଇ ଛୋଟେଇ ମିଳେଇ ଗଲାଣି । ଏବେ ଟ୍ରେନଟା ଆହତ ହିଂସ୍ର ଡ୍ରାଗନ ପରି ଅନ୍ଧାର ଭିତରେ ଲମ୍ଫ ମାରି ମାରି ଧାଉଁଛି । ଗୌତମ ଭାବୁଥିଲା, “କେତେ ନିଷ୍ଠୁର ଏଇ ସଦା । ସନ୍ୟାସୀର ପୂରା ନାଆଁ ଠିକଣାଟା କହିଦେଇଥିଲେ ତା’ର କ’ଣ କ୍ଷତି ହେଇଥାନ୍ତା !”

ଟିଟନ ଓ ଲାସ୍ୟମୟୀ ଗୌତମୀ କେବେଠାରୁ ପାଉଁଶ ହେଇଯାଇଥିଲେ । ସନ୍ୟାସୀ ପାଉଁଶ ତଳର ନିଆଁ ହେଇ ରହିଥିଲା । ଏଇ ପାଂଚ ବର୍ଷର ନିଃସଙ୍ଗତା ଭିତରେ ଅଜାଣତରେ ସେ ନିଆଁ କୁହୁଳିବା ଆରମ୍ଭ କରିଥିଲା । ମରିଚିକା ପଛରେ ଏତେ ବର୍ଷର ଦୁର୍ବାର ଯାତ୍ରା ହୁଏତ ଆଜି ଶେଷ ହବ । ଆଗକୁ କଣ ଅଛି କିଏ ଜାଣେ ? ଆଖି ବୁଜି ଝରକା ପାଖରେ କୁଙ୍କୁରି କାଙ୍କୁରି ହେଇ ବସିଥିବା ବେଳେ ସଦା ମୁହଁଟି ଆଉ ସେ ମୁହଁର ହସଟି ତାକୁ ଦେଖାଯାଉଥିଲା । ରାତି ବଢ଼ିଚାଲିବା ସହିତ ତା’ର ସେ ହସ ହସ ମୁହଁଟା ତାକୁ ଅଧିକରୁ ଅଧିକ ସ୍ପଷ୍ଟ ଓ ରହସ୍ୟମୟ ଲାଗୁଥିଲା । ଟ୍ରେନରୁ ଉତୁରି ଯିବାବେଳେ ସଦା କହିଯାଇଥିବା କଥାଗୁଡାକ ତା କାନରେ ଅନୁରଣିତ ହେଇ ତା ପୁରୁଣା କ୍ଷତ ଉପରେ ମଲମ ପରି କାମ କରୁଥିଲା । ତାର ଅଯାଚିତ ସେବା, ଘୃଣା ନକରି ଛୋଟ ପିଲାର ନାକ ପୋଛିବା ପରି ନିଜ ଗାମୁଛାରେ ତା ନାକରୁ ବୋହି ଆସୁଥିବା ପାଣି ପୋଛିଦବା, ପୁଣି ସେ ଗାମୁଛାକୁ କାନ୍ଧରେ ପକେଇବା କଥା, ଯେତେ ଯେତେ ଭାବୁଥିଲା, ସେତେ ଅଧିକ କୃତଜ୍ଞ ହେଇପଡୁଥିଲା । ବିଚରା ଗରୀବ ଲୋକଟା ନିଜେ ଶୀତ ସହି ଚାଦରଟିକୁ ଗୌତମ ଦେହରେ ଘୋଡେଇ ଦେଇଥିବାରୁ ଝରକା ବାଟ ଦେଇ ଟ୍ରେନ ଭିତରକୁ ପଶି ଆସୁଥିବା କାଲୁଆ ଶୀତରୁ ରକ୍ଷା ମିଳୁଛି । ଭାରି ଆରାମ ଲାଗୁଛି ।

ହଠାତ୍ ନିଜ ଜାଗାରୁ ଉଠି ଠିଆ ହେଇ ପଡିଲା ଗୌତମ, “ଆରେ... ସଦାକୁ ତା ଚାଦରଟା ଦବାକୁ ଭୁଲିଗଲି ଯେ ।” ଦେହରୁ ଚାଦରଟା ଖସି ପଡିଲା । ନଇଁ ପଡି ସେଇଟାକୁ ତଳୁ ଉଠେଇ ଟ୍ରେନ ଭିତରର ମଳିଚିଆ ଆଲୋକରେ ନିରିଖେଇ ଦେଖିଲା ।

ଅଦୃଶ୍ୟ ଜାଲରେ ଛନ୍ଦି ହେଇ ପଡିଥିଲା ଗୌତମ । “ଏ ଚାଦରଟା ଭାରି ପୁରୁଣା ମନ ହଉଛି । ଠାଏ ଠାଏ ଫାଟି ଯାଇଚି । ଏଇଟା ଗେରୁଆ ରଙ୍ଗର ମାମୁଲି ସୁତା ଚାଦର, ଖଣ୍ଡେ । ବସ୍ତ୍ରହରଣ ପର୍ବରେ ସନ୍ୟାସୀ ଏମିତିକା ଚାଦର ଘୋଡି ହେଇଥିଲା । ଏମିତିକା ଚାଦର ଦେହରୁ ଖସି ପଡିବା ସହିତ ସନ୍ୟାସୀ ଉଲଗ୍ନ ହେଇପଡିଥିଲା । ଏଇଟା କଣ ସେଇ ଚାଦର ! ସଦା ଛୋଟେଇ ଛୋଟେଇ ଚାଲୁଥିଲା କାହିଁକି ? କେବେ କିଛି ଦୁର୍ଘଟଣା ଘଟିଥିଲା ନା ସିଏ ଜନ୍ମରୁ ସେମିତି । ସଦା ମୁହଁର ହସଟା କଣ ସେ ସନ୍ୟାସୀର ଶେଷ ହସ ?”

୯୪୩୭୩୧୪୮୩୩,
sailendrakjena@gmail.com

# ରୌପ୍ୟ ଜୟନ୍ତୀର ସ୍ୱପ୍ନ !

*ଶତ୍ରୁଜିତ୍*

ତାଳପଦେଶ୍ୱରୀ ସାହିତ୍ୟ ଆସର ସମ୍ପର୍କରେ 'ଭୋର'ରେ ଅନେକଥର ଲେଖିଛି । ତେଣୁ ଏଥର ଲେଖିବା ବେଳେ କିଛି କଥାର ପୁନରାବୃତ୍ତି ଘଟିପାରେ । ତେବେ ଏସବୁ ଲେଖୁଛି କେବଳ ନୂଆ ପିଲାଙ୍କ ପାଇଁ, ଯେଉଁମାନେ ଏବେ ଏବେ ଆସରର ସଦସ୍ୟ, ସଦସ୍ୟା ହୋଇଛନ୍ତି ।

୧୯୯୬ ମସିହାରେ ଆମେ କିଛି ଛାତ୍ରଛାତ୍ରୀ 'ତାଳପଦେଶ୍ୱରୀ ସାହିତ୍ୟ ଆସର' ଗଠନ କରିଥିଲୁ । ସେତେବେଳେ କ'ଣ ଆମେ କେହି ସ୍ୱପ୍ନରେ ସୁଦ୍ଧା ଭାବିଥିଲୁ, ଏ ଅନୁଷ୍ଠାନଟି ଏତେ ବର୍ଷ ପର୍ଯ୍ୟନ୍ତ ଚଳଚଞ୍ଚଳ ରହିବ ! ଅତୀତରେ ବାଣୀବିହାରରେ ଅନେକ ସାହିତ୍ୟ ସଂଗଠନ ଗଢ଼ାହୋଇଛି । କେତେକ ଅନୁଷ୍ଠାନ ଚାରି/ ପାଞ୍ଚ ବର୍ଷ ଚାଲିଛନ୍ତି । କିନ୍ତୁ ତାଳପଦେଶ୍ୱରୀ ସାହିତ୍ୟ ଆସର ତ ଏଯାବତ୍ ଚାଲିଛି । ଆଉ ଦୁଇଟି ବର୍ଷ ପରେ ଆମେ ରୌପ୍ୟ ଜୟନ୍ତି ପାଳନ କରିବା । ଏମିତି ସୌଭାଗ୍ୟ କାହାର ଅଛି !

ଆସର ଗଠନ କରିବା ବେଳେ ବାଣୀବିହାର କ୍ୟାମ୍ପସ ଥିଲା କଳା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଚଳଚଞ୍ଚଳ । ତତ୍କାଳୀନ କୁଳପତି ମହୋଦୟ ପ୍ରଫେସର ଗୌରକିଶୋର ଦାସଙ୍କ ପ୍ରେରଣା ଓ ନେତୃତ୍ୱରେ କ୍ୟାମ୍ପସରେ ଅନେକ କାର୍ଯ୍ୟକ୍ରମ ଚାଲୁଥିଲା । ପ୍ରଫେସର ଦାସ ନିଜେ ଇଂରାଜି ସାହିତ୍ୟର ପ୍ରଫେସର ହୋଇଥିବାରୁ ତାଙ୍କର କଳା, ସାହିତ୍ୟ ଓ ସଂସ୍କୃତି ପ୍ରତି ସମ୍ମାନ ଥିଲା, କାର୍ଯ୍ୟ କରିବାର ଆଗ୍ରହ ଥିଲା । ଆସର ଗଢ଼ିବା ବେଳେ ଆମକୁ କୁଳପତି ଏବଂ ଅନ୍ୟମାନେ ପ୍ରେରଣା ଯୋଗାଇଛନ୍ତି । ଓଡ଼ିଆ ବିଭାଗର ପ୍ରଫେସର ସ୍ୱର୍ଗତ ବାସୁଦେବ ସାହୁ, ପିଏମଆଇଆର ବିଭାଗର ପ୍ରଫେସର ସନ୍ତୋଷ ତ୍ରିପାଠୀ, ଇଂରାଜି ବିଭାଗର ପ୍ରଫେସର ତଥା ଖ୍ୟାତନାମା ଲେଖକ ସ୍ୱର୍ଗତ ଗଣେଶ୍ୱର ମିଶ୍ର, ମନସ୍ତତ୍ତ୍ୱ ବିଭାଗର ପ୍ରଫେସର ତଥା ସେ ସମୟର ସ୍ନାତକୋ□ର ପରିଷଦ ଅଧ୍ୟକ୍ଷ ପ୍ରଫେସର ଅଜିତ କୁମାର ମହାନ୍ତି, ପ୍ରାଣୀବିଜ୍ଞାନ ବିଭାଗର ପ୍ରଫେସର ଭିକାରୀ ଚରଣ ଗୁରୁ ତଥା ଅଫିସର ସଂଘ ପୂର୍ବତନ ସଭାପତି ଓ ବିଶିଷ୍ଟ ଲେଖକ ଡ. ବିରାଜ ମୋହନ ଦାସ ପ୍ରମୁଖ ଆମକୁ ଅନେକ ଉତ୍ସାହିତ କରିଛନ୍ତି । ଆସରର ଉପଦେଷ୍ଟା ଭାବେ ପ୍ରଫେସର ବିଜୟିନୀ ମହାନ୍ତି ଓ ପ୍ରଫେସର ସଂଘମିତ୍ରା ମିଶ୍ର ଆମକୁ ଦିଗ୍‌ଦର୍ଶନ ଦେଇଛନ୍ତି । ପରବର୍ତ୍ତୀ ସମୟରେ ପ୍ରଫେସର ବିଷ୍ଣୁପ୍ରିୟା ଓତା ଏବଂ ଡାକ୍ତର ଇନ୍ଦ୍ରମଣି ଜେନା ଆସରର ଉପଦେଷ୍ଟା ଭାବେ ଯୋଗଦେଇଛନ୍ତି ।

ଆସରର ଆରମ୍ଭ ସମୟରେ ବେଶ୍ କିଛି ବର୍ଷ ବାର୍ଷିକ ଉତ୍ସବ ପାଳନ କରିବା ବେଳେ ଅଧ୍ୟାପକ ଏବଂ କର୍ମଚାରୀମାନେ ଆର୍ଥିକ ସହଯୋଗ କରିଛନ୍ତି । କେତୋଟି ଉତ୍ସବରେ କୁଳପତି ଅତିଥି ହୋଇଛନ୍ତି । ଦେଶର ଖ୍ୟାତନାମା ଗଣିତଜ୍ଞ ପ୍ରଫେସର ଗୋକୁଳାନନ୍ଦ ଦାସ କୁଳପତି ଥିବା ବେଳେ ତାଙ୍କ ପତ୍ନୀ ମାନନୀୟା ନୀନା ଦାସ ଆମର ଅନେକ ଆସରରେ ଅତିଥି ହୋଇଛନ୍ତି । ଏପରିକି ଗୋକୁଳାନନ୍ଦ ସାର୍ ମଧ୍ୟ ଆସି ମାସିକ ଆସରରେ ବସି କବିତା ପଢ଼ିଛନ୍ତି । ଏସବୁ କଥା ଆଜିର ଛାତ୍ରଛାତ୍ରୀମାନଙ୍କୁ କାହାଣୀ ଭଳି ଲାଗିପାରେ ।

ଆସରର ସଦସ୍ୟ, ସଦସ୍ୟାମାନେ କ୍ୟାମ୍ପସ ବାହାରେ ନିଜନିଜର ସାହିତ୍ୟ କୃତି ପାଇଁ ବେଶ୍ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ମୋ ସମେତ ଅନେକ ଛାତ୍ରଛାତ୍ରୀ ( ଡକ୍ଟର ଦେବାଶିଷ ପାତ୍ର, ରମାକାନ୍ତ ସାମନ୍ତରାୟ,ସରୋଜ ବଳ, ସୁନନ୍ଦା ପ୍ରଧାନ ଇତ୍ୟାଦି) ରାଜ୍ୟ ଯୁବ ପୁରସ୍କାର ପାଇଥିବା ବେଳେ ଡକ୍ଟର ଆନ୍‌ପା ମାର୍ଣ୍ଡି ଓ ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର କେନ୍ଦ୍ର ସାହିତ୍ୟ ଏକାଡେମୀର ଯୁବ ସାହିତ୍ୟିକ ପୁରସ୍କାର ପାଇଛନ୍ତି । ଏହି ୨୩ ବର୍ଷ ମଧ୍ୟରେ ଆସର ସହିତ ଜଡ଼ିତ ଥିବା ଡକ୍ଟର ଆନ୍‌ପା ମାର୍ଣ୍ଡି, ଡକ୍ଟର ରୁଦ୍ର ନାରାୟଣ ମହାପାତ୍ର ଏବଂ ଡକ୍ଟର ରମେଶ ମଲ୍ଲିକ ବାଣୀବିହାରରେ ପାଠପଢ଼ା ସାରି ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିବା ପରେ ଏବେ ପୁଣି ବାଣୀବିହାରକୁ ଫେରିଆସିଛନ୍ତି ଅଧ୍ୟାପକ ଭାବେ । ଏହା କିଛି କମ୍ ଗୌରବର କଥା ନୁହେଁ ।

ଏବର୍ଷ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆସର ଇତିହାସରେ ପ୍ରଥମ ଥର ଲାଗି ଜଣେ ଛାତ୍ରୀ 'ସିମ୍‌ରନ

ମହାପାତ୍ର' ଆସରର ସମ୍ପାଦିକା ପଦ ଅଳଙ୍କୃତ କରିଛନ୍ତି। ଅତୀତରେ ବିନ୍ଦୁଲତା ଷଣ୍ଢ (୨୦୧୦-୧୧) ଓ ସୁଜାତା ସାହାଣୀ (୨୦୧୫-୧୬) 'ଭୋର'ର ସମ୍ପାଦନା କରିଥିବା ବେଳେ ସାଉନା କିସ୍କୁ (୨୦୧୭-୧୮) ଭୋରର ସହ-ସମ୍ପାଦିକା ଭାବେ କାର୍ଯ୍ୟ କରିଛନ୍ତି। କେତେଜଣ ଛାତ୍ରୀ ମଧ୍ୟ ବିଭିନ୍ନ ସମୟରେ ଆସରର ସହ-ସମ୍ପାଦିକା ହୋଇଛନ୍ତି। କିନ୍ତୁ ପ୍ରଥମ ଥର ପାଇଁ ସିମ୍ରନ ସମ୍ପାଦିକା ହେଲେ। ଗତ ବର୍ଷ ସେ ସହ-ସମ୍ପାଦିକା ଥିଲେ। ଆସରର କ୍ରମବର୍ଦ୍ଧିଷ୍ଣୁ ବିକାଶଧାରାରେ ସିମ୍ରନଙ୍କ ସମ୍ପାଦକତ୍ୱ ନିଶ୍ଚିତ ରୂପେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ତାଙ୍କୁ ମୋର ପ୍ରଚୁର ଶୁଭେଚ୍ଛା ଓ ଆଶୀର୍ବାଦ।

ଆଜି ସରୋଜ ବଳ ସାହିତ୍ୟ ଜଗତର ଏକ ପରିଚିତ ନାମ। ୧୯୯୭-୯୮ ଶିକ୍ଷା ବର୍ଷରେ ସେ ହିଁ ପ୍ରଥମେ 'ଭୋର'ର ପରିକଳ୍ପନା କରି ଛୋଟ ଆକାରରେ ପ୍ରକାଶ କରିଥିଲେ ନିଜ ସମ୍ପାଦନାରେ। ଆଜି 'ଭୋର'ର କଳେବର କେବଳ ବଢ଼ିନି, ରାଜ୍ୟର ବରିଷ୍ଠ ଲେଖକ, ଲେଖିକାମାନଙ୍କ ରଚନାରେ ସମୃଦ୍ଧ ମଧ୍ୟ ହୋଇଛି। ପ୍ରଥମେ ପ୍ରଥମେ ଆସରର ବାର୍ଷିକ ଉତ୍ସବ ବିଭିନ୍ନ ବିଭାଗର ଗ୍ୟାଲେରୀରେ ହେଉଥିଲା। ଏବେ ବଡ଼ ସ୍ଥାନରେ ହେଉଛି। ଅଳ୍ପ କିଛି ଟଙ୍କା ବ୍ୟୟରେ ଛୋଟକାଟର ଉତ୍ସବ ହେଉଥିଲା। ଏବେ ବଡ଼ ଉତ୍ସବ ହେଉଛି।

ବ୍ୟକ୍ତିଗତ ଭାବେ ମୋ ପାଇଁ ଏକ ସୁଖଦ ଅନୁଭୂତି ହେଲା, ମୋ ପୁଅ ଏ ବର୍ଷ ବାଣୀବିହାରର ଛାତ୍ର ଭାବେ ନାମ ଲେଖାଇଛି। ଆମ ଆସର କୋଡ଼ିଏ ବର୍ଷ ପୂରଣ କରିବା ବେଳେ 'ଭୋର'ରେ ଲେଖିଥିଲି, ରୌପ୍ୟ ଜୟନ୍ତି ପାଳନ କରିବାର ସ୍ୱପ୍ନ ମୁଁ ଦେଖୁଛି। ଆଶା କରେ ସେ ସ୍ୱପ୍ନ ମୋର ପୂରଣ ହେବ। ସେତେବେଳକୁ ମୋ ପୁଅ ଆସରର ସଦସ୍ୟ ଭାବେ କାମ କରୁଥିବ। ବାଣୀବିହାର ଆମକୁ ବିଦ୍ୟା ଦେଇଛି, ସ୍ୱପ୍ନ ଦେଖିବା ଶିଖେଇଛି, ସ୍ୱପ୍ନକୁ ସାକାର କରିବା ମଧ୍ୟ ଶିଖେଇଛି। ତେଣୁ ରୌପ୍ୟ ଜୟନ୍ତୀ ପାଳନର ସ୍ୱପ୍ନ ମଧ୍ୟ ସାକାର ହେବ ସେ ବିଶ୍ୱାସ ମଧ୍ୟ ମୋର ରହିଛି।

# ମୁକ୍ତି ତୀର୍ଥ

*ଶ୍ରୀମତୀ ବିଦେଶୀ ଭଂଜ*

ଜୀବନ ଖୋଜୁଛି ଆଖି ଅଶ୍ରୁଧାରେ
ଇଚ୍ଛାର ଶବକୁ କାନ୍ଧରେ ବୋହି
ପକ୍ଷୀର କାକଳୀ ପୂର୍ଣ୍ଣିମା ଜୋଛନା
ଶ୍ମଶାନ ଜୁଇରେ ମାରନ୍ତି ହାଇ ।।୦।।

ମରଣ ସିଝୁଛି ଅପ୍ରାପ୍ତି ସ୍ୱେଦରେ
ଖଣ୍ଡ ଖଣ୍ଡ ଅସ୍ଥି ମେଦ ସାଉଁଟି
ମରୁର ବୁକୁରେ ଚାଲି ଚାଲି ମନ
ଥକିପଡେ ମୃଗତୃଷ୍ଣାକୁ ଭେଟି ।।୧।।

ସମର୍ପିତ ହୃଦେ ପ୍ରାପ୍ତିର ସ୍ପନ୍ଦନ
ଅନ୍ତର୍ଦାହୀ ଆଶା ମୁଠେ ପାଉଁଶ
ଏ ସଂସାର ଭେଳା ଚକ୍ରବ୍ୟୂହେ ପଶି
ମୁକତି କାମନା ହୁଏ ସନ୍ତ୍ରସ୍ତ ।।୨।।

ସ୍ୱପ୍ନ ଦେଖୁ ଦେଖୁ ରାତି ପାହିଯାଏ
ସେ ତରଙ୍ଗେ ମନପ୍ରାଣ ବିକଳ
ଆଶା ଆଶଙ୍କାରେ ଘୂରିବୁଲେ ଖାଲି
ଧୂଆଁଧାରେ ଜଳେ ମୁକ୍ତି ମଶାଲ ।।୩।।

ସତ୍ୟ-ଅସତ୍ୟର ବିଶ୍ୱାସ-ଧୋକାର
ଯବନିକା ରେଖା ଟାଣି ଏଠାରେ
ଫୁଲ ବରଷାରେ ସମାହିତ ମନ
ଶେଷହୀନ ଏଇ ଯାତ୍ରା ପଥରେ ।।୪।।

ନୀଳାଦ୍ରୀ ନଗର, ଡୁମୁଡୁମା (କ), ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୩୦
ମୋବାଇଲ୍ - ୭୦୦୮୮୫୦୬୩୨

# ମେଘ ମହ୍ଲାରର ରାଗରେ ରାଗରେ .. .. .. ..

*ପ୍ରଫେସର ଅଭିନ୍ନ ସାହୁ*

ମେଘ ମହ୍ଲାର ରାଗରେ ରାଗରେ
ଆଉ କେତେବା ନାଚିବି,
କୁହଗୋ ମୟୂରୀ ମୋର,
ଡେଣା ମୋ କ୍ଲାନ୍ତ
ପୁଚ୍ଛ ବି ଶ୍ରାନ୍ତ,
ନମାନଇ ପାଦ
ତାଳ-ମନ ଅବା ଲୟ;
କହ ଗୋ ମାନସୀ କହ
କେତେ ମୁଁ ନାଚିବି
ଏଇମିତି, ଏଇମିତି
କହ ଗୋ ସାଥୀ ମୋ କହ,
କଦମ୍ବ ଶାଖାରେ
ମୁକୁଳିତ ହେଲା
କେତେ ଯେ କଦମ୍ବ କଳି,
ଗୋଧୂଳି ନଇଁଲା
ଲେଉଟାଣି ପକ୍ଷୀ
ଉଚ୍ଛନ୍ନ ହେଲେଣି
ବାହୁଡିବେ ନୀଡ ବୋଲି,
ମୁଁ ଏକା ସାଥୀ
ଚାହିଁଛି ତୋ ବୀଥି

ନିରଭିଜା ନୟନରେ,
ଜାଣେନା, ଜାଣେନା,
ଜାଣିତ ପାରେନା
ଅଛ ପ୍ରିୟତମା
ନିକଟେ ଅଥବା
କେଉଁ ଦୂର ପ୍ରବାସରେ !!

ସଞ୍ଜ ନଇଁଲାଣି
ଆସିବ ସଜନୀ
ଘନଘୋର ରାତ୍ରୀ ମାଡି,
ଯମୁନାର ତଟ ବିଜନ ହେଲାଣି
ତୁମେ ଥରେ ହେଲେ
ଆସ ଗୋ ମୟୂରୀ
ଯମୁନା କୂଳକୁ
ହୋଇ ପ୍ରିୟା ଅଭିସାରୀ;
ତୁମ ପଥ ଚାହିଁ ରହିଛି ଜଣେ ଗୋ,
ତୁମ ଅନୁଗତ
ତୁମ ପରିଚାର,
ଯାଏନା ଏହା ପାସୋରି
ଯାଏନା ଏହା ପାସୋରି ।

ଯୋଗାଯୋଗ - ୯୬୬ ବି, ପ୍ରକୃତି ବିହାର,
ବରମୁଣ୍ଡା, ଭୁବନେଶ୍ୱର-୩
ମୋବାଇଲ୍ - ୯୪୩୭୫୭୭୫୦୦

# ଝରକା ସେପାରେ

*ଲୋପାମୁଦ୍ରା କର*

ଆଜି କାହିଁ
ଝରକା ଖୋଲିଲେ
ଆହତ ପବନର ଯନ୍ତ୍ରଣା ଶୁଭେ !
ଉଡି ଯାଉଥିବା
ମାଳ ମାଳ ପକ୍ଷୀଙ୍କ
ଡେଣା ଚିରି
ତୁମେ କ'ଣ ଉଡି ପାରିବନି ?
ନା ଆଙ୍କି ପାରିବନି
ସୁଦୂର ଦିଗବଳୟର ଇଲାକା,
ମୋତେ ରଙ୍ଗ ଦିଅ ତ
ହୋଲିର ନୁହେଁ,
ରକ୍ତ ଛିଟାର ।।
ଧେତ୍,
କାହାକୁ ବା କହିବି ?
ମୋ ହସ କାନ୍ଦ ସବୁ ଏକାକାର,
ଖାଁ ଖାଁ ସୂର୍ଯ୍ୟାସ୍ତରେ
ବିଧବା ଆକାଶର ଜହ୍ନ,
ଭଙ୍ଗା ଝରକାର

କଳଙ୍କିଲଗା ଫାଙ୍କରେ,
ଥରେ ତାରା ଖଞ୍ଜିଦିଅ ତ
ଏ ଆକାଶେ ।।
ତୁମେ ଯାହାକୁ ନଗ୍ନ କୁହ,
ମୁଁ କୁହେ ବୁଢ଼ିଆଣୀର ମାୟାଜାଲ,
ମାଂସହୀନ ଛା□ୁଣୀ ପରି
କ'ଣ ମୁଁ
ଝାଡି ପାରିବି
ତୁମର ସେ ମିଶାଣ ଫେଡାଣ
ହରଣ ଓ ଗୁଣନକୁ !

ଚାଲ,
ଆମେ ଲୁଚିଯିବା
ଏଇ ଡାହାଣିଆ
ଖରାବେଳଟାରେ,
କ'ଣ ବା ଅଛି
ଏ ଦେହଟାରେ ଯେ
ସେ ଲୁଟିନେବ ।।

# ସ୍ୱପ୍ନର ନାୟିକା

*ଏସ୍. ଗୌରବ ରାଉତ*

# ଫୁଲେଇ ଫଗୁଣ

*ପ୍ରାଧ୍ୟାପକ ଦେବ୍ରାଜ ମିଶ୍ର*

# ଅମୂଲ୍ୟ ଦାନ

*ସୌଦାମିନୀ ମହାପାତ୍ର*

*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ତୁମ କବିତାର୍ କିଏ ନାୟିକା

*ଜୟନ୍ତ କୁମାର ମଲ୍ଲିକ*

*ଶିକ୍ଷକ, ରାଧାଗୋବିନ୍ଦ ନୋଡ଼ାଲ ବିଦ୍ୟାଳୟ*

# ଋତୁରାଜା ବସନ୍ତ

*ରୋଜି ମଲିକ, ଗବେଷକ, ଉତ୍କଳ ବିଶ୍ୱବିଦ୍ୟାଳୟ*

# ମନର୍ ତିନୋଟି କଥା

*ସୁଭଦ୍ରା ମଲିକ, ବିରୁପା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା*

# ଉଚ୍ଚ ଶିକ୍ଷା ପାଇଁ ମଧୁବାବୁଙ୍କ ସଂଘର୍ଷ ଏବଂ ତତ୍କାଳୀନ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା

ରମେଶ ଚନ୍ଦ୍ର ସାହୁ

ମଧୁବାବୁ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଇଂ ୧୮୪୮ ମସିହା ଅପ୍ରେଲ ୨୮ ତାରିଖ ଦିନ ଏକ ପ୍ରାଚୀନ ଐତିହାସିକ ବଂଶରେ ଜନ୍ମଗ୍ରହଣ କରିଥିଲେ। ପିତା ଚଉଧୁରୀ ରଘୁନାଥ ଦାସ ଥିଲେ ସିଷ୍ଟତୁ ଜମିଦାରୀ ବଂସର ଦାୟାଦ। ମଧୁବାବୁଙ୍କ ପିତା କଟକର ସାନ ଅଦାଲତରେ ଓକିଲାତି କରୁଥିଲେ। ୧୮୩୯ ମସିହା ପରଠାରୁ କୋର୍ଟମାନଙ୍କରେ କାଗଜପତ୍ର ସବୁ ଉର୍ଦ୍ଦୁ ଓ ଫାରସୀରେ ଲେଖାଯିବାର ବିଧି ପ୍ରଚଳିତ ଥିଲା। ଚଉଧୁରୀ ରଘୁନାଥ ଦାସ ଏହି ଦୁଇ ଭାଷା ସହିତ ବେଶ ପରିଚିତ ଥିଲେ। ସେତେବେଳେ ସେ ଚୋଗା ଚପକନ ପଗଡି ପିନ୍ଧି ସତ୍ୟଭାମାପୁରରୁ କଟକ ଆସୁଥିଲେ କେବଳ ଓକିଲାତି କରି ଅର୍ଥ ଉପାର୍ଜନ ପାଇଁ ତା ନୁହେଁ ବରଂ ବଂଶଗତ ଅଭିମାନ ଓ ଆଭିଜାତ୍ୟ ମର୍ଯ୍ୟାଦା ରକ୍ଷା ସହିତ ଶିଷ୍ଟ ଏବଂ ବିଶିଷ୍ଟ ମଣ୍ଡଳୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବା ତାଙ୍କର ଉଦ୍ଦେଶ୍ୟ ଥିଲା।

ଏସବୁ ମଧ୍ୟରେ ରଘୁନାଥ ଦାସ ସ୍ପଷ୍ଟ ଲକ୍ଷ୍ୟ କରିପାରିଥିଲେ ଯୁଗ ପରିବର୍ତ୍ତନର ସଂକେତ। ବାହୁବଳ ଓ ସମ୍ପତ୍ତି ବଳର ଦିନ ମରହଟ୍ଟା କାଳର ଅବସାନ ସଙ୍ଗେ ଦେଶରୁ ବିଦାୟ ନେଇ ସାରିଥିଲା। ଏଣିକି ଆସୁଥିଲା ବିଦ୍ୟାବଳ ସଙ୍ଗେ ବୁଦ୍ଧିବଳର ଦିନ। ୧୮୫୪ ମସିହା ବେଳକୁ ମଧୁ ବାବୁଙ୍କୁ ୬ ବର୍ଷ। ପୁତ୍ରକୁ ସୁଶିକ୍ଷିତ କରିବା ପାଇଁ ରଘୁନାଥ ଦାସ ସଂକଳ୍ପବଦ୍ଧ ହୋଇଥିଲେ। ବାଲ୍ୟ ଶିକ୍ଷା ନିମିତ୍ତ ନିଯୁକ୍ତ ହୋଇଥିଲେ ମାଗୁଣି ଅବଧାନେ ମାସକୁ ସାତଟଙ୍କା ବେତନରେ। ପାର୍ସି ପଢ଼ାଇବା ପାଇଁ ମୁତୟନ ହୋଇଥିଲେ ଜଣେ ଆଖୁଁଜୀ।

ମଧୁବାବୁଙ୍କ ବାଲ୍ୟ ଶିକ୍ଷା ଆରମ୍ଭ ହୋଇଥିଲା ନିଜ ଘର ପାଠଶାଳାରେ। ସେତେବେଳେ ପ୍ରତ୍ୟେକ ବୁନିୟାଦ ଘରେ ଶିଶୁମାନଙ୍କର ଶିକ୍ଷା ପାଇଁ ଘରୋଇ ପାଠଶାଳା ରହିଥିଲା ଓ ଏହା ପ୍ରାୟ ପ୍ରତ୍ୟେକ ସମ୍ଭ୍ରାନ୍ତ ପରିବାରର ଅଂଶ ବିଶେଷ ଥିଲା। ମାଟି ଚଟାଣ କିମ୍ବା କାନ୍ଥରେ ଖଣ୍ଡେ ଖଡୀ ହେଲେ ପାଠଶାଳା ଚଳିଲା। ଘର ପାଠଶାଳାର କାନ୍ଥଟି ଥିଲା ସେ ସମୟର କଳାପଟା। ଅବଧାନେ ମାଟି କାନ୍ଥରେ ଅକ୍ଷର ସବୁ ଲେଖି ଦିଅନ୍ତି। ପିଲାଏ ବଡ ପାଟିରେ ଡାକି ଡାକି ସେହି ଅକ୍ଷର ସବୁ ମଡାନ୍ତି।

ମଧୁବାବୁ ତାଙ୍କର ଅସମ୍ପୂର୍ଣ୍ଣ ଆତ୍ମଚରିତରେ ଲେଖିଛନ୍ତି "ଏ କାନ୍ଥ ଏକାଧାରରେ ଅବଧାନଙ୍କ ଦିନପଞ୍ଜିକା ଓ ଦୈନିକ ସ୍ମାରକ ଲିପି ରୂପେ ବ୍ୟବହୃତ ହୋଇଥାଏ। ଅବଧାନେ ଏହି କାନ୍ଥକୁ ତାଙ୍କର ଦୈନିକ ହିସାବଠାରୁ ଆରମ୍ଭ କରି ବିଭିନ୍ନ ଘୋଷଣାର ଅଭିଲେଖ ପର୍ଯ୍ୟନ୍ତ ନାନା ଉଦ୍ଦେଶ୍ୟରେ ବ୍ୟବହୃତ କରିଥାନ୍ତି।"

"The mud wall serves the purpose of memoranda tablets and diaries where the teacher records emactments and accaunts."

ଏହିପରି ଏକ ପାଠଶାଳାରେ ଆରମ୍ଭ ହୋଇଥିଲା ମଧୁବାବୁଙ୍କ ବାଲ୍ୟ ଶିକ୍ଷା। ତାଙ୍କର ବାଲ୍ୟ ଶିକ୍ଷକ ଥିଲେ ମାଗୁଣି ନାୟକ। ମାଟିବଂଶ ଅବଧାନ। ଚୌଧୁରୀ ରଘୁନାଥ ଦାସ କଟକରୁ ଗାଁକୁ ଆସିଲେ ତାଙ୍କର ପ୍ରଥମ କାର୍ଯ୍ୟ ଥିଲା ମଧୁସୂଦନଙ୍କ ପଢ଼ାପଢ଼ି ସମ୍ପର୍କରେ ମାଗୁଣି ଅବାଧାନଙ୍କୁ ପଚାରି ବୁଝିବା। ଅବଧାନେ ସବୁଥର ସେହି ଏକା କଥା କହୁଥିଲେ "ପିଲାଟି ଅତ୍ୟନ୍ତ ମେଧାବୀ ଓ ବୁଦ୍ଧିମାନ; କିନ୍ତୁ ଚଞ୍ଚଳ ପ୍ରକୃତିର।" କିନ୍ତୁ ଛାତ୍ରର ଶାଣିତ ବୁଦ୍ଧି, ପ୍ରଖର ଯୁକ୍ତିବାଦ ଓ ଚଞ୍ଚଳ ପ୍ରକୃତି ଯୋଗୁଁ ବେଳେବେଳେ ମାଗୁଣି ନାୟକଙ୍କୁ ଅପଦସ୍ତ ହେବାକୁ ପଡୁଥିଲା।

ମାଗୁଣି ଅବଧାନେ ଦିନେ ଖୁବ୍ ଆଡ଼ମ୍ବରରେ ପିଲାଙ୍କୁ ସାହିତ୍ୟ ପଢ଼ାଉଥିଲେ। ଗୁହାଳ ଶବ୍ଦକୁ ସେ ପଢ଼ାଉଥିଲେ

ଗୋଶାଳା । ସେହିପରି ଆଉ କଣ ଶବ୍ଦ ହୋଇପାରେ ଅବଧାନେ ପଚାରିଲେ । ମଧୁବାବୁ କହି ପାରିଲେନି ବୋଲି ଚାଲିଲା ତାଙ୍କ ପିଠିରେ ବେତ ପ୍ରହାର । ଅବଧାନେ କହି ଚାଲିଲେ ସେହିପରି ପ୍ରତିଶବ୍ଦ ହେଉଛି ଯଥା ଘୋଟକ ଶାଳା ଘୋଡା ଯେଉଁଠି ରହନ୍ତି, ଅତିଥିଶାଳା ଅତିଥି ଯେଉଁଠାରେ ରହନ୍ତି ଇତ୍ୟାଦି । ତା ପରଦିନ ସକାଳେ ଚାଟଶାଳୀ ଭିତରକୁ ପଶି ଦେଖିଲେ କାନ୍ଥରେ ବଡ ବଡ ଅକ୍ଷରରେ ଲେଖିଥିଲା ପଣ୍ଡିତ ଶାଳା । ଅବଧାନଙ୍କ ଦୁଇଚକ୍ଷୁ ହୋଇଗଲା ସ୍ତବ୍ଧ । ଅବଧାନେ ପଚାରିଲେ- ପଣ୍ଡିତ ଶାଳା ଲେଖିଛି କିଏ । ମଧୁସୂଦନ ଶାନ୍ତ କଣ୍ଠରେ ଉତ୍ତର ଦେଲେ ମୁଁ ଲେଖିଛି ଅବଧାନେ । କାହିଁକି ଆଜ୍ଞା ଭୁଲ ହୋଇ ଗଲା କି ? ମାଗୁଣି ନାୟକ ଯଦିଓ ଏତେବଡ ଅବଧାନେ କିନ୍ତୁ ଚୁପ ରହିଲେ । ସେଥର ରଘୁନାଥ ଦାସ କଟକରୁ ଗ୍ରାମକୁ ଆସି ମଧୁସୂଦନଙ୍କ ପଢ଼ାପଢ଼ି ସମ୍ପର୍କରେ ମାଗୁଣି ଅବଧାନେଙ୍କୁ ପଚାରିଲେ । ମାଗୁଣି ଅବଧାନେ ଉତ୍ତର ଦେଲେ ତା ପାଠ ମୋତେ ବହକି ଗଲାଣି । ମୋତେ ଏଣିକି ଛୁଟି ଦିଅନ୍ତୁ । ଏହାର ଅଳ୍ପଦିନ ପରେ ନିକଟସ୍ଥ ମହାସିଂଙ୍ଗପୁର ଗ୍ରାମର ମିଡିଲ୍ ଉର୍ଣ୍ଣାକୁଲାର ସ୍କୁଲକୁ ଗଲେ ମଧୁବାବୁ ।

ମହାସିଙ୍ଗପୁରରେ ଥିବା ସ୍କୁଲଟିର ଇତିହାସ ଥିଲା ଏହିପରି । ଗର୍ଭର୍ଣ୍ଣର ଜେନେରାଲ ଲର୍ଡ ହାର୍ଡିଂଙ୍ଗଙ୍କ ଶାସନ କାଳରେ ଶିକ୍ଷା ନୀତିରେ ଏକ ପରିବର୍ତ୍ତନ ଘଟି ସମଗ୍ର ଭାରତରେ ୧୮୪୪ ମସିହାରେ ପରୀକ୍ଷା ମୂଳକ ଭାବେ ୧୦୧ ଗୋଟି ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଏଗୁଡ଼ିକର ନାମ ଥିଲା ହାର୍ଡିଙ୍ଗ ବିଦ୍ୟାଳୟ । ଏଥି ମଧ୍ୟରୁ ଓଡ଼ିଶାରେ ୮ ଗୋଟି ବିଦ୍ୟାଳୟ ମଂଜୁରୀ ପାଇଥିଲା ଯଥା ଖୋର୍ଦ୍ଧା, ପୁରୀ, ବାଲେଶ୍ୱର, ରେମୁଣ୍ଡା, ଭଦ୍ରକ, କେନ୍ଦ୍ରାପଡା, ହରିହରପୁର ଓ ମାହାଙ୍ଗା । ମାତୃଭାଷା ମାଧ୍ୟମରେ ବିଶେଷ ଓ ଅତ୍ୟାବଶ୍ୟକ ନିମ୍ନତମ ଶିକ୍ଷାଦାନ କରିବା ଏ ବିଦ୍ୟାଳୟ ଗୁଡ଼ିକର ଲକ୍ଷ୍ୟ ଥିଲା । କିନ୍ତୁ ଓଡ଼ିଶାରେ ଖୋଲାଯାଇଥିବା ଏ ହାର୍ଡିଙ୍ଗ ସ୍କୁଲମାନ ଗୋଟିଏ ପରେ ଗୋଟିଏ ବନ୍ଦ ହୋଇ ୧୮୬୯-୭୦ ସାଲ ବେଳକୁ ଦୁଇଗୋଟି ବିଦ୍ୟାଳୟ ଥିଲା, ତାହା ହେଉଛି ଖୋର୍ଦ୍ଧା ଅନ୍ୟଟି ମହାଙ୍ଗା । ପୁରୁଣା କାଳିଆ ପୁରୋହିତ ଏବଂ ଅବଧାନମାନେ ପ୍ରଚାର କଲେ ଯେ ଇଂରେଜ ସ୍କୁଲରେ ପାଠ ପଢ଼ିଲେ ଜାତି ଯିବ । ସ୍କୁଲ ଖୋଲିଲେ ଅବଧାନମାନଙ୍କ ଦାନାରେ ଧୂଳି ପଡୁଥିଲା ଓ ସ୍ମାର୍ତ୍ତମାନଙ୍କ ଅଧିକାର ହୋହଲି ଉଠୁଥିଲା । ଏ ମୂଳକଥା ବୁଝୁଛି କିଏ ? ମହାଙ୍ଗା ସ୍କୁଲଟି ଏହିପରି ଦିନେ ବନ୍ଦ ହୋଇଗଲା

ଓଡ଼ିଶାରେ ସରକାରୀ ସ୍କୁଲ ଖୋଲିବା ବ୍ୟାପାରରେ ସ୍ମାର୍ତ୍ତ ଏବଂ ଅବଧାନମାନଙ୍କର ସବୁଠାରେ ପ୍ରତିରୋଧ । କିନ୍ତୁ ମହାସିଂଙ୍ଗପୁର ଥିଲା ଗୋଟିଏ ମୁସଲମାନ ଗ୍ରାମ । ସହଜେ ମୌଲବୀ ଅବଦୁଲ ୱାହିଦ୍ ଥିଲେ ଜଣେ ପ୍ରତିପତ୍ତିଶାଳୀ ଡେପୁଟି କଲେକ୍ଟର । ତେଣୁ ତାଙ୍କ ଉଦ୍ୟମରେ ସ୍କୁଲଟି ମାହାଙ୍ଗାରୁ ଉଠିଆସି ମହାସିଙ୍ଗପୁର ଗ୍ରାମରେ ୧୮୪୮ ସାଲରେ ସ୍ଥାପିତ ହୋଇଥିଲା ।

ମହାସିଙ୍ଗପୁର ସ୍କୁଲରେ ମଧୁସୂଦନଙ୍କ ନାମ ଲେଖାଇବା ପିତା ରଘୁନାଥ ଦାସଙ୍କ ପକ୍ଷେ ସହଜ ନଥିଲା । ତାଙ୍କ ବଡଭାଇ ଲୋକନାଥ ଦାସଙ୍କଠାରୁ ଆରମ୍ଭ କରି ପଡ଼ୋଶୀ ଓ କୁଳ ପୁରୋହିତଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାର ବିରୋଧ କଲେ । ସରକାରୀ ସ୍କୁଲରେ ପାଠ ପଢ଼ିଲେ ଏକେତ ଜାତି ଯିବ, ସେଥିରେ ପୁଣି ମହାସିଙ୍ଗପୁର ମୁସଲମାନ ଗାଁ । ବଡଭାଇ ଲୋକନାଥ ଦାସ କହିଲେ... ମଧୁ ତ ତାଳପତ୍ର ଲେଖନରେ ଦୁଇ ପୁଡା ଲେଖି ସାରିଲାଣି । ଅଙ୍କ, ମାନସାଙ୍କ ଶୁଭଙ୍କରୀ ସାଧି ସାରିଲାଣି । ଭାଗବତ ଛାନ୍ଦ ଚୌପଦି ବୋଲି ଜାଣିଲାଣି । ଏଥର କେଉଁ ସରକାରୀ ସିରସ୍ତା ଦେଖି ତାକୁ ଗୋଟିଏ ମୋହରିର୍ ପାଇଁ ତାଲିମ୍ ଦେ । ଆଉ ଦେଶୀ ପାଠ ଗୁଡ଼ିଏ ପଢ଼ି ପୁଣି କଣ ହେ । ବସ୍ତୁତଃ ଓଡ଼ିଶାରେ ସେତେବେଳେ ସ୍କୁଲ ଶିକ୍ଷା ପ୍ରତି ପିଲା ଏହିପରି ମନୋଭାବ ଓ ଓଡ଼ିଶାରେ ଆଧୁନିକ ଶିକ୍ଷାର ଅବସ୍ଥା ଥିଲା ମଧ୍ୟ ଏହିପରି ।

ଊନବିଂଶ ଶତାବ୍ଦୀରେ ପ୍ରଥମାର୍ଦ୍ଧରେ ଓଡ଼ିଶାରେ ଶିକ୍ଷାର ବ୍ୟବସ୍ଥା ଜାଣିବାକୁ ହେଲେ ହଣ୍ଟରଙ୍କ ବିବରଣୀ ପ୍ରଣିଧାନ୍ୟ ଯୋଗ୍ୟ । ହଣ୍ଟର ଲେଖିଛନ୍ତି.....

ଇଂ ୧୮୩୮ ସାଲ୍ ପର୍ଯ୍ୟନ୍ତ ଖ୍ରୀଷ୍ଟିୟାନ ମିସନାରୀମାନଙ୍କ ପରିଚାଳନା ଓ ପ୍ରଭାବରେ ଥିବା ଦୁଇ ତିନି ଗୋଟି ସ୍କୁଲ ବ୍ୟତୀତ ସ୍କୁଲ ପଦବାଚ୍ୟ ଅନ୍ୟ କୌଣସି ଅନୁଷ୍ଠାନ

ଓଡ଼ିଶାରେ ନଥିଲା । ପଚିଶ ଲକ୍ଷ ଜନସଂଖ୍ୟା ଆଧ୍ୟୁଷିତ ଏହି ପ୍ରଦେଶରେ ସର୍ବତ୍ର ଅନ୍ଧକାର ଓ କୁସଂସ୍କାର ପୂର୍ଣ୍ଣ ହୋଇଥିଲା । ଏଠି ସେଠି କେଉଁଠି କେଉଁଠି କୌଣସି କୌଣସି ଧନି ଜମିଦାରଙ୍କ ଉଆସର କେଉଁ କୋଣରେ ଚଉପାଢ଼ିଆ ପଣ୍ଡିତମାନେ ଅବଶ୍ୟ କେତୋଟି ପିଲାଙ୍କୁ ଜୁଟାଇ ସଂସ୍କୃତ ପଢ଼ାଉଥିଲେ । ମାତ୍ର ବଡ ବଡ ଗାଁ ମାନଙ୍କରେ ଏକରକମ ବରଗଛମୂଳିଆ ଚଟଶାଳୀ ରହିଥିଲା । ସେଠାରେ ପ୍ରାୟ ଅଧିତର୍ଜନ ସରିକି ଚାଟ ମାଟିରେ ବସି ସେହି ମାଟି ଉପରେ ଅକ୍ଷର ଶିକ୍ଷା କରୁଥିଲେ । ପୁଣି ସୁର ଧରି ଗୀତ ବୋଲିବା ପରି ପଣିକିଆ ମୁଖସ୍ତ କରୁଥିଲେ । ତାଳପତ୍ର ଲେଖନରେ ଯିଏ ଗୋଟିଏ ଦୁଇଟା ଅଙ୍କା ବଙ୍କା ବାକ୍ୟ ଲେଖି ପାରୁଥିଲା ସେ ଶିକ୍ଷିତ ପଦବାଚ୍ୟ ହେଉଥିଲା ।

ଇଂରେଜମାନେ ୧୮୦୩ ମସିହାରେ ଓଡ଼ିଶା ଅଧିକାର କଲାବେଳେ ଜଣେ ହେଲେ ଓଡ଼ିଆ ସରକାରୀ ଚାକିରୀରେ ନଥିଲେ । ଇଂ ୧୮୦୫ ସାଲ ଠାରୁ ଏକ ସରକାରୀ ଆଦେଶ ବଳରେ ଓଡ଼ିଶା ଭିତରେ ଓଡ଼ିଆ ଭାଷୀଙ୍କ ପାଇଁ ସରକାରୀ ସପ୍ତରମାନଙ୍କରେ କାର୍ଯ୍ୟ ପରିଚାଳନା ପାଇଁ ଓଡ଼ିଆ ମୋହିରୀରମାନଙ୍କ ପ୍ରୟୋଜନ ପଡ଼ିଲା । ଏମାନେ ଅବଶ୍ୟ ଲେଖନ ମୁନରେ ତାଳପତ୍ର ଖେଦା ଲେଖିବାରେ ଖୁବ ସିଦ୍ଧହସ୍ତ ଥିଲେ । କିନ୍ତୁ କାଗଜ କଲମରେ ଏମାନେ ଆଦୌ ଲେଖି ପାରୁନଥିଲେ । ସେଥିପାଇଁ ଭଲ ଚାକିରୀ ସବୁ ବଙ୍ଗାଳୀ କିରାଣୀମାନଙ୍କ ହାତକୁ ଚାଲିଯାଉଥିଲା । ଭଲ ଦରମାରେ ଆକୃଷ୍ଟ ହୋଇ ସେମାନେ ବଙ୍ଗଳାରେ ଘରଦ୍ୱାର ଛାଡି ଏଠାକୁ ସପରିବାର ଉଠିଆସି ବସବାସ କରି ରହିବା ପାଇଁ ଆରମ୍ଭ କରିଦେଲେ ।

ଓଡ଼ିଆଙ୍କ ଶିକ୍ଷାର ଅବସ୍ଥା ସମ୍ପର୍କରେ ସେହିବର୍ଷ କଟକର ମାଜିଷ୍ଟ୍ରେଟ୍ ଏକ ରିପୋର୍ଟରେ ଲେଖିଥିଲେ:- "Scarcely a single real oriya receives a salary of more than Rs 10/- per month, but several are naturalized Bengal is or Musalmans. I always give preference to Oriyas, but at the moment, I scarcely krow a single oriya possessing qualiticrtions to fit him for being a common Muharir"

ତେଣୁ ମଧୁବାବୁଙ୍କୁ ମୋହରୀର ଚାକିରୀରେ ଢୁକାଇ ଦେବା ପାଇଁ ଜ୍ୟେଷ୍ଠ ପିତୃବ୍ୟଙ୍କ ପରାମର୍ଶରେ ଅଯୌକ୍ତିକତା ନଥିଲା ।

ମଧୁସୂଦନ ଯଥା ସମୟରେ ମହାଶିବପୁର ଭର୍ଣ୍ଣାକୁଲାର ସ୍କୁଲରୁ ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ସରକାରୀ ସିରସ୍ତାରେ ଚାକିରୀ ପାଇଁ ଏ ଯୋଗ୍ୟତା ସେତେବେଳେ ଥିଲା ଯଥେଷ୍ଟ । କିନ୍ତୁ ମଧୁସୂଦନଙ୍କ ଯିଦ୍ ଏହାପରେ ସେ କଟକରେ ଇଂରେଜୀ ପଢ଼ିବେ ।

ଚୌଧୁରୀ ରଘୁନାଥ ଦାସ ଥିଲେ ଅତ୍ୟନ୍ତ ରକ୍ଷଣଶୀଳ । ଏଣ୍ଟ୍ରାନସ୍ ପର୍ଯ୍ୟନ୍ତ ଇଂରେଜୀ ଶିକ୍ଷା ଦେବାପାଇଁ ଯଦିଓ ତାଙ୍କର ଅଭିଳାସ ଥିଲା ତଥାପି ମନରେ ଥିଲା ବହୁତ ଭୟ ଏବଂ ଆଶଙ୍କା । ରକ୍ଷଣଶୀଳ ସାମନ୍ତବାଦୀ ପରିବେଶରେ ପିଢ଼ିଥିବାରୁ ଜ୍ୟୋତିଷମାନଙ୍କ ଉପରେ ତାଙ୍କର ଗଭୀର ଆସ୍ଥା ଓ ବିଶ୍ୱାସ ଥିଲା । ପାଞ୍ଜି, ବାର, ତିଥି, ନକ୍ଷତ୍ର ଅନୁସାରେ ତାଙ୍କର ଦୈନିକ କାର୍ଯ୍ୟ ନିୟନ୍ତ୍ରିତ ହେଉଥିଲା । ପୁତ୍ର ମଧୁସୂଦନଙ୍କର କୋଷ୍ଠୀ ଗଣନା ପାଇଁ ସେ ଏକ ଜ୍ୟୋତିଷଙ୍କୁ ଅନୁରୋଧ କଲେ । ଜ୍ୟୋତିଷ ମଧ୍ୟ କୋଷ୍ଠୀ ଗଣନା କରି କହିଲେ ଯେ ପିଲାଟି ଖୁବ୍ ବୁଦ୍ଧିମାନ ଏବଂ ବିଚକ୍ଷଣ ହେବ । ଶନି ଚତୁର୍ଥାଧିପତି ଥିବାରୁ ବିଦ୍ୟାରେ ତାଙ୍କ ସ୍ଥାନ ଅଧିକାର କରିବ । ମୋଟକଥା ପିଲାର ଭାଗ୍ୟରେ ରାଜଯୋଗ ସୁସ୍ପଷ୍ଟ । ଜ୍ୟୋତିଷ ଯାହା ଗଣନା କରିଥାନ୍ତୁ ନା କାହିଁକି ମଧୁବାବୁଙ୍କୁ କଟକରେ ଇଂରେଜୀ ପଢ଼ିବା ପାଇଁ ପଥ ପରିଷ୍କାର ହୋଇଗଲା ।

କଟକ ଯିବାପାଇଁ ପାଞ୍ଜିଦେଖି ଲଗ୍ନ ସ୍ଥିର କରାଗଲା । ଦୁଇଖଣ୍ଡ ପାଲିଙ୍କି ଯୋଗାଡ ହେଲା । ମଧୁସୂଦନ ମାଣିଆବନ୍ଧୀ ଧୋତି ଉପରେ ମିରଜାଇ ପନ୍ଧି ମୁଣ୍ଡରେ ଚୁଟି ବେଣ୍ଟିକୁ ଚିକ୍କଣ କରି ପାଲିଙ୍କିରେ ବସିଲେ ଏବଂ କଟକ ଆଭିମୁଖେ ଚାଲିଲେ ।

ସେତେବେଳେ କଟକ ହାଇସ୍କୁଲରେ ଓଡ଼ିଆ ଛାତ୍ରଙ୍କ ସଂଖ୍ୟା ଥିଲା ଅଙ୍ଗୁଳିମୟ । ମଧୁସୂଦନ ଏକେ ତ ଓଡ଼ିଆ,

ସେଥିରେ ମୁଣ୍ଡରେ ଚୁଟି, ଦେହରେ ଖଦି ତନ୍ତିବୁଣା ମିରଜାଇ, ପାଦରେ ମରହଟା ପାଣ୍ଡୋଇ। ବିଦ୍ରୁପ ପରିହାସ ପାଇଁ ସହପାଠୀମାନଙ୍କୁ ଏପରି ଗୋଟାଏ ସୁଲଭ ଶୀକାର ବହୁଦିନୁ ମିଳିନଥିଲା। ସେଦିନର ଗ୍ଲାନି ବର୍ଣ୍ଣନା କରି ମଧୁସୂଦନ ତାଙ୍କ ଆତ୍ମଚରିତରେ ଲେଖିଛନ୍ତି:-

"ସ୍କୁଲରେ ମୁଁ ଥିଲି ଏପରି ଅନେକ ପରିହାସର ଶରବ୍ୟ। ମୋର ବଙ୍ଗାଳୀ ସହପାଠୀମାନେ ମୋତେ ସବୁବେଳେ ଥଟା ଟାପରା କରୁଥିଲେ। ମୁଁ ସେତେବେଳେ ପିନ୍ଧୁଥିଲି ଗାଁ ତନ୍ତୀଙ୍କ ବୁଣାଲୁଗା। ସେତେବେଳ ପର୍ଯ୍ୟନ୍ତ ଓଡ଼ିଶାକୁ ଇଂରାଜୀ ମାର୍ଟ ଆସିନଥିଲା। ମୁଁ ଯେଉଁ ଜାମା ପିନ୍ଧୁଥିଲି ତାକୁ କୁହାଯାଉଥିଲା ମିରିଜାଇ। ମୋ ମୁଣ୍ଡରେ ଗୋଟିଏ ଲମ୍ବା ଚୁଟି ଥିଲା। ଏ ଚୁଟିରେ ଗଣ୍ଠି ପଡୁଥିଲା। ସେମାନେ ଭାବୁଥିଲେ ଏହା ବାଳିକାର ଲକ୍ଷଣ। ବଙ୍ଗଳାରେ ସେତେବେଳେ ଛୋଟ ଛୋଟ ଚୁ, ରଖୁଥିଲେ। ଦିନେ ମୋର ଜଣେ ସହପାଠୀ ମୋର ସେହି ଚୁଟିଟିକୁ କଇଁଚିରେ କାଟିଦେଲା। ମୁଁ କହିଲି ଦିନେ ମୋର ବଙ୍ଗୀୟା ସ୍ତ୍ରୀଙ୍କ ପାଇଁ ସେହି ଚୁଟିଟା ହେବ ମୋର ପୌରୁଷର ପ୍ରମାଣ। ସହପାଠୀମାନଙ୍କ ମୁହଁ ଲାଲ ପଡ଼ିଯାଇଥିଲା।"

କଟକ ଇଂରାଜୀ ସ୍କୁଲରେ ଦେଡ ମାଷ୍ଟର ଥାଆନ୍ତି ଏଣ୍ଟ୍ରେନସ ପାସକରିଥିବା (ସେବେଳର ମାଟ୍ରିକୁଲେସନ) ଯୁବକ ଚଣ୍ଡୀଚରଣ ବାନାର୍ଜୀ। ହେଡ ମାଷ୍ଟର ନିଜେ ଇଂରାଜି ପଢ଼ାଉଥିଲେ। ପଢ଼ାଉଥିବା ସମୟରେ ଇଂରାଜୀ ବାକ୍ୟର ଅର୍ଥକୁ ଭୁଲ ସରଳାର୍ଥ କରୁଥିଲେ। ମଧୁବାବୁ ତାକୁ ବିରୋଧ କଲେ। ଏତେ ବଡ ଇଂରାଜୀ ସ୍କୁଲର ହେଡ ମାଷ୍ଟ୍ର କିପରି ଏହା ସହନ୍ତେ। ତେଣୁ ମଧୁବାବୁଙ୍କୁ ସେ ରଷ୍ଟିକେଟ୍ କଲେ। ମଧୁବାବୁ ଭାବିଲେ ତାଙ୍କର ଉଚ୍ଚଶିକ୍ଷାରେ ଡୋରି ବନ୍ଧାହେଲା। କିନ୍ତୁ ଜିଦ୍ଦିରେ ମଧୁବାବୁ ଥିଲେ ଅଟଳ। ସେ ସ୍ଥିରକଲେ କଲେକ୍ଟର ହାଜଲ ସାହେବଙ୍କୁ ଦେଖା କରିବାକୁ। ମଧୁବାବୁ ତାଙ୍କ ଅନ୍ତଭୂତିରୁ ଲେଖିଛନ୍ତି:-

"Early next morning I went to Collector's Burgalow, dressed as in Oriya with my Mitijai on. I was in the verandah. Sahib are out. He talked with me in oriya and asked me what I wanted. I narrited him what has happened and I should him the passage. He asked me how I understoud the passage and how the headmaster understood it. On learning me he smiled. He asked me to so to shool on the next morning at 11 AM."

I want to school before time and waited at the entrance of the school premises. Mr. Halay came in time. I bawad to him as he passed in his boggy. Hally had a discussion with Headmaster. Soon after Mr. Hally lift the school the Headmaster called me and said he had paroloned me and had decided to take me back in the school. After this incident there was a perceptible change in the behaviour of my bengali classmates towards me. My readmession into his school dispelled the dark clouds which had gathered on the horizon, a long vista of future life appeared before me. I learnt to distinguish between inherited respect and self-acquired respect and I decided to devote the rest of my life to the pursuit of respect earned by merit.

ଏହି ପ୍ରକାର ପରିସ୍ଥିତି ମଧ୍ୟରେ ମଧୁସୂଦନ ୧୮୬୪ ସାଲରେ ଷୋଳବର୍ଷ ବୟସରେ କଟକ ସ୍କୁଲରୁ ଏଣ୍ଟ୍ରାନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ।

ଏଣ୍ଟ୍ରାନ ପାସ କରିବା ପରେ ପିତା ରଘୁନାଥ ଦାସ ମଧୁବାବୁଙ୍କୁ ପଚାରିଲେ ଏଣ୍ଟ୍ରାନସ୍ ପାସ କଲୁ। ଏବେ କଣ କରିବୁ। ମଧୁବାବୁ କହିଲେ ମୋର ଇଛା ଏଫ୍.ଏ. ପଢ଼ିବି। ତାପରେ ବି.ଏ. ଏବଂ ମୁଁ ହେବି ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍। ରଘୁନାଥ ଦାସ କହିଲେ ପାଠ ବହୁତ ହୋଇଗଲା। ଆଉ ପାଠ ଦରକାର ନାହିଁ। କମିସନରଙ୍କ ତସ୍ତିରସ୍ତାଦାର ବିଚିତ୍ରାନନ୍ଦ ବାବୁଙ୍କୁ ସହ ମୁଁ କଥାବାର୍ତ୍ତା କରିଛି। ମୁଁ ଖଣ୍ଡେ ଚିଠି ଦେଉଛି। ତାଙ୍କୁ ଯାଇ ଭେଟ କର। ତୋତେ କିଲଟରି ଅଫିସ୍‌ରେ ଢୁକାଇ ଦେବେ।

ତା ପର ଦିନ ପ୍ରତ୍ୟୁଷରୁ ମଧୁସୂଦନ କାଖତଳେ ଛୋଟିଆ ପୁଟୁଳାଟାଏ ଜାକି ପିତାଶ୍ରୀଙ୍କ ଚିଟାଉ ଧରି ବାହାରି ପଡ଼ିଲେ। ରେଭିନ୍ୟୁ କମିସନର ଟ୍ରେଭର ସାହେବଙ୍କ ସିରସ୍ତାଦାର ଓ ପୁଣି ଦକ୍ଷିଣହସ୍ତ ସ୍ୱରୂପ ଥିବାରୁ ସରକାରୀ ଆଇନ କାନୁନ୍‌ରେ ବିଚିତ୍ରାନନ୍ଦ ଦାସ ଥିଲେ ପ୍ରବୀଣ। ସେଥିପାଇଁ ଆଇନଗତ ସରକାରୀ ବ୍ୟାପାରମାନଙ୍କରେ ପରାମର୍ଶ ନେବାପାଇଁ ବିଚିତ୍ରାନନ୍ଦଙ୍କ ଦୁଆରେ ସକାଳ ସଂନ୍ଧ୍ୟା ଭିଡ ଲାଗୁଥିଲା। ଭିଡ ଜମାଇବା ଭିତରେ ଥିଲେ ମୋଗଲବନ୍ଦୀ ଜମିଦାର ଗଡଜାତର ରାଜାମାନଙ୍କଠାରୁ ଆରମ୍ଭକରି ମଫସଲର ପ୍ରଜାମାନଙ୍କ ମେଳା ପିତ୍ରାଦେଶରେ ମଧୁବାବୁ ମଧ୍ୟ ଆସି ଅପେକ୍ଷା କଲେ ବିଚିତ୍ରାନନ୍ଦଙ୍କ ସାକ୍ଷାତ ପାଇଁ ବହୁତ ସମୟ ପରେ ମଧୁ ବାବୁ ବିଚିତ୍ରାନନ୍ଦଙ୍କ ସଙ୍ଗେ ସାକ୍ଷାତ ପାଇଲେ ଏବଂ ପିତାଙ୍କ ଚିଠି ଖଣ୍ଡିକ ତାଙ୍କୁ ବଢ଼ାଇଦେଲେ। ଚିଠି ପଢ଼ି ବିଚିତ୍ରାନନ୍ଦ ବାବୁ ପଚାରିଲେ... ତୁ କଣ ଭାବୁଛୁ ମଧୁ? ଅମଲା ହେବୁ? ମଧୁସୂଦନ ନିରୁତ୍ତର। ବିଚିତ୍ରାନନ୍ଦ କହିଲେ ଏଣ୍ଟ୍ରାନସ୍ ପାଠ କିଛି ନୁହଁ ଆହୁରି ପାଠ ଦରକାର। ଜାଣିଛୁ ମଧୁ ମୁଁ ଜଦି ପାଠ ପଢ଼ିଥାଆନ୍ତି ତେବେ ବିଲାତ ଯାଇ ପାଠ ପଢି ହୋଇପାରିଥାନ୍ତି ଟ୍ରେଭର ସାହେବ ପରି କମିସନର। ତେଣୁ ତୁ କଲିକତା ଯାଇ ଏଫ.ଏ. ପଢ। ଏତେବେଳେ ମଧୁସୂଦନ ମୁହଁ ଖୋଲି କହିଲେ...ବାପା କହୁଛନ୍ତି ତାଙ୍କର ଟଙ୍କା ନାହିଁ। ସେ କହିଲେ... ମୁଁ ଯଦି ନିଜ ପାଦରେ ଠିଆ ହୋଇ ପାରିଲି, ତୁ କାହିଁକି ପାରିବୁ ନାହିଁ। ଅସଲ ହେଲା ଇଛାଶକ୍ତି।

ବିଚିତ୍ରାନନ୍ଦଙ୍କ ପାଖରୁ ଫେରି ମଧୁସୂଦନ ଖବର ପାଇଲେ ବାଲେଶ୍ୱରରେ ହାଇସ୍କୁଲରେ ଗୋଟିଏ ଶିକ୍ଷକ ଚାକିରୀ ଖାଲି ପଡ଼ିଛି। ଖବର ପାଇବା ମାତ୍ରେ ମଧୁସୂଦନ ବାଲେଶ୍ୱର ବାହାରି ପଡ଼ିଲେ। ବାଲେଶ୍ୱର ହାଇ ସ୍କୁଲରେ ତୃତୀୟ ଶିକ୍ଷକ ଭାବରେ ଯୋଗ ଦେଲେ, ଦରମା ମାସକୁ ତିରିଶ ଟଙ୍କା। ଯୋଗକୁ ସେତେବେଳେ ବାଲେଶ୍ୱରରେ ଭାଷା ବିଦ୍ୱେଶ ଥିଲା ତ୍ରୀବ୍ରରେ। ସ୍କୁଲରେ ସବୁ ଶିକ୍ଷକ ଥାଆନ୍ତି ବଙ୍ଗାଳୀ। ସେମାନେ ଚକ୍ରାନ୍ତ କରୁଥିଲେ ଓଡ଼ିଆ ଭାଷାକୁ ଉଠାଇ ଦେବାକୁ। ତେଣୁ ସବୁ ବଙ୍ଗାଳୀମାନଙ୍କର ସେ ଚକ୍ଷୁଶୁଳ ହୋଇପଡ଼ିଲେ। ଦ୍ୱିତୀୟତଃ ସେ ଥିଲେ ସ୍ୱଳ୍ପ ବେତନ ଭୋଗୀ। କିନ୍ତୁ ରକ୍ତରେ ମିଶି ରହିଥିଲା ଆଭିଜାତ୍ୟର ବେହିସାବ। ସେହି ଅନୁପାତରେ ଅଳ୍ପଦିନ ମଧ୍ୟରେ ତାଙ୍କର ହାତ ଉଦ୍ଧାରୀ ପରିମାରଟା ବେଶ୍ ବଢି ଯାଉଥିଲା।

ଏହିପରି ଏକ ଜୀବନର ଦୋଛକିରେ ଥିବାବେଳେ ମଧୁବାବୁଙ୍କର ଦେଖାହୁଅନ୍ତି ବାଲେଶ୍ୱର କଲେକ୍ଟର ଅଫିସର ସିରସ୍ତାଦାର ମୁକୁନ୍ଦବଲ୍ଲଭ ବାବୁ ଯିଏକି ମଧୁବାବୁଙ୍କ ଗାଁ ନିକଟର ଏବଂ ପିତା ରଘୁନାଥ ଦାସଙ୍କ ବାଲ୍ୟବନ୍ଧୁ। ମୁକୁନ୍ଦ ବଲ୍ଲଭ ବାବୁ କହିଲେ ରେଜେଷ୍ଟ୍ରିଖାନାରେ ଉପର ପାହିଆଠର ଗୋଟିଏ ଅମଲା ପଦ ଖାଲି ପଡ଼ିଛି। ମୁଁ ତତେ ସେଥିରେ ମୁତୟନ କରିନେଇଛି ତୁ କେବଳ ଗୋଟିଏ ଦରଖାନ୍ତ ଲେଖି ମୋତେ ସାକ୍ଷାତ କର। ଦରମା ମାସକୁ ପଚାଶ ଟଙ୍କା ଏବଂ ଅଳ୍ପଦିନ ମଧ୍ୟରେ ପଦୋନ୍ନତି ଅଛି। ଶିକ୍ଷକତାରୁ ଇସ୍ତଫା ଦେଇ ମୁକୁନ୍ଦ ବଲ୍ଲଭ ମିତ୍ରଙ୍କ ପ୍ରସ୍ତାବ ଅନୁସାରେ ମଧୁସୁଦନ ରେଜେଷ୍ଟ୍ରିଖାନା ଅମଲା ଚାକିରୀରେ ସଙ୍ଗେ ସଙ୍ଗେ ଯୋଗଦେଲେ। ମୁକୁନ୍ଦ ବଲ୍ଲଭ ସେତେବେଳେ କିନ୍ତୁ ସାବଧାନ କରାଇ ଦେଇଥିଲେ ... ଏ କଲିକତଆଙ୍କୁ ତୁମେ କୁଟ କୌଶଳରେ ପାରିବ ନାହିଁ। ଏ ପର୍ଯ୍ୟନ୍ତ ତୁମେ ଅନେକ ଶତ୍ରୁ ସୃଷ୍ଟି କରି ସାରିଲେଣି। ତେଣୁ ଅତି ସାବଧାନରେ ଅଫିସ୍‌ରେ କାମ କରିବ।

ରେଜେଷ୍ଟ୍ରିଖାନାରେ ଅମଲା ଚାକିରୀ ଦିନ କେତେଟା ମଧ୍ୟରେ ମଧୁବାବୁଙ୍କ ପକ୍ଷରେ ନିତାନ୍ତ ଦୁର୍ବିସହ ହୋଇ ଉଠିଲା।

ସେଠାରେ ସେ ହିସାବ ରକ୍ଷକ କିରାଣୀ ପଦରେ ନିଯୁକ୍ତ ହୋଇଥିଲେ। କିନ୍ତୁ ବେପରୁଆ ବେହିସାବ ମଧୁସୂଦନଙ୍କ ଜନ୍ମଗତ ଓ ବଂଶଗତ ପ୍ରକୃତି ଥିଲା। ହଠାତ୍ ଦିନେ ଜଣା ପଡିଲା କଣ୍ଟିଜେନସି ତହସିଲରେ କେତେ ଟଙ୍କା ଊଣା ହେଇଛି। ହେଡକ୍ଲର୍କ ଯେତେବେଳେ ଭୁଲଟା ଧରିଲେଣି ଚାକିରୀତ ଯିବ ତା ସହିତ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ସଜା ମଧ୍ୟ ମିଳିବ। ମୁକୁନ୍ଦ ବଲ୍ଲଭ ବାବୁ ଦେଖିଲେ ଯେ ବିନା ମଂଜୁରୀରେ କିଛି ଟଙ୍କା ଖର୍ଚ୍ଚ କଲେ ସେମିତି କିଛି ଗର୍ହିତ ହୋଇନାହିଁ। ଯେହେତୁ ହେଡକ୍ଲର୍କ ଜିନିଷଟିକୁ ଧରିଛନ୍ତି ତାଙ୍କର କୌଣସି ଚାରା ନଥିଲା।

ଅବଶେଷରେ ବିଷୟଟି ଆସିଲା ଖୋଦ୍ କଲେକ୍ଟର ଫ୍ରାଙ୍କ ବିଜ୍‌ନୋଲଡ ସାହେବଙ୍କ ଦରବାରକୁ। ସେ ଥିଲେ ଜଣେ ଉଦାରପନ୍ଥୀ, ସହାନୁଭୂତି ସମ୍ପନ୍ନ କଲେକ୍ଟର। ଅଭିଯୋଗରୁ .... ନଥିପତ୍ର ଦେଖିବା ମାତ୍ରେ କଲେକ୍ଟର ହୁକୁମ ଦେଲେ..... ଆସାମୀ ଅଭିଯୋଗରୁ ନିର୍ଦ୍ଦୋଶରେ ଖଲ୍ଲାସ।

ଏହାର ଦିନେ ଦୁଇଦିନ ପରେ ମଧୁବାବୁ ସେ ଅମଲା ଚାକିରୀ ଛାଡି ଚାନ୍ଦବାଲିଠାରୁ ଷ୍ଟିମରରେ ବାହାରି ଗଲେ କଲିକତା। ଷ୍ଟିମରରେ ଚାନ୍ଦବାଲିରୁ କଲିକତା ଆସିବାରେ ସେତେବେଳେ ପୁରା ଗୋଟିଏ ଦିନ ଲାଗି ଯାଉଥିଲା। ଷ୍ଟିମର ଡେକ ଉପରେ ସଂଧ୍ୟାରେ ବୁଲୁବୁଲୁ ଦେଖା ହୁଅନ୍ତି ଜଣେ ପାଦ୍ରୀ ଏଚ୍ ଗ୍ରୀଫନ୍। କଥୋପକଥନରେ ଦୁହିଁଙ୍କ ମଧ୍ୟରେ ଆତ୍ମିୟତା ସୃଷ୍ଟି ହୁଏ। ଓହ୍ଲାଇବା ବେଳେ ଗ୍ରୀଫନ୍ ନିଜର ଖଣ୍ଡେ ଭିଜିଟିଙ୍ଗ କାର୍ଡ ମଧୁଦୂଦନଙ୍କ ହାତରେ ଦେଲେ ଏବଂ କେବେବେ ପ୍ରୟୋଜନ ପଡିଲେ ତାଙ୍କୁ କଲିକତାରେ ସାକ୍ଷାତ କରିବାକୁ ପରାମର୍ଶ ଦେଲେ। ଅଚିହ୍ନା ସହରରେ ହଠାତ ଜଣେ ଶୁଭାକାଂକ୍ଷୀ ଏପରି ସହଜରେ ଖୋଜି ପାଇବା କମ ସୌଭାଗ୍ୟର କଥା ନଥିଲା। ମଧୁସୂଦନ କାର୍ଡ ଖଣ୍ଡିକ ମିରଜାଇ ପକେଟ୍‌ରେ ସାଇତି ରଖିଲେ।

କଲିକତାରେ ପହଞ୍ଚି ପ୍ରଥମେ କିଛି ଦିନ ଓଡ଼ିଆ କୁଲି ଓ ଦିନ ମଜୁରିଆ ବସ୍ତିରେ କଟାଇଥିଲେ। ଲକ୍ଷଥିଲା ହିନ୍ଦୁ କଲେଜରେ ନାମ ଲେଖାଇବା। ସେଥିପାଇଁ ଏହାର ପରିଚାଳନା ସମିତିର ବିଶିଷ୍ଟ ହିନ୍ଦୁ ନେତା ମାନଙ୍କର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ଓଡ଼ିଶାରୁ ଆସିଥିବା ହେତୁ କୌଣସିଠାରୁ ସହାନୁଭୂତି ମିଳି ନଥିଲା। ତାଙ୍କର ମନେ ପଡିଲା ସ୍ୱାଦ ଷ୍ଟୀମରରେ ଭେଟ ହୋଇଥିବା ପାଦ୍ରୀଙ୍କ କଥା। ପକେଟରେ ହାତ ବୁଲାଇ କାର୍ଡ ଖଣ୍ଡିକ ବାହାରକରି ପଡିଲେ Rev. H. Griffins, 7 Middleton Road, Callcutta. ମଧୁବାବୁ ସଙ୍ଗେ ସଙ୍ଗେ ଚାଲିଲେ ଗ୍ରୀଫନଙ୍କୁ ସାକ୍ଷାତ କରିବା ପାଇ। ଖୋଜି ଖୋଜି ମିଡିଲଟନ୍ ରୋଡରେ ଗ୍ରୀଫନ୍‌ଙ୍କ ଘରେ ପହଞ୍ଚିଲେ। ସେତେବେଳେ ଭବାନିପୁରରେ ଥିବା ଏଲ୍ ଏମ୍ ଏସ କଲେଜର ପିନିସପାଲ ଥାଆନ୍ତି ଜେ.ପି. ଆଷ୍ଟନ ଯିଏକି ଥିଲେ ଗ୍ରୀଫନଙ୍କ ବନ୍ଧୁ। ତାଙ୍କ ପାଖକୁ ଏକ ପତ୍ର ଲେଖି ମଧୁବାବୁଙ୍କ ହାତରେ ଦେଲେ ଏବଂ କହିଲେ ଏହି ଚିଠି ନେଇ ତାଙ୍କୁ ଦିଅ। ବିନା ମାସୁଲରେ ତମର କଲେଜରେ ସେ ନାମ ଲେଖାଇଦେବେ। ମଧୁବାବୁ ତାଙ୍କୁ କୃତଜ୍ଞତା ଜଣାଇ ଫେରିଲେ।

ମଧୁବାବୁ ସଙ୍ଗେ ସଙ୍ଗେ ଚାଲିଲେ ଲଣ୍ଡନ ମିସ୍‌ନାରୀ ସୋସାଇଟି (ଏଲ୍ ଏମ୍ ଏସ୍) କଲେଜ ଅଭିମୁଖେ। ପ୍ରିନିସ୍‌ପାଲ ଜେ. ପି ଅଷ୍ଟନଙ୍କ ସହିତ ଦେଖାକଲେ ଏବଂ ତାଙ୍କର ଏଫ୍. ଏ. କ୍ଲାସରେ ନାମ ଲେଖା ହୋଇଗଲା। ସେଠାରେ ଦେଖା ହୁଅନ୍ତି ସହପାଠୀ ଅମ୍ବିକା ଚରଣ ହାଦର। ଏବଂ ଭବିଷ୍ୟତରେ ତାଙ୍କର ଛିଅ ଶୈଳବାଳାଙ୍କୁ ମଧୁବାବୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିଥିଲେ। ଦିନେ କ୍ଲାସ୍ ସାରି ଉପରବେଳା ମଧୁବାବୁ ବାହାରି ପଡିଲେ ଟ୍ୟୁସନ ସଂଦାନରେ। କିଛିବାଟ ଯିବା ପରେ ଲକ୍ଷକଲେ ଏକ ଭିଡ। ଜଣେ ମାତାଲ ଫିରିଙ୍ଗି ଜଣେ ଖ୍ରିଷ୍ଟିୟାନ ପାଦ୍ରୀଙ୍କ ଟଙ୍କା ପାଇଁ ଟଣା ଓଟରା କରୁଥାଏ। ବିଚରା ପାଦ୍ରୀ ଜଣକ କାକୁତି ମିନତି ହେଉଥିଲେ ମଧ ମଦ୍ୟପଟି ତାଙ୍କୁ ହଇରାଣ ହରକତ କରୁଥାଏ। ମଧୁବାବୁ ମଦ୍ୟପଟିକୁ ଜୋର୍‌ରେ ଧକା ଦେବ ପାଦ୍ରୀଙ୍କୁ ଉଦ୍ଧାର କରିଥିଲେ। ତା ପରେ ଉଭୟ ଭବାନି ପରୁ ଅଭିମୁଖେ ଆସିଲେ ପାଦ୍ରୀଙ୍କ ନାମ ଥିଲା ଯଦୁନାଥ ଚାଟାର୍ଜି। ସେ ମଧ ଜାଣିଲେ ଯେ ଯୁବକ ଜଣକ ଟ୍ୟୁସନ ସଂଧାନରେ ଅଛନ୍ତି ପାଦ୍ରୀ ଜଣଙ୍କ ମଧୁବାବୁଙ୍କୁ ଘରକୁ ନେଇ ଆସିଲେ ଏବଂ ଅନୁରୋଧ କଲେ ତାଙ୍କର ଦୁଇ ଝିଅ ସୌଦାମିନି

ଏବଂ ସୁରଙ୍ଗିଣୀ ଗୃହ ଶିକ୍ଷକ ହେବା ପାଇଁ। ସେବେଠାରୁ ମଧୁବାବୁଙ୍କର ଅର୍ଥ ସମସ୍ୟା ଦୂର ହୋଇଗଲା। ପରେ ମଧୁବାବୁ ଏବଂ ସୌଦାମିନିଙ୍କର ସମସ୍ୟା ଦୂର ହୋଇଗଲା ପରେ ମଧୁବାବୁ ଏବଂ ସୌଦାମିନିଙ୍କ ଭିତରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା ଏବଂ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

ଏଲ. ଏମ୍ .ଏସ୍ କଲେଜରୁ ସଫଳତାର ସହିତ ମଧୁବାବୁ ଏଫ. ଏ. ପାସ କଲେ ଏବଂ ବି.ଏ ରେ ନାମ ଲେଖାଇଲେ। ବହୁ ସଂଘର୍ଷ ଏବଂ ସଂଗ୍ରାମ ମଧ୍ୟରେ ମଧୁସୂଦନ ୧୮୭୦ ସାଲରେ ବି.ଏ ପାସ କଲେ। ସେ ହେଲେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍।

ଏମ୍. ଏ. କ୍ଲାସରେ ନାମ ଲେଖା ତିନି ମାସ ବାକିଥିଲା। ପିତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ବି.ଏ ପାସ୍ ପରେ ଏବଂ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିବା ପରେ ସେ ଗାଁକୁ ଆସିବେ ଏବଂ ମାତା ପାର୍ବତୀ ଦେଇଙ୍କୁ ସାକ୍ଷାତ କରିବେ। କୟଲାଝାଟରୁ ଦିନେ ଚନ୍ଦବାଲି ଯାଉଥିବା ଗୋଟିଏ ଷ୍ଟୀମରରେ ମଧୁବାବୁ ଉଠିପଡିଲେ ଜଗତପୁର ଲଜ୍‌ରେ ଓହ୍ଲାଇ ଗାଁକୁ ପେରିଲେ। ସେତେବେଳେ ପିତା ରଘୁନାଥ ଦାସ ଥିଲେ କଟକରେ। ମଧୁବାବୁ ଫେରିଛନ୍ତି ଖବର ଶୁଣି ଗାଁରେ ହୁରି ପଡିଗଲା। ମାତଲା ଦେବି ପୁଅକୁ ୬ ବର୍ଷ ପରେ ଦେଖି ବହୁତ କନ୍ଦାକଟାକଲେ ଏବଂ ତାଙ୍କ ଆଖିର ଲୁହ ଶୁଖୁ ନ ଥିଲା। ମଧୁବାବୁଙ୍କ ଦାଦା ବିଦ୍ୟାଧର ବାବୁ ପାଟି କରି ଉଠିଲେ... ଗୋବିନ୍ଦ ଆସିଲା ଭଲ ହେଲା। ପିଣ୍ଡାରେ କମ୍ବଳ ପକାଇଦିଅ। ପୋଖରୀରେ ସେ ଗୋଡହାତ ଧୋଇ ଆସି ବସୁ। ତମେ ଭାଉଜ ବୋଉ ଗୋବିନ୍ଦକୁ ଛୁଇଁଲଣି। ପୋଖରୀକୁ ଯାଇ ବୁଡ଼ିଟି ପକାଇ ଖଞ୍ଜା ଭିତରକୁ ପଶ। ମଧୁବାବୁ ଅନୁଭବ କଲେ ସେ ହୋଇାଇଛନ୍ତି ଗ୍ରାମରେ ପଡିବ। ତାଙ୍କ ବିରୁଦ୍ଧରେ ମେଘନାଦ ପାଚେରୀ ହଠାତ୍ ଯେପରି ମୁଣ୍ଡଟେକି ପାର୍ବତୀ ଦେବୀଙ୍କୁ ବାରମ୍ବାର ବୁଡ ପକାଇବା ଗୋବର ପାଣିରେ ଘର ଲିପାଇବା ଶାସ୍ତି। ତେଣୁ ସେ ଗୋଟିଏ ଦିନ ଗ୍ରାମରେ ରହି ତା ପରଦିନ ଭୋର ହେବା ପୁର୍ବରୁ ଗ୍ରାମ ଛାଡି କଲିକତା ଅଭିମୁଖେ ଯାତ୍ରା କରିଥିଲେ।

କଲିକତା ଫେରିବା ବେଳକୁ ମଧୁବାବୁଙ୍କୁ ଟାଇଫଏଡ ଜ୍ୱର ପ୍ରାୟ ତିନିମାସ ରହିଲା। ସୌଦାମିନି, ସୁରଙ୍ଗିଣୀ ଓ ଯଦୁନାଥ ବାବୁଙ୍କ ଅକ୍ଳାନ୍ତ ପରିଶ୍ରମ, ସେବା, ଶୁଶ୍ରୁସାରେ ସେ ଭଲ ହେଲେ।

ଅବଶେଷରେ ଏମ୍. ଏ କ୍ଲାସରେ ନାମ ଲେଖାଗଲା। ତାହା କିନ୍ତୁ ପରବର୍ଷ ଅର୍ତାତ୍ ୧୮୭୧ ମସିହାରେ। ଦୁଇବର୍ଷ ପରେ ୧୮୭୩ ସାଲରେ ମଧୁସୂଦନ ଓଡ଼ିଶାର ସର୍ବପ୍ରଥମ ଏମ୍. ଏ ଭାବେ ଫ୍ରି. ର୍ଚେ. ଇନିଷ୍ଟିଚ୍ୟୁଟ୍ କଲେଜରୁ ଉତ୍ତୀର୍ଣ୍ଣ ହେଲେ।

ଏମ୍. ଏ. ପାସ୍ ପରେ ସେ ସୌଦାମିନିଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହୋଇଗଲେ। ବିବାହ ପରେ ପରେ ବହୁତ କର୍ମବ୍ୟସ୍ତ ହୋଇପଡିଲେ ମଧୁବାବୁ। ଗାର୍ଡେନ ରିଚ୍ ହାଇସ୍କୁଲରେ ହେଡମାଷ୍ଟର ଚାକିରୀ, କଲିକତା ହାଇକୋର୍ଟରେ ପ୍ରାଇଭେଟ୍ ଟ୍ରନ୍ସଲେଟର ଇତ୍ୟାଦି। ଇଂ ୧୮୭୫ ମସିହାରେ ତାଙ୍କର ଏକ ପୁସ୍ତକଟି ପଡି ଏଣ୍ଟ୍ରାନସ୍ ପରୀକ୍ଷାରେ କୃତିତ୍ୱ ସହ ଇଂରାଜୀ ପାସ କରୁଥିଲେ। ମଧୁବାବୁ ୧୮୭୭ରୁ ୧୮୭୯ ପର୍ଯ୍ୟନ୍ତ ଆଶୁତୋଷ ମୁଖାର୍ଜିଙ୍କର ଗୃହଶିକ୍ଷକ ଥିଲେ। ପରବର୍ତ୍ତି କାଳରେ ଆସାର ଆସୁତୋଷ ମୁଖାର୍ଜି ହୋଇଥିଲେ ବିଶିଷ୍ଟ ଶିକ୍ଷାବିତ୍, ବୈଜ୍ଞାନିକ ଏବଂ କଲିକତା ବିଶ୍ୱବିଦ୍ୟାଳୟର ଭାଇସ୍ ଚାନସେଲର।

୧୮୭୮ ମସିହାରେ ମଧୁବାବୁ ବି.ଏଲ୍ ପାସକଲେ ତା ପରେ ଚବିଶ ପ୍ରଗଣାର ଅଲିପୁର କୋର୍ଟରେ ଓକିଲାତି ଆରମ୍ଭ କଲେ। ମାତ୍ର ତଳ କୋର୍ଟରେ ଚୋଟକାଟିଆ ଓକିଲାତି ପାଇଁ ତାଙ୍କର ଆଗ୍ରହ ନ ଥିଲା। ସେଥି ପାଇଁ କଲିକତାରେ ହାଇକୋର୍ଟରେ ପ୍ରାକ୍ଟିସ କରିବା ଅଭିପ୍ରାୟରେ ସିରସ୍ତାରେ ଜୁନିଅର ରୂପେ ଯୋଗ ଦେଇଥିଲେ।

ଏହି ସମୟରେ ପତ୍ନୀ ସୌଦାମିନିଙ୍କ ସ୍ୱାସ୍ଥ୍ୟବସ୍ଥା ବହୁତ ଖରାପ ହୋଇ ତାଙ୍କର ମୃତ୍ୟୁ ହେଲା। ବଧୁବାବୁ ହୋଇପଡିଲେ ଗଭୀର ପ୍ରିୟମାଣ ୧୮୮୧ ମସିହାରେ ମଧୁବାବୁ କଲିକତା ଛାଡି କଟକ ଫେରିଲେ। ଓଡ଼ିଶାର ରାଜନୈତିକ, ସାମାଜିକ ସାଂସ୍କୃତିକ ଏବଂ ଶିଳ୍ପ ବିକାଶରେ ନିଜକୁ ବ୍ରତୀ କରିଥିଲେ।

*ଏଲ-୫ ନେତାଜୀ ସୁବାସ ଏନକ୍ଲେଭ*

*ଗାଡକଣ, ଭୁବନେଶ୍ୱର*

# କଳ୍ପବୃକ୍ଷ

ବିରାଜ ମୋହନ ଦାସ

ବାହାରେ କଣ ଗୋଟାଏ ପାଟିତୁଣ୍ଡ ଶୁଣି ନିଦଭାଙ୍ଗିଗଲା ଶୁଭଙ୍କରର। ବିଛଣାରୁ ଉଠି ଝରକା ଖୋଲି ଦେଖିଲା, ଚାରିଆଡେ ଫର୍ଚ୍ଚା ପଡିଗଲାଣି ହେଲେ ସକାଳ ହେବାକୁ ଆଉ କିଛି ସମୟ ଡେରି ଅଛି। ପାଟିତୁଣ୍ଡଟା ଘରର ସାମ୍ନାପଟୁ ଆସୁଥିଲା। ମୁହଁ ଧୋଇବା ପାଇଁ ବେସିନ ପାଖକୁ ଗଲା। ଦେଖିଲା କାଲି ରାତିରେ ତା'ଘରେ ଶୋଇଥିବା ବନ୍ଧୁବାନ୍ଧବଙ୍କ ଭିତରୁ ବି କେତେଜଣ ନିଦ ମଳମଳ ଆଖିରେ ଉଠି ଆସିଛନ୍ତି। ଗତକାଲି ଅନୁଷ୍ଠିତ ହୋଇଥିବା ପାରିବାରିକ ଉତ୍ସବରେ ଯୋଗ ଦେବାପାଇଁ ସେମାନେ ସବୁ ଆସିଥିଲେ। ଶୋଉ ଶୋଉ ରାତି ଅଧିକ ହୋଇଯାଇଥିଲା। ତେଣୁ ଏତେ ଶୀଘ୍ର ସେମାନଙ୍କର ନିଦ ଭାଙ୍ଗିଯିବାରୁ କେତେକଙ୍କ ସମେତ ସେମାନେ ସବୁ ଘରର ସାମ୍ନା କବାଟ ଖୋଲାଯିବା ପରେ ବାହାରକୁ ଗଲେ। ଦେଖିବେ, ବୁଝିବେ ପାଟିତୁଣ୍ଡର ହେତୁ।

ଉଠିପଡିଥିବା ସମସ୍ତେ ଘରୁ ବାହାରିପଡି ସାମ୍ନାରାସ୍ତାର ଦୁଇପଟକୁ ଅନାଇଲେ। ଶୁଭଙ୍କର ଗେଟ୍‌ର ତାଲା ଖୋଲି ଦେବା ପରେ ସମସ୍ତେ ରାସ୍ତା ଉପରକୁ ଚାଲି ଆସିଲେ। ଅନତି ଦୂରରେ ଘରର ବାଁ ପଟରେ ଥିବା ଛକ ପାଖରେ ଚାଲି ଚାଲି ଯାଉଥିଲା ଲୋକଟାଏ। ଚେହେରାଟା ତାର ସ୍ପଷ୍ଟ ଦେଖାଯାଉନଥିଲା ସିନା ହେଲେ ତା' କଣ୍ଠ ସ୍ୱରର ତୀବ୍ରତା ପାଖ ଗଛମାନଙ୍କରେ ବସି ସକାଳୁଆ ରାବ ଦେଉଥିବା ଚଢ଼େଇମାନଙ୍କର କିଚିରି ମିଚିରି ସ୍ୱନକୁ ଟପି ଶୁଭୁଥିଲା। ଲୋକଟା କାହା ଉଦ୍ଦେଶ୍ୟରେ କେଜାଣି ନିକ୍ଷେପ କରୁଥିଲା ଗାଳିର ଶବ୍ଦବାଣ। ସବୁଯାକ ଶବ୍ଦ ଥିଲା ଅଶ୍ଳୀଳ ଏବଂ ଅଶ୍ରାବ୍ୟ। ଲୋକଟି ସେହିପରି ଉଚ୍ଚ ସ୍ୱରରେ ଗାଳି ଦେଇ ଦେଇ ପୁଣି ଫେରିଲା ସେହି ରାସ୍ତାରେ ଶୁଭଙ୍କର ଘର ଆଗରେ କିଛି ଲୋକ ଛିଡା ହୋଇଥିବାର ଦେଖି ତାର କ୍ରୋଧ ଏବଂ ପୌରୁଷ ଅଧିପକ ଉତ୍ତେଜିତ ହୋଇପଡିଲା କି କ'ଣ, କାହିଁକିନା ସ୍ୱରର ତୀବ୍ରତା କିଛି ପରିମାଣରେ ବଢ଼ିଯାଇଥିବା ଭଳି ଜଣାପଡୁଥିଲା। ଏତେ ସକାଳୁ କାହାକୁ ଏମିତି ଗାଳିଦେବାର କାରଣ ଲୋକଟାକୁ ପଚାରିବ ବୋଲି ଭାବୁଥିଲା ଶୁଭଙ୍କର। ହେଲେ ଏ ଜାଗାରେ ସେ ନନୂଆ, ପୁଣି ପାଖ ଗାଁର ଲୋକମାନଙ୍କ ଆଚାର ବ୍ୟବହାର ନାଡୀ ନକ୍ଷତ୍ର ସହିତ ସେ ପରିଚିତ ନ ଥିବାରୁ ସେଥିରୁ ନିବୃତ୍ତ ରହିଲା।

ଚାରିଆଡେ ଫର୍ଚ୍ଚା ହୋଇଯାଇଥିବାରୁ ଘର ଆଗ ଦେଇ ସେ ଲୋକଟି ଯିବାବେଳେ ତାକୁ ନିରୀକ୍ଷଣ କଲା ଶୁଭଙ୍କର। ଲୋକଟିର ଚେହେରା ଅସ୍ପଷ୍ଟରୁ ସ୍ପଷ୍ଟ ହୋଇଯାଉଥିଲା କ୍ରମଶଃ। ମଧ୍ୟମଉଚାର ଜଣେ ବୟସ୍କ ଲୋକ। ପିନ୍ଧିଚି ନେଳିଆ ଖୋର୍ଦ୍ଧା ଲୁଙ୍ଗି। ଦେହରେ ଅଛି ଗୋଟିଏ ଫୁଲ ସାର୍ଟ, ଯାହା ଲୋକଟିର ସ୍ୱାଭାବିକ ମାପଠାରୁ ଟିକିଏ ଅଧିକ ଲମ୍ବା ଜଣାଯାଉଛି ଯେମିତି ଆଉ କାହାର ସାର୍ଟ ସେ ପିନ୍ଧିଛି। ସାର୍ଟ ଉପରେ କାନ୍ଧରେ ପଡିଛି ଚଉଖୁଣ୍ଟିଆ ଗାମୁଛାଟାଏ। ମୁହଁରେ ଜୁଆଳିଆ ନିଶ, ଦୁଇପଟେ ଉପରକୁ ଟେକି ହୋଇ ରହିଛି। ମୁଣ୍ଡରେ ସଯତ୍ନେ ବର୍ଦ୍ଧିତ ଗହଳିଆ ଲମ୍ବା ବାବୁରି ବାଳ। ଗାଁ ଗହଳିରେ ଥିବେ ଅପେରା ପାର୍ଟି ବା ରାସଲୀଳା ଦଳର ସଦସ୍ୟମାନଙ୍କ ପରିକା ରୂପ ଭେକ ତେବେ ବୟସଭାର ଯୋଗୁ ସ୍ୱର୍ଦ୍ଧିତ ଚାଲିଟା ବଦଳିଯାଉଥିବା ଭଳି ଲାଗୁଥିଲା। ଆଣ୍ଠୁଗଣ୍ଠିବାତ ବା ସିମିତି କିଛି ରୋଗାକ୍ରାନ୍ତ କାରଣରୁ ଗୋଡ ଦି'ଟା କେମିତି ଫେରକେଟେଇ ପଡୁଥିବାରୁ ଦୋହଲି ଦୋହଲି ଚାଲୁଥିଲା ଲୋକଟା। ରାସ୍ତାର ଗୋଟିଏ ମୁଣ୍ଡରୁ ଅନ୍ୟ ମୁଣ୍ଡ ପର୍ଯ୍ୟନ୍ତ ସେ ଶୋଧି ଶୋଧି ଯାଉଥିଲା ଓ ଫେରୁଥିଲା।

ଶୁଭଙ୍କର ନିକଟରେ ଛିଡା ହୋଇଥିବା ତାର ବନ୍ଧୁବାନ୍ଧବମାନେ କଥାର ପ୍ରସଙ୍ଗ ବଦଳାଇଲେ। ସମସ୍ତେ ଗେଟ ଭିତରକୁ ଆସିଲେ ଓ ଗତକାଲି ରାତିରେ ହୋଇଥିବା ଭୋଜିର ଖାଦ୍ୟଗୁଡିକର ସ୍ୱାଦ ବିଷୟରେ କଥା ହେଲେ। ସନ୍ଧ୍ୟାବେଳେ ଅଚାନକ ବର୍ଷା ପବନ ଆସିଯିବାରୁ କେଉଁ କେଉଁମାନେ ଆସିଲେ ନାହିଁ ତ ସେଥି ସକାଶେ ବଳିପଡିଥିବା ଖାଦ୍ୟପଦାର୍ଥ ବିଷୟରେ ପଥା ପଡିଲା। ସାନଭଉଣୀ ଓ

ସାନଝିଅକୁ ଡାକି ଶୁଭଙ୍କର ଚା କରିବାକୁ ବରାଦ କଲା । ଘର ଭିତରକୁ ଯିବା ପୂର୍ବରୁ ରାସ୍ତା ଉପରେ ପୁଣି ଥରେ ନଜର ପକାଇଲା । ଦେଖିଲା, ତାଙ୍କ ଘରକୁ ଯା ଆସ କରୁଥିବା ପାଖ ଗାଁର ହରିହରକୁ ବଡପାଟିରେ ଡାକିଲାଶୁଭଙ୍କର । ଡାକ ଶୁଣି ହରିହର ଆସିଲା ।

ହରିହର : ନମସ୍କାର ଆଜ୍ଞା, ଆଜି ଏତେ ସକାଳୁ କିମିତି ଉଠିପାରିଲେ ? ମୁଁ ତ ଗଲାବେଳକୁ ବାରଟା ହୋଇଯାଉଥିଲା । ତାପରେ ଆପଣମାନେ ଶୋଉ ଶୋଉ ନିଶ୍ଚେ ଗୋଟେ ପାକାପାଖି ହୋଇଥିବ ।

ଶୁଭଙ୍କର : ତୁମ ଗାଁ ଲୋକମାନେ ଶାନ୍ତିରେ ଟିକିଏ ଶୁଆଇ ଦେଲେ ତ ! ଯାହା ସାଙ୍ଗରେ କତା ହେଉଥିଲୁ ସିଏ କିଏ କିରେ ? ରାତି ନ ପାହୁଣୁ କାହାକୁ ଆଉ କାହିଁକି ଏମିତି ଶୋଦା ଶୋଧି କରୁଛି ?

ହରିହର : ଓହୋ, ଆପଣ ସେଇ ଭିକା ପଇଡା କଥା କହୁଛନ୍ତି କି ?

ଶୁଭଙ୍କର : ଆରେ, ତାରି ରଡିରେ ତ ଆମ ସମସ୍ତଙ୍କ ନିଦ ଭାଙ୍ଗିଗଲା । ରାସ୍ତା ଆରପଟେ ଥିବା ବଡପଡିଆଟିର ଗୋଟାଏ କୋଣରେ ଥିବା ଆମ୍ବଗଛ ଆଡକୁ ହାତ ଦେଖାଇ ହରିହର କହିଲା, ‘ସେଇ ଯଉ ଆମ୍ବଗଛଟା ଦେଖୁ ନାହାନ୍ତି’ ସେଇଟା ହଉଚି ବେହେରା ଘର ଆମ୍ବଗଛ । ସେ ଗଛର ପାଚିଲା ଆମ୍ବ ଭାରି ସୁଆଦିଆ । ମୁଁ ପରା ଏ ବର୍ଷ ଚାରିଟା ଟାକୁଆ ପୋତିଛି ଗଛ କରିବା ପାଇଁ । ନିଛାଟିଆ ଜାଗାରେ ଅଛି ଆମ୍ବଗଛଟା ଟିଏ ପାରି ସିଏ ଆମ୍ବ ପାରି ନେବେ । ସେଇଥିପାଇଁ ଭିକା ପଇଡା ପ୍ରତିବର୍ଷ ଆମ୍ବ ଫଳିବା ବେଳେ ତାକୁ ଜଗେ । ହେଇ ଦେଖନ୍ତୁ ଗଛତଳ ପଲ୍ଲା ମରାଯାଇଛି । ଆମ୍ବ ଟିକିଏ ବଡ ହେବାଠାରୁ ପାଚି ସରିବା ଯାଏ ସେ ସେହି ପଲ୍ଲାରେ ଦିନରାତି ପଡିଥାଏ । ଆମ୍ବ ପାଚିଲେ ତାକୁ ମଝିରେ ମଝିରେ ପାରି ବେହେରା ଘର ସ ଭିକା ପଇଡାର ଭାଗ କରିନିଅନ୍ତି । ଗତକାଲି ସଞ୍ଜବେଳେ ଯଉ ବରଷା ପବନ ହେଲା ସେଥିରେ ଗୁଡାଏ ଆମ୍ବ ଝଡି ପଡିଥିଲା । ଆମ୍ବଗୁଡାକ ବନେଇଗଲାଣି କିନା ! ଆମ୍ବତକକୁ ସାଉଁଟି ଗୋଟେ ସିମେଣ୍ଟ ଅଖାରେ ରଖି ଭିକା ପଲ୍ଲାରେ ଶୋଇଥିଲା । ଭୋରରୁ ଦେଖିବା ବେଳକୁ ଆମ୍ବ ଅଖାଟା କିଏ ନେଇଯାଇଚି । ସେଇଥିପାଇଁ ଭିକା ସେମାନଙ୍କ ଚଉଦ ପୁରୁଷ ଉଦ୍ଧାର କରୁଚି ଆଉ ମା ଭଉଣୀଙ୍କ ଇଜ୍ଜତ ନେଉଚି । କାହାକୁ ରାଗ ଲାଗିବ ନାହିଁ କହୁନାହାନ୍ତି ? ଏତେକଷ୍ଟ ସହି ମଶା ଡାଆଁଶ କାମୁଡାଖାଇ ପଲ୍ଲାଟା ଭିତରେ ପଡିଚି, ଅଥଚ..... ।”

ଶୁଭଙ୍କର :

## "ନିତ୍ୟ ଆୟୁଷ୍ମାନ ହେ ସାହିତ୍ୟ ପ୍ରାଣ"

ଅଧିକାରୀ ନିଲେଶ କୁମାର ଦାସ
ଛାତ୍ର

## ଅଦୃଶ୍ୟ ପୁଣି ମାତୃଭକ୍ତି

ସୂର୍ଯ୍ୟକାନ୍ତ ମଲିକ
ଗବେଷକ ଛାତ୍ର

# ନାମ ଫଳକ

ଡକ୍ଟର ଦେବାଶିଷ ପାତ୍ର
ଓଡ଼ିଆ ଅଧ୍ୟାପକ, ରାଜଧାନୀ ମହାବିଦ୍ୟାଳୟ

# ପ୍ରତ୍ୟେକ ଶିଶୁକୁ କର୍ମଠ, ଦେଶପ୍ରାଣ ଓ ସୁସ୍ଥ ସମାଜ ଗଠନ ଦିଗରେ ଶିଶୁ ସାହିତ୍ୟିକ ପ୍ରତିଶ୍ରୁତିବଦ୍ଧ : ଉଦୟନାଥ ରଥ

ଅଧ୍ୟାପକ ସତ୍ୟଜିତ ଦାସ
ଓଡ଼ିଆ ବିଭାଗ, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ